# ଇତିହାସ ଓ ରାଜନୀତି ବିଜ୍ଞାନ

(ଦଶମ ଶ୍ରେଣୀ)

ପ୍ରକାଶକ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଇତିହାସ ଓ ରାଜନୀତି ବିଜ୍ଞାନ

(ଦଶମ ଶ୍ରେଣୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ସଂପାଦନାମଣ୍ଡଳୀ :

ଲେଖକ ଓ ସମୀକ୍ଷକ ମଣ୍ଡଳୀ :

ପ୍ରଫେସର ମେଜର ବ୍ରଜେନ୍ଦ୍ର ନାରାୟଣ ପଟ୍ଟନାୟକ (ସମୀକ୍ଷକ)

ପ୍ରଫେସର (ଡ.) କାର୍ତ୍ତିକ ଚନ୍ଦ୍ର ରାଉତ (ସହ-ସମୀକ୍ଷକ)

ପ୍ରଫେସର ବୈଷ୍ଣବ ଚରଣ ଦାସ (ସମୀକ୍ଷକ)

ଡ. ସଂଧ୍ୟା ପଟ୍ଟନାୟକ

ଡ. ସଚ୍ଚିଦାନନ୍ଦ ମିଶ୍ର

ଡ. ମୀନାକ୍ଷୀ ଦାସ (ଭାଷା ସମୀକ୍ଷକ)

ଶ୍ରୀ ସତ୍ୟଜିତ୍ ମହାପାତ୍ର (ସଂଯୋଜକ)

ପରିମାର୍ଜିତ ସଂପାଦନାମଣ୍ଡଳୀ :

ଡଃ. ପୂର୍ଣ୍ଣଚନ୍ଦ୍ର ଦାସ

ଡଃ. ପ୍ରକାଶ କୁମାର ପଟ୍ଟନାୟକ

ଡଃ. ସମର କୁମାର ପଟ୍ଟନାୟକ

ଡଃ. ଦିଲ୍ଲୀପ ରାୟ

ଶ୍ରୀମତୀ ବାସନ୍ତୀ କୁମାରୀ ନାୟକ

ଶ୍ରୀଯୁକ୍ତ ଶରତ କୁମାର ନାୟକ

ପ୍ରଥମ ସଂସ୍କରଣ : ୨୦୧୩ – ୨୦୦୦୦୦ / ୨୦୦୦୦୦ /୧୦୦୦୦୦/୧୦୦୦୦୦/୧୦୦୦୦୦
୨୦୧୪ – ୧୦୦୦୦୦, ୨୦୧୫ – ୨୦୦୦୦୦
୨୦୧୬ – ୧୦୦୦୦୦ / ୫୦୦୦୦, ୨୦୧୮ – ୧୦୦୦୦୦

ପରିମାର୍ଜିତ ସଂସ୍କରଣ : ୨୦୨୦ –

ଆର୍ଟପୁଲ – **ଗ୍ରାଫ୍ ଏନ୍ ଗ୍ରାଫିକ୍ସ, କଟକ**

ମୁଦ୍ରଣ :

ମୂଲ୍ୟ : ଟ. .୦୦ ( ଟଙ୍କା ମାତ୍ର)

# ମୁଖବନ୍ଧ

ଇତିହାସ କେବଳ ଅତୀତର ବହୁବିଧ ଘଟଣାବଳୀର ସମାହାର ନୁହେଁ - ଏହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଜକ ଭୂମିକା ଗ୍ରହଣ କରେ । ଇତିହାସ ପଠନର ଆବଶ୍ୟକତା ହେଉଛି ଆମ ଜାତି, ବ୍ୟକ୍ତି ଓ ସଂସ୍କୃତି ବିଷୟରେ ଜ୍ଞାନ ଆହରଣ କରି ନିଜ ଚିନ୍ତାଧାରା ଓ ଜୀବନ ପ୍ରଣାଳୀକୁ ସୁସଂଯତ କରିବା । ଇତିହାସ ପାଠ୍ୟକ୍ରମରେ ସଂଯୋଜିତ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ଆଧୁନିକ ଭାରତ ଇତିହାସ ପ୍ରଚ୍ଛଦପଟରେ ଓଡ଼ିଶା ଇତିହାସର ବିଭିନ୍ନ ଘଟଣାବଳୀ ପ୍ରାଞ୍ଜଳ ଭାବରେ ଏହି ପୁସ୍ତକରେ ଆଲୋଚିତ ଏବଂ ଏହି ବିଷୟବସ୍ତୁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (NCERT) ନୂଆଦିଲ୍ଲୀ ଓ ଓଡ଼ିଶାର SCF-2007 ପାଠ୍ୟଖସଡ଼ା ଉପରେ ଆଧାରିତ ।

ରାଜନୀତି ବିଜ୍ଞାନ ଆଧୁନିକ ଯୁଗରେ ଏକ ଅପରିହାର୍ଯ୍ୟ ବିଷୟବସ୍ତୁ । କାରଣ ଭାରତର ପ୍ରତ୍ୟେକ ସଚେତନ ନାଗରିକ ଭାରତର ଶାସନ ବ୍ୟବସ୍ଥା- ଆଇନ ଅଦାଲତ- ମାନବାଧିକାର- ଭୋଟଦାନ ସହିତ ଗଣତାନ୍ତ୍ରିକ ସଂଜ୍ଞା ଓ କାର୍ଯ୍ୟପନ୍ଥା ନିରୂପଣ- ଭାରତର ଜାତୀୟତାବୋଧ- ବିଭିନ୍ନତାରୁ ଐକ୍ୟ ପ୍ରତିଷ୍ଠା ଇତ୍ୟାଦି ବିଷୟରେ ଏଥିରୁ ଜ୍ଞାନ ଲାଭ କରିଥାଏ ।

ନାଗରିକମାନଙ୍କ ଧନଜୀବନ ସୁରକ୍ଷା ନିମିତ୍ତ ସଡ଼କ ନିରାପତ୍ତା ଓ ଏହାର ସଚେତନତାର ତାତ୍ପର୍ଯ୍ୟ ଏବଂ ଉପାଦେୟତା ଆଲୋଚନାଭୁକ୍ତ ହୋଇଅଛି । ପିଲାମାନେ ହେଉଛନ୍ତି ଦେଶର ଆଗାମୀ ପିଢ଼ୀ ଏବଂ ଭବିଷ୍ୟତ ନାଗରିକ ।

ଆଲୋଚନାର ବିଷୟବସ୍ତୁ ଭିତରେ ''ତୁମ ପାଇଁ କାମ'' ଓ ''ତୁମେ ଜାଣିଛ କି'' ମାଧ୍ୟମରେ ଅଭ୍ୟାସଭିତ୍ତିକ କାର୍ଯ୍ୟକୁ ଉତ୍ସାହିତ କରାଯାଇଛି । ଏହି ପୁସ୍ତକର ପ୍ରସ୍ତୁତିରେ ସଂପୃକ୍ତ ଲେଖକ, ସମୀକ୍ଷକ, ସହସମୀକ୍ଷକ, ଭାଷା ସମୀକ୍ଷକ ଓ ସଂଯୋଜକ ପ୍ରଭୃତି ସମସ୍ତଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ।

କିଛି ଅନିଚ୍ଛାକୃତ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଲେ ପାଠକପାଠିକାବୃନ୍ଦ ଉଦାର ହୃଦୟରେ ପରିଷଦର ଦୃଷ୍ଟିକୁ ଆଣିଲେ ପରବର୍ତ୍ତୀ ସଂସ୍କରଣରେ ତାହାକୁ ଯଥୋଚିତ ସମ୍ମାନ ଦିଆଯିବ ।

ସଭାପତି

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ

ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ

ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା

ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)

## ୫୧(କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ -**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ୍ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।

TRPLYD

# ସୂଚୀ

## ଇତିହାସ


| ଅଧ୍ୟାୟ / ପାଠ | ବିଷୟ | ପୃଷ୍ଠା |
|---|---|---|
| **ପ୍ରଥମ ଅଧ୍ୟାୟ :** | **ଭାରତୀୟ ଜାତୀୟ ଆନ୍ଦୋଳନ - ଗାନ୍ଧୀଯୁଗ** | **[୧-୪୭]** |
| ପ୍ରଥମ ପାଠ | — ଭାରତୀୟ ଜାତୀୟ ଆନ୍ଦୋଳନରେ ଗାନ୍ଧିଜୀଙ୍କ ଆବିର୍ଭାବ | ୧-୮ |
| ଦ୍ୱିତୀୟ ପାଠ | — ଭାରତରେ ଅସହଯୋଗ ଆନ୍ଦୋଳନ ଓ ଓଡ଼ିଶାରେ ଏହାର ପ୍ରଭାବ | ୯-୧୬ |
| ତୃତୀୟ ପାଠ | — ଭାରତରେ ଆଇନ ଅମାନ୍ୟ ଆନ୍ଦୋଳନ ଏବଂ ଏଥିରେ ଓଡ଼ିଶାର ଭୂମିକା | ୧୭-୨୫ |
| ଚତୁର୍ଥ ପାଠ | — ଭାରତ ଛାଡ଼ ଆନ୍ଦୋଳନ ଏବଂ ଏଥିରେ ଓଡ଼ିଶାର ଭୂମିକା | ୨୬-୩୪ |
| ପଞ୍ଚମ ପାଠ | — ସୁଭାଷ ଚନ୍ଦ୍ର ବୋଷ ଓ ଭାରତୀୟ ଜାତୀୟସେନା | ୩୫-୪୧ |
| ଷଷ୍ଠ ପାଠ | — ଭାରତ ସ୍ୱାଧୀନତା ଆଇନ, ଭାରତ ବିଭାଜନ ଓ ସ୍ୱାଧୀନତା | ୪୨-୪୭ |
| **ଦ୍ୱିତୀୟ ଅଧ୍ୟାୟ :** | **ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ** | **[୪୮-୭୫]** |
| ପ୍ରଥମ ପାଠ | — ଓଡ଼ିଆ ଜାତୀୟତାର ବିକାଶ | ୪୮-୫୩ |
| ଦ୍ୱିତୀୟ ପାଠ | — ଉତ୍କଳ ସମ୍ମିଳନୀର ଗଠନ | ୫୪-୫୯ |
| ତୃତୀୟ ପାଠ | — ୧୯୩୬ ମସିହା ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ | ୬୦-୬୯ |
| ଚତୁର୍ଥ ପାଠ | — ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରତିଷ୍ଠା | ୭୦-୭୫ |
| **ତୃତୀୟ ଅଧ୍ୟାୟ :** | **୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ** | **[୭୬-୧୦୯]** |
| ପ୍ରଥମ ପାଠ | — ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ | ୭୬-୮୨ |
| ଦ୍ୱିତୀୟ ପାଠ | — ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟମାନଙ୍କର ମିଶ୍ରଣ | ୮୩-୯୦ |
| ତୃତୀୟ ପାଠ | — ଗୋଆ ଓ ପୁଦୁଚେରୀର ମୁକ୍ତି | ୯୧-୯୫ |
| ଚତୁର୍ଥ ପାଠ | — ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଅର୍ଥନୀତି | ୯୬-୧୦୨ |
| ପଞ୍ଚମ ପାଠ | — ଭାରତରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ | ୧୦୩-୧୦୯ |
| **ଚତୁର୍ଥ ଅଧ୍ୟାୟ :** | **ସ୍ୱାଧୀନତୋତ୍ତର ଓଡ଼ିଶାର ବିକାଶ** | **[୧୧୦-୧୪୨]** |
| ପ୍ରଥମ ପାଠ | — ସାମାଜିକ ବିକାଶ | ୧୧୦-୧୧୫ |
| ଦ୍ୱିତୀୟ ପାଠ | — ଶିକ୍ଷାର ବିକାଶ | ୧୧୬-୧୨୨ |
| ତୃତୀୟ ପାଠ | — କୃଷିର ବିକାଶ | ୧୨୩-୧୨୭ |
| ଚତୁର୍ଥ ପାଠ | — ଶିଳ୍ପର ବିକାଶ | ୧୨୮-୧୩୪ |
| ପଞ୍ଚମ ପାଠ | — ଭିତ୍ତିଭୂମିର ବିକାଶ | ୧୩୫-୧୪୨ |


❖❖❖

# ରାଜନୀତି ବିଜ୍ଞାନ


| ଅଧ୍ୟାୟ / ପାଠ | ବିଷୟ | ପୃଷ୍ଠା |
|---|---|---|
| **ପ୍ରଥମ ଅଧ୍ୟାୟ :** | **ଭାରତରେ ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ** | **[୧୪୩-୧୫୦]** |
| ପ୍ରଥମ ପାଠ | — ନୂତନ ରାଜ୍ୟଗୁଡ଼ିକର ଗଠନ | ୧୪୫-୧୪୮ |
| ଦ୍ୱିତୀୟ ପାଠ | — ସାମ୍ବିଧାନିକ ବ୍ୟବସ୍ଥା | ୧୪୯-୧୫୦ |
| **ଦ୍ୱିତୀୟ ଅଧ୍ୟାୟ :** | **ଭାରତରେ ଗଣତନ୍ତ୍ର** | **[୧୫୧-୧୭୨]** |
| | ନିର୍ବାଚନ ପ୍ରକ୍ରିୟା ଓ ନିର୍ବାଚନ ଆୟୋଗ | |
| **ତୃତୀୟ ଅଧ୍ୟାୟ :** | **ସଡ଼କ ନିରାପତ୍ତା, ସଚେତନତା ଓ ଇନ୍ଧନ ସଂରକ୍ଷଣ** | **[୧୭୩-୧୮୦]** |
| **ଚତୁର୍ଥ ଅଧ୍ୟାୟ :** | **ଭାରତର ବୈଦେଶିକ ନୀତି** | **[୧୮୧-୨୦୨]** |
| ପ୍ରଥମ ପାଠ | — ଭାରତର ଯୁକ୍ତରାଷ୍ଟ୍ର ଆମେରିକା ଓ ଋଷିଆ ସହିତ ସମ୍ପର୍କ | ୧୮୧-୧୮୭ |
| ଦ୍ୱିତୀୟ ପାଠ | — ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ର | ୧୮୮-୨୦୨ |


❖❖❖

ପ୍ରଥମ ଅଧ୍ୟାୟ

# ଭାରତୀୟ ଜାତୀୟ ଆନ୍ଦୋଳନ - ଗାନ୍ଧୀଯୁଗ

## ପ୍ରଥମ ପାଠ

## ଭାରତୀୟ ଜାତୀୟ ଆନ୍ଦୋଳନରେ ଗାନ୍ଧିଜୀଙ୍କ ଆବିର୍ଭାବ

TRYI11


ପୃଥିବୀ ଇତିହାସ ପୃଷ୍ଠାରେ ଯେଉଁ କେତେ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ଅଛି ସେମାନଙ୍କ ମଧ୍ୟରେ ମହାତ୍ମାଗାନ୍ଧୀ ଅନ୍ୟତମ। ଜାତିର ପିତା ମହାତ୍ମାଗାନ୍ଧୀ କେବଳ ଭାରତ ଇତିହାସରେ ନୁହେଁ, ସମଗ୍ର ବିଶ୍ୱରେ ଜଣେ ଜନନାୟକ ଭାବରେ ପରିଚିତ। ଭାରତୀୟ ରାଜନୀତିରେ ମହାତ୍ମାଗାନ୍ଧୀଙ୍କ ପ୍ରବେଶ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା।

ଏହି ମହାନ ପୁରୁଷଙ୍କ ପୂରା ନାମ ଥିଲା ମୋହନ ଦାସ କରମଚାନ୍ଦ ଗାନ୍ଧୀ। ସେ ୧୮୬୯ ଖ୍ରୀଷ୍ଟାବ୍ଦ ଅକ୍ଟୋବର ୨ ତାରିଖରେ ଗୁଜୁରାଟର ପୋରବନ୍ଦର ନାମକ ସ୍ଥାନରେ ଜନ୍ମ ଗ୍ରହଣ କରିଥିଲେ। ୧୮୮୨ ଖ୍ରୀଷ୍ଟାବ୍ଦରେ ସେ କସ୍ତୁରବାଙ୍କୁ ବିବାହ କରିଥିଲେ।

**ତୁମେ ଜାଣିଛ କି ?**

*କସ୍ତୁରବାଙ୍କୁ ସମସ୍ତେ ଶ୍ରଦ୍ଧାରେ ବା' ବୋଲି ସମ୍ବୋଧନ କରୁଥିଲେ। ଗାନ୍ଧିଜୀଙ୍କ ସମସ୍ତ ରାଜନୈତିକ କାର୍ଯ୍ୟକଳାପରେ ସେ ତାଙ୍କ ସହିତ ରହିଥିଲେ ଏବଂ ବହୁ ଥର ବନ୍ଦୀ ହୋଇଥିଲେ।*

୧୮୮୮ ଅକ୍ଟୋବର ମାସରେ ଗାନ୍ଧିଜୀ ବାରିଷ୍ଟରୀ ପଢ଼ିବା ପାଇଁ ଇଂଲଣ୍ଡ ଯାତ୍ରାକଲେ। ୧୮୯୧ ଜୁନ ମାସରେ ଆଇନ ଶିକ୍ଷା ସମାପ୍ତି ପରେ ସେ ବାରିଷ୍ଟର ଭାବରେ ରାଜକୋଟ ଓ ବମ୍ବେରେ ଆଇନ ବ୍ୟବସାୟ କଲେ। ଦାଦା ଅବଦୁଲ୍ଲା ନାମକ ଜଣେ ଭାରତୀୟ ମୁସଲମାନ ବ୍ୟବସାୟୀଙ୍କ ଓକିଲ ରୂପେ ଏକ ମୋକଦ୍ଦମା ଲଢ଼ିବା ପାଇଁ ସେ ଦକ୍ଷିଣ ଆଫ୍ରିକାର ନାଟାଲ୍ ନାମକ ସ୍ଥାନକୁ ଯାଇଥିଲେ।




(ଆଫ୍ରିକାରେ ଗାନ୍ଧିଜୀ)

**ତୁମ ପାଇଁ କାମ**

*ଗାନ୍ଧିଜୀଙ୍କ ପିତାମାତା ଓ ବାଲ୍ୟଜୀବନ ସମ୍ପର୍କରେ ଏକ କ୍ଷୁଦ୍ର ପ୍ରବନ୍ଧ ଲେଖ।*

ଶ୍ୱେତାଙ୍ଗ ଇଂରେଜମାନଙ୍କ ବର୍ଣ୍ଣବୈଷମ୍ୟ ନୀତି ଯୋଗୁ କୃଷ୍ଣାଙ୍ଗ ଆଫ୍ରିକୀୟଙ୍କ ସହ ଦକ୍ଷିଣ ଆଫ୍ରିକାରେ କାମ କରୁଥିବା ଭାରତୀୟମାନେ ବିଭିନ୍ନ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ। ସେଠାରେ ଭାରତୀୟମାନଙ୍କର ଭୋଟ ଦାନ ଅଧିକାର ନଥିଲା। ସେମାନଙ୍କୁ ସେମାନଙ୍କର ନାମ ପଞ୍ଜୀକରଣ କରି ନିର୍ବାଚନ କର ଦେବାକୁ ପଡୁଥିଲା। ସେମାନଙ୍କ ବସତି ସ୍ଥାପନ ପାଇଁ ଜନାକୀର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶରେ ସ୍ଥାନ ଉଦ୍ଦିଷ୍ଟ କରାଯାଇଥିଲା। ସେମାନେ ରାତି ନ'ଟା ପରେ ଘରୁ ବାହାରକୁ ଯାଇପାରୁ ନ ଥିଲେ ଓ ଜନସାଧାରଣଙ୍କ ପାଦ ଚଲା ରାସ୍ତା ବ୍ୟବହାର କରି ପାରୁ ନଥିଲେ। ସେମାନେ ରେଳଗାଡ଼ିର ପ୍ରଥମ ବା ଦ୍ୱିତୀୟ ଶ୍ରେଣୀ କୋଠରୀରେ ଯାତ୍ରା କରିପାରୁ ନଥିଲେ। ସେଠାରେ ବାସ କରୁଥିବା ଭାରତୀୟ

ବ୍ୟବସାୟୀ, ବଣିକ, ଜାହାଜ ମାଲିକ, ଶ୍ରମିକଙ୍କୁ ଶ୍ୱେତାଙ୍ଗମାନେ 'କୁଲି' ବୋଲି ସମ୍ବୋଧନ କରୁଥିଲେ ଓ ନୀଚ ଦୃଷ୍ଟିରେ ଦେଖୁଥିଲେ। ଗାନ୍ଧିଜୀଙ୍କୁ କଚେରୀ ଭିତରେ ପଗଡ଼ି କାଢ଼ି ଦେବାକୁ କୁହାଯାଇଥିଲା। ଥରେ ସେ ରାତି ନ'ଟାରେ ପାଦଚଲା ରାସ୍ତାରେ ଚାଲୁଥିବାରୁ ପୋଲିସ୍ ଆକ୍ରମଣର ଶିକାର ହୋଇଥିଲେ। ସମସ୍ତ ହୋଟେଲ ତାଙ୍କୁ ରହିବାକୁ କୋଠରୀ ଦେବାପାଇଁ ମନା କରିଦେଇଥିଲେ। ଦିନେ ସେ ରେଳଗାଡ଼ିର ପ୍ରଥମ ଶ୍ରେଣୀ କୋଠରୀରେ ଯାତ୍ରା କରୁଥିବା ସମୟରେ ତାଙ୍କର ଜଣେ ଶ୍ୱେତାଙ୍ଗ ସହଯାତ୍ରୀଙ୍କ ଅଭିଯୋଗକ୍ରମେ ଗୋଟିଏ ଷ୍ଟେସନରେ ରେଳଗାଡ଼ିର ଗାର୍ଡ଼ ଓ ପୋଲିସ୍‌ଙ୍କ ଦ୍ୱାରା ତାଙ୍କୁ ଜିନିଷପତ୍ର ସହ ଉକ୍ତ ରେଳ କୋଠରୀରୁ ଠେଲି ବାହାର କରିଦିଆଯାଇଥିଲା। ଶ୍ୱେତାଙ୍ଗମାନଙ୍କ ବ୍ୟବହାରରେ ଗାନ୍ଧିଜୀଙ୍କର ମନ ବିଦ୍ରୋହୀ ହୋଇ ଉଠିଲା। ସେଠାରେ ଭାରତୀୟମାନଙ୍କ ମଧ୍ୟରେ ରାଜନୈତିକ ସଚେତନତା ଜାଗ୍ରତ କରିବା ପାଇଁ ଗାନ୍ଧିଜୀ ୧୮୯୪ରେ "ନାଟାଲ୍ ଭାରତୀୟ କଂଗ୍ରେସ" ନାମକ ଏକ ରାଜନୈତିକ ଅନୁଷ୍ଠାନ ଗଠନ କଲେ ଏବଂ ଶ୍ୱେତାଙ୍ଗମାନଙ୍କ ଅତ୍ୟାଚାର ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ 'ଇଣ୍ଡିଆନ ଓପିନିଅନ୍' ନାମକ ଏକ ସମ୍ବାଦ ପତ୍ରିକା ପ୍ରକାଶ କଲେ। ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିବା ନିମନ୍ତେ ଗାନ୍ଧିଜୀ ନେତୃତ୍ୱ ନେଲେ। ଏହି ସଂଗ୍ରାମ ସମୟରେ ସେ ସତ୍ୟ ଓ ଅହିଂସା ଉପରେ ଆଧାରିତ ନୂତନ ଅସ୍ତ୍ର 'ସତ୍ୟାଗ୍ରହ'ର ପ୍ରବର୍ତ୍ତନ କଲେ। ୧୯୦୬ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଦକ୍ଷିଣ ଆଫ୍ରିକା ସରକାର ଏକ ଆଇନ୍ ପ୍ରଣୟନ କରି ପ୍ରତ୍ୟେକ ଭାରତୀୟଙ୍କୁ ନିଜର ଅଙ୍ଗୁଳି ଛାପ ଥିବା ପଞ୍ଜୀକୃତ ପ୍ରମାଣପତ୍ରକୁ ସବୁ ସମୟରେ ନିଜ ସହିତ ବହନ କରିବା ବାଧ୍ୟତାମୂଳକ କଲେ, ଗାନ୍ଧିଜୀ ଉକ୍ତ ଆଇନ୍ ବିରୋଧରେ ଆନ୍ଦୋଳନ କଲେ ଏବଂ ଏହି ଆନ୍ଦୋଳନରେ ପ୍ରଥମେ ସତ୍ୟାଗ୍ରହ ଅସ୍ତ୍ର ପ୍ରୟୋଗ କରିଥିଲେ। ୧୯୦୬ ସେପ୍ଟେମ୍ବର ୧୧ରେ ଜୋହାନେସ୍‌ବର୍ଗର ଏମ୍ପାୟାର ଥିଏଟରଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଉପସ୍ଥିତ



(ଦକ୍ଷିଣ ଆଫ୍ରିକାର ଜୋହାନେସ୍‌ବର୍ଗ
କାରାଗାରରେ ବନ୍ଦୀ ଗାନ୍ଧିଜୀ)

ଥିବା ଭାରତୀୟମାନେ ଏହି କଳା ଆଇନ୍‌କୁ ଅମାନ୍ୟ କରିବା ପାଇଁ ଦୃଢ଼ ସଂକଳ୍ପ ନେଲେ। ସରକାର ଅନେକ ଆନ୍ଦୋଳନକାରୀଙ୍କୁ ବନ୍ଦୀ କଲେ। ଗାନ୍ଧିଜୀଙ୍କୁ ଜୋହାନେସ୍‌ବର୍ଗ କାରାଗାରରେ ବନ୍ଦୀ କରି ରଖାଗଲା। ଏହି ଅହିଂସା ଆନ୍ଦୋଳନ ବିରୋଧରେ ସରକାରଙ୍କ ଦମନମୂଳକ ନୀତି ଅଧିକ ସଂଖ୍ୟକ ଭାରତୀୟଙ୍କୁ ଆଇନ୍ ଅମାନ୍ୟ କରିବାପାଇଁ ପ୍ରେରଣା କଲା। ଗାନ୍ଧିଜୀଙ୍କ ସତ୍ୟାଗ୍ରହ ନୀତି ସଫଳ ହେଲା। ଇତି ମଧ୍ୟରେ ସରକାରଙ୍କ ଦ୍ୱାରା ଭାରତୀୟମାନଙ୍କ ଉଦ୍ଦେଶ୍ୟରେ ପ୍ରଣୀତ ଦେଶାନ୍ତର ଗମନ ନିଷେଧ ଆଇନ୍ ବିରୋଧରେ ଅନେକ ଭାରତୀୟ ୧୯୦୮ ଅଗଷ୍ଟରେ ନାଟାଲ୍ ସୀମା ପାର ହୋଇ ଟ୍ରାନ୍ସଭାଲ ଗମନ କଲେ ଏବଂ ଗିରଫ ହେଲେ। ସେହି ବର୍ଷ ଅକ୍ଟୋବରରେ ଗାନ୍ଧିଜୀଙ୍କୁ ମଧ୍ୟ ବନ୍ଦୀ କରାଗଲା। ଆନ୍ଦୋଳନ ପ୍ରଶମିତ ହେବା ପରିବର୍ତ୍ତେ ଅଧିକ ଶକ୍ତିଶାଳୀ ହେଲା। ୧୯୧୩ ମାର୍ଚ୍ଚ ୧୪ରେ ଦକ୍ଷିଣ ଆଫ୍ରିକା ଉଚ୍ଚତମ ନ୍ୟାୟାଳୟର ଏକ ନିଷ୍ପତ୍ତି କ୍ରମେ ଖ୍ରୀଷ୍ଟିଆନ୍ ରୀତି ଅନୁସାରେ ସମ୍ପାଦିତ ହୋଇ ନ ଥିବା ଓ ପଞ୍ଜୀକରଣ ହୋଇ ନ ଥିବା ଭାରତୀୟମାନଙ୍କ ବିବାହର ସ୍ୱୀକୃତି ପ୍ରତ୍ୟାହାର କରାଗଲା। ଏହା ବିରୋଧରେ ସଂଘଟିତ ଆନ୍ଦୋଳନ, ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ

ନେତୃତ୍ୱାଧୀନ ଶେଷ ଆନ୍ଦୋଳନ ଥିଲା । ଗାନ୍ଧିଜୀଙ୍କ ନୂତନ ସଂଗ୍ରାମ ନିକଟରେ ଇଂରେଜ ସରକାର ହାର ମାନିଲେ ଏବଂ କେତେକ ଅପମାନଜନକ ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟହେଲେ । ସେ ସମୟରେ ଦକ୍ଷିଣ ଆଫ୍ରିକାର ଶାସନ ମୁଖ୍ୟ ଥିଲେ ଜେନେରାଲ୍ ସ୍ମଟ୍ସ୍ ।

| ତୁମ ପାଇଁ କାମ |
|---|
| *ଦକ୍ଷିଣ ଆଫ୍ରିକା ମାନଚିତ୍ରରେ ନାଟାଲ ଓ ଜୋହାନେସ୍‌ବର୍ଗର ଅବସ୍ଥିତି ସୂଚାଅ ।* |

୧୯୧୫ ଜାନୁୟାରୀ ୯ ତାରିଖରେ ଗାନ୍ଧିଜୀ ଭାରତକୁ ଫେରିଲେ । ଗାନ୍ଧିଜୀ ଗୋପାଳ କୃଷ୍ଣ ଗୋଖ୍‌ଲେଙ୍କୁ ତାଙ୍କର ରାଜନୈତିକ ଗୁରୁଭାବେ ଗ୍ରହଣ କରୁଥିଲେ । ଗୋଖ୍‌ଲେଙ୍କ ଉପଦେଶ ଅନୁଯାୟୀ ଗାନ୍ଧିଜୀ ଏକ ବର୍ଷ କାଳ ରାଜନୀତିରୁ ଦୂରେଇ ରହିଥିଲେ ଓ ସେହି ସମୟ ମଧ୍ୟରେ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରି ଲୋକମାନଙ୍କ ରାଜନୈତିକ ମନୋଭାବ ଲକ୍ଷ୍ୟ କରିଥିଲେ । ଦକ୍ଷିଣ ଆଫ୍ରିକାରେ ତାଙ୍କର ମହାନ୍ ନୀତି ଯୋଗୁଁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ତାଙ୍କୁ 'ମହାତ୍ମା' ଆଖ୍ୟା ପ୍ରଦାନ କରିଥିଲେ । ୧୯୧୬ ଖ୍ରୀଷ୍ଟାବ୍ଦରେ ଅହମ୍ମଦାବାଦ ନିକଟରେ ସାବରମତୀ ନଦୀକୂଳରେ ଏକ ଆଶ୍ରମ ପ୍ରତିଷ୍ଠା କରି ସେ ଦେଶବାସୀଙ୍କୁ ସତ୍ୟ, ଅହିଂସା, ନିଷ୍ଠା ଓ ନିର୍ଭୀକତାର ପଥ ପ୍ରଦର୍ଶନ କରିଥିଲେ । ଗାନ୍ଧିଜୀଙ୍କ ମତରେ 'ସତ୍ୟାଗ୍ରହ'ର ଅର୍ଥ ଭୀରୁତା ନୁହେଁ, ସତ୍ୟାଗ୍ରହ ହେଉଛି ସତ୍ୟପ୍ରତି ଆଗ୍ରହ ଓ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ । ୧୯୧୭ରେ ଇଂରେଜ ଉପନିବେଶଗୁଡ଼ିକ ପାଇଁ ଭାରତୀୟମାନଙ୍କ ନିଯୁକ୍ତିକୁ ବନ୍ଦ ନ କଲେ ସରକାରଙ୍କ ବିରୋଧରେ ସତ୍ୟାଗ୍ରହ ଆରମ୍ଭ କରିବା ପାଇଁ ଧମକ ଦେଇ ଗାନ୍ଧିଜୀ ଏହି ନିଯୁକ୍ତି ବନ୍ଦ କରିବାରେ ସଫଳ ହୋଇଥିଲେ । ପ୍ରାରମ୍ଭିକ ସ୍ତରରେ ଭାରତରେ ତାଙ୍କଦ୍ୱାରା ସଂଗଠିତ କେତେକ ଆନ୍ଦୋଳନର ସଫଳତା ତାଙ୍କର ପ୍ରସିଦ୍ଧି ଆଣିଥିଲା ।

## ୧. ଚମ୍ପାରନ୍ ଆନ୍ଦୋଳନ :

ଭାରତରେ ଗାନ୍ଧିଜୀଙ୍କ ଦ୍ୱାରା ସଂଗଠିତ ପ୍ରଥମ ଆନ୍ଦୋଳନ ଥିଲା 'ଚମ୍ପାରନ୍ ଆନ୍ଦୋଳନ' । ବିହାରର ଚମ୍ପାରନ୍ ଜିଲ୍ଲାରେ ଚାଷୀମାନଙ୍କୁ ଜମିର କୋଡ଼ିଏ ଭାଗରୁ ତିନିଭାଗ ଅଞ୍ଚଳରେ ନୀଳ ଉତ୍ପାଦନ କରିବା ପାଇଁ ଇଂରେଜ ବୃକ୍ଷ ରୋପଣକାରୀମାନଙ୍କ ଦ୍ୱାରା ବାଧ୍ୟ କରାଯାଇ ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ତାଙ୍କୁ ବିକ୍ରୟ କରିବାକୁ ପଡୁଥିଲା । ଏହାକୁ ତିନିକାଠିଆ ବ୍ୟବସ୍ଥା କୁହା ଯାଉଥିଲା । ପରବର୍ତ୍ତୀ ସମୟରେ ନୀଳର ଚାହିଦା ହ୍ରାସ ପାଇବାରୁ ଚାଷୀମାନଙ୍କୁ ନୀଳ ଚାଷ ବାଧ୍ୟତାମୂଳକ ନକରିବା ପାଇଁ ଜମିର ଭଡ଼ା ବୃଦ୍ଧି କରାଗଲା ଓ ଅନେକ ବେଆଇନ ଟିକସ ଆଦାୟ କରାଗଲା । ଏହା ବିରୋଧରେ ପ୍ରତିବାଦ କରୁଥିବା ଚାଷୀମାନେ ବିଭିନ୍ନ ପ୍ରକାର ଅତ୍ୟାଚାର ଓ ଶୋଷଣର ଶିକାର ହେଲେ । ରାଜକୁମାର ଶୁକ୍ଲ ନାମକ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତ୍ରଣ କ୍ରମେ ଚାଷୀମାନଙ୍କ ସମସ୍ୟାର ଅନୁଧ୍ୟାନ ପାଇଁ ଗାନ୍ଧିଜୀ ୧୯୧୭ ଏପ୍ରିଲ୍‌ରେ ଚମ୍ପାରନ୍ ଜିଲ୍ଲାର ସଦର ମହକୁମା ମୋତିହାରିରେ ପହଞ୍ଚିଲେ । ଜିଲ୍ଲା ଅଧିକାରୀ ଗାନ୍ଧିଜୀ ଓ ତାଙ୍କ ସହିତ ଯାଇଥିବା ରାଜେନ୍ଦ୍ର ପ୍ରସାଦ, ମୁଜାହର ଉଲ୍ ହକ୍, ମହାଦେବ ଦେଶାଇ, ନରହରି ପାରିଖ୍ ଓ ଜେ.ବି. କୃପାଳିନୀଙ୍କୁ ତୁରନ୍ତ ଉକ୍ତ ଜିଲ୍ଲା ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଲେ । ଗାନ୍ଧିଜୀ ଏହି ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରି ସେଥିପାଇଁ ଯେ କୌଣସି ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ବୋଲି ଘୋଷଣା କଲେ । ଅହିଂସା ଉପାୟରେ ଅନ୍ୟାୟମୂଳକ ଆଇନ୍‌କୁ ଅମାନ୍ୟ କରିବା ସେତେବେଳେ ଭାରତରେ ଏକ ନୂତନ ପ୍ରକାର ଆନ୍ଦୋଳନ ପଦ୍ଧତି ଭାବେ ଉଭା ହେଲା । ଶେଷରେ ସରକାର ଗାନ୍ଧିଜୀଙ୍କୁ ଚମ୍ପାରନ୍ ଚାଷୀମାନଙ୍କ ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କରିବା ପାଇଁ ଅନୁମତି ଦେଲେ ଏବଂ ଏହି ବିଷୟରେ ସରକାରଙ୍କ ଦ୍ୱାରା ଗଠିତ କମିଟିରେ ଗାନ୍ଧିଜୀଙ୍କୁ ଏକ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କଲେ । ଗାନ୍ଧିଜୀ ନିଜେ ଅନୁସନ୍ଧାନ କରି ଚାଷୀମାନଙ୍କୁ ଇଂରେଜ ମାଲିକଙ୍କ ଶୋଷଣରୁ ରକ୍ଷା କରିବା ନିମନ୍ତେ ଆନ୍ଦୋଳନ କରି ସଫଳ ହେଲେ । ତିନିକାଠିଆ ବ୍ୟବସ୍ଥା ଉଚ୍ଛେଦ ହେଲା ଏବଂ ଇଂରେଜ ମାଲିକଙ୍କ ଦ୍ୱାରା ବେଆଇନ ଭାବେ ଆଦାୟ କରାଯାଇଥିବା ଅର୍ଥର ଶତକଡ଼ା ପଚିଶ ଭାଗ ଚାଷୀମାନଙ୍କୁ

ଫେରାଇ ଦିଆଗଲା । ଏକ ବର୍ଷ ମଧ୍ୟରେ ଇଂରେଜ ବୃକ୍ଷରୋପଣକାରୀମାନେ ସେହି ଅଞ୍ଚଳ ଛାଡ଼ି ଚାଲିଯାଇଥିଲେ । ଚମ୍ପାରନ୍ ଆନ୍ଦୋଳନ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତର ପ୍ରଥମ ସଫଳ ଅହିଂସ ଆନ୍ଦୋଳନ ଥିଲା ।

## ୨. ଖେଡ଼ା ଆନ୍ଦୋଳନ :

୧୯୧୮ ମସିହାରେ ଦୁର୍ଭିକ୍ଷ ଯୋଗୁଁ ଗୁଜୁରାଟ ସ୍ଥିତ ଖେଡ଼ା ଜିଲ୍ଲାରେ ଶସ୍ୟ ଉତ୍ପାଦନ ବାଧା ପ୍ରାପ୍ତ ହେଲା । ତତ୍କାଳୀନ ରାଜସ୍ୱ ବିଭାଗର ଏକ ନିୟମ ଅନୁଯାୟୀ ଜମିର ସ୍ୱାଭାବିକ ଉତ୍ପାଦନ ପରିମାଣର ଏକ ଚତୁର୍ଥାଂଶରୁ କମ୍ ପରିମାଣରେ ଶସ୍ୟ ଉତ୍ପାଦନ ହେଲେ ଚାଷୀମାନଙ୍କ ରାଜସ୍ୱ ଦେୟ ପରିମାଣ କୋହଳ କରାଯିବାର ବ୍ୟବସ୍ଥା ଥିଲା । ଖେଡ଼ା ଚାଷୀମାନଙ୍କୁ ଇଂରେଜ କର୍ମଚାରୀମାନେ ସମ୍ପୂର୍ଣ୍ଣ ରାଜସ୍ୱ ଭରଣା କରିବାକୁ ବାଧ୍ୟ କରିବାରୁ ଗାନ୍ଧିଜୀ ଏହା ବିରୋଧରେ ସତ୍ୟାଗ୍ରହ କରିବାକୁ ଚାଷୀମାନଙ୍କୁ ସଂଗଠିତ କରିଥିଲେ । ଚାଷୀମାନେ ଖଜଣା ଦେୟକୁ ପ୍ରତ୍ୟାଖ୍ୟାନ କଲେ ଏବଂ ଏଥିପାଇଁ ଯେ କୌଣସି ପରିଣାମ ଭୋଗିବାକୁ ପ୍ରସ୍ତୁତ ହେଲେ । ଶେଷରେ ଇଂରେଜ ସରକାର ବାଧ୍ୟତାମୂଳକ ରାଜସ୍ୱ ଆଦାୟରୁ ନିବୃତ୍ତ ହେଲେ । ଏକ ଗୁପ୍ତ ନିର୍ଦ୍ଦେଶନାମା ଜାରିକରି କେବଳ ସାମର୍ଥ୍ୟ ଥିବା ଚାଷୀମାନଙ୍କଠାରୁ ଏହା ଆଦାୟ କଲେ । ଏହି ଆନ୍ଦୋଳନରେ ଇନ୍ଦୁଲାଲ ଯାଜ୍ଞିକ୍ ଗାନ୍ଧିଜୀଙ୍କର ଜଣେ ମୁଖ୍ୟ ସହଯୋଗୀ ଥିଲେ । ଆନ୍ଦୋଳନର ସଫଳତାରେ ଗଭୀର ଭାବେ ପ୍ରଭାବିତ ହୋଇ ଖେଡ଼ା ଜିଲ୍ଲାର ଅଧିବାସୀ ତଥା ଅହମ୍ମଦାବାଦର ଆଇନଜୀବୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଗାନ୍ଧିଜୀଙ୍କର ଜଣେ ପ୍ରଧାନ ଅନୁଗାମୀ ହୋଇଗଲେ ।

## ୩. ଅହମ୍ମଦାବାଦ୍ ଲୁଗା କାରଖାନା ଆନ୍ଦୋଳନ :

ଗୁଜୁରାଟର ଅହମ୍ମଦାବାଦ୍‌ଠାରେ ଲୁଗାକଳଗୁଡ଼ିକର ମାଲିକମାନେ ପ୍ଲେଗ୍ ମହାମାରୀପାଇଁ ଶ୍ରମିକମାନଙ୍କୁ ଦେଉଥିବା ସ୍ୱତନ୍ତ୍ର ଭତ୍ତା 'ପ୍ଲେଗ୍ ବୋନସ' ପ୍ରତ୍ୟାହାର କରିଦେବାରୁ ଶ୍ରମିକ ଓ ମାଲିକମାନଙ୍କ ମଧ୍ୟରେ କଳହର ସୂତ୍ରପାତ ହେଲା । ଇଂରେଜ ଜିଲ୍ଲାପାଳଙ୍କ ଅନୁରୋଧ କ୍ରମେ ଗାନ୍ଧିଜୀ ଏହି କଳହରେ ହସ୍ତକ୍ଷେପ କଲେ ଏବଂ ଏଥିପାଇଁ ଏକ ଟ୍ରିବ୍ୟୁନାଲ ନିଯୁକ୍ତ କରି ତାହାର ନିଷ୍ପତ୍ତିକୁ ଗ୍ରହଣକରିବାକୁ ଉଭୟ ପକ୍ଷଙ୍କୁ ରାଜି କରାଇଥିଲେ । କିନ୍ତୁ ମାଲିକମାନେ ଏଥିରୁ ଓହରିଯାଇ ଶ୍ରମିକ ମଜୁରୀର କୋଡ଼ିଏ ଭାଗ ବୃଦ୍ଧି ଘୋଷଣା କଲେ ।

ଅହମ୍ମଦାବାଦ୍ କାରଖାନା ଶ୍ରମିକମାନଙ୍କ ଶତକଡ଼ା ପଇଁତିରିଶ ଭାଗ ମଜୁରୀ ବୃଦ୍ଧି ଦାବି ପ୍ରତ୍ୟାଖ୍ୟାନ କରିବାରୁ ମାଲିକମାନଙ୍କ ବିରୋଧରେ ଗାନ୍ଧିଜୀ ଶ୍ରମିକମାନଙ୍କୁ ଏକ ଅହିଂସା ଆନ୍ଦୋଳନ କରିବା ପାଇଁ ପ୍ରବର୍ତ୍ତାଇ ନିଜେ ଏହାର ନେତୃତ୍ୱ ନେଇଥିଲେ । ଦାବି ପୂରଣ ପର୍ଯ୍ୟନ୍ତ ଅନଶନ ଚାଲୁ ରଖିବେ ବୋଲି ଘୋଷଣା କରି ସେ ଶ୍ରମିକମାନଙ୍କ ସପକ୍ଷରେ ଅନଶନ ଆରମ୍ଭ କଲେ । ଏହା ଶ୍ରମିକମାନଙ୍କୁ ଦୃଢ଼ ଭାବରେ ସଂଗଠିତ କରି ସମଗ୍ର ଭାରତର ଦୃଷ୍ଟି ଆକର୍ଷଣ କଲା । ଏଥିରେ ଭୟଭୀତ ହୋଇ ପରିଶେଷରେ କାରଖାନା ମାଲିକମାନେ ଶ୍ରମିକମାନଙ୍କ ମଜୁରୀ ପଞ୍ଚତିରିଶ ଭାଗ ବୃଦ୍ଧି କରିବା ପାଇଁ ସମ୍ମତି ପ୍ରଦାନ କଲେ । ଏହାଦ୍ୱାରା ଗାନ୍ଧିଜୀ ଜନସାଧାରଣଙ୍କ ମନରେ 'ସତ୍ୟାଗ୍ରହ' ପ୍ରତି ଆଗ୍ରହ, ଶ୍ରଦ୍ଧା ଓ ସମ୍ମାନ ଆଣିଦେଇଥିଲେ ।

*ତୁମେ ଜାଣିଛ କି ?*

*ଗାନ୍ଧିଜୀଙ୍କ ସଂପାଦନାରେ 'ନବଜୀବନ' ଓ 'ୟଙ୍ଗ ଇଣ୍ଡିଆ' ନାମକ ଦୁଇଟି ପତ୍ରିକା ପ୍ରକାଶିତ ହେଉଥିଲା ।*

## ୪. ରାଓଲାଟ୍ ଆଇନ ବିରୋଧରେ ଆନ୍ଦୋଳନ :

ଚମ୍ପାରନ୍, ଖେଡ଼ା ଓ ଅହମ୍ମଦାବାଦଠାରେ ସଂଘଟିତ ଆଞ୍ଚଳିକ ଆନ୍ଦୋଳନଗୁଡ଼ିକର ସଫଳତା ଗାନ୍ଧିଜୀଙ୍କ ନେତୃତ୍ୱପ୍ରତି ଜନସାଧାରଣଙ୍କ ମନରେ ଆସ୍ଥା ବୃଦ୍ଧି କଲା ଏବଂ ତାଙ୍କୁ ସମଗ୍ର ଭାରତର ଜନସାଧାରଣଙ୍କ ନିକଟରେ ଅଧିକ ପରିଚିତ କରାଇଲା । ଏହାପରେ ସେ ଜାତୀୟ ସ୍ତରରେ ବ୍ରିଟିଶ୍ ଶାସନ ବିରୋଧରେ କେତେକ ଆନ୍ଦୋଳନ ସଂଗଠିତ କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ୧୯୧୯ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାରଙ୍କ ଦ୍ୱାରା ପ୍ରଣୀତ ରାଓଲାଟ୍ ଆଇନ୍ ବିରୋଧୀ ଆନ୍ଦୋଳନ ଥିଲା ଗାନ୍ଧିଜୀଙ୍କ ପ୍ରଥମ ଜାତୀୟ ସ୍ତରୀୟ ଆନ୍ଦୋଳନ ।

ପ୍ରଥମ ବିଶ୍ୱଯୁଦ୍ଧରେ ଭାରତ ଇଂରେଜ ଓ ମିତ୍ର ଶକ୍ତିକୁ ବହୁ ଭାବରେ ସାହାଯ୍ୟ କରିଥିଲା । ଭାରତୀୟମାନେ ଆଶା କରିଥିଲେ ଯେ ଯୁଦ୍ଧପରେ ଇଂରେଜ ସରକାର ଭାରତର ରାଜନୀତିକ ଦାବିଗୁଡ଼ିକୁ ପୂରଣକରିବେ କିନ୍ତୁ ସେମାନେ ନିରାଶ ହେଲେ ।

**ତୁମ ପାଇଁ କାମ**

***ପ୍ରଥମ ବିଶ୍ୱଯୁଦ୍ଧ ପରେ ଭାରତର ଆର୍ଥନୀତିକ ଅବସ୍ଥା ଓ ଏହା କିପରି ଜାତୀୟତା ବୃଦ୍ଧିରେ ସହାୟକ ହେଲା, ତା'ର ଏକ ସମୀକ୍ଷା କର ।***

ଇଂରେଜ ସରକାର ଭାରତରେ ବିଦ୍ରୋହ ଓ ବିପ୍ଳବାତ୍ମକ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ବିଚାରପତି ରାଓଲାଟ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଏହି କମିଟିର ସୁପାରିସ ଅନୁସାରେ ଯେଉଁ ଆଇନ ପ୍ରଣୟନ ହେଲା ତାହା ରାଓଲାଟ୍ ଆଇନ ନାମରେ ପରିଚିତ । ଏହି ଆଇନ ବଳରେ ଇଂରେଜ ସରକାର ଯେ କୌଣସି ଭାରତୀୟଙ୍କୁ ଗିରଫ କରି ବିନା ବିଚାରରେ କାରାଦଣ୍ଡରେ ଦଣ୍ଡିତ କରିପାରିବାର ବ୍ୟବସ୍ଥା କରାଗଲା । ଏହାଦ୍ୱାରା ଜନସାଧାରଣଙ୍କର ସ୍ୱାଧୀନତା ଓ ଅଧିକାର କ୍ଷୁଣ୍ଣହେଲା । ୧୯୧୯ ଫେବୃଆରୀରେ ଗାନ୍ଧିଜୀ ଏକ ସତ୍ୟାଗ୍ରହ କମିଟି ଗଠନ କରି ଏହାର ସଭ୍ୟମାନଙ୍କୁ ଏହି ଆଇନକୁ ଅମାନ୍ୟ କରିବା ପାଇଁ ତଥା ଏହା ବିରୋଧରେ ସତ୍ୟ ଓ ଅହିଂସ ଭିତ୍ତିକ ଆନ୍ଦୋଳନ କରିବାପାଇଁ ପ୍ରବର୍ତ୍ତାଇ ଥିଲେ । ବ୍ରିଟିଶ୍ ବ୍ୟବସ୍ଥାପକ ସଭାରେ ଭାରତୀୟ ସଭ୍ୟମାନଙ୍କ ବିରୋଧ ସତ୍ତ୍ୱେ ସଂଖ୍ୟାଗରିଷ୍ଠ ସରକାରୀ ସଭ୍ୟଙ୍କ ସମର୍ଥନ ଫଳରେ ୧୯୧୯ ମାର୍ଚ୍ଚ ୧୮ରେ ରାଓଲାଟ୍ ଆଇନ୍ ଗୃହୀତ ହେଲା । ଗାନ୍ଧିଜୀ ଏହି ଆଇନ ବିରୋଧରେ ଏକ ଗଣ ସତ୍ୟାଗ୍ରହ ଆରମ୍ଭ କରିବା ନିମନ୍ତେ ଦେଶବାସୀଙ୍କୁ ଆହ୍ୱାନ କଲେ । ଗାନ୍ଧିଜୀଙ୍କ ଗଣ ଆଇନ୍ ଅମାନ୍ୟ ଆନ୍ଦୋଳନ ହିଂସାତ୍ମକ ଦିଗରେ ଗତି କରିବାର ଆଶଙ୍କା କରି ଶ୍ରୀମତୀ ଆନିବେସାନ୍ତ ଗାନ୍ଧିଜୀଙ୍କୁ ବିରୋଧ କରିଥିଲେ । ତାଙ୍କ ବ୍ୟତୀତ ଦିନ୍‌ସ ଏଦୁଲ୍‌ଜୀ ୱାଚା, ସୁରେନ୍ଦ୍ରନାଥ ବାନାର୍ଜି, ତେଜ ବାହାଦୂର ସାପ୍ରୁ ଓ ଶ୍ରୀନିବାସ ଶାସ୍ତ୍ରୀଙ୍କ ଭଳି ନେତାଗଣ ମଧ୍ୟ ଗାନ୍ଧିଜୀଙ୍କ ସତ୍ୟାଗ୍ରହକୁ ବିରୋଧ କରିଥିଲେ ।

**ତୁମ ପାଇଁ କାମ**

***ଭାରତର ସ୍ୱାଧୀନତା ସଂଗ୍ରାମ ପ୍ରତି ଶ୍ରୀମତୀ ଆନିବେସାନ୍ତଙ୍କ ଅବଦାନ ସମ୍ପର୍କରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।***

ସମଗ୍ର ଭାରତରେ ଗୋଟିଏ ଦିନ 'ହରତାଳ' ପାଳନ ପାଇଁ ଗାନ୍ଧିଜୀ ଦେଶବାସୀଙ୍କୁ ପରାମର୍ଶ ଦେଲେ । ସରକାରଙ୍କ ନୀତିର ପ୍ରତିବାଦ ସ୍ୱରୂପ ସବୁପ୍ରକାର କାର୍ଯ୍ୟ ବନ୍ଦକରି ଉପବାସ ଓ ପ୍ରାର୍ଥନା ଦ୍ୱାରା ୧୯୧୯ ଏପ୍ରିଲ ୬ ତାରିଖ ଦିନ ଦେଶ ବ୍ୟାପୀ ହରତାଳ ପାଳନ କରାଗଲା । ୧୯୧୯ ଏପ୍ରିଲ ୯ ତାରିଖରେ ଗାନ୍ଧିଜୀଙ୍କୁ ଗିରଫ କରି ଛାଡ଼ିଦିଆଗଲା । ଗାନ୍ଧିଜୀଙ୍କ ଗିରଫ ସମ୍ବାଦ ଦେଶର ବିଭିନ୍ନ ସ୍ଥାନରେ ସାଧାରଣ ଜନତାଙ୍କୁ ଗଣ୍ଡଗୋଳ କରିବା ପାଇଁ ଉତ୍ତେଜିତ କଲା । ଏହି ଆନ୍ଦୋଳନ ଦିଲ୍ଲୀ, କୋଲ୍‌କାତା, ମୁମ୍ବାଇ, ଅହମ୍ମଦାବାଦ, ଲାହୋର ଓ ଅମୃତସରରେ ପ୍ରଚଣ୍ଡ ରୂପ ଧାରଣ କରିଥିଲା ।

**ତୁମେ ଜାଣିଛ କି ?**

***୧୯୧୯ ମାର୍ଚ୍ଚ ୨୦ ରେ ଦିଲ୍ଲୀରେ ରାଓଲାଟ୍ ଆଇନ୍ ବିରୋଧରେ ହିନ୍ଦୁ ଓ ମୁସଲମାନଙ୍କ ଏକ ଶୋଭାଯାତ୍ରା ଉପରେ ପୋଲିସ ଗୁଳି ବର୍ଷଣ କରିଥିଲା ଏବଂ ଏକ ଭୁଲ୍ ବୁଝାମଣା ହେତୁ ଦିଲ୍ଲୀରେ ୧୯୧୯ ମାର୍ଚ୍ଚ ୩୦ରେ ହରତାଳ ପାଳିତ ହୋଇଥିଲା ।***

## ୫. ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ :

ସମଗ୍ର ଦେଶରେ ରାଓଲାଟ୍ ଆଇନ୍ ବିରୋଧୀ ଆନ୍ଦୋଳନ ଚାଲିଥିବା ସମୟରେ ୧୯୧୯ ଏପ୍ରିଲ ୧୦ ତାରିଖରେ ଅମୃତସରଠାରେ ଦୁଇ ସ୍ଥାନୀୟ ନେତା ଡ. ସତ୍ୟପାଲ ଓ ଡ. ସଇଫୁଦ୍ଦିନ୍ କିଚଲୁଙ୍କ ଗିରଫ ଫଳରେ ଆନ୍ଦୋଳନ ଏକ ହିଂସାତ୍ମକ ରୂପ ଧାରଣ କଲା । ଜନପ୍ରିୟ ନେତାଦ୍ୱୟଙ୍କ ଗିରଫର ପ୍ରତିବାଦ କରିବାପାଇଁ ତଥା ବୈଶାଖୀ ଉତ୍ସବ ପାଳନ କରିବାପାଇଁ ଅମୃତସରର ଜାଲିଆନାୱାଲାବାଗ୍‌ଠାରେ ୧୯୧୯ ଏପ୍ରିଲ୍ ୧୩ରେ ବହୁ ସଂଖ୍ୟକ ଲୋକ ଏକ ସାଧାରଣ ସଭାରେ ଏକତ୍ର ହୋଇଥିଲେ । ସହରରେ ସଭାସମିତି କରାଯିବା ଉପରେ ସରକାରଙ୍କ ଦ୍ୱାରା ପୂର୍ବଦିନ ଘୋଷିତ ନିଷେଧାଜ୍ଞା ସମ୍ବନ୍ଧରେ ସାଧାରଣ ଜନତା ଅବଗତ ନଥିଲେ । ଅମୃତ୍‌ସରର ସାମରିକ

ମୁଖ୍ୟ ଜେନେରାଲ ଡାୟାର ହଠାତ ଦଳେ ସୈନ୍ୟଙ୍କ ସହ ସଭା ସ୍ଥଳରେ ପହଞ୍ଚି ବିନା ସତର୍କ ସୂଚନାରେ ନିରସ୍ତ୍ର ଓ ନିରୀହ ଲୋକମାନଙ୍କ ଉପରକୁ ଗୁଳି ବର୍ଷଣ କଲେ। ଜାଲିଆନାୱାଲାବାଗ୍‌ର ଏକ ମାତ୍ର ପ୍ରବେଶ ତଥା ପ୍ରସ୍ଥାନ ପଥ ସୈନ୍ୟମାନଙ୍କ ଦ୍ୱାରା ଆବଦ୍ଧ ହୋଇଥିବାରୁ ଲୋକମାନେ ବାହାରକୁ ଯାଇପାରିଲେ ନାହିଁ। ଫଳରେ ଅନେକ ଲୋକ ପ୍ରାଣ ହରାଇଲେ ବା ଆହତ ହେଲେ। ସରକାରୀ ହିସାବ ଅନୁଯାୟୀ ମୃତକଙ୍କ ସଂଖ୍ୟା ୩୭୯ ଓ ଆହତଙ୍କ ସଂଖ୍ୟା ୧୨୦୦ ହୋଇଥିବା ବେଳେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ହୋଇଥିବା ତଦନ୍ତ ଅନୁଯାୟୀ ଏହି ସଂଖ୍ୟା ଯଥାକ୍ରମେ ୧୨୦୦ ଓ ୩୬୦୦ ଥିଲା। ଏହି ଘଟଣାଟି 'ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ' ଭାବରେ ଖ୍ୟାତ।



**(ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ)**

ଜନସାଧାରଣ ଅହିଂସା ଆନ୍ଦୋଳନ ବା ସତ୍ୟାଗ୍ରହ ପାଇଁ ସେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ସମର୍ଥ ହୋଇ ନ ଥିବା ଉପଲବ୍ଧି କରି ଗାନ୍ଧିଜୀ ୧୯୧୯ ଏପ୍ରିଲ୍ ୧୮ରେ ରାଓଲାଟ୍ ଆଇନ୍ ବିରୋଧୀ ଆନ୍ଦୋଳନ ପ୍ରତ୍ୟାହାର କଲେ। କିନ୍ତୁ ସରକାରଙ୍କ ଦ୍ୱାରା ରାଓଲାଟ୍ ଆଇନ୍ ପ୍ରତ୍ୟାହୃତ ହୋଇନଥିଲା। ଗାନ୍ଧିଜୀଙ୍କ ଏହି ଆନ୍ଦୋଳନ ଲକ୍ଷ୍ୟ ପୂରଣ ଦିଗରୁ ବିଫଳ ହୋଇଥିଲେ ସୁଦ୍ଧା ଏହା ଗାନ୍ଧିଜୀଙ୍କୁ ଜଣେ ବହୁ ପ୍ରତିଭା ସମ୍ପନ୍ନ ସର୍ବଭାରତୀୟ ନେତା ଭାବେ ପ୍ରତିଷ୍ଠିତ କରିପାରିଥିଲା। 'ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ'ର ବର୍ବରୋଚିତ କାର୍ଯ୍ୟ ସାରା ବିଶ୍ୱକୁ ଚକିତ କରିଥିଲା।

ଅମୃତସର ଘଟଣା ପରେ ପଞ୍ଜାବରେ ସାମରିକ ଆଇନ ଘୋଷିତ ହେଲା ଏବଂ ଏଠାକାର ଜନତା ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହେଲେ। ଏହି ଘଟଣା ପ୍ରଚାରିତ ହେବା ଫଳରେ ସମଗ୍ର ଦେଶରେ ଆତଙ୍କର ବାତାବରଣ ଖେଳିଗଲା। ଅତ୍ୟନ୍ତ ଘୃଣାର ସହିତ ଗାନ୍ଧିଜୀ ବ୍ୟକ୍ତ କଲେ "କୌଣସି ପ୍ରକାରରେ ଭାରତୀୟମାନେ ସରକାରଙ୍କର ପୈଶାଚିକ ପ୍ରବୃତ୍ତିକୁ ଗ୍ରହଣ କରିବା ପାପ" । ଏକ ନୂତନ ରାଜନୈତିକ ଆନ୍ଦୋଳନରେ ଝାସ ଦେବା ଲାଗି ମହାତ୍ମାଗାନ୍ଧୀ ଦେଶବାସୀଙ୍କୁ ଡାକରା ଦେଲେ। ଇଂରେଜ ସରକାରଙ୍କ ବର୍ବରୋଚିତ କାର୍ଯ୍ୟର ପ୍ରତିବାଦ ସ୍ୱରୂପ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର 'ନାଇଟ୍' ପଦ ଓ ଗାନ୍ଧିଜୀ 'କାଇଜର-ଇ-ହିନ୍ଦ୍' ଉପାଧି ତ୍ୟାଗ କରିଥିଲେ।

**ତୁମେ ଜାଣିଛ କି ?**

*କୌଣସି ବ୍ୟକ୍ତିର ମହତ ଗୁଣ ପାଇଁ ବା ରାଜସେବାପାଇଁ ବା ସାମରିକ କ୍ଷେତ୍ରରେ ଅସାଧାରଣ ବୀରତ୍ୱପାଇଁ ଇଂରେଜ ସରକାରଙ୍କଦ୍ୱାରା ପ୍ରଦତ୍ତ ନାଇଟ୍‌ପଦ ଉକ୍ତ ବ୍ୟକ୍ତିଙ୍କୁ 'ସାର୍' ଉପାଧିରେ ଭୂଷିତ କରୁଥିଲା।*

*"କାଇଜର୍-ଇ-ହିନ୍ଦ୍"ର ଅର୍ଥ "ହିନ୍ଦୁସ୍ଥାନର ସମ୍ରାଟ"। ଏହା ଗାନ୍ଧିଜୀଙ୍କୁ ଇଂରେଜଙ୍କ ଦ୍ୱାରା ଭାରତରେ ତାଙ୍କର ଅସାଧାରଣ ନେତୃତ୍ୱର ସ୍ୱୀକୃତି ସ୍ୱରୂପ ପ୍ରଦାନ କରାଯାଇଥିଲା।*

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ।**

(କ) ଦକ୍ଷିଣ ଆଫ୍ରିକାରେ ଭାରତୀୟମାନେ ଶ୍ୱେତାଙ୍ଗମାନଙ୍କଦ୍ୱାରା କିପରି ଅତ୍ୟାଚାରିତ ହେଉଥିଲେ ?

(ଖ) 'ଚମ୍ପାରନ୍ ଆନ୍ଦୋଳନ'ରେ ମହତ୍ମାଗାନ୍ଧୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କର।

(ଗ) ଖେଡ଼ାଠାରେ ଗାନ୍ଧିଜୀ କାହିଁକି ଆନ୍ଦୋଳନ କରିଥିଲେ ଏବଂ ଏହାର ଫଳ କ'ଣ ହୋଇଥିଲା ?

(ଘ) ଅହମ୍ମଦାବାଦ ଲୁଗା କାରଖାନା ଆନ୍ଦୋଳନରେ ମହାତ୍ମାଗାନ୍ଧୀଙ୍କ ଭୂମିକା କ'ଣ ଥିଲା ?

(ଙ) ରାଓଲାଟ୍ ଆଇନ କ'ଣ ଏବଂ ଏହା ବିରୋଧରେ ଭାରତୀୟମାନଙ୍କର ପ୍ରତିକ୍ରିୟା କିପରି ପ୍ରତିଫଳିତ ହୋଇଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ ।**

(କ) ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର କେଉଁ ସ୍ଥାନକୁ ଯାଇଥିଲେ ଓ କ'ଣ ପାଇଁ ଯାଇଥିଲେ ?

(ଖ) ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କୁ ଇଂରେଜମାନଙ୍କ ଅତ୍ୟାଚାର ବିରୋଧରେ ସଚେତନ କରିବା ପାଇଁ କ'ଣ କରିଥିଲେ ?

(ଗ) ଗାନ୍ଧିଜୀ କେଉଁ ଆନ୍ଦୋଳନରେ ପ୍ରଥମ ଥର ପାଇଁ ସତ୍ୟାଗ୍ରହର ପ୍ରୟୋଗ କରିଥିଲେ ?

(ଘ) ତିନିକାଠିଆ ବ୍ୟବସ୍ଥା କ'ଣ ?

(ଙ) ନୀଳର ଚାହିଦା ହ୍ରାସ ପାଇବା ଫଳରେ ଚମ୍ପାରନ୍‌ରେ ଚାଷୀମାନଙ୍କୁ କିପରି ଶୋଷଣ କରାଗଲା ?

(ଚ) ଖେଡ଼ା ସତ୍ୟାଗ୍ରହ କ'ଣ ପାଇଁ ଆରମ୍ଭ ହୋଇଥିଲା ?

(ଛ) ଅହମ୍ମଦାବାଦ ଲୁଗା କଳର ଶ୍ରମିକମାନଙ୍କର କାହିଁକି ମାଲିକମାନଙ୍କ ସହିତ କଳହ ଆରମ୍ଭ ହେଲା ?

(ଜ) 'ରାଓଲାଟ୍ ଆଇନ' କ'ଣ ଥିଲା ?

(ଝ) 'ରାଓଲାଟ୍ ଆଇନ' ବିରୁଦ୍ଧରେ ଗାନ୍ଧିଜୀଙ୍କ ଗଣ ସତ୍ୟାଗ୍ରହକୁ ଆନିବେସାନ୍ତଙ୍କ ବ୍ୟତୀତ ଅନ୍ୟ କେଉଁ ନେତାମାନେ ବିରୋଧ କରିଥିଲେ ?

(ଞ) ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ କାହିଁକି ସଂଘଟିତ ହୋଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ୧୮୯୪ରେ ଗାନ୍ଧିଜୀଙ୍କ ଦ୍ୱାରା କେଉଁ ଅନୁଷ୍ଠାନ ଗଠିତ ହୋଇଥିଲା ?

(ଖ) 'ଇଣ୍ଡିଆନ ଓପିନିଅନ୍' ସମ୍ବାଦପତ୍ର କିଏ ପ୍ରକାଶ କରିଥିଲେ ?

(ଗ) ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କୁ କିଏ 'ମହାତ୍ମା' ଆଖ୍ୟା ଦେଇଥିଲେ ?

(ଘ) କାହାର ନିମନ୍ତ୍ରଣ କ୍ରମେ ଗାନ୍ଧିଜୀ ଚମ୍ପାରନ୍ ଯାଇଥିଲେ ?

(ଙ) ଖେଡ଼ା ଆନ୍ଦୋଳନରେ କିଏ ମହାତ୍ମାଗାନ୍ଧୀଙ୍କ ମୁଖ୍ୟ ସହଯୋଗୀ ଥିଲେ ?

(ଚ) ପ୍ଲେଗ ବୋନସ୍ କ'ଣ ?

(ଛ) ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ କେବେ ସଂଘଟିତ ହୋଇଥିଲା ?

(ଜ) ଜେନେରାଲ ଡାୟାର୍ କିଏ ଥିଲେ ?

(ଝ) "କୌଣସି ପ୍ରକାରରେ ଭାରତୀୟମାନେ ସରକାରଙ୍କର ପୈଶାଚିକ ପ୍ରବୃତ୍ତିକୁ ଗ୍ରହଣ କରିବା ପାପ" – ଏହା କିଏ କହିଥିଲେ ?

(ଞ) ଜାଲିଆନ୍‌ୱାଲାବାଗ ହତ୍ୟାକାଣ୍ଡପରେ ଗାନ୍ଧିଜୀ କେଉଁ ଉପାଧି ତ୍ୟାଗ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନପାଇଁ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ।**

(କ) ପ୍ରତ୍ୟେକ ଭାରତୀୟ ନିଜର ଅଙ୍ଗୁଳିଛାପ ଥିବା ପଞ୍ଜୀକରଣ ପ୍ରମାଣପତ୍ରକୁ ସବୁ ସମୟରେ ବହନ କରିବା ସଂକ୍ରାନ୍ତରେ ଦକ୍ଷିଣ ଆଫ୍ରିକା ସରକାର କେବେ ଆଇନ୍ ପ୍ରଣୟନ କରିଥିଲେ ?

(i) ୧୮୯୪ (ii) ୧୯୦୬ (iii) ୧୯୦୮ (iv) ୧୯୧୩

(ଖ) ଚାଷୀମାନଙ୍କ ସମସ୍ୟାର ଅନୁଧ୍ୟାନ ପାଇଁ ୧୯୧୭ ଏପ୍ରିଲ୍‌ରେ ଗାନ୍ଧିଜୀ କେଉଁଠାରେ ପହଞ୍ଚିଲେ ?

(i) ଖେଡ଼ା (ii) ମୋତିହାରି (iii) ଅହମ୍ମଦାବାଦ (iv) ଅମୃତସର

(ଗ) ଖେଡ଼ା ଆନ୍ଦୋଳନର ସଫଳତାରେ ପ୍ରଭାବିତ କିଏ ଗାନ୍ଧିଜୀଙ୍କର ଜଣେ ପ୍ରଧାନ ଅନୁଗାମୀ ହୋଇଥିଲେ ?

(i) ରାଜକୁମାର ଶୁକ୍ଳ (ii) ରାଜେନ୍ଦ୍ର ପ୍ରସାଦ (iii) ବଲ୍ଲଭଭାଇ ପଟେଲ (iv) ଇନ୍ଦୁଲାଲ୍ ଯାଜ୍ଞିକ୍

(ଘ) ରାଓଲାଟ୍ ଆଇନ୍ କେବେ ଗୃହୀତ ହୋଇଥିଲା ?

(i) ୧୯୧୯ ମାର୍ଚ୍ଚ ୧୮ (ii) ୧୯୧୯ ଏପ୍ରିଲ୍ ୬

(iii) ୧୯୧୯ ଏପ୍ରିଲ୍ ୧୦ (iv) ୧୯୧୯ ଏପ୍ରିଲ୍ ୧୩

(ଙ) ଜାଲିଆନାୱାଲାବାଗ୍ କେଉଁଠାରେ ଅବସ୍ଥିତ ?

(i) ମୁମ୍ବାଇ (ii) ଅହମ୍ମଦାବାଦ (iii) ଅମୃତସର (iv) ଲାହୋର

**୫. ପାଠରେ ଦିଆଯାଇଥିବା "ତୁମପାଇଁ କାମ"ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖❖❖

## ଦ୍ୱିତୀୟ ପାଠ

# ଭାରତରେ ଅସହଯୋଗ ଆନ୍ଦୋଳନ ଓ ଓଡ଼ିଶାରେ ଏହାର ପ୍ରଭାବ


### ଭାରତରେ ଅସହଯୋଗ ଆନ୍ଦୋଳନ :

#### ଖିଲାଫତ୍ ଆନ୍ଦୋଳନ :

ପ୍ରଥମ ବିଶ୍ୱଯୁଦ୍ଧରେ ତୁର୍କୀ ମିତ୍ରଶକ୍ତି ବିରୋଧରେ ଯୁଦ୍ଧ କରିଥିଲା । ଯୁଦ୍ଧ ସମୟରେ ତୁର୍କୀ ସାମ୍ରାଜ୍ୟକୁ ବିଭାଜିତ କରି ଦିଆଗଲା । ତୁର୍କୀ ପ୍ରତି ଏତାଦୃଶ ବ୍ୟବହାର ଭାରତର ମୁସଲମାନମାନଙ୍କୁ ବ୍ୟଥିତ ଓ କ୍ରୋଧାନ୍ୱିତ କରିଥିଲା । ତୁର୍କୀର ସୁଲତାନ ଥିଲେ ମୁସଲମାନମାନଙ୍କ ଧର୍ମଗୁରୁ ବା ଖଲିଫା । ତେଣୁ ସେମାନେ ସୁଲତାନ୍‌ଙ୍କୁ ସମର୍ଥନ ଜଣାଇ ତାଙ୍କର କ୍ଷମତା ହ୍ରାସ ବିରୋଧରେ ଦୁଇ ଅଲ୍ଲୀଭ୍ରାତା ସୌକତ ଅଲ୍ଲୀ ଓ ମହମ୍ମଦ ଅଲ୍ଲୀଙ୍କ ନେତୃତ୍ୱରେ ଖିଲାଫତ ଆନ୍ଦୋଳନ ଆରମ୍ଭ କଲେ । ଖଲିଫାଙ୍କୁ ସମର୍ଥନକରି ଏହି ଆନ୍ଦୋଳନ ହୋଇଥିବାରୁ ଏହକୁ ଖିଲାଫତ୍ ଆନ୍ଦୋଳନ କୁହାଯାଏ । ଆନ୍ଦୋଳନ ପରିଚାଳନା କରିବାପାଇଁ ଏକ ଖିଲାଫତ୍ କମିଟି ଗଠନ କରାଗଲା । ଏଥିରେ ଦୁଇ ଅଲ୍ଲୀଭ୍ରାତାଙ୍କ ବ୍ୟତୀତ ମୌଲାନା ଆବୁଲ କାଲାମ ଆଜାଦ୍, ହକିମ୍ ହଜ୍‌ମଲ୍ ଖାଁ ଓ ହସରତ୍ ମୋହାନୀ ସଦସ୍ୟ ରହିଲେ ।

> **ତୁମେ ଜାଣିଛ କି ?**
>
> ***ମୌଲାନା ଆବୁଲ କାଲାମ ଆଜାଦଙ୍କ ମୂଳ ନାମ ଥିଲା ମୋହିଉଦ୍ଦିନ୍ ଅହମ୍ମଦ । ସେ ଜଣେ ନେତୃ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ, ଭାରତୀୟ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଓ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଥିଲେ ଏବଂ "ଇଣ୍ଡିଆ ଉଇନ୍‌ସ ଫ୍ରିଡମ୍" ନାମକ ପୁସ୍ତକ ଲେଖିଥିଲେ । ୧୯୯୨ରେ ତାଙ୍କୁ ମରଣୋତ୍ତର 'ଭାରତ ରତ୍ନ' ସମ୍ମାନରେ ଭୂଷିତ କରାଯାଇଥିଲା ।***

ମହାତ୍ମାଗାନ୍ଧୀ ହିନ୍ଦୁ ଓ ମୁସଲମାନମାନଙ୍କୁ ଏକତ୍ର କରିବା ସହିତ ଜାତୀୟ ଆନ୍ଦୋଳନର ଭିତ୍ତିଭୂମିକୁ ଦୃଢ଼ କରିବା ପାଇଁ ଆନ୍ଦୋଳନକୁ ସମର୍ଥନ କଲେ । ୧୯୧୯ ନଭେମ୍ବରରେ ଗାନ୍ଧିଜୀ ନିଖିଳ ଭାରତ ଖିଲାଫତ ସମ୍ମିଳନୀର ସଭାପତି ଭାବେ ନିର୍ବାଚିତ ହେଲେ । ତୁର୍କୀର ସୁଲତାନଙ୍କ ଅଧୀନରେ ଯଥେଷ୍ଟ ଅଞ୍ଚଳ, ବିଶେଷ କରି ମୁସଲମାନମାନଙ୍କ ପବିତ୍ର



(ଅଲ୍ଲୀ ଭ୍ରାତା)

ସ୍ଥାନଗୁଡ଼ିକୁ ନ ରଖିଲେ ସରକାରଙ୍କୁ ବର୍ଜନ ଓ ଅସହଯୋଗ କରିବା ପାଇଁ ସମ୍ମିଳନୀରେ ନିଷ୍ପତ୍ତି ନିଆଗଲା ।

ଏହି ଧମକ ସତ୍ତ୍ୱେ ପ୍ରଥମ ବିଶ୍ୱଯୁଦ୍ଧ ପରେ ତୁର୍କୀ ଉପରେ ଲଦି ଦିଆଯାଇଥିବା 'ସେଭର୍ସ' ଚୁକ୍ତି ଦ୍ୱାରା ସୁଲତାନଙ୍କ ଅଧିକୃତ ଅନେକ ଅଞ୍ଚଳ ତାଙ୍କ ଅଧୀନରୁ କାଢ଼ି ନିଆଗଲା । ଗାନ୍ଧିଜୀଙ୍କ ପରାମର୍ଶ କ୍ରମେ ନିଖିଳ ଭାରତ ଖିଲାଫତ୍ କମିଟି ଅସହଯୋଗ କାର୍ଯ୍ୟକ୍ରମ ଗ୍ରହଣକରି ଆନ୍ଦୋଳନ ଆରମ୍ଭ କଲା । ୧୯୨୦ ଜୁନ୍ ୯ ତାରିଖରେ ଆଲ୍ଲାହାବାଦ ଠାରେ ଏକ ସର୍ବଦଳୀୟ ବୈଠକର ଆୟୋଜନ କରାଗଲା । ଏଠାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଖିଲାଫତ କମିଟି ଇଂରେଜ ସରକାରଙ୍କ ସହିତ ସମ୍ପର୍କ ଛିନ୍ନ କରିବା ପାଇଁ ନିଷ୍ପତ୍ତି ନେଲା । ମୁସ୍‌ଲିମ୍ ଲିଗ୍ ଓ ଭାରତୀୟ ଜାତୀୟ କଂଗ୍ରେସ୍ ଖିଲାଫତ୍ ଆନ୍ଦୋଳନକୁ ସମର୍ଥନ କରିଥିଲେ ।

> **ତୁମ ପାଇଁ କାମ**
>
> ***ଦୁଇ ଅଲ୍ଲୀ ଭ୍ରାତା, ହକିମ୍ ହଜ୍‌ମଲ୍ ଖାଁ ଓ ହସ୍‌ରତ୍ ମୋହାନୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ପ୍ରତ୍ୟେକଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।***

୧୯୨୦ ଅଗଷ୍ଟ ୧ ତାରିଖରେ ଆନୁଷ୍ଠାନିକ ଭାବେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଉକ୍ତ ଦିନ ପୂର୍ବାହ୍ଣରେ ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ୍‌ଙ୍କ ଦେହାନ୍ତ ହୋଇଥିଲା । ତିଲକ୍‌ଙ୍କ ବିୟୋଗ ଜନିତ ଶୋକ ପାଳନ ଓ ଆନ୍ଦୋଳନ ଆରମ୍ଭର ମିଶ୍ରିତ ପ୍ରତିକ୍ରିୟାରେ ସମଗ୍ର ଦେଶରେ ହରତାଳ ଓ ଶୋଭାଯାତ୍ରା ସଂଗଠିତ ହେଲା ।

ଅସହଯୋଗ ଆନ୍ଦୋଳନ ଇଂରେଜ ସରକାରଙ୍କ ବିରୋଧରେ ମହାତ୍ମାଗାନ୍ଧୀଙ୍କ ପରିଚାଳିତ ପ୍ରଥମ ଗଣ ଆନ୍ଦୋଳନ ଥିଲା । ଏହି ଆନ୍ଦୋଳନ ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଦୋହଲାଇ ଦେଇଥିଲା । ୧୯୧୯ ଖ୍ରୀଷ୍ଟାବ୍ଦରେ ରାଓଲାଟ୍ ଆଇନ, ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଭଳି ଅଭାବନୀୟ ଘଟଣା ଯୋଗୁଁ ଗାନ୍ଧିଜୀ ଇଂରେଜ ସରକାରଙ୍କ ନୈତିକତା ଉପରୁ ବିଶ୍ୱାସ ହରାଇଲେ । ସେ ଇଂରେଜ ସରକାରଙ୍କ ଠାରୁ ସବୁ ପ୍ରକାର ସହଯୋଗ ଛିନ୍ନ କରି ଶାନ୍ତିପୂର୍ଣ୍ଣ ଭାବେ ଅହିଂସା ଉପାୟରେ ଅସହଯୋଗ ଆନ୍ଦୋଳନର ଡାକରା ଦେଲେ । ଭାରତ ଶାସନ ଆଇନ୍ ୧୯୧୯ରେ ତ୍ରୁଟି, ଅମୃତସର ଘଟଣାର ତଦନ୍ତ ପାଇଁ ନିଯୁକ୍ତ ହଣ୍ଟର କମିଟିଙ୍କ ବିବରଣୀର ପକ୍ଷପାତିତା ତଥା ଭାରତର ମୁସଲମାନମାନଙ୍କ ଇଂରେଜ ବିରୋଧୀ ଖିଲାଫତ ଆନ୍ଦୋଳନ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନକୁ ସାକାର କରିବାରେ ସହାୟକ ହୋଇଥିଲା ।

### ଭାରତ ଶାସନ ଆଇନ୍ ୧୯୧୯ :

ଇଂଲଣ୍ଡର ବୈଦେଶିକ ସଚିବ ଏଡ଼ୱଇନ୍ ମଣ୍ଟେଗୁ ଓ ଭାରତର ଭାଇସ୍‌ରାୟ ଲର୍ଡ଼ ଚେମ୍‌ସ୍‌ଫୋର୍ଡଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସମ୍ବିଧାନ ସଂସ୍କାରଗୁଡ଼ିକ ୧୯୧୯ ଡିସେମ୍ବର ୨୩ ଠାରୁ "ଭାରତ ଶାସନ ଆଇନ ୧୯୧୯" ନାମରେ ପ୍ରଚଳିତ ହେଲା । ଏହି ଆଇନ୍‌କୁ ମଣ୍ଟେଗୁ-ଚେମ୍‌ସ୍‌ଫୋର୍ଡ ସଂସ୍କାର ମଧ୍ୟ କୁହାଯାଏ । ଏଥିରେ କେତେକ ତ୍ରୁଟି ରହିଥିଲା । ପ୍ରଥମତଃ ଭାଇସ୍‌ରାୟ ଓ ତାଙ୍କ କାର୍ଯ୍ୟକାରୀ ପରିଷଦ ଭାରତୀୟ ସଂସଦ ପରିବର୍ତ୍ତେ ବ୍ରିଟିଶ ମନ୍ତ୍ରିମଣ୍ଡଳ ନିକଟରେ ଉତ୍ତରଦାୟୀ ରହିଲେ; ଦ୍ୱିତୀୟତଃ ପ୍ରାଦେଶିକ ସ୍ତରରେ ଦ୍ୱୈତ ଶାସନ କ୍ଷମତା ବ୍ୟବସ୍ଥା ଅନୁଯାୟୀ ରାଜ୍ୟପାଳଙ୍କ ଅଧୀନରେ ରଖାଯାଇଥିବା ବିଭାଗଗୁଡ଼ିକ ଠାରୁ ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ବିଭାଗ ମନ୍ତ୍ରିମଣ୍ଡଳ ଅଧୀନରେ ରହିଲା; ତୃତୀୟତଃ କେନ୍ଦ୍ରୀୟ ଓ ପ୍ରାଦେଶିକ ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କର ପୂର୍ବରୁ ଥିବା ମୁସଲମାନ ସମ୍ପ୍ରଦାୟ ବ୍ୟତୀତ ଶିଖ୍ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟଭିତ୍ତିକ ନିର୍ବାଚନମଣ୍ଡଳୀ ଗଠିତ ହେଲା ଏବଂ ଚତୁର୍ଥତଃ ଭୋଟ ଦାନ ଅଧିକାରକୁ ଅଧିକ ସଙ୍କୁଚିତ କରାଗଲା । ଭାରତୀୟ ଜାତୀୟ କଂଗ୍ରେସ ଏହି ସଂସ୍କାରଗୁଡ଼ିକ ଯଥେଷ୍ଟ ବା ସନ୍ତୋଷଜନକ ନୁହେଁ ବୋଲି ଘୋଷଣା କରି ତା ପରିବର୍ତ୍ତେ ଏକ ଶକ୍ତିଶାଳୀ ସ୍ୱରାଜ୍ୟ ପାଇଁ ଦାବି କଲେ ।

### ହଣ୍ଟର କମିଟି ରିପୋର୍ଟ :

ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପରେ ଏକ ସରକାରୀ ତଦନ୍ତ ପାଇଁ ଦାବି ହେବାରୁ ସରକାର ୧୯୧୯ ଅକ୍ଟୋବର ୧୪ରେ ଲର୍ଡ ହଣ୍ଟରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲେ । କିନ୍ତୁ ଦେଖାଗଲା ଯେ ଏହି କମିଟି ଗଠନ କେବଳ ଏକ ଧୂଆଁବାଣ ଥିଲା । ପ୍ରକୃତରେ ବ୍ରିଟିଶ୍ ଲର୍ଡସ୍ ସଭା ଜେନେରାଲ ଡାୟାରଙ୍କ କାର୍ଯ୍ୟକୁ ଅନୁମୋଦନ କରିଥିଲା ଏବଂ ତାଙ୍କ ପାଇଁ ବ୍ରିଟିଶ୍ ଜନସାଧାରଣ ତିରିଶ ହଜାର ପାଉଣ୍ଡ ସଂଗ୍ରହ କରିଥିଲେ । ଏହା ଜାଣିବା ପରେ ଭାରତୀୟମାନେ ଅତ୍ୟନ୍ତ କ୍ଷୁବ୍ଧ ହେଲେ ।

୧୯୨୦ ମସିହା ସେପ୍ଟେମ୍ବର ୪ ରୁ ୯ ତାରିଖ ପର୍ଯ୍ୟନ୍ତ କଲିକତା ଠାରେ କଂଗ୍ରେସର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଗାନ୍ଧିଜୀଙ୍କ ଅସହଯୋଗ ପ୍ରସ୍ତାବ କଂଗ୍ରେସ ଦ୍ୱାରା ତା'ର ନିଷ୍ପତ୍ତିଭାବେ ଗୃହୀତ ହେଇଥିଲା । ୧୯୨୦ ଡିସେମ୍ବର ମାସରେ ନାଗପୁରଠାରେ ଅନୁଷ୍ଠିତ କଂଗ୍ରେସର ବାର୍ଷିକ ଅଧିବେଶନରେ ଏହା ଅନୁମୋଦିତ ହୋଇଥିଲା ଏବଂ ଗାନ୍ଧିଜୀଙ୍କ ବଳିଷ୍ଠ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଚାଲୁ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

### ଅସହଯୋଗ ଆନ୍ଦୋଳନର କାର୍ଯ୍ୟକ୍ରମ :

ଇଂରେଜ ଅନୁଷ୍ଠାନ ଓ ବିଦେଶୀ ଦ୍ରବ୍ୟ ବର୍ଜନ ଥିଲା ଅସହଯୋଗ ଆନ୍ଦୋଳନର ମୂଳ ନୀତି । ପ୍ରଥମ ପର୍ଯ୍ୟାୟରେ ଇଂରେଜ ସରକାରଙ୍କୁ ଅଚଳ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ଗୁଡ଼ିକ ଗ୍ରହଣ କରାଯାଇଥିଲା ।

୧. ୧୯୧୯ ମସିହାର ଭାରତ ଶାସନ ଆଇନ୍ ଅନୁଯାୟୀ ଅନୁଷ୍ଠିତ ହେବାକୁଥିବା ନିର୍ବାଚନ ଏବଂ ସରକାରୀ ଉତ୍ସବ ବର୍ଜନ।

୨. ସମସ୍ତ ପ୍ରକାର ସରକାରୀ ଉପାଧି ଫେରସ୍ତ ଓ ସରକାରୀ ପଦବୀରୁ ଇସ୍ତଫା।

୩. ଆଇନଜୀବୀଙ୍କ ଦ୍ୱାରା ବିଚାରାଳୟ ବର୍ଜନ ଏବଂ ଛାତ୍ରମାନଙ୍କ ଦ୍ୱାରା ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବର୍ଜନ।

୪. ବିଦେଶୀ ଦ୍ରବ୍ୟ ତଥା ବିଦେଶୀ ଲୁଗା ବର୍ଜନ।

ଏହା ବ୍ୟତୀତ କେତେକ ଗଠନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବାପାଇଁ ସ୍ଥିର କରାଯାଇଥିଲା। ସେଗୁଡ଼ିକ ହେଲା ଖଦୀ ଓ ଗ୍ରାମୋଦ୍ୟୋଗର ପ୍ରସାର, ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଏକତା ସୃଷ୍ଟି, ଅସ୍ପୃଶ୍ୟତା ନିରାକରଣ ଓ ଜାତୀୟ ଶିକ୍ଷାନୁଷ୍ଠାନ ସ୍ଥାପନ।

**ତୁମ ପାଇଁ କାମ**

*ଅସହଯୋଗ ଆନ୍ଦୋଳନ ସମୟରେ ଜାତୀୟ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯାଇଥିବା ସ୍ଥାନମାନଙ୍କର ଏକ ତାଲିକା ପ୍ରସ୍ତୁତ କର।*

ଅଳ୍ପ ସମୟ ମଧରେ ଏହି ଆନ୍ଦୋଳନର ବହ୍ନି ସମଗ୍ର ଭାରତରେ ବିସ୍ତାର ଲାଭକଲା। ସାଧାରଣ ଜନତା ପ୍ରଥମ ଥରପାଇଁ ବହୁ ସଂଖ୍ୟାରେ ଏହି ଆନ୍ଦୋଳନରେ ଯୋଗଦାନ କଲେ। ଗାନ୍ଧିଜୀଙ୍କ ଡାକରାରେ ମୋତିଲାଲ ନେହେରୁ ଓ ଚିତ୍ତରଞ୍ଜନ ଦାସଙ୍କ ପରି ଖ୍ୟାତନାମା ବାରିଷ୍ଟର ଆଇନ ବ୍ୟବସାୟ ତ୍ୟାଗ କଲେ। ବହୁ ବିଶିଷ୍ଟ ବ୍ୟକ୍ତି ସରକାରୀ ଚାକିରିରୁ ଇସ୍ତଫା ଦେଲେ। ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ବଲ୍ଲଭଭାଇ ପଟେଲ, ଜବାହରଲାଲ ନେହେରୁ, ସୁଭାଷ ଚନ୍ଦ୍ର ବୋଷ ଓ ଗୋପବନ୍ଧୁ ଦାସଙ୍କ ଭଳି ବହୁ ବ୍ୟକ୍ତି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ। ବହୁ ସଂଖ୍ୟାରେ ଲୋକ କାରାବରଣ କଲେ। ଏହି ସମୟରେ ଏକ ଉଲ୍ଲେଖନୀୟ କାର୍ଯ୍ୟଥିଲା 'ତିଳକ ସ୍ୱରାଜ ପାଣ୍ଠି' ଗଠନ। ଆନ୍ଦୋଳନକୁ ଅର୍ଥ ଯୋଗାଇବା ପାଇଁ ଏହି ପାଣ୍ଠିକୁ ଜନସାଧାରଣ ମୁକ୍ତ ହସ୍ତରେ ଦାନ କଲେ ଏବଂ ଏହାଫଳରେ ଅଳ୍ପଦିନ ମଧ୍ୟରେ ଏଥିରେ ଏକ କୋଟି ଟଙ୍କା ଜମାହୋଇଗଲା।



(ଚିତ୍ତରଞ୍ଜନ ଦାସ)

**ତୁମେ ଜାଣିଛ କି ?**

*ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କ ସ୍ମୃତିରେ 'ତିଳକ ସ୍ୱରାଜ ପାଣ୍ଠି' ଗଠିତ ହୋଇଥିଲା।*

ଏହି ସମୟରେ ସତ୍ୟାଗ୍ରହୀମାନଙ୍କ ଦ୍ୱାରା ୱେଲ୍‌ସ୍‌ର ଯୁବରାଜଙ୍କ ଭାରତ ପରିଦର୍ଶନକୁ ବାସନ୍ଦ କରାଯାଇଥିଲା। ସରକାରଙ୍କ ସହିତ ଜନସାଧାରଣଙ୍କ ଅସହଯୋଗ ଇଂରେଜ ମୂଳଦୁଆକୁ ଦୋହଲାଇ ଦେଲା। ୧୯୨୧ ଖ୍ରୀଷ୍ଟାବ୍ଦ ଡିସେମ୍ବର ମାସରେ କଂଗ୍ରେସର ଅହମ୍ମଦାବାଦ ବାର୍ଷିକ ଅଧିବେଶନରେ ଅସହଯୋଗ ଆନ୍ଦୋଳନ ଚାଲୁରଖିବା ନିମନ୍ତେ ନିଷ୍ପତ୍ତି ନିଆଗଲା। ଅସହଯୋଗ ଆନ୍ଦୋଳନର ବ୍ୟାପକତା ଇଂରେଜ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି କଲା। ତେଣୁ ସରକାର ଏହାକୁ ଦମନ କରିବାକୁ ବହୁ ଚେଷ୍ଟା କଲେ। ଗାନ୍ଧିଜୀଙ୍କୁ ଛାଡ଼ି ଅନେକ ବିଶିଷ୍ଟ ଲୋକମାନଙ୍କୁ କାରା ଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଗାନ୍ଧିଜୀ ଇଂରେଜ ସରକାରଙ୍କୁ ୧୯୨୨ ଫେବୃୟାରୀ ୧ ତାରିଖରେ ଚେତାବନୀ ଦେଲେ ଯେ ସାତଦିନ ଭିତରେ ସମସ୍ତ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରାନଗଲେ ଓ ସମ୍ବାଦପତ୍ରକୁ ପୂର୍ଣ୍ଣ ସ୍ୱାଧୀନତା ଦିଆନଗଲେ ସେ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବେ। କିନ୍ତୁ ଗାନ୍ଧିଜୀଙ୍କ ଚେତାବନୀ କାର୍ଯ୍ୟକାରୀ ହେବା ପୂର୍ବରୁ ଏକ ଅଭାବନୀୟ ଘଟଣା ଘଟିଥିଲା। ୧୯୨୨ ଫେବୃୟାରୀ ୫ ତାରିଖରେ ଉତ୍ତର ପ୍ରଦେଶର ଗୋରଖପୁର ଅଞ୍ଚଳସ୍ଥିତ ଚୌରିଚୌରା ନାମକ


ସ୍ଥାନରେ ଉତ୍ତେଜିତ ଆନ୍ଦୋଳନକାରୀମାନେ ଏକ ପୋଲିସ୍ ଷ୍ଟେସନରେ ନିଆଁ ଲଗାଇ ଦେଲେ। ଏହା ଫଳରେ ୨୨ ଜଣ ପୋଲିସ କର୍ମଚାରୀ ଜୀବନ୍ତ ଦଗ୍ଧ ହୋଇଥିଲେ। ଏହି ହିଂସାତ୍ମକ ଘଟଣା ଗାନ୍ଧିଜୀଙ୍କୁ ବହୁତ ବ୍ୟଥିତ କଲା ଏବଂ ସେ ଅନୁଭବ କଲେ ଯେ ଭାରତୀୟମାନେ ଅହିଂସା ଉପାୟରେ ଆନ୍ଦୋଳନ କରିବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇନଥିଲେ। ତେଣୁ ସେ କାହା ସହିତ ପରାମର୍ଶ ନ କରି ଅସହଯୋଗ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ଘୋଷଣା କଲେ। ଫେବୃୟାରୀ ୧୨ ତାରିଖରେ ବର୍ଦ୍ଦୋଲି ଠାରେ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଆନ୍ଦୋଳନ ସ୍ଥଗିତ ଘୋଷଣା ଅନୁମୋଦିତ ହେଲା। ଏହି ଅପ୍ରତ୍ୟାଶିତ ନିଷ୍ପତ୍ତି ଅନ୍ୟ କଂଗ୍ରେସ ନେତାମାନଙ୍କୁ ସ୍ତବ୍ଧ କରିଥିଲା। ସୁଭାଷ ଚନ୍ଦ୍ର ବୋଷ ଅସହଯୋଗ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତିକୁ ଏକ ଜାତୀୟ ବିପର୍ଯ୍ୟୟ ଭାବରେ ବର୍ଣ୍ଣନ କରିଥିଲେ।

**ଫଳାଫଳ :**

୧୯୨୨ ମାର୍ଚ୍ଚ ୧୦ ତାରିଖରେ ଗାନ୍ଧିଜୀଙ୍କୁ ଗିରଫକରାଯାଇ ୬ ବର୍ଷ ଜେଲ ଦଣ୍ଡ ଦିଆଯାଇଥିଲା। ଏହି ଆନ୍ଦୋଳନ ସ୍ଥଗିତ ହୋଇଥିଲା ସତ କିନ୍ତୁ ଆନ୍ଦୋଳନର ପ୍ରଭାବ ସୁଦୂରପ୍ରସାରୀ ଥିଲା। ପ୍ରଥମ ଥର ପାଇଁ ଇଂରେଜ ସରକାର ବିରୋଧୀ ଆନ୍ଦୋଳନ ସଂଗଠିତ ଭାବେ ପରିଚାଳିତ ହୋଇଥିଲା ଏବଂ ଭବିଷ୍ୟତ ବିପ୍ଳବ ପାଇଁ ଭାରତବାସୀଙ୍କୁ ଉତ୍ସାହିତ କରିଥିଲା। ପ୍ରଥମ ଥର ପାଇଁ କଂଗ୍ରେସ ଆନ୍ଦୋଳନ ଜନ ଆନ୍ଦୋଳନରୁ ଗଣ ଆନ୍ଦୋଳନରେ ପରିଣତ ହୋଇ ପାରିଥିଲା। ୧୯୨୨ ରେ ମୁସ୍ତାଫା କମାଲ ପାଶାଙ୍କ ନେତୃତ୍ୱରେ ତୁର୍କୀରେ ସାଧାରଣତନ୍ତ୍ର ପ୍ରତିଷ୍ଠିତ ହେବା ଦ୍ୱାରା ସେଠାରେ ଖଲିଫା ବ୍ୟବସ୍ଥାର ଉଚ୍ଛେଦ ହେଲା। ଫଳରେ ଖିଲାଫତ ଆନ୍ଦୋଳନର ଯୌକ୍ତିକତା ରହିଲା ନାହିଁ। ଅସହଯୋଗ ଆନ୍ଦୋଳନ ସ୍ଥଗିତ ରଖାଯିବାପରେ ଭାରତରେ ଖିଲାଫତ ଆନ୍ଦୋଳନର ମଧ୍ୟ ଅବସାନ ଘଟିଲା। ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଶକ୍ତ ଧକ୍କାକୁ ଇଂରେଜ ସରକାର ବରଦାସ୍ତ କରିଥିଲା ସତ ମାତ୍ର ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ସଂକଳ୍ପବଦ୍ଧ ଭାରତୀୟମାନଙ୍କର ସମ୍ମୁଖୀନ ହେବାଯୋଗୁଁ ଇଂରେଜ ସରକାରକୁ ବହୁ କଷ୍ଟ ସହିବାକୁ ପଡ଼ିଥିଲା।

## ୨. ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ପ୍ରଭାବ :

ସମଗ୍ର ଭାରତରେ ଅସହଯୋଗ ଆନ୍ଦୋଳନ ଚାଲିଥିଲାବେଳେ ଓଡ଼ିଶା ଏହି ମହାସ୍ରୋତରୁ ବାଦ୍ ପଡ଼ିନଥିଲା। ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀ, ଭାଗୀରଥି ମହାପାତ୍ର, ନିରଞ୍ଜନ ପଟ୍ଟନାୟକ, ଯଦୁମଣି ମଙ୍ଗରାଜ, ହରେକୃଷ୍ଣ ମହତାବ ଆଦି ନେତାମାନେ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିଥିଲେ। ଗାନ୍ଧିଜୀଙ୍କର ଓଡ଼ିଶାକୁ ଆଗମନ ଏହି ଆନ୍ଦୋଳନର ଗତିକୁ କ୍ଷିପ୍ରତର କରିଥିଲା।



(ଗୋପବନ୍ଧୁ ଦାସ)

୧୯୨୦ ଡିସେମ୍ବରରେ ନାଗପୁରର କଂଗ୍ରେସ ଅଧିବେଶନରେ ଓଡ଼ିଶାର ୩୫ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅଧିବେଶନରୁ ଫେରି ଗୋପବନ୍ଧୁ ଦାସ ୧୯୨୧ ଜାନୁୟାରୀ ୨୪ରେ କଟକରେ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଏବଂ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ସଂଗଠିତ କରିଥିଲେ । ୧୯୨୧ ମାର୍ଚ୍ଚରେ ତାଙ୍କ ଉଦ୍ୟମରେ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହୋଇଥିଲା। ସେ ହୋଇଥିଲେ ଏହାର ପ୍ରଥମ ସଭାପତି ଏବଂ ଏହି କମିଟିର ସମ୍ପାଦକ ଥିଲେ ଭାଗୀରଥି ମହାପାତ୍ର ।

ଅସହଯୋଗ ଆନ୍ଦୋଳନକୁ ଓଡ଼ିଶାରେ ଲୋକାଭିମୁଖୀ କରାଇବା ନିମନ୍ତେ ୧୯୨୧ରେ ମହାତ୍ମାଗାନ୍ଧୀ ଓଡ଼ିଶା ଆସିଥିଲେ ୧୯୨୧ ମାର୍ଚ୍ଚ ୨୩ରେ ସେ କଟକଠାରେ ବିଶାଳ ଜନସମାବେଶକୁ ଉଦ୍‌ବୋଧନ ଦେଇଥିଲେ। ଗାନ୍ଧିଜୀଙ୍କର ଉଦ୍‌ବୋଧନରେ ଅନୁପ୍ରାଣିତ ହୋଇ ରମାଦେବୀଙ୍କ ସମେତ ବହୁ ନାରୀ ସେମାନଙ୍କର ଅଳଙ୍କାର ସାମଗ୍ରୀ 'ତିଳକ ସ୍ୱରାଜ ପାଣ୍ଠି'କୁ ଦାନ କରିଥିଲେ। ଏହାପରେ ଗାନ୍ଧୀ ଭଦ୍ରକ, ପୁରୀ ଓ ବ୍ରହ୍ମପୁର ଠାରେ ଉଦ୍‌ବୋଧନ ଦେଇ ଓଡ଼ିଶାବାସୀଙ୍କ ମନରେ ଜାତୀୟ ଉନ୍ମାଦନା ସୃଷ୍ଟି କରିଥିଲେ। ଖଦୀର ବ୍ୟବହାର, ଚରଖାର ପ୍ରଚଳନ ଏବଂ ସ୍ୱଦେଶୀ ଦ୍ରବ୍ୟ ପ୍ରତି ଆଗ୍ରହ ଉପରେ ସେ ଗୁରୁତ୍ୱ ଦେଇଥିଲେ।

**ତୁମ ପାଇଁ କାମ**

***ଗୋପବନ୍ଧୁଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟ ଯେଉଁ ନେତାମାନେ କଂଗ୍ରେସର ନାଗପୁର ଅଧିବେଶନରେ ଯୋଗ ଦେଇଥିଲେ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କର।***

## କାର୍ଯ୍ୟକ୍ରମ :

ଓଡ଼ିଶାରେ ଅସହଯୋଗ ଆନ୍ଦୋଳନକୁ ସଫଳ କରିବା ପାଇଁ ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ସେଥିରେ ଅନ୍ତର୍ଭୁକ୍ତ ଥିଲା :

୧. ବ୍ରିଟିଶ ଦ୍ରବ୍ୟ, କୋର୍ଟ କଚେରୀ ଓ ଶିକ୍ଷାନୁଷ୍ଠାନ ବର୍ଜନ ।

୨. ଖଦୀର ବ୍ୟବହାର ଓ ଚରଖାର ପ୍ରଚଳନ ।

୩. ହିନ୍ଦୁ ମୁସଲମାନ ଏକତା ।

୪. ଅସ୍ପୃଶ୍ୟତା ନିରାକରଣ ଓ ନିଶା ନିବାରଣ ।

୫. ଜାତୀୟ ଶିକ୍ଷାର ପ୍ରଚଳନ।

## ଅଗ୍ରଗତି :

୧୯୨୧ ଅଗଷ୍ଟ ୩ ତାରିଖରେ ପୁରୀଠାରେ ବିଦେଶୀ ବସ୍ତ୍ର ଗୁଡ଼ିକରେ ଅଗ୍ନି ସଂଯୋଗ କରାଯାଇଥିଲା। ଅଗଷ୍ଟ ୧୧ ଓ ୧୪ ତାରିଖରେ କଟକ ଠାରେ ଜନସାଧାରଣ ବିଦେଶୀ ଲୁଗା ପୋଡ଼ି ଦେଇଥିଲେ। କଲିକତାରେ ଲୁଗାକଳରେ କାମ କରୁଥିବା ଓଡ଼ିଆ ଶ୍ରମିକମାନେ ଦୋକାନ ଗୁଡ଼ିକୁ ବିଦେଶୀ ଲୁଗାପେଟି ଦେବାକୁ ମନାକରି ଦେଇଥିଲେ। ସତ୍ୟାଗ୍ରହୀମାନେ ବିଦେଶୀ ଦୋକାନ ଆଗରେ ଧାରଣା ଦେଇ ମଦ ବିକ୍ରି ବନ୍ଦ କରି ଦେଇଥିଲେ। ବହୁ ବିଶିଷ୍ଟ ଓଡ଼ିଆ ବ୍ୟକ୍ତି ତାଙ୍କର ପଦପଦବୀ ତ୍ୟାଗକରି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ଗୋପବନ୍ଧୁ ଚୌଧୁରୀ, ନୀଳକଣ୍ଠ ଦାସ, ଲିଙ୍ଗରାଜ ମିଶ୍ର, ମୁକୁନ୍ଦ ପ୍ରସାଦ ଦାସ, ସୁରେନ୍ଦ୍ରନାଥ ଦାସ, ମହମ୍ମଦ ହନିଫ୍, ଚନ୍ଦ୍ରଶେଖର ବେହେରା ଓ ଶ୍ରୀବତ୍ସ ପଣ୍ଡା ଆଦି ସେମାନଙ୍କ ଚାକିରି ତ୍ୟାଗ କରିଥିଲେ। ଗୋପବନ୍ଧୁ ଦାସ, ଜଗବନ୍ଧୁ ସିଂହ, ବିଶ୍ୱନାଥ ଦାସ, ନଟବର ଗଡ଼ତିଆ, ରାମନାରାୟଣ ମିଶ୍ର, ଭାଗୀରଥି ମହାପାତ୍ର, ଅଚ୍ୟୁତାନନ୍ଦ ପୁରୋହିତ ଓ ମହେନ୍ଦ୍ର ବର୍ମା ସେମାନଙ୍କର ଓକିଲାତି ବୃତ୍ତି ତ୍ୟାଗ କରିଥିଲେ। ବାଲେଶ୍ୱର, ଭଦ୍ରକ, ତିର୍ତ୍ତୋଲ ଏବଂ ପୁରୀ ଠାରେ ଘରୋଇ ନ୍ୟାୟାଳୟ ପ୍ରତିଷ୍ଠାକରି ଏହା ମାଧ୍ୟମରେ ଲୋକମାନଙ୍କୁ ନ୍ୟାୟ ଦେବାକୁ ବ୍ୟବସ୍ଥା କରାଯାଇଥିଲା। ସମ୍ବଲପୁର, କଟକ, ବାଲେଶ୍ୱର, ପୁରୀ ଆଦି ସ୍ଥାନରେ ଅନେକ ଛାତ୍ର ସରକାରୀ ସ୍କୁଲ କଲେଜ ପରିତ୍ୟାଗ କରି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ।

ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ରାଜକୃଷ୍ଣ ବୋଷ ଆଦି ଯୁବକମାନେ କଲେଜ ତ୍ୟାଗ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ରାଜକୃଷ୍ଣ ବୋଷ କଟକ ମେଡିକାଲ ସ୍କୁଲ ତ୍ୟାଗ କରିଥିଲେ। ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ବଲପୁର ଜିଲ୍ଲା ସ୍କୁଲର ଅନେକ ଛାତ୍ର ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ।

**ତୁମେ ଜାଣିଛ କି ?**

***ବାଲେଶ୍ୱରରେ ଗୌର ମୋହନ ଦାସ ଓ ଭଦ୍ରକରେ ବାଞ୍ଛାନିଧି ମହାନ୍ତି ଘରୋଇ ନ୍ୟାୟାଳୟ ପ୍ରତିଷ୍ଠା କରିଥିଲେ।***


ଛାତ୍ରମାନଙ୍କୁ ଜାତୀୟତାବାଦୀ ଶିକ୍ଷା ଦେବା ନିମନ୍ତେ ସାକ୍ଷୀଗୋପାଳଠାରେ ଗୋପବନ୍ଧୁ ଦାସଙ୍କ ଦ୍ୱାରା ୧୯୧୯ରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏହା ଏକ ଜାତୀୟ ବିଦ୍ୟାଳୟରେ ପରିଣତ ହେଲା।

ଜାତୀୟତାବାଦୀ ଶିକ୍ଷା ଦାନରେ ଏହି ଅନୁଷ୍ଠାନ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲା । କଟକଠାରେ ଉତ୍କଳ ସ୍ୱରାଜ୍ୟ ଶିକ୍ଷା ପରିଷଦ ସ୍ଥାପିତ ହୋଇଥିଲା । ବିଭିନ୍ନ ସ୍ଥାନରେ ଜାତୀୟ ବିଦ୍ୟାଳୟମାନ ପ୍ରତିଷ୍ଠିତ ହୋଇ ପାରମ୍ପରିକ ଶିକ୍ଷା ସହିତ ସୂତାକଟା, ଲୁଗାବୁଣିବା ଆଦି ଆତ୍ମନିର୍ଭରଶୀଳ ବିଷୟଗୁଡ଼ିକ ଉପରେ ଶିକ୍ଷା ଦିଆଯାଉଥିଲା ।

ସ୍ୱେଚ୍ଛାସେବୀ ଓ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ କଟକରେ 'ସ୍ୱରାଜ ଆଶ୍ରମ' ଓ ଜଗତ୍‌ସିଂହପୁରରେ 'ଅଳକା ଆଶ୍ରମ' ପ୍ରତିଷ୍ଠା କରାଯାଇଥିଲା । କଟକରେ ଛାତ୍ରମାନଙ୍କ ଦ୍ୱାରା 'ସ୍ୱରାଜ୍ୟ ସେବକ ସଂଘ' ଗଠିତ ହୋଇଥିଲା । ବାଲେଶ୍ୱରରେ ହରେକୃଷ୍ଣ ମହାତାବଙ୍କ ନେତୃତ୍ୱରେ ପ୍ରତିଷ୍ଠିତ 'ସ୍ୱରାଜ ମନ୍ଦିର' ଅସହଯୋଗ ଆନ୍ଦୋଳନର କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରିଥିଲା । ଏହି ଅନୁଷ୍ଠାନ ତରଫରୁ 'ସ୍ୱରାଜ୍ୟ ସମାଚାର' ନାମକ ପତ୍ରିକା ପ୍ରକାଶିତ ହୋଇଥିଲା । କେବଳ ଜାତୀୟତାବାଦୀ ସମ୍ବାଦପତ୍ର ପଢ଼ିବାପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଯାଇଥିଲା । ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସମ୍ବାଦପତ୍ର "ସମାଜ" ଜାତୀୟ ଚେତନା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

## ସରକାରଙ୍କ ଦମନ ଲୀଳା :

ଓଡ଼ିଶାରେ ଆନ୍ଦୋଳନକୁ ଦମନ କରିବା ନିମନ୍ତେ ଇଂରେଜ ସରକାର ଜନସାଧାରଣଙ୍କ ଉପରେ ଲାଠି ଚାଳନା, ବେତ୍ରାଘାତ ଆଦି ଉପାୟ ଅବଲମ୍ବନ କରିଥିଲେ । ତାହାଛଡ଼ା ସରକାର ଶହ ଶହ ସତ୍ୟାଗ୍ରହୀ ମାନଙ୍କୁ କାରାରୁଦ୍ଧ କଲେ । ସେମାନଙ୍କ ମଧ୍ୟରେ ହରେକୃଷ୍ଣ ମହତାବ, ମଥୁରାମୋହନ ବେହେରା, କମରୁଦ୍ଦିନ ହକ୍, ବାଞ୍ଛାନିଧି ମହାନ୍ତି ଓ ବଳରାମ ଦାସ ପ୍ରଭୃତି ମୁଖ୍ୟ ଥିଲେ । 'ସମାଜ' ସମ୍ବାଦ ପତ୍ରରେ 'ସତ୍ୟ ହେଲେ ସାଂଘାତିକ' ସ୍ତମ୍ଭରେ ସରକାରୀ ବିରୋଧୀ ଲେଖା ନିମନ୍ତେ ଗୋପବନ୍ଧୁ ଦାସଙ୍କୁ ଏକମାସ ଜେଲ ଭୋଗିବାକୁ ପଡ଼ିଥିଲା । 'ସ୍ୱରାଜ ସଙ୍ଗୀତ' ନାମକ ପ୍ରାଚୀର ପତ୍ର ଛାପି ଥିବାରୁ ସମ୍ବଲପୁରର ମିଶ୍ର ପ୍ରେସକୁ ୨୫ ଟଙ୍କା ଜୋରିମାନା ହୋଇଥିଲା । ଚୌରିଚୌରା ଘଟଣାରେ ମର୍ମାହତ ହୋଇ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନକୁ ସ୍ଥଗିତକରି ଦେଇଥିବାରୁ ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଧିରେ ଧିରେ ବନ୍ଦ ହୋଇ ଯାଇଥିଲା । କିନ୍ତୁ ଅସହଯୋଗ ଆନ୍ଦୋଳନ ଜନସ୍ରୋତରେ ଭାସିଯାଇ କନିକାର ପ୍ରଜାମାନେ ବିଦ୍ରୋହ କରିଥିଲେ । କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏହାକୁ ଦମନ କରିବାକୁ ଇଂରେଜ ସରକାରଙ୍କର ସାହାଯ୍ୟ ନେଇଥିଲେ । ଫଳସ୍ୱରୂପ ଗୁଳିଚାଳନା ଯୋଗୁଁ ଦୁଇ ଜଣ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ । 'ସମାଜ' ଓ 'ଉତ୍କଳ ଦୀପିକା' ମାଧ୍ୟମରେ କନିକା




(୧୯୨୦ର ସମାଜ)

ଅତ୍ୟାଚାର ଲୋକଲୋଚନକୁ ଆସିଥିଲା । ଏହିଠାରେ ଆଇନ ଅମାନ୍ୟ କରିଥିବା ଅଭିଯୋଗରେ ଗୋପବନ୍ଧୁ ଦାସ ଓ ଭାଗୀରଥି ମହାପାତ୍ରଙ୍କୁ ଗିରଫ କରି ହଜାରିବାଗ ଜେଲକୁ ପଠାଯାଇଥିଲା ।

ଅସହଯୋଗ ଆନ୍ଦୋଳନର ବାର୍ତ୍ତା ଓଡ଼ିଶାର କୋଣ ଅନୁକୋଣରେ ପ୍ରତିଫଳିତ ହୋଇଥିଲା । ମହାତ୍ମାଗାନ୍ଧୀ ସ୍ୱାଧୀନତା ସଂଗ୍ରାମକୁ ଲୋକାଭିମୁଖୀ କରାଇ ଏଥିରେ ନୈତିକତା ଓ ନିଷ୍ଠାପରତାର ବୀଜ ବପନ କରିଥିଲେ ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଖିଲାଫତ୍ ଆନ୍ଦୋଳନ କାହିଁକି ହୋଇଥିଲା ଏବଂ ଏହାର ପରିଚାଳନା ପାଇଁ ଗଠିତ କମିଟିରେ କେଉଁମାନେ ସଦସ୍ୟ ରହିଥିଲେ ?

(ଖ) ଖିଲାଫତ୍ ଆନ୍ଦୋଳନରେ ଗାନ୍ଧିଜୀଙ୍କ ଭୂମିକା ଆଲୋଚନା କର ।

(ଗ) ଅସହଯୋଗ ଆନ୍ଦୋଳନର କାର୍ଯ୍ୟକ୍ରମ କ'ଣ ଥିଲା ?

(ଘ) ଅସହଯୋଗ ଆନ୍ଦୋଳନର ଫଳାଫଳ କ'ଣ ହେଲା ?

(ଙ) ଅସହଯୋଗ ଆନ୍ଦୋଳନ ସମୟରେ ଗାନ୍ଧିଜୀଙ୍କ ଓଡ଼ିଶା ପରିଦର୍ଶନର ଏକ ବିବରଣୀ ଦିଅ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ ।**

(କ) ଅସହଯୋଗ ଆନ୍ଦୋଳନ କେବେ ଓ କିପରି ଆରମ୍ଭ ହୋଇଥିଲା ?

(ଖ) କେଉଁ ଘଟଣାଗୁଡ଼ିକ ଅସହଯୋଗ ଆନ୍ଦୋଳନର ଆହ୍ୱାନକୁ ସାକାର କରିବାରେ ସହାୟକ ହୋଇଥିଲା ?

(ଗ) କେବେ ଓ କାହିଁକି ହଣ୍ଟର କମିଟି ଗଠିତ ହୋଇଥିଲା ?

(ଘ) କଂଗ୍ରେସର କେଉଁ ଅଧିବେଶନରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ କେଉଁ ଅଧିବେଶନରେ ଏହା ଅନୁମୋଦିତ ହୋଇଥିଲା ?

(ଙ) 'ତିଳକ ସ୍ୱରାଜ ପାଣ୍ଠି' କ'ଣ ପାଇଁ ଗଠନ କରାଯାଇଥିଲା ?

(ଚ) ୧୯୨୨ ଫେବୃଆରୀ ୧ ତାରିଖରେ ଇଂରେଜ ସରକାରଙ୍କୁ ଗାନ୍ଧିଜୀ କ'ଣ ଚେତାବନୀ ଦେଇଥିଲେ ?

(ଛ) ମହାତ୍ମାଗାନ୍ଧୀ କେଉଁ କାରଣ ପାଇଁ ଅସହଯୋଗ ଆନ୍ଦୋଳନ ସ୍ଥଗିତ ରଖିଲେ ?

(ଜ) ନାଗପୁର କଂଗ୍ରେସ ଅଧିବେଶନ କେବେ ଅନୁଷ୍ଠିତ ହୋଇଥିଲା ଏବଂ ସେଠାରେ କେତେ ଜଣ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ ?

(ଝ) ଗୋପବନ୍ଧୁ ଦାସ କେଉଁ ଠାରେ ଏବଂ କ'ଣ ପାଇଁ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ?

(ଟ) ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ଦମନ ପ୍ରକ୍ରିୟାରେ ସମ୍ବଲପୁର ମିଶ୍ର ପ୍ରେସ୍‌କୁ କେତେ ଟଙ୍କା ଜୋରିମାନା କରାଯାଇଥିଲା ଏବଂ କାହିଁକି ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେବେ ଗାନ୍ଧିଜୀ ନିଖିଳ ଭାରତ ଖିଲାଫତ୍ ସମ୍ମିଳନୀର ସଭାପତି ଭାବେ ନିର୍ବାଚିତ ହୋଇଥିଲେ ?

(ଖ) କେଉଁ ତାରିଖରୁ ଭାରତ ଶାସନ ଆଇନ ୧୯୧୯ ପ୍ରଚଳିତ ହେଲା ?

(ଗ) ଅସହଯୋଗ ଆନ୍ଦୋଳନ ସମୟରେ କାହାର ପରିଦର୍ଶନକୁ ସତ୍ୟାଗ୍ରହୀମାନଙ୍କ ଦ୍ୱାରା ବାସନ୍ଦ କରାଯାଇଥିଲା ?

(ଘ) କେଉଁ ସ୍ଥାନରେ ଅନୁଷ୍ଠିତ କଂଗ୍ରେସର ବାର୍ଷିକ ଅଧିବେଶନରେ ଅସହଯୋଗ ଆନ୍ଦୋଳନ ଚାଲୁ ରଖିବାପାଇଁ ନିଷ୍ପତ୍ତି ନିଆଗଲା ?

(ଙ) ମହାତ୍ମାଗାନ୍ଧୀ କେଉଁଦିନ କଟକରେ ଜନସମାବେଶକୁ ଉଦ୍‌ବୋଧନ ଦେଇଥିଲେ ?

(ଚ) କାହାର ପ୍ରେରଣାରେ ସମ୍ବଲପୁର ଜିଲ୍ଲା ସ୍କୁଲର ଛାତ୍ରମାନେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ?

(ଛ) "ଅଳକା ଆଶ୍ରମ" କେଉଁଠାରେ ପ୍ରତିଷ୍ଠିତ ହୋଇଥିଲା ?

(ଜ) କେଉଁ ଲେଖା ପାଇଁ ଗୋପବନ୍ଧୁଙ୍କୁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଥିଲା ?

(ଝ) କନିକା ପ୍ରଜା ଆନ୍ଦୋଳନ ସମୟରେ କନିକାର ରାଜା କିଏ ଥିଲେ ?

(ଞ) କେଉଁ ସମ୍ବାଦପତ୍ର ମାଧ୍ୟମରେ କନିକା ଅତ୍ୟାଚାର ଲୋକଲୋଚନକୁ ଆସିଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତାର କ୍ରମିକ ନମ୍ବର ସହିତ ଲେଖ ।**

(କ) ହଣ୍ଟର କମିଟି କେବେ ଗଠିତ ହୋଇଥିଲା ?

(i) ୧୯୧୯ ଅକ୍ଟୋବର ୧୪ (ii) ୧୯୧୯ ଡିସେମ୍ବର ୨୩

(iii) ୧୯୨୦ ଜୁନ ୯ (iv) ୧୯୨୦ ଅଗଷ୍ଟ ୧

(ଖ) କେଉଁଟି ଅସହଯୋଗ ଆନ୍ଦୋଳନ ସହିତ ସଂପୃକ୍ତ ନୁହେଁ ?

(i) ବିଦେଶୀ ଭାଷା ବର୍ଜନ (ii) ସରକାରୀ ଶିକ୍ଷାନୁଷ୍ଠାନ ବର୍ଜନ

(iii) ନିର୍ବାଚନ ବର୍ଜନ (iv) ଅସ୍ପୃଶ୍ୟତା ବର୍ଜନ

(ଗ) କେଉଁଠାରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ଅସହଯୋଗ ଆନ୍ଦୋଳନ ସ୍ଥଗିତ ଘୋଷଣା ଅନୁମୋଦନ କରିଥଲା ?

(i) ଆଲ୍ଲାହାବାଦ (ii) ବର୍ଦ୍ଦୋଲି

(iii) ଗୋରଖପୁର (iv) ନାଗପୁର

(ଘ) କିଏ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ପ୍ରଥମ ସଭାପତି ଥିଲେ ?

(i) ହରେକୃଷ୍ଣ ମହତାବ (ii) ଗୋପବନ୍ଧୁ ଦାସ

(iii) ଗୋପବନ୍ଧୁ ଚୌଧୁରୀ (iv) ଭାଗୀରଥି ମହାପାତ୍ର

(ଙ) କେଉଁ ଅନୁଷ୍ଠାନ 'ସ୍ୱରାଜ୍ୟ ସମାଚାର' ପତ୍ରିକା ପ୍ରକାଶ କରୁଥିଲା ?

(i) ସ୍ୱରାଜ ଆଶ୍ରମ (ii) ସ୍ୱରାଜ ସେବକସଂଘ

(iii) ସ୍ୱରାଜ ମନ୍ଦିର (iv) ଉତ୍କଳ ସ୍ୱରାଜ୍ୟ ଶିକ୍ଷା ପରିଷଦ

**୫. ପାଠରେ ଦିଆଯାଇଥିବା "ତୁମପାଇଁ କାମ"ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

## ତୃତୀୟ ପାଠ

# ଭାରତରେ ଆଇନ ଅମାନ୍ୟ ଆନ୍ଦୋଳନ ଏବଂ ଏଥିରେ ଓଡ଼ିଶାର ଭୂମିକା

### ୧. ଆନ୍ଦୋଳନର ପୃଷ୍ଠଭୂମି :

ଅସହଯୋଗ ଆନ୍ଦୋଳନ ସ୍ଥଗିତ ରହିବା ପରେ ଯଦିଓ ଭାରତର ସ୍ୱାଧୀନତା ସଂଗ୍ରାମରେ କିଛିଟା ସ୍ଥାଣୁତା ଆସି ଯାଇଥିଲା ତାହା ଦୀର୍ଘସ୍ଥାୟୀ ନ ଥିଲା । ଅସହଯୋଗ ଆନ୍ଦୋଳନ ପରେ ଗାନ୍ଧିଜୀ ନିଜକୁ ରଚନାତ୍ମକ କାର୍ଯ୍ୟକ୍ରମରେ ନିୟୋଜିତ କରିଥିଲେ । ଏହି ସମୟରେ ଦେଖା ଦେଇଥିଲା ଉଗ୍ର ଜାତୀୟତାବାଦର ଆରମ୍ଭ ଓ ଇଂରେଜ ସରକାରଙ୍କ ଦମନ ଲୀଳା । ଚନ୍ଦ୍ରଶେଖର ଆଜାଦ, ଭଗତ ସିଂ, ରାଜଗୁରୁ ଓ ସୂର୍ଯ୍ୟ ସେନଙ୍କ ଭଳି ଦେଶପ୍ରେମୀ ସେମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଇଂରେଜ ସରକାରଙ୍କୁ ବ୍ୟତିବ୍ୟସ୍ତ କରି ପକାଇଥିଲେ । ଏହି ଉଗ୍ରଜାତୀୟତାବାଦୀ କାର୍ଯ୍ୟକ୍ରମ ଚାଲିଥିଲାବେଳେ କଂଗ୍ରେସ ଦ୍ୱାରା ପରିଚାଳିତ ସଂଗ୍ରାମରେ କିଛିଟା ସ୍ଥାଣୁତା ଆସିଥିଲା । କିନ୍ତୁ ସାଇମନ କମିଶନ ଗଠନ ଘୋଷଣା ଯୋଗୁଁ ଏହି ସ୍ଥାଣୁତା ଅପସରି ଯାଇ ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ଅଧ୍ୟାୟ ପାଇଁ ପଥ ଖୋଲି ଦେଇଥିଲା । ୧୯୧୯ ଭାରତ ଶାସନ ଆଇନର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ପାଇଁ ୧୯୨୭ରେ ସାର୍ ଜନ୍ ସାଇମନଙ୍କ ଅଧ୍ୟକ୍ଷତାରେ ଏକ କମିଶନ୍ ଗଠିତ ହୋଇଥିଲା, ମାତ୍ର ଦୁଃଖର ବିଷୟ ଯେ ଏଥିରେ ଥିବା ସାତ ଜଣ ସଦସ୍ୟଙ୍କ ମଧ୍ୟରେ ଜଣେ ହେଲେ ଭାରତୀୟ ସଦସ୍ୟ ନ ଥିଲେ । ଏହା ସମସ୍ତ ଭାରତୀୟମାନଙ୍କୁ ଅପମାନଜନକ ବୋଧହେଲା । ତେଣୁ ୧୯୨୭ରେ ଭାରତୀୟ ଜାତୀୟ କଂଗ୍ରେସର ମାଡ୍ରାସ ଅଧିବେଶନରେ ସାଇମନ୍ କମିଶନ୍‌କୁ ବର୍ଜନ କରିବା ପାଇଁ ସ୍ଥିର କରାଗଲା । କଂଗ୍ରେସର ଏହି ନିଷ୍ପତ୍ତିକୁ ମୁସ୍‌ଲିମ୍ ଲିଗ୍ ଓ ହିନ୍ଦୁ ମହାସଭା ସମର୍ଥନ ଜଣାଇ ଥଲେ ।୧୯୨୮ ଫେବୃଆରୀ ୩ ତାରିଖରେ ଏହି କମିଶନ୍ ମୁମ୍ବାଇରେ ପର୍ଦାପଣ କଲା ମାତ୍ରେ 'ସାଇମନ୍ ଫେରିଯାଅ' ଧ୍ୱନି ସହିତ ଭାରତୀୟମାନେ କମିଶନର ସଦସ୍ୟମାନଙ୍କୁ କଳା ପତାକା ପ୍ରଦର୍ଶନ କରିଥିଲେ ଏବଂ ବିଭିନ୍ନ ସହରମାନଙ୍କରେ ହରତାଳ ପାଳନ କରିଥିଲେ । କମିଶନ୍ ପରିଦର୍ଶନ କରିଥିବା ପ୍ରତ୍ୟେକ ସ୍ଥାନରେ ପ୍ରତିବାଦ ଶୋଭାଯାତ୍ରା ସଂଗଠିତ ହୋଇଥିଲା ଏବଂ ଶୋଭାଯାତ୍ରାକାରୀମାନେ ପୋଲିସ୍ ଲାଠିମାଡ଼ର ସମ୍ମୁଖୀନ ହୋଇଥିଲେ । ଲକ୍ଷ୍ନୌଠାରେ ଜବାହରଲାଲ୍ ନେହେରୁ ଓ ଗୋବିନ୍ଦ ବଲ୍ଲଭ ପନ୍ଥ ପୋଲିସ୍ ଲାଠିମାଡ଼ର ଶିକାର ହୋଇଥିଲେ । ଲାହୋରଠାରେ 'ପଞ୍ଜାବ କେଶରୀ' ନାମରେ ଖ୍ୟାତ ଲାଲା ଲାଜପତ ରାୟ ୧୯୨୮ ଅକ୍ଟୋବର ୩୦ରେ



(ଲାଲା ଲାଜପତ୍ ରାୟ)

ସାଇମନ କମିଶନ୍ ବିରୋଧୀ ଶୋଭାଯାତ୍ରାର ନେତୃତ୍ୱ ନେଉଥିବାବେଳେ ପୋଲିସ୍ ଲାଠି ପ୍ରହାର ଦ୍ୱାରା ଛାତିରେ ଗଭୀରଭାବେ ଆଘାତପ୍ରାପ୍ତ ହୋଇଥିଲେ ଏବଂ ସେହି କାରଣରୁ ୧୯୨୮ ନଭେମ୍ବର ୧୭ରେ ମୃତ୍ୟୁ ବରଣ କରିଥିଲେ ।

**ତୁମ ପାଇଁ କାମ**

***୧୯୧୯ ଭାରତ ଶାସନ ଆଇନର ମୁଖ୍ୟ ବ୍ୟବସ୍ଥାଗୁଡ଼ିକ କ'ଣ ଥିଲା ?***

ସାଇମନ କମିଶନ ବିପକ୍ଷରେ ପ୍ରକାଶ ପାଇଥିବା ଜନ ଅସନ୍ତୋଷ ହେତୁ ଦେଶବାସୀ ଆଉ ଏକ ଗଣ ଆନ୍ଦୋଳନ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଥିବା ପ୍ରମାଣିତ

କରିଦେଲା । ୧୯୨୯ ରେ ଲାହୋରଠାରେ ଜବାହରଲାଲ୍ ନେହେରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନ 'ପୂର୍ଣ୍ଣ ସ୍ୱରାଜ' ପ୍ରସ୍ତାବ ଅନୁମୋଦନ କଲା । ଏଠାରେ ସେ ଘୋଷଣା କଲେ ଯେ ସମ୍ପୂର୍ଣ୍ଣ ସ୍ୱାଧୀନତା ଭାରତର ଲକ୍ଷ୍ୟ । ୧୯୨୯ ଡିସେମ୍ବର ୩୧ରେ ରାବି ନଦୀ କୂଳରେ ଜବାହରଲାଲ ସ୍ୱାଧୀନତାର ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ । ୧୯୩୦ ଜାନୁୟାରୀ ୨୬କୁ ଭାରତର ପ୍ରଥମ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରାଗଲା । ଏହି ଅଧିବେଶନରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବା ପାଇଁ ପ୍ରସ୍ତାବ ଗୃହୀତ ହେଲା ।

ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବା ପୂର୍ବରୁ ଗାନ୍ଧିଜୀ ୧୧ ଦଫା ସମ୍ବଳିତ ଶାସନ ସଂସ୍କାରର ଚିଠା ପ୍ରସ୍ତୁତ କରି ଇଂରେଜ ସରକାରଙ୍କର ଆଗରେ ଉପସ୍ଥାପନ କରିଥିଲେ । ବ୍ରିଟିଶ ସରକାର ସେ ସମସ୍ତ ପ୍ରସ୍ତାବ ଗ୍ରହଣ ନ କଲେ ବାଧ୍ୟ ହୋଇ ଗାନ୍ଧିଜୀ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବେ ବୋଲି ବଡ଼ଲାଟ ଲର୍ଡ ଇରୱିନ୍‌ଙ୍କୁ ଜଣାଇ ଦେଲେ । ମାତ୍ର ଲର୍ଡ଼ ଇରୱିନ ଏହି ପ୍ରସ୍ତାବ ଗ୍ରହଣ କରି ନ ଥିଲେ । ଫଳରେ ୧୯୩୦ ମସିହାରେ ଗାନ୍ଧିଜୀ ଆଇନ ଅମାନ୍ୟ ଆନ୍ଦୋଳନର ଡାକରା ଦେଲେ ।

## ଆନ୍ଦୋଳନର ଆରମ୍ଭ :

୧୯୩୦ ମାର୍ଚ୍ଚ ୧୨ ତାରିଖରେ ଗାନ୍ଧିଜୀ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିଥିଲେ । ଉକ୍ତ ଦିନ ସେ ସାବରମତୀ ଆଶ୍ରମଠାରୁ ବାହାରି ୨୪୧ ମାଇଲ ଦୂରରେ ଅବସ୍ଥିତ ଗୁଜରାଟର ଦାଣ୍ଡିନାମକ ସ୍ଥାନକୁ ୭୮ ଜଣ କଂଗ୍ରେସ କର୍ମୀଙ୍କ ସହ ଲବଣ ଆଇନ ଭଙ୍ଗ କରିବାପାଇଁ ଯାତ୍ରାକଲେ । ଏହି ଯାତ୍ରାପଥର ବିଭିନ୍ନ ସ୍ଥାନରେ ପୁରୁଷ ମହିଳା ନିର୍ବିଶେଷରେ ଅନେକ ନେତା ଓ ସାଧାରଣ ଜନତା ଗାନ୍ଧିଜୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏବଂ ଅନେକ ତାଙ୍କ ଯାତ୍ରାରେ ଯୋଗ ଦେଇଥିଲେ । ସାବରମତୀ ଠାରୁ ଦାଣ୍ଡି ପର୍ଯ୍ୟନ୍ତ ଯାତ୍ରା ଐତିହାସିକ "ଦାଣ୍ଡିଯାତ୍ରା" ଭାବରେ ପ୍ରସିଦ୍ଧ । ୧୯୩୦ ଏପ୍ରିଲ ୬ ତାରିଖ ସକାଳେ ଗାନ୍ଧିଜୀ ଲୁଣ ମାରିବା ଉଦ୍ଦେଶ୍ୟରେ ଦାଣ୍ଡି ସମୁଦ୍ର ଉପକୂଳରେ ମୁଠାଏ ବାଲି ଉଠାଇଲେ । ଏହା ଦ୍ୱାରା ସରକାରଙ୍କ ପ୍ରଚଳିତ ଲବଣ ଆଇନ ଭଙ୍ଗ ହେଲା



(ଦାଣ୍ଡିଯାତ୍ରା)

ଏବଂ ସମଗ୍ର ଦେଶବାସୀଙ୍କୁ ଆଇନ ଅମାନ୍ୟ ଆନ୍ଦୋଳନର ସଂକେତ ପ୍ରଦାନ କଲା ।

## ଆନ୍ଦୋଳନର କାର୍ଯ୍ୟକ୍ରମ :

୧୯୩୦ ଏପ୍ରିଲ ୯ ତାରିଖରେ ଆଇନ ଅମାନ୍ୟ ଆନ୍ଦୋଳନର କାର୍ଯ୍ୟକ୍ରମ ଘୋଷଣା କରାଗଲା । ସେଥିରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଥିଲା ।

୧. ଲବଣ ଆଇନ୍ ଭଙ୍ଗ କରି ଲବଣ ତିଆରି କରାଯିବ ।

୨. ମଦ ଦୋକାନ, ଅଫିମ ବିକ୍ରୟ ସ୍ଥାନ ଓ ବିଦେଶୀ ଲୁଗା ବ୍ୟବସାୟୀଙ୍କ ଦୋକାନ ଆଗରେ ସତ୍ୟାଗ୍ରହ କରାଯିବ ।

୩. ଯୁବକ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଚରଖାରେ ସୂତା କାଟିବେ ।

୪. ବିଦେଶୀ ଲୁଗାରେ ଅଗ୍ନି ସଂଯୋଗ କରାଯିବ ।


୫. ଅସ୍ପୃଶ୍ୟତା ବର୍ଜନ କରାଯିବ ।

୬. ଛାତ୍ରମାନେ ସରକାରୀ ସ୍କୁଲ ଓ କଲେଜ ପରିତ୍ୟାଗ କରିବେ, ସରକାରୀ କର୍ମଚାରୀମାନେ ଚାକିରିରୁ ଇସ୍ତଫା ଦେବେ ଏବଂ ଓକିଲମାନେ ଆଇନ ବ୍ୟବସାୟ ତ୍ୟାଗ କରିବେ ।

୭. ପୂର୍ଣ୍ଣ ସ୍ୱରାଜ ଲାଭ କରିବାପାଇଁ ସମସ୍ତ କାର୍ଯ୍ୟକ୍ରମ ସତ୍ୟ ଓ ଅହିଂସାତ୍ମକ ପନ୍ଥାରେ ସମ୍ପାଦିତ ହେବ ।

## ଆନ୍ଦୋଳନର ବିସ୍ତାର :

ଗାନ୍ଧିଜୀଙ୍କର ଆହ୍ୱାନ ମନ୍ତ୍ରବତ୍ କାର୍ଯ୍ୟ କଲା । ସମଗ୍ର ଦେଶରେ ଆଇନ ଅମାନ୍ୟ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ବ୍ୟାପିବାରେ ଲାଗିଲା । କର୍ଣ୍ଣାଟକ, ଗୁଜୁରାଟ, ଉତ୍ତର ପ୍ରଦେଶ, ମାଡ୍ରାସ, ବମ୍ବେ ଆଦି ସ୍ଥାନରେ ଲୋକମାନେ ସରକାରୀ ଟିକସ ଦେବାଲାଗି ମନା କରି ଦେଲେ । ମହାରାଷ୍ଟ୍ରରେ ଜନତା ଜଙ୍ଗଲ ଆଇନ ଅମାନ୍ୟ କଲେ । ଦେଶର ସବୁଆଡ଼େ ଲୋକମାନେ ଚୌକିଦାରୀ କର ଦେବା ପାଇଁ ମନାକଲେ । ବଙ୍ଗ, ବିହାର ଓ ଓଡ଼ିଶାରେ ବିଦେଶୀ ବସ୍ତ୍ର ବର୍ଜନ ଅତ୍ୟନ୍ତ ସଫଳ ହୋଇଥିଲା । ଏହି ଆଇନ ଅମାନ୍ୟ ଆନ୍ଦୋଳନର ବିଶେଷତ୍ୱ ହେଉଛି ଯେ ଏଥିରେ ବହୁ ସଂଖ୍ୟାରେ ମହିଳା ଯୋଗଦାନ କରିଥିଲେ । ସରୋଜିନୀ ନାଇଡୁ, ବିଜୟଲକ୍ଷ୍ମୀ ପଣ୍ଡିତ ପ୍ରଭୃତି ନାରୀ ନେତ୍ରୀଙ୍କ ନେତୃତ୍ୱରେ ଅନେକ ମହିଳା ପୁରୁଷଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ବ୍ରିଟିଶ ଲାଠିର ସାମନା କରିଥିଲେ । ଏହି ଆନ୍ଦୋଳନ ସୁଦୂର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶକୁ ବ୍ୟାପିଯାଇଥିଲା । ସେଠାରେ 'ସୀମାନ୍ତ ଗାନ୍ଧୀ' ଭାବେ ପରିଚିତ ଖାନ୍ ଅବଦୁଲ ଗଫର ଖାନ୍‌ଙ୍କ ନେତୃତ୍ୱରେ ଗଠିତ ହୋଇଥିବା 'ଖୁଦାଇ ଖିଦ୍‌ମତଗାର' ସାହାଯ୍ୟରେ



(ଖାନ୍ ଅବଦୁଲ ଗଫର୍ ଖାନ୍)

ଆଇନ୍ ଅମାନ୍ୟ ଆନ୍ଦୋଳନ ସଂଗଠିତ ହୋଇଥିଲା । ସେହିପରି ନାଗାଲାଣ୍ଡର ରାଣୀ ଚୌଦିଲିଉଙ୍କ ନେତୃତ୍ୱରେ ମଣିପୁରୀ ଓ ନାଗାମାନେ ମଧ୍ୟ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ । ସେଥିପାଇଁ ରାଣୀଙ୍କୁ ୧୯୩୨ ରୁ ୧୯୪୭ ପର୍ଯ୍ୟନ୍ତ ଆସାମରେ କାରାରୁଦ୍ଧ କରାଯାଇଥିଲା ।

*ତୁମ ପାଇଁ କାମ*

*ଖାନ୍ ଅବଦୁଲ ଗଫର ଖାନ୍ 'ସୀମାନ୍ତ ଗାନ୍ଧି' ଭାବେ ପରିଚିତ ହେବାର ଯଥାର୍ଥତା ପ୍ରତିପାଦନ କର ।*

## ଆନ୍ଦୋଳନ ଦମନ ପାଇଁ ସରକାରଙ୍କ ଉଦ୍ୟମ :

ଆଇନ ଅମାନ୍ୟ ଆନ୍ଦୋଳନକୁ ଦମନ କରିବା ପାଇଁ ସରକାର କଠୋର ପଦକ୍ଷେପମାନ ଗ୍ରହଣ କରିଥିଲେ । ନିରୀହ ଜନତା ଉପରେ ଗୁଳି ବର୍ଷଣ ଓ ଲାଠିଚାଳନା କରାଯାଇଥିଲା । ମହାତ୍ମା ଗାନ୍ଧୀ, ସୁଭାଷ ବୋଷ, ନେହେରୁ ପ୍ରଭୃତି ନେତାମାନଙ୍କ ସମେତ ବହୁ ସଂଖ୍ୟକ ସତ୍ୟାଗ୍ରହୀଙ୍କୁ ଗିରଫ କରାଗଲା । ସମ୍ବାଦପତ୍ର ଉପରେ କଟକଣା ଜାରି କରାଗଲା । କଂଗ୍ରେସ ଅନୁଷ୍ଠାନକୁ ସରକାର ବେଆଇନ ଘୋଷଣା କଲେ । ଇଂରେଜ ସରକାର ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ସବୁ ପ୍ରକାର ଶକ୍ତି ପ୍ରୟୋଗ କରି ମଧ୍ୟ ସଫଳ ହୋଇ ନ ଥିଲେ । ଆଇନ ଅମାନ୍ୟ ଆନ୍ଦୋଳନର ଅବସାନ ପାଇଁ ବ୍ରିଟିଶ ପାର୍ଲିଆମେଣ୍ଟ ଅତ୍ୟନ୍ତ ବ୍ୟଗ୍ର ଥିଲା । ତେଣୁ ଦମନମୂଳକ ପନ୍ଥା ପରିବର୍ତ୍ତେ ଆପୋଷ ଆଲୋଚନା ମାଧ୍ୟମରେ ଭାରତୀୟମାନଙ୍କୁ ଶାନ୍ତ କରିବା ନିମନ୍ତେ ଇଂରେଜ ସରକାର ଚେଷ୍ଟା କଲେ ।

## ଫଳାଫଳ :

## ପ୍ରଥମ ଗୋଲ୍‌ଟେବୁଲ୍ ବୈଠକ :

ଶକ୍ତି ପ୍ରୟୋଗ ଦ୍ୱାରା ଆନ୍ଦୋଳନ ଦମନ କରିବା ଅସମ୍ଭବ ବୋଲି ବଡ଼ଲାଟଙ୍କର ହୃଦବୋଧ ହେଲା । ଭାରତ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିବା ପାଇଁ ବ୍ରିଟିଶ ସରକାର ୧୯୩୦ ମସିହାରେ ପ୍ରଥମ ଗୋଲଟେବୁଲ ବୈଠକ ଡକାଇଲେ କିନ୍ତୁ ଏଥିରେ କଂଗ୍ରେସ ଯୋଗ ନଦେବାରୁ ଏହା ବିଫଳ ହୋଇଥିଲା । ଗାନ୍ଧିଜୀଙ୍କ ଯୋଗଦାନ ବିନା କୌଣସି ରାଜନୈତିକ ଆଲୋଚନା ସଫଳ ହେବନାହିଁ ବୋଲି ଅନୁଭବ କରି ଇଂରେଜ ସରକାର ଗାନ୍ଧିଜୀଙ୍କ ସମେତ ଅନ୍ୟ ତୁଙ୍ଗ

ନେତାମାନଙ୍କୁ ୧୯୩୧ ମସିହା ଜାନୁୟାରୀ ମାସରେ କାରାଗାରରୁ ମୁକ୍ତ କରିଦେଲେ ।

**ତୁମ ପାଇଁ କାମ**

*ପ୍ରଥମ ଗୋଲଟେବୁଲ ବୈଠକରେ କଂଗ୍ରେସ ଯୋଗ ନ ଦେବାର କାରଣ ଗୁଡ଼ିକର ସମୀକ୍ଷା କର ।*

## ଗାନ୍ଧୀ-ଇରୱଇନ ଚୁକ୍ତି :

କଂଗ୍ରେସ ସହିତ ଏକ ବୁଝାମଣା କରିବା ପାଇଁ ଇଂରେଜ ସରକାର ଏକ ପ୍ରକାର ବାଧ୍ୟହେଲେ । ସେହି ସମୟର ବଡ଼ଲାଟ ଲର୍ଡ଼ ଇରୱଇନଙ୍କ ସହ ଦୀର୍ଘ ଆଲୋଚନା ପରେ, ୧୯୩୧ ମସିହା ମାର୍ଚ୍ଚ ୫ ତାରିଖରେ ଗାନ୍ଧୀ–ଇରୱଇନ୍ ଚୁକ୍ତି ସମ୍ପାଦିତ ହୋଇଥିଲା । ଏହି ଚୁକ୍ତି ଅନୁସାରେ ଇଂରେଜ ସରକାର ସମସ୍ତ ଦମନ ମୂଳକ ଆଇନ ପ୍ରତ୍ୟାହାର କରିଥିଲେ ଏବଂ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ



**(ଗାନ୍ଧୀ ଓ ଇରୱଇନ୍‌ଙ୍କ ମିଳିତ ଚିତ୍ର)**

କରିଥିଲେ; ସରକାରୀ କର୍ମଚାରୀମାନଙ୍କର ବାଜ୍ୟାପ୍ତ ହୋଇଥିବା ସମ୍ପତ୍ତି ଫେରସ୍ତ କରିଥିଲେଏବଂ ଇସ୍ତଫା ଦେଇଥିବା କର୍ମଚାରୀଙ୍କ ପ୍ରତି କୋହଳ ନୀତି ଗ୍ରହଣ କଲେ; ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକର ଅଧିବାସୀଙ୍କୁ ନିଜ ବ୍ୟବହାର ପାଇଁ ଲୁଣ ଉତ୍ପାଦନ କରିବାର ଅଧିକାର ଦେଲେ ଏବଂ ଜାତୀୟ କଂଗ୍ରେସ୍ ଆଇନ୍ ଅମାନ୍ୟ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ତଥା ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଯୋଗ ଦେବା ନିମିତ୍ତ ସମ୍ମତି ପ୍ରଦାନ କଲା ।

## ଦ୍ୱିତୀୟ ଗୋଲଟେବୁଲ ବୈଠକ :

୧୯୩୧ ସେପ୍ଟେମ୍ବର ୭ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଲଣ୍ଡନରେ ଦ୍ୱିତୀୟ ଗୋଲ ଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା । କଂଗ୍ରେସର ଏକ ମାତ୍ର ପ୍ରତିନିଧି ଭାବରେ ଗାନ୍ଧିଜୀ ଏଥିରେ ଯୋଗ ଦେଇଥିଲେ । ଏହି ବୈଠକରେ ଅଧକ୍ଷତା କରିଥିଲେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ରାମ୍‌ସେ ମାକ୍‌ଡୋନାଲଡ୍ । ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ଗାନ୍ଧିଜୀଙ୍କୁ ଏହି ବୈଠକରେ 'ଅର୍ଦ୍ଧନଗ୍ନ ଫକୀର' ଭାବରେ ଆକ୍ଷେପ କରିଥିଲେ । ସମ୍ରାଟ ପଞ୍ଚମ ଜର୍ଜ ଗାନ୍ଧୀଙ୍କୁ ଧମକାଇଥିଲେ ଯେ ତାଙ୍କ ସରକାରଙ୍କୁ ସହଯୋଗ ନ କଲେ ଭାରତୀୟମାନଙ୍କୁ ମେସିନ୍‌ଗନ୍ ଓ ବୋମାରେ ଉଡ଼ାଇ ଦେବେ । ଏହାର ଉତ୍ତରରେ ଗାନ୍ଧିଜୀ ନିର୍ଭୀକ ଭାବରେ କହିଥିଲେ ଯେ ଭାରତୀୟମାନଙ୍କ ପାଇଁ ଇଂରେଜଙ୍କର ବୋମା ଫୋଟକା ତୁଲ୍ୟ । ଭାରତୀୟଙ୍କର ଦାବିକୁ ଏହି ବୈଠକରେ ଉପେକ୍ଷା କରାଯାଇ ହିନ୍ଦୁ, ମୁସଲମାନ ଓ ହରିଜନ ଆଦିଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀର ବ୍ୟବସ୍ଥା କରାଗଲା । ଏହାର ମୂଳ ଲକ୍ଷ୍ୟ ଥିଲା ଭେଦଭାବ ନୀତି ପ୍ରୟୋଗ କରି ଭାରତୀୟଙ୍କ ଏକତାକୁ ଭଙ୍ଗ କରିବା ଓ ବ୍ରିଟିଶ ଶାସନକୁ ସୁଦୃଢ଼ କରିବା । ମାନସିକ ଗ୍ଲାନିରେ ବ୍ୟଥିତ ହୋଇ ଗାନ୍ଧିଜୀ ୧୯୩୧ ଡିସେମ୍ବର ୨୮ରେ ଭାରତକୁ ପ୍ରତ୍ୟାବର୍ତ୍ତନ କଲେ ।

## ଆଇନ ଅମାନ୍ୟ ଆନ୍ଦୋଳନର ପୁନରାରମ୍ଭ :

ଲର୍ଡ ଇରୱଇନ୍‌ଙ୍କ ପରେ ୧୯୩୧ ଏପ୍ରିଲ୍‌ରେ ଲର୍ଡ ୱିଲିଙ୍ଗ୍‌ଡନ୍ ଭାରତର ଭାଇସ୍‌ରାୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ସେ ଗାନ୍ଧି-ଇର୍‌ୱଇନ୍ ଚୁକ୍ତିର କେତେକ ବ୍ୟବସ୍ଥାକୁ ଉପେକ୍ଷା କଲେ ଏବଂ ଭାରତର ସ୍ୱାଧୀନତା ଆନ୍ଦୋଳନ ପ୍ରତି କଠୋର ନୀତି ଅବଲମ୍ବନ କଲେ । ଦମନମୂଳକ ଅଧ୍ୟାଦେଶ ପ୍ରତ୍ୟାହାର କରିବା ପାଇଁ ଓ ପୂର୍ଣ୍ଣ ସ୍ୱରାଜ ହାସଲ ଦିଗରେ ଆନ୍ଦୋଳନ କରିବାପାଇଁ କଂଗ୍ରେସକୁ ଅନୁମତି ଦେବାକୁ ଭାରତ ପ୍ରତ୍ୟାବର୍ତ୍ତନ ପରେ ଗାନ୍ଧିଜୀଙ୍କ ଅନୁରୋଧକୁ ୱିଲିଙ୍ଗ୍‌ଡନ୍ ପ୍ରତ୍ୟାଖ୍ୟାନ କଲେ । ଫଳରେ ଗାନ୍ଧିଜୀ ପୁନଶ୍ଚ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ କଲେ । ଗାନ୍ଧିଜୀଙ୍କ ସମେତ କଂଗ୍ରେସର ବହୁ ନେତା ଇଂରେଜ

ସରକାରଙ୍କ ଦ୍ୱାରା କାରାରୁଦ୍ଧ ହେଲେ। କାରାଗାର ଗୁଡ଼ିକରେ ରାଜନୈତିକ ବନ୍ଦୀମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର କରାଗଲା। ହିଂସାତ୍ମକ କାର୍ଯ୍ୟର ଆଶଙ୍କା କରି ଗାନ୍ଧିଜୀ ସାମୂହିକ ଆନ୍ଦୋଳନ ପରିବର୍ତ୍ତେ ବ୍ୟକ୍ତିଗତ ଆଇନ୍ ଅମାନ୍ୟ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ସଂଖ୍ୟକ ସତ୍ୟାଗ୍ରହୀ ବିଭିନ୍ନ ସ୍ଥାନରେ ଅହିଂସା ଉପାୟରେ ସରକାରଙ୍କ ଦମନମୂଳକ ଅଧ୍ୟାଦେଶକୁ ଅମାନ୍ୟ କଲେ। ସରକାର କଂଗ୍ରେସ ଓ ଏହାର ସହଯୋଗୀ ଅନୁଷ୍ଠାନଗୁଡ଼ିକୁ ବେଆଇନ୍ ଘୋଷଣା କଲେ। ସତ୍ୟାଗ୍ରହୀମାନଙ୍କୁ ଲାଠି ପ୍ରହାର କରି କଠୋର ଶାସ୍ତି ଦେଲେ, ସମ୍ବାଦପତ୍ରର ସ୍ୱାଧୀନତା ସଂକୁଚିତ କଲେ ଏବଂ ଜାତୀୟତାବାଦୀ ସାହିତ୍ୟ ଓ ଫଟୋଚିତ୍ର ଛାପିବା ନିଷିଦ୍ଧ କଲେ। ଏହି ସମୟରେ ୧୯୩୨ ଅଗଷ୍ଟରେ ଇଂଲଣ୍ଡ ପ୍ରଧାନମନ୍ତ୍ରୀ ରାମ୍‌ସେ ମାକ୍‌ଡୋନାଲଡ୍ ଦଳିତ ବା ହରିଜନ ଶ୍ରେଣୀର ଲୋକଙ୍କ ପାଇଁ ଏକ ପୃଥକ୍ ନିର୍ବାଚନ ମଣ୍ଡଳୀ ଘୋଷଣା କଲେ। ଗାନ୍ଧିଜୀ ଏହାକୁ ଭାରତର ଏକତା ଓ ଜାତୀୟତାବାଦ ତଥା ଅସ୍ପୃଶ୍ୟତା ନିବାରଣ ଉଦ୍ଦେଶ୍ୟ ପ୍ରତି କୁଠାରାଘାତ ବୋଲି ମତ ବ୍ୟକ୍ତ କରି ଏହାର ପ୍ରତ୍ୟାହାର ଦାବି କଲେ। ଏହି ଦାବି ପୂରଣ ପାଇଁ ସେ ପୁନାର ୟେରାଭାଡ଼ା କାରଗାରରେ ୧୯୩୨ ସେପ୍ଟେମ୍ବର ୨୦ରୁ ଆମରଣ ଅନଶନ ଆରମ୍ଭ କଲେ। ସରକାର 'ପୁନା ଚୁକ୍ତି' ଅନୁଯାୟୀ ଦଳିତମାନଙ୍କ ପାଇଁ ପୃଥକ୍ ନିର୍ବାଚନ ମଣ୍ଡଳୀ ବ୍ୟବସ୍ଥା ପ୍ରତ୍ୟାହାର କଲେ ଏବଂ ପ୍ରାଦେଶିକ ଓ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାରେ ସେମାନଙ୍କ ପାଇଁ ସଂରକ୍ଷିତ ସ୍ଥାନ ସଂଖ୍ୟା ବୃଦ୍ଧି କଲେ। ଅପର ପକ୍ଷରେ ସତ୍ୟାଗ୍ରହୀମାନେ ଆଇନ୍ ଅମାନ୍ୟ ଆନ୍ଦୋଳନ ଜାରି ରଖିଥିଲେ।

## ତୃତୀୟ ଗୋଲଟେବୁଲ୍ ବୈଠକ :

୧୯୩୨ ମସିହା ନଭେମ୍ବର ୧୭ ରୁ ଡିସେମ୍ବର ୨୪ ପର୍ଯ୍ୟନ୍ତ ଇଂଲଣ୍ଡରେ ତୃତୀୟ ଗୋଲ ଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇନ୍ ଆମାନ୍ୟ ଆନ୍ଦୋଳନ ଚାଲୁରହିଥିବାରୁ ଏହି ବୈଠକକୁ କଂଗ୍ରେସ ବର୍ଜନ କରିଥିଲା। ବୈଠକ ଶେଷରେ ସାଇମନ କମିଶନର ସୁପାରିସ ଭିତ୍ତିରେ ଭାରତର ଶାସନ ପାଇଁ ପ୍ରସ୍ତୁତ ଏକ ନୂତନ ସମ୍ବିଧାନର ରୂପରେଖ ସମ୍ବଳିତ ଶ୍ୱେତ ପତ୍ର ପ୍ରକାଶିତ ହେଲା ଓ ଏହା ଆଲୋଚନା ନିମନ୍ତେ ବ୍ରିଟିଶ ପାର୍ଲିଆମେଣ୍ଟକୁ ପଠାଗଲା। ୧୯୩୫ ଅଗଷ୍ଟ ୨ ତାରିଖରେ ଏହା ଗୃହୀତ ହୋଇ 'ଭାରତ ଶାସନ ଆଇନ ୧୯୩୫' ଭାବେ ନାମିତ ହେଲା।

## ଆଇନ୍ ଅମାନ୍ୟ ଆନ୍ଦୋଳନର ସମାପ୍ତି :

୧୯୩୩ ମେ ମାସରେ ହରିଜନ ସମସ୍ୟା ଉପରେ ଧ୍ୟାନ ଦେବାପାଇଁ ଏବଂ ନିଜର ଓ ସହଯୋଗୀମାନଙ୍କର ମନର ଶୁଦ୍ଧିକରଣ ପାଇଁ ଗାନ୍ଧିଜୀ ଏକୋଇଶ ଦିନିଆ ଅନଶନର ଘୋଷଣା କଲେ। ସରକାର ଗାନ୍ଧିଜୀଙ୍କୁ କାରାଗାରରୁ ମୁକ୍ତ କରିଦେଲେ। ଦୀର୍ଘଦିନ ପର୍ଯ୍ୟନ୍ତ ସରକାରଙ୍କ ଦମନମୂଳକ କାର୍ଯ୍ୟ ସତ୍ତ୍ୱେ ଚାଲୁ ରଖିଥିବା ଆନ୍ଦୋଳନର ସତ୍ୟାଗ୍ରହୀମାନଙ୍କ ଉତ୍ସାହକୁ ବଜାୟ ରଖିବାର କାଠିନ୍ୟ ଉପଲବ୍ଧି କରି ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ଗାନ୍ଧିଜୀ କଂଗ୍ରେସକୁ ସୁପାରିସ କଲେ। ୧୯୩୩ ମେ ମାସରେ ସ୍ଥଗିତ ରଖାଯାଇଥିବା ଦ୍ୱିତୀୟ ପର୍ଯ୍ୟାୟ ଆଇନ୍ ଅମାନ୍ୟ ଆନ୍ଦୋଳନ ୧୯୩୪ ଏପ୍ରିଲରେ ଔପଚାରିକ ଭାବେ ପ୍ରତ୍ୟାହୃତ ହେଲା।

ଆଇନ ଅମାନ୍ୟ ଆନ୍ଦୋଳନ ଭାରତରେ ଇଂରେଜ ଶାସନ ବିରୋଧରେ ଏକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ଦିଗରେ ସମ୍ପୂର୍ଣ୍ଣ ରୂପେ ସଫଳ ହୋଇଥିଲା। ଯଦିଓ କଂଗ୍ରେସର ଲକ୍ଷ୍ୟ 'ପୂର୍ଣ୍ଣ ସ୍ୱରାଜ' ପୂରଣ ହୋଇ ପାରି ନ ଥିଲା, ତଥାପି ଆଇନ ଅମାନ୍ୟ ଆନ୍ଦୋଳନ ଜାତୀୟ ସଂଗ୍ରାମରେ ନୂତନ ଉନ୍ମାଦନା ଭରିଦେଇଥିଲା।

## ଆଇନ ଅମାନ୍ୟ ଆନ୍ଦୋଳନରେ ଓଡ଼ିଶାର ଭୂମିକା :

ଗାନ୍ଧିଜୀଙ୍କର ଦାଣ୍ଡି ଯାତ୍ରାର ପ୍ରତିଧ୍ୱନି ଭାରତର ବିଭିନ୍ନ ରାଜ୍ୟରେ ଶୁଣାଯାଇଥିଲା। ଓଡ଼ିଶା ଏକ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଲବଣ ସତ୍ୟାଗ୍ରହ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲା। ୧୯୩୦ ମାର୍ଚ୍ଚ ୧୬ ରେ ବାଲେଶ୍ୱରଠାରେ ଅନୁଷ୍ଠିତ କଂଗ୍ରେସର ଉତ୍କଳ ପ୍ରାଦେଶିକ କମିଟିର ସଭାରେ ଓଡ଼ିଶାରେ ଆଇନ ଅମାନ୍ୟ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଗଲା ଏବଂ ଗୋପବନ୍ଧୁ ଚୌଧୁରୀଙ୍କୁ ଆନ୍ଦୋଳନର ନେତୃତ୍ୱ ଦିଆଯାଇଥିଲା। ଇଞ୍ଚୁଡ଼ି, କାକଟପୁର,

ଗଞ୍ଜାମ ଆଦି ସ୍ଥାନରେ ଆଇନ ଅମାନ୍ୟ ଆନ୍ଦୋଳନ ବିଶେଷ ଭାବରେ ସକ୍ରିୟ ହୋଇଥିଲା । ସତ୍ୟାଗ୍ରହୀମାନେ ଲୌହ ସ୍ତମ୍ଭ ବାହିନୀ, ପତିତ ବାହିନୀ, ଗଞ୍ଜା ବାହିନୀ, ସମ୍ବଲପୁର ବାହିନୀ ଆଦି ବିଭିନ୍ନ ଭାଗରେ ବିଭକ୍ତ ହୋଇଥିଲେ ।

ଗୁଜୁରାଟର ଦାଣ୍ଡି ପରେ ଓଡ଼ିଶାର ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଗାନ୍ଧିଜୀ ଯେଉଁଦିନ ଦାଣ୍ଡି ଠାରେ ଲବଣ ଆଇନ ଭଙ୍ଗ କରିଥିଲେ ସେହିଦିନ ଓଡ଼ିଶାରେ ୨୧ ଜଣ ସତ୍ୟାଗ୍ରହୀ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର ଦାସଙ୍କ ନେତୃତ୍ୱରେ କଟକ ସ୍ୱରାଜ ଆଶ୍ରମରୁ ଇଞ୍ଚୁଡ଼ି ଅଭିମୁଖେ ପଦଯାତ୍ରା ଆରମ୍ଭ କରିଥିଲେ । ଏପ୍ରିଲ ୮ ତାରିଖରେ ଚାନ୍ଦୋଳଠାରେ ଗୋପବନ୍ଧୁ ଚୌଧୁରୀଙ୍କୁ ନିଷେଧକାରୀ ଆଦେଶ ଅମାନ୍ୟ କରିଥିବା ଅଭିଯୋଗରେ ଗିରଫ କରାଯିବାରୁ ଆଚାର୍ଯ୍ୟ ହରିହର ପଦଯାତ୍ରା ସତ୍ୟାଗ୍ରହୀଙ୍କର ନେତୃତ୍ୱ ନେଲେ ଏବଂ ସେମାନେ ୧୯୩୦ ଏପ୍ରିଲ ୧୨ରେ ଇଞ୍ଚୁଡ଼ିରେ ପହଞ୍ଚିଲେ । ଇତି ମଧ୍ୟରେ ରମାଦେବୀ, ମାଳତୀ ଦେବୀ, କୋକିଳା ଦେବୀ, ଜାହ୍ନବୀ ଦେବୀ ଓ ସୁଭଦ୍ରା ମହତାବ ଆଦି ନାରୀ ନେତ୍ରୀମାନେ



(ରମା ଦେବୀ)

ଇଞ୍ଚୁଡ଼ିରେ ପହଞ୍ଚି ଯାଇଥିଲେ । ଏପ୍ରିଲ ୧୩ ତାରିଖରେ ଆଚାର୍ଯ୍ୟ ହରିହର ଇଞ୍ଚୁଡ଼ି ଠାରେ ଲବଣ ଆଇନ ଭଙ୍ଗ କଲେ । ଆଚାର୍ଯ୍ୟ ହରିହର ଓ ତାଙ୍କର ୭ ଜଣ କର୍ମୀ ଗିରଫ ହୋଇଥିଲେ । ଏପ୍ରିଲ ୨୦ରେ ରମାଦେବୀ ଓ ମାଳତୀ ଦେବୀଙ୍କ ନେତୃତ୍ୱରେ ବହୁ ନାରୀ ଲବଣ ଆଇନ ଭଙ୍ଗ କଲେ । ଇଞ୍ଚୁଡ଼ି ହୋଇଯାଇଥିଲା ଦ୍ୱିତୀୟ ଦାଣ୍ଡି ।

## ଆନ୍ଦୋଳନର ପ୍ରସାର :

ଇଞ୍ଚୁଡ଼ିରେ ଲବଣ ଆଇନ ଭଙ୍ଗ ସତ୍ୟାଗ୍ରହୀଙ୍କୁ ଆନନ୍ଦ ଓ ଉତ୍ସାହ ଦେଇଥିଲା । ଇଞ୍ଚୁଡ଼ି ପରେ ସାର୍ଥା, ଜମକୁଣ୍ଡା, ଇରମ୍, ଚୂଡ଼ାମଣି, ବିଦେହୀପୁର ଆଦି ସ୍ଥାନରେ ଲବଣ ଆଇନ ଭଙ୍ଗ କରାଯାଇଥିଲା । ସାର୍ଥାଠାରେ ମଥୁରା ମୋହନ ବେହେରା, କରୁଣାକର ପାଣିଗ୍ରାହୀ ଓ ନୀଳାମ୍ବର ଦାସଙ୍କ ସମେତ ଅନେକ ସଂଖ୍ୟକ ସତ୍ୟାଗ୍ରହୀ ଗିରଫ ହୋଇଥିଲେ ।

କୁଜଙ୍ଗଠାରେ ୧୯୩୦ ମେ ୮ ତାରିଖ ଦିନ ନାରାୟଣ ବୀରବର ସାମନ୍ତ, ରମାଦେବୀ ଓ ମାଳତୀ ଦେବୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା । କୁଜଙ୍ଗର ରାଣୀ ଭାଗ୍ୟବତୀ ପାଟମହାଦେଈ ଏହି ସତ୍ୟାଗ୍ରହରେ ଯୋଗଦାନ କରିଥିଲେ । ପାରାଦ୍ୱୀପ, ଏରସମା, ଗଡ଼ୁଆ, ବରଡ଼ିଆ, କାଳିଘାଟ ଆଦି ସ୍ଥାନରେ ଲୋକମାନେ ଲବଣ ଆଇନ ଭଙ୍ଗ କରିଥିଲେ । ପୁରୀ ଜିଲ୍ଲାରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଜଗନ୍ନାଥ ରଥଙ୍କର ନେତୃତ୍ୱରେ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା । କାକଟପୁର, ଅସ୍ତରଙ୍ଗ, ଖଣ୍ଡସାହି, କୁହୁଡ଼ି, ଲାଟରା ଆଦି ସ୍ଥାନରେ ଆନ୍ଦୋଳନକାରୀମାନେ ସକ୍ରିୟ ଥିଲେ । ଗଞ୍ଜାମ ଜିଲ୍ଲାରେ ବିଶ୍ୱନାଥ ଦାସ, ନିରଞ୍ଜନ ପଟ୍ଟନାୟକ, ଶଶିଭୂଷଣ ରଥ, ଦିବାକର ପଟ୍ଟନାୟକ, ସରଳାଦେବୀ ଓ ମାଳତୀ ଦେବୀ ଲବଣ ସତ୍ୟାଗ୍ରହ ପରିଚାଳନା କରିଥିଲେ । ଗଞ୍ଜା, ହୁମା, ଲକ୍ଷ୍ମୀପୁର, ପଲ୍ଲୀନନ୍ଦ ଆଦି ସ୍ଥାନଗୁଡ଼ିକ ଲବଣ ସତ୍ୟାଗ୍ରହର କେନ୍ଦ୍ରସ୍ଥଳୀ ହୋଇଥିଲା । ନିରଞ୍ଜନ ପଟ୍ଟନାୟକ, ସରଳା ଦେବୀ ଆଦି ନେତୃସ୍ଥାନୀୟ ବ୍ୟକ୍ତି ଗିରଫ ହୋଇଥିଲେ ମଧ୍ୟ ଏହି ଆନ୍ଦୋଳନ ଦୁର୍ବଳ ହୋଇ ନ ଥିଲା ।

## ଆନ୍ଦୋଳନର ଅନ୍ୟାନ୍ୟ କାର୍ଯ୍ୟକ୍ରମ :

ଲବଣ ଆଇନ ଭଙ୍ଗ ବ୍ୟତୀତ ଆଇନ ଅମାନ୍ୟ ଆନ୍ଦୋଳନର ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସାମାଜିକ ବାସନ୍ଦ, ବିଦେଶୀ ବସ୍ତ୍ର ବର୍ଜନ, ଚୌକିଦାରୀ କର ଉଚ୍ଛେଦ ଓ ନିଶାନିବାରଣ ଥିଲା ପ୍ରଧାନ ।

ଓଡ଼ିଶାରେ ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ଇଂରେଜ ସରକାରଙ୍କୁ ସହଯୋଗ କରୁଥିବା ବ୍ୟକ୍ତିମାନଙ୍କୁ

ସାମାଜିକ ସ୍ତରରେ ବାସନ୍ଦ କରାଯାଇଥିଲା । ଇଞ୍ଚୁଡ଼ି ଅଞ୍ଚଳରେ ଏହି ବାସନ୍ଦ ଏପରି ସଫଳ ହୋଇଥିଲା ଯେ କୌଣସି ସରକାରୀ କର୍ମଚାରୀ ନିତ୍ୟ ବ୍ୟବହାର୍ଯ୍ୟ ଯଥା ଜାଳେଣି କାଠ, ଚାଉଳ, ଲୁଣ ଆଦି ଜିନିଷ ପାଇ ପାରି ନ ଥିଲେ । ସେହିପରି ସତ୍ୟାଗ୍ରହୀମାନଙ୍କ ପ୍ରରୋଚନାରେ ଜନସାଧାରଣ ସାମ୍ବାଦିକ ଓ ପୁଲିସମାନଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇଲେ ନାହିଁ ।

ଆଇନ ଅମାନ୍ୟ ଆନ୍ଦୋଳନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ଚୌକିଦାରୀ କରର ବିରୋଧ । ଇଞ୍ଚୁଡ଼ି ନିକଟସ୍ଥ ଶ୍ରୀଜଙ୍ଗ ଅଞ୍ଚଳରେ ଗୌରମୋହନ ଦାସ ଓ ବିଦ୍ୟାଧର ରଥଙ୍କ ନେତୃତ୍ୱରେ ୧୯୩୧ ମେ'ରେ ଏହା ଆରମ୍ଭ କରାଯାଇଥିଲା । ଚୌକିଦାର ତଥା ଦଫାଦାରମାନଙ୍କୁ ଇଂରେଜ ସରକାରଙ୍କ ଗୋଲାମୀ ନ କରିବା ପାଇଁ କୁହାଗଲା । ଏଥିରେ ଉଦ୍‌ବୁଦ୍ଧ ହୋଇ କେତେକ ଚୌକିଦାର ଚାକିରିରୁ ଇସ୍ତଫା ଦେଲେ । ଏହି ଆନ୍ଦୋଳନକୁ ଦମନ କରିବା ଉଦ୍ଦେଶ୍ୟରେ ପୋଲିସ୍ କେତେକ ନେତୃ ସ୍ଥାନୀୟ ସତ୍ୟାଗ୍ରହୀଙ୍କୁ ଗିରଫ କରିବାପରେ କ୍ରୋଧାନ୍ୱିତ ଗ୍ରାମବାସୀ ଏକ ପୁଲିସ୍ ବାହିନୀକୁ ମାଡ଼ଧର୍ କରିବାରୁ ୫୪ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା ଏବଂ ସେଠାରେ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ସମ୍ପତ୍ତି ଲୁଟ୍ ସହିତ ଗ୍ରାମବାସୀଙ୍କ ଉପରେ ଛ' ହଜାର ଟଙ୍କାର ଶାସ୍ତିମୂଳକ କରଭାର ଲଦି ଦିଆଯାଇଥିଲା ।

ସେହିପରି ଓଡ଼ିଶାରେ ନିଶା ନିବାରଣ ଅଭିଯାନ ମଧ୍ୟ ଆରମ୍ଭ ହୋଇଥିଲା । ସର୍ବ ପ୍ରଥମେ ଗ୍ରାମରେ ଥିବା ସବୁ ତାଳ ଓ ଖଜୁରୀ ଗଛକୁ କାଟିବାପାଇଁ ସତ୍ୟାଗ୍ରହୀମାନେ ଜନସାଧାରଣଙ୍କୁ ବୁଝାଇଲେ । ତା'ଛଡ଼ା କଟକରେ ବିଦେଶୀ ମଦଦୋକାନ ଓ ଗାଁ ମାନଙ୍କରେ ଥିବା ତାଡ଼ି ଦୋକାନ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇ ଲୋକମାନଙ୍କୁ ନିଶା ସେବନରୁ ନିବୃତ୍ତ କରାଯାଇଥିଲା । ଏହିପରି ବିକ୍ଷୋଭ କରୁଥିବା ସମୟରେ ରମାଦେବୀ ଓ ସରଳା ଦେବୀଙ୍କୁ ବେତ୍ରାଘାତ ସହନ କରିବାକୁ ପଡ଼ିଥିଲା ।

ଓଡ଼ିଶାରେ ଆଇନ ଅମାନ୍ୟ ଆନ୍ଦୋଳନର ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା ନାରୀ ଜାଗରଣ ଓ ବାନର ସେନାର କାର୍ଯ୍ୟ । ବିଦେଶୀ ଲୁଗାଦୋକାନ ଓ ମଦ ଦୋକାନ ସମ୍ମୁଖରେ ଧାରଣା ଦେବା ଓ ପ୍ରଚାରପତ୍ର ବାଣ୍ଟିବା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ କାମ ନାରୀମାନେ ଭଲ ଭାବରେ କରି ପାରୁଥିଲେ । ସେମାନଙ୍କ ସହିତ ୧୬ ବର୍ଷରୁ କମ୍ ବୟସ୍କ ପିଲାମାନେ ମଧ୍ୟ ସତ୍ୟାଗ୍ରହୀ ରୂପେ ଯୋଗ ଦେଇଥିଲେ । ବାନରସେନା ନାମରେ ପରିଚିତ ଏହି ଛୋଟ ପିଲାମାନଙ୍କ ବାହିନୀ ଲୁଗାଦୋକାନ, ମଦ ଦୋକାନ ଆଗରେ ଧାରଣା ଦେବା ଓ ପ୍ରଚାର ପତ୍ର ବାଣ୍ଟିବା ଆଦି ବହୁ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ସେମାନଙ୍କୁ ମଧ ପୋଲିସର ବେତ ମାଡ଼ ସହିବାକୁ ପଡ଼ିଥିଲା । ଓଡ଼ିଶାର ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ବାନର ସେନାଙ୍କ ଭୂମିକା ଅନନ୍ୟ ଥିଲା ।

> *ତୁମେ ଜାଣିଛ କି ?*
>
> *କଟକରୁ 'ବିଦ୍ରୋହୀ' ଓ ବାଲେଶ୍ୱରରୁ 'ବିପ୍ଳବୀ' ନାମକ ଦୁଇଟି ବୁଲେଟିନ୍ ଅଣାଯାଇ ଲୋକମାନଙ୍କ ମଧ୍ୟରେ ବଣ୍ଟା ଯାଉଥିଲା ।*

### ଦମନ ଲୀଳା :

ଓଡ଼ିଶାରେ ମଧ୍ୟ ସରକାର ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ଦମନ ଲୀଳା ଚଳାଇଥିଲେ । ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ନନ୍ଦକିଶୋର ଦାସ, ନୀଳକଣ୍ଠ ଦାସ, ଲିଙ୍ଗରାଜ ମିଶ୍ର, ଯଦୁମଣି ମଙ୍ଗରାଜ, କୃପାସିନ୍ଧୁ ହୋତା, ସରଳା ଦେବୀ, ମାଳତୀ ଦେବୀଙ୍କ ଭଳି ନେତାମାନଙ୍କୁ ବନ୍ଦୀ କରିଥିଲେ । 'ସମାଜ', 'ପ୍ରଜାତନ୍ତ୍ର' ଓ 'ଆଶା' ଆଦି ସମ୍ବାଦପତ୍ର ଉପରେ ସରକାର କଟକଣା ଜାରି କଲେ । କଂଗ୍ରେସ ଅଫିସ୍ ଓ ଆଶ୍ରମଗୁଡ଼ିକ ଖାନତଲାସ କରି ଆନ୍ଦୋଳନ ସମ୍ପର୍କୀୟ କାଗଜପତ୍ର ଜବତ କରିଥିଲେ । ସମଗ୍ର ଦେଶରେ ଆଇନ୍ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହାର ଘୋଷଣା ସଙ୍ଗେ ସଙ୍ଗେ ୧୯୩୪ ମସିହା ଏପ୍ରିଲ୍‌ରେ ଓଡ଼ିଶାରେ ଏହି ଆନ୍ଦୋଳନର ପରିସମାପ୍ତି ଘଟିଥିଲା ।

ଓଡ଼ିଶାରେ ଆଇନ ଅମାନ୍ୟ ଆନ୍ଦୋଳନ ବହୁ ସଫଳତା ଲାଭ କରିଥିଲା । ଓଡ଼ିଶାରେ ଏହି ଆନ୍ଦୋଳନ ଇଂରେଜ ଶାସନର କୁଫଳକୁ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ଜାତୀୟ ସ୍ରୋତରେ ମିଶି ପୂର୍ଣ୍ଣସ୍ୱରାଜ ହାସଲ ପାଇଁ ଉଦ୍ୟମ କରିବାକୁ ଉତ୍ସାହିତ କରିଥିଲା ।

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) ମହାତ୍ମାଗାନ୍ଧୀଙ୍କ ଦାଣ୍ଡିଯାତ୍ରା ସଂପର୍କରେ ବର୍ଣ୍ଣନ କର ।

(ଖ) ଆଇନ ଅମାନ୍ୟ ଆନ୍ଦୋଳନର କାର୍ଯ୍ୟକ୍ରମ କ'ଣ ଥିଲା ଏବଂ ଏହା କେବେ ଘୋଷଣା କରାଯାଇଥିଲା ?

(ଗ) ଗାନ୍ଧୀ ଇରଉଇନ୍ ଚୁକ୍ତି କେବେ ସମ୍ପାଦିତ ହୋଇଥିଲା ଏବଂ ଏହାର ଫଳାଫଳ କ'ଣ ଥିଲା ?

(ଘ) ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସଂପର୍କରେ ବର୍ଣ୍ଣନ କର ।

(ଙ) ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ଓଡ଼ିଶାର ଶ୍ରୀଜଙ୍ଗ ଗ୍ରାମରେ ସଂଘଟିତ କରବିରୋଧୀ ଆନ୍ଦୋଳନ ସଂପର୍କରେ ଆଲୋଚନା କର ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଟି ଶବ୍ଦରେ ଲେଖ ।**

(କ) ଜାତୀୟ କଂଗ୍ରେସ କାହିଁକି ସାଇମନ୍ କମିଶନକୁ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲା ?

(ଖ) ଭାରତୀୟ ଜାତୀୟ କଂଗ୍ରେସର ୧୯୨୯ ମସିହାର ଲାହୋର ଅଧିବେଶନ କାହିଁକି ଗୁରୁତ୍ୱପୂର୍ଣ୍ଣ ?

(ଗ) ଗାନ୍ଧିଜୀ କାହିଁକି ଆଇନ୍ ଅମାନ୍ୟ ଆନ୍ଦୋଳନର ଡାକରା ଦେଲେ ?

(ଘ) ବ୍ରିଟିଶ ସରକାର କେବେ ଓ କାହିଁକି ପ୍ରଥମ ଗୋଲ ଟେବୁଲ ବୈଠକ ଡକାଇଥିଲେ ?

(ଙ) ଦ୍ୱିତୀୟ ଗୋଲଟେବୁଲ ବୈଠକରେ ମହାତ୍ମାଗାନ୍ଧୀ କାହିଁକି ଅସନ୍ତୋଷ ପ୍ରକାଶ କଲେ ?

(ଚ) ଗାନ୍ଧିଜୀ କାହିଁକି ସ୍ଥଗିତ ଥିବା ଆଇନ ଅମାନ୍ୟ ଆନ୍ଦୋଳନର ପୁନରାରମ୍ଭ କଲେ ?

(ଛ) ୧୯୩୩ ମେ' ମାସରେ ଗାନ୍ଧିଜୀ କାହିଁକି ଏକୋଇଶ ଦିନିଆ ଅନଶନ ଘୋଷଣା କଲେ ?

(ଜ) ଦ୍ୱିତୀୟ ପର୍ଯ୍ୟାୟ ଆଇନ୍ ଅମାନ୍ୟ ଆନ୍ଦୋଳନ କେବେ ସ୍ଥଗିତ ରଖାଗଲା ଏବଂ କେବେ ପ୍ରତ୍ୟାହୃତ ହେଲା ?

(ଝ) କୁଜଙ୍ଗଠାରେ ସତ୍ୟାଗ୍ରହରେ କେଉଁମାନେ ନେତୃତ୍ୱ ନେଇଥିଲେ ?

(ଞ) ଓଡ଼ିଶାରେ ଆଇନ୍ ଅମାନ୍ୟ ଆନ୍ଦୋଳନ ସମୟରେ 'ବାନର ସେନା'ର ଭୂମିକା କ'ଣ ଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ସାଇମନ୍ କମିଶନ କାହିଁକି ଭାରତ ଆସିଥିଲେ ?

(ଖ) ସାଇମନ୍ କମିଶନ କେଉଁଦିନ ଭାରତରେ ପହଞ୍ଚିଥିଲେ ?

(ଗ) ୧୯୨୯ ମସିହାର କେଉଁ ତାରିଖରେ ଲାହୋରଠାରେ ସ୍ୱାଧୀନତାର ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥିଲା ?

(ଘ) କେଉଁଠାରେ ଜନତା ଜଙ୍ଗଲ ଆଇନ୍ ଅମାନ୍ୟ କରିଥିଲେ ?

(ଙ) 'ଖୁଦାଇ ଖିଦ୍‌ମତଗାର'ର ପ୍ରତିଷ୍ଠାତା କିଏ ?

(ଚ) ଦ୍ୱିତୀୟ ଗୋଲ୍‌ଟେବୁଲ ବୈଠକ କେବେଠାରୁ କେବେ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ?

(ଛ) କୁଜଙ୍ଗ ଠାରେ କେବେ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(ଚ) କିଏ ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ?

(ଛ) ଓଡ଼ିଶାରେ ଆଇନ୍ ଅମାନ୍ୟ ଆନ୍ଦୋଳନ ସମୟରେ ବିଦେଶୀ ମଦ ଦୋକାନ ଆଗରେ ବିକ୍ଷୋଭ କରି କେଉଁ ଦୁଇ ଜଣ ନାରୀ ନେତ୍ରୀ ବେତ୍ରାଘାତର ଶିକାର ହୋଇଥିଲେ ?

(ଜ) ଆଇନ୍ ଅମାନ୍ୟ ଆନ୍ଦୋଳନକୁ ଦମନ କରିବା ଉଦ୍ଦେଶ୍ୟରେ ଓଡ଼ିଶାର କେଉଁ ସମ୍ବାଦପତ୍ରଗୁଡ଼ିକ ଉପରେ କଟକଣା ଜାରି କରାଯାଇଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ।**

(କ) ସାଇମନ୍ କମିଶନ୍ ଭାରତର କେଉଁ ସହରରେ ପହଞ୍ଚିଲା ?

(i) ଦିଲ୍ଲୀ (ii) ଲାହୋର

(iii) ମୁମ୍ବାଇ (iv) କୋଲ୍‌କାତା

(ଖ) ଲକ୍ଷ୍ନୌଠାରେ ସାଇମନ୍ କମିଶନ ବିରୋଧୀ ଶୋଭାଯାତ୍ରାକାରୀଙ୍କ ମଧ୍ୟରୁ କିଏ ପୋଲିସ୍ ଲାଠିମାଡ଼ର ଶିକାର ହୋଇଥିଲେ ?

(i) ସୁଭାଷ ଚନ୍ଦ୍ର ବୋଷ (ii) ମହାତ୍ମାଗାନ୍ଧୀ

(iii) ଲାଲା ଲଜପତ ରାଏ (iv) ଗୋବିନ୍ଦ ବଲ୍ଲଭ ପନ୍ଥ

(ଗ) ଦ୍ୱିତୀୟ ଗୋଲ୍ ଟେବୁଲ୍ ବୈଠକରେ କିଏ ଅଧକ୍ଷତା କରିଥିଲେ ?

(i) ଲର୍ଡ ଇର୍‌ଉଇନ୍ (ii) ରାମ୍‌ସେ ମାକ୍‌ଡୋନାଲ୍‌ଡ୍

(iii) ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍ (iv) ପଞ୍ଚମ ଜର୍ଜ

(ଘ) ଦଳିତ ଶ୍ରେଣୀ ପାଇଁ ପୃଥକ୍ ନିର୍ବାଚନ ମଣ୍ଡଳୀ ଘୋଷଣା ପ୍ରତ୍ୟାହାର ଦାବିରେ ଗାନ୍ଧିଜୀ କେବେଠାରୁ ଅନଶନ ଆରମ୍ଭ କରିଥିଲେ ?

(i) ୧୯୩୧ ସେପ୍ଟେମ୍ବର ୭ (ii) ୧୯୩୧ ଡିସେମ୍ବର ୨୮

(iii) ୧୯୩୨ ସେପ୍ଟେମ୍ବର ୨୦ (iv) ୧୯୩୫ ଅଗଷ୍ଟ ୨

(ଙ) କେଉଁଠାରେ ଅନୁଷ୍ଠିତ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାରେ ଗୋପବନ୍ଧୁ ଚୌଧୁରୀଙ୍କୁ ଓଡ଼ିଶାରେ ଆଇନ୍ ଅମାନ୍ୟ ଆନ୍ଦୋଳନର ନେତୃତ୍ୱ ଦିଆଯାଇଥିଲା ?

(i) କଟକ (ii) ପୁରୀ (iii) ବାଲେଶ୍ୱର (iv) କାକଟପୁର

**୫. ପାଠରେ ଦିଆଯାଇଥିବା "ତୁମପାଇଁ କାମ"ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

# ଚତୁର୍ଥ ପାଠ

# ଭାରତ ଛାଡ଼ ଆନ୍ଦୋଳନ ଏବଂ ଏଥିରେ ଓଡ଼ିଶାର ଭୂମିକା

ଭାରତ ଛାଡ଼ ଆନ୍ଦୋଳନ ଥିଲା ବ୍ରିଟିଶ୍ ଶାସନ ବିରୋଧରେ ମହାତ୍ମାଗାନ୍ଧୀଙ୍କ ଶେଷ ଗଣ ଆନ୍ଦୋଳନ। ଭାରତୀୟ ସ୍ୱାଧୀନତା ସଂଗ୍ରାମର ସମ୍ରାଟ ମହାତ୍ମାଗାନ୍ଧୀ ଏହି ଆନ୍ଦୋଳନ ମାଧ୍ୟମରେ ଇଂରେଜ ସରକାରଙ୍କୁ ଭାରତ ଛାଡ଼ିବା ପାଇଁ ଆହ୍ୱାନ କରିଥିଲେ। ଅଗଷ୍ଟ ମାସରେ ହୋଇଥିବା ଏହି ଗଣ ଆନ୍ଦୋଳନର ତୀବ୍ରତା ଓ ବ୍ୟାପକତା ଏତେ ଅଧିକ ଥିଲା ଯେ ଇତିହାସରେ ଏହା **ଅଗଷ୍ଟ ବିପ୍ଳବ** ନାମରେ ପରିଚିତ।

## ଆନ୍ଦୋଳନର ପୃଷ୍ଠଭୂମି :

୧୯୩୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୩ ତାରିଖରେ ବ୍ରିଟିଶ ସରକାର ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କରିବା ଦ୍ୱାରା ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ସହିତ ଆରମ୍ଭ ହୋଇଥିଲା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ଅଧ୍ୟାୟ। ସେହି ସମୟର ବଡ଼ଲାଟ ଲର୍ଡ଼ ଲିନ୍‌ଲିଥ୍‌ଗୋ ଜାତୀୟ କଂଗ୍ରେସ କିମ୍ବା ଭାରତୀୟ ନେତୃବୃନ୍ଦଙ୍କ ସହିତ କୌଣସି ଆଲୋଚନା ନ କରି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତକୁ **ମିତ୍ର ଶକ୍ତି**ର ପକ୍ଷଭୁକ୍ତ କରାଇଥିଲେ। ୧୯୩୯ ସେପ୍ଟେମ୍ବର ୧୪ରେ ଜାତୀୟ କଂଗ୍ରେସ ଏକ ପ୍ରସ୍ତାବ ଗ୍ରହଣ କଲା ଯେ ଯେତେ ଦିନ ପର୍ଯ୍ୟନ୍ତ ଇଂରେଜ ସରକାର ଭାରତୀୟଙ୍କୁ ନିଜର ସମ୍ବିଧାନ ପ୍ରଣୟନ କରିବା ନିମନ୍ତେ ପୂର୍ଣ୍ଣ କ୍ଷମତା ନ ଦେଇଛନ୍ତି ଓ ଏକ ଜନପ୍ରିୟ ସରକାର ପ୍ରତିଷ୍ଠା କରିବା ପାଇଁ ସମ୍ମତ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଭାରତୀୟମାନେ 'ମିତ୍ରଶକ୍ତି'ଙ୍କୁ କୌଣସି ପ୍ରକାର ସାହାଯ୍ୟ ପ୍ରଦାନ କରିବେ ନାହିଁ। ବ୍ରିଟିଶ୍ ସରକାର ଜାତୀୟ କଂଗ୍ରେସର 'ପୂର୍ଣ୍ଣ ସ୍ୱାଧୀନତା' ଦାବିକୁ ଗ୍ରହଣ ନ କରି ଭାରତକୁ କେବଳ ସ୍ୱାୟତ୍ତଶାସନ ଅଧିକାର ଦିଆଯିବ ବୋଲି ଘୋଷଣା କଲେ। ୧୯୩୯ ମସିହା ଅକ୍ଟୋବର ୨୨ ତାରିଖରେ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ସରକାରଙ୍କର ଏହି ଘୋଷଣାକୁ ଦୃଢ଼ ନିନ୍ଦା କରିବା ସଙ୍ଗେ ସଙ୍ଗେ ପ୍ରତିବାଦ ସ୍ୱରୂପ ଆଠଟି ପ୍ରଦେଶରେ ଅବସ୍ଥାପିତ କଂଗ୍ରେସ ମନ୍ତ୍ରିମଣ୍ଡଳକୁ ଇସ୍ତଫା ଦେବାପାଇଁ ନିର୍ଦ୍ଦେଶ ଦେଲେ। ଇତି ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରାରମ୍ଭ ସମୟରେ ଜର୍ମାନୀ ତ୍ୱରିତ ବେଗରେ ସଫଳତା ହାସଲ କରି ଇଂଲଣ୍ଡ ଆକ୍ରମଣ କରିବା ପାଇଁ ଅଗ୍ରସର ହେଲା। ଇଂଲଣ୍ଡରେ ଜଟିଳ ପରିସ୍ଥିତି ଦୃଷ୍ଟିରୁ ଗାନ୍ଧିଜୀ ତାଙ୍କ ମନୋଭାବ କୋହଳ କଲେ। ଜାତୀୟ କଂଗ୍ରେସର କାର୍ଯ୍ୟକାରିଣୀ କମିଟି ଦୁଇଟି ସର୍ତ୍ତରେ ବ୍ରିଟିଶ୍ ସରକାରଙ୍କୁ ସାହାଯ୍ୟ କରିବାପାଇଁ ନିଷ୍ପତ୍ତି ନେଲା। ପ୍ରଥମ ସର୍ତ୍ତଟି ଥିଲା ଯୁଦ୍ଧ ସମାପ୍ତି ପରେ ବ୍ରିଟିଶ୍ ସରକାର ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିବେ ଏବଂ ଦ୍ୱିତୀୟଟି ଥିଲା ତତ୍‌କ୍ଷଣାତ୍ ସମସ୍ତ ଦଳର ପ୍ରତିନିଧିଙ୍କୁ ନେଇ ଭାରତରେ ଏକ ଅସ୍ଥାୟୀ ଜାତୀୟ ସରକାର ଅବସ୍ଥାପିତ କରିବେ।

ଇଂରେଜ ସରକାର ଭାରତୀୟମାନଙ୍କୁ କେତେକ ସୁବିଧା ଦେବାନିମନ୍ତେ ୧୯୪୦ ମସିହା ଅଗଷ୍ଟ ୮ ତାରିଖରେ ଏକ ଘୋଷଣା ଜାରି କଲେ। ଏହାକୁ 'ଅଗଷ୍ଟ ଦାନ' କୁହାଯାଏ। ଏଥିରେ ଦିଆଯାଇଥିବା ସୁବିଧାଗୁଡ଼ିକ ଥିଲା– ଭାରତକୁ ସ୍ୱାୟତ୍ତ ଶାସନ କ୍ଷମତା; ଭାରତର ସମ୍ବିଧାନ ପ୍ରଣୟନ ପାଇଁ ସାମ୍ବିଧାନିକ ସଭା ଗଠନ; ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରି ବଡ଼ଲାଟଙ୍କ କାର୍ଯ୍ୟକାରିଣୀ ପରିଷଦର ପ୍ରସାରଣ; ବ୍ରିଟିଶ୍ ଶାସନାଧୀନ ଭାରତ ଓ ଭାରତର ଦେଶୀୟ ରାଜ୍ୟମାନଙ୍କ ପ୍ରତିନିଧିଙ୍କୁ ନେଇ ଏକ ଯୁଦ୍ଧ ପରାମର୍ଶଦାତା ପରିଷଦ ଗଠନ ଏବଂ ଭବିଷ୍ୟତରେ ସାମ୍ବିଧାନିକ ପରିବର୍ତ୍ତନରେ ସଂଖ୍ୟାଲଘୁଙ୍କ ମତ ପ୍ରତି ଗୁରୁତ୍ୱ ପ୍ରଦାନ। ଏହି ଘୋଷଣାକୁ କଂଗ୍ରେସ ଓ ମୁସଲିମ୍ ଲିଗ୍ ଉଭୟ ସଂଗଠନ ପ୍ରତ୍ୟାଖ୍ୟାନ କରିଥିଲେ। ଏହା ପରେ ଗାନ୍ଧିଜୀ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କଲେ। ଏଥିରେ ପ୍ରଥମ ସତ୍ୟାଗ୍ରହୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ବିନୋବା ଭାବେ। ସେ ୧୯୪୦ ଅକ୍ଟୋବର ୧୭ରେ ପାନାଉର୍‌ଠାରେ ତାଙ୍କ ସତ୍ୟାଗ୍ରହ ଆରମ୍ଭ କରିଥିଲେ। ସେ ଗିରଫ ହେବା ପରେ ପରେ ଜବାହରଲାଲ ନେହେରୁ ଦ୍ୱିତୀୟ ସତ୍ୟାଗ୍ରହୀ

ଭାବେ ଗିରଫ ହୋଇଥିଲେ । ଅତି ଶୀଘ୍ର ଦେଶବ୍ୟାପୀ ବ୍ୟକ୍ତିଗତ ସତ୍ୟାଗ୍ରହ ଆନ୍ଦୋଳନ ଚାଲିଲା । ଗାନ୍ଧିଜୀ ଏହି ସତ୍ୟାଗ୍ରହକୁ ସୀମିତ ରଖିବାକୁ ଚାହିଁଥିଲେ କିନ୍ତୁ ଡିସେମ୍ବର ୧୯୪୧ ସୁଦ୍ଧା ପ୍ରାୟ ୨୫,୦୦୦ ରୁ ଊର୍ଦ୍ଧ୍ୱ ସତ୍ୟାଗ୍ରହୀ ଗିରଫ ହୋଇଥିଲେ । ଏହି ବ୍ୟକ୍ତିଗତ ସତ୍ୟାଗ୍ରହ ସମଗ୍ର ବିଶ୍ୱକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ଆମେରିକା, ଚୀନ୍ ଓ ଅଷ୍ଟ୍ରେଲିଆ ଭାରତୀୟମାନଙ୍କ ଦାବିକୁ ଗ୍ରହଣ କରି ନେବା ପାଇଁ ବ୍ରିଟିଶ ସରକାରଙ୍କ ଉପରେ ଚାପ ପକାଇଲେ । ଏହା ବ୍ୟତୀତ ଇଂଲଣ୍ଡର ଜନସାଧାରଣ ମଧ୍ୟ ଭାରତୀୟମାନଙ୍କୁ କିଛି ସୁବିଧା ଦେବା ସପକ୍ଷରେ ଥିଲେ । ଇଂଲଣ୍ଡର ତତ୍କାଳୀନ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ ଏସ୍ ଚର୍ଚ୍ଚିଲ ୧୯୪୨ ମାର୍ଚ୍ଚରେ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ସାର ଷ୍ଟାଫୋର୍ଡ଼ କ୍ରିପ୍‌ସ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭାରତ ପଠାଇଲେ । ଏହା 'କ୍ରିପ୍‌ସ୍ ମିଶନ' ନାମରେ ପରିଚିତ ହେଲା । ଏହି ମିଶନ ପ୍ରସ୍ତାବ ଦେଲା ଯେ ଭାରତକୁ ବ୍ରିଟିଶ ସାମ୍ରାଜ୍ୟର ଏକ ଅଂଶ



(ଚର୍ଚ୍ଚିଲ)

ରୂପେ ସ୍ୱାୟତ୍ତ ଶାସନ ଅଧିକାର ଦିଆଯିବ । ଭାରତବାସୀ ନିଜ ପାଇଁ ସମ୍ବିଧାନ ପ୍ରସ୍ତୁତ କରିବାର ଅଧିକାର ପାଇବେ । କିନ୍ତୁ କୌଣସି ପ୍ରଦେଶ ଯଦି ସେ ସମ୍ବିଧାନ ଗ୍ରହଣ ନ କରେ ତେବେ ସେହି ପ୍ରଦେଶ ନିଜ ପାଇଁ ଗୋଟିଏ ପୃଥକ ସମ୍ବିଧାନ ତିଆରି କରି ପାରିବ । ଭାରତକୁ ଖଣ୍ଡ ବିଖଣ୍ଡିତ କରି ବ୍ରିଟିଶ ସାମ୍ରାଜ୍ୟବାଦକୁ ଦୃଢ଼ କରିବାର ଉଦ୍ଦେଶ୍ୟ ଭାରତୀୟମାନେ ଭଲ ଭାବରେ ବୁଝିପାରିଲେ । ତେଣୁ କ୍ରିପ୍‌ସ ମିଶନର ଏହି ପ୍ରସ୍ତାବକୁ ସବୁ ଦଳ ପ୍ରତ୍ୟାଖ୍ୟାନ କଲେ । ତା' ଛଡ଼ା ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁଁ ଦେଶ ନୈରାଶ୍ୟ, ଅଶାନ୍ତି ଓ ଦାରିଦ୍ର୍ୟ



(ଷ୍ଟାଫୋର୍ଡ଼ କ୍ରିପ୍‌ସ୍)

ମଧ୍ୟରେ ଗତି କରୁଥିଲା । ଏହି ସବୁ ଅନିଶ୍ଚିତତା ଓ ଅବ୍ୟବସ୍ଥାରୁ ଭାରତକୁ ରକ୍ଷା କରିବାପାଇଁ ପ୍ରଥମେ ଇଂରେଜମାନଙ୍କୁ ଭାରତ ଛାଡ଼ିବାକୁ ପଡ଼ିବ ବୋଲି କଂଗ୍ରେସର ନେତାମାନଙ୍କର ହୃଦବୋଧ ହେଲା । ଗାନ୍ଧିଜୀ ବୁଝି ପାରିଲେ ଯେ ଇଂରେଜମାନେ ସମସ୍ତ ସମସ୍ୟାର ମୂଳ କାରଣ ଓ ସେମାନେ ଭାରତରୁ ବିଦାୟ ନେଲେ ସେଗୁଡ଼ିକର ସମାଧାନ ହୋଇଯିବ । ତେଣୁ ବ୍ରିଟିଶ ସରକାର ବିରୋଧରେ ଏକ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ସେ ଯୋଜନା କଲେ । ଏ ବିଷୟରେ ସିଦ୍ଧାନ୍ତ ନେବାପାଇଁ ୱାର୍ଦ୍ଧାଠାରେ ୧୯୪୨ ଜୁଲାଇ ୬ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକ ବସିଲା । ଜୁଲାଇ ୧୪ ତାରିଖ ଦିନ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ଏକ ଐତିହାସିକ ନିଷ୍ପତ୍ତି ନେଲେ ଯେ ତୁରନ୍ତ ଭାରତରେ ବ୍ରିଟିଶ ଶାସନର ଅବସାନ ଘଟିବା ଉଚିତ ଏବଂ ଏଥିପାଇଁ "ଭାରତ ଛାଡ଼" ପ୍ରସ୍ତାବ ଗ୍ରହଣ କରାଗଲା ।

୧୯୪୨ ଅଗଷ୍ଟ ୭ ତାରିଖ ଦିନ ମୁମ୍ବାଇ ଠାରେ କଂଗ୍ରେସର ସାଧାରଣ ଅଧିବେଶନରେ ସଭାପତି ମୌଲାନା ଆବୁଲ କାଲାମ୍ ତାଙ୍କ ପ୍ରାରମ୍ଭିକ ଭାଷଣରେ 'ଭାରତ ଛାଡ଼' ଆନ୍ଦୋଳନର ଅର୍ଥ ବ୍ୟାଖ୍ୟାକରି ଶାନ୍ତିପୂର୍ଣ୍ଣ ଓ ଅହିଂସ ଉପାୟରେ

ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଜନସାଧାରଣଙ୍କୁ ଆହ୍ୱାନ କଲେ । ଜବାହରଲାଲ୍ ନେହେରୁ 'ଭାରତ ଛାଡ଼' ଆନ୍ଦୋଳନ ପ୍ରସ୍ତାବ ଆଗତ କଲେ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହାକୁ ସମର୍ଥନ କଲେ । ଅଗଷ୍ଟ ୮ ତାରିଖ ଦିନ ବିପୁଳ ଉତ୍ସାହ ଓ ଉଦ୍ଦୀପନାରେ 'ଭାରତ ଛାଡ଼' ପ୍ରସ୍ତାବକୁ କଂଗ୍ରେସ ଅନୁମୋଦନ କଲା । ଗାନ୍ଧିଜୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ– "ସ୍ୱାଧୀନତା ଆମର ପ୍ରାପ୍ୟ । ସେଥିପାଇଁ ଗୋଟିଏ ମନ୍ତ୍ର ଅଛି– 'କର ବା ମର' । ଆମ ମାତୃଭୂମିକୁ ଆମେ ସ୍ୱାଧୀନ କରିବା କିମ୍ବା ସେଥିପାଇଁ ମରିବା ।"

## କାର୍ଯ୍ୟକ୍ରମ :

ଭାରତ ଛାଡ଼ ଆନ୍ଦୋଳନ ସମୟରେ ନିମ୍ନଲିଖିତ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଥିଲା ।

୧. ଶ୍ରମିକ ଓ କୃଷକମାନେ ଭୂରାଜସ୍ୱ ଦେବା ବନ୍ଦ କରିବେ ।

୨. ଇଂରେଜ କର୍ମଚାରୀମାନଙ୍କୁ କୌଣସି ଖାଦ୍ୟ ପଦାର୍ଥ ବିକ୍ରି କରାଯିବ ନାହିଁ ।

୩. କାଗଜ ନୋଟ ଗ୍ରହଣ କରାଯିବ ନାହିଁ ।

୪. ରାସ୍ତାଘାଟ, ଯାନବାହନ, ଟେଲିଗ୍ରାଫ ଓ ରେଳ ବିଭାଗକୁ ଅଚଳ କରାଯିବ ଯାହା ଫଳରେ ଇଂରେଜ ସୈନ୍ୟମାନଙ୍କୁ ରୋକାଯାଇ ପାରିବ ।

୫. ଥାନା, କୋର୍ଟ ଓ ଜେଲଖାନାକୁ ଭାରତୀୟମାନଙ୍କ ଆୟତ୍ତରେ ରଖାଯିବ ।

୬. ସାଧାରଣ ଜନତା ଅହିଂସ ମାର୍ଗ ଗ୍ରହଣ କରିବେ ।

ଭାରତ ଛାଡ଼ ଆନ୍ଦୋଳନ ପ୍ରସ୍ତାବ ଗୃହୀତ ହେବାର ପରଦିନ ଅର୍ଥାତ୍ ୧୯୪୨ ଅଗଷ୍ଟ ୯ ତାରିଖ ଦିନ ମହାତ୍ମାଗାନ୍ଧୀ ଓ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ସରକାର ଗିରଫ କଲେ । ଗାନ୍ଧିଜୀଙ୍କୁ ପୁନେଠାରେ ଆଗା ଖାଁ ପ୍ୟାଲେସ୍‌ରେ ବନ୍ଦୀକରି ରଖାଗଲା । ଜବାହରଲାଲ ନେହେରୁ, ମୌଲାନା ଆବୁଲ୍ କାଲାମ୍ ଅଜାଦ୍, ଜେ.ବି. କ୍ରିପାଳିନି, ଗୋବିନ୍ଦ ବଲ୍ଲଭ ପନ୍ଥ ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ ତତ୍‌କାଳୀନ ବମ୍ବେ ପ୍ରଦେଶର ଅହମ୍ମଦନଗର ଦୁର୍ଗରେ ରଖାଗଲା । ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ପାଟନାଠାରେ ଗିରଫ କରି ବନ୍ଦୀ କରାଗଲା । ଜାତୀୟ କଂଗ୍ରେସକୁ ବେଆଇନ ଘୋଷଣା କରାଗଲା । ଯଦିଓ ଜନସାଧାରଣ ନେତୃତ୍ୱବିହୀନ ହୋଇ ପଡ଼ିଲେ, ସେମାନେ ସରକାରଙ୍କ ଦମନଲୀଳାକୁ ଏକ ଆହ୍ୱାନ ରୂପେ ଗ୍ରହଣ କରି, ଆନ୍ଦୋଳନରେ ଲମ୍ଫପ୍ରଦାନ କଲେ । ସମାଜବାଦୀ ଦଳର ନେତାମାନେ ଯଥା ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ ଓ ଅରୁଣା ଆସଫଅଲ୍ଲୀ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଆନ୍ଦୋଳନର ବ୍ୟାପକତା :

ମହାରାଷ୍ଟ୍ରରେ ଏହି ଆନ୍ଦୋଳନର ଶୁଭାରମ୍ଭ ହୋଇଥିଲା । ମୁମ୍ବାଇରେ ୱାୟାରଲେସ କେନ୍ଦ୍ର ମାଧ୍ୟମରେ ଭାରତ ଛାଡ଼ ଆନ୍ଦୋଳନର ସମ୍ବାଦ ପ୍ରଚାରିତ ହେଲା । କୃଷକମାନେ ଥାନା ଘେରାଉକରି ପୋଲିସ ଅଫିସରମାନଙ୍କୁ ଆୟତ୍ତାଧୀନ କରିଥିଲେ । ସେହିପରି କର୍ଣ୍ଣାଟକରେ ମଧ୍ୟ ସରକାରୀ ଅଫିସ, ରେଳ ଷ୍ଟେସନ ଓ ଡାକଘର ଜନସାଧାରଣଙ୍କ କ୍ରୋଧର ଶିକାର ହୋଇଥିଲା । ମହୀଶୂର ରାଜ୍ୟ ବିଶେଷ ଭାବରେ ଏହି ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲା । ଗୁଜୁରାଟରେ ହରତାଳ ପାଳନ କରାଯାଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ କରାଯାଇଥିଲା । ଉତ୍ତର ପ୍ରଦେଶର ବାଲିଆ, ଘାଜୀପୁର, ବସ୍ତୀ, ଗୋରଖପୁର ପ୍ରଭୃତି ଅଞ୍ଚଳ ଭାରତ ଛାଡ଼ ଆନ୍ଦୋଳନ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥଲା । ତତ୍‌କାଳୀନ ମଧ୍ୟପ୍ରଦେଶର ନାଗପୁର ଠାରେ ସମସ୍ତ ଥାନା ଜନସାଧାରଣଙ୍କର ନିୟନ୍ତ୍ରଣାଧୀନ ହୋଇଗଲା । ସେହିପରି ବଙ୍ଗଳା ଓ ବିହାରରେ ମଧ୍ୟ ଗାନ୍ଧିଜୀଙ୍କର 'କର ବା ମର' ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ସାଧାରଣ ଜନତା ଆନ୍ଦୋଳନ ଚାଲୁ ରଖିଥିଲେ । ବିହାରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ପାଟନା ସଚିବାଳୟରେ ଜାତୀୟ ପତାକା ଉତ୍ତୋଳନ । ୧୯୪୨ ଅଗଷ୍ଟ ୧୧ ରେ ଛାତ୍ରମାନେ ପାଟନା ସଚିବାଳୟର ପୂର୍ବ ଦ୍ୱାରରେ ଜାତୀୟ ପତାକା ଉତ୍ତୋଳନ

କରିଥିଲେ । ଆସାମରେ ବିପ୍ଳବୀମାନେ ସୈନ୍ୟବାହିନୀ ପାଇଁ ପ୍ରେରିତ ଖାଦ୍ୟଦ୍ରବ୍ୟକୁ ନଷ୍ଟ କରିଥିଲେ । ଏହା ବ୍ୟତୀତ ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ, କରାଚୀ, ସିନ୍ଧୁ ପ୍ରଦେଶ ତଥା ଦକ୍ଷିଣ ଭାରତରେ ମଧ୍ୟ ଭାରତ ଛାଡ଼ ଆନ୍ଦୋଳନ ତୀବ୍ରତର ହୋଇ ଉଠିଥିଲା । ଭାରତ ଛାଡ଼ ଆନ୍ଦୋଳନ ଗଣ ଆନ୍ଦୋଳନରେ ପରିଣତ ହୋଇ ସମଗ୍ର ଦେଶରେ ବ୍ୟାପିଗଲା । ସମଗ୍ର ଦେଶରେ ହରତାଳ ଶୋଭାଯାତ୍ରା ଓ ସଭାସମିତିମାନ କରାଯାଇ ବ୍ରିଟିଶ ସରକାରଙ୍କ ବିରୋଧରେ ଜନମତ ପ୍ରକାଶ ପାଇଲା । ସରକାରୀ ଅଫିସ, ଥାନା, ରେଳ ଷ୍ଟେସନ୍, ପୋଷ୍ଟଅଫିସ ଆଦି ଜନତାଙ୍କ କ୍ରୋଧରୁ ରକ୍ଷା ପାଇଲା ନାହିଁ । ଫଳରେ ବ୍ରିଟିଶ ଶାସନ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ପହଞ୍ଚିଗଲା ।

## ସରକାରଙ୍କ ଦମନ ପ୍ରକ୍ରିୟା :

ଭାରତ ଛାଡ଼ ଆନ୍ଦୋଳନର ତୀବ୍ରତା ଦେଖି ତାକୁ ଦମନ କରିବା ପାଇଁ ସରକାର ବହୁ ଅମାନୁଷିକ ପଦକ୍ଷେପ ନେଇଥିଲେ । ସରକାର ସଭା ଓ ଶୋଭାଯାତ୍ରାକୁ ବେଆଇନ ଘୋଷଣା କଲେ । ଲାଠି ପ୍ରହାର ଓ ଗୁଳି ଚାଳନା ଏକ ସାଧାରଣ ଘଟଣାରେ ପରିଣତ ହେଲା । ସରକାରଙ୍କ ନିଷ୍ଠୁର ଆକ୍ରମଣ ଫଳରେ କଳ୍ପନାତୀତ ସଂଖ୍ୟକ ବିପ୍ଳବୀ ମୃତ୍ୟୁ ବରଣ କଲେ ଓ ଗୁରୁତରଭାବେ ଆହତ ହେଲେ ଏବଂ ଏକ ଲକ୍ଷ ପାଖାପାଖି ସଂଖ୍ୟକ କର୍ମୀ ଗିରଫ ହେଲେ । ସରକାର ମଧ୍ୟ ଭାରତ ଛାଡ଼ ଆନ୍ଦୋଳନ ଦମନ ପାଇଁ ସବୁ ପ୍ରକାର ଅସ୍ତ୍ରର ବ୍ୟବସ୍ଥା କଲେ । ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ୍ ବ୍ରିଟିଶ ହାଉସ ଅଫ୍ କମନ୍ସରେ ୧୦ ସେପ୍ଟେମ୍ବର ୧୯୪୨ ରେ ଘୋଷଣା କଲେ ଯେ ଭାରତ ଛାଡ଼ ଆନ୍ଦୋଳନକୁ ଦମନ କରାଯାଇଛି ।

> **ତୁମ ପାଇଁ କାମ**
>
> *ଭାରତ ଛାଡ଼ ଆନ୍ଦୋଳନ ସମୟରେ ଭାରତର ବଡ଼ଲାଟ କିଏ ଥିଲେ ଏବଂ ତାଙ୍କର ଆନ୍ଦୋଳନ ପ୍ରତି ଆଭିମୁଖ୍ୟ କ'ଣ ଥିଲା ?*

## ଆନ୍ଦୋଳନ ପ୍ରଶମନର କାରଣ :

ନେତୃତ୍ୱ ଓ ସଂଗଠନ ଅଭାବ ଯୋଗୁଁ ଆନ୍ଦୋଳନ ଧିରେ ଧିରେ ପ୍ରଶମିତ ହୋଇଗଲା । କାରଣ ନେତୃତ୍ୱ ଅଭାବରେ ଜନତା ସ୍ୱତଃ ପ୍ରବୃତ୍ତ ଭାବରେ ନିଜ ବିଚାର ଅନୁଯାୟୀ ଆନ୍ଦୋଳନକୁ ଚାଲୁରଖିବା ସମ୍ଭବ ହେଲାନାହିଁ । ଦେଶର ବିଭିନ୍ନ ପ୍ରାନ୍ତରେ ଆନ୍ଦୋଳନ କରୁଥିବା କଂଗ୍ରେସ କର୍ମୀଙ୍କ ମଧ୍ୟରେ ସମନ୍ୱୟ ନ ଥିଲା । ଏହି ଆନ୍ଦୋଳନକୁ ଦେଶୀୟ ରାଜା, ଜମିଦାର ଓ ଧନୀ ବ୍ୟବସାୟୀମାନେ ସମର୍ଥନ ଦେଲେ ନାହିଁ ଏବଂ କେତେକ ରାଜନୈତିକ ଦଳ ଏ ଭଳି ଆନ୍ଦୋଳନର ସପକ୍ଷରେ ନ ଥିଲେ । ତା' ଛଡ଼ା ସରକାରଙ୍କ ସଶସ୍ତ୍ର ଦମନ ଲୀଳା ଯୋଗୁଁ ଆନ୍ଦୋଳନ ଦବି ଯାଇଥିଲା ।

## ଆନ୍ଦୋଳନର ତାତ୍ପର୍ଯ୍ୟ :

ବିଭିନ୍ନ ପ୍ରକାର ଦୁର୍ବଳତା ସତ୍ତ୍ୱେ ଭାରତ ଛାଡ଼ ଆନ୍ଦୋଳନ ଇଂରେଜ ଶାସନକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇଦେଇ ପୂର୍ଣ୍ଣ ସ୍ୱାଧୀନତା ଦିଗକୁ ବାଟ ଫିଟାଇ ଦେଇଥିଲା । ଏହି ଆନ୍ଦୋଳନ ଫଳରେ ଇଂରେଜ ସରକାର ଉପଲବ୍ଧି କଲେ ଯେ ଭାରତର ସ୍ୱାଧୀନତାକୁ ଆଉ ଅଧିକ ବିଳମ୍ବ କରାଯାଇପାରିବ ନାହିଁ । 'ଭାରତ ଛାଡ଼' ଆନ୍ଦୋଳନକୁ ୧୭୮୯ ଫରାସୀ ବିପ୍ଳବ ଓ ୧୯୧୭ ରୁଷ ବିପ୍ଳବ ସହିତ ତୁଳନା କରାଯାଏ । ଏହି ଆନ୍ଦୋଳନ ଯଥାର୍ଥରେ ଏକ ବିପ୍ଳବ ଭାବେ ଆଖ୍ୟାୟିତ ହୋଇ ଭାରତର ରାଜନୀତିକ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

> **ତୁମ ପାଇଁ କାମ**
>
> *ଫରାସୀ ବିପ୍ଳବ ଓ ରୁଷ୍ ବିପ୍ଳବ ସହ ଭାରତ ଛାଡ଼ ଆନ୍ଦୋଳନର ସାମଞ୍ଜସ୍ୟ ସମ୍ପର୍କରେ ଏକ ଟିପ୍ପଣୀ ଲେଖ ।*

## ଭାରତ ଛାଡ଼ ଆନ୍ଦୋଳନରେ ଓଡ଼ିଶାର ଭୂମିକା :

ଯେତେବେଳେ ଭାରତ ଛାଡ଼ ଆନ୍ଦୋଳନର ବହ୍ନି ସମଗ୍ର ଦେଶକୁ ପ୍ରଜ୍ୱଳିତ କରିଥିଲା ସେତେବେଳେ ଏହି ମହାସ୍ରୋତରୁ ଓଡ଼ିଶା ବାଦ ଯାଇ ନ ଥିଲା । ଏହି ଆନ୍ଦୋଳନରେ ଓଡ଼ିଶା ପ୍ରଦେଶ ଓ ଗଡ଼ଜାତର ଅସଂଖ୍ୟ ନରନାରୀ ଭାଗ ନେଇଥିଲେ । ଏହି ସମୟରେ ଓଡ଼ିଶାବାସୀଙ୍କ ଦେଶପ୍ରେମ ଓ ଆତ୍ମବଳି ଇତିହାସରେ ଲିପିବଦ୍ଧ ।

'ଭାରତ ଛାଡ଼' ପ୍ରସ୍ତାବ ଗ୍ରହଣ ହେବାପରେ ଭାରତର ବିଭିନ୍ନ ଅଞ୍ଚଳରୁ ମୁମ୍ବାଇଠାରେ ସମବେତ ହୋଇଥିବା କଂଗ୍ରେସ ନେତାମାନଙ୍କୁ ଗିରଫ କରାଯାଇ ଅହମ୍ମଦନଗର ଜେଲରେ ରଖାଗଲା । ଦୁଇ ଦିନ ମଧ୍ୟରେ ପୋଲିସ ଓଡ଼ିଶାର ସବୁ କଂଗ୍ରେସ କାର୍ଯ୍ୟାଳୟ ଗୁଡ଼ିକୁ ଦଖଲ କରିନେଲେ ଓ କଂଗ୍ରେସ ଅନୁଷ୍ଠାନକୁ ବେଆଇନ ଘୋଷଣା କଲେ । ମାଳତୀ ଚୌଧୁରୀ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ ଅଗଷ୍ଟ ୧୧ ତାରିଖରେ ମୁମ୍ବାଇ



(ମାଳତୀ ଚୌଧୁରୀ)

କଂଗ୍ରେସ ଅଧିବେଶନରେ ଯୋଗ ଦେଇ ଓଡ଼ିଶା ଫେରିଲେ । ସେମାନଙ୍କ ଆଗମନ ଓଡ଼ିଶାରେ ଭାରତ ଛାଡ଼ ଆନ୍ଦୋଳନକୁ ତୀବ୍ରତର କରିଥିଲା । ଆନ୍ଦୋଳନର ଆରମ୍ଭ ସମୟରେ ନେତୃବର୍ଗଙ୍କ ଗିରଫ ଯୋଗୁଁ ଆନ୍ଦୋଳନ ଦବି ନ ଯାଇ ଗ୍ରାମାଞ୍ଚଳରେ ତେଜି ଉଠିଲା । ଅହିଂସା ନୀତିରେ ସେମାନେ ବିପ୍ଳବ କଲେ ମଧ୍ୟ ଅନେକ ସ୍ଥାନରେ ପ୍ରତିହିଂସାର ତାଣ୍ଡବଲୀଳା ସୃଷ୍ଟି ହେଲା ।

**କାର୍ଯ୍ୟକ୍ରମ :**

ଭାରତ ଛାଡ଼ ଆନ୍ଦୋଳନ ସମୟରେ ଓଡ଼ିଶାରେ କଂଗ୍ରେସ ପକ୍ଷରୁ ହାତଲେଖା ପ୍ରଚାର ପତ୍ର ସାଧାରଣରେ ବଣ୍ଟନ କରାଯାଇଥିଲା । ଏହି ପ୍ରଚାର ପତ୍ର ଆନ୍ଦୋଳନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲା । ସେଗୁଡ଼ିକ ହେଲା

୧. ଖଜଣା ବନ୍ଦ କରିବା,
୨. ସରକାରୀ ଗୋଦାମ ଲୁଣ୍ଠନ କରିବା,
୩. ଜଙ୍ଗଲ ଆଇନ ଭଙ୍ଗ କରିବା,
୪. ଶିକ୍ଷାନୁଷ୍ଠାନ ବନ୍ଦ କରିବା,
୫. ଯୋଗାଯୋଗ ବିଚ୍ଛିନ୍ନ କରିବା,
୬. ଧର୍ମଘଟ ପାଳନ କରିବା ଓ ପଞ୍ଚାୟତ ଗଠନ କରିବା,
୭. ସରକାରୀ ଆଇନ ଅମାନ୍ୟ କରିବା ଓ ସରକାରୀ କର୍ମଚାରୀଙ୍କୁ ଖାଦ୍ୟଦ୍ରବ୍ୟ ଯୋଗାଇବା ବନ୍ଦ କରିବା ଏବଂ
୮. ସରକାରୀ କର୍ମଚାରୀଙ୍କୁ ଆନ୍ଦୋଳନରେ ଯୋଗ ଦେବାପାଇଁ ପ୍ରବର୍ତ୍ତାଇବା ।

**ବ୍ୟାପକତା :**

ଏହି କାର୍ଯ୍ୟକ୍ରମଗୁଡ଼ିକ ରୂପାୟିତ କରି ଓଡ଼ିଶାରେ ଭାରତ ଛାଡ଼ ଆନ୍ଦୋଳନ ବ୍ୟାପକ ହୋଇଥିଲା । କଟକର ରେଭେନ୍ସା କଲେଜ ସମ୍ମୁଖରେ ଛାତ୍ରମାନେ ସଭାକରି ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନେବା ପାଇଁ ନିଷ୍ପତ୍ତି ନେଇଥିଲେ । ଛାତ୍ର ନେତା ବିବୁଧେନ୍ଦୁ ମିଶ୍ର, ଅଶୋକ ଦାସ, ସୁରଜମଲ ଶାହା, ବିରେନମିତ୍ରଙ୍କ ନେତୃତ୍ୱରେ କେତେକ ଛାତ୍ର କଲେଜ ଅଫିସକୁ ପୋଡ଼ି ଦେଇଥିଲେ । ଛାତ୍ରନେତାମାନେ ଜନସାଧାରଣଙ୍କୁ ସରକାରୀ ଚାକିରି ଛାଡ଼ି ଆନ୍ଦୋଳନରେ ଯୋଗ ଦେବା ପାଇଁ ପ୍ରବର୍ତ୍ତାଇଥିଲେ । କଟକର ଅନ୍ୟ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରମାନେ ରେଭେନ୍ସା କଲେଜର ଛାତ୍ରମାନଙ୍କ ପଥ ଅନୁସରଣ କରି ଆନ୍ଦୋଳନକୁ ତୀବ୍ରତର କରିଥିଲେ । ପୋଲିସର ମୁକାବିଲା କରିବା ପାଇଁ ଗଢ଼ିଉଠିଲା 'ରକ୍ତ ବାହିନୀ' 'ସଂଗ୍ରାମ ବାହିନୀ' ଓ 'ମରଣ ବାହିନୀ' ।

କଟକ ଜିଲ୍ଲାର କାଇପଡ଼ାରେ ଏକ ଅମାନୁଷିକ ଘଟଣା ଘଟିଥିଲା । ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ଗିରଫ ଖବର ଶୁଣିବାପରେ ବରୀ ଅଞ୍ଚଳର ଲୋକମାନେ ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ ୧୯୪୨ ଅଗଷ୍ଟ ୧୭ ରେ କାଇପଦର ଡାକ ଘରେ ନିଆଁ ଲଗାଇ ଦେଲେ । ଆନ୍ଦୋଳନ କ୍ରମଶଃ ତୀବ୍ରତର ହେବାରୁ ପୋଲିସ ଡେପୁଟି

ସୁପରିନ୍‌ଟେଣ୍ଡେଣ୍ଟ ସେଠାରେ ପହଞ୍ଚିଲେ ଓ ଲୋକଙ୍କ ଉପରେ ଗୁଳି ଚାଳନା କଲେ । ଫଳରେ ୩ ଜଣ ମୃତ୍ୟୁ ବରଣ କଲେ ଓ ୭ ଜଣ ଆହତ ହେଲେ । କାଇପଦରରୁ ସତ୍ୟାଗ୍ରହୀମାନଙ୍କୁ ଗିରଫ କରି ଯାଜପୁର ନିଆଗଲା । ସେଠାରେ ସଭାସମିତି ଉପରେ ନିଷେଧାଜ୍ଞା ଜାରି କରାଗଲା । କିନ୍ତୁ ସରକାରୀ ଆଦେଶ ଅବମାନନା କରି ପ୍ରାୟ ୧୫୦୦ ଲୋକ ଥାନା ଆଡ଼କୁ ଅଗ୍ରସର ହେବାରୁ ପୋଲିସ ଗୁଳି ଚାଳନା ଓ ଲୁହାବୁହା ଗ୍ୟାସ ପ୍ରୟୋଗ କରିଥିଲେ ।

ଆନ୍ଦୋଳନର ବ୍ୟାପକତା ବାଲେଶ୍ୱର ଜିଲ୍ଲାରେ ମଧ୍ୟ ପରିଲକ୍ଷିତ ହୋଇଥିଲା । ଭଦ୍ରକ ନିକଟସ୍ଥ ଭଣ୍ଡାରୀପୋଖରୀ ଗ୍ରାମରେ ୧୯୪୨ ଅଗଷ୍ଟ ୧୭ ତାରିଖରେ ୫୦୦୦ ଲୋକ ଥାନା ଆକ୍ରମଣକରି ସରକାରୀ କାଗଜପତ୍ର ନଷ୍ଟ କରିଦେଇଥିଲେ । ଗ୍ରାମବାସୀମାନେ ଗ୍ରାମକୁ ଯିବା ପାଇଁ ଥିବା ଏକମାତ୍ର ପୋଲକୁ ଭାଙ୍ଗି ଥିଲେ । ଏଥିପାଇଁ ୧୨ଟି ଗ୍ରାମକୁ ୨୦୦୦ ଟଙ୍କା ଜୋରିମାନା ହୋଇଥିଲା । ଏହି ଘଟଣାରେ ସତ୍ୟାଗ୍ରହୀ ଜଗନ୍ନାଥ ଦାସ ଓ ଦ୍ୱାରିକା ଦାସ ଗିରଫ ହୋଇଥିଲେ ।

ଭଣ୍ଡାରୀପୋଖରୀ ଘଟଣା ପରେ ଧାମନଗର ଠାରେ 'ଭାରତ ଛାଡ଼' ଆନ୍ଦୋଳନକୁ ଗତିଶୀଳ କରାଇଥିଲେ ମୁରଲୀଧର ପଣ୍ଡା । ଶ୍ରୀଜଙ୍ଗ ଗ୍ରାମରେ ସେ ଚୌକିଦାର ପୋଷାକ ପୋଡ଼ିଥିବାର ଖବର ପାଇ ପୋଲିସ ସେଠାକୁ ଯାଇଥିଲା । ସେଠାରେ ୧୯୪୨ ସେପ୍ଟେମ୍ବର ୨୧ରେ ପୋଲିସ ଗୁଳିଚାଳନା କରିବା ଫଳରେ ୧୦ ବା ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇ ଥିଲେ ।

ତୁଡ଼ି ଗଡ଼ିଆ ଓ ଖଇରାଡିହିରେ ମଧ୍ୟ ସତ୍ୟାଗ୍ରହୀମାନଙ୍କୁ ଦମନ କରିବା ପାଇଁ ପୋଲିସ ଗୁଳିଚାଳନା କରିଥିଲେ । ଏଥିରେ ନୀଳଗିରିର କିଛି ଲୋକ ପ୍ରାଣ ହରାଇଥିଲେ ।

'ଭାରତ ଛାଡ଼' ଆନ୍ଦୋଳନ ସମୟରେ ଏକ ଦୁଃଖଦ ଘଟଣା ହେଲା ଇରମ ଗୁଳିକାଣ୍ଡ । ବାସୁଦେବପୁରର ଇରମଠାରେ କର ନଦେବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ୧୯୪୨ ସେପ୍ଟେମ୍ବର ୨୮ରେ ମେଲଣ ପଡ଼ିଆରେ ଏକ ସଭାର ଆୟୋଜନ ହୋଇଥିଲା । ସେଠାରୁ ବାହାରିଯିବା ପାଇଁ ଏକମାତ୍ର ରାସ୍ତାକୁ ଅବରୋଧ କରି ଡିଏସ୍‌ପିଙ୍କ ନିର୍ଦ୍ଦେଶରେ ଗୁଳି ଚାଳନା କରାଯାଇଥିଲା । ଫଳରେ ପରୀ ବେୱା ନାମକ ମହିଳାଙ୍କ ସମେତ ମୋଟ ୨୮ ଜଣ ସହିଦ ହୋଇଥିଲେ ଏବଂ ୫୫ ଜଣ ଆହତ ହୋଇଥିଲେ । ଏହି ଘଟଣା ଜାଲିଆନ୍‌ୱାଲାବାଗ୍ ହତ୍ୟାକାଣ୍ଡ ସଦୃଶ ଥିଲା । ତେଣୁ ଇରମ୍‌କୁ ଯଥାର୍ଥରେ 'ରକ୍ତତୀର୍ଥ' କୁହାଯାଏ ।

ଭାରତ ଛାଡ଼ ଆନ୍ଦୋଳନର ପ୍ରଭାବରେ ପୁରୀଜିଲ୍ଲାର ନିମାପଡ଼ା ଠାରେ ସେପ୍ଟେମ୍ବର ୧୬ ରେ ସତ୍ୟାଗ୍ରହୀ ମାନେ ସଭାକରି ସରକାରଙ୍କୁ ଖଜଣା ନଦେବା ଲାଗି ସ୍ଥିର କଲେ । ଜାତୀୟ ପତାକା ଉତ୍ତୋଳନ କରିବାକୁ ଚେଷ୍ଟା କଲେ । ପୋଲିସ ବାରଣ କରିବାରୁ ଲୋକମାନେ ଥାନାରେ ଅଗ୍ନି ସଂଯୋଗ କଲେ ଏବଂ ପୋଲିସର ଗୁଳି ଚାଳନା ଦ୍ୱାରା ଉତ୍ସବ ମଲ୍ଲିକ ନାମକ ବ୍ୟକ୍ତି ପ୍ରାଣ ହରାଇବା ସହିତ ବହୁ ସଂଖ୍ୟାରେ ଅନ୍ଦୋଳନକାରୀ ଆହତ ହୋଇଥିଲେ ।

ବୈପାରିଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳି ଗୁମ୍ମା ଗ୍ରାମର ଲକ୍ଷ୍ମଣ ନାୟକ କୋରାପୁଟ ଜିଲ୍ଲାରେ ଭାରତ ଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୪୨ ଅଗଷ୍ଟ ୨୧ ରେ ସେ କଂଗ୍ରେସ ପତାକା ଓ ଲାଠି ଧରି ବହୁ ଲୋକଙ୍କ ସହ ମାତିଲି ଥାନା ଘେରାଉ କରିଥିଲେ । 'ମହତ୍ମାଗାନ୍ଧୀଙ୍କ ଜୟ' ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଉଥାଏ । ସେଠାରେ ପୁଲିସର ଗୁଳି ଚାଳନାରେ ୫ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ଓ ନିର୍ମମ ଲାଠି ଚାଳନାରେ ଧରାଶାୟୀ ହୋଇଥିଲେ । ଜଣେ ଜଙ୍ଗଲରକ୍ଷୀକୁ ପିଟିପିଟି ହତ୍ୟା କରିଥିବାର ମିଥ୍ୟା ଅଭିଯୋଗରେ ପୋଲିସ୍ ଲକ୍ଷ୍ମଣ ନାୟକଙ୍କୁ ଗିରଫ କରି ବ୍ରହ୍ମପୁର ଜେଲ ପଠାଇଥିଲା ଏବଂ ୧୯୪୩ ମାର୍ଚ୍ଚ ୨୯ରେ ସେଠାରେ ତାଙ୍କୁ ଫାଶୀ ଦିଆ ଯାଇଥିଲା । ସେ ୧୯୪୨ ଆନ୍ଦୋଳନରେ ଫାଶୀ ପାଇଥିବା ଓଡ଼ିଶାର ଏକମାତ୍ର ବ୍ୟକ୍ତି ଥିଲେ ଏବଂ ସେ ସହିଦ ଲକ୍ଷ୍ମଣ ନାୟକ ରୂପରେ ପରିଚିତ ।

କୋରାପୁଟରେ ମଧ୍ୟ ଆନ୍ଦୋଳନର ପ୍ରଭାବ ପରିଲକ୍ଷିତ ହୋଇଥିଲା । ୧୯୪୨ ଅଗଷ୍ଟ ୨୪ରେ

କୋରାପୁଟର ବହୁ ଲୋକ ପାପଡ଼ାହାଣ୍ଡି ଠାରେ ଥିବା ଟୋଲ ଓ ଥାନା ଧ୍ୱଂସ କରିବାକୁ ଯାଇଥିଲେ। ଫଳରେ ପୁଲିସ ଗୁଳିଚାଳନା କରିଥିଲା ଓ ୧୫ ଜଣ ବ୍ୟକ୍ତି ପ୍ରାଣ ତ୍ୟାଗ କରିଥିଲେ।

ସମ୍ବଲପୁର ମଧ୍ୟ ଭାରତ ଛାଡ଼ ଆନ୍ଦୋଳନରେ ବହୁମାତ୍ରାରେ ପ୍ରଭାବିତ ହୋଇଥିଲା। ଏହାର ଜନସାଧାରଣ ଓ ଛାତ୍ରମାନେ ଇଂରେଜ ଶାସନକୁ ସମ୍ପୂର୍ଣ୍ଣ ରୂପେ ଅଚଳ କରିଦେଇଥିଲେ।

ଓଡ଼ିଶା ଗଡ଼ଜାତ ରାଜ୍ୟ ମଧ୍ୟରୁ ମୁଖ୍ୟତଃ ତାଳଚେର, ଢେଙ୍କାନାଳ, ଆଠଗଡ଼, ନୟାଗଡ଼ ଆଦି ସ୍ଥାନ ଆନ୍ଦୋଳନ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲା। ତାଳଚେରର ପବିତ୍ର ମୋହନ ପ୍ରଧାନ ଓ ଢେଙ୍କାନାଳର ବୈଷ୍ଣବ ଚରଣ ପଟ୍ଟନାୟକ ଏହି ଆନ୍ଦୋଳନର ନେତା ଥିଲେ। ବୈଷ୍ଣବ ଚରଣଙ୍କ ନେତୃତ୍ୱରେ ୧୯୪୨ ଅଗଷ୍ଟ ୨୬ରେ ଆନ୍ଦୋଳନକାରୀ ମାନେ ମଡ଼ି (ବର୍ତ୍ତମାନର କାମାକ୍ଷାନଗର)ର ଥାନା ଆକ୍ରମଣ କରି ଅସ୍ତ୍ରାଗାର, ତହସିଲ ଅଫିସ ଓ ଜଙ୍ଗଲ ବିଭାଗ ଅଫିସରେ ନିଆଁ ଲଗାଇ ଦେଇଥିଲେ।

ଇଂରେଜ ସରକାରଙ୍କର ଅତ୍ୟାଚାର ଓ ଦମନଲୀଳା ଓଡ଼ିଶାବାସୀଙ୍କୁ କିନ୍ତୁ ବିଦ୍ରୋହରୁ ବିଚ୍ୟୁତ କରିପାରିନଥିଲା। ଇଂରେଜମାନଙ୍କୁ ଦେଶରୁ ବିତାଡ଼ିତ କରିବା ପାଇଁ ଓଡ଼ିଶାର ଏକ ଦୃଢ଼ ସଂକଳ୍ପବଦ୍ଧ ଭୂମିକା ଥିଲା। ଏକ ସୁନେଲି ଭବିଷ୍ୟତର ପରିକଳ୍ପନାରେ ଓଡ଼ିଶାବାସୀ ଇଂରେଜ ସରକାରଙ୍କର ସବୁ ପ୍ରକାର ଦମନ ନୀତିକୁ ହସିହସି ସହି ଯାଇଥିଲେ। ଭାରତ ଛାଡ଼ ଆନ୍ଦୋଳନରେ ପ୍ରଥମ ସହିଦ ଓଡ଼ିଶାର ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କର ସ୍ମୃତି ଏବଂ ଦେଶପ୍ରେମ ସମଗ୍ର ଭାରତବର୍ଷର ଜନତାଙ୍କ ମନରେ ଗଭୀର ରେଖାପାତ କରିଥିଲା। ଜାତୀୟ ମହାସ୍ରୋତରେ ସାମିଲ ହୋଇ ଓଡ଼ିଶାବାସୀ ସ୍ୱାଧୀନତା ପାଇବା ପାଇଁ ବହୁ କଷ୍ଟ ସ୍ୱୀକାର କରିଥିଲେ।

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) 'କ୍ରିପସ ମିଶନ'ର ପ୍ରସ୍ତାବଗୁଡ଼ିକ ଆଲୋଚନା କର।

(ଖ) ଭାରତ ଛାଡ଼ ପ୍ରସ୍ତାବ କିପରି ଗୃହୀତ ହୋଇଥିଲା ?

(ଗ) ଭାରତ ଛାଡ଼ ଆନ୍ଦୋଳନର କାର୍ଯ୍ୟକ୍ରମ କ'ଣ ଥିଲା ?

(ଘ) ଭାରତ ଛାଡ଼ ଆନ୍ଦୋଳନର ଦମନ ପାଇଁ ବ୍ରିଟିଶ ସରକାର କି କି ପଦକ୍ଷେପ ଗ୍ରହଣ କରିଥିଲେ ?

(ଙ) ଭାରତ ଛାଡ଼ ଆନ୍ଦୋଳନରେ ଲକ୍ଷ୍ମଣ ନାୟକ ଅବଦାନ ସଂପର୍କରେ ଆଲୋଚନା କର।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ବିନୋବା ଭାବେ କେବେ ଓ କେଉଁଠି ତାଙ୍କ ସତ୍ୟାଗ୍ରହ ଆରମ୍ଭ କରିଥିଲେ ?

(ଖ) ଭାରତ ଛାଡ଼ ଆନ୍ଦୋଳନ ପ୍ରସ୍ତାବ ଗୃହୀତ ହେବାପରେ ଗାନ୍ଧିଜୀ କେବେ ଗିରଫ ହେଲେ ଏବଂ ତାଙ୍କୁ କେଉଁଠାରେ ବନ୍ଦୀ କରି ରଖାଗଲା ?

(ଗ) ଭାରତ ଛାଡ଼ ଆନ୍ଦୋଳନ ସମୟରେ ବିହାରରେ ଛାତ୍ରମାନେ କେବେ ଓ କେଉଁଠାରେ ପତାକା ଉତ୍ତୋଳନ କରିଥିଲେ ?

(ଘ) ରେଭେନ୍‌ସା କଲେଜରେ ଭାରତଛାଡ଼ ଆନ୍ଦୋଳନ କେଉଁ ଛାତ୍ରନେତାମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ?

(ଙ) ଭାରତଛାଡ଼ ଆନ୍ଦୋଳନ ସମୟରେ କେଉଁ ଖବର ଶୁଣିବା ପରେ ବରୀ ଅଞ୍ଚଳର ଉତ୍ତ୍ୟକ୍ତ ଲୋକ କାଇପଦର ଡାକଘର ପୋଡ଼ି ଦେଇଥିଲେ ?

(ଚ) ଭାରତଛାଡ଼ ଆନ୍ଦୋଳନ ସମୟରେ ଭଣ୍ଡାରୀ ପୋଖରୀରେ କେଉଁ ଦୁଇ ସତ୍ୟାଗ୍ରହୀ ଗିରଫ ହୋଇଥିଲେ ?

(ଛ) ଇରମ୍‌ଠାରେ କେବେ ଗୁଳିକାଣ୍ଡ ଘଟିଥିଲା ଏବଂ ସେଥିରେ ସହିଦ୍ ହୋଇଥିବା ମହିଳାଙ୍କ ନାମ କ'ଣ ?

(ଜ) ଭାରତ ଛାଡ଼ ଆନ୍ଦୋଳନର ପ୍ରଭାବରେ ନିମାପଡ଼ାରେ କାହିଁକି ପୋଲିସ୍ ଗୁଳି ଚାଳନା କରିଥିଲେ ?

(ଝ) ପାପଡ଼ା ହାଣ୍ଡିଠାରେ କାହିଁକି ଗୁଳି ଚାଳନା କରାଯାଇଥିଲା ଏବଂ ଏଥିରେ କେତେଜଣ ପ୍ରାଣ ତ୍ୟାଗ କରିଥିଲେ ?

(ଞ) କିଏ ଢେଙ୍କାନାଳରେ ଭାରତ ଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଏବଂ ତାଙ୍କ ନେତୃତ୍ୱରେ କେଉଁଠାରେ ଥାନା ପୋଡ଼ି ସଂଘଟିତ ହୋଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କ୍ରିପ୍ସ ମିଶନ କେବେ ଭାରତକୁ ଆସିଥିଲେ ?

(ଖ) କେଉଁଦିନ ଭାରତଛାଡ଼ ପ୍ରସ୍ତାବ ଗୃହୀତ ହୋଇଥିଲା ?

(ଗ) କେଉଁଦିନ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ଗିରଫ କରାଯାଇଥିଲା ?

(ଘ) ଅଗଷ୍ଟ ବିପ୍ଳବରେ ଯୋଗଦେଇଥିବା ଜଣେ ସମାଜବାଦୀ ମହିଳାଙ୍କ ନାମ ଉଲ୍ଲେଖ କର ।

(ଙ) ଭାରତଛାଡ଼ ଆନ୍ଦୋଳନ ସମୟରେ କିଏ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଥିଲେ ?

(ଚ) କେଉଁ ଦିନ କାଇପଦର ଠାରେ ଲୋକମାନେ ଡାକଘର ପୋଡ଼ି ଦେଇଥିଲେ ?

(ଛ) କିଏ ଧାମନଗରଠାରେ ଭାରତ ଛାଡ଼ ଆନ୍ଦୋଳନକୁ ଗତିଶୀଳ କରାଇଥିଲେ ?

(ଜ) ଭାରତ ଛାଡ଼ ଆନ୍ଦୋଳନ ସମୟରେ କିଏ ନିମାପଡ଼ାରେ ପୋଲିସ୍ ଗୁଳିରେ ପ୍ରାଣ ହରାଇଥିଲେ ?

(ଝ) କେଉଁ ଦିନ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯାଇଥିଲା ?

(ଞ) ତାଳଚେରରେ କିଏ ଅଗଷ୍ଟ ବିପ୍ଳବର ନେତୃତ୍ୱ ନେଇଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ।**

(କ) କେଉଁ ମସିହାରେ ଇଂରେଜ ସରକାର 'ଅଗଷ୍ଟ ଦାନ' ଘୋଷଣା କରିଥିଲେ ?

(i) ୧୯୩୯ (ii) ୧୯୪୦ iii) ୧୯୪୧ (iv) ୧୯୪୨

(ଖ) କଂଗ୍ରେସ ଅଧିବେଶନରେ କିଏ "ଭାରତ ଛାଡ଼" ପ୍ରସ୍ତାବ ଆଗତ କରିଥିଲେ ?

(i) ମୌଲାନା ଆବୁଲ କାଲାମ୍ ଆଜାଦ୍ (ii) ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍

(iii) ଗୋବିନ୍ଦ ବଲ୍ଲଭ ପନ୍ଥ (iv) ଜବାହରଲାଲ ନେହେରୁ

(ଗ) ଭାରତଛାଡ଼ ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀଙ୍କୁ କେଉଁଠାରେ ବନ୍ଦୀକରି ରଖାଯାଇଥିଲା ?

(i) ଅହମ୍ମଦ ନଗର (ii) ନାଗପୁର

(iii) ପୁନେ (iv) ପାଟନା

(ଘ) କେବେ କୋରାପୁଟର ଲୋକମାନେ ପାପଡ଼ାହାଣ୍ଡି ନିକଟରେ ଥାନା ଧ୍ୱଂସ କରିବାକୁ ଯାଇଥିଲେ ?

(i) ୧୯୪୨ ଅଗଷ୍ଟ ୧୬ (ii) ୧୯୪୨ ଅଗଷ୍ଟ ୨୧

(iii) ୧୯୪୨ ଅଗଷ୍ଟ ୨୪ (iv) ୧୯୪୨ ଅଗଷ୍ଟ ୨୬

(ଙ) କିଏ 'ଭାରତ ଛାଡ଼' ଆନ୍ଦୋଳନ ସହିତ ସମ୍ପୃକ୍ତ ନୁହନ୍ତି ?

(i) ହରେକୃଷ୍ଣ ମହତାବ (ii) ସୁରେନ୍ଦ୍ର ନାଥ ଦ୍ୱିବେଦୀ

(iii) ଗୋପବନ୍ଧୁ ଚୌଧୁରୀ (iv) ଗୋପବନ୍ଧୁ ଦାସ

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ"ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖


## ପଞ୍ଚମ ପାଠ

# ସୁଭାଷ ଚନ୍ଦ୍ର ବୋଷ ଓ ଭାରତୀୟ ଜାତୀୟସେନା

ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ସୁଭାଷ ଚନ୍ଦ୍ର ବୋଷଙ୍କ ଅବଦାନ ଅବିସ୍ମରଣୀୟ ଅଟେ । ଯେଉଁ କେତେ ଜଣ ମହାପୁରୁଷ ନିଜର ତ୍ୟାଗ ଓ ବଳିଦାନରେ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଗୌରବମଣ୍ଡିତ କରିଛନ୍ତି ସେମାନଙ୍କ ମଧ୍ୟରେ ସୁଭାଷ ଚନ୍ଦ୍ର ବୋଷ ଅନ୍ୟତମ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସେ ଗାନ୍ଧିଜୀଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିଲେ ସୁଦ୍ଧା ତାଙ୍କର କେତେକ ନୀତିକୁ ବିରୋଧ କରିଥିଲେ । 'ଜୟହିନ୍ଦ୍' ଓ 'ଦିଲ୍ଲୀ ଚଲୋ' ସ୍ଲୋଗାନ ଦେଇ ସୁଭାଷ ଭାରତୀୟମାନଙ୍କ ମନରେ ଯେଉଁ ଉନ୍ମାଦନା ସୃଷ୍ଟି କରି ପାରିଥିଲେ ତାହା ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ଭାରତୀୟଙ୍କ ମନରେ ଅଭୁଲା ସ୍ମୃତି ଭାବରେ ରହିଛି ।

### ଆଦ୍ୟ ଜୀବନ ଓ ଶିକ୍ଷା :

ସୁଭାଷ ଚନ୍ଦ୍ର ବୋଷ ୧୮୯୭ ଖ୍ରୀଷ୍ଟାବ୍ଦ ଜାନୁୟାରୀ ୨୩ ରେ ଓଡ଼ିଶାର କଟକ ଠାରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଜାନକୀନାଥ ବୋଷ



**(ନେତାଜୀ ସୁଭାଷ ଚନ୍ଦ୍ର ବୋଷ)**

ଜଣେ ଆଇନଜୀବୀ ଥିଲେ । କଟକର ରେଭେନ୍ସା କଲିଜିଏଟ୍ ସ୍କୁଲରେ ଛାତ୍ର ଥିବା ସମୟରେ ଛାତ୍ରମାନଙ୍କୁ ସଂଗଠିତ କରି ସ୍କୁଲ ହଷ୍ଟେଲରେ 'ଖୁଦିରାମ ସହିଦ ଦିବସ' ପାଳନ କରିଥିଲେ ।

**ତୁମ ପାଇଁ କାମ**

***ଭାରତର ସ୍ୱାଧୀନତା ଆନ୍ଦୋଳନରେ ଖୁଦିରାମଙ୍କ ଭୂମିକା ସମ୍ବନ୍ଧରେ ଏକ କ୍ଷୁଦ୍ର ଟିପ୍ପଣୀ ଲେଖ ।***

ମାଧ୍ୟମିକ ଶିକ୍ଷା ସମାପ୍ତକରି କୋଲ୍‌କାତାସ୍ଥିତ ପ୍ରେସିଡେନ୍‌ସି କଲେଜରେ ଦର୍ଶନଶାସ୍ତ୍ର ଅଧ୍ୟୟନ କରିଥିଲେ । ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଓ ରବୀନ୍ଦ୍ରନାଥ ଠାକୁର ପ୍ରମୁଖ ମହାମନିଷୀମାନଙ୍କର ବାଣୀ ଦ୍ୱାରା ସେ ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ବେନିଟୋ ମୁସୋଲିନି, ମୁସ୍ତାଫା କମାଲ ପାଶା, କାଉଣ୍ଟ ଡି କାଭୁର, ଗାରିବାଲ୍‌ଡି ଓ ଲେନିନଙ୍କ ଭଳି ମହାନ ବିପ୍ଲବୀମାନଙ୍କ ଚିନ୍ତାଧାରା ଓ ବ୍ୟକ୍ତିତ୍ୱ ତଥା ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ଫରାସୀ ରାଷ୍ଟ୍ର ବିପ୍ଳବ ମଧ୍ୟ ତାଙ୍କ ଉପରେ ବହୁ ପ୍ରଭାବ ପକାଇଥିଲା । ସେ ପ୍ରେସିଡେନ୍‌ସୀ କଲେଜରେ ପଢୁଥିବା ସମୟରେ କଲେଜରେ ଏକ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା । ଭାରତୀୟ ବିରୋଧୀ ବିଟ୍ରିଶ ପ୍ରଫେସର ସି.ଏଫ୍. ଓ୍ୱେଟେନଙ୍କୁ ଥରେ ସୁଭାଷଙ୍କ ଉପସ୍ଥିତରେ ମାଡ଼ ମରାଗଲା । ଏହି ଘଟଣାରେ ସୁଭାଷ ଆକ୍ରମଣକାରୀଙ୍କ ନାମ ପ୍ରକାଶ କଲେ ନାହିଁ କି ନିଜକୁ ନିର୍ଦ୍ଦୋଷ ବୋଲି ମଧ୍ୟ କହିଲେ ନାହିଁ । ଏହି ଘଟଣା ପାଇଁ ସେ କ୍ଷମା ନ ମାଗିବାରୁ ୧୯୧୬ରେ ତାଙ୍କୁ କଲେଜରୁ ବହିଷ୍କାର କରାଗଲା । ପରେ ଅବଶ୍ୟ ସେ କୋଲ୍‌କାତାର ସ୍କଟିସ ଚର୍ଚ୍ଚ କଲେଜରେ ନାମ ଲେଖାଇଲେ ଏବଂ ସେଠାରୁ ଦର୍ଶନ ଶାସ୍ତ୍ର ସମ୍ମାନରେ ପ୍ରଥମ ଶ୍ରେଣୀରେ ସ୍ନାତକ ଡିଗ୍ରୀ ହାସଲ କଲେ । ମନସ୍ତତ୍ତ୍ୱରେ ସ୍ନାତକୋତ୍ତର ଶିକ୍ଷା ଅସମ୍ପୂର୍ଣ୍ଣ କରି ୧୯୧୯ରେ ସେ କେମ୍ବ୍ରିଜ୍ ଚାଲିଗଲେ ।

**ତୁମେ ଜାଣିଛ କି ?**

***କଟକସ୍ଥିତ ଓଡ଼ିଆ ବଜାରରେ ଥିବା ସୁଭାଷ ବୋଷଙ୍କର ବାସଭବନକୁ ତାଙ୍କ ଜୀବନୀ ଓ କୃତି ସମ୍ପର୍କିତ ତଥ୍ୟ ଓ ଫଟୋଚିତ୍ର ସମ୍ବଳିତ ନେତାଜୀ ସଂଗ୍ରହାଳୟରେ ପରିଣତ କରାଯାଇଛି ।***

୧୯୨୦ ରେ ସୁଭାଷ ଆଇ.ସି.ଏସ୍. ପରୀକ୍ଷାରେ ଚତୁର୍ଥ ସ୍ଥାନ ହାସଲ କରି ଉତ୍ତୀର୍ଣ୍ଣ ହୋଇଥିଲେ। ଏହା ସତ୍ତ୍ୱେ ସେ ଏପରି ସମ୍ମାନଜନକ ପଦବୀକୁ ପ୍ରତ୍ୟାଖ୍ୟାନ କରି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ରାଜନୀତିକ ଜୀବନ :

୧୯୨୩ରେ ସୁଭାଷ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ କଲେ ଓ ବଙ୍ଗଳା ପ୍ରାଦେଶିକ କଂଗ୍ରେସ କମିଟିର ସମ୍ପାଦକ ପଦବୀ ଅଳଂକୃତ କଲେ। ସେ ମହାନ ନେତା ଚିତ୍ତରଞ୍ଜନ ଦାସଙ୍କୁ ତାଙ୍କର ରାଜନୀତିକ ଗୁରୁ ଭାବରେ ଗ୍ରହଣ କଲେ ଏବଂ ତାଙ୍କ ପ୍ରେରଣାରେ ରାଜନୀତିକ କାର୍ଯ୍ୟ କଲେ। ୧୯୨୪ରେ ସେ କଲିକତା ନଗର ନିଗମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ନିର୍ବାଚିତ ହେଲେ। ସେ ଉଭୟ ବଙ୍ଗଳା ପ୍ରାଦେଶିକ କଂଗ୍ରେସ ସମିତି ଓ ସର୍ବଭାରତୀୟ ଶ୍ରମିକ କଂଗ୍ରେସର ଅଧକ୍ଷ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ।

**ତୁମେ ଜାଣିଛ କି ?**

***୧୯୩୪ରେ ସୁଭାଷ ବୋଷଙ୍କ 'ଭାରତୀୟ ସଂଗ୍ରାମ' ପୁସ୍ତକ ପ୍ରକାଶ ପାଇଥିଲା। ନିକଟରେ ପୁରୀଠାରେ ସୁଭାଷ ବୋଷଙ୍କର ଏକ ପୈତୃକ ଗୃହକୁ ଓଡ଼ିଶା ସରକାର ଆଉ ଏକ ସଂଗ୍ରହାଳୟରେ ପରିଣତ କରୁଛନ୍ତି ।***

ତାଙ୍କର ଅସୀମ ସାହସ ଓ ଦେଶ ପ୍ରେମ ଯୋଗୁଁ ସେ ଜନସାଧାରଣଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇ ପାରିଥିଲେ। ତାଙ୍କର ବିଦ୍ରୋହ ଓ ବିପ୍ଳବାତ୍ମକ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ଇଂରେଜ ସରକାର ତାଙ୍କୁ ୧୯୨୪ରେ ସନ୍ଦେହରେ ଗିରଫ କଲେ ଏବଂ ଏହାର ଏକ ବର୍ଷ ପରେ ତାଙ୍କୁ ବର୍ମାର ମାଣ୍ଡାଲେ ଜେଲକୁ ପ୍ରେରଣ କଲେ ।

୧୯୩୮ରେ ସେ ହରିପୁର ଅଧିବେଶନରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ମନୋନୀତ ହୋଇଥିଲେ। ୧୯୩୯ରେ ଗାନ୍ଧିଜୀଙ୍କର ବିରୋଧ ସତ୍ତ୍ୱେ ସେ ତ୍ରିପୁରୀ ଅଧିବେଶନରେ ମଧ୍ୟ ସଭାପତି ହୋଇଥିଲେ। କିନ୍ତୁ ଏହି ଅଧିବେଶନ ପରବର୍ତ୍ତୀ ସମୟରେ ଗାନ୍ଧିଜୀଙ୍କ ସହ ମତଭେଦ ହେବାରୁ ସୁଭାଷ ଚନ୍ଦ୍ର କଂଗ୍ରେସ ତ୍ୟାଗ କରି ୧୯୩୯ ମେ' ୩ ତାରିଖରେ 'ଫରୱାର୍ଡ ବ୍ଲକ' ନାମରେ ଗୋଟିଏ ନୂତନ ରାଜନୈତିକ ଦଳ ଗଠନ କଲେ।

**ତୁମ ପାଇଁ କାମ**

***ଗାନ୍ଧିଜୀ ଓ ନେତାଜୀଙ୍କ ମଧ୍ୟରେ ଥିବା ରାଜନୈତିକ ସମ୍ପର୍କର ଉଦାହରଣ ସହ ଏକ ବିବରଣୀ ପ୍ରସ୍ତୁତ କର।***

୧୯୪୦ ଜୁଲାଇ ୨ ତାରିଖରେ ସୁଭାଷ ଚନ୍ଦ୍ର ବୋଷ ଗିରଫ ହୋଇଥିଲେ ଓ ଇଂରେଜ ସରକାରଙ୍କ ଦ୍ୱାରା କୋଲକାତାରେ ନଜର ବନ୍ଦୀ ରୂପେ ରହିଥିଲେ। ୧୯୪୧ରେ ଭାରତ ଇତିହାସରେ ଏକ ଦୁଃସାହସିକ ଘଟଣା ଘଟିଥିଲା। ଭାରତ ବାହାରେ ରହି ଭାରତର ସ୍ୱାଧୀନତା ପାଇଁ ଲଢ଼େଇ କରିବା ଉଦ୍ଦେଶ୍ୟରେ ସୁଭାଷ ଉକ୍ତ ବର୍ଷ ଛଦ୍ମ ବେଶରେ ଭାରତ ପରିତ୍ୟାଗ କଲେ। 'ଶତ୍ରୁର ଶତ୍ରୁ ଆମର ମିତ୍ର' ନୀତି ଅନୁସରଣ କରି ସେ ଦେଶ ବାହାରୁ ବ୍ରିଟିଶ ଶକ୍ତିକୁ ଆଘାତ କରିବା ପାଇଁ ସିଦ୍ଧାନ୍ତ ନେଇଥିଲେ। ଭାରତର ଶତ୍ରୁକୁ ପରାସ୍ତ ଓ ଦମନ କରିବା ପାଇଁ ତା'ର ଶତ୍ରୁ ସହିତ ହାତ ମିଳାଇବା ଲାଭଦାୟକ ହେବ ବୋଲି ତାଙ୍କର ହୃଦବୋଧ ହୋଇଥିଲା। ଇତିହାସରୁ ସେ ଶିକ୍ଷାଲାଭ କରିଥିଲେ ଯେ ବହିର୍ଶକ୍ତିର ସାହାଯ୍ୟ ବିନା କୌଣସି ଜାତି ସ୍ୱାଧୀନତା ହାସଲ କରିପାରିନାହିଁ। ସୁଭାଷ ବୋଷ ଇଂଲଣ୍ଡର ପ୍ରଧାନ ଶତ୍ରୁ ଜର୍ମାନୀ ଓ ଜାପାନର ସମର୍ଥନ ହାସଲ କରବା ପାଇଁ ଉଦ୍ୟମ କଲେ।

୧୯୪୧ ଜାନୁୟାରୀ ୨୬ରେ ଭାରତର ସୀମା ଅତିକ୍ରମ କରି ଆଫଗାନିସ୍ଥାନ ଓ ସୋଭିଏତ ରୁଷ ମଧ୍ୟଦେଇ ମାର୍ଚ୍ଚ ୨୫ରେ ମୁସଲ୍‌ମାନ ବେଶରେ ବର୍ଲିନଠାରେ ପହଞ୍ଚିଲେ। ଜର୍ମାନ ସରକାରଙ୍କ ସାହାଯ୍ୟରେ ସେ ବର୍ଲିନଠାରେ ଏକ 'ସ୍ୱାଧୀନ ଭାରତ କେନ୍ଦ୍ର' ପ୍ରତିଷ୍ଠା କଲେ ଏବଂ 'ଫ୍ରି ଇଣ୍ଡିଆ ଆର୍ମି' ବା 'ସ୍ୱାଧୀନ ଭାରତ ସୈନ୍ୟବାହିନୀ' ଗଠନ କଲେ। ସେଠାରେ ଥିବା ପ୍ରାୟ କୋଡ଼ିଏ ହଜାର ଭାରତୀୟ ଯୁଦ୍ଧବନ୍ଦୀ ଏଥିରେ ସାମିଲ ହେଲେ। ଭାରତୀୟ ସେନାମାନଙ୍କୁ ଜର୍ମାନୀ ସେନାପତିମାନେ ତାଲିମ ଦେଇଥିଲେ ଏବଂ ସୁଭାଷ ତାହା ନିରୀକ୍ଷଣକରି ଅଭିବାଦନ ଗ୍ରହଣ କରୁଥିଲେ। ସୈନ୍ୟମାନଙ୍କ ଦ୍ୱାରା

ଅଭିବାଦନ ସ୍ୱରୂପ ସାଧାରଣ ଭାବେ 'ଜୟହିନ୍ଦ୍' ଧ୍ୱନି ବ୍ୟବହୃତ ହେଉଥିଲା । ଜର୍ମାନୀରେ ୧୯୪୧ ରେ ସୁଭାଷ ବୋଷ 'ଆଜାଦ୍ ହିନ୍ଦ୍ ରେଡିଓ' ପ୍ରତିଷ୍ଠା କରି ସେଠାରୁ ୧୯୪୨ ଫେବୃୟାରୀ ୧୯ ରେ ତାଙ୍କର ପ୍ରଥମ ଗୁପ୍ତ ବେତାର ବାର୍ତ୍ତା ବିଶ୍ୱବାସୀଙ୍କ ନିମନ୍ତେ ପ୍ରସାରଣ କରିଥିଲେ । ଜର୍ମାନୀରେ ସୁଦୂର ବର୍ଲିନରୁ ଆଜାଦ୍ ହିନ୍ଦ୍ ରେଡ଼ିଓ ଦ୍ୱାରା ଭାରତବାସୀଙ୍କୁ ସେ ଯେଉଁ ସଂଗ୍ରାମୀ ଆହ୍ୱାନ ଜଣାଇଥିଲେ, ସେଥିରେ ଭାରତର ଜନସାଧାରଣ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇଥିଲେ । ଜର୍ମାନୀର ଶାସକ ହିଟ୍‌ଲରଙ୍କୁ ଦେଖାକରି ଭାରତର ସ୍ୱାଧୀନତା ସମ୍ପର୍କରେ ତାଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ । ଯଦିଓ ହିଟ୍‌ଲର ଏ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେଇ ନ ଥିଲେ, ଜର୍ମାନୀରୁ ନିରାପଦଭାବେ ଜାପାନକୁ ଯାତ୍ରା କରିବା ପାଇଁ ସେ ସୁଭାଷଙ୍କୁ ସାହାଯ୍ୟ କରିଥିଲେ ।

**ତୁମେ ଜାଣିଛ କି ?**

***ସୁଭାଷ ବୋଷଙ୍କୁ ଅନ୍ୟମାନଙ୍କ ସହ ପରିଚିତ କରାଇ ଜର୍ମାନୀର ଶାସକ ହିଟ୍‌ଲର କହିଥିଲେ, ମୁଁ କେବଳ ଆଠକୋଟି ଲୋକଙ୍କର ଶାସକ, ମାତ୍ର ସୁଭାଷ ଚନ୍ଦ୍ର ଚାଳିଶ କୋଟି ଲୋକଙ୍କର ନେତା ।***

ଜର୍ମାନୀ ଭାରତୀୟ ସୀମାଠାରୁ ବହୁଦୂରରେ ଥିବାରୁ ସେଠାରୁ ସଂଗ୍ରାମ ଚଳାଇ ରଖିବା କଷ୍ଟକର ଥିଲା । ଏହାଛଡ଼ା ଜର୍ମାନୀ କର୍ତ୍ତୃପକ୍ଷଙ୍କ କେତେକ କାର୍ଯ୍ୟ ତାଙ୍କ ମନରେ ସନ୍ଦେହ ସୃଷ୍ଟିକଲା । ସେ ଜାପାନ ଉପରେ ଦୃଷ୍ଟି ନିବଦ୍ଧ କଲେ । ସେତେବେଳେ ଜାପାନ ମିଆଁମାର ପର୍ଯ୍ୟନ୍ତ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଥିଲା । ଜାପାନକୁ ରାଜି କରି ଭାରତର ଖୁବ୍ ନିକଟରୁ ବ୍ରିଟିଶ-ଭାରତ ଉପରେ ଆକ୍ରମଣ କରିବା ସହଜ ହେବ ବୋଲି ସେ ଚିନ୍ତା କଲେ ।

## ଆଜାଦ ହିନ୍ଦ୍ ଫୌଜ ଗଠନ :

ଜାପାନରେ ବାସ କରୁଥିବା ଭାରତୀୟ ବିପ୍ଳବୀ ରାସବିହାରୀ ବୋଷ ସେଠାରେ ଭାରତୀୟ ସ୍ୱାଧୀନତା ସଂଘ ଗଠନ କରିଥାନ୍ତି । ସେ କ୍ୟାପଟେନ ମୋହନ ସିଂହଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ ବାହିନୀ ବା ଆଜାଦ ହିନ୍ଦ୍ ଫୌଜ ମଧ୍ୟ ଗଠନ କରିଥିଲେ । ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଭାରତ ସ୍ୱାଧୀନତା ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ରାସବିହାରୀ ସୁଭାଷ ବୋଷଙ୍କୁ ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେବାପାଇଁ ଜାପାନ ଆସିବାକୁ ନିମନ୍ତ୍ରଣ କଲେ । ଏହା ସୁଭାଷ ବୋଷଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କଲା । ୧୯୪୩ ଫେବୃୟାରୀ ୮ ତାରିଖରେ ସୁଭାଷ କିଲେ ବନ୍ଦରରୁ ବୁଡ଼ା ଜାହାଜରେ ଜାପାନ ଅଭିମୁଖେ ଯାତ୍ରା କଲେ ଓ ୧୯୪୩ ଜୁନ ୧୩ରେ ଟୋକିଓ ସହରରେ ପହଞ୍ଚିଲେ । ସେଠାରେ ସେ ଜାପାନର ପ୍ରଧାନମନ୍ତ୍ରୀ ଟୋଜୋଙ୍କ ସହିତ ସାକ୍ଷାତ କରି ଦୁଇଟି ରେଡିଓ ଷ୍ଟେସନ ପ୍ରତିଷ୍ଠା ସହ ତାଙ୍କଠାରୁ ଅନ୍ୟାନ୍ୟ ସାହାଯ୍ୟର ପ୍ରତିଶ୍ରୁତି ଆଦାୟ କଲେ ।

ଏହା ପରେ ୧୯୪୩ ଜୁଲାଇ ୨ ତାରିଖରେ ସୁଭାଷ ଜର୍ମାନୀରେ ପହଞ୍ଚିଲେ ଓ ସେଠାରେ ଭାରତୀୟ ସ୍ୱାଧୀନତା ସଂଘ ଏବଂ ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେଲେ । ତାଙ୍କ ପ୍ରେରଣାରେ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟ ସଂଖ୍ୟା ବଢ଼ିବାରେ ଲାଗିଲା । ସେ ଏହି ସୈନ୍ୟ ବାହିନୀର ପୁନର୍ଗଠନ କରିଥିଲେ ଏବଂ ସେନା ବାହିନୀରେ ଉନ୍ନତି ଓ ଶୃଙ୍ଖଳା ଆଣିବା ପାଇଁ ଚେଷ୍ଟା କରିଥିଲେ । ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନେ ସୁଭାଷଙ୍କୁ 'ନେତାଜୀ' ଆଖ୍ୟାରେ ଭୂଷିତ କରିଥିଲେ । ସୁଭାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ୍ ଫୌଜକୁ ଚାରୋଟି ଯୋଦ୍ଧା ବାହିନୀ



**(ଆଜାଦ୍ ହିନ୍ଦ୍‌ଫୌଜ ଓ ସୁଭାଷଙ୍କର ସାଲ୍ୟୁଟ୍ ଗ୍ରହଣ)**

ବା ବ୍ରିଗେଡ୍‌ରେ ବିଭକ୍ତ କରିଥିଲେ । ସେଗୁଡ଼ିକ ହେଲା ଗାନ୍ଧୀ ବ୍ରିଗେଡ୍, ନେହେରୁ ବ୍ରିଗେଡ୍, ଆଜାଦ୍ ବ୍ରିଗେଡ୍ ଏବଂ ସ୍ୱତନ୍ତ୍ର ମହିଳା ଶାଖା ଝାନ୍‌ସୀ ରାଣୀ ବ୍ରିଗେଡ୍ । କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହଗଲ ଏହି ମହିଳା ବ୍ରିଗେଡ୍‌ର ନେତୃତ୍ୱ ନେଇଥିଲେ ।

*ତୁମେ ଜାଣିଛ କି ?*

***ଭାରତ ସରକାରଙ୍କ ପକ୍ଷରୁ କ୍ୟାପ୍‌ଟେନ ଲକ୍ଷ୍ମୀ ସେହଗଲଙ୍କୁ ୧୯୯୮ ରେ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା । ସେ ୨୦୧୨ ଜୁଲାଇ ୨୩ ରେ ୯୭ ବର୍ଷ ବୟସରେ କାନପୁର ହସ୍‌ପିଟାଲ୍‌ରେ ମୃତ୍ୟୁ ବରଣ କଲେ ।***

## ସରକାର ଗଠନ :

ପରବର୍ତ୍ତୀ ସମୟରେ ନେତାଜୀ ଆୟାର୍‌ଲାଣ୍ଡର ଅସ୍ଥାୟୀ ସରକାର ଅନୁକରଣରେ ୧୯୪୩ ଅକ୍ଟୋବର ୨୧ରେ ସିଙ୍ଗାପୁରଠାରେ ଆଜାଦ ହିନ୍ଦ୍ ସରକାର ଗଠନ କରିଥିଲେ । ଜାପାନ, ଜର୍ମାନୀ, ଇଟାଲୀ, ମିଆଁମାର, ଥାଇଲାଣ୍ଡ, ଚୀନ, ଫିଲିପାଇନ୍‌ସ ଓ ମାଞ୍ଚୁରିଆ ଏହି ସରକାରକୁ ସ୍ୱୀକୃତି ଦେଇଥିଲେ । ସୁଭାଷ ବୋଷ ହେଲେ ଏହି ସରକାରର କର୍ଣ୍ଣଧାର, ପ୍ରଥମ ପ୍ରଧାନ ମନ୍ତ୍ରୀ ତଥା ପ୍ରଧାନ ସେନାପତି । ବର୍ହିଦେଶ ବିଭାଗ ଓ ଯୁଦ୍ଧ ବିଭାଗ ତାଙ୍କ ଅଧୀନରେ ରହିଲା । ସୁଭାଷଙ୍କ ସହିତ ଏହି ସରକାରଙ୍କ ମନ୍ତ୍ରିମଣ୍ଡଳରେ ଅନ୍ୟ ଦଶଜଣ ସଭ୍ୟ ରହିଥିଲେ । ଭାରତ ମାଟିରୁ ଇଂରେଜ ସରକାରଙ୍କୁ ବିତାଡ଼ିତ କରି ସ୍ୱାଧୀନ ଭାରତ ପ୍ରତିଷ୍ଠା ଲକ୍ଷ୍ୟରେ ସାମରିକ ସଂଗ୍ରାମ କରିବା ଅସ୍ଥାୟୀ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

*ତୁମ ପାଇଁ କାମ*

***ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କଳା ଓ ସଂସ୍କୃତି ସମ୍ପର୍କିତ ବିଭିନ୍ନ ଚିତ୍ର ସଂଗ୍ରହ କରି ସେଗୁଡ଼ିକର ଏକ ପୁସ୍ତିକା ପ୍ରସ୍ତୁତ କର ।***

'ଆଜାଦ୍ ହିନ୍ଦ୍ ସରକାର' ପ୍ରତିଷ୍ଠା କରି ସୁଭାଷ ଭାରତର ଇଂରେଜ ସରକାରଙ୍କ ବିରୋଧରେ ଯୁଦ୍ଧ ଘୋଷଣା କଲେ । ସେ କହିଥିଲେ 'ଦିଲ୍ଲୀର ପଥ ହେଲା ସ୍ୱାଧୀନତାର ପଥ', ତାଙ୍କର ଚରମ ଆହ୍ୱାନ ଥିଲା– "ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି" ।

## ଭାରତ ଅଭିଯାନ :

ସୁଭାଷ ବୋଷଙ୍କ ନେତୃତ୍ୱରେ ଆଜାଦ୍ ହିନ୍ଦ୍ ଫୌଜ ଭାରତ ଅଭିଯାନ ଆରମ୍ଭ କରିଥିଲା । ନେତାଜୀଙ୍କ ଗଣଧ୍ୱନି 'ଦିଲ୍ଲୀ ଚଲୋ' ଓ 'ଜୟହିନ୍ଦ୍' ମନ୍ତ୍ରରେ ଉଦ୍ଦୀପ୍ତ ହୋଇ ଆଜାଦ୍ ହିନ୍ଦ୍ ବାହିନୀ ଭାରତର ପୂର୍ବ ସୀମାନ୍ତରେ ପହଞ୍ଚିଲା । ଇତି ମଧ୍ୟରେ ନେତାଜୀ ୧୯୪୩ ନଭେମ୍ବର ୬ ତାରିଖରେ ଜାପାନ ସରକାରଙ୍କ ଠାରୁ ଆନୁଷ୍ଠାନିକ ଭାବରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଉକ୍ତ ଦ୍ୱୀପ ଦ୍ୱୟକୁ ଯଥାକ୍ରମେ 'ଶହୀଦ' ଓ 'ସ୍ୱରାଜ' ଦ୍ୱୀପ ଭାବେ ନାମିତ କରିଥିଲେ । ୧୯୪୪ ମସିହା ଏପ୍ରିଲ ମାସରେ ଆଜାଦ୍ ହିନ୍ଦ୍ ଫୌଜ ତତ୍‌କାଳୀନ ବ୍ରହ୍ମ ଦେଶ (ମିଆଁମାର) ପାରି ହୋଇ ମଣିପୁର ରାଜ୍ୟରେ ପ୍ରବେଶ କରିଥିଲା ଏବଂ କୋହିମା ଦଖଲ କରି ସେଠାରେ ଭାରତୀୟ ପତାକା ଉତ୍ତୋଳନ କରିବା ପରେ ମଣିପୁର ରାଜଧାନୀ ଇମ୍ଫାଲ ଦଖଲ କରିବା ପାଇଁ ଅଗ୍ରସର ହୋଇଥିଲା । ଏହାପରେ ପ୍ରବଳ ବର୍ଷା ଆରମ୍ଭ ହେବାରୁ ଆଜାଦ୍ ହିନ୍ଦ୍ ଫୌଜର ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ତା' ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ପରାଜୟ ଆଜାଦ୍ ହିନ୍ଦ୍ ଫୌଜର ବିପର୍ଯ୍ୟୟର କାରଣ ହେଲା । ଜାପାନ ଭାରତୀୟ ଜାତୀୟ ସେନାକୁ ସାହାଯ୍ୟ କରିବାର ସମସ୍ତ ସମ୍ଭାବନା ବନ୍ଦ ହୋଇଗଲା । ବ୍ରିଟିଶ ସେନା ଭାରତର ଉତ୍ତର-ପୂର୍ବ ସୀମା ପର୍ଯ୍ୟନ୍ତ ମାଡ଼ିଆସି ଆସାମ ସମେତ କେତେକ ଅଞ୍ଚଳ ନିଜ ନିୟନ୍ତ୍ରଣରେ ରଖି ସାରିଥିଲେ । ଅବଶିଷ୍ଟ ସୈନ୍ୟଙ୍କ ନିକଟରେ ପଛକୁ ଫେରିବା ବ୍ୟତୀତ ଅନ୍ୟ କୌଣସ ରାସ୍ତା ନଥିଲା ।

୧୯୪୫ ମସିହା ସେପ୍ଟେମ୍ବର ମାସରେ ତିନି ସେନାଧକ୍ଷ ସାହାନଓ୍ୱାଜ ଖାଁ, ପ୍ରେମ୍ ସେହଗଲ ଓ ଗୁରୁଦୟାଲ୍ ସିଂ ଧିଲନ୍ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହେଲେ ଏବଂ ସେହିବର୍ଷ ନଭେମ୍ବର ୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରେ ଅନୁଷ୍ଠିତ ସାମରିକ ଅଦାଲତର ସମ୍ମୁଖୀନ ହେଲେ । ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମୀଭାବେ ଅଭିହିତ କରି ଭାରତୀୟମାନେ ସେମାନଙ୍କ ଗିରଫ ଓ ବିଚାର ବିରୋଧରେ ସମଗ୍ର ଦେଶରେ ବିକ୍ଷୋଭ, ଶୋଭାଯାତ୍ରା ଓ ହରତାଳ

ସଂଗଠିତ କଲେ । ସମସ୍ତ ରାଜନୀତିକ ଦଳ କଂଗ୍ରେସ, ମୁସ୍‌ଲିମ୍ ଲିଗ୍ ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତୃବୃନ୍ଦ ତଥା ଜନସାଧାରଣ ଆଜାଦ ହିନ୍ଦ୍ ଫୌଜର ସୈନ୍ୟମାନଙ୍କ ମୁକ୍ତି ଦାବି କଲେ । ଭୁଲୁଭାଇ ଦେଶାଇ ତେଜ ବାହାଦୂର ସାପ୍ରୁ, ଜବାହରଲାଲ୍ ନେହେରୁ ଓ ଆସଫ ଅଲ୍ଲୀ ପ୍ରମୁଖ ଆଇନଜୀବୀ ସେମାନଙ୍କ ସପକ୍ଷରେ ମକଦ୍ଦମା ଲଢ଼ିଲେ । ଇଂରେଜ ସରକାରଙ୍କ ବିରୋଧରେ ପ୍ରବଳ ଜନମତ ପ୍ରକାଶ ପାଇବାରୁ ସାମରିକ ଅଦାଲତ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସତ୍ତ୍ୱେ ଭାରତର ତତ୍କାଳୀନ ଭାଇସ୍‌ରାୟ ଲର୍ଡ ଓ୍ୱାଭେଲ୍ ଅଭିଯୁକ୍ତମାନଙ୍କୁ ୧ ୯ ୪ ୬ ଜାନୁୟାରୀ ୧ ତାରିଖରେ ମୁକ୍ତ କରି ଦେଇଥିଲେ ।

ସୁଭାଷ ୧ ୯ ୪ ୫ ଅଗଷ୍ଟ ୧ ୮ ତାରିଖରେ ଜାପାନ୍‌ର ଫର୍ମୋଜାରୁ ଟୋକିଓକୁ ଯାଉଥିବାବେଳେ ବିମାନ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ସମ୍ବାଦ ପ୍ରକାଶ ପାଇଥିଲା । ଅବଶ୍ୟ ଏହି ମୃତ୍ୟୁକୁ ଅନେକ ସତ୍ୟ ବୋଲି ମନେ କରନ୍ତି ନାହିଁ । ଏହା ପରେ ଇଂରେଜ ସରକାର ଆଜାଦ୍ ହିନ୍ଦ୍ ଫୌଜକୁ ନିଷିଦ୍ଧ ଘୋଷଣା କଲେ ।

ଐତିହାସିକ ଦୃଷ୍ଟି କୋଣରୁ ବିଚାର କଲେ ଦେଖାଯାଏ ଯେ ନେତାଜୀଙ୍କର ଆଜାଦ୍ ହିନ୍ଦ୍ ଫୌଜ ପ୍ରକୃତ ପକ୍ଷରେ ବ୍ୟର୍ଥ ହୋଇ ନାହିଁ । ଘୋଷିତ ଲକ୍ଷ୍ୟ ପୂରଣରେ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇନଥିଲେ ମଧ୍ୟ ଭାରତର ସ୍ୱାଧୀନତା ଇତିହାସରେ ଆଜାଦ୍ ହିନ୍ଦ୍ ଫୌଜ ଅଭିଯାନର ଫଳଥିଲା ସୁଦୂର ପ୍ରସାରୀ । ଆଜାଦ୍ ହିନ୍ଦ୍ ଫୌଜ ସଂଗ୍ରାମର ତତ୍‌କ୍ଷଣିକ ଫଳ ହିସାବରେ ଭାରତୀୟ ନୌସେନା ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ । ଆଜାଦ୍ ହିନ୍ଦ୍ ସରକାରର ମୁଖ୍ୟ ଭାବରେ ନେତାଜୀ ସୁଭାଷ ବୋଷ ଭାରତ ବର୍ଷର ସ୍ୱାଧୀନତା ଦାବିକୁ ଏକ ଆନ୍ତର୍ଜାତିକ ପ୍ରଶ୍ନରେ ପରିଣତ କରିଥିଲେ । ଏହା ବ୍ୟତୀତ ଆଜାଦ୍ ହିନ୍ଦ୍ ଫୌଜ ବିଚାରକୁ କେନ୍ଦ୍ରକରି ୧ ୯ ୪ ୫ ମସିହାର ଶେଷ ଭାଗରେ ସାରା ଭାରତ ବର୍ଷରେ ଯେଉଁ ଉତ୍ତେଜନା ଓ ବ୍ରିଟିଶ ବିରୋଧୀ ଆନ୍ଦୋଳନ ହୋଇଥିଲା, ତାହା ସରକାରଙ୍କୁ କ୍ରମଶଃ ଭୟଭୀତ କରିଥିଲା । ବ୍ରିଟିଶ ଶକ୍ତି ଉପରେ ଚରମ ଆଘାତ କରି ଏହା ସ୍ୱାଧୀନତା ପ୍ରାପ୍ତିର ପଥକୁ ସୁଗମ କରିଥିଲା ।

ଜ୍ୱଳନ୍ତ ଦେଶାତ୍ମବୋଧ, ସାହସିକତା ଓ ସାଂଗଠନିକ ଦକ୍ଷତା ପାଇଁ ସୁଭାଷ ବୋଷଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରାଯାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟାୟରେ ଭାରତର ସ୍ୱାଧୀନତା ଆନ୍ଦୋଳନ ଯେତେବେଳେ ମଉଳି ଯାଇଥିଲା ଠିକ୍ ସେହି ସମୟରେ ଆଜାଦ ହିନ୍ଦ୍ ଫୌଜର କାର୍ଯ୍ୟକଳାପ ଏହାକୁ ନବଜୀବନ ପ୍ରଦାନ କରିଥିଲା । ଭାରତର ସ୍ୱାଧୀନତାର ସ୍ୱାଦ ଚାଖିବା ହୁଏତ ସୁଭାଷ ଚନ୍ଦ୍ର ବୋଷଙ୍କ ଭାଗ୍ୟରେ ନ ଥିଲା । କିନ୍ତୁ ଜଣେ ଦେଶପ୍ରେମୀ ଓ ଅନନ୍ୟ ଜାତୀୟତାବାଦୀ ସଂଗ୍ରାମୀ ରୂପେ ସୁଭାଷ ବୋଷ ଭାରତୀୟ ସ୍ୱାଧୀନତା ସଂଗ୍ରାମ କାଳରେ ଯେଉଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ସେଥିପାଇଁ ସେ ଅମର ହୋଇ ରହିଛନ୍ତି ।

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଭାରତୀୟ ଜାତୀୟ କଂଗ୍ରେସର ସଦସ୍ୟ ଭାବେ ସୁଭାଷ ବୋଷଙ୍କ ରାଜନୀତିକ ଜୀବନ ସଂପର୍କରେ ଏକ ବିବରଣୀ ପ୍ରଦାନ କର ।

(ଖ) ଭାରତ ପରିତ୍ୟାଗ ପଛରେ ସୁଭାଷ ବୋଷଙ୍କ ଉଦ୍ଦେଶ୍ୟ ଓ ଚିନ୍ତାଧାରା କ'ଣ ଥିଲା ?

(ଗ) ଜର୍ମାନୀରେ ସୁଭାଷଙ୍କ କାର୍ଯ୍ୟକଳାପ କ'ଣ ଥିଲା ?

(ଘ) ଆଜାଦ୍ ହିନ୍ଦ୍ ଫୌଜର ସୈନିକମାନଙ୍କର ଗିରଫର ପରିଣାମ ସ୍ୱରୂପ କ'ଣ ଘଟିଥିଲା ?

(ଙ) ଆଜାଦ୍ ହିନ୍ଦ୍ ଫୌଜର ଅଭିଯାନରୁ ମିଳିଥିବା ସୁଫଳ ସଂପର୍କରେ ଏକ ଟିପ୍ପଣୀ ଲେଖ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ।**

(କ) କେଉଁ ଦୁଇଟି ସ୍ଥାନରେ ଏବଂ କେବେ ସୁଭାଷ ବୋଷ ଜାତୀୟ କଂଗ୍ରେସ ଅଧିବେଶନର ସଭାପତି ହୋଇଥିଲେ ?

(ଖ) ରାସବିହାରୀ ବୋଷ ବିଦେଶରେ ପ୍ରତିଷ୍ଠା କରିଥିବା ସଂଗଠନର ନାମ କ'ଣ ?

(ଗ) ଜର୍ମାନୀରୁ କେବେ ଓ କିପରି ସୁଭାଷ ଚନ୍ଦ୍ର ବୋଷ ଟୋକିଓ ଯାଇଥିଲେ ?

(ଘ) ସୁଭାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ୍ ଫୌଜର ୪ଟି ବ୍ରିଗେଡ୍‌ର ନାମ କ'ଣ ରଖିଥିଲେ ?

(ଙ) 'ଦିଲ୍ଲୀ ଚଲୋ'ର ତାତ୍ପର୍ଯ୍ୟ କ'ଣ ?

(ଚ) ଆଜାଦ୍ ହିନ୍ଦ୍ ଫୌଜ ତାହାର ଭାରତ ଅଭିଯାନ ସମୟରେ ଭାରତର କେଉଁ ସହର ଏବଂ କେବେ ଦଖଲ କରିଥିଲା ?

(ଛ) ଇମ୍ଫାଲ ଦଖଲ କରିବାପାଇଁ ଆଜାଦ୍ ହିନ୍ଦ୍ ଫୌଜ କାହିଁକି ବିଫଳ ହୋଇଥିଲା ?

(ଜ) ଆଜାଦ୍ ହିନ୍ଦ୍ ଯୁଦ୍ଧବନ୍ଦୀମାନଙ୍କ ସପକ୍ଷରେ କେଉଁ ଆଇନଜୀବୀମାନେ ମକଦ୍ଦମା ଲଢ଼ିଥିଲେ ?

(ଝ) ଆଜାଦ୍ ହିନ୍ଦ୍ ଫୌଜର ଯୁଦ୍ଧବନ୍ଦୀମାନଙ୍କୁ କିଏ ଏବଂ କେବେ ମୁକ୍ତ କରିଥିଲେ ?

(ଞ) ସୁଭାଷ ଚନ୍ଦ୍ର ବୋଷଙ୍କ ବିମାନ ଦୁର୍ଘଟଣା କେବେ ଏବଂ କେଉଁ ସ୍ଥାନରୁ କେଉଁସ୍ଥାନକୁ ଯାତ୍ରା କରୁଥିବାବେଳେ ଘଟିଥିବା ସମ୍ବାଦ ପ୍ରକାଶ ପାଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ସୁଭାଷ ଚନ୍ଦ୍ର ବୋଷ କେଉଁଦିନ ଜନ୍ମ ଗ୍ରହଣ କରିଥିଲେ ?

(ଖ) ସୁଭାଷ ଚନ୍ଦ୍ର ବୋଷ କାହାକୁ ତାଙ୍କର ରାଜନୀତିକ ଗୁରୁଭାବେ ଗ୍ରହଣ କରିଥିଲେ ?

(ଗ) କଂଗ୍ରେସର କେଉଁ ଅଧିବେଶନରେ ସୁଭାଷ ଚନ୍ଦ୍ର ବୋଷ ପ୍ରଥମଥର ଏହାର ସଭାପତି ହୋଇଥିଲେ ?

(ଘ) ସୁଭାଷ ଚନ୍ଦ୍ର ବୋଷ ଗଠନ କରିଥିବା ରାଜନୀତିକ ଦଳର ନାମ କ'ଣ ଥିଲା ?

(ଙ) "ଭାରତୀୟ ସ୍ୱାଧୀନତା ସଂଘ"ର ପ୍ରତିଷ୍ଠାତା କିଏ ଥିଲେ ?

(ଚ) ସୁଭାଷ ଚନ୍ଦ୍ର ବୋଷ ଜାପାନର କେଉଁ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ?

(ଛ) କିଏ ଝାନ୍‌ସୀ ରାଣୀ ବ୍ରିଗେଡ୍‌ର ନେତୃତ୍ୱ ନେଇଥିଲେ ?

(ଜ) "ତୁମେ ମତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି"। କେଉଁ ପରିପ୍ରେକ୍ଷୀରେ ସୁଭାଷ ବୋଷ ଏ କଥା କହିଥିଲେ ?

(ଝ) ଆଜାଦ ହିନ୍ଦ୍ ଫୌଜ ଭାରତ ଅଭିଯାନ ସମୟରେ କେଉଁ ଠାରେ ଭାରତୀୟ ପତାକା ଉତ୍ତୋଳନ କରିଥିଲେ ?

(ଞ) କେଉଁ ସ୍ଥାନରେ ଆଜାଦ୍ ହିନ୍ଦ୍ ଯୁଦ୍ଧବନ୍ଦୀମାନଙ୍କ ବିଚାର ହୋଇଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ।**

(କ) ସୁଭାଷ ବୋଷ କେବେ ଭାରତୀୟ ପ୍ରାଶାସନିକ ସେବା (ଆଇ.ସି.ଏସ୍.) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ?

(i) ୧୯୧୬ (ii) ୧୯୧୯ iii) ୧୯୨୦ (iv) ୧୯୨୩

(ଖ) ସୁଭାଷ ବୋଷ କେବେ ବର୍ଲିନ୍‌ରେ ପହଞ୍ଚିଥିଲେ ?

(i) ୧୯୪୧ ଜାନୁୟାରୀ ୨୬ (ii) ୧୯୪୧ ମାର୍ଚ୍ଚ ୨୫

(iii) ୧୯୪୨ ଫେବୃୟାରୀ ୧୯ (iv) ୧୯୪୩ ଜୁନ୍ ୧୩

(ଗ) ସୁଭାଷ ବୋଷଙ୍କ ପୂର୍ବରୁ କିଏ ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେଇଥିଲେ ?

(i) ରାସବିହାରୀ ବୋଷ (ii) ସାହାନୱାଜ ଖାଁ

(iii) ଲକ୍ଷ୍ମୀ ସେହଗାଲ (iv) ମୋହନ ସିଂହ

(ଘ) ସୁଭାଷ ବୋଷ କେଉଁଠାରେ ଆଜାଦ୍ ହିନ୍ଦ୍ ସରକାର ଗଠନ କରିଥିଲେ ?

(i) ବର୍ଲିନ୍ (ii) ଟୋକିଓ

(iii) ସିଙ୍ଗାପୁର (iv) ବ୍ୟାଙ୍କକ୍

(ଙ) କେଉଁ ଦେଶର ସରକାରଙ୍କଠାରୁ ସୁଭାଷ ବୋଷ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଦାୟିତ୍ୱ ଗ୍ରହଣ କରିଥିଲେ ?

(i) ଜର୍ମାନୀ (ii) ଜାପାନ

(iii) ଆୟରଲାଣ୍ଡ (iv) ଇଂଲଣ୍ଡ

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

## ଷଷ୍ଠ ପାଠ

# ଭାରତ ସ୍ୱାଧୀନତା ଆଇନ, ଭାରତ ବିଭାଜନ ଓ ସ୍ୱାଧୀନତା

୧୯୪୫ ମସିହା ଏପ୍ରିଲ ମାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରେ ଭାରତର ସ୍ୱାଧୀନତା ସଂଗ୍ରାମ ଏକ ନୂତନ ପର୍ଯ୍ୟାୟରେ ପହଞ୍ଚିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱର ରାଜନୀତିକ ପରିସ୍ଥିତିରେ ଏକ ପରିବର୍ତ୍ତନର ଧାରା ଆସିଥିଲା । ଏହି ସମୟରେ ଇଂଲଣ୍ଡରେ ସରକାରଙ୍କର ପରିବର୍ତ୍ତନ ଘଟିଥିଲା ଓ ଶ୍ରମିକ ଦଳର ନେତା କ୍ଲିମେଣ୍ଟ ଅଟ୍‌ଲି ଇଂଲଣ୍ଡର ପ୍ରଧାନମନ୍ତ୍ରୀ ହୋଇଥିଲେ ।



(କ୍ଲିମେଣ୍ଟ ଅଟ୍‌ଲି)

୧୯୪୨ ଅଗଷ୍ଟ ବିପ୍ଳବ ଏବଂ 'ଆଜାଦ୍ ହିନ୍ଦ୍ ଫୌଜ'ର ସଂଗ୍ରାମ ଭାରତୀୟ ଜନତାର ବୀରତ୍ୱ ଓ ଦୃଢ଼ ସଂକଳ୍ପକୁ ସ୍ପଷ୍ଟ କରିଦେଲା । ଯେତେବେଳେ ଆଜାଦ୍ ହିନ୍ଦ୍ ଫୌଜର ଗିରଫ ହୋଇଥିବା ସୈନିକ ଓ ଅଫିସରମାନଙ୍କର ବିଚାର ଚାଲିଲା ସେତେବେଳେ ଦେଶର ଚାରିଆଡ଼େ ସେମାନଙ୍କର ମୁକ୍ତି ଦାବିକରି ବିଶାଳ ବିକ୍ଷୋଭମାନ ଆୟୋଜିତ ହେଲା । ଭାରତୀୟମାନେ ପ୍ରତିଜ୍ଞା କଲେ ଯେ ଏହି ବୀରମାନଙ୍କୁ କୌଣସି ମତେ ଦଣ୍ଡ ମିଳିବାକୁ ଦିଆଯିବ ନାହିଁ । ଇଂରେଜ ସରକାର ସେମାନଙ୍କୁ ମୁକ୍ତ କରି ଦେଲେ । କାରଣ ସରକାର ବୁଝି ପାରିଥିଲେ ଯେ ଆଉ ବେଶୀ ଦିନ ଭାରତୀୟମାନଙ୍କୁ ତାଙ୍କ ଅଧୀନରେ ରଖି ହେବ ନାହିଁ ।

୧୯୪୬ ମସିହା ଆରମ୍ଭରେ ପ୍ରାଦେଶିକ ସ୍ତରରେ ବିଧାନ ସଭା ପାଇଁ ନିର୍ବାଚନ ହେଲା । ନିର୍ବାଚନରେ ସାଧାରଣ ଆସନରେ କଂଗ୍ରେସ ବିପୁଳ ସଂଖ୍ୟା ଗରିଷ୍ଠତା ଲାଭ କଲା । ମୁସ୍‌ଲିମ ସଂରକ୍ଷିତ ଆସନରେ ମୁସ୍‌ଲିମ୍ ଲିଗ୍‌କୁ ମଧ୍ୟ ସଫଳତା ମିଳିଲା ।

**ତୁମେ ଜାଣିଛ କି ?**

***୧୯୪୬ ମସିହାରେ ଭାରତରେ ମୋଟ ଏଗାରଟି ପ୍ରଦେଶ ଥିଲା ଏବଂ ଉକ୍ତ ବର୍ଷ ନିର୍ବାଚନ ପରେ ଓଡ଼ିଶା ସମେତ ଆଠଟି ପ୍ରଦେଶରେ କଂଗ୍ରେସ୍ ଓ ଦୁଇଟି ପ୍ରଦେଶରେ ମୁସ୍‌ଲିମ୍ ଲିଗ୍ ମନ୍ତ୍ରିମଣ୍ଡଳ ଗଠନ କରିଥିଲା । ପଞ୍ଜାବରେ ସଂଯୁକ୍ତ ଦଳର ହାୟାତ୍ ଖାଁଙ୍କ ନେତୃତ୍ୱରେ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା ।***

### କ୍ୟାବିନେଟ ମିଶନ ୧୯୪୬ :

ବ୍ରିଟିଶ ସରକାର ଭାରତୀୟଙ୍କ ହାତରେ କ୍ଷମତା ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଲେ ଏବଂ ସେଥିପାଇଁ ଭାରତୀୟ ନେତୃବର୍ଗଙ୍କ ସାଙ୍ଗରେ ବୁଝାମଣା କରିବା ଉଦ୍ଦେଶ୍ୟରେ କ୍ୟାବିନେଟ୍ ମିଶନ ନାମରେ ଏକ ପ୍ରତିନିଧି ଦଳକୁ ଭାରତ ପଠାଇଲେ । ଭାରତ ସଚିବ ପେଥିକଲରେନ୍‌ସ, ଏ.ଭି. ଆଲେକଜାଣ୍ଡାର ଓ ସାର ଷ୍ଟାଫୋର୍ଡ଼ କ୍ରିପ୍‌ସ ଏହି ପ୍ରତିନିଧି ଦଳର ସଦସ୍ୟ ଥିଲେ । ଏହି କ୍ୟାବିନେଟ ମିଶନ ୧୯୪୬ ମାର୍ଚ୍ଚ ୨୪ରେ ନୂଆଦିଲ୍ଲୀରେ ପହଞ୍ଚି ଥିଲେ ।

କ୍ୟାବିନେଟ୍ ମିଶନଙ୍କର ମୁଖ୍ୟ ପ୍ରସ୍ତାବଗୁଡ଼ିକ ଥିଲା,

(୧) ବ୍ରିଟିଶ ଶାସିତ ପ୍ରଦେଶ ଓ ଭାରତୀୟ ଦେଶୀୟ ରାଜାମାନଙ୍କୁ ନେଇ ଏକ ସଂଘ ଗଠିତ ହୋଇ ବ୍ୟବସ୍ଥାପକ ସଭା ଓ ଶାସନ ପରିଚାଳନାର ବ୍ୟବସ୍ଥା ।

(୨) ବ୍ରିଟିଶ୍ ଶାସିତ ପ୍ରଦେଶରୁ ସାଧାରଣ ବର୍ଗ ଓ ପ୍ରତ୍ୟେକ ସମ୍ପ୍ରଦାୟର ପ୍ରତିନିଧିତ୍ୱ ସହ ୨୯୬ ଜଣ ଓ ଦେଶୀୟ

ରାଜ୍ୟମାନଙ୍କରୁ ୯୩ ଜଣ ପ୍ରତିନିଧିଙ୍କୁ ନେଇ ୩୮୯ ସଦସ୍ୟ ବିଶିଷ୍ଟ ସମ୍ବିଧାନ ପ୍ରଣୟନ ସଭା ଗଠନ ।

(୩) ସମ୍ବିଧାନ ପ୍ରଣୟନ ହେବା ପର୍ଯ୍ୟନ୍ତ ଅନୁସୂଚିତ ଜାତିର ଜଣେ ପ୍ରତିନିଧିଙ୍କ ସମେତ କଂଗ୍ରେସରୁ ଛ'ଜଣ, ମୁସ୍‌ଲିମ୍ ଲିଗ୍‌ରୁ ପାଞ୍ଚଜଣ ଏବଂ ଶିଖ୍, ଖ୍ରୀଷ୍ଟିଆନ ଓ ପାର୍ଶୀ ସମ୍ପ୍ରଦାୟରୁ ଜଣେ ଲେଖାଏଁ ହିସାବରେ ମୋଟ ଚଉଦ ଜଣ ପ୍ରତିନିଧିଙ୍କୁ ନେଇ ଏକ ମଧ୍ୟବର୍ତ୍ତୀ କାଳୀନ ସରକାର ଗଠନ ।

**ତୁମ ପାଇଁ କାମ**

***କ୍ୟାବିନେଟ୍ ମିଶନ ପାକିସ୍ଥାନ ଗଠନ ଦାବି ବିପକ୍ଷରେ ଦର୍ଶାଇଥିବା କାରଣଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।***

କ୍ୟାବିନେଟ ମିଶନ ପ୍ରସ୍ତାବରେ ସ୍ୱାଧୀନ ପାକିସ୍ଥାନ ଗଠନ କଥା ଉଲ୍ଲେଖ ନ ଥିବାରୁ ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନ୍ନା କ୍ଷୁବ୍ଧ ହୋଇ ୧୯୪୬ ମସିହା ଅଗଷ୍ଟ ୧୬ ତାରିଖକୁ ସାରା ଭାରତରେ 'ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ' ରୂପେ ପାଳନ କରିବାକୁ ମୁସଲମାନମାନଙ୍କୁ ଆହ୍ୱାନ ଦେଲେ। ଉକ୍ତ ଦିନ ସଭା, ଶୋଭାଯାତ୍ରା ଜରିଆରେ ପାକିସ୍ଥାନ ଗଠନ ଦାବି ପ୍ରତି ଦୃଢ଼ ସମର୍ଥନ ପ୍ରକାଶ କରିବା ପାଇଁ ମୁସଲମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ଏହି ଦିନ କୋଲ୍‌କାତା ମହାନଗରୀରେ ଶୋଭାଯାତ୍ରା ବାହାରିବା ସମୟରେ ନୃଶଂସ ହିଂସାକାଣ୍ଡ ଘଟିଲା ଏବଂ ବହୁ ସଂଖ୍ୟକ ଲୋକ ମୃତାହତ ହେଲେ ଓ ସମଗ୍ର ଦେଶରେ ଅନୁରୂପ ଅବସ୍ଥା ପ୍ରତିଫଳିତ ହେଲା । ପୂର୍ବାଞ୍ଚଳର ତତ୍‌କାଳୀନ ସାମରିକ ଅଧ୍ୟକ୍ଷ ଲେଫ୍‌ଟନାଣ୍ଟ ଜେନେରାଲ ଫ୍ରାନ୍‌ସିସ୍ ଟକର ଏହାକୁ "ବିରାଟ କଲିକତା ହତ୍ୟାକାଣ୍ଡ" ଭାବେ ଅଭିହିତ କରିଥିଲେ। ଏହି ହିଂସାକାଣ୍ଡ କ୍ରମେ ପୂର୍ବବଙ୍ଗର ନୋଆଖାଲି ଓ ତିପରା ଜିଲ୍ଲା, ବିହାର ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପି ଗଲା । ଏହା ଦେଖି ମହାତ୍ମାଗାନ୍ଧୀଙ୍କର ଦୁଃଖର ସୀମା ରହିଲା ନାହିଁ। ସେ ଦଙ୍ଗା ନିୟନ୍ତ୍ରଣ ପାଇଁ ପୂର୍ବବଙ୍ଗ ଓ ବିହାରରେ ପଦଯାତ୍ରା ଏବଂ ଆମରଣ ଅନଶନ କଲେ। ଗାନ୍ଧିଜୀ ଏବଂ ଅନ୍ୟ ଜାତୀୟ ନେତାମାନେ ସାମ୍ପ୍ରଦାୟିକ ଭାବନା ବିରୋଧରେ ସଂଗ୍ରାମ ଚଳାଇଲେ ମାତ୍ର ତା'ର ବିଶେଷ କିଛି ସୁଫଳ ଦେଖିବାକୁ ମିଳିଲା ନାହିଁ।

୧୯୪୬ ସେପ୍ଟେମ୍ବର ୨ ତାରିଖରେ ଜବାହରଲାଲ ନେହେରୁଙ୍କ ପ୍ରଧାନମନ୍ତ୍ରିତ୍ୱରେ କଂଗ୍ରେସ ମଧ୍ୟବର୍ତ୍ତୀ କାଳୀନ



(ମହମ୍ମଦ ଅଲ୍ଲୀ ଜିନ୍ନା)

ସରକାର ଗଠନ କଲା। ଏହି ସରକାରରେ ଯୋଗଦେବା ପାଇଁ ମୁସ୍‌ଲିମ୍ ଲିଗ୍ ରାଜି ହୋଇ ନଥିଲା, କିନ୍ତୁ ଭାଇସ୍‌ରାଏ ଲର୍ଡ ୱାଭେଲ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ପ୍ରବର୍ତ୍ତାଇବା ପରେ ୧୯୪୬ ଅକ୍ଟୋବର ୧୩ରେ ମୁସଲିମ୍ ଲିଗ୍ ମଧ୍ୟ ସରକାରରେ ଯୋଗଦାନ କଲା। ୧୯୪୬ ଡିସେମ୍ବର ୯ ତାରିଖରେ ଦିଲ୍ଲୀଠାରେ ପୂର୍ବରୁ ନିର୍ବାଚିତ ଭାରତର ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକ ବସିଲା । ମୁସଲିମ ଲିଗ୍ ଏହାକୁ ପ୍ରତ୍ୟାଖ୍ୟାନ କଲା। ଡିସେମ୍ବର ୧୧ରେ ଡ଼. ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ପ୍ରଣୟନ ସଭାର ସ୍ଥାୟୀ ସଭାପତି ଭାବେ ନିର୍ବାଚିତ ହେଲେ।


**ତୁମେ ଜାଣିଛ କି ?**

***ଡକ୍ଟର ଭୀମରାଓ ରାମ୍‌ଜୀ ଆମ୍ବେଦକର ସମ୍ବିଧାନ ପ୍ରଣୟନ ସଭାରେ ଚିଠା ପ୍ରସ୍ତୁତି କମିଟିର ଚେୟାରମ୍ୟାନ୍ ଥିଲେ।***

ଇଂଲଣ୍ଡ ସରକାର ଯଥାଶୀଘ୍ର ଭାରତ ସମସ୍ୟାର ସମାଧାନ ନିମନ୍ତେ ନିଷ୍ପତ୍ତି ନେଲେ। ୧୯୪୭ ଫେବୃୟାରୀ ୨୦ରେ ଇଂଲଣ୍ଡ ପ୍ରଧାନମନ୍ତ୍ରୀ କ୍ଲିମେଣ୍ଟ ଅଟ୍‌ଲି ଘୋଷଣା କଲେ ଯେ ୧୯୪୮ ଜୁନ ୩୦ ପୂର୍ବରୁ ଇଂରେଜମାନେ ଭାରତକୁ କ୍ଷମତା ହସ୍ତାନ୍ତର କରିବେ।

## ମାଉଣ୍ଟବ୍ୟାଟେନ ଯୋଜନା :

୧୯୪୭ ମାର୍ଚ୍ଚ ୨୨ରେ ଲର୍ଡ଼ ଲୁଇ ମାଉଣ୍ଟବ୍ୟାଟେନ ଭାରତକୁ ଭାଇସରାୟ ହୋଇ ଆସିଲେ । ସେ ଉଭୟ କଂଗ୍ରେସ ଓ ମୁସଲିମ ଲିଗ୍ ମଧ୍ୟରେ ବୁଝାମଣା କରିବା ଲାଗି ଏକ ଯୋଜନା ପ୍ରସ୍ତୁତ କଲେ। ବ୍ରିଟିଶ ପାର୍ଲାମେଣ୍ଟର



(ଲର୍ଡ ମାଉଣ୍ଟ ବ୍ୟାଟେନ୍)

ଅନୁମୋଦନ ପରେ ୧୯୪୭ ଜୁନ ୩ ତାରିଖରେ ମାଉଣ୍ଟବ୍ୟାଟେନଙ୍କ ଯୋଜନା ଘୋଷିତ ହୋଇଥିଲା। ମାଉଣ୍ଟବ୍ୟାଟେନ ଯୋଜନାର ବ୍ୟବସ୍ଥାଗୁଡ଼ିକ ଥିଲା;

(୧) ଭାରତ ବିଭାଜିତ ହେବ ଏବଂ ଭାରତ ଓ ପାକିସ୍ଥାନ ନାମରେ ଦୁଇଟି ଦେଶ ସୃଷ୍ଟି ହେବ ।

(୨) ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ, ସିନ୍ଧୁ ପ୍ରଦେଶ, ବେଲୁଚିସ୍ଥାନ ଓ ଆସାମର ମୁସଲମାନ ବହୁଳ ସିଲ୍‌ହଟ ଜିଲ୍ଲାରେ ବସବାସ କରୁଥିବା ଲୋକମାନେ ଭାରତରେ ରହିବେ କି ପାକିସ୍ଥାନରେ ରହିବେ ସେ ସମ୍ପର୍କରେ ନିଷ୍ପତ୍ତି ନେବାପାଇଁ ସେମାନଙ୍କୁ ସୁଯୋଗ ଦିଆଯିବ ।

(୩) ବଙ୍ଗଳା ଓ ପଞ୍ଜାବ ପ୍ରଦେଶ ବିଭାଜିତ ହେବ। ମୁସଲମାନ ବହୁଳ ପୂର୍ବ ବଙ୍ଗ ପାକିସ୍ଥାନରେ ମିଶିବ ଓ ଅଣମୁସଲମାନ ବହୁଳ ପଶ୍ଚିମ ବଙ୍ଗ ଭାରତରେ ରହିବ। ମୁସଲମାନ ବହୁଳ ପଶ୍ଚିମ ପଞ୍ଜାବ ପାକିସ୍ଥାନରେ ମିଶିବ ଓ ଅଣମୁସଲମାନ ବହୁଳ ପୂର୍ବ ପଞ୍ଜାବ ଭାରତରେ ରହିବ। ସାର୍ ସିରିଲ୍ ରେଡ଼କ୍ଲିଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ସୀମା ନିର୍ଦ୍ଧାରଣ କମିଶନ ଦୁଇ ଦେଶର ସୀମା ନିର୍ଦ୍ଧାରଣ କରିବେ।

(୪) ଦେଶୀୟ ରାଜ୍ୟଗୁଡ଼ିକୁ ଭାରତ କିମ୍ବା ପାକିସ୍ଥାନରେ ମିଶିବା ପାଇଁ କିମ୍ବା ସ୍ୱାଧୀନ ରହିବା ପାଇଁ ନିଷ୍ପତ୍ତି ନେବାର ସ୍ୱାଧୀନତା ଦିଆଯିବ।

(୫) ଭାରତର ସମ୍ବିଧାନ ପ୍ରଣୟନ ସଭା ଚାଲୁ ରହିବ ଏବଂ ପାକିସ୍ଥାନରେ ଏକ ଭିନ୍ନ ସମ୍ବିଧାନ ପ୍ରଣୟନ ସଭା ଗଠିତ ହେବ।

(୬) ବ୍ରିଟିଶ ପାର୍ଲାମେଣ୍ଟ କ୍ଷମତା ହସ୍ତାନ୍ତର କରିବାପାଇଁ ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ଏକ ଆଇନ ପାସ୍ କରିବ।

ଜାତୀୟ କଂଗ୍ରେସ ଭାରତର ଅଖଣ୍ଡତା ବଜାୟ ରଖିବାପାଇଁ ସବୁପ୍ରକାର ଚେଷ୍ଟା କରି ବିଫଳ ହେଲେ ଏବଂ ମାଉଣ୍ଟବ୍ୟାଟେନଙ୍କ ଯୋଜନାକୁ ଗ୍ରହଣ କରିବା ବ୍ୟତୀତ ଅନ୍ୟ କିଛି ଉପାୟ ନ ଥିଲା। ମୁସଲିମ୍ ଲିଗ୍ ପାକିସ୍ଥାନ ପାଇଁ ଦୁଇ ତୃତୀୟାଂଶ ଅଞ୍ଚଳ ଦାବି କରୁଥିଲା। ଏହା କଂଗ୍ରେସ ଗ୍ରହଣ କଲା ନାହିଁ କାରଣ ପାକିସ୍ଥାନର ଗଠନ ପରେ ମଧ୍ୟ ଭାରତର ମୁସଲିମ ଜନସଂଖ୍ୟା ପାକିସ୍ଥାନର ମୁସଲିମ ଜନସଂଖ୍ୟା ଠାରୁ ଅଧିକ ହେଉଥିଲା। ଯେଉଁ ଅଞ୍ଚଳରେ ମୁସଲିମ ଲିଗ୍‌ର ପ୍ରାଧାନ୍ୟ ରହିଥିଲା, କେବଳ ସେହି ଅଞ୍ଚଳ ଗୁଡ଼ିକ ଭାଗ କରିବାପାଇଁ କଂଗ୍ରେସ ରାଜି ହେଲା। ସେହି ଆଧାରରେ ପଞ୍ଜାବ, ବଙ୍ଗ ଓ ଆସାମର ବିଭାଜନ ହେଲା। ଏକ କ୍ଷୁଦ୍ର ଓ ସଙ୍କୁଚିତ ପାକିସ୍ଥାନର ବ୍ୟବସ୍ଥା ଦେଖି ଜିନ୍ନା ଅତ୍ୟନ୍ତ ମର୍ମାହତ ଓ କ୍ଷୁବ୍ଧ ହୋଇଥିଲେ ସୁଦ୍ଧା ଅନ୍ୟ ଉପାୟ ନ ପାଇ ଏହି ଯୋଜନାକୁ ଗ୍ରହଣ କଲେ।

## ଭାରତ ସ୍ୱାଧୀନତା ଆଇନ୍ :

ଭାରତୀୟ ନେତାମାନେ ମାଉଣ୍ଟବ୍ୟାଟେନ୍ ଯୋଜନାକୁ ଗ୍ରହଣ କରିବା ପରେ ବ୍ରିଟିଶ ସରକାର ଏହାକୁ ଭିତ୍ତିକରି

ଭାରତର ସ୍ୱାଧୀନତା ନିମନ୍ତେ ଏକ ଆଇନ ପ୍ରସ୍ତୁତ କଲେ। ୧୯୪୭ ଜୁଲାଇ ୧୮ ରେ ଏହା 'ଭାରତ ସ୍ୱାଧୀନତା ଆଇନ ୧୯୪୭' ଭାବରେ ବ୍ରିଟିଶ ପାର୍ଲାମେଣ୍ଟର ଅନୁମୋଦନ ଲାଭ କଲା। ଉକ୍ତ ଆଇନ ଅନୁସାରେ ଭାରତ ଓ ପାକିସ୍ଥାନ ନାମକ ଦୁଇଟି ସ୍ୱାଧୀନ ରାଷ୍ଟ୍ର ଗଠିତ ହୋଇ ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ କ୍ଷମତା ହସ୍ତାନ୍ତର ନିମନ୍ତେ ନିଷ୍ପତ୍ତି ନିଆଗଲା; ଦେଶୀୟ ରାଜାମାନେ ଇଚ୍ଛାନୁସାରେ ଭାରତ କିମ୍ବା ପାକିସ୍ଥାନ ସହିତ ଯୋଗ ଦେବାର ସ୍ୱାଧୀନତା ପାଇଲେ ଓ ୧୯୪୭ ଅଗଷ୍ଟ ୧୫ରୁ ଇଂଲଣ୍ଡ ସହିତ ସେମାନଙ୍କର ସମସ୍ତ ଚୁକ୍ତିର ବିଲୋପ ଘଟିଲା । ନିଜର ସମ୍ବିଧାନ ପ୍ରଣୀତ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦେଶର ସମ୍ବିଧାନ ପ୍ରଣୟନ ସଭାକୁ ବିଧାୟକ ସଭାର କ୍ଷମତା ଦିଆଗଲା ଏବଂ ଉଭୟ ଦେଶ ଭାରତ ଶାସନ ଆଇନ ୧୯୩୫ ଅନୁଯାୟୀ ଶାସନ କଲେ; ଇଂଲଣ୍ଡର ଭାରତ ସଚିବ ପଦ ଉଚ୍ଛେଦ କରାଗଲା। ବିଭାଜନ ଓ ସ୍ୱାଧୀନତା ପରେ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ଭାବେ ଲର୍ଡ ଲୁଇ ମାଉଣ୍ଟବ୍ୟାଟେନ୍ ଓ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଜବାହରଲାଲ୍ ନେହେରୁ ଏବଂ ପାକିସ୍ଥାନର ପ୍ରଥମ ଗଭର୍ଣ୍ଣର ଜେନେରାଲ ଭାବେ ମହମ୍ମଦ ଅଲ୍ଲୀ ଜିନ୍ନା ଓ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଲିୟାକତ୍ ଅଲ୍ଲୀ ଖାଁ ଶପଥ ଗ୍ରହଣ କରିଥିଲେ।

ସ୍ୱାଧୀନତାର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରାମର୍ଶ ଓ ଦକ୍ଷ ନେତୃତ୍ୱ ଯୋଗୁଁ ଅଧିକାଂଶ ଦେଶୀୟ ରାଜ୍ୟ ଭାରତ ସହିତ ଯୋଗ ଦେଇଥିଲେ। ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ବିଳମ୍ବିତ ରାତିରେ ଜବାହରଲାଲ ନେହେରୁ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାଠାରେ ସ୍ୱାଧୀନ ଭାରତର ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ତୁମେ ଜାଣିଛ କି ?**

*ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଲୌହମାନବ ନାମରେ ପରିଚିତ।*

**ତୁମ ପାଇଁ କାମ**

*ସ୍ୱାଧୀନତା ଲାଭ ପରେ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରିବା ସମୟରେ ଜବାହରଲାଲ୍‌ଙ୍କ ଦ୍ୱାରା ପ୍ରଦତ୍ତ ଭାଷଣ ଉଲ୍ଲେଖ କର।*

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ତା'ର ପ୍ରଥମ ସ୍ୱାଧୀନତା ଦିବସ ବିପୁଳ ଉତ୍ସାହରେ ପାଳନ କଲା। ବହୁକାଳ ଧରି ଦେଶଭକ୍ତମାନେ ଯେଉଁଭଳି ଅସୀମ ତ୍ୟାଗ ସ୍ୱୀକାର କରିଥିଲେ, ଅଗଣିତ ସହିଦ ଦେଶ ପାଇଁ ଯେଉଁ ଅମାପ ଲହୁଲୁହ ଦେଇଥିଲେ ତା'ର ସୁଫଳ ମିଳିଲା ଏବଂ ସେମାନଙ୍କର ସ୍ୱପ୍ନ ସାକାର ହେଲା।



(ଐତିହାସିକ ଲାଲକିଲ୍ଲାଠାରେ ଜାତୀୟପତାକା ଉଡୁଥିବାର ଦୃଶ୍ୟ)

# ପ୍ରଶ୍ନାବଳୀ

୧. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ।**

(କ) କ୍ୟାବିନେଟ ମିଶନର ମୁଖ୍ୟ ପ୍ରସ୍ତାବ ଗୁଡ଼ିକ କ'ଣ ଥିଲା ?

(ଖ) କ୍ୟାବିନେଟ ମିଶନ ପ୍ରସ୍ତାବ ବିରୋଧରେ ମୁସ୍‌ଲିମ୍ ଲିଗ୍‌ର ପ୍ରତିକ୍ରିୟା କିପରି ପ୍ରକାଶ ପାଇଥିଲା ?

(ଗ) କେଉଁ ପରିସ୍ଥିତିରେ କ୍ଲିମେଣ୍ଟ ଅଟ୍‌ଲୀ ଭାରତର ସମ୍ଭାବ୍ୟ ସ୍ୱାଧୀନତା ସଂପର୍କରେ ଘୋଷଣା କଲେ ?

(ଘ) ମାଉଣ୍ଟବ୍ୟାଟେନ୍‌ଙ୍କ ଯୋଜନାରେ ଭାରତ ବିଭାଜନ ସମ୍ପର୍କରେ କ'ଣ ପ୍ରସ୍ତାବ ଥିଲା ?

(ଙ) ଭାରତ ସ୍ୱାଧୀନତା ଆଇନ୍‌ର ମୁଖ୍ୟ ବ୍ୟବସ୍ଥାଗୁଡ଼ିକ କ'ଣ ଥିଲା ?

୨. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ ।**

(କ) କ୍ୟାବିନେଟ ମିଶନ କାହିଁକି ଭାରତ ଆସିଥିଲେ ?

(ଖ) ଇଂଲଣ୍ଡର କେଉଁ ପ୍ରଧାନମନ୍ତ୍ରୀଙ୍କ ସମୟରେ କ୍ୟାବିନେଟ ମିଶନ ଭାରତକୁ ଆସିଥିଲେ ଏବଂ କେଉଁମାନେ ଏହାର ସଦସ୍ୟ ଥିଲେ ?

(ଗ) ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ କାହିଁକି ଏବଂ କେଉଁଦିନ ପାଳନ କରାଯାଇଥିଲା ?

(ଘ) ମଧ୍ୟବର୍ତ୍ତୀକାଳୀନ ସରକାର କେବେ ଗଠିତ ହୋଇଥିଲା ଏବଂ ମୁସ୍‌ଲିମ୍ ଲିଗ୍ କେବେ ଏଥିରେ ଯୋଗ ଦେଇଥିଲା ?

(ଙ) ସାଂପ୍ରଦାୟିକ ଦଙ୍ଗା ନିବାରଣ କରିବା ପାଇଁ ମହାତ୍ମାଗାନ୍ଧୀ କି ପଦକ୍ଷେପ ନେଇଥିଲେ ?

(ଚ) ୧୯୪୭ ମସିହା ଫେବୃୟାରୀ ୨୦ ତାରିଖ ଦିନ ଅଟ୍‌ଲୀଙ୍କ ଘୋଷଣାର ତାତ୍ପର୍ଯ୍ୟ କ'ଣ ?

(ଛ) ମାଉଣ୍ଟବ୍ୟାଟେନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ଏବଂ ଏହା କେବେ ଘୋଷିତ ହୋଇଥିଲା ?

(ଜ) ମାଉଣ୍ଟବ୍ୟାଟେନ୍ ଯୋଜନାରେ ଦେଶୀୟ ରାଜ୍ୟମାନଙ୍କ ପାଇଁ କ'ଣ ବ୍ୟବସ୍ଥା ଥିଲା ?

(ଝ) ସ୍ୱାଧୀନ ପାକିସ୍ତାନର ପ୍ରଥମ ଗଭର୍ଣ୍ଣର ଜେନେରାଲ୍ ଓ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ କିଏ ଶପଥ ଗ୍ରହଣ କରିଥିଲେ ?

(ଞ) ଭାରତର ପ୍ରଥମ ସ୍ୱାଧୀନତା ଦିବସରେ କିଏ ଏବଂ କେଉଁଠାରେ ପତାକା ଉତ୍ତୋଳନ କରିଥିଲେ ?

୩. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କ୍ୟାବିନେଟ୍ ମିଶନ କେବେ ଭାରତରେ ପହଞ୍ଚିଥିଲେ ?

(ଖ) ପ୍ରତ୍ୟକ୍ଷ କାର୍ଯ୍ୟଦିବସ ପାଳନ କରିବା ପାଇଁ କିଏ ଆହ୍ୱାନ ଦେଇଥିଲେ ?

(ଗ) କିଏ କଲିକତା ହିଂସାକାଣ୍ଡକୁ ବିରାଟ କଲିକତା ହତ୍ୟାକାଣ୍ଡ ଭାବେ ଅଭିହିତ କରିଥିଲେ ?

(ଘ) କିଏ ଭାରତର ମଧ୍ୟବର୍ତ୍ତୀକାଳୀନ ସରକାରର ନେତୃତ୍ୱ ନେଇଥିଲେ ?

(ଙ) ଭାରତକୁ କ୍ଷମତା ହସ୍ତାନ୍ତର କରାଯିବ ବୋଲି ଅଟ୍‌ଲି କେବେ ଘୋଷଣା କରିଥିଲେ ?

(ଚ) ମାଉଣ୍ଟବ୍ୟାଟେନ୍ କେଉଁଦିନ ଭାରତକୁ ଭାଇସରାୟ ହୋଇ ଆସିଲେ ?

(ଛ) କାହା ଭିତ୍ତିରେ ଭାରତର ସ୍ୱାଧୀନତା ନିମନ୍ତେ ଆଇନ ପ୍ରସ୍ତୁତ ହୋଇଥିଲା ?

(ଜ) ପାକିସ୍ଥାନ କେଉଁଦିନ ଏକ ରାଷ୍ଟ୍ର ଭାବରେ ଆତ୍ମପ୍ରକାଶ କଲା ?

(ଝ) ବ୍ରିଟିଶ ଶାସନାଧୀନ ଭାରତର ଶେଷ ଗଭର୍ଣ୍ଣର ଜେନେରାଲ୍ କିଏ ଥିଲେ ?

(ଞ) ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ କିଏ ଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ।**

(କ) କ୍ୟାବିନେଟ୍ ମିଶନ କେତେ ସଂଖ୍ୟା ବିଶିଷ୍ଟ ସମ୍ବିଧାନ ପ୍ରଣୟନ ସଭାର ପ୍ରସ୍ତାବ ଦେଇଥିଲେ ?

(i) ୨୯୬ (ii) ୩୮୯ (iii) ୯୩ (iv) ୧୪

(ଖ) କାହାର ପ୍ରବର୍ତ୍ତନା ଫଳରେ ମୁସ୍‌ଲିମ୍ ଲିଗ୍ ମଧ୍ୟବର୍ତ୍ତୀ କାଳୀନ ସରକାରରେ ଯୋଗ ଦେଲା ?

(i) କ୍ଲିମେଣ୍ଟ ଅଟ୍‌ଲି (ii) ଲର୍ଡ ୱାଭେଲ୍

(iii) ଲର୍ଡ ମାଉଣ୍ଟବ୍ୟାଟେନ୍ (iv) ମହାତ୍ମାଗାନ୍ଧୀ

(ଗ) କିଏ ଭାରତ ସମ୍ବିଧାନ ପ୍ରଣୟନ ସଭାର ସଭାପତି ଥିଲେ ?

(i) ଜବାହରଲାଲ୍ ନେହେରୁ (ii) ରାଜେନ୍ଦ୍ର ପ୍ରସାଦ

(iii) ବଲ୍ଲଭଭାଇ ପଟେଲ୍ (iv) ମହମ୍ମଦ ଅଲ୍ଲୀ ଜିନ୍ନା

(ଘ) କେଉଁ ତାରିଖ ସୁଦ୍ଧା ଭାରତକୁ କ୍ଷମତା ହସ୍ତାନ୍ତର କରିବା ପାଇଁ ଅଟ୍‌ଲି ଘୋଷଣା କରିଥିଲେ ?

(i) ୧୯୪୭ ଫେବୃୟାରୀ ୨୦ (ii) ୧୯୪୭ ଜୁନ୍ ୩

(iii) ୧୯୪୭ ଅଗଷ୍ଟ ୧୫ (iv) ୧୯୪୮ ଜୁନ୍ ୩୦

(ଙ) କେବେ ଭାରତ ସ୍ୱାଧୀନତା ଆଇନ୍ ବ୍ରିଟିଶ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା ?

(i) ୧୯୪୭ ଫେବୃୟାରୀ ୨୦ (ii) ୧୯୪୭ ଜୁନ୍ ୩

(iii) ୧୯୪୭ ଜୁଲାଇ ୧୮ (iv) ୧୯୪୭ ଅଗଷ୍ଟ ୧୪

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

ଦ୍ୱିତୀୟ ଅଧ୍ୟାୟ

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

TS8E2N

## ପ୍ରଥମ ପାଠ

## ଓଡ଼ିଆ ଜାତୀୟତାର ବିକାଶ

ପରମ୍ପରା ତଥା ସଂସ୍କୃତିରେ ପରିପୂର୍ଣ୍ଣ ଓଡ଼ିଶା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା। ବିଭିନ୍ନ ସମୟରେ ବିଭିନ୍ନ ରାଜବଂଶ ଅଧୀନରେ ଓଡ଼ିଶା ତାହାର ଗୌରବୋଜ୍ଜ୍ୱଳ ଇତିହାସ ବଜାୟ ରଖିଥିଲା। ମଧ୍ୟଯୁଗୀୟ ଓଡ଼ିଶା ମହାନ ଗଙ୍ଗବଂଶୀ ତଥା ସୂର୍ଯ୍ୟବଂଶୀ ନରପତିଙ୍କ କୃତିତ୍ୱରେ ଉଜ୍ଜ୍ୱଳ ଥିଲା। ସାରା ଭାରତରେ ମୁସଲମାନ୍ ଶାସନର ପ୍ରାଧାନ୍ୟ ଥିଲାବେଳେ ଓଡ଼ିଶାର ହିନ୍ଦୁ ରାଜାମାନେ ଉତ୍କଳୀୟ ସଭ୍ୟତା ଓ ସଂସ୍କୃତିର ଉତ୍କର୍ଷ ସାଧନ କରିଥିଲେ। ୧୫୬୮ ମସିହାରେ ଓଡ଼ିଶା ତା'ର ସ୍ୱାଧୀନତା ହରାଇଲା। ପ୍ରଥମେ ଆଫଗାନ ଓ ପରେ ପରେ ମୋଗଲ ଓ ମରହଟ୍ଟା ଶାସକ ରାଜତ୍ୱ କଲେ। ୧୮୦୩ ରେ ଓଡ଼ିଶା ଇଂରେଜ ମାନଙ୍କ ଦ୍ୱାରା ଅଧିକୃତ ହେଲା।

*ତୁମେ ଜାଣିଛ କି ?*

***ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁରାଜା ଥିଲେ ମୁକୁନ୍ଦ ଦେବ। ସେ ୧୫୫୯ରୁ ୧୫୬୮ ପର୍ଯ୍ୟନ୍ତ ରାଜୁତି କରିଥିଲେ।***

ଓଡ଼ିଶାରେ ଇଂରେଜମାନେ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କଲାପରେ ଏଠାରେ ପାଶ୍ଚାତ୍ୟ ଶିକ୍ଷା ଓ ଧର୍ମଧାରାର ପ୍ରବାହ ଆରମ୍ଭ ହେଲା। ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷର ଭୟାବହତା ପରେ ଓଡ଼ିଆ ଅନୁଭବ କଲା କିଛି ପରିବର୍ତ୍ତନର ଆବଶ୍ୟକତା। ଏହି ପରିବର୍ତ୍ତନର ଆଶା ଓଡ଼ିଶାବାସୀଙ୍କ ମନରେ ନୂତନ ଉତ୍ସାହ ଓ ଜାତୀୟ ଚେତନାର ଭାବନା ଆଣିଦେଲା । ଶିକ୍ଷିତ ଯୁବଗୋଷ୍ଠୀ ଏକ ନୂତନ ଓଡ଼ିଶାର ନିର୍ମାଣ ପାଇଁ ସ୍ୱପ୍ନ ଦେଖିଲେ। ଏହା ନବଜାଗରଣକୁ ଅଧିକ ତ୍ୱରାନ୍ୱିତ କରିଥିଲା। ବିଭିନ୍ନ କାରଣ ଯୋଗୁଁ ପରାଧୀନ ଓଡ଼ିଶାରେ ନବଚେତନାର ଆରମ୍ଭ ହୋଇଥିଲା।

### ଓଡ଼ିଶାରେ ଶିକ୍ଷାର ପ୍ରସାର :

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଇଂରେଜ ସରକାରଙ୍କର ମନୋଭାବ ପରିବର୍ତ୍ତନ ହେବା ଦ୍ୱାରା ଓଡ଼ିଶାରେ ଇଂରେଜ ଶିକ୍ଷାର ପ୍ରସାର ଘଟିଲା। ଇଂରେଜୀ ଭାଷାର ପ୍ରଚଳନ ଫଳରେ ଏକ ଉଦ୍ଦେଶ୍ୟ ପୂର୍ଣ୍ଣ ଓ ସଂଗଠିତ ଜାତୀୟ ଜାଗରଣ ସୃଷ୍ଟି ହେଲା। ୧୮୨୩ରେ ଖ୍ରୀଷ୍ଟିଆନ୍ ଧର୍ମପ୍ରଚାରକମାନେ କଟକରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କଲେ। ୧୮୪୧ରେ ସରକାର ଏହାର ପରିଚାଳନା ଭାର ହାତକୁ ନେଲେ। ୧୮୩୦ ମସିହାରେ ଓଡ଼ିଆ ରକ୍ଷଣଶୀଳ ସଂପ୍ରଦାୟର ଉପେକ୍ଷା ଫଳରେ ବୌଦ୍ଧିକ ବିକାଶ ବାଧା ପ୍ରାପ୍ତ ହୋଇଥିଲା। କିନ୍ତୁ ୧୮୫୪ ମସିହାରେ ଚାର୍ଲସ ଉଡ୍‌ଙ୍କ ପାଠ୍ୟକ୍ରମ ସଂସ୍କାର ନିୟମ ପ୍ରଣୟନ ଓ ୧୮୫୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓଡ଼ିଶାରେ ଶିକ୍ଷାର ପ୍ରସାର ଦିଗରେ ସହାୟକ ହେଲା। ୧୮୫୮ ମସିହାରେ ଓଡ଼ିଶାରେ ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲାର ସଦର ମହକୁମାରେ ଥିବା ଗୋଟିଏ ଲେଖାଏଁ ଜିଲ୍ଲା ସ୍କୁଲ ସମେତ ସରକାରୀ ଓ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ଏହିପରି ମୋଟ୍ ୩୩ଟି ବିଦ୍ୟାଳୟ ଥିଲା। ବିଦ୍ୟାଳୟର ସଂଖ୍ୟା ବୃଦ୍ଧି ଓ ସେଗୁଡ଼ିକୁ ସରକାରୀ ଅନୁଦାନ ପ୍ରଦାନ ବହୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କଲା। ବାସ୍ତବରେ ଇଂରେଜୀ ଶିକ୍ଷାର ପ୍ରସାର ଫଳରେ ବିଭାଜିତ ଓଡ଼ିଶାରେ ଶିକ୍ଷିତ ଯୁବକମାନଙ୍କ ମନରେ ଏକ ନବଜାଗରଣ ସୃଷ୍ଟି ହେଲା।


୧୮୬୭ରେ କଟକ ଜିଲ୍ଲା ସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟ ଭାବେ ଉନ୍ନୀତ କରାଗଲା ଏବଂ ଏହା କଲିକତା ବିଶ୍ୱବିଦ୍ୟାଳୟ ସହିତ ସହ-ବନ୍ଧିତ ହେଲା। ୧୮୬୮ ଜାନୁୟାରୀ ୨୦ ରୁ ଏଠାରେ ମାତ୍ର

୬ ଜଣ ଛାତ୍ରଙ୍କୁ ନେଇ ଶିକ୍ଷାଦାନ ଆରମ୍ଭ ହେଲା । ଉକ୍ତ ବର୍ଷ ମଧୁସୂଦନ ଦାସ ଏହି ଅନୁଷ୍ଠାନରୁ ଏଫ୍.ଏ.ପାସ୍ କଲେ । ସେ ୧୮୭୦ରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ. ପାସ୍ କରି ଓଡ଼ିଶାର ପ୍ରଥମ ସ୍ନାତକ ହୋଇଥିଲେ । ସେ ୧୮୭୩ରେ ଏମ୍.ଏ. ପାସ୍ କଲେ ଏବଂ ୧୮୭୮ରେ ବି.ଏଲ୍. ଡିଗ୍ରୀ ହାସଲ କରି ସ୍ନାତକୋତ୍ତର ଓ ଆଇନ୍ ଡିଗ୍ରୀ ପ୍ରାପ୍ତ କରିବାରେ ପ୍ରଥମ ଓଡ଼ିଆ ଥିଲେ । ୧୮୭୬ରେ କଟକ ଉଚ୍ଚ ବିଦ୍ୟାଳୟକୁ (ପୂର୍ବରୁ ଉନ୍ନୀତ କରାଯାଇଥିବା ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟକୁ) ସ୍ନାତକ ମହାବିଦ୍ୟାଳୟ ରୂପେ ଉନ୍ନୀତ କରାଯାଇଥିଲା । କଟକରେ ଅବସ୍ଥାପିତ କମିଶନର ଟି.ଇ. ରେଭେନ୍ସାଙ୍କ ନାମରେ ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟଟି ରେଭେନ୍ସା କଲେଜ ଭାବରେ ପରିଚିତ ହେଲା । ରେଭେନ୍ସା କଲେଜରେ ବହୁ ଓଡ଼ିଆ ଯୁବକ ଉଚ୍ଚତର ଶିକ୍ଷା ଲାଭ କରିବାର ସୁଯୋଗ ପାଇଲେ । ସେମାନେ ଓଡ଼ିଆ ଜାତୀୟତାକୁ ଜାଗ୍ରତ କରିଥିଲେ । ଏହି ଶିକ୍ଷିତ ଯୁବକଗଣ ନୂତନ ସାମାଜିକ, ରାଜନୀତିକ ଓ ଆଧୁନିକ ଶିକ୍ଷାର ଅଧିକାରୀ ହୋଇ ସମାଜରେ ଏକ ଗୋଷ୍ଠୀ ଗଢ଼ିଥିଲେ । ସେହି ଗୋଷ୍ଠୀର ସଂକଳ୍ପ ଥିଲା ଅନ୍ୟାୟ ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ଜାତୀୟ ଚେତନାର ଅଭିବୃଦ୍ଧି କରିବା । ଓଡ଼ିଶାର ନୂତନ ବୁଦ୍ଧିଜୀବୀମାନେ ଓଡ଼ିଆ ଭାଷା ଓ ସଂସ୍କୃତି ତଥା ଓଡ଼ିଆମାନଙ୍କର ଏକତ୍ରୀକରଣ ପାଇଁ ସ୍ୱର ଉତ୍ତୋଳନ କଲେ ।

## ଓଡ଼ିଆ ଭାଷା, ସାହିତ୍ୟ ଓ ସମ୍ବାଦପତ୍ରର ବିକାଶ :

ଓଡ଼ିଶାରେ ଛାପାଖାନା ପ୍ରତିଷ୍ଠା ଓଡ଼ିଶାର ବିଭିନ୍ନ ସ୍ଥାନରେ ଭାଷାର ସୁରକ୍ଷା ଓ ବିକାଶ ନିମନ୍ତେ ସହାୟକ ହୋଇଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ଭାଷାକୁ ବିଲୋପ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଥିଲା । ସେହି ସମୟରେ ଓଡ଼ିଶାର ବହୁ ବୁଦ୍ଧିଜୀବୀ ଏବଂ ଫକୀରମୋହନ ସେନାପତି ଓ ରାଧାନାଥ ରାୟଙ୍କ ପରି ବିଶିଷ୍ଟ ବ୍ୟକ୍ତି ଓଡ଼ିଆ ଭାଷାକୁ ଉପଯୁକ୍ତ ମର୍ଯ୍ୟାଦା ଦେବାରେ ସମର୍ଥ ହୋଇଥିଲେ ।

୧୮୩୭ ମସିହାରେ ଓଡ଼ିଶାରେ ପ୍ରଥମ ମୁଦ୍ରଣଯନ୍ତ୍ର କଟକ ମିଶନ ପ୍ରେସ ନାମରେ ପ୍ରତିଷ୍ଠିତ ହେଲା । ତେଣୁ ସାହିତ୍ୟ ଓ ସମ୍ବାଦ ପତ୍ର ପ୍ରକାଶନ ସହଜ ହେଲା ।



(ଫକୀରମୋହନ ସେନାପତି)

୧୮୬୬ରେ କଟକରେ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ୧୮୬୮ରେ ବାଲେଶ୍ୱରରେ ଫକୀର ମୋହନ ସେନାପତିଙ୍କ ସଂପାଦନାରେ 'ସମ୍ବାଦ ବାହିକା', 'ବୋଧଦାୟିନୀ', ୧୮୮୯ରେ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ବାମଣ୍ଡାରୁ 'ସମ୍ବଲପୁର ହିତୈଷିଣୀ' ଆଦି ସମ୍ବାଦ ପତ୍ର ପ୍ରକାଶିତ ହୋଇ ଉତ୍କଳୀୟ ଭାବକୁ ଜାଗ୍ରତ କରିଥିଲା । ଏଗୁଡ଼ିକ ବ୍ୟତୀତ ବହୁଦିନ ପର୍ଯ୍ୟନ୍ତ ତିଷ୍ଠିପାରି ନ ଥିବା ଅନ୍ୟାନ୍ୟ ଅନେକ ପତ୍ରିକା ପ୍ରକାଶିତ ହୋଇଥିଲା । ଏହି ସମ୍ବାଦ ପତ୍ରଗୁଡ଼ିକ ଓଡ଼ିଶାର ସମସ୍ୟାଗୁଡ଼ିକ ପ୍ରତି ଜନମତ ଜାଗ୍ରତ କରିବା ଏବଂ ଓଡ଼ିଆ ଜାତୀୟ ଚେତନା ବୃଦ୍ଧି କରିବାର ସହାୟକ ହୋଇଥିଲା ।

**ତୁମ ପାଇଁ କାମ**

***ପାଠରେ ଦିଆଯାଇଥିବା ପତ୍ରିକାଗୁଡ଼ିକ ବ୍ୟତୀତ ଊନବିଂଶ ଶତାବ୍ଦୀରେ ପ୍ରକାଶିତ ଅନ୍ୟୂନ ଦଶଟି ପତ୍ରିକାର ପ୍ରକାଶ ସ୍ଥାନ ଓ ସମୟ ସହିତ ଏକ ତାଲିକା ପ୍ରସ୍ତୁତ କର ।***

ଭାଷା ବିବାଦ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟତା ଭାବ ସୃଷ୍ଟି କରିବାରେ ସହାୟକ ହୋଇଥିଲା । ଊନବିଂଶ ଶତାବ୍ଦୀର ଓଡ଼ିଆ ଭାଷା ଆନ୍ଦୋଳନ ଓଡ଼ିଶାରେ ଜାତୀୟତାବାଦର ଜନନୀ କହିଲେ ଅତ୍ୟୁକ୍ତି ହେବନାହିଁ ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ସମୟରେ ଓଡ଼ିଶା ମୁଖ୍ୟତଃ କଟକ, ପୁରୀ ଓ

ବାଲେଶ୍ୱରକୁ ନେଇ ଶାସିତ ହେଉଥିଲା । ଓଡ଼ିଆ ଭାଷା ଓ ସଂସ୍କୃତି ସେତେବେଳକୁ ଭୂଲୁଣ୍ଠିତ ହୋଇ ସାରିଥିଲା । କାରଣ ମରହଟ୍ଟାମାନେ ପାର୍ଶୀ ଭାଷାକୁ ଓଡ଼ିଶାର ରାଜଭାଷା ରୂପେ ମାନ୍ୟତା ଦେଇଥିଲେ । ଇଂରେଜମାନେ ଓଡ଼ିଶାକୁ ବଙ୍ଗଳାର ଏକ ଅଂଶ ରୂପେ ଗ୍ରହଣ କରିଥିଲେ ଏବଂ ସେଥିପାଇଁ ସେମାନେ ବଙ୍ଗୀୟମାନଙ୍କୁ ରାଜକର୍ମଚାରୀ ରୂପେ ଓଡ଼ିଶାରେ ଅବସ୍ଥାପିତ କଲେ । ଏହି ବଙ୍ଗୀୟମାନେ ହିଁ ଓଡ଼ିଶାରେ ବଙ୍ଗଳା ଭାଷାର ପ୍ରଚାରରେ ମଗ୍ନ ରହିଲେ । ୧୮୪୯ରେ କଟକର କଲେକ୍ଟର ବଙ୍ଗଳାଭାଷାକୁ ସରକାରୀ ଭାଷାରୂପେ ସ୍ୱୀକୃତି ପ୍ରଦାନ କରିଥିଲେ । ଛାପାଖାନାର ଅଭାବ ଏବଂ ବୁଦ୍ଧିଜୀବୀଙ୍କ ସ୍ୱଳ୍ପତା ହେତୁ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକର ସଂଖ୍ୟା ବହୁତ କମ୍ ଥିଲା । ଏହି ଅସୁବିଧା ଆଳରେ କେତେକ ପ୍ରଭାବଶାଳୀ ବଙ୍ଗୀୟ ବ୍ୟକ୍ତି ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷାର ପ୍ରଚଳନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ତେଣୁ ନିଜ ଭାଷାକୁ ରକ୍ଷା କରିବାକୁ ନେଇ ଆରମ୍ଭ ହୋଇଥିବା ସଂଘର୍ଷ ଓଡ଼ିଆମାନଙ୍କ ମନରେ ଏକ ନୂତନ ଜାତୀୟ ଚେତନା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା । ଓଡ଼ିଶାର କେତେକ ବଙ୍ଗଭାଷୀ ବ୍ୟକ୍ତି ଓଡ଼ିଆ ଭାଷା ପ୍ରତି ସମର୍ଥନ ତଥା ଏହାର ସୁରକ୍ଷା ଦିଗରେ ଆପ୍ରାଣ ଉଦ୍ୟମ କରିବା ଦ୍ୱାରା ଓଡ଼ିଶାରେ ଜାତୀୟତାଭାବର ବିକାଶ ହୋଇଥିଲା ।

ତତ୍କାଳୀନ ମାନ୍ଦ୍ରାସ ପ୍ରଦେଶ ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ ତେଲେଗୁ ସରକାରୀ ଭାଷା ରୂପେ ପ୍ରଚଳିତ ହେବା ଫଳରେ ଓଡ଼ିଆ ଭାଷା ଅବହେଳିତ ହେଲା । ଗଞ୍ଜାମର ଓଡ଼ିଆମାନେ ଓଡ଼ିଶା ଡିଭିଜନରେ ମିଶିବା ପାଇଁ ଅନ୍ଦୋଳନ କଲେ । ୧୮୭୦ ସେପ୍ଟେମ୍ବରରେ ସେମାନେ ରସୁଲକୋଣ୍ଡା (ବର୍ତ୍ତମାନର ଭଞ୍ଜନଗର) ଠାରେ ସଭାକରି ସମସ୍ତ ଓଡ଼ିଆଙ୍କୁ ଏକତ୍ର ହେବା ପାଇଁ ଆହ୍ୱାନ ଦେଇଥିଲେ ।

କେନ୍ଦ୍ରୀୟ ପ୍ରଦେଶ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାରେ ହିନ୍ଦୀକୁ ସରକାରୀ ଭାଷାରୂପେ ପ୍ରଚଳନ କରାଗଲା କାରଣ ହିନ୍ଦୀ ଭାଷୀ ସରକାରୀ କର୍ମଚାରୀମାନେ ଓଡ଼ିଆ ଭାଷାରେ କାର୍ଯ୍ୟ କରିବାକୁ ରାଜି ହେଉ ନଥିଲେ । ସମ୍ବଲପୁର ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ହିନ୍ଦୀଭାଷାରେ ଶିକ୍ଷାଦାନ କରାଗଲା । ଏହା ଇଂରେଜ ସରକାର ଓ ହିନ୍ଦୀ ଭାଷୀମାନଙ୍କ ଦ୍ୱାରା ଓଡ଼ିଆ ଭାଷାର ବିଲୋପ ପାଇଁ ଉଦ୍ୟମ ବୋଲି ମନେ କରି ସରକାରଙ୍କ ନୀତିକୁ ସେହି ଅଞ୍ଚଳର ଓଡ଼ିଆମାନେ ଘୋର ବିରୋଧ କଲେ । 'ସମ୍ବଲପୁର ହିତୈଷିଣୀ' ପତ୍ରିକା ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟ ଜାଗରଣ ସୃଷ୍ଟି କରି ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଜନମତ ଜାଗ୍ରତ କରିଥିଲା । ସମ୍ବଲପୁରବାସୀଙ୍କ ଅବିରତ ଉଦ୍ୟମ ଫଳରେ ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହେଲା ।

ମଧୁସୂଦନ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ମଧୁସୂଦନ ରାଓ ଓ ଗଙ୍ଗାଧର ମେହେର ପ୍ରଭୃତି ଆଧୁନିକ ଓଡ଼ିଆ ସାହିତ୍ୟର ପୁରୋଧାଗଣ ଜାତୀୟତାବାଦୀ ଲେଖା ମାଧ୍ୟମରେ ଓଡ଼ିଶାର ନରନାରୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ ।



**(ଗଙ୍ଗାଧର ମେହେର)**

> *ତୁମ ପାଇଁ କାମ*
>
> *ଓଡ଼ିଶାରେ ଓଡ଼ିଆ ଭାଷାର ବିକାଶକୁ ସମର୍ଥନ କରୁଥିବା ଓଡ଼ିଶାର ବିଶିଷ୍ଟ ବଙ୍ଗଭାଷୀ ବ୍ୟକ୍ତି ଏବଂ ଇଂରେଜ ଅଧିକାରୀମାନଙ୍କ ନାମର ତାଲିକା ପ୍ରସ୍ତୁତ କର ।*


## ବିଭିନ୍ନ ଅନୁଷ୍ଠାନ ଗଠନ :

ଓଡ଼ିଆ ଜାତୀୟ ଜାଗରଣର ସୃଷ୍ଟି ନିମନ୍ତେ ଅନେକ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ରହିଥିଲା । ୧୮୮୨

ମସିହାରେ ରାଧାନାଥ ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ ଓ ଗୌରୀଶଙ୍କର ରାୟ ପ୍ରମୁଖ ମନୀଷୀଗଣ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ନିମନ୍ତେ କଟକରେ 'ଉତ୍କଳ ସଭା' ନାମକ ଏକ ଅନୁଷ୍ଠାନ ଗଠନ କରିଥିଲେ। ଏହି ଉତ୍କଳ ସଭା ଜାତୀୟତାବାଦ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହା ବ୍ୟତୀତ ବାଲେଶ୍ୱରରେ 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା' କଟକରେ 'ଉତ୍କଳ ଭାଷା ଉଦ୍ଦୀପନୀ ସଭା' ଓ 'ଉତ୍କଳ ଉଲ୍ଲାସିନୀ ସଭା' ଏବଂ ବ୍ରହ୍ମପୁର (ଗଞ୍ଜାମ)ରେ 'ଉତ୍କଳ ହିତବାଦିନୀ ସଭା' ଆଦି ଅନୁଷ୍ଠାନଗୁଡ଼ିକ ଓଡ଼ିଆ ଜାତୀୟ ଜାଗରଣକୁ ବଳବତ୍ତର କରିଥିଲା।

## ଧାର୍ମିକ ନବ ଜାଗରଣ :

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ଧର୍ମକ୍ଷେତ୍ରରେ ନବ ଚେତନାର ପ୍ରଭାବ ପରିଲକ୍ଷିତ ହୋଇଥିଲା। ଖ୍ରୀଷ୍ଟଧର୍ମ ଓ ବ୍ରାହ୍ମଧର୍ମ ବିରୋଧରେ ଏକ ସଂସ୍କାରଧର୍ମୀ ଧର୍ମର ଆବଶ୍ୟକତା ଅନୁଭବ କରାଗଲା। ଏହି ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହୋଇଥିଲା ଓଡ଼ିଶା ମାଟିରୁ ସମ୍ଭୂତ ଏକ ଧର୍ମ। ଏହି ଧର୍ମ ଥିଲା– ସତ୍ୟ ମହିମା ଧର୍ମ । ଏହି ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ମହିମା ଗୋସ୍ୱାମୀ। ଏହି ଧର୍ମ ଓଡ଼ିଶାର ଜନଜୀବନ ଓ ଓଡ଼ିଆ ସାହିତ୍ୟକୁ ବହୁଳ ଭାବରେ ପ୍ରଭାବିତ କରିଥିଲା। ଭୀମଭୋଇ ଥିଲେ ଏହି ଧର୍ମର ଜଣେ ମୁଖ୍ୟ ପ୍ରଚାରକ। ତାଙ୍କଦ୍ୱାରା



(ଭୀମଭୋଇ)

ରଚିତ କବିତାଗୁଡ଼ିକ ଓଡ଼ିଆମାନଙ୍କ ମନରେ ନିଃସ୍ୱାର୍ଥ ସେବା, ଜାତିପ୍ରୀତି ଓ ଆତ୍ମବଳି ଭାବନା ସୃଷ୍ଟି କରିଥିଲା। ମହିମାଧର୍ମ ଓଡ଼ିଆ ଲୋକମାନଙ୍କ ମଧ୍ୟରେ ଏକ ଅପୂର୍ବ ଏକତା ଆଣିଦେଲା। ଫଳରେ ସେମାନଙ୍କର ଜାତୀୟ ଚେତନାର ଅଭିବୃଦ୍ଧି ଘଟିଥିଲା।

## ଇଂରେଜମାନଙ୍କ ଜନହିତକର କାର୍ଯ୍ୟ :

ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷ ପରେ ଇଂରେଜମାନେ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିଥିଲେ। କମିଶନର ଟି.ଇ. ରେଭେନ୍ସା ଓଡ଼ିଶାର ଉନ୍ନତି ପାଇଁ ବହୁ କାର୍ଯ୍ୟକ୍ରମ ନିଜ ହାତକୁ ନେଇଥିଲେ। ସେ ଆଳି ଓ ବାଙ୍କୀଠାରେ ନୂତନ ବନ୍ଧନିର୍ମାଣ ତଥା ପୁରୁଣାବନ୍ଧର ମରାମତି କରାଇଥିଲେ। ତା' ବ୍ୟତୀତ ବାଣିଜ୍ୟର ଉନ୍ନତି ପାଇଁ ଓଡ଼ିଶା ଭାରତର ଅନ୍ୟ ପ୍ରଦେଶ ସହିତ ପକ୍କା ପିଚୁ ରାସ୍ତା ଦ୍ୱାରା ସଂଯୋଜିତ ହୋଇଥିଲା। ଭୌଗୋଳିକ ଅବରୋଧରୁ ମୁକ୍ତକରି ଏହା ଓଡ଼ିଶାବାସୀଙ୍କୁ ଆଧୁନିକ ସଭ୍ୟତା ସହିତ ପରିଚିତ କରାଇ ପାରିଥିଲା ଏବଂ ସେମାନଙ୍କ ମନରେ ଜାତୀୟ ଚେତନା ସୃଷ୍ଟି କରିବାରେ ସହାୟକ ହୋଇଥିଲା।

୧୮୮୨ ରେ ଭାଇସ୍‌ରାଏ ଲର୍ଡ ରିପନଙ୍କ ଦ୍ୱାରା ପ୍ରବର୍ତ୍ତିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଓଡ଼ିଆମାନଙ୍କ ମଧରେ ରାଜନୀତିକ ସଚେତନତା ଜାଗ୍ରତ କରାଇଥିଲା । ଲର୍ଡ଼ ରିପନଙ୍କୁ ଏହି ଜନହିତୈଷୀ ପଦକ୍ଷେପ ପାଇଁ ପ୍ରଶଂସା ଓ ଧନ୍ୟବାଦ ଜଣାଇବା ଉଦ୍ଦେଶ୍ୟରେ ୧୮୮୨ ଜୁନ୍ ୩୦ରେ କଟକରେ ଏକ ବିରାଟ ସାଧାରଣ ସଭା ଆୟୋଜିତ ହୋଇ ବହୁ ସଂଖ୍ୟକ ଓଡ଼ିଆଙ୍କୁ ଏକତ୍ର କରିଥିଲା । ସ୍ଥାନୀୟ ଶାସନ ସଂସ୍ଥାକୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ପଠାଇ ଓଡ଼ିଆମାନେ ଅଧିକ ରାଜନୀତିକ ଜ୍ଞାନ ଆହରଣ କରିବାର ଆଶା ରଖିଲେ ।

ଏହା ବ୍ୟତୀତ ଭାରତୀୟ ଜାତୀୟ କଂଗ୍ରେସର ବିଭିନ୍ନ ଅଧିବେଶନରେ ଏବଂ ଦେଶର ବିଭିନ୍ନ ଜାତୀୟ ସମ୍ମିଳନୀରେ ଓଡ଼ିଆ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଯୋଗଦାନ ଓଡ଼ିଆ ଜାତୀୟତା ଜାଗରଣ ପାଇଁ ସହାୟକ ହୋଇଥିଲା ।

ଏହିପରି ଭାବରେ ବିଭିନ୍ନ କାରଣରୁ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟତାଭାବ ଦୃଢ଼ୀଭୂତ ହେଲା ଏବଂ ସେମାନେ ନିଜର ଇତିହାସ ଓ ଐତିହ୍ୟ, ଭାଷା ଓ ସଂସ୍କୃତି ତଥା ଐକ୍ୟଭାବ ଓ ସଂହତି ସମ୍ପର୍କରେ ଅଧିକ ସଚେତନ ହେଲେ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆମାନେ ନିଜକୁ ଖୋଜିବାରେ ମନୋନିବେଶ କଲେ । ଏହା ଓଡ଼ିଆ ଜାତିର ପ୍ରାଣରେ ଆଣିଥିଲା ନୂତନ ଜାଗରଣର ମନ୍ତ୍ର ।

❖ ❖ ❖

## ପ୍ରଶ୍ନାବଳୀ

**୧. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଉଚ୍ଚ ଶିକ୍ଷାର ବିକାଶ ଓ ତାହାର ଫଳାଫଳ ଆଲୋଚନା କର ।

(ଖ) ଓଡ଼ିଶାରେ ସମ୍ବାଦପତ୍ରର କିପରି ବିକାଶ ହୋଇଥିଲା ?

(ଗ) ଓଡ଼ିଆ-ବଙ୍ଗଳାଭାଷା ବିବାଦ କିପରି ଓଡ଼ିଶାରେ ଜାତୀୟ ଚେତନା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା ?

(ଘ) ଊନବିଂଶ ଶତାବ୍ଦୀରେ ଗଠିତ ହୋଇଥିବା କେଉଁ ଅନୁଷ୍ଠାନଗୁଡ଼ିକ ଜାତୀୟ ଜାଗରଣକୁ ବଳବତ୍ତର କରିଥିଲା ?

(ଙ) ଧର୍ମକ୍ଷେତ୍ରରେ ଓଡ଼ିଶାରେ ଦେଖା ଦେଇଥିବା 'ନବଜାଗରଣ' କ'ଣ ଏବଂ ଓଡ଼ିଆ ଜାତୀୟତା ବିକାଶ ଦିଗରେ ଏହା କିପରି ସହାୟକ ହୋଇଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ ।**

(କ) କେବେ ଓଡ଼ିଶା ତା'ର ସ୍ୱାଧୀନତା ହରାଇଥିଲା ଏବଂ କେବେ ଇଂରେଜମାନେ ଓଡ଼ିଶା ଅଧିକାର କଲେ ?

(ଖ) ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ କ'ଣ ସହାୟକ ହୋଇଥିଲା ?

(ଗ) ଓଡ଼ିଶାରେ ଶିକ୍ଷିତ ଯୁବଗୋଷ୍ଠୀର ସଂକଳ୍ପ କ'ଣ ଥିଲା ?

(ଘ) କେବେ ଓଡ଼ିଶାରେ ପ୍ରଥମ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା କରାଯାଇଥିଲା ଏବଂ ଏହାର ନାମ କ'ଣ ଥିଲା ?

(ଙ) 'ଉତ୍କଳ ଦୀପିକା'ର ସମ୍ପାଦକଙ୍କର ନାମ କ'ଣ ଥିଲା ଏବଂ ଏହା କେଉଁଠାରୁ ପ୍ରକାଶ ପାଉଥିଲା ?

(ଚ) ଫକୀରମୋହନ ସେନାପତିଙ୍କ ସମ୍ପାଦନାରେ ପ୍ରକାଶିତ ସମ୍ବାଦ ପତ୍ରଗୁଡ଼ିକର ନାମ କ'ଣ ?

(ଛ) ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ପାଠ୍ୟପୁସ୍ତକର ସଂଖ୍ୟା ବହୁତ କମ୍ ଥିବାର କାରଣ କ'ଣ ଥିଲା ?

(ଜ) ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ କଟକରେ କେଉଁ ପ୍ରମୁଖ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଥିଲା ?

(ଝ) କିଏ ମହିମା ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ଏବଂ କିଏ ଏହାର ମୁଖ୍ୟ ପ୍ରଚାରକ ଥିଲେ ?

(ଞ) ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ରିପନଙ୍କୁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ କେବେ ଏବଂ କେଉଁଠାରେ ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କଲିକତା ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠିତ ହୋଇଥିଲା ?

(ଖ) ରେଭେନ୍‌ସା କଲେଜ କେବେ ଜନ୍ମଲାଭ କରିଥିଲା ?

(ଗ) ୧୮୬୭ରେ କେଉଁ ଶିକ୍ଷାନୁଷ୍ଠାନକୁ ଉନ୍ନୀତ କରାଯାଇ ଏକ ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟ କରାଗଲା ?

(ଘ) କିଏ ଓଡ଼ିଶାର ପ୍ରଥମ ସ୍ନାତକ ହୋଇଥିଲେ ?

(ଙ) 'ସମ୍ବଲପୁର ହିତୈଷିଣୀ'ର ପ୍ରକାଶକ କିଏ ଥିଲେ ?

(ଚ) ମରହଟ୍ଟାମାନେ କେଉଁ ଭାଷାକୁ ଓଡ଼ିଶାର ରାଜଭାଷା ରୂପେ ମାନ୍ୟତା ଦେଇଥିଲେ ?

(ଛ) 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା' କେଉଁଠାରେ ଅବସ୍ଥିତ ଥିଲା ?

(ଜ) ଭୀମଭୋଇ କେଉଁ ଧର୍ମକୁ ଭିତ୍ତିକରି ତାଙ୍କର କବିତା ଗୁଡ଼ିକ ରଚନା କରିଥିଲେ ?

(ଝ) ଟି.ଇ. ରେଭେନ୍ସା କେଉଁଠାରେ ନୂତନ ନଦୀବନ୍ଧ ନିର୍ମାଣ କରିଥିଲେ ?

(ଞ) ଲର୍ଡ଼ ରିପନ କେବେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ।**

(କ) କେବେ କଟକରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ?

(i) ୧୮୦୩ (ii) ୧୮୨୩ iii) ୧୮୪୧ (iv) ୧୮୫୪

(ଖ) କିଏ "ବୋଧଦାୟିନୀ"ର ସମ୍ପାଦକ ଥିଲେ ?

(i) ଫକୀରମୋହନ ସେନାପତି (ii) ରାଧାନାଥ ରାୟ

(iii) ଗୌରୀଶଙ୍କର ରାୟ (iv) ନୀଳମଣି ବିଦ୍ୟାରତ୍ନ

(ଗ) ମୁଖ୍ୟତଃ କେଉଁ ଅଞ୍ଚଳଗୁଡ଼ିକୁ ନେଇ ଓଡ଼ିଶା ଇଂରେଜମାନଙ୍କ ଦ୍ୱାରା ଶାସିତ ହେଉଥିଲା ?

(i) ଗଞ୍ଜାମ, ପୁରୀ, କଟକ (ii) ପୁରୀ, କଟକ, ବାଲେଶ୍ୱର

(iii) କଟକ, ବାଲେଶ୍ୱର, ସମ୍ବଲପୁର (iv) ପୁରୀ, ଗଞ୍ଜାମ, ସମ୍ବଲପୁର

(ଘ) କେବେ କଟକର କଲେକ୍ଟର ବଙ୍ଗଳାଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତି ଦେଇଥିଲେ ?

(i) ୧୮୦୩ (ii) ୧୮୪୯ (iii) ୧୮୬୬ (iv) ୧୮୬୮

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

# ଦ୍ୱିତୀୟ ପାଠ

# ଉତ୍କଳ ସମ୍ମିଳନୀର ଗଠନ

ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ନିମନ୍ତେ ଉତ୍କଳ ଗୌରବ ମଧୁସୂଦନ ଦାସ ଯେଉଁ ପ୍ରଚେଷ୍ଟା ଜାରି ରଖିଥିଲେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦ୍ୱାରା ତାହାର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା । ପ୍ରଥମେ ମଧୁସୂଦନ ଦାସଙ୍କ ଉତ୍ସାହ ଓ ଉଦ୍ୟମରେ ୧୮୮୨ ଅଗଷ୍ଟ ୧୬ରେ କଟକଠାରେ 'ଉତ୍କଳ ସଭା' ଗଠିତ ହୋଇଥିଲା । ଏହାଥିଲା ଓଡ଼ିଶାର ସର୍ବପ୍ରଥମ ସୁସଂଗଠିତ ରାଜନୀତିକ ଅନୁଷ୍ଠାନ । ଏହାର ପ୍ରଥମ ସଭାପତି ହେଲେ ଚୌଧୁରୀ କାଶୀନାଥ ଦାସ ଓ ପ୍ରଥମ ସମ୍ପାଦକ ହେଲେ ଗୌରୀଶଙ୍କର ରାୟ । ଏହି



(କର୍ମବୀର ଗୌରୀଶଙ୍କର ରାୟ)

ଅନୁଷ୍ଠାନରେ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ସୃଷ୍ଟି କରିବାରେ ସାହାଯ୍ୟ କରିବା ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରୋତ୍ସାହିତ କରିବା । ୧୮୮୬ ଡିସେମ୍ବର ୨୮ରେ କଲିକତାଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ 'ଉତ୍କଳ ସଭା' ତରଫରୁ ମଧୁସୂଦନ ଦାସ, ଗୋଲୋକ ଚନ୍ଦ୍ର ବୋଷ, ହରି ବଲ୍ଲଭ ବୋଷ୍ ଓ କାଳିପଦ ବାନାର୍ଜୀ ଯୋଗ ଦେଇଥିଲେ । କିନ୍ତୁ ଉତ୍କଳ ସଭାର କାର୍ଯ୍ୟ ପରିସର ଅତି ସଂକୀର୍ଣ୍ଣ ଥିଲା । ସେଥିପାଇଁ ଏକ ବୃହତ୍ତର ଜାତୀୟ ଅନୁଷ୍ଠାନ ଗଢ଼ିବା ଉଦ୍ଦେଶ୍ୟରେ ମଧୁବାବୁ ଉଦ୍ୟମ କଲେ । ବଙ୍ଗଳାରେ ସାର୍ ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ନେତୃତ୍ୱରେ ବଙ୍ଗ ଜାତୀୟ ସଭା ନାମରେ ଏକ ଅନୁଷ୍ଠାନ ଗଢ଼ା ଯାଇଥିଲା । ବଙ୍ଗଳାର ବିଭିନ୍ନ ସମସ୍ୟା ବିଚାରକରି ନିଷ୍ପତ୍ତି ନେବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହା ମଧୁବାବୁଙ୍କୁ ଉତ୍କଳ ସମ୍ମିଳନୀ ଗଠନ ପାଇଁ ପ୍ରେରଣା ଦେଇଥିଲା ।

୧୯୦୩ ମସିହା ଆରମ୍ଭରେ କେତେ ଉତ୍ସାହୀ ଓଡ଼ିଆ ଚିଲିକା ହ୍ରଦ କୂଳ ନିକଟସ୍ଥ ରମ୍ଭାଠାରେ ଏକତ୍ର ହୋଇ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ପ୍ରେରଣାରେ 'ଗଞ୍ଜାମ ଜାତୀୟ ସମିତି' ନାମରେ ଏକ ଅନୁଷ୍ଠାନ ଗଠନ କଲେ । ଗଞ୍ଜାମ ଓ ଅନ୍ୟାନ୍ୟ ଦକ୍ଷିଣାଞ୍ଚଳ ଜିଲ୍ଲାମାନଙ୍କୁ ତଥା ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ଏକ ଶାସନାଧୀନରେ ରଖିବା ପାଇଁ ଉଦ୍ୟମ କରିବା ଥିଲା ଏହାର ଉଦ୍ଦେଶ୍ୟ । ୧୯୦୩ ଏପ୍ରିଲରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଏହାର ପ୍ରଥମ ବୈଠକରେ ଓଡ଼ିଶା, ବଙ୍ଗ, କେନ୍ଦ୍ରୀୟ ପ୍ରଦେଶ ଓ ମାନ୍ଦ୍ରାଜ ପ୍ରେସିଡ଼େନ୍ସିର ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ବିଶାଳ ଜନ ସମାବେଶ "ଗଞ୍ଜାମ ଜାତୀୟ ସଭା" ଭାବେ ପରିଚିତ । ଏହି ସଭାରେ ଅଧକ୍ଷତା କରିଥିଲେ ଶ୍ୟାମ ସୁନ୍ଦର ରାଜଗୁରୁ । ମଧୁସୂଦନ ଦାସ ନିମନ୍ତ୍ରିତ ହୋଇ କଟକରୁ ଏହି ସଭାରେ ଯୋଗ ଦେଇଥିଲେ । ଏଥିରୁ ମଧୁସୂଦନ ଦାସ ଅନୁଭବ କଲେ ଯେ ବିଚ୍ଛିନ୍ନାଞ୍ଚଳ ସମୂହର ମିଶ୍ରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସମଗ୍ର ଉତ୍କଳର ପ୍ରତିନିଧିତ୍ୱ କରୁଥିବା ଏକ ବୃହତ୍ତର ଜାତୀୟ ଅନୁଷ୍ଠାନର ଏକାନ୍ତ ଆବଶ୍ୟକତା ରହିଛି । ଗଞ୍ଜାମ ଜାତୀୟ ସଭାର ସଫଳତା ମଧୁସୂଦନଙ୍କୁ ସମଗ୍ର ଓଡ଼ିଶା ପାଇଁ ଏକ ଜାତୀୟ ସଭା ଡକାଇବାକୁ ପ୍ରେରଣା ଦେଇଥିଲା । ଏହି ପଦକ୍ଷେପ ଗ୍ରହଣ କରିବାକୁ ତାଙ୍କୁ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଉତ୍ସାହିତ କରିଥିଲେ ।

*ତୁମେ ଜାଣିଛ କି ?*

*୧୯୦୩ ମସିହାରେ ଜାତୀୟ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନରେ ଓଡ଼ିଶାର ଗୌରୀଶଙ୍କର ରାୟ ଓ ମଧୁସୂଦନ ଦାସ ଯୋଗଦେଇଥିଲେ। ମଧୁବାବୁ ଏହି ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ଓ ଗଞ୍ଜାମକୁ ଓଡ଼ିଶା ସହିତ ମିଶ୍ରଣ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। କିନ୍ତୁ ଏହି ପ୍ରସ୍ତାବକୁ ସେଠାରେ ଗୁରୁତ୍ୱ ନ ଦିଆଯିବାରୁ ମଧୁବାବୁ ଅତ୍ୟନ୍ତ କ୍ଷୁବ୍ଧ ହୋଇ କଂଗ୍ରେସ ସହ ସମ୍ପର୍କ ଛିନ୍ନ କରିଥିଲେ।*

୧୯୦୩ ମସିହାରେ ଗଡ଼ଜାତ ରାଜାମାନଙ୍କର ବାର୍ଷିକ ଅଧିବେଶନରେ ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଖଲ୍ଲିକୋଟ ରାଜା ଓ କନିକା ରାଜା ମଧୁସୂଦନଙ୍କ ବିଚାରଧାରାକୁ ଉଚ୍ଚ ପ୍ରଂଶସା କରିବା ସଙ୍ଗେ ସଙ୍ଗେ ସମର୍ଥନ ଜଣାଇ ଥିଲେ।

ଏହି କଳ୍ପନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ୧୯୦୩ ମସିହାରେ ଗଞ୍ଜାମ ଜାତୀୟ ସଭାର ଠିକ୍ ପରେ ମଧୁସୂଦନ କଟକଠାରେ 'ଉତ୍କଳ ସଭା' ଆନୁକୂଲ୍ୟରେ ଏକ ସଭା ଆହ୍ୱାନ କଲେ। ଏହି ସଭାରେ ସମଗ୍ର ଓଡ଼ିଶା ତଥା ବିଚ୍ଛିନ୍ନାଞ୍ଚଳ ସମୂହର ଏକତ୍ରୀକରଣ ଦିଗରେ ଉଦ୍ୟମ କରିବା ପାଇଁ ଏକ ଜାତୀୟ ଗଠନ ଅନୁଷ୍ଠାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଏହି ଜାତୀୟ ଅନୁଷ୍ଠାନର ନାମ ରଖାଗଲା 'ଉତ୍କଳ ସମ୍ମିଳନୀ'।

ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭା "ଉତ୍କଳ ସଭା"ର ଶେଷ ସଭା ଥିଲା । 'ଉତ୍କଳ ସମ୍ମିଳନୀ'ର ବିଧିବଦ୍ଧ ପ୍ରକାଶ ତଥା ପ୍ରଥମ ଅଧିବେଶନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଗଲା । ଏହି ଅଧିବେଶନର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷଭାବେ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏବଂ ସମ୍ପାଦକ ଭାବେ ମଧୁସୂଦନ ଦାସ ରହିବାପାଇଁ ସ୍ଥିର କରାହେଲା। ଏହି ସମ୍ମିଳନୀ ଏକ ଅଣରାଜନୀତିକ ସଂସ୍ଥାରୂପେ କାର୍ଯ୍ୟ ଆରମ୍ଭ କଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଯଦିଓ ଉତ୍କଳ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ଥିଲା ଏହାର ଅନ୍ୟ ଉଦ୍ଦେଶ୍ୟଗୁଡ଼ିକ ଥିଲା (୧) ପ୍ରାକୃତିକ ଓଡ଼ିଶାର ଏକତ୍ରୀକରଣ (୨) ଓଡ଼ିଶାର ସମୁଦାୟ ବିକାଶ (୩) ସମସ୍ତ



(ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ)

ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକ-ଶାସନାଧୀନ କରିବା (୪) ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନଙ୍କ ସ୍ୱାର୍ଥର ସୁରକ୍ଷା । ମଧୁସୂଦନ ଦାସଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଲୋକମାନଙ୍କର ସମସ୍ୟାର ସମାଧାନ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ସମସ୍ତେ ସମ୍ମିଳନୀ କାର୍ଯ୍ୟପନ୍ଥାକୁ ଆନ୍ତରିକ ସମର୍ଥନ କଲେ। ଉତ୍କଳ ସମ୍ମିଳନୀର ମୋଟ ୧୬ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରତ୍ୟେକ ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା ।

## ପ୍ରଥମ ଅଧିବେଶନ :

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ କଟକ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ମାନ୍ଦ୍ରାଜ, କେନ୍ଦ୍ରୀୟ ପ୍ରଦେଶ ଏବଂ ବଙ୍ଗଳାର ଓଡ଼ିଆ ପ୍ରତିନିଧିମାନେ ତଥା ସେହି ଅଞ୍ଚଳର ତିରିଶ ଜଣ ଗଡ଼ଜାତ ରାଜା ଯୋଗ ଦେଇଥିଲେ। ଓଡ଼ିଶାର ଖଲ୍ଲିକୋଟ, କନିକା ଓ ମୟୂରଭଞ୍ଜର ରାଜାମାନଙ୍କ ବ୍ୟତୀତ ଏହି ଅଧିବେଶନରେ ଢେଙ୍କାନାଳ ରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୁର, କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଦେଓ, ଆଠଗଡ଼ ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକଏବଂ ତାଳଚେର ରାଜା କିଶୋର ଚନ୍ଦ୍ର ହରିଚନ୍ଦନ ଯୋଗ ଦେଇଥିଲେ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ମୟୂରଭଞ୍ଜର

ସ୍ୱନାମଧନ୍ୟ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଏହି ଅଧିବେଶନର ସମସ୍ତ କାର୍ଯ୍ୟକ୍ରମ ଓଡ଼ିଆ ଭାଷାରେ ପରିଚାଳିତ ହୋଇଥିଲା । ସେମାନଙ୍କ ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଅନେକ ଜମିଦାର, ଆଇନଜୀବୀ, ସରକାରୀ କର୍ମଚାରୀ, ବ୍ୟବସାୟୀ ଓ ଛାତ୍ରମାନେ ଏଥିରେ ଯୋଗ ଦେଇଥିଲେ । କୋଲକାତାର 'ଅମୃତବଜାର ପତ୍ରିକା'ର ସମ୍ପାଦକ ମୋତିଲାଲ ଘୋଷ ଏହି ଅଧିବେଶନରେ ଯୋଗ ଦେଇଥିଲେ। ଏହି ପ୍ରଥମ ଅଧିବେଶନରେ ଓଡ଼ିଶାର କଳା ଓ ସାହିତ୍ୟର ଉନ୍ନତି ସମ୍ପର୍କିତ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ରିସ୍‌ଲେ ସର୍କୁଲାରକୁ ଅନୁମୋଦନ କରାଯାଇଥିଲା।

> **ତୁମେ ଜାଣିଛ କି ?**
>
> *ଭାଇସ୍‌ରାୟ ଲର୍ଡ୍ କର୍ଜନଙ୍କ ସରକାରର ଗୃହ ସଚିବ ହେନେରୀ ରିସ୍‌ଲେଙ୍କ ପ୍ରସ୍ତାବ ସମ୍ବଳିତ ଦଲିଲକୁ ରିସ୍‌ଲେ ସର୍କୁଲାର କୁହାଯାଏ । ୧୯୦୩ ଡିସେମ୍ବର ୩ ତାରିଖରେ ବଙ୍ଗଳା ସରକାରଙ୍କୁ ପଠାଯାଇଥିବା ଏହି ଦଲିଲ୍‌ରେ ଓଡ଼ିଆ ଭାଷାଭାଷୀ ସମ୍ବଲପୁର ଓ ଏହାର ଗଡ଼ଜାତ ଅଞ୍ଚଳ, ଗଞ୍ଜାମ ଜିଲ୍ଲା ଏବଂ ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍ସି ଅଞ୍ଚଳକୁ ଓଡ଼ିଶା ଡିଭିଜନରେ ମିଶାଇ ବଙ୍ଗଳା ଶାସନ ଅଧୀନରେ ରଖିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ।*


ଉତ୍କଳ ସମ୍ମିଳନୀର ମହାସିନ୍ଧୁରେ ନିଜର ପ୍ରାଣବିନ୍ଦୁ ମିଶାଇ ଦେବାପାଇଁ ସବୁ ଓଡ଼ିଆ ଭାଇମାନଙ୍କୁ ମଧୁସୂଦନ ଦାସ ଦେଇଥିଲେ ପ୍ରାଣସ୍ପର୍ଶୀ ଆହ୍ୱାନ ।

ସେ କହିଥିଲେ ଯେ ଉତ୍କଳୀୟ କେବଳ ଓଡ଼ିଆ ଭାଷାଭାଷୀ ମାନଙ୍କୁ ବୁଝାଏ ନାହିଁ। ଓଡ଼ିଶା ଯେଉଁ ମାନଙ୍କର ଜନ୍ମଭୂମି ଓ କର୍ମଭୂମି, ସେମାନେ ସମସ୍ତେ ଉତ୍କଳୀୟ। ତେଣୁ ଭାଷାଗତ ପାର୍ଥକ୍ୟ ବା ସାମ୍ପ୍ରଦାୟିକ ବିଦ୍ୱେଷ ଭାବ ଭୁଲି ଉତ୍କଳର ଉନ୍ନତି ପାଇଁ ସମସ୍ତ ଉତ୍କଳବାସୀ ଏକଜୁଟ ହେବା ଆବଶ୍ୟକ। ଏଥିପାଇଁ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ ।ଏହି ପ୍ରସ୍ତାବଟିକୁ ଅନୁମୋଦନ କରି ମଧୁସୂଦନ ମାତୃ ସେବାରେ ବ୍ରତୀ ହୋଇ ଆତ୍ମଗର୍ବ ଓ ସ୍ୱାର୍ଥପରତା ତ୍ୟାଗ କରିବାପାଇଁ ଉତ୍କଳୀୟମାନଙ୍କୁ ଆହ୍ୱାନ ଦେଇଥିଲେ । ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାପାଇଁ ଉତ୍କଳ ସମ୍ମିଳନୀର ଶାଖା ପ୍ରତିଷ୍ଠାକରି ପ୍ରଚାରକମାନଙ୍କୁ ନିଯୁକ୍ତି ଦିଆଯାଇଥିଲା ।

> **ତୁମେ ଜାଣିଛ କି ?**
>
> *ଏହି ଅଧିବେଶନରେ ଯୋଗ ଦେଇଥିବା ସମସ୍ତ ପ୍ରତିନିଧିଙ୍କୁ ମଧୁସୂଦନଙ୍କ କଳ୍ପନା ପ୍ରସୂତ ଗୋଲାପୀ ରଙ୍ଗ ସିଲ୍କ କନାର ଭାରତୀୟ ପଗଡ଼ି ପିନ୍ଧିବାକୁ ବାଧ କରାଯାଇଥିଲା । ଓଡ଼ିଆମାନଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ 'ବନ୍ଦେ ଉତ୍କଳ ଜନନୀ' ସ୍ଲୋଗାନ୍ ଦିଆଯାଇଥିଲା । ଅଧିବେଶନରେ ସଭାପତିତ୍ୱ କରୁଥିବା ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ସମବେତ ସାଧାରଣ ଜନତାଙ୍କୁ "ପ୍ରିୟ ଭାଇମାନେ" ବୋଲି ସମ୍ବୋଧନ କରି ଇତିହାସ ସୃଷ୍ଟି କଲେ ।*

ଏହା ପରଠାରୁ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନ ଭିନ୍ନ ଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇ ଓଡ଼ିଆ ଆନ୍ଦୋଳନକୁ ସକ୍ରିୟ କରିଥିଲା। ୧୯୧୨ ମସିହା ଏପ୍ରିଲ୍ ୬ ଓ ୭ ରେ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ବିହାର–ଓଡ଼ିଶା ପ୍ରଦେଶ ଗଠନକୁ ମଧୁବାବୁ ବିରୋଧ କରିଥିଲେ। ୧୯୧୪ ଡିସେମ୍ବର ୨୬ ଓ ୨୭ରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହୋଇଥିଲା। ଜୟପୁର ମହାରାଜା ବିକ୍ରମଦେବ ବର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟଥିଲା ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ପାଇଁ ସୀମା ନିର୍ଦ୍ଧାରଣ। ୧୯୧୭ ଡିସେମ୍ବର ୧୧ରେ ଉତ୍କଳ ସମ୍ମିଳନୀ ତରଫରୁ ମଧୁବାବୁଙ୍କ ନେତୃତ୍ୱରେ ମଣ୍ଟେଗୁ–ଚେମ୍‌ସଫୋର୍ଡ଼ଙ୍କୁ କଲିକତାଠାରେ ଏକ ଦାବିପତ୍ର ଦିଆଯାଇଥିଲା । ମଣ୍ଟେଗୁ–ଚେମ୍‌ସଫୋର୍ଡ଼ ଖସଡ଼ାରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ପାଇଁ କୌଣସି ଯୋଜନା ଉଲ୍ଲେଖ କରାଯାଇ ନଥିବାରୁ ୧୯୧୮ ଡିସେମ୍ବରରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନରେ ଏହାର ଦୃଢ଼ ନିନ୍ଦା କରାଯାଇଥିଲା ।

୧୯୨୦ ମସିହାରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନ କ୍ରମେ ନିଖିଳ ଭାରତ ଜାତୀୟ କଂଗ୍ରେସ ବ୍ରିଟିଶ ସରକାରଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନ ଚଳାଇବା ପାଇଁ



(ନବଗଠିତ ଓଡ଼ିଶାର ଏକ ରେଖାଚିତ୍ର (୧୯୩୬))

ସ୍ଥିରକଲା ଏବଂ ୧୯୨୧ ଠାରୁ ଅସହଯୋଗ ଆନ୍ଦୋଳନ ସାରା ଭାରତରେ ଜୋର ସୋରରେ ଚାଲିଲା। ସେତେବେଳେ ପଣ୍ଡିତ ଗୋପବନ୍ଧୁ ଦାସ ପ୍ରଭୃତି କଂଗ୍ରେସ ନେତାମାନେ ଭାବିଲେ ଅସହଯୋଗ ଆନ୍ଦୋଳନ ଦ୍ୱାରା ହିଁ ଉତ୍କଳ ସମ୍ମିଳନୀର ମୂଳ ଲକ୍ଷ୍ୟ, ଅର୍ଥାତ ବିଛିନ୍ନାଞ୍ଚଳ ସମୂହର ମିଶ୍ରଣ ଓ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହୋଇ ପାରିବ। ୧୯୨୦ ମସିହାରେ ସିଂହଭୂମି ଜିଲ୍ଲାର ଚକ୍ରଧରପୁର ଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନ କଂଗ୍ରେସର ଲକ୍ଷ୍ୟ ଓ ଆଦର୍ଶକୁ ଗ୍ରହଣ କରିନେଲା। ଏହା ଫଳରେ ଉତ୍କଳ ସମ୍ମିଳନୀ ଏକ ପ୍ରକାର କଂଗ୍ରେସ ସହିତ ମିଶିଗଲା ଓ ଏହାର ସ୍ୱତନ୍ତ୍ର ସତ୍ତା ଲୋପ ପାଇଲା। ମଧୁବାବୁ ଅସହଯୋଗ ଆନ୍ଦୋଳନର ବିରୋଧୀ ଥିଲେ, ତେଣୁ ସେ ଉତ୍କଳ ସମ୍ମିଳନୀ ସହ ସମସ୍ତ ସମ୍ପର୍କ ତୁଟାଇ ଦେଲେ।

ଉତ୍କଳ ସମ୍ମିଳନୀର କଂଗ୍ରେସ ସହିତ ମିଶ୍ରଣକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କ ଉଦ୍ୟମରେ ୧୯୨୪ ରେ ଉତ୍କଳ ସମ୍ମିଳନୀକୁ ପୁନର୍ବାର ସଂଗଠିତ କରାଗଲା। ୧୯୨୫ରେ କଟକରେ କଳ୍ପତରୁ ଦାସଙ୍କ ସଭାପତିତ୍ୱରେ ସମ୍ମିଳନୀର ଅଧିବେଶନ ବସିଥିଲା। ଏହାପରେ ବିଭିନ୍ନ ଶାସନ ସଂସ୍କାର କମିଟିମାନଙ୍କୁ ଉତ୍କଳ ସମ୍ମିଳନୀ ତରଫରୁ ସ୍ମାରକପତ୍ର ମାନ ଦିଆଯାଇଥିଲା ଏବଂ ବିଭିନ୍ନ ସୀମା କମିଟି ଉତ୍କଳ ସମ୍ମିଳନୀ ତା'ର ଦାବିପତ୍ର ଦାଖଲ କରିଥିଲା।

**ତୁମ ପାଇଁ କାମ**

***ଉତ୍କଳ ସମ୍ମିଳନୀର ବର୍ତ୍ତମାନର ରୂପରେଖ ସମ୍ବନ୍ଧରେ ଏକ ଟିପ୍ପଣୀ ଲେଖ ।***

ଆଧୁନିକ ଉତ୍କଳ ନିର୍ମାଣରେ ଉତ୍କଳ ସମ୍ମିଳନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମଧୁବାବୁ ଥିଲେ ଉତ୍କଳ ସମ୍ମିଳନୀର ପ୍ରାଣ। କିନ୍ତୁ ଦୁଃଖର ବିଷୟ ଯେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ଆଗରୁ ୧୯୩୪ ମସିହା ଫେବୃୟାରୀ ୪ ତାରିଖରେ ମଧୁବାବୁ ପ୍ରାଣତ୍ୟାଗ କରିଥିଲେ । ଉତ୍କଳ ସମ୍ମିଳନୀର ଶେଷ ବୈଠକ ୧୯୩୫ ଫେବୃୟାରୀ ୧୧ ତାରିଖରେ କଟକ ଠାରେ ବସିଥିଲା। ସମ୍ମିଳନୀର ପ୍ରତିଷ୍ଠାତା ମଧୁସୂଦନଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଗ୍ରହଣ କରିବାପରେ ଏହି ବୈଠକରେ ପାରଳାଖେମୁଣ୍ଡିର ଉତ୍ତର ତଥା ପୂର୍ବ ଅଂଶ ମଣ୍ଡାସା (ମଞ୍ଜୁଷା)ର ପଶ୍ଚିମ ଅଂଶ ଓ ବୁଢ଼ାର ସିଂହ ଜମିଦାରୀ ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଓଡ଼ିଶା ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରି ଶେଷରେ ୧୯୩୬ ଏପ୍ରିଲ ୧ ତାରିଖରୁ ଏକ ସ୍ୱତନ୍ତ୍ର ପ୍ରଦେଶଭାବେ ଗଠିତ ହେଲା ଏବଂ ମଧୁବାବୁଙ୍କ ସ୍ୱପ୍ନ ସାକାର ହେଲା।

**ତୁମେ ଜାଣିଛ କି ?**

***ଓଡ଼ିଶାରେ ଶିଳ୍ପ ଓ ଶିକ୍ଷାର ବିକାଶ ପ୍ରତି ମଧୁବାବୁଙ୍କ ଅବଦାନର ବିବରଣୀ ପ୍ରସ୍ତୁତ କର ।***

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) 'ଉତ୍କଳ ସଭା' ସମ୍ପର୍କରେ ଏକ ଟିପ୍ପଣୀ ଲେଖ ?

(ଖ) ଉତ୍କଳ ସମ୍ମିଳନୀ କିପରି ଜନ୍ମ ଲାଭ କଲା ?

(ଗ) ଉତ୍କଳ ସମ୍ମିଳନୀର ଗଠନରେ କେଉଁ ଗଡ଼ଜାତ ରାଜାମାନେ ମଧୁସୂଦନଙ୍କୁ ସକ୍ରିୟ ସହଯୋଗ କରିଥିଲେ ?

(ଘ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ କେଉଁ ଅଞ୍ଚଳର ଓ କେଉଁ ବର୍ଗର ସାଧାରଣ ଲୋକ ଯୋଗ ଦେଇଥିଲେ ଏବଂ ଏଠାରେ ମଧୁସୂଦନ କ'ଣ ଆହ୍ୱାନ ଦେଇଥିଲେ ?

(ଙ) ମଧୁସୂଦନ କାହିଁକି ଉତ୍କଳ ସମ୍ମିଳନୀ ତ୍ୟାଗ କଲେ ଏବଂ ପୁନଃସଂଗଠିତ ଉତ୍କଳ ସମ୍ମିଳନୀର କାର୍ଯ୍ୟ କ'ଣ ଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) କେଉଁଠାରେ ଏବଂ କାହା ପ୍ରେରଣାରେ ଗଞ୍ଜାମ ଜାତୀୟ ସମିତି ଗଠିତ ହୋଇଥିଲା ?

(ଖ) ମଧୁବାବୁ କ'ଣ ପାଇଁ ଏକ ବୃହତ୍ ଜାତୀୟ ଅନୁଷ୍ଠାନର ଆବଶ୍ୟକତା ଅନୁଭବ କଲେ ?

(ଗ) ୧୯୦୩ରେ କେଉଁଠାରେ 'ଉତ୍କଳ ସଭା'ର ଏକ ସଭା ଆହୂତ ହୋଇଥିଲା ଏବଂ ଏଠାରେ କ'ଣ ନିଷ୍ପତ୍ତି ନିଆଯାଇଥିଲା ?

(ଘ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ପାଇଁ କେଉଁମାନେ ସଭାପତି ଓ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ ?

(ଙ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ କେବେ ଏବଂ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(ଚ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଖଲ୍ଲିକୋଟ, କନିକା ଓ ମୟୂରଭଞ୍ଜର ରାଜାଙ୍କ ବ୍ୟତୀତ ଅନ୍ୟ କେଉଁ ରାଜାମାନେ ଯୋଗ ଦେଇଥିଲେ ?

(ଛ) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ କେଉଁ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ କ'ଣ ଅନୁମୋଦିତ ହୋଇଥିଲା ?

(ଜ) ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଏଠାରେ ମଧୁସୂଦନ ସରକାରଙ୍କ କେଉଁ ନିଷ୍ପତ୍ତିକୁ ବିରୋଧ କରିଥିଲେ ?

(ଝ) ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ କେବେ ଏବଂ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(ଞ) ୧୯୨୫ରେ ଉତ୍କଳ ସମ୍ମିଳନୀର ଅଧିବେଶନ କେଉଁଠାରେ ଏବଂ କାହା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କାହା ନେତୃତ୍ୱରେ 'ବଙ୍ଗ ଜାତୀୟ ସଭା' ଗଠିତ ହୋଇଥିଲା ?

(ଖ) ଗଞ୍ଜାମ ଜାତୀୟ ସମିତିର ଉଦ୍ଦେଶ୍ୟ କ'ଣ ଥିଲା ?

(ଗ) ବୈକୁଣ୍ଠ ନାଥ ଦେ କେଉଁ ଅଞ୍ଚଳର ବ୍ୟକ୍ତି ଥିଲେ ?

(ଘ) ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନ କେବେ ଅନୁଷ୍ଠିତ ହୋଇଥିଲା ?

(ଙ) ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ କିଏ ଅଧ୍ୟକ୍ଷତା କରିଥିଲେ ?

(ଚ) ୧୯୨୦ରେ ଉତ୍କଳ ସମ୍ମିଳନୀର ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(ଛ) କେବେ ଉତ୍କଳ ସମ୍ମିଳନୀକୁ ପୁନର୍ବାର ସଂଗଠିତ କରାଯାଇଥିଲା ?

(ଜ) ମଧୁସୂଦନ କେବେ ପ୍ରାଣତ୍ୟାଗ କରିଥିଲେ ?

(ଝ) କେଉଁଦିନ ଉତ୍କଳ ସମ୍ମିଳନୀର ଶେଷ ବୈଠକ ବସିଥିଲା ?

(ଞ) ଓଡ଼ିଶା କେବେଠାରୁ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ।**

(କ) କେଉଁଟି ଓଡ଼ିଶାର ପ୍ରଥମ ସୁସଂଗଠିତ ରାଜନୀତିକ ଅନୁଷ୍ଠାନ ?

(i) ଗଞ୍ଜାମ ଜାତୀୟ ସମିତି (ii) ଉତ୍କଳ ସଭା

iii) ଗଞ୍ଜାମ ଜାତୀୟ ସଭା (iv) ଉତ୍କଳ ସମ୍ମିଳନୀ

(ଖ) କିଶୋର ଚନ୍ଦ୍ର ହରିଚନ୍ଦନ କେଉଁ ଗଡ଼ଜାତର ରାଜା ଥିଲେ ?

(i) ଢେଙ୍କାନାଳ (ii) ତାଳଚେର

(iii) ଆଠଗଡ଼ (iv) କେନ୍ଦୁଝର

(ଗ) 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?

(i) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ (ii) ଧନୁର୍ଜୟ ନାରାୟଣ ଭଞ୍ଜଦେଓ

(iii) ଶ୍ରୀରାମ ଚନ୍ଦ୍ର ଭଞ୍ଜ (iv) ହରିହର ମର୍ଦ୍ଦରାଜ

(ଘ) 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନ କେଉଁ ଭାଷାରେ ପରିଚାଳିତ ହୋଇଥିଲା ?

(i) ଇଂରାଜୀ (ii) ଓଡ଼ିଆ (iii) ବଙ୍ଗାଳୀ (iv) ହିନ୍ଦୀ

(ଙ) 'ଉତ୍କଳ ସମ୍ମିଳନୀ' ତରଫରୁ ମଣ୍ଟେଗୁ ଓ ଚେମ୍ସ୍‌ଫୋର୍ଡ଼ଙ୍କୁ କେବେ ଦାବି ପତ୍ର ଦିଆଯାଇଥିଲା ?

(i) ୧୯୧୨ (ii) ୧୯୧୪

(iii) ୧୯୧୭ (iv) ୧୯୧୮

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

## ତୃତୀୟ ପାଠ

# ୧୯୩୬ ମସିହା ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

ଊନବିଂଶ ଶତାବ୍ଦୀରେ ଓଡ଼ିଶା ଛିନ୍ନଭିନ୍ନ ଅବସ୍ଥାରେ ଥିଲା । କଟକ, ପୁରୀ ଓ ବାଲେଶ୍ୱର ଇଂରେଜମାନଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଥିଲା କିନ୍ତୁ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ ପରୋକ୍ଷ ଶାସନାଧୀନ ଥିଲା । ଗଂଜାମ ଅଞ୍ଚଳ ୧୭୫୯ ମସିହାରେ ଇଂରେଜମାନେ ଅଧିକାର କରି ମାଡ୍ରାସ ପ୍ରେସିଡେନ୍ସିରେ ମିଶାଇଥିଲେ । ୧୮୪୯ ମସିହାରେ ସମ୍ବଲପୁର 'ରାଜସ୍ୱତ୍ୱ ଲୋପ ନୀତି' ଦ୍ୱାରା ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇ କେନ୍ଦ୍ରୀୟ ପ୍ରଦେଶ (Central Province) ଅଧୀନକୁ ହସ୍ତାନ୍ତରିତ ହୋଇଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମେଦିନିପୁର ବଙ୍ଗ ପ୍ରେସିଡେନ୍ସିରେ ମିଶିଥିଲା ଏବଂ ସିଂହଭୂମି ବିହାରର ଛୋଟନାଗପୁର ଅଧୀନସ୍ଥ ହୋଇଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏହି ଖଣ୍ଡ ବିଖଣ୍ଡିତ ଓଡ଼ିଶାରଏକତ୍ରୀକରଣ ପାଇଁ ଦେଖା ଦେଇଥିଲା ନିଷ୍ପାପର ଉଦ୍ୟମ, ଯାହା ପରବର୍ତ୍ତୀ କାଳରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସହାୟକ ହୋଇଥିଲା ।

**ଭାଷା ଆନ୍ଦୋଳନ :**

ଓଡ଼ିଆ ଭାଷା ଆନ୍ଦୋଳନ ଓଡ଼ିଆ ଜାତୀୟତାର ଜନନୀ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଓଡ଼ିଶାବାସୀ ତାଙ୍କର ଜାତୀୟ ଆନ୍ଦୋଳନ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆରମ୍ଭ କରିଥିଲେ । ୧୮୪୯ ମସିହାରେ କଟକର ତତ୍କାଳୀନ କଲେକ୍ଟର ବଙ୍ଗଳା ଭାଷାକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ କରିଥିଲେ ଏବଂ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ବଙ୍ଗର ବିଶିଷ୍ଟ ଐତିହାସିକ ରାଜେନ୍ଦ୍ର ଲାଲ ମିତ୍ର ଏବଂ ଅନ୍ୟମାନେ ମତ ପ୍ରକାଶ କରିଥିଲେ । କିନ୍ତୁ ବିଖ୍ୟାତ ଭାଷାବିତ୍ ଜନ୍ ବିମ୍ସ ଓଡ଼ିଶା ଗଭର୍ଣ୍ଣର ଗୋଲ୍ଡସବରୀ ଏବଂ ବଙ୍ଗର ପ୍ରସିଦ୍ଧ ଲେଖକ ବାସୁଦେବ ବନ୍ଦୋପାଧ୍ୟାୟ ଏହି ପ୍ରକାର ମତକୁ ଗ୍ରହଣ କରିନଥିଲେ ।

ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଓଡ଼ିଆ ଭାଷା ପ୍ରତି ଅନୁରକ୍ତ ବିଦ୍ୱାନମାନେ ଏହି ମତକୁ ଖଣ୍ଡନ କରିଥିଲେ । ଓଡ଼ିଆ ଭାଷାରେ ସ୍ୱତନ୍ତ୍ର ସ୍ଥିତି ବିଷୟରେ 'ଉତ୍କଳସଭା' ସଙ୍ଗଠନ ମାଧ୍ୟମରେ ଏବଂ ବିଭିନ୍ନ ଖବରକାଗଜରେ ଯଥା – 'ଉତ୍କଳଦୀପିକା', 'ସମ୍ବାଦବାହିକା' 'ଉତ୍କଳଦର୍ପଣ' ପ୍ରକାଶିତ ହୋଇଥିଲା । ଏହା ପ୍ରକାଶନ ହେବାଦ୍ୱାରା ସୁପ୍ତ ଓଡ଼ିଆମାନଙ୍କ ମଧ୍ୟରେ ନୂତନ ଜାଗରଣ ସୃଷ୍ଟି ହୋଇଥିଲା । ବ୍ୟାସକବି ଫକୀରମୋହନ ସେନାପତି ଓ କବିବର ରାଧାନାଥରାୟ ଓଡ଼ିଆ ଭାଷା ବିରୋଧୀ ମନ୍ତବ୍ୟକୁ ତୀବ୍ର ବିରୋଧ କରିଥିଲେ ।

ଗଞ୍ଜାମ ଅଞ୍ଚଳରେ 'ଗଞ୍ଜାମ ଉତ୍କଳ ହିତବାଦିନୀ ସଭା' ନାମକ ଏକ ସଂଗଠନ ସ୍ଥାପନ କରି ଓଡ଼ିଆ ଭାଷା ଆନ୍ଦୋଳନକୁ ସେ ଅଞ୍ଚଳରେ ବଳବତ୍ତର କରାଯାଇଥିଲା । ଏହି ସଂଗଠନ ମାଧ୍ୟମରେ ଗଞ୍ଜାମ ଅଞ୍ଚଳକୁ ମାଡ୍ରାସ ପ୍ରେସିଡେନ୍ସି ଅଧୀନରୁ ଓଡ଼ିଶା ସହିତ ମିଶ୍ରଣ ପାଇଁ ଦାବି ଉପସ୍ଥାପନା କରାଯାଇଥିଲା । ୧୮୮୮ ମସିହାରେ ବଙ୍ଗର ଲେଫ୍‌ଟାନାଣ୍ଟ ଗଭର୍ଣ୍ଣର ସାର ଏସ୍.ସି. ବେଲି ଓଡ଼ିଶା ଭ୍ରମଣରେ ଆସିଥିଲା ବେଳେ ତାଙ୍କୁ କଟକଠାରେ ଉତ୍କଳ ସଭା ପକ୍ଷରୁ ଏକ ସ୍ମାରକ ପତ୍ର ଦିଆଯାଇ କେନ୍ଦ୍ରୀୟ ପ୍ରଦେଶ, ମାନ୍ଦ୍ରାଜ ଏବଂ ବଙ୍ଗରେ ମିଶିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଅଲଗା କରିବା ପାଇଁ ଦାବି ଉପସ୍ଥାପନା କରାଯାଇଥଲା । କିନ୍ତୁ ଏହି ଦାବିକୁ ସାର୍ ବେଲି ପ୍ରତ୍ୟାଖ୍ୟାନ କରି ଦେଇଥିଲେ ଯାହାକି ଓଡ଼ିଆମାନଙ୍କୁ ବ୍ୟଥିତ କରିଥିଲା ।

୧୮୯୫ ଜାନୁଆରୀ ୧୫ରେ କେନ୍ଦ୍ରୀୟ ପ୍ରଦେଶର ମୁଖ୍ୟ କମିଶନର ସାର ଆଣ୍ଡ୍ରୁଫ୍ରେଜର ସମ୍ବଲପୁର କୋର୍ଟ କଚେରୀମାନଙ୍କରୁ ଓଡ଼ିଆ ଭାଷା ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନ କରିଥିଲେ । ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ଏହାକୁ

ସମାଲୋଚନା କରାଯାଇଥିଲା । ଏଥିପାଇଁ ସ୍ୱଭାବ କବି ଗଙ୍ଗାଧର ମେହେର ନୀଳମଣିଙ୍କୁ ସାଧୁବାଦ ଜଣାଇଥିଲେ । ତତ୍ ସଂଗେ ସମ୍ବଲପୁର ଅଞ୍ଚଳରେ ଧରଣୀଧର ମିଶ୍ର, ମଦନ ମୋହନ ମିଶ୍ର, ବ୍ରଜମୋହନ ପଟ୍ଟନାୟକ ଓ ବଳଭଦ୍ର ସୂପକାର ପ୍ରଭୃତି ସଚେତନ ନାଗରିକମାନେ ଏହି ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୦୧ ମସିହା ଅଗଷ୍ଟ ମାସରେ ସିମ୍‌ଲାଠାରେ ଲର୍ଡ଼ କର୍ଜନଙ୍କୁ ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତିମାନେ ଏହି ମର୍ମରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏହି ଦାବୀଗୁଡ଼ିକୁ ବିଚାର କରିବାକୁ ଲର୍ଡ଼ କର୍ଜନ ପ୍ରତିଶ୍ରୁତି ଦେଇଥିଲେ ଏବଂ ପଦକ୍ଷେପ ସ୍ୱରୂପ ଆଣ୍ଡ୍ରୁ ଫ୍ରେଜରଙ୍କୁ ପତ୍ର ପ୍ରଦାନ କରିଥିଲେ ।

ମଧୁସୂଦନ ଦାସ ସିମ୍‌ଲାଠାରେ ଭାରତର ବଡ଼ଲାଟ ଲର୍ଡ଼ କର୍ଜନଙ୍କୁ ସାକ୍ଷାତ କରି ପରିଚୟ ବିହୀନ ଓଡ଼ିଆ ଜାତିର ସମସ୍ୟାକୁ ଅତ୍ୟନ୍ତ ମାର୍ମିକଭାବରେ ଉପସ୍ଥାପିତ କରିଥିଲେ । ମଧୁବାବୁ ଲର୍ଡ଼ କର୍ଜନଙ୍କୁ ଓଡ଼ିଶା ଆସିବା ପାଇଁ ଅନୁରୋଧ କରିଥିଲେ । ଲର୍ଡ଼ କର୍ଜନ ଓଡ଼ିଶା ଗସ୍ତ କରି ସ୍ଥାନୀୟ କଳା ଓ ସ୍ଥାପତ୍ୟରେ ମୁଗ୍ଧ ହୋଇ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କ ଏକତ୍ରୀକରଣର ଆବଶ୍ୟକତାକୁ ହୃଦ୍‌ବୋଧ କରିଥିଲେ । ଫଳ ସ୍ୱରୂପ ୧୯୦୩ ଜାନୁଆରୀ ୧ ତାରିଖରୁ ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷା ପ୍ରଚଳିତ ହୋଇଥିଲ । ଏହା ଥିଲା ଓଡ଼ିଆ ଆନ୍ଦୋଳନର ପ୍ରଥମ ବିଜୟ ।

୧୯୦୩ ଡିସେମ୍ବର ୩ ତାରିଖରେ ଭାରତ ସରକାରଙ୍କ ଘରୋଇ ସଚିବ ହେନ୍‌ରୀ ରିସ୍‌ଲେ 'ରିସ୍‌ଲେ ସର୍କୁଲାର' (Risley Circular) ପ୍ରକାଶ କରିଥଲେ । କେନ୍ଦ୍ରୀୟ ପ୍ରଦେଶ ସରକାର ଏହି ସର୍କୁଲାରକୁ ମାନିଥିଲେ । ଏହାଦ୍ୱାରା ୧୯୦୫ ଜୁଲାଇ ୧୯ ତାରିଖରୁ କେନ୍ଦ୍ରୀୟ ପ୍ରଦେଶରୁ ସମ୍ବଲପୁର ସହିତ ପାଟଣା, କଳାହାଣ୍ଡି, ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ ଏବଂ ଛୋଟନାଗପୁରରୁ ଗାଙ୍ଗପୁର ଓ ବଣେଇ ଆସି ଓଡ଼ିଶା ଡିଭିଜନ ସହିତ ମିଶିଥିଲା । ଏହା ଥିଲା ଓଡ଼ିଶା ପ୍ରଦେଶ ଗଠନ ଦିଗରେ ପ୍ରଥମ ସଫଳତା ।

୧୯୦୪ ମସିହା ଜାନୁଆରୀ ୫ ତାରିଖରେ ଲର୍ଡ଼ କର୍ଜନ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କୁ ଓଡ଼ିଶା ସହିତ ଦକ୍ଷିଣରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ମିଶାଇବା ପାଇଁ ଏକ ପତ୍ର ଲେଖିଥିଲେ । କିନ୍ତୁ ମାନ୍ଦ୍ରାଜର ଗଭର୍ଣ୍ଣର ଲର୍ଡ଼ ଆମ୍ପଥିଲ ଭିନ୍ନ ମତ ପ୍ରଦାନ କରିଥିଲେ । ୧୯୦୪ ଜୁନ୍ ୨୦ ତାରିଖରେ ମାନ୍ଦ୍ରାଜର ମୁଖ୍ୟ ଶାସନ ସଚିବ ଏମ୍ ହାମରିକ ଭାରତ ସରକାରଙ୍କୁ ଲେଖିଥିଲେ ଯେ ମାନ୍ଦ୍ରାଜ ପ୍ରେସିଡେନ୍‌ସିରେ ବିଭିନ୍ନ ଜାତିମାନଙ୍କର ଅବସ୍ଥାନ ଯୋଗୁଁ କେବଳ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ଏକ ଭୌଗୋଳିକ ପରିସରରେ ବାସ କରୁଥିବା ବିଭିନ୍ନ ଭାଷାଭାଷୀ ଜନଗୋଷ୍ଠୀ ମଧ୍ୟରେ ଗଭୀର ସମସ୍ୟାମାନ ସୃଷ୍ଟି କରିବ । ତେଣୁ ଗଂଜାମ ଅଞ୍ଚଳ ପୂର୍ବ ପରି ମାନ୍ଦ୍ରାଜ ଅଧୀନରେ ରହିଥିଲା ।

ପୂର୍ଣ୍ଣାଙ୍ଗ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ 'ଉତ୍କଳ ସମ୍ମିଳନୀ' ତା'ର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ଜାରି ରଖିଥିଲା । ମଧୁବାବୁ ୧୯୦୭ରେ ଇଂଲଣ୍ଡ ଯାତ୍ରା କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ନିମନ୍ତେ ଭାରତ ଶାସନ ସହିତ ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ପ୍ରବର୍ତ୍ତାଇଥିଲେ । ବିହାର ଓଡ଼ିଶା ପ୍ରାଦେଶିକ ଲେଜିସ୍‌ଲେଟିଭ କାଉନ୍‌ସିଲର ସଭ୍ୟ ଭାବେ ମଧୁବାବୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦାବୀ ଉପସ୍ଥାପନା କରୁଥିଲେ । ୧୯୧୧ ମସିହା ଜାନୁଆରୀ ମାସରେ ଗଞ୍ଜାମର ଓଡ଼ିଆ ସମାଜର ପ୍ରତିନିଧି ଦଳ ମାନ୍ଦ୍ରାଜ ସରକାରଙ୍କୁ ଭେଟି ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ହସ୍ତାନ୍ତର କରିବାକୁ ଦାବି କଲେ । ବାଲେଶ୍ୱରରେ ମଧ୍ୟ ଉତ୍କଳ ସମ୍ମିଳନୀ ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ।

**ବିହାର - ଓଡ଼ିଶା ପ୍ରଦେଶ ଗଠନ ଏବଂ ପରବର୍ତ୍ତୀ ଓଡ଼ଆ ଆନ୍ଦେଳାନଳ :**

୧୯୧୧ରେ ଲର୍ଡ଼ ହାର୍ଡିଞ୍ଜ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସୀମା ପରିବର୍ତ୍ତନ ପାଇଁ ଘୋଷଣା କଲେ ।୧୯୧୧ ଡିସେମ୍ବର ୨୭ ତାରିଖରେ ଇଂରେଜ ସରକାର ବଙ୍ଗ ପ୍ରେସିଡ଼େନ୍‌ସିକୁ ଭାଗ ଭାଗ କରିଦେଲେ । ୧୯୧୨ ଅଗଷ୍ଟ ୧ ତାରିଖରେ ଗଠିତ ହେଲା ବିହାର-ଓଡ଼ିଶା ନାମକ ଏକ

ନୂତନ ପ୍ରଦେଶ । ଏହାକୁ ଓଡ଼ିଆମାନେ ଗ୍ରହଣ କରି ନଥିଲେ ବରଂ ଓଡ଼ିଆ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ତୀବ୍ରତର କରିଥିଲେ ।

୧୯୧୨ ଏପ୍ରିଲ ୬ ଓ ୭ ତାରିଖରେ ବ୍ରହ୍ମପୁରରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଅଷ୍ଟମ ଅଧିବେଶନରେ ବିହାର-ଓଡ଼ିଶା ପ୍ରଦେଶ ଗଠନକୁ ମଧୁବାବୁ ବିରୋଧ କରିଥିଲେ। ସେ କହିଥିଲେ, "ବ୍ରିଟିଶ୍ ଶାସନ ଅଧୀନରେ ଏପରି କୌଣସି ଜାତି ନାହିଁ ଯେଉଁମାନଙ୍କ ପ୍ରତି ଓଡ଼ିଶାର ଲୋକମାନଙ୍କଠାରୁ ଅଧିକ ଅନ୍ୟାୟ ଓ ନିର୍ଦ୍ଦୟ ବ୍ୟବହାର ପ୍ରଦର୍ଶନ କରାଯାଇଛି; ଯଦିଓ ସେମାନେ ନିର୍ଦ୍ଦୋଷ ।" ଇଂଲଣ୍ଡ ସଂସଦର କେତେକ ସଭ୍ୟ ମଧ୍ୟ ମଧୁସୂଦନ ଦାସଙ୍କୁ ଦୃଢ଼ ସମର୍ଥନ ଜଣାଇ ଥିଲେ। ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ ୧୯୧୪ରେ ଡିସେମ୍ବର ୨୬ ଓ ୨୭ ରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱାରା ଆୟୋଜିତ ଜୟପୁର ରାଜା ବିକ୍ରମଦେବ ବର୍ମା କହିଥିଲେ, "ଯଦି ମୋର ଛିନ୍ନ ମସ୍ତକ ରାଞ୍ଚିରେ ରଖାଯାଏ, ମୋର ଦୁଇଗୋଡ଼କୁ ମାନ୍ଦ୍ରାଜର ଚିକିତ୍ସାଳୟରେ ରଖାଯାଏ ଓ ମୋ ଶରୀରର ଗଣ୍ଡିକୁ ବଙ୍ଗୋପସାଗରରେ ଫିଙ୍ଗି ଦିଆଯାଏ ତେବେ କ'ଣ ମୁଁ ବଞ୍ଚିଛି ବୋଲି କୁହାଯାଇପାରିବ ? ଆମ ଉତ୍କଳ ଜନନୀ ବିକ୍ଷିପ୍ତ ଅବସ୍ଥାରେ ପଡ଼ି ରହିଛି। ତେଣୁ ଉତ୍କଳ ଜନନୀର ବିକ୍ଷିପ୍ତାଂଶ ଗୁଡ଼ିକର ଏକତ୍ରୀକରଣ ଦରକାର।" ଲର୍ଡ଼ କର୍ଜନ ମଧ ବିହାର-ଓଡ଼ିଶା ନୂତନ ପ୍ରଦେଶ ଗଠନ ସମ୍ପର୍କରେ ଇଂରେଜ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ । ପ୍ରତ୍ୟେକ ଦିଗରୁ ରାଜନୀତିକ ସମର୍ଥନ ଓଡ଼ିଆ ଜାତୀୟତାବାଦକୁ ଅଧିକ ଉତ୍ସାହିତ କରିଥିଲା। ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ଓଡ଼ିଆ ସଭ୍ୟମାନଙ୍କ ଯୋଗଦାନ ସ୍ୱତନ୍ତ୍ର ଓଡ଼ିଶା ଗଠନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିଥିଲା।

**ତୁମେ ଜାଣିଛ କି ?**

୧୯୧୨ ଫେବୃୟାରୀ ୧ ତାରିଖରେ ଇଂଲଣ୍ଡର ଲର୍ଡ଼ ସଭାରେ ଭାରତର ପୂର୍ବତନ ବଡ଼ଲାଟ୍ ଲର୍ଡ଼ କର୍ଜନ ବିହାର-ଓଡ଼ିଶା ପ୍ରଦେଶ ଗଠନକୁ ସମାଲୋଚନା କରି କହିଥିଲେ "ଏହା ଏକ ଗୁରୁତର ତ୍ରୁଟି- ଯାହା ଚିରସ୍ଥାୟୀ ହୋଇପାରିବ ନାହିଁ । ଓଡ଼ିଆମାନେ ଯଦି ଏକ ଆନ୍ଦୋଳନ ପ୍ରିୟ ଜାତି ହୋଇଥାନ୍ତେ; ଯାହା ସେମାନେ ନୁହନ୍ତି, ସେମାନେ ଅଳ୍ପ ସମୟରେ ତାଙ୍କ ପ୍ରତିବାଦ ଜଣେଇଥାନ୍ତେ ।"

## ମଣ୍ଟେଗୁ - ଚେମସ୍‌ଫୋର୍ଡ ଖସଡ଼ା :

୧୯୧୭ ମସିହାରେ ଭାରତ ସଚିବ ଇ.ଏସ୍. ମଣ୍ଟେଗୁ ଭାରତରେ ସ୍ୱାୟତ୍ତ ଶାସନର ବିକାଶ ନିମନ୍ତେ ବଡ଼ଲାଟ ଲର୍ଡ଼ ଚେମସ୍‌ଫୋର୍ଡ଼ଙ୍କ ସହିତ ଆଲୋଚନା କରିବା ପାଇଁ ଭାରତ ଆସିଥିଲେ। ୧୯୧୭ ଡିସେମ୍ବର ୧୧ରେ 'ଉତ୍କଳ ସମ୍ମିଳନୀ' ତରଫରୁ ମଧୁବାବୁଙ୍କ ନେତୃତ୍ୱରେ ସାତଜଣ ସଭ୍ୟ ବିଶିଷ୍ଟ ଏକ କମିଟି କଲିକତା ଠାରେ ମଣ୍ଟେଗୁ ଓ ଚେମସ୍ ଫୋର୍ଡ଼ଙ୍କୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ମିଶ୍ରଣ ସମ୍ପର୍କରେ ଏକ ଦାବି ପତ୍ର ଦେଇଥିଲେ। କିନ୍ତୁ ୧୯୧୮ରେ ପ୍ରସ୍ତୁତ 'ମଣ୍ଟେଗୁ ଚେମସ୍‌ଫୋର୍ଡ଼ ଖସଡ଼ା'ରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଶାସନ ଯୋଜନା ନଥିଲା। ୧୯୧୯ ଭାରତ ଆଇନରେ ମଧ୍ୟ ଓଡ଼ିଆମାନଙ୍କ ପାଇଁ କୌଣସି ସୁବିଧା ରଖାଯାଇ ନଥିଲା। ଏହା ଓଡ଼ିଶାବାସୀଙ୍କ ମନରେ ଦୁଃଖ ଦେଇଥିଲା।

## ସିହ୍ନା ପ୍ରସ୍ତାବ :

୧୯୧୯ରେ 'ଉତ୍କଳ ସମ୍ମିଳନୀ'ର ପୁରୀ ଅଧିବେଶନରେ ବିହାର ପ୍ରତିନିଧି ସଚ୍ଚିଦାନନ୍ଦ ସିହ୍ନା ଏବଂ କନିକା ରାଜା ରାଜେନ୍ଦ୍ର ଭଞ୍ଜଦେଓଙ୍କୁ କେନ୍ଦ୍ରରେ ସମ୍ରାଟଙ୍କ ବିଧାୟକ ପରିଷଦରେ ଓଡ଼ିଶା ପ୍ରଦେଶ ଗଠନ ଦାବି ଉତ୍‌ଥାପନ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା। ୧୯୨୦ ଫେବୃୟାରୀ ୨୦ରେ ପରିଷଦରେ ସିହ୍ନା ପ୍ରସ୍ତାବ ଦେଇଥିଲେ ଯେ ବଙ୍ଗ, ମାନ୍ଦ୍ରାଜ ଓ କେନ୍ଦ୍ରୀୟ ପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ବିହାର-ଓଡ଼ିଶା ପ୍ରଦେଶର ଓଡ଼ିଶା ଡିଭିଜନରେ ମିଶାଇ ଦିଆଯାଉ । ଏଥିପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ନିମିତ୍ତ ସରକାରୀ ଓ ବେସରକାରୀ ସଦସ୍ୟମାନଙ୍କର ଏକ ମିଳିତ କମିଟି ନିଯୁକ୍ତ

କରାଯିବା ଆବଶ୍ୟକ । ରାଜେନ୍ଦ୍ରନାରାୟଣ ଭଞ୍ଜଦେଓ ଏହି ପ୍ରସ୍ତାବକୁ ଦୃଢ଼ ଭାବରେ ସମର୍ଥନ କରିଥିଲେ। ସିହ୍ନାଙ୍କ ପ୍ରସ୍ତାବ ଉପରେ ଭାରତ ସରକାର ସମ୍ପୃକ୍ତ ପ୍ରାଦେଶିକ ସରକାରଙ୍କର ମତ ଚାହିଁଥିଲେ। କିନ୍ତୁ ବଙ୍ଗ, ମାନ୍ଦ୍ରାଜ ଓ କେନ୍ଦ୍ରୀୟ ପ୍ରଦେଶ ସରକାର ଏହି ପ୍ରସ୍ତାବରେ ରାଜି ହୋଇନଥିଲେ। ବିହାର-ଓଡ଼ିଶା ସରକାର ଓଡ଼ିଶାକୁ ଏକ ଉପ-ପ୍ରଦେଶ ପାହ୍ୟା ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ବିଫଳତା ଓଡ଼ିଆ ଆନ୍ଦୋଳନକୁ ତୀବ୍ରତର କରିଥିଲା।



(ବିଶ୍ୱନାଥ କର)

୧୯୨୧ ମସିହାରେ ବିହାର-ଓଡ଼ିଶା ବିଧାନ ପରିଷଦରେ ସଭ୍ୟ ବିଶ୍ୱନାଥ କର ଓ ମାନ୍ଦ୍ରାଜ ବିଧାନ ପରିଷଦରେ ସଭ୍ୟ ଶଶିଭୂଷଣ ରଥ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନ ଅଧୀନସ୍ଥ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ବିଶ୍ୱନାଥ କରଙ୍କ ପ୍ରସ୍ତାବ ସମ୍ପୃକ୍ତ ପରିଷଦରେ ଗୃହୀତ ହୋଇଥିଲା, କିନ୍ତୁ ଶଶିଭୂଷଣଙ୍କ ପ୍ରସ୍ତାବକୁ ମାନ୍ଦ୍ରାଜ ଗଭର୍ଣ୍ଣର ଅଗ୍ରାହ୍ୟ କରିଦେଇଥିଲେ । ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ବିଧାୟକ ପରିଷଦରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଭୁବନାନନ୍ଦ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଓଡ଼ିଶାରେ ମିଶ୍ରଣ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ।

## ଫିଲିପ୍ ଡଫ୍ କମିଟି :

ଦୀର୍ଘ ଦିନ ଧରି ଗଞ୍ଜାମର ଓଡ଼ିଆ ଲୋକ ଓଡ଼ିଶା ସହିତ ମିଶିବାକୁ ଦାବି କରି ଆସୁଥିଲେ ସୁଦ୍ଧା ମାନ୍ଦ୍ରାଜ ସରକାରଙ୍କ ମନୋବୃତ୍ତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଓଡ଼ିଶାବାସୀଙ୍କ ବାରମ୍ବାର ଦାବି ଫଳରେ ଇଂରେଜ ସରକାର ୧୯୨୪ ଶେଷଭାଗରେ ଏକ ଦୁଇ ଜଣିଆ କମିଟି ନିଯୁକ୍ତ କଲେ। ଗଞ୍ଜାମର ଓଡ଼ିଶାରେ ମିଶ୍ରଣ ଦାବିର ଯଥାର୍ଥତା ଅନୁଧ୍ୟାନ କରିବାପାଇଁ ଗଠିତ ଏହି କମିଟିରେ ଗଡ଼ଜାତ ରାଜ୍ୟ ସମୂହର ପଲିଟିକାଲ୍ ଏଜେଣ୍ଟ ସି.ଏଲ୍. ଫିଲିପ୍ ଓ ମାନ୍ଦ୍ରାଜ ପ୍ରେସିଡେନ୍ସିର ବେଲା ଜିଲ୍ଲାର ଜିଲ୍ଲାପାଳ ଏ.ସି.ଡଫ୍ ସଦସ୍ୟ ଥିଲେ । ଏହି କମିଟି 'ଫିଲିପ୍ ଡଫ୍ କମିଟି' ନାମରେ ପରିଚିତ। ଏହି କମିଟି ନିକଟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ବହୁ ଐତିହାସିକ ତଥ୍ୟ ପରିବେଷଣ କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶା ସହିତ ମିଶାଇବା ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ।

ତାଙ୍କ ଯୁକ୍ତି ଦ୍ୱାରା ପ୍ରଭାବିତ ହୋଇ 'ଫିଲିପ୍ ଡଫ୍ କମିଟି' ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ସୁପାରିସ କରିଥିଲେ । ମାନ୍ଦ୍ରାଜ ସରକାର ଏହାକୁ ବିରୋଧ କରିବାରୁ ଏହା କାର୍ଯ୍ୟକାରୀ ହୋଇ ପାରିଲାନାହିଁ; କିନ୍ତୁ ଏହା ଦକ୍ଷିଣର ମଞ୍ଜୁଷା, ଜଳନ୍ତର ଓ ପାରଳାଖେମୁଣ୍ଡି ଆଦି ଅଞ୍ଚଳର ଜନସାଧାରଣଙ୍କୁ ପ୍ରଭାବିତ କରିଥିଲା ଏବଂ ସେମାନେ ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ସେମାନଙ୍କ ଆନ୍ଦୋଳନ ଆରମ୍ଭ କରିଥିଲେ।

### ସାଇମନ କମିଶନ :

୧୯୨୮ ମସିହା ଫେବୃୟାରୀ ୩ ତାରିଖରେ ସାଇମନ କମିଶନ ଭାରତରେ ପଦାର୍ପଣ କରିଥିଲା । ସାଇମନ କମିଶନକୁ ଭାରତୀୟ କଂଗ୍ରେସ ଓ ଓଡ଼ିଶାର ପ୍ରାଦେଶିକ କଂଗ୍ରେସ ବାସନ୍ଦ କରିଥିଲା କିନ୍ତୁ କମିଶନକୁ ଉତ୍କଳ ସମ୍ମିଳନୀର ସଭ୍ୟମାନେ ପାଟନା ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବ୍ରଜ ସୁନ୍ଦର ଦାସ ଓ ଲକ୍ଷ୍ମୀଧର ମହାନ୍ତି କମିଶନଙ୍କ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦାବି ଉପସ୍ଥାପନ କରିଥିଲେ । ସାଇମନ କମିଶନ ମାନ୍ଦ୍ରାଜରେ ପହଞ୍ଚିଲା ପରେ କୃଷ୍ଣଚନ୍ଦ୍ର ଗଜପତି ତାଙ୍କୁ ସାକ୍ଷାତକରି ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ସାଇମନ କମିଶନଙ୍କ ହୃଦବୋଧ ହୋଇଥିଲା ଯେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଦାବିର ସଯତ୍ନ ବିଚାର ଓ ପ୍ରକ୍ରିୟାକରଣ କରିବା ଅତ୍ୟନ୍ତ ଜରୁରୀ ।

## ଅଟଲି ସବ୍ କମିଟି :

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସମ୍ପର୍କରେ ମତାମତ ଦେବା ନିମନ୍ତେ ସାଇମନ କମିଶନର ଅନ୍ୟତମ ସଦସ୍ୟ ସି.ଆର୍. ଅଟ୍‌ଲିଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ କରାଯାଇଥିଲା । ଏହାର ଅନ୍ୟ ସଦସ୍ୟମାନେ ଥିଲେ କେନ୍ଦ୍ରୀୟ ବିଧାୟକ ସଭାର ସଦସ୍ୟ ଡକ୍ଟର ସୁରଓ୍ୱାର୍ଦ୍ଦି ଏବଂ ବିହାର ଓଡ଼ିଶା ବିଧାନ ପରିଷଦର ଓଡ଼ିଆ ସଦସ୍ୟ ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ଲକ୍ଷ୍ମୀଧର ମହାନ୍ତି । କମିଟିର ସୁପାରିସ ଥିଲା- "ଓଡ଼ିଆ ମାନଙ୍କର ଦାବି ଯୁକ୍ତିଯୁକ୍ତ ଏବଂ ସ୍ୱତନ୍ତ୍ର ସାର୍ବଜନୀନ ମତ ।" ଏହି ସବ୍‌କମିଟି ଓଡ଼ିଶା ଡିଭିଜନ, ଅନୁଗୁଳ, ବଙ୍ଗର ମେଦିନୀପୁର, ମାନ୍ଦ୍ରାଜ ପ୍ରେସିଡେନ୍‌ସିର ଗଞ୍ଜାମ ଅଞ୍ଚଳ ଓ କେନ୍ଦ୍ରୀୟ ପ୍ରଦେଶର ଖଡ଼ିଆଳ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୁପାରିସ କରିଥିଲା । କିନ୍ତୁ ଏହା ମାନ୍ଦ୍ରାଜ ସରକାରଙ୍କ ବିରୋଧ ଯୋଗୁଁ କାର୍ଯ୍ୟକାରୀ ହୋଇ ପାରି ନଥିଲା ।

## ପ୍ରଥମ ଗୋଲ ଟେବୁଲ ବୈଠକ :

୧୯୩୦ ମସିହା ନଭେମ୍ବର ୧୨ରୁ ୧୯୩୧ ଜାନୁୟାରୀ ୧୯ ପର୍ଯ୍ୟନ୍ତ ଲଣ୍ଡନଠାରେ ଅନୁଷ୍ଠିତ ପ୍ରଥମ ଗୋଲ ଟେବୁଲ ବୈଠକରେ ବିହାର-ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଓଡ଼ିଆମାନଙ୍କର ପ୍ରତିନିଧିରୂପେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଯୋଗ ଦେଇଥିଲେ । ଇଂଲଣ୍ଡରେ ଗୋଲ ଟେବୁଲ ବୈଠକରେ ଓ ଏହା ବାହାରେ ସେ ଦୃଢ଼ ଭାବରେ ଓଡ଼ିଆମାନଙ୍କ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି ଉପସ୍ଥାପିତ କରିଥିଲେ । ଏ ସଂକ୍ରାନ୍ତରେ ସେ 'ଓଡ଼ିଆମାନଙ୍କ ଦାବି ଓ ଯୁକ୍ତି' ନାମକ ଏକ ପୁସ୍ତିକା ବୈଠକର ପ୍ରତିନିଧିମାନଙ୍କୁ ବିତରଣ କରିଥିଲେ । ଏହା ବ୍ୟତୀତ ଲଣ୍ଡନଠାରେ କୃଷ୍ଣଚନ୍ଦ୍ର ଇଂଲଣ୍ଡର ଭାରତ ସଚିବ ସାମୁଏଲ୍ ହୋର୍‌ଙ୍କୁ ସାକ୍ଷାତ କରି ଓଡ଼ିଆମାନଙ୍କର ଦାବି ସମ୍ପର୍କରେ ଅବଗତ କରାଇଥିଲେ । ୧୯୩୧ ଜାନୁୟାରୀ ୧୬ ତାରିଖରେ ମହାରାଜା କୃଷ୍ଣଚନ୍ଦ୍ର ଏକ ଐତିହାସିକ ଭାଷଣ ମାଧ୍ୟମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଯୌକ୍ତିକତା ଉପସ୍ଥାପିତ କରିଥିଲେ ।

**ତୁମ ପାଇଁ କାମ**

ଗୋଲଟେବୁଲ ବୈଠକ ଚାଲିଥିବା ବେଳେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ କିଏ ଥିଲେ ?

ମହାରାଜା କୃଷ୍ଣଚନ୍ଦ୍ରଙ୍କ ଅକାଟ୍ୟ ଯୁକ୍ତି ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଇଂରେଜ ସରକାର ଓଡ଼ିଆମାନଙ୍କର ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିକୁ ସ୍ୱୀକାର କରିଥିଲେ । ଏହାଦ୍ୱାରା ମଧୁସୂଦନ ଦାସଙ୍କ ଦୀର୍ଘ କଠିନ ପରିଶ୍ରମକୁ ଫଳପ୍ରସୂ କରିବାରେ ଗଜପତି ସମର୍ଥ ହୋଇଥିଲେ ।

ଏହା ଓଡ଼ିଆମାନଙ୍କ ପାଇଁ ଥିଲା ଗର୍ବ ଓ ଉଲ୍ଲାସର ବିଷୟ । କଂଗ୍ରେସ ପ୍ରଥମ ଗୋଲ ଟେବୁଲ ବୈଠକ ବର୍ଜନ କରିଥିବା ସ୍ଥଳେ ମହାରାଜା କୃଷ୍ଣଚନ୍ଦ୍ର ଏଥିରେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଯେଉଁ ଅବଦାନ ଦେଇଗଲେ ତାହା ଓଡ଼ିଶାବାସୀଙ୍କ ଚିରସ୍ମରଣୀୟ ହୋଇରହିବ ।

## ଜାତୀୟ କଂଗ୍ରେସରେ ଓଡ଼ିଶା ପ୍ରସଙ୍ଗ :

୧୯୩୧ ମାର୍ଚ୍ଚ ୨୯ରେ କରାଚୀଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ଓଡ଼ିଶାର ପ୍ରତିନିଧିମାନେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଦାବି ସମ୍ପର୍କରେ ମହାତ୍ମା ଗାନ୍ଧୀଙ୍କୁ ଅବଗତ କରାଇଥିଲେ । ଗାନ୍ଧିଜୀ ଏହି ଦାବିପ୍ରତି ପୂର୍ଣ୍ଣ ସମର୍ଥନ ପ୍ରକାଶ କରିବା ସହିତ ଦ୍ୱିତୀୟ ଗୋଲ୍ ଟେବୁଲ ବୈଠକରେ ଏହି ପ୍ରସଙ୍ଗ ଉତ୍‌ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ୧୯୩୧ ମେ ୩ ତାରିଖରେ ଓଡ଼ିଶା ପ୍ରାଦେଶିକ କଂଗ୍ରେସ ସଭାରେ ଏକ ପୃଥକ୍ ଓଡ଼ିଶା ପ୍ରଦେଶ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ହରେକୃଷ୍ଣ ମହତାବଙ୍କ ଦ୍ୱାରା ଆଗତ ପ୍ରସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା । ସବୁ ସ୍ତରରେ ଏ ବିଷୟରେ କ୍ରମାଗତ ଭାବେ ଆଲୋଚନା କରିବା ପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା । ଏହି କମିଟିର ଅନ୍ୟ ସଦସ୍ୟମାନେ ଥିଲେ ଗୋପବନ୍ଧୁ ଚୌଧୁରୀ, ଲିଙ୍ଗରାଜ ପାଣିଗ୍ରାହୀ, ଶଶିଭୂଷଣ ରଥ,

ନିରଞ୍ଜନ ପଟ୍ଟନାୟକ, ମୁକୁନ୍ଦ ପ୍ରସାଦ ଦାସ, ବିଚିତ୍ରାନନ୍ଦ ଦାସ ଓ ଲକ୍ଷ୍ମୀ ନାରାୟଣ ମିଶ୍ର । ଏହିରି ଭାବେ ଜାତୀୟ କଂଗ୍ରେସ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟାକୁ ପୂର୍ଣ୍ଣ ସମର୍ଥନ ଦେଲା ।

## ସୀମା ନିର୍ଦ୍ଧାରଣ କମିଟି :

୧୯୩୧ ମସିହା ସେପ୍ଟେମ୍ବର ୧୩ରେ ଭାରତ ସରକାର ତିନି ସଦସ୍ୟ ବିଶିଷ୍ଟ ଏକ ସୀମା ନିର୍ଦ୍ଧାରଣ କମିଟି ନିଯୁକ୍ତ କରିଥିଲେ। ଏହି କମିଟିର ଅଧ୍ୟକ୍ଷ ଥିଲେ ସାମୁଏଲ ଓ'ଡନେଲ ଓ ଅନ୍ୟ ଦୁଇ ଜଣ ସଭ୍ୟ ଥିଲେ ବମ୍ବେର ଏଚ.ଏମ.ମେହେଟ୍ଟା ଓ ଆସାମର ଟି.ଆର ଫୁକନ। ଏହି କମିଟିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ସଚ୍ଚିଦାନନ୍ଦ ସିହ୍ନା ଓ ସି.ଭି.ଏସ୍ ନରସିଂହ ରାଜୁ ସହଯୋଗୀ ସଦସ୍ୟ ରୂପେ ରହିଥିଲେ । ଏହି ସମୟରେ ତେଲୁଗୁମାନେ ମାନ୍ଦ୍ରାଜରୁ ଓଡ଼ିଶାକୁ କୌଣସି ଅଞ୍ଚଳ ହସ୍ତାନ୍ତର କରାଯିବ ନାହିଁ ବୋଲି ଦୃଢ଼ ମତପୋଷଣ କରିଥିଲେ। କିନ୍ତୁ ପାରଳାଖେମୁଣ୍ଡି ମହାରାଜାଙ୍କ ସମର୍ଥନ ଏବଂ ପ୍ରେରଣାରେ ପାରଳାଖେମୁଣ୍ଡିର ଓଡ଼ିଆ ମାନେ ଏବଂ ପାରଳାଖେମୁଣ୍ଡି ଉତ୍କଳ ହିତୈଷିଣୀ ସମାଜର ସଭ୍ୟମାନେ ଓଡ଼ିଶାରେ ପାରଳାଖେମୁଣ୍ଡିକୁ ମିଶାଇ ଦେବା ପାଇଁ ଦୃଢ଼ ଭାବରେ ଓ'ଡନେଲ କମିଟି ଆଗରେ ଦାବି ଜଣାଇ ଥିଲେ। ମହାରାଜା ନିଜେ ତାଙ୍କ ଜମିଦାରୀକୁ ଓଡ଼ିଶାରେ ମିଶାଇ ଦେବାପାଇଁ ଆପ୍ରାଣ ଚେଷ୍ଟା କରିଥିଲେ।

ଓ'ଡନେଲ କମିଟିର ନିର୍ଦ୍ଧାରଣ ଓଡ଼ିଆମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସନ୍ତୁଷ୍ଟ କରି ନଥିଲା, କାରଣ ଏଥିରେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରୁ ପାରଳାଖେମୁଣ୍ଡି, ମଞ୍ଜୁଷା, ମେଦିନୀପୁର ଏବଂ ସିଂହଭୂମିକୁ ବାଦ ଦିଆଯାଇଥିଲା। ଏହାର ପ୍ରତିବାଦ କରିବା ପାଇଁ ୧୯୩୨ ମସିହା ଅଗଷ୍ଟ ୨୧ରେ ବ୍ରହ୍ମପୁରଠାରେ ଲକ୍ଷ୍ମୀଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସହରରେ ଉତ୍କଳ ସମ୍ମିଳନୀର ଏକ ଜରୁରୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଓ'ଡନେଲ କମିଟିର ପ୍ରତିକୂଳ ନିର୍ଦ୍ଧାରଣ ବିରୋଧରେ ବଡ଼ଲାଟଙ୍କୁ ଅବଗତ କରାଇବା ପାଇଁ ପାରଳାଖେମୁଣ୍ଡି ମହାରାଜାଙ୍କ ଅଧିନାୟକତ୍ୱରେ ଏକ କମିଟି ଗଢ଼ାଯାଇଥିଲା। ଏହି କମିଟି ୧୯୩୨ ମସିହା ସେପ୍ଟେମ୍ବର ୧୭ ତାରିଖରେ ସିମଳା ଠାରେ ବଡ଼ଲାଟ ଲର୍ଡ଼ ୱିଲିଙ୍ଗଡନ୍‌ଙ୍କୁ ସାକ୍ଷାତ କରିଥିଲେ। ଏହା ପୂର୍ବରୁ ୧୯୩୨ ସେପ୍ଟେମ୍ବର ୨ରେ ବିହାର-ଓଡ଼ିଶା ବିଧାନ ପରିଷଦରେ ବେସରକାରୀ ସଦସ୍ୟମାନଙ୍କ ଦ୍ୱାରା ଓଡ଼ିଶା ସୀମା ନିର୍ଦ୍ଧାରଣ କମିଟିର ଅଯୌକ୍ତିକ ନିଷ୍ପତ୍ତିର ନିନ୍ଦା କରାଯିବା ସହିତ ତୁରନ୍ତ ଏକ ପୃଥକ୍ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲକ୍ଷ୍ମୀଧର ମହାନ୍ତିଙ୍କ ଦ୍ୱାରା ଆଗତ ଓ ମଧୁପୁର ରାଜାଙ୍କ ଦ୍ୱାରା ସଂଶୋଧିତ ପ୍ରସ୍ତାବ ସମସ୍ତ ବେସରକାରୀ ସଦସ୍ୟଙ୍କ ଦ୍ୱାରା ସର୍ବସମ୍ମତ ଭାବେ ଗୃହୀତ ହୋଇଥିଲା ।

## ସରକାରଙ୍କ ଶ୍ୱେତପତ୍ର :

ତୃତୀୟ ଗୋଲ ଟେବୁଲ୍ ବୈଠକ ପରେ ୧୯୩୨ ଡିସେମ୍ବର ୨୪ରେ ଭାରତ ସଚିବ ସାମୁଏଲ୍ ହୋର୍ ଭାରତ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏକ ପୃଥକ ଓଡ଼ିଶା ପ୍ରଦେଶ ଗଠନର ଘୋଷଣା କରିଥିଲେ । ୧୯୩୩ ମାର୍ଚ୍ଚ ୧୭ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଇଂରେଜ ସରକାରଙ୍କ ଏକ ଶ୍ୱେତ ପତ୍ର ପ୍ରକାଶ ପାଇଥିଲା। ଏଥିରେ ଓଡ଼ିଶା ଏକ ରାଜ୍ୟପାଳ ଶାସିତ ପୂର୍ଣ୍ଣାଙ୍ଗ ପ୍ରଦେଶ ରୂପେ ଗଠିତ ହେବ ବୋଲି ଉଲ୍ଲେଖ କରାଯାଇଥିଲା ଏବଂ ପ୍ରସ୍ତାବିତ ଓଡ଼ିଶାର କ୍ଷେତ୍ରଫଳ ୩୩ ହଜାର ବର୍ଗ ମାଇଲରୁ ହ୍ରାସ କରାଯାଇ ୨୧,୫୪୫ ବର୍ଗ ମାଇଲ ରଖାଯାଇଥିଲା। ଏହି ଶ୍ୱେତପତ୍ରରେ ଓଡ଼ିଶା ପ୍ରଦେଶରୁ ଜୟପୁର ଏବଂ ପାରଳାଖେମୁଣ୍ଡିକୁ ବାଦ ଦିଆଯାଇଥିଲା। ମଧୁସୂଦନଙ୍କ ସବିଶେଷ ଆବେଦନ କ୍ରମେ ୧୯୩୩ ଜୁଲାଇ ୩ ତାରିଖରେ ଲଣ୍ଡନ ଠାରେ ସାମୁଏଲ୍ ହୋର୍‌ଙ୍କ ନିକଟରେ ପାରଳା ମହାରାଜା, କୃଷ୍ଣଚନ୍ଦ୍ର ଗଜପତି, ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଓ ଭଗବାନ ଦାସ ପ୍ରମୁଖ ଓଡ଼ିଶା ସୀମାର ପୁନଃନିର୍ଦ୍ଧାରଣ ପାଇଁ ଦାବି ଉପସ୍ଥାପନ କରିଥିଲେ । ଇଂରେଜ ସରକାର ଜୟପୁରର ମିଶ୍ରଣ ପାଇଁ ରାଜି ହୋଇଥିଲେ, କିନ୍ତୁ ପାରଳାଖେମୁଣ୍ଡିର ମିଶ୍ରଣ ପାଇଁ ଅମଙ୍ଗ ହୋଇଥିଲେ ।

୧୯୩୪ ଫେବୃୟାରୀ ୪ରେ ମଧୁସୂଦନ ଦାସଙ୍କ

ପରଲୋକ ଗମନ ପରେ ସେହି ବର୍ଷ ଫେବୃୟାରୀ ୧୧ରେ କଟକଠାରେ ଗଞ୍ଜାମର ମଧୁସୂଦନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ତ୍ରୟୋବିଂଶ ଅଧିବେଶନରେ ପାରଳାଖେମୁଣ୍ଡି ଓ ଏବଂ ଜୟପୁର ଜମିଦାରୀ ଓଡ଼ିଶାରେ ମିଶାଇବା ପାଇଁ ଦାବି କରାଯାଇଥିଲା।

ପାରଳାଖେମୁଣ୍ଡିର ଅଧିକାଂଶ ଲୋକ ତେଲୁଗୁ ହୋଇଥିବାରୁ ଇଂରେଜ କର୍ତ୍ତୃପକ୍ଷ ଏହାକୁ ଓଡ଼ିଶାକୁ ହସ୍ତାନ୍ତର କରିବାକୁ ରାଜିହୋଇ ନ ଥିଲେ, ତେଣୁ ମହାରାଜା କୃଷ୍ଣଚନ୍ଦ୍ର ତାଙ୍କର ଜମିଦାରୀକୁ ମାନ୍ଦ୍ରାଜ ଓ ଓଡ଼ିଶା ମଧ୍ୟରେ ବିଭାଜନ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ପାରଳାଖେମୁଣ୍ଡି ସହର ସମେତ ତାଙ୍କ ଜମିଦାରୀର କିଛି ଅଂଶ ଓଡ଼ିଶାରେ ମିଶାଇବା ପାଇଁ ସେ ପ୍ରସ୍ତାବ ଦେଇଥିଲେ ।

ଉତ୍କଳ ସମ୍ମିଳନୀଦ୍ୱାରା ଅଧିକାରପ୍ରାପ୍ତ ହୋଇ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୯୩୪ ମେ ମାସରୁ ଦୀର୍ଘକାଳ ଲଣ୍ଡନରେ ଅବସ୍ଥାନ କଲେ ଏବଂ ଓଡ଼ିଶାରେ ସୀମା ନିର୍ଦ୍ଧାରଣ ସମ୍ପର୍କରେ ଭାରତ ତଥା ମାନ୍ଦ୍ରାଜ ସରକାରଙ୍କର ତୀବ୍ର ବିରୋଧ ସତ୍ତ୍ୱେ ସନ୍ତୋଷଜନକ ଭାବେ ସୀମା ସ୍ଥିରୀକୃତ କରି ଜୟପୁର ଜମିଦାରୀ ଓ ପାରଳାଖେମୁଣ୍ଡି ଜମିଦାରୀର ଏକ ଅଂଶ ଓଡ଼ିଶାର ସୀମାରେ ଅନ୍ତର୍ଭୁକ୍ତ କରି ପାରିଲେ।

## ମିଳିତ ସଂସଦୀୟ କମିଟି :

୧୯୩୩ ମସିହା ଏପ୍ରିଲ ମାସରେ ବ୍ରିଟିଶ ପାର୍ଲାମେଣ୍ଟର ଉଭୟ ଗୃହର ୧୬ ଜଣ ସଦସ୍ୟଙ୍କୁ ନେଇ ଲର୍ଡ଼ ଲିନ୍‌ଲିଥ୍‌ଗୋଙ୍କ ଅଧ୍ୟକ୍ଷତାରେ ଏକ 'ମିଳିତ ସଂସଦୀୟ କମିଟି' ଗଠନ କରାଯାଇଥିଲା। ୧୯୩୪ ନଭେମ୍ବରରେ କମିଟି ତାଙ୍କ ବିବରଣୀରେ ଶ୍ୱେତପତ୍ରରେ ଘୋଷିତ ନୂତନ ଓଡ଼ିଶା ପ୍ରଦେଶ ସହିତ ସୀମା ନିର୍ଦ୍ଧାରଣ କମିଟି ପ୍ରସ୍ତାବିତ ଜୟପୁର ଜମିଦାରୀର ଅଂଶ, ଜଳନ୍ତର ସାଲିହା ଏବଂ ପାରଳାଖେମୁଣ୍ଡି ସହର ସମେତ ପାରଳାଖେମୁଣ୍ଡି ଜମିଦାରୀର ଏକ ଅଂଶକୁ ଯୋଗ କଲା । ଏହାଦ୍ୱାରା ଶ୍ୱେତପତ୍ରରେ ଥିବା ଓଡ଼ିଶାର କ୍ଷେତ୍ରଫଳ ୨୧,୫୪୫ ବର୍ଗ ମାଇଲରୁ ବୃଦ୍ଧି ପାଇ ୩୨,୬୯୫ ବର୍ଗ ମାଇଲ ହେଲା।

## ୧୯୩୫ ଭାରତ ଶାସନ ଆଇନ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ :

୧୯୩୫ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ପ୍ରଣୀତ ହେଲା 'ଭାରତ ଶାସନ ଆଇନ'। ଏହି ଆଇନର ଧାରା ୨୮୯ ଅନୁସାରେ ଓଡ଼ିଶାକୁ ନୂତନ ପ୍ରଦେଶ ଭାବରେ ସ୍ୱୀକୃତି ଦିଆଗଲା। ୧୯୩୬ ମାର୍ଚ୍ଚ ୩ ତାରିଖରେ 'ଭାରତ ଶାସନ (ଓଡ଼ିଶା ଗଠନ) ନିର୍ଦ୍ଦେଶ ୧୯୩୬' ଇଂରେଜ ସମ୍ରାଟଙ୍କ ଦ୍ୱାରା ଘୋଷିତ ହେଲା । ଫଳସ୍ୱରୂପ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସୃଷ୍ଟିହେଲା ଓଡ଼ିଆମାନଙ୍କର ଚିର ଇପ୍‌ସିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ଭାରତରେ ଓଡ଼ିଶା ପ୍ରଥମ ଭାଷା ଭିତ୍ତିକ ରାଜ୍ୟ । ଏହିଦିନଟି ପ୍ରତ୍ୟେକ ଓଡ଼ିଆମାନଙ୍କ ପାଇଁ ଗର୍ବ ଓ ଗୌରବର ଦିନ। ବହୁ ଦିନର ଖଣ୍ଡିତ ଉତ୍କଳଜନନୀ ତା'ର ବରପୁତ୍ରମାନଙ୍କର ଚେଷ୍ଟା ଓ ବଳିଦାନ ଯୋଗୁ ସମ୍ପୂର୍ଣ୍ଣ ହୋଇପାରିଥିଲା।

❖ ❖ ❖

# ପ୍ରଶ୍ନାବଳୀ

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।

(କ) ଊନବିଂଶ ଶତାବ୍ଦୀରେ ଓଡ଼ିଶାର ଭୌଗୋଳିକ ସ୍ଥିତି କ.ଣ ଥିଲା ?

(ଖ) ଓଡ଼ିଶାର ଭାଷା ଆନ୍ଦୋଳନ କେଉଁ ପରିସ୍ଥିତିରେ ଆରମ୍ଭ ହୋଇଥିଲା ?

(ଗ) ସାହିତ୍ୟିକମାନଙ୍କର ଓଡ଼ିଆ ଭାଷା ଆନ୍ଦୋଳନକୁ ଅବଦାନ ସମ୍ପର୍କରେ ଆଲୋଚନା କର ।

(ଘ) ସମ୍ବଲପୁରର କୋର୍ଟ କଚେରୀରେ ଓଡ଼ିଆ ଭାଷା ଉଚ୍ଛେଦ ହେଲା ପରେ କ'ଣ ପ୍ରତିକ୍ରିୟା ସୃଷ୍ଟି କରିଥିଲା ?

(ଙ) ଲର୍ଡ଼ କର୍ଜନଙ୍କ ସ୍ୱତନ୍ତ୍ର ଓଡ଼ିଶା ଗଠନର ଆଭିମୁଖ୍ୟ କ'ଣ ଥିଲା ?

(ଚ) ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ମଧୁସୂଦନ ଦାସ ଏବଂ ଦଶମ ଅଧିବେଶନରେ ଜୟପୁରର ରାଜା ବିକ୍ରମଦେବ ବର୍ମା କ'ଣ କହିଥିଲେ ?

(ଛ) ସିହ୍ନା ପ୍ରସ୍ତାବ ସମ୍ପର୍କରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ?

(ଜ) ଫିଲିପ୍ ଡଫ୍ କମିଟି କେବେ, କାହିଁକି ଓ କିପରି ଗଠିତ ହୋଇଥିଲା ?

(ଝ) ପ୍ରଥମ ଗୋଲଟେବୁଲ ବୈଠକରେ ଭାଗ ନେବାକୁ ଯାଇଥିବା ସମୟରେ ଇଂଲଣ୍ଡରେ କୃଷ୍ଣଚନ୍ଦ୍ର ଗଜପତିଙ୍କ କାର୍ଯ୍ୟାବଳୀ କ'ଣ ଥିଲା ?

(ଞ) ଓ'ଡ଼ନେଲ୍ କମିଟି କାହିଁକି ଓ କିପରି ଗଠିତ ହୋଇଥିଲା ଏବଂ ଓଡ଼ିଆମାନେ କାହିଁକି ଏହାର ନିଷ୍ପତ୍ତିରେ ସନ୍ତୁଷ୍ଟ ହୋଇ ନଥିଲେ ?

୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।

(କ) ଗଞ୍ଜାମ ଓ ସମ୍ବଲପୁର ଯଥାକ୍ରମେ କେଉଁ ମସିହାରେ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା ?

(ଖ) ଓଡ଼ିଆ ଆନ୍ଦୋଳନରେ ଗଞ୍ଜାମବାସୀ କିପରି ଅଂଶ ଗ୍ରହଣ କରିଥିଲେ ?

(ଗ) କିଏ ଏବଂ କେବେ ସମ୍ବଲପୁରର କୋର୍ଟ କଚେରୀରୁ ଓଡ଼ିଆ ଭାଷା ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚଳନ କରିଥିଲେ ?

(ଘ) ନୀଳମଣି ବିଦ୍ୟାରତ୍ନ କେଉଁ ପତ୍ରିକାରେ ଇଂରେଜ ସରକାରଙ୍କ ଭାଷାନୀତିର ସମାଲୋଚନା କରିଥିଲେ ଏବଂ ଏଥିପାଇଁ କିଏ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ ?

(ଙ) ଲର୍ଡ଼ କର୍ଜନ ଓଡ଼ିଶା ଗସ୍ତରେ ଆସିବା ଦ୍ୱାରା କି ଲାଭ ହୋଇଥିଲା ?

(ଚ) 'ରିସ୍‌ଲେ ସର୍କୁଲାର' କେବେ ଓ କାହା ଦ୍ୱାରା ପ୍ରକାଶିତ ହୋଇଥିଲା ?

(ଛ) ସାଇମନ କମିଶନ ଭାରତ ଗସ୍ତବେଳେ ଉତ୍କଳ ସମ୍ମିଳନୀର ସଭ୍ୟମାନେ କେଉଁଠାରେ ଓ କାହିଁକି ତାଙ୍କୁ ଭେଟିଥିଲେ ?

(ଜ) ଅଟ୍‌ଲି ସବ୍ କମିଟିରେ ଓଡ଼ିଆ ସଦସ୍ୟ କେଉଁମାନେ ଥିଲେ ?

(ଝ) ଅଟ୍‌ଲି ସବ୍ କମିଟିରେ କେଉଁ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୁପାରିସ କରିଥିଲା ?

(ଞ) କେବେ ଓ କେଉଁଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ମହାତ୍ମା ଗାନ୍ଧୀଙ୍କୁ ଅବଗତ କରାଯାଇଥିଲା ?

(ଟ) ଓ'ଡ଼ନେଲ୍ କମିଟି ପ୍ରସ୍ତାବର ପ୍ରତିବାଦ କରିବା ପାଇଁ କେବେ ଏବଂ କେଉଁଠାରେ ଉତ୍କଳ ସମ୍ମିଳନୀର ଜରୁରୀ ଅଧିବେଶନ ବସିଥିଲା ?

(ଠ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଶ୍ୱେତପତ୍ର କେବେ ପ୍ରକାଶ ପାଇଥିଲା ଏବଂ ଏଥିରେ ପ୍ରସ୍ତାବିତ ଓଡ଼ିଶାର କ୍ଷେତ୍ରଫଳ କେତେ ଥିଲା ?

(ଡ) ଶ୍ୱେତପତ୍ରରେ ପ୍ରସ୍ତାବିତ ଓଡ଼ିଶାରୁ କେଉଁ ଅଞ୍ଚଳ ଗୁଡ଼ିକ ବାଦ୍ ଦିଆଯାଇଥିଲା ?

(ଢ) ଭାରତ ଶାସନ ଆଇନ ୧୯୩୫ର କେଉଁ ଧାରାରେ ଓଡ଼ିଶାକୁ ଏକ ପୃଥକ ପ୍ରଦେଶ ଭାବେ ସ୍ୱୀକୃତି ଦିଆଗଲା ଏବଂ କେବେ 'ଭାରତ ଶାସନ (ଓଡ଼ିଶା ଗଠନ) ନିର୍ଦ୍ଦେଶ ୧୯୩୬' ଘୋଷିତ ହେଲା ?

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।

(କ) ବଙ୍ଗ ପ୍ରେସିଡେନ୍‌ସି ସହିତ କେଉଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମିଶି ରହିଥିଲା ?

(ଖ) ଓଡ଼ିଶାର କେଉଁ ଗଭର୍ଣ୍ଣର ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ବିରୋଧୀ ମନ୍ତବ୍ୟକୁ ବିରୋଧ କରିଥିଲେ ?

(ଗ) ୧୮୮୮ରେ ଓଡ଼ିଶା ଗସ୍ତରେ ଆସିଥିବା ବଙ୍ଗର ଗଭର୍ଣ୍ଣର କିଏ ଥିଲେ ?

(ଘ) ସାର ଆଣ୍ଡ୍ର୍ୟୁଫ୍ରେଜର କିଏ ଥିଲେ ?

(ଙ) ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷା କେବେଠାରୁ ପୁନଃପ୍ରଚଳିତ ହୋଇଥିଲା ?

(ଚ) ଲର୍ଡ଼ ଆମ୍ପଥିଲ୍ କିଏ ଥିଲେ ?

(ଛ) ବିହାର-ଓଡ଼ିଶା ପ୍ରଦେଶ କେବେ ଗଠନ କରାଯାଇଥିଲା ?

(ଜ) ବଙ୍ଗ, ମାନ୍ଦ୍ରାଜ ଓ କେନ୍ଦ୍ରୀୟ ପ୍ରଦେଶ ସରକାର ସିହ୍ନାଙ୍କ ପ୍ରସ୍ତାବ ଅଗ୍ରାହ୍ୟ କରିବା ପରେ ବିହାର-ଓଡ଼ିଶା ସରକାର ଓଡ଼ିଶା ପାଇଁ କ'ଣ ପ୍ରସ୍ତାବ ଦେଇଥିଲେ ?

(ଝ) କେନ୍ଦ୍ରୀୟ ବିଧାୟକ ପରିଷଦର କେଉଁ ସଦସ୍ୟ ଅଟ୍‌ଲି ସବ୍ କମିଟିର ସଦସ୍ୟ ଥିଲେ ?

(ଞ) ଓ'ଡନେଲ କମିଟି କେବେ ନିଯୁକ୍ତ ହୋଇଥିଲା ?

(ଟ) ପାରଳାଖେମୁଣ୍ଡିର କେଉଁ ଅନୁଷ୍ଠାନ ପାରଳାଖେମୁଣ୍ଡିକୁ ଓଡ଼ିଶାରେ ମିଶାଇବା ପାଇଁ ଓ'ଡ଼ନେଲ କମିଟି ନିକଟରେ ଦାବି କରିଥିଲେ ?

(ଠ) ତୃତୀୟ ଗୋଲ୍ ଟେବୁଲ୍ ବୈଠକ ପରେ କିଏ ପୃଥକ୍ ଓଡ଼ିଶା ପ୍ରଦେଶ ଗଠନର ଘୋଷଣା କରିଥିଲେ ?

(ଡ) ମିଳିତ ସଂସଦୀୟ କମିଟି ପ୍ରସ୍ତାବରେ ଓଡ଼ିଶାର କ୍ଷେତ୍ରଫଳ କେତେ ବର୍ଗମାଇଲକୁ ବୃଦ୍ଧି କରାଯାଇଥିଲା ?

(ଢ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ କେବେ ସୃଷ୍ଟି ହେଲା ?

୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ।

(କ) ସମ୍ବଲପୁରର କେତେକ ନେତୃସ୍ଥାନୀୟ ବ୍ୟକ୍ତି କେଉଁଠାରେ କର୍ଜନଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ ?
(i) କଲିକତା (ii) ଦିଲ୍ଲୀ (iii) ସିମଳା (iv) କଟକ

(ଖ) କେଉଁ ଅଞ୍ଚଳଟି କେନ୍ଦ୍ରୀୟ ପ୍ରଦେଶର ଅନ୍ତର୍ଭୁକ୍ତ ନ ଥିଲା ?
(i) ବାମଣ୍ଡା (ii) ସୋନପୁର (iii) ବଣାଇ (iv) ରେଢ଼ାଖୋଲ

(ଗ) ଲର୍ଡ଼ କର୍ଜନ କେବେ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କୁ ଓଡ଼ିଶାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମିଶ୍ରଣର ଯୌକ୍ତିକତା ବିଷୟରେ ଲେଖିଥିଲେ ?

(i) ୧୯୦୩ ଡିସେମ୍ବର ୩ (ii) ୧୯୦୪ ଜାନୁୟାରୀ ୫

(iii) ୧୯୦୪ ଜୁନ୍ ୨୦ (iv) ୧୯୦୫ ଜୁଲାଇ ୧୯

(ଘ) କାହା ନେତୃତ୍ୱରେ ଉତ୍କଳ ସମ୍ମିଳନୀର ସାତଜଣିଆ କମିଟି ଦ୍ୱାରା ମଣ୍ଟେଗୁ ଓ ଚେମ୍ସ୍‌ଫୋର୍ଡ଼ଙ୍କୁ ଦାବିପତ୍ର ଦିଆଯାଇଥିଲା ?

(i) କୃଷ୍ଣଚନ୍ଦ୍ର ଗଜପତି (ii) ବିକ୍ରମଦେବ ଶର୍ମା

(iii) ମଧୁସୂଦନ ଦାସ (iv) ରାଜେନ୍ଦ୍ର ନାରାୟଣ ଭଞ୍ଜ

(ଙ) କିଏ ମାନ୍ଦ୍ରାଜ ବିଧାନ ପରିଷଦର ସଦସ୍ୟ ଥିଲେ ?

(i) ବିଶ୍ୱନାଥ କର (ii) ଶଶିଭୂଷଣ ରଥ

(iii) ନୀଳକଣ୍ଠ ଦାସ (iv) ଭୁବନାନନ୍ଦ ଦାସ

(ଚ) ଫିଲିପ୍-ଡଫ୍ କମିଟି କେବେ ନିଯୁକ୍ତ ହୋଇଥିଲା ?

(i) ୧୯୧୯ (ii) ୧୯୨୧ (iii) ୧୯୨୪ (iv) ୧୯୨୮

(ଛ) କେବେ ମହାରାଜା କୃଷ୍ଣଚନ୍ଦ୍ର ଇଂଲଣ୍ଡରେ ସ୍ୱତନ୍ତ୍ର ଓଡ଼ିଶା ସମ୍ପର୍କରେ ଏକ ଐତିହାସିକ ଭାଷଣ ଦେଇଥିଲେ ?

(i) ୧୯୩୦ ନଭେମ୍ବର ୧୨ (ii) ୧୯୩୧ ଜାନୁୟାରୀ ୧୬

(iii) ୧୯୩୧ ଜାନୁୟାରୀ ୧୯ (iv) ୧୯୩୩ ଜୁଲାଇ ୩

(ଜ) କିଏ ଓ'ଡନେଲ କମିଟିର ସହଯୋଗୀ ସଦସ୍ୟ ନ ଥିଲେ ?

(i) ସଚ୍ଚିଦାନନ୍ଦ ସିହ୍ନା (ii) ସି.ଭି.ଏସ୍. ନରସିଂହ ରାଜୁ

(iii) କୃଷ୍ଣଚନ୍ଦ୍ର ଗଜପତି (iv) ମଧୁସୂଦନ ଦାସ

୫. ପାଠରେ ଦିଆଯାଇଥିବା 'ତୁମ ପାଇଁ କାମ' ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।

❖ ❖ ❖

# ଚତୁର୍ଥ ପାଠ

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରତିଷ୍ଠା

ଅନେକ ଘାତ ପ୍ରତିଘାତ ଦେଇ ଓଡ଼ିଆ ଆନ୍ଦୋଳନ ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ବାସ୍ତବିକ ସଂଘର୍ଷମୟ । ଓଡ଼ିଆ ନେତାମାନଙ୍କର ଅକ୍ଳାନ୍ତ ଉଦ୍ୟମ ଫଳରେ ସ୍ୱତନ୍ତ୍ର ଓଡ଼ିଶାର ଗଠନ କାର୍ଯ୍ୟ ସମ୍ଭବ ହୋଇ ପାରିଥିଲା । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ମଧୁସୂଦନ ଦାସ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ସ୍ୱପ୍ନ ବାସ୍ତବରେ ପରିଣତ ହୋଇଥିଲା ।



(ରେଭେନ୍‌ସା କଲେଜ)

୧୯୩୫ ଭାରତ ଶାସନ ଆଇନରେ ଓଡ଼ିଶାକୁ ନୂତନ ପ୍ରଦେଶ ଭାବରେ ଇଂରେଜ ସରକାର ସ୍ୱୀକୃତି ପ୍ରଦାନ କରିଥିଲେ । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଆଦି ୬ଟି ଜିଲ୍ଲାକୁ ନେଇ ଏହି ନୂତନ ପ୍ରଦେଶ ଗଠିତ ହେଲା । ଏହାର ରାଜଧାନୀ କଟକଠାରେ ପ୍ରତିଷ୍ଠିତ ହେଲା । ଏହାର ଆୟତନ ଥିଲା ୩୨,୬୯୫ ବର୍ଗମାଇଲ ଓ ଲୋକସଂଖ୍ୟା ଥିଲା ୮,୦୪୩,୬୮୧ । କେନ୍ଦ୍ରୀୟ ପ୍ରଦେଶରୁ ଖଡ଼ିଆ, ପଦ୍ମପୁର, ବିଶାଖାପାଟଣା ଏଜେନ୍‌ସିରୁ ଜୟପୁର ଜମିଦାରୀ ଓ ପର୍ଲାଖେମୁଣ୍ଡି ମାନ୍ଦ୍ରାଜ ପ୍ରେସିଡେନ୍ସିରୁ ଘୁମୁସର, ଆସ୍କା, ସୋରଡ଼ା, କୋଦଳା ଓ ଛତ୍ରପୁର ଅଣାଯାଇ ଓଡ଼ିଶା ପ୍ରଦେଶ ସହିତ ମିଶାଯାଇଥିଲା । ତଥାପି ଓଡ଼ିଆ ମାନେ ଚାହିଁଥିବା ସେମାନଙ୍କର ଆକାଙ୍‌କ୍ଷିତ ଓଡ଼ିଶା ପ୍ରଦେଶ ଗଠିତ ହୋଇ ପାରିଲାନାହିଁ । ମେଦିନୀପୁର, ଫୁଲଝର, ସୋମପେଟା, ମଞ୍ଜୁଷା ଆଦି ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶା ବାହାରେ ରହିଗଲା ।

ରେଭେନ୍‌ସା କଲେଜର ହଲ୍‌ରେ ୧୯୩୬ ଏପ୍ରିଲ୍ ୧ ତାରିଖରେ ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ଲୋକମାନଙ୍କ ଅଭୂତପୂର୍ବ ଆନନ୍ଦ ଉଲ୍ଲାସ ମଧ୍ୟରେ ନୂତନ ଓଡ଼ିଶା ପ୍ରଦେଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେଲା । ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର୍ କୋର୍ଟ୍‌ନେ ଟେରେଲ



(ସାର୍ ଜନ୍ ଅଷ୍ଟିନ୍ ହବାକ୍)

ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ସାର୍ ଜନ୍ ଅଷ୍ଟିନ୍ ହବାକ୍‌ଙ୍କୁ ଶପଥପାଠ କରାଇଥିଲେ । ଇଂଲଣ୍ଡର ସମ୍ରାଟ ଓ ଭାଇସ୍‌ରାୟଙ୍କ ଶୁଭେଚ୍ଛାବାର୍ତ୍ତା ଉପସ୍ଥିତ ଜନତାଙ୍କ ସମ୍ମୁଖରେ ପାଠ କରାଯାଇଥିଲା ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଅବସରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ କଟକର ବାରବାଟୀ ଦୁର୍ଗରେ ଏକ ବିଶାଳ ଭୋଜିର ଆୟୋଜନ କରି ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଆପ୍ୟାୟିତ କରିଥିଲେ । ଅବଶ୍ୟ ଏହି ସଫଳତା ଦେଖିବା ପୂର୍ବରୁ କୁଳବୃଦ୍ଧ ମଧୁସୂଦନଙ୍କ ମହାପ୍ରୟାଣ

ହୋଇ ଯାଇଥିଲା । ତାଙ୍କ ପୂର୍ବପୁରୁଷମାନଙ୍କର ଅଦୃଷ୍ଟ ପ୍ରେରଣାରେ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ କରିଛନ୍ତି ବୋଲି ମହାରାଜା କୃଷ୍ଣଚନ୍ଦ୍ର ମତ ବ୍ୟକ୍ତ କରିଥିଲେ ।



**(କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ)**


ନିର୍ବାଚିତ ସରକାର ଗଠିତ ହେବା ପର୍ଯ୍ୟନ୍ତ ନୂତନ ଓଡ଼ିଶାର ଶାସନ ଦାୟିତ୍ୱ ରାଜ୍ୟପାଳ ଓ ତାଙ୍କ ଦ୍ୱାରା ମନୋନୀତ କୋଡ଼ିଏ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏକ ଉପଦେଷ୍ଟା ପରିଷଦ ଉପରେ ନ୍ୟସ୍ତ କରାଯାଇଥିଲା । ଏହି ପରିଷଦରେ କୌଣସି କାର୍ଯ୍ୟକାରୀ ପରିଷଦ ବା ମନ୍ତ୍ରୀପଦ ନଥିଲା । ବସ୍ତୁତଃ ରାଜ୍ୟପାଳ ଓଡ଼ିଶାର ଶାସନ ମୁଖ୍ୟ ରହିଲେ ଏବଂ ଲକ୍ଷ୍ମୀଧର ମହାନ୍ତିଙ୍କୁ ଉପଦେଷ୍ଟା ପରିଷଦର ଉପସଭାପତି ଭାବେ ମନୋନୀତ କରାଯାଇଥିଲା । ଏହି ପରିଷଦଙ୍କୁ ପ୍ରଦେଶ ଗଠନ ପୂର୍ବରୁ ଏକ ପ୍ରାଦେଶିକ ବିଧାନସଭାରେ ଓଡ଼ିଶାର କୌଣସି ଅଞ୍ଚଳର ପ୍ରତିନିଧିତ୍ୱ କରିଥିବା ସଦସ୍ୟମାନଙ୍କ ମଧ୍ୟରୁ ସତର ଜଣଙ୍କୁ ଏବଂ ତିନିଜଣ ସରକାରୀ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା ।

ପୂର୍ବରୁ ୧୯୩୩ ଜୁନ୍ ୨୪ରେ ସରକାରଙ୍କ ଦ୍ୱାରା ଜନ୍ ଅଷ୍ଟିନ୍ ହବାକ୍ଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପ୍ରଶାସନିକ କମିଟି ଗଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷଙ୍କ ବ୍ୟତୀତ ମଧୁସୂଦନ ଦାସଙ୍କ ସମେତ ନ'ଜଣ ସଦସ୍ୟ ରହିଥିଲେ । ଏହି କମିଟି ୧୯୩୩ ଡିସେମ୍ବର ୨୦ରେ ନୂତନ ପ୍ରଦେଶ ଗଠନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନୂତନ ଓଡ଼ିଶାର ଶାସନ ନିମନ୍ତେ ସହାୟକ ହୋଇଥିଲା । ଏହି କମିଟିରେ ମଧୁସୂଦନ ଦାସଙ୍କ ମୂଲ୍ୟବାନ ପରାମର୍ଶ ଓ ସକ୍ରିୟ ସହଯୋଗ ଥିଲା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ତାଙ୍କର ଶେଷ ଔପଚାରିକ କାର୍ଯ୍ୟ ।

***ତୁମ ପାଇଁ କାମ***

***ଆର୍ଥିକ ସ୍ୱାବଲମ୍ବନଶୀଳତା ସମ୍ବନ୍ଧରେ ମଧୁସୂଦନ ଦାସଙ୍କ ଚିନ୍ତାଧାରାର ଏକ ସମୀକ୍ଷାମୂଳକ ଆଲୋଚନା କର ।***

୧୯୩୫ ମସିହା ଭାରତ ଶାସନ ଆଇନ ଅନୁସାରେ ଓଡ଼ିଶା ପ୍ରାଦେଶିକ ବିଧାନସଭାପାଇଁ ୧୯୩୭ ମସିହାରେ ନିର୍ବାଚନ କରିବାକୁ ସ୍ଥିର କରାଯାଇଥିଲା । ଜାତୀୟ କଂଗ୍ରେସ ଏହି ଆଇନର କେତେକ ତ୍ରୁଟିପୂର୍ଣ୍ଣ ନୀତିର ବିରୋଧ କରୁଥିଲେ ସୁଦ୍ଧା ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ନିର୍ବାଚନ ଲଢ଼ିବା ପାଇଁ ସ୍ଥିର କରିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ବିଧାନସଭାର ସମୁଦାୟ ଷାଠିଏଟି ଆସନ ମଧ୍ୟରୁ ଛପନଟି ପ୍ରତ୍ୟକ୍ଷଭାବେ ନିର୍ବାଚିତ ସଦସ୍ୟଙ୍କ ପାଇଁ ଓ ଚାରିଟି ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ୧୯୩୭ ଜାନୁୟାରୀ ୧୮ ରୁ ୨୩ ତାରିଖ ପର୍ଯ୍ୟନ୍ତ ଛପନଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଜାତୀୟ କଂଗ୍ରେସ ବ୍ୟତୀତ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟ ପ୍ରମୁଖ ଦଳଗୁଡ଼ିକ ଥିଲେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱାଧୀନ ଜାତୀୟ ଦଳ, କନିକା ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ସଂଯୁକ୍ତ ଦଳ ଓ ଖଲ୍ଲିକୋଟ



**(କନିକା ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ)**

ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସ୍ୱାଧୀନ ଦଳ । ଏହା ବ୍ୟତୀତ କେତେକ ନିର୍ଦ୍ଦଳୀୟ ପ୍ରାର୍ଥୀ ମଧ୍ୟ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏହି ନିର୍ବାଚନରେ କଂଗ୍ରେସ ଛତିଶଟି ଆସନ ଲାଭ କରିଥିଲା । ଓଡ଼ିଶାରେ ଜାତୀୟ ଦଳ ଓ ସଂଯୁକ୍ତ ଦଳ ଯଥାକ୍ରମେ ଚାରିଟି ଓ ଛ'ଟି ଏବଂ ସ୍ୱାଧୀନ ଦଳ ଓ ନିର୍ଦ୍ଦଳୀୟ ପ୍ରାର୍ଥୀ ଦଶଟି ଆସନରେ ବିଜୟୀ ହୋଇଥିଲେ ।

***ତୁମେ ଜାଣିଛ କି ?***

***ଜମିଦାର ଓ ରାଜାମାନଙ୍କ ଦ୍ୱାରା ନ୍ୟାସନାଲିଷ୍ଟ ପାର୍ଟି ଏବଂ ୟୁନାଇଟେଡ୍ ପାର୍ଟି ପରିଚାଳିତ ହୋଇଥିଲା ।***

ନିର୍ବାଚନ ପରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ସୁଦ୍ଧା ମନ୍ତ୍ରିମଣ୍ଡଳ ଗଠନ କରିବାକୁ ରାଜି ହୋଇ ନଥିଲା । କାରଣ କଂଗ୍ରେସ ଆଶଙ୍କା କରୁଥିଲା ଯେ ୧୯୩୫ ଭାରତ ଶାସନ ଆଇନରେ ରାଜ୍ୟପାଳଙ୍କୁ ଦିଆଯାଇଥିବା ବିଶେଷ କ୍ଷମତା ଦ୍ୱାରା ମନ୍ତ୍ରିମଣ୍ଡଳର କ୍ଷମତା ସଙ୍କୁଚିତ ହୋଇଯିବ । କଂଗ୍ରେସ ସହିତ ଆଲୋଚନା ବିଫଳ ହେବାପରେ ରାଜ୍ୟପାଳଙ୍କ ନିମନ୍ତ୍ରଣ କ୍ରମେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ସଂଖ୍ୟାଲଘୁ ସଭ୍ୟଙ୍କ ସମର୍ଥନରେ ୧୯୩୭ ଏପ୍ରିଲ୍ ୧ ତାରିଖରେ ମନ୍ତ୍ରିମଣ୍ଡଳ ଗଠନ କଲେ । ସେ ହେଲେ ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ । ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଓ ମୌଲବୀ ଲତିଫୁର ରେହମାନ ଏହି ମନ୍ତ୍ରିମଣ୍ଡଳରେ ଅନ୍ୟ ଦୁଇଜଣ ମନ୍ତ୍ରୀ ଥିଲେ । ଗଭର୍ଣ୍ଣର ଜେନେରାଲ୍‌ଙ୍କ ପ୍ରାଦେଶିକ ମନ୍ତ୍ରିମଣ୍ଡଳଗୁଡ଼ିକ ପ୍ରତି ସହଯୋଗ ପରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ରାଜି ହେବାରୁ ୧୯୩୭ ଜୁଲାଇ ୧୩ ତାରିଖରେ ମହାରାଜା କୃଷ୍ଣଚନ୍ଦ୍ରଙ୍କ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥିଲା ।

କଂଗ୍ରେସ କାର୍ଯ୍ୟକାରୀ କମିଟି ଓଡ଼ିଶାରେ କଂଗ୍ରେସ ବିଧାୟକ ଦଳନେତା ବିଶ୍ୱନାଥ ଦାସଙ୍କୁ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ଅନୁମତି ଦେଲେ । ଗଭର୍ଣ୍ଣରଙ୍କ ଔପଚାରିକ ନିମନ୍ତ୍ରଣ ପରେ ୧୯୩୭ ଜୁଲାଇ ୧୯ ତାରିଖ ଦିନ ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କଲେ । ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ମନ୍ତ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ



**(ବିଶ୍ୱନାଥ ଦାସ)**

ବୋଧରାମ ଦୁବେ ଏବଂ ଚାରିଜଣ ପାର୍ଲାମେଣ୍ଟାରି ସେକ୍ରେଟାରୀ ଯଦୁମଣି ମଙ୍ଗରାଜ, ଜଗନ୍ନାଥ ମିଶ୍ର, ପ୍ୟାରିଶଙ୍କର ରାୟ ଓ ରାଧାକୃଷ୍ଣ ବିଶ୍ୱାସରାୟ ଶପଥ ଗ୍ରହଣ କରିଥିଲେ । ୧୯୩୭ ଜୁଲାଇ ୨୮ରେ ରେଭେନ୍ସା କଲେଜ ହଲ୍‌ରେ ଆହୂତ ପ୍ରଥମ ବିଧାନସଭାର ପ୍ରଥମ ଅଧିବେଶନରେ ମୁକୁନ୍ଦ ପ୍ରସାଦ ଦାସ ଓ ନନ୍ଦକିଶୋର ଦାସ ଯଥାକ୍ରମେ ବାଚସ୍ପତି ଓ ଉପବାଚସ୍ପତି ରୂପେ ନିର୍ବାଚିତ ହୋଇଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାର ଅଳ୍ପଦିନ ପରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଇଂରେଜ ସରକାରଙ୍କ ଯୁଦ୍ଧନୀତି ବିରୋଧରେ ପ୍ରତିବାଦ କରି ୧୯୩୯ ନଭେମ୍ବରରେ ଇସ୍ତଫା ଦେଇଥିଲେ । ଏହି ମନ୍ତ୍ରିମଣ୍ଡଳ ଯଦିଓ ଦୁଇ ବର୍ଷ ସାଢ଼େ ତିନିମାସ ପାଇଁ ସରକାର ଚଳାଇଥିଲା; ତଥାପି ରାଜସ୍ୱ, ଆର୍ଥନୀତିକ, ସାମାଜିକ, ସାମ୍ବିଧାନିକ ଓ ରାଜନୀତିକ ଆଦି କ୍ଷେତ୍ରରେ ବହୁ ଫଳପ୍ରଦ କାର୍ଯ୍ୟ କରିପାରିଥିଲା । କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦେବାପରେ ରାଜ୍ୟପାଳ ଅଷ୍ଟିନ୍ ହବାକ୍ ୧୯୩୫ ଭାରତ ଶାସନ ଆଇନ୍‌ର ଧାରା ୯୩ ଅନୁଯାୟୀ ପ୍ରଦେଶ ଶାସନର ପ୍ରତ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ । ତାଙ୍କର ପାଞ୍ଚବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପରେ ସେ ଓଡ଼ିଶାରୁ ବିଦାୟ ନେଲେ । ତାଙ୍କ ପରେ ଉଇଲିୟମ୍ ଲୁଇସ୍ ୧୯୪୧ ଏପ୍ରିଲ୍ ୧ ତାରିଖରେ ରାଜ୍ୟପାଳ ଦାୟିତ୍ୱ ନେଲେ ।

୧୯୪୧ ନଭେମ୍ବର ୨୪ ତାରିଖରେ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକଙ୍କ ସହାୟତାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ । ଏହି

ମନ୍ତ୍ରିମଣ୍ଡଳରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ମୌଲବୀ ଅବ୍‌ଦୁସ୍ ଶୋଭନ୍ ଖାଁ ମନ୍ତ୍ରୀ ରୂପେ ଯୋଗ ଦେଇଥିଲେ। ଏହି ମନ୍ତ୍ରିମଣ୍ଡଳ ଇଂରେଜ ସରକାରଙ୍କୁ ଯୁଦ୍ଧ ଚଳାଇବା କାର୍ଯ୍ୟରେ ସାହାଯ୍ୟ କରିଥିଲେ ମଧ୍ୟ କଂଗ୍ରେସ ନେତାଙ୍କ ଦ୍ୱାରା ସମାଲୋଚିତ ହୋଇଥିଲା। କିନ୍ତୁ ଏହି ମନ୍ତ୍ରିମଣ୍ଡଳର କାର୍ଯ୍ୟକାଳ ମଧ୍ୟରେ ଓଡ଼ିଆମାନଙ୍କର ଦୁଇଟି ଆକାଂକ୍ଷା ଫଳବତୀ ହୋଇ ପାରିଥିଲା। ତାହା ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ ଓ କଟକ ଭେଷଜ ମହାବିଦ୍ୟାଳୟର ପ୍ରତିଷ୍ଠା। ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ଅର୍ଜିତ ସମସ୍ତ ଅର୍ଥକୁ ମହାରାଜା ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରିଥିଲେ। ସହଯୋଗୀ ମାନଙ୍କ ସହିତ ରାଜନୀତିକ ଦୃଷ୍ଟିରୁ ମତଭେଦ ହେବାରୁ ୧୯୪୪ ଜୁନ ୨୯ରେ ମହାରାଜା କୃଷ୍ଣଚନ୍ଦ୍ର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେ ୧୯୭୪ ମେ ୨୫ ତାରିଖରେ ପାରଳାଖେମୁଣ୍ଡି ଠାରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ ଦିଗରେ ତାଙ୍କର ଚେଷ୍ଟା ଓ ତ୍ୟାଗ ପାଇଁ ସେ ଓଡ଼ିଆ ଜାତିପାଇଁ ଚିର ନମସ୍ୟ ହୋଇ ରହିବେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତି ପରେ ଓଡ଼ିଶା ପ୍ରାଦେଶିକ ବିଧାନ ସଭା ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା। ହରେକୃଷ୍ଣ ମହତାବ ୧୯୪୬ ଏପ୍ରିଲ ୨୩ ତାରିଖରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ । ତାଙ୍କ ସହିତ ନବକୃଷ୍ଣ ଚୌଧୁରୀ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ନିତ୍ୟାନନ୍ଦ କାନୁନ୍‌ଗୋ ଓ ରାଧାକୃଷ୍ଣ ବିଶ୍ୱାସରାୟ ଅନ୍ୟ ଚାରିଜଣ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ସେହିବର୍ଷ ଭାରତକୁ ଆସିଥିବା "କ୍ୟାବିନେଟ ମିଶନ" ନିକଟରେ ଓଡ଼ିଶାର ଗଡ଼ଜାତ ରାଜ୍ୟ ସମୂହ ମିଶ୍ରଣ ସପକ୍ଷରେ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ । ହରେକୃଷ୍ଣ ମହତାବ ୧୯୪୬ ରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ନେତୃତ୍ୱ ନେଇଥିଲେ। ଏହି ସମୟ ଅବଧି ମଧ୍ୟରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟହେଲା ଗଡ଼ଜାତ ମିଶ୍ରଣ, ହୀରାକୁଦ ନଦୀବନ୍ଧ ଯୋଜନାର ଆରମ୍ଭ ଓ ଭୁବନେଶ୍ୱରରେ ଓଡ଼ିଶାର ନୂଆ ରାଜଧାନୀ ପ୍ରତିଷ୍ଠା।



(ଉତ୍କଳ ବିଶ୍ୱବିଦ୍ୟାଳୟ)

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ପ୍ରଦେଶ ଗଠନ କିପରି ହେଲା ?

(ଖ) ନୂତନ ଓଡ଼ିଶାର ଉଦ୍‌ଘାଟନ ଦିବସ ପାଳନର ଏକ ବିବରଣୀ ପ୍ରଦାନ କର ।

(ଗ) ନିର୍ବାଚିତ ସରକାର ଗଠନ ହେବା ପର୍ଯ୍ୟନ୍ତ ନୂତନ ଓଡ଼ିଶାର ଶାସନ ପାଇଁ କି କି ପଦକ୍ଷେପ ନିଆଯାଇଥିଲା ?

(ଘ) ନୂତନ ଓଡ଼ିଶାର ପ୍ରଥମ ବିଧାନସଭା ପାଇଁ ଅନୁଷ୍ଠିତ ନିର୍ବାଚନର ଏକ ବିବରଣୀ ଦିଅ ।

(ଙ) ୧୯୪୧ ମସିହାରେ ଗଠିତ ମିଳିତ ମନ୍ତ୍ରିମଣ୍ଡଳର ଗଠନ ଓ କାର୍ଯ୍ୟାବଳୀ ସମ୍ପର୍କରେ ଏକ ଟିପ୍‌ପଣୀ ଲେଖ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ନୂତନ ଓଡ଼ିଶାର ପ୍ରଥମ ବିଧାନ ସଭାରେ ଏକକ ସଂଖ୍ୟା ଗରିଷ୍ଠତା ସତ୍ତ୍ୱେ କାହିଁକି କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ ପାଇଁ ରାଜି ହୋଇ ନଥିଲା ?

(ଖ) ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ସମୟ କାଳ କ'ଣ ଥିଲା ?

(ଗ) କଂଗ୍ରେସ କାହିଁକି ମନ୍ତ୍ରିମଣ୍ଡଳ ଗଠନ କରିବାକୁ ରାଜି ହେଲା ଏବଂ ବିଶ୍ୱନାଥ ଦାଶ କେବେଠାରୁ ଓଡ଼ିଶାର ପ୍ରଧାନମନ୍ତ୍ରୀ ହେଲେ ?

(ଘ) ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳରେ ଥିବା ଅନ୍ୟ ଦୁଇଜଣ ମନ୍ତ୍ରୀ କିଏ ?

(ଙ) ଓଡ଼ିଶାର ପ୍ରଥମ ବିଧାନ ସଭାର ବାଚସ୍ପତି ଓ ଉପବାଚସ୍ପତି କିଏ ଥିଲେ ?

(ଚ) ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳ କେବେ ଓ କାହିଁକି ଇସ୍ତଫା ଦେଇଥିଲେ ?

(ଛ) ଅଷ୍ଟିନ୍ ହବାକ୍‌ଙ୍କ ପରେ କିଏ ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱ ନେଇଥିଲେ ?

(ଜ) କୃଷ୍ଣଚନ୍ଦ୍ର ଗଜପତିଙ୍କ ମିଳିତ ମନ୍ତ୍ରିମଣ୍ଡଳରେ ଥିବା ଅନ୍ୟ ଦୁଇଜଣ ମନ୍ତ୍ରୀଙ୍କର ନାମ ଲେଖ ?

(ଝ) କୃଷ୍ଣଚନ୍ଦ୍ର ଗଜପତିଙ୍କ ମିଳିତ ମନ୍ତ୍ରିମଣ୍ଡଳଦ୍ୱାରା ଓଡ଼ିଆମାନଙ୍କର କେଉଁ ଦୁଇଟି ଆକାଂକ୍ଷା ଫଳବତୀ ହୋଇଥିଲା ?

(ଞ) ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳ ସମୟର ଉଲ୍ଲେଖନୀୟ କାର୍ଯ୍ୟ କ'ଣ ଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ନୂତନ ଓଡ଼ିଶାର ରାଜଧାନୀ କେଉଁଠାରେ ଅବସ୍ଥାପିତ ହୋଇଥିଲା ?

(ଖ) ନୂତନ ଓଡ଼ିଶାର ଆୟତନ କେତେ ଥିଲା ?

(ଗ) କେଉଁ ସ୍ଥାନରେ ନୂତନ ଓଡ଼ିଶାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା ?

(ଘ) କିଏ ଓଡ଼ିଶାର ପ୍ରଥମ ରାଜ୍ୟପାଳଙ୍କୁ ଶପଥ ପାଠ କରାଇଥିଲେ ?

(ଙ) କାହା ଅଧ୍ୟକ୍ଷତାରେ ଓଡ଼ିଶା ପ୍ରାଶାସନିକ କମିଟି ଗଠିତ ହୋଇଥିଲା ?

(ଚ) ଓଡ଼ିଶାର ପ୍ରଥମ ବିଧାନ ସଭାରେ ସମୁଦାୟ କେତୋଟି ଆସନ ଥିଲା ଏବଂ ସେଥି ମଧ୍ୟରୁ କେତୋଟି ନିର୍ବାଚିତ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ?

(ଛ) କିଏ ସଂଯୁକ୍ତ ଦଳର ନେତୃତ୍ୱ ନେଇଥିଲେ ?

(ଜ) ବିଶ୍ୱନାଥ ଦାଶଙ୍କ ଇସ୍ତଫା ପରେ କେଉଁ ଆଇନ୍ ଅନୁଯାୟୀ ରାଜ୍ୟପାଳ ଓଡ଼ିଶାର ପ୍ରତ୍ୟକ୍ଷ ଶାସନ ଦାୟିତ୍ୱ ଗ୍ରହଣ କଲେ ?

(ଝ) କିଏ ଉତ୍କଳ ବିଶ୍ୱବିଦ୍ୟାଳୟକୁ ତାଙ୍କର ଅର୍ଜିତ ସମସ୍ତ ଅର୍ଥ ଦାନ କରିଥିଲେ ?

(ଞ) ହରେକୃଷ୍ଣ ମହତାବ କେବେ ଓଡ଼ିଶାର ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ।**

(କ) କେଉଁଟି ନୂତନ ଓଡ଼ିଶାର ଜିଲ୍ଲା ନ ଥିଲା ?

(i) ସମ୍ବଲପୁର (ii) ଗଞ୍ଜାମ iii) ଅନୁଗୁଳ (iv) କୋରାପୁଟ

(ଖ) କିଏ ଉପଦେଷ୍ଟା ପରିଷଦର ଉପସଭାପତି ଥିଲେ ?

(i) ମଧୁସୂଦନ ଦାସ (ii) ଲକ୍ଷ୍ମୀଧର ମହାନ୍ତି (iii) କୃଷ୍ଣଚନ୍ଦ୍ର ଗଜପତି (iv) ବିଶ୍ୱନାଥ ଦାଶ

(ଗ) କୃଷ୍ଣଚନ୍ଦ୍ର ଗଜପତି କେଉଁ ଦଳର ନେତୃତ୍ୱ ନେଇଥିଲେ ?

(i) ସଂଯୁକ୍ତ ଦଳ (ii) ଜାତୀୟ କଂଗ୍ରେସ

(iii) ଜାତୀୟ ଦଳ (iv) ସ୍ୱାଧୀନ ଦଳ

(ଘ) କିଏ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରଥମ ମନ୍ତ୍ରିମଣ୍ଡଳରେ ଜଣେ ମନ୍ତ୍ରୀ ଥିଲେ ?

(i) ଅବଦୁସ୍ ଶୋଭନ ଖାଁ (ii) ଲତିଫୁର ରେହମାନ

(iii) ଗୋଦାବରୀଶ ମିଶ୍ର (iv) ନିତ୍ୟାନନ୍ଦ କାନୁନ୍‌ଗୋ

(ଙ) କେବେ କୃଷ୍ଣଚନ୍ଦ୍ର ଗଜପତି ମିଳିତ ମନ୍ତ୍ରିମଣ୍ଡଳର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ?

(i) ୧୯୩୭ ଜୁଲାଇ ୧୩ (ii) ୧୯୩୭ ଜୁଲାଇ ୧୯

(iii) ୧୯୪୧ ନଭେମ୍ବର ୨୪ (iv) ୧୯୪୪ ଜୁନ୍ ୨୯

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

ତୃତୀୟ ଅଧ୍ୟାୟ

# ୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ

TSHA4B

## ପ୍ରଥମ ପାଠ

## ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ

୧୯୪୭ର ଭାରତ ସ୍ୱାଧୀନତା ଆଇନ ଭାରତ କିମ୍ବା ପାକିସ୍ତାନକୁ ପୂର୍ଣ୍ଣ ରାଷ୍ଟ୍ରରେ ପରିଣତ କରିପାରିଲା ନାହିଁ। ଇଂରେଜମାନଙ୍କ ଦ୍ୱାରା ଶାସିତ ହେଉଥିବା ବ୍ରିଟିଶ ଭାରତ ଥିଲା ଅଖଣ୍ଡ ଭାରତର ସମୁଦାୟ ଭୂଭାଗର ୬୦ ପ୍ରତିଶତ। ଅନ୍ୟ ୪୦ ପ୍ରତିଶତ ଭୂଭାଗ ଏହି କ୍ଷମତା ହସ୍ତାନ୍ତର ପ୍ରକ୍ରିୟାରେ ସାମିଲ ହୋଇ ନ ଥିଲା । ଏହି ଶତକଡ଼ା ୪୦ ଭାଗ ଅଞ୍ଚଳ ଛୋଟ ବଡ଼ ଶହଶହ ଦେଶୀୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା। ଏକ ଅଲିଖିତ ଅଥଚ ସର୍ବଶକ୍ତିମାନ ସାର୍ବଭୌମ ଛତ୍ରଛାୟା ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିଲା। ଏହା ଥିଲା ବ୍ରିଟିଶ ସର୍ବୋଚ୍ଚ ଶାସନ କ୍ଷମତା।

> **ତୁମେ ଜାଣିଛ କି ?**
>
> *୧୮୫୮ ମସିହା ପରଠାରୁ ଭାରତରେ ମୁଖ୍ୟ ବ୍ରିଟିଶ ଶାସକଙ୍କୁ ଭାଇସରାୟ ବୋଲି କୁହାଗଲା। ବ୍ରିଟିଶ ଭାରତର ଶାସନକର୍ତ୍ତା ହିସାବରେ ତାଙ୍କର ପଦବୀ ଥିଲା ଭାଇସରାୟ । ବ୍ରିଟେନ ରାଣୀ / ରାଜାଙ୍କ ପ୍ରତିନିଧି ଭାବରେ ସେ କାର୍ଯ୍ୟ କରୁଥିଲେ ।*

୧୯୪୭ର ଭାରତ ସ୍ୱାଧୀନତା ଆଇନ ଅନୁଯାୟୀ ସେମାନଙ୍କ ଉପରୁ ବ୍ରିଟିଶ ସର୍ବୋଚ୍ଚ ଶକ୍ତିର ଛତ୍ରଛାୟା ଅପସାରିତ ହୋଇଗଲା। ବସ୍ତୁତଃ ଦେଶୀୟ ରାଜ୍ୟମାନେ ସ୍ୱାଧୀନ ହୋଇଗଲେ। ସେମାନେ ଚାହିଁଲେ ଭାରତ କିମ୍ବା ପାକିସ୍ତାନ ସହିତ ମିଶିଯାଇ ପାରିବେ ଅଥବା ସ୍ୱାଧୀନ ହୋଇ ରହିପାରିବେ ବୋଲି ଭାରତ ସ୍ୱାଧୀନତା ଆଇନରେ ବ୍ୟବସ୍ଥା ରହିଲା। କିନ୍ତୁ ବାସ୍ତବ ପକ୍ଷରେ ଏପରି ଏକ ରାଜନୀତିକ ଅବସ୍ଥା ସମ୍ଭବ ନ ଥିଲା।

ଏହିପରି ଏକ ପରିକଳ୍ପିତ ସମସ୍ୟାକୁ ଦୃଷ୍ଟିରେ ରଖି ୧୯୪୭ ଜୁନ ୨୭ ତାରିଖରେ ଭାରତ ସରକାର ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ନୂତନ ବିଭାଗ ସୃଷ୍ଟି କରିଥିଲେ। ଏହି ବିଭାଗର ମନ୍ତ୍ରୀ ହେଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଶାସନ ସଚିବ ହେଲେ ଭି.ପି. ମେନନ । ସ୍ୱାଧୀନତା ଦିବସ ପୂର୍ବରୁ ଗଡ଼ଜାତ ସମସ୍ୟାର ସମାଧାନ ପାଇଁ ଭାରତ ସରକାର ତତ୍ପର ହୋଇ ଉଠିଲେ। ଭାରତର ଗଭର୍ଣ୍ଣର ଜେନେରାଲ ଲର୍ଡ଼ ମାଉଣ୍ଟବ୍ୟାଟେନ ଏ ସମ୍ପର୍କରେ ନିର୍ଣ୍ଣାୟକ ଭୂମିକା ନେଇ ପାରିବେ ବୋଲି ଏକ ଦୃଢ଼ ମତ ପ୍ରକାଶ ପାଇଲା। ସେହି ଆଶାରେ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଦେଶୀୟରାଜ୍ୟ ଦାୟିତ୍ୱରେ ଥିବା ମନ୍ତ୍ରୀ ସର୍ଦ୍ଦାର ପଟେଲ ୧୯୪୭ ଜୁଲାଇ ୯ ତାରିଖରେ




**(ଦେଶୀୟ ରାଜ୍ୟ ସହିତ ଭାରତର ମାନଚିତ୍ର)**

ମାଉଣ୍ଟବ୍ୟାଟେନଙ୍କୁ ଦେଶୀୟ ରାଜ୍ୟଗୁଡ଼ିକର ଶାସକମାନଙ୍କୁ ଠିକ୍ ଉପଦେଶ ଦେଇ ସେମାନଙ୍କୁ ଭାରତ ସହିତ ଏକ ସଂଘୀୟ ବ୍ୟବସ୍ଥାରେ ଅନୁବନ୍ଧିତ କରିବାକୁ ଅନୁରୋଧ କଲେ। ମହାତ୍ମାଗାନ୍ଧୀ ମଧ୍ୟ ମାଉଣ୍ଟବ୍ୟାଟେନଙ୍କୁ ସାକ୍ଷାତକଲେ ଓ ସ୍ୱାଧୀନତା ପାଇବା ବେଳକୁ ଭାରତ ଯେପରି ଶତଧା ବିଭକ୍ତ ନ ହୁଏ ସେଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଅନୁରୋଧ କଲେ। ମାଉଣ୍ଟବ୍ୟାଟେନ ଭାରତୀୟ ନେତୃବୃନ୍ଦଙ୍କର ଏହି ଅନୁରୋଧକୁ ଗମ୍ଭୀରତାର ସହିତ ଗ୍ରହଣ କଲେ ଓ ୧୯୪୭ ଜୁଲାଇ ୨୫ ତାରିଖରେ ରାଜନ୍ୟମଣ୍ଡଳିର ଏକ ବୈଠକ ଡକାଇଲେ। ସମବେତ ଦେଶୀୟରାଜ୍ୟର ଶାସନକର୍ତ୍ତା ମାନଙ୍କୁ ସମ୍ବୋଧନ କଲାବେଳେ ସେ ସେମାନଙ୍କର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଲେ। ତାଙ୍କ ବକ୍ତବ୍ୟର ସାରମର୍ମ ଥିଲା ବ୍ରିଟିଶ ସର୍ବୋଚ୍ଚଶକ୍ତିର ଛତ୍ରଛାୟା ଅପସାରିତ ହେବାପରେ ବସ୍ତୁତଃ ସେମାନେ ସ୍ୱାଧୀନ। ଏପରି ପରିସ୍ଥିତିରେ ଦେଶୀୟ ରାଜ୍ୟମାନେ ସେମାନଙ୍କ ସୀମାକୁ ଲାଗିଥିବା ଦେଶ ସହିତ ସମ୍ପର୍କ ବାନ୍ଧିବା ବିଧେୟ କାରଣ ଦେଶୀୟ ରାଜ୍ୟମାନଙ୍କରେ ବସବାସ କରୁଥିବା ପ୍ରଜାମାନେ ସେମାନଙ୍କର ସାମଗ୍ରିକ ଉନ୍ନତି ଚାହାନ୍ତି ଏବଂ ନବ ଗଠିତ ସ୍ୱାଧୀନ ରାଷ୍ଟ୍ର ସହିତ ମିଶି ସେମାନଙ୍କର ଭବିଷ୍ୟତର ସମୃଦ୍ଧି ଚାହାନ୍ତି ।

**ତୁମ ପାଇଁ କାମ**

*ଭାରତକୁ ଭାଇସରାୟ ଭାବେ ଆସିବା ପୂର୍ବରୁ ଲର୍ଡ଼ ମାଉଣ୍ଟବ୍ୟାଟେନ୍‌ଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କର ।*

କେଉଁ ସର୍ତ୍ତରେ ଦେଶୀୟ ରାଜାମାନେ ଭାରତ ସହିତ ସମ୍ପର୍କ ସ୍ଥାପନ କରିବେ, ସେ ସମ୍ବନ୍ଧରେ ପଟେଲ ଓ ମେନନ ଏକ ମିଳନ ପତ୍ର ପ୍ରସ୍ତୁତ କରିସାରିଥାନ୍ତି। ମିଳନ ପତ୍ରର ପ୍ରସ୍ତାବ ଅନୁଯାୟୀ ଦେଶୀୟ ରାଜ୍ୟମାନେ ଭାରତକୁ ତିନିଗୋଟି କ୍ଷମତା ହସ୍ତାନ୍ତର କରିବା ଆବଶ୍ୟକ ଥିଲା। ସେଗୁଡ଼ିକ ହେଲା ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ। ଏହିସବୁ କ୍ଷମତା ହସ୍ତାନ୍ତର ପରେ ଦେଶୀୟ ରାଜାମାନେ ସ୍ୱାଧୀନ ଭାବରେ ସେମାନଙ୍କର ରାଜ୍ୟ ଶାସନ କରିପାରିବେ ବୋଲି ଉଲ୍ଲେଖ କରାଯାଇଥିଲା।

**ତୁମେ ଜାଣିଛ କି ?**

*ମିଳନ ପତ୍ର ବା ଇନ୍‌ଷ୍ଟ୍ରୁମେଣ୍ଟ ଅଫ୍ ଆକ୍‌ସେସନ ହେଉଛି ଏକ ବୈଧାନିକ ବା ଆଇନ ଅନୁମୋଦିତ ଦସ୍ତାବିଜ୍। ଏହି ଦସ୍ତାବିଜରେ ସ୍ୱାକ୍ଷରକାରୀ ଦ୍ୱୟ ଥିଲେ ଭାରତ ସରକାର ଓ ଦେଶୀୟ ରାଜା।*

ମାଉଣ୍ଟବ୍ୟାଟେନଙ୍କ ଭାଷଣରେ ଅନୁପ୍ରେରିତ ହୋଇ ଏବଂ ତାଙ୍କର ସତର୍କବାଣୀକୁ ଅନୁଧ୍ୟାନ କରି ଅନେକ ଦେଶୀୟ ରାଜ୍ୟ ଏହି ମିଳନ ପତ୍ରରେ ସ୍ୱାକ୍ଷର କଲେ। ସର୍ଦ୍ଦାର ପଟେଲ ମଧ୍ୟ ଅନେକ ଦେଶୀୟ ରାଜ୍ୟକୁ ଏପରି କରିବାକୁ ଅନୁପ୍ରାଣିତ କରିଥିଲେ। ଅଳ୍ପ କେତୋଟିକୁ ଛାଡ଼ିଦେଲେ ପ୍ରାୟ ସମସ୍ତ ଦେଶୀୟ ରାଜ୍ୟ ସ୍ୱାଧୀନତା ପୂର୍ବରୁ ଏହିପରି ମିଳନ ପତ୍ରରେ ସ୍ୱାକ୍ଷର କରିସାରିଥିଲେ। କେନ୍ଦ୍ରୀୟ ଭାରତର ପିପ୍ଲୋଦା ୧୯୪୮ ମାର୍ଚ୍ଚରେ ଏହି ମିଳନ ପତ୍ରରେ ସ୍ୱାକ୍ଷର କଲେ। ଯୋଧପୁର, ଜୁନାଗଡ଼, ହାଇଦ୍ରାବାଦ ଓ କାଶ୍ମୀର ଭାରତ ସହିତ ମିଳନ ପତ୍ରରେ ସ୍ୱାକ୍ଷର କଲେ ନାହିଁ।

ଯୋଧପୁରର ରାଜା ହନ୍ୱନ୍ତସିଂହ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସହ ହାତ ମିଳାଇ ପାକିସ୍ଥାନ ସହିତ ମିଶିଯିବାର ମସୁଧା କରୁଥିଲେ। ଯୋଧପୁର ଥିଲା ଏକ ହିନ୍ଦୁ ବହୁଳ ରାଜ୍ୟ। ଅନେକ ବୁଝାସୁଝାପରେ ଯୋଧପୁରର ରାଜା ଭାରତ ସହିତ ମିଳନ ପତ୍ରରେ ସ୍ୱାକ୍ଷର କଲେ। ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସଲିମ ନୱାବ ପାକିସ୍ଥାନ ସହିତ ଯୋଗଦେବାକୁ ଇଚ୍ଛାପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ। ଜୁନାଗଡ଼ର ସୀମା ପାକିସ୍ଥାନ ସୀମା ସହିତ ସଂଲଗ୍ନ ହୋଇ ନ ଥିଲା। ଭାରତ ସରକାରଙ୍କ ଦ୍ୱାରା ଏଠାରେ ଗଣଭୋଟ ଅନୁଷ୍ଠିତ ହେଲା। ପ୍ରାୟ ଦୁଇ ଲକ୍ଷ ଭୋଟଦାତାଙ୍କ ମଧ୍ୟରୁ କେବଳ ନବେଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଭାରତରେ ମିଶିବାକୁ ଇଚ୍ଛା ବ୍ୟକ୍ତ କଲେ। ନୱାବ ତାଙ୍କ ପରିବାର ସହିତ ପାକିସ୍ଥାନକୁ ପଳାୟନ କଲେ। ଜୁନାଗଡ଼ ଭାରତ ସହିତ ମିଶିଗଲା। ଜାମ୍ମୁ କାଶ୍ମୀରର ମହାରାଜା ହରିସିଂହ ହଠାତ୍ କୌଣସି ନିଷ୍ପତ୍ତି ନେଇପାରିଲେ ନାହିଁ। ସେ କାଶ୍ମୀରକୁ ସ୍ୱାଧୀନ ରଖିବାକୁ ମତ ପୋଷଣକଲେ। ତାଙ୍କର ଏହି ମତକୁ କାଶ୍ମୀରର ଲୋକପ୍ରିୟ ନେତା ଶେଖ ଅବଦୁଲ୍ଲା ପ୍ରତ୍ୟାଖ୍ୟାନ କଲେ। ପାକିସ୍ଥାନର



(ଶେଖ ଅବଦୁଲ୍ଲା)

ଲୋଲୁପଦୃଷ୍ଟି ଥିଲା କାଶ୍ମୀର ଉପରେ । ପାକିସ୍ଥାନର ପ୍ରରୋଚନା ଓ ସାହାଯ୍ୟରେ ଉତ୍ସାହିତ ହୋଇ ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରିନେଇ 'ଆଜାଦ କାଶ୍ମୀର' ଗଠନ କଲେ ଓ ଝେଲମ୍ ନଦୀତଟପି ଶ୍ରୀନଗର ଆଡ଼କୁ ଅଗ୍ରସର ହେଲେ । ସେମାନଙ୍କ ସହିତ ନିୟମିତ ପାକିସ୍ଥାନୀ ସୈନ୍ୟମଧ ଏହି ଆକ୍ରମଣରେ ଭାଗନେଇଥିଲେ । ଏହାଥିଲା ପାକିସ୍ଥାନର 'ଅପରେସନ ଗୁଲମାର୍ଗ'ର ଅଂଶବିଶେଷ । 'ଅପରେସନ ଗୁଲମାର୍ଗ' କାଶ୍ମୀରକୁ ଦଖଲ କରିନେବା ପାଇଁ ଅଭିପ୍ରେତ ଥିଲା । ଆତ୍ମ ରକ୍ଷା ପାଇଁ ଅନ୍ୟ କୌଣସି ଉପାୟ ନ ପାଇ ରାଜା ହରିସିଂହ ଭାରତ ସରକାରଙ୍କୁ ସାମରିକ ସହାୟତା ପାଇଁ ଅନୁରୋଧ କଲେ । ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ତାଙ୍କୁ ଭାରତ ସରକାରଙ୍କ ସହ ଏକ ମିଳନ ପତ୍ର ସ୍ୱାକ୍ଷର କରିବାକୁ ପଡ଼ିଲା । ଜାମ୍ମୁ ଓ କାଶ୍ମୀର ବୈଧାନିକ ରୂପେ ଭାରତର ଏକ ଅଂଶ ହୋଇଗଲା । ଭାରତୀୟ ସମ୍ବିଧାନକୁ ଜାମୁ କାଶ୍ମୀର ଗ୍ରହଣ କରିନେଲା । ତେବେ ଜାମୁ କାଶ୍ମୀର ପାଇଁ ଭାରତୀୟ ସମ୍ବିଧାନରେ ଏକ ବିଶେଷ ବ୍ୟବସ୍ଥା ରହିଲା । ଏହି ବିଶେଷ ବ୍ୟବସ୍ଥା ଭାରତୀୟ ସମ୍ବିଧାନର ୩୭୦ ଧାରାରେ ଉଲ୍ଲେଖ କରାଗଲା ।

*ତୁମ ପାଇଁ କାମ*

*ଜାମ୍ମୁ କାଶ୍ମୀର ପାଇଁ ପାକିସ୍ଥାନର ଆଗ୍ରହ- କାରଣଗୁଡ଼ିକର ସମୀକ୍ଷା କରି ତା'ର ଯୌକ୍ତିକତା ପ୍ରତିପାଦନ କର ।*

ହାଇଦରାବାଦ ଥିଲା ଏକ ହିନ୍ଦୁବହୁଳ ଦେଶୀୟ ରାଜ୍ୟ । ଏହାର ଶାସକ ନିଜାମ ଓସ୍‌ମାନ ଅଲ୍ଲୀ ଖାଁ ସ୍ୱାଧୀନ ରହିବାକୁ ଚାହିଁଲେ । ସୟଦ କାଶିମ୍ ରଜ୍‌ଭିଙ୍କ ନେତୃତ୍ୱରେ 'ରଜାକର" ନାମକ ଏକ ସଶସ୍ତ୍ର ସଂଗଠନ ନିଜାମଙ୍କୁ ସମର୍ଥନ କଲେ ଏବଂ ଭାରତ ସହିତ ମିଶିବାକୁ ଚାହୁଁଥିବା ଜନସାଧାରଣଙ୍କୁ ନୃଶଂସ ଭାବରେ ହତ୍ୟାକଲେ । ନିଜାମ ଆନ୍ତର୍ଜାତିକ କ୍ଷେତ୍ରରେ ତାଙ୍କର ସ୍ଥିତି ଜାହିର କରିବାକୁ ଚେଷ୍ଟା ଚଳାଇଲେ । ସର୍ଦ୍ଦାର ପଟେଲ ନିଜାମଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପରେ କ୍ଷୁବ୍ଧ ହେଲେ । ହାଇଦ୍ରାବାଦ ଉପରେ 'ଅପରେସନ୍ ପୋଲୋ' ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ୧୯୪୮ ସେପ୍ଟେମ୍ବର ୧୩ ରୁ ୫ ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବହିନୀର ଅକ୍ତିଆରକୁ ଆସିଲା । ୧୯୪୯ ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ।

## ଅଧିମିଳନରୁ ଅଧିମିଶ୍ରଣ :

ଇଂରେଜମାନେ ଭାରତକୁ ସ୍ୱାଧୀନତା ପ୍ରଦାନ କରି ଫେରିଯିବା ପରେ ଭାରତୀୟମାନଙ୍କୁ ସ୍ୱାଧୀନତାର ସୁଫଳ ପ୍ରଦାନ କରିବା, ଏବଂ ସର୍ବୋପରି ସମ୍ପୂର୍ଣ୍ଣ ଭାରତକୁ ଏକତ୍ରକରି ଏକ ଶକ୍ତିଶାଳୀ ସାର୍ବଭୌମ ରାଷ୍ଟ୍ରରେ ପରିଣତ କରିବା ଥିଲା ଭାରତ ସରକାରଙ୍କ ଦାୟିତ୍ୱ । ଭାରତର ନେତୃବୃନ୍ଦ ଓ ଜନସାଧାରଣ ଅନୁଭବ କଲେ ଯେ ଭାରତ ଭିତରେ ଯଦି ପାଞ୍ଚଶହରୁ ଉର୍ଦ୍ଧ୍ୱ ଦେଶୀୟ ରାଜା ସେମାନଙ୍କ ପୃଥକ ରାଜନୈତିକ ସ୍ଥିତି ଜାହିର୍ କରନ୍ତି ତା'ହେଲେ ଭାରତକୁ ଏକ ଶକ୍ତିଶାଳୀ ସାର୍ବଭୌମ ଦେଶରେ ପରିଣତ କରିବା ସମ୍ଭବ ହେବନହିଁ । ଦେଶୀୟ ରାଜ୍ୟମାନଙ୍କର ପ୍ରଜାମାନେ ମଧ୍ୟ ରାଜାମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କଲେ । ଅନେକ ଦେଶୀୟ ରାଜ୍ୟରେ ପ୍ରଜାମଣ୍ଡଳ ସକ୍ରିୟ ହୋଇ ଉଠିଲା ।

କେନ୍ଦ୍ର ସରକାର ଓ କଂଗ୍ରେସ ନେତୃବୃନ୍ଦ ଦେଶୀୟ ରାଜ୍ୟମାନଙ୍କରେ ଏହି ପ୍ରକାର ଶାସକ ବିରୋଧୀ ଜନ ଆନ୍ଦୋଳନଜନିତ ସୁଯୋଗ ହାତଛଡ଼ା କରିବାକୁ ଚାହିଁଲେ ନାହିଁ ।

**ତୁମେ ଜାଣିଛ କି ?**

*ପ୍ରଜାମଣ୍ଡଳ ହେଉଛି ଦେଶୀୟ ରାଜ୍ୟରେ ବସବାସ କରୁଥିବା ପ୍ରଜାମାନଙ୍କର ଏକ ସଂଗଠନ । ଏମାନେ ରାଜ୍ୟମାନଙ୍କର ଅନୀତି, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ଦେଶୀୟ ରାଜ୍ୟର ପ୍ରଜାମାନେ ଏପରି ଉତ୍ପୀଡ଼ିତ ଅବସ୍ଥାରେ ଥିଲେ ଯେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ଅବକାଶ ସେମାନଙ୍କର  ନ ଥିଲା । ତେବେ କେତେକ ସ୍ଥାନରେ ସେମାନେ ଭାରତର ସ୍ୱାଧୀନତା ପାଇଁ ମଧ୍ୟ ଅଣ୍ଟା ଭିଡ଼ିଥିଲେ ।*

ମିଳନ ପତ୍ରରେ ଉଲ୍ଲେଖଥିବା ପ୍ରତିରକ୍ଷା, ବୈଦେଶିକ ବିଭାଗ ଓ ଯୋଗାଯୋଗକୁ ଛାଡ଼ି ଅନ୍ୟ ସମସ୍ତ କ୍ଷେତ୍ରରେ ଦେଶୀୟ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସ୍ଥିତି ପ୍ରଦାନ କରିବାକୁ ଭାରତ ସରକାର ଅନୁବନ୍ଧିତ ଥିଲେ । କିନ୍ତୁ ଭାରତ ସରକାର ଅନୁଭବ କଲେ ଯେ ମିଳନ ନୁହେଁ ଅଧିଗ୍ରହଣ ଓ ସମ୍ପୂର୍ଣ୍ଣ ମିଶ୍ରଣ ହେଉଛି ଦେଶୀୟ ରାଜ୍ୟ ସମସ୍ୟାର ଏକମାତ୍ର ସମାଧାନ । ଦେଶୀୟ ରାଜ୍ୟମାନଙ୍କରେ ପ୍ରଜାଆନ୍ଦୋଳନ ଏ ଦିଗରେ ଭାରତ ସରକାରଙ୍କୁ ଅଧିକ ଉତ୍ସାହିତ କଲା । ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହିତ ସର୍ବାନ୍ତକରଣରେ ମିଶ୍ରଣ ପାଇଁ କ୍ଷେତ୍ର ପ୍ରସ୍ତୁତ ହେଲା । ସ୍ୱାଧୀନତା ପ୍ରାପ୍ତି ପରଠାରୁ ୧୯୫୦ ମସିହା ପର୍ଯ୍ୟନ୍ତ ଭାରତ ସରକାର ଦେଶୀୟ ରାଜ୍ୟଗୁଡ଼ିକୁ ଭାରତ ସହିତ ସର୍ବାନ୍ତକରଣରେ ମିଶାଇ ଦେଇ ସମସ୍ତ ଭାରତବାସୀଙ୍କୁ ଗୋଟିଏ ଗଣତାନ୍ତ୍ରିକ ସମ୍ବିଧାନର ପରିଧି ଭିତରକୁ ଆଣିବା ଦିଗରେ କାର୍ଯ୍ୟକଲେ । ଭାରତ ସରକାରଙ୍କ ଏହି କାର୍ଯ୍ୟର ନେତୃତ୍ୱ ନେଇଥିଲେ ତତ୍‌କାଳୀନ ଗୃହ ଓ ଦେଶୀୟ ରାଜ୍ୟସମୂହ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ । ଏହି କାର୍ଯ୍ୟରେ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଶୀୟ ରାଜ୍ୟ ସମୂହ ବିଭାଗର ପ୍ରମୁଖ ସଚିବ ଭି.ପି. ମେନନଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବସ୍ତୁତଃ ସେହିଁ ଥିଲେ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟର ପ୍ରଧାନ ଯୋଗସୂତ୍ର ।

ପ୍ରଥମେ ଛୋଟ ଛୋଟ ଦେଶୀୟ ରାଜ୍ୟମାନଙ୍କୁ ଭାରତ ସହିତ ସର୍ବାନ୍ତକରଣରେ ମିଶାଇ ଦିଆଯିବା ପାଇଁ ସ୍ଥିର ହେଲା ।



**(ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ)**

ଅବଶ୍ୟ ଭାରତ ସରକାରଙ୍କ ଏପରି କାର୍ଯ୍ୟ ମିଳନ ପତ୍ରର ବିରୋଧ କରୁଥିଲା । ମିଳନ ପତ୍ରରେ ଦେଶୀୟ ରାଜ୍ୟମାନଙ୍କର ସ୍ୱତନ୍ତ୍ର ସ୍ଥିତିକୁ ସ୍ୱୀକାର କରାଯାଇଥିଲା କିନ୍ତୁ ବର୍ତ୍ତମାନ ସେଗୁଡ଼ିକୁ ଭାରତ ସହିତ ମିଶାଇ ଦିଆଯିବା ପାଇଁ ନିଷ୍ପତ୍ତି ନିଆଗଲା । ପଟେଲ ଓ ମେନନ ଏପରି ପୂର୍ଣ୍ଣ ମିଶ୍ରଣ ସପକ୍ଷରେ କିଛି ଯୁକ୍ତି ଉପସ୍ଥାପନ କଲେ । ସେଗୁଡ଼ିକ ହେଲା

୧. ମିଶ୍ରଣ ନ ହେଲେ ରାଜ୍ୟମାନଙ୍କର ଆର୍ଥିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ,

୨. ରାଜ୍ୟମାନଙ୍କରେ ଗଣତନ୍ତ୍ର ପରିବର୍ତ୍ତେ ରାଜତନ୍ତ୍ର ଚାଲିଲେ ପ୍ରଜାମାନେ ବିଦ୍ରୋହ କରିବେ ଓ ଅରାଜକତା ବ୍ୟାପିଯିବ,

୩. ଅର୍ଥବ୍ୟବସ୍ଥା ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳଥିବା ରାଜ୍ୟମାନେ ସ୍ୱାଧୀନ ଭାବରେ କୌଣସି ଜନହିତକର କାର୍ଯ୍ୟ କରିପାରିବେ ନାହିଁ,

୪. ଭାରତ ଭିତରେ ଅବାଧ ବାଣିଜ୍ୟ ବ୍ୟବସାୟ ବାଧାପ୍ରାପ୍ତ ହେବ,

୫. ଅପରାଧୀମାନଙ୍କୁ ଦମନ କରିବା ସମ୍ଭବ ହେବନାହିଁ କାରଣ ସେମାନେ ଦେଶୀୟ ରାଜ୍ୟମାନଙ୍କରେ ଆତ୍ମଗୋପନ କରିବେ,

୬. ଏକ ପୂର୍ଣ୍ଣାଙ୍ଗ ରାଜନୀତିକ ଭାରତ ଗଠିତ ନ ହୋଇପାରିବା ଦ୍ୱାରା ଭାରତୀୟ ଜାତୀୟତା ବିଭିନ୍ନ ଭାବରେ ପ୍ରତିହତ ହେବ,

୭. ସ୍ୱାଧୀନ ଭାରତର ସୁଫଳ ଲୋକମାନଙ୍କୁ ମିଳିବ ନାହିଁ ।

ନେହେରୁ ଓ ପଟେଲ ଅଧିଗ୍ରହଣ କାର୍ଯ୍ୟକୁ ମାଉଣ୍ଟବ୍ୟାଟେନଙ୍କ କାର୍ଯ୍ୟକାଳ ସମାପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଇଚ୍ଛା ପ୍ରକଟ କରିଥିଲେ। କିନ୍ତୁ ଓଡ଼ିଶାର ନୀଳଗିରିରେ ଏକ ଜନଜାତି ଆନ୍ଦୋଳନ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଦେଲା। ବସ୍ତୁତଃ ଭାରତ ସହିତ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟ ଓଡ଼ିଶାରୁ ହିଁ ଆରମ୍ଭ ହେଲା। ୧୯୪୭ ମସିହା ଡିସେମ୍ବର ମାସରେ ପୂର୍ବ ଭାରତ ଏଜେନ୍‌ସି ଓ ଛତିଶଗଡ଼ ଏଜେନ୍‌ସି ଅଧୀନସ୍ଥ ଦେଶୀୟ ରାଜାମାନେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ଏବଂ ସେମାନେ ଓଡ଼ିଶା, ମଧ୍ୟ ପ୍ରଦେଶ ଓ ବିହାର ସହିତ ୧୯୪୮ ମସିହା ଜାନୁଆରୀ ୧ ତାରିଖଠାରୁ ମିଶିଗଲେ। ସେହି ବର୍ଷ ଗୁଜୁରାଟ ଓ ଦକ୍ଷିଣରେ ଥିବା ୬୬ଟି ଦେଶୀୟ ରାଜ୍ୟ ତତ୍‌କାଳୀନ ବମ୍ବେ ପ୍ରଦେଶ ସହିତ ମିଶିଗଲା। କୋହ୍ଲାପୁର ଓ ବରୋଦା ଭଳି ଦୁଇଟି ବଡ଼ ରାଜ୍ୟ ମଧ୍ୟ ବମ୍ବେ ସହିତ ମିଶିଗଲେ। ଅନେକ ଛୋଟବଡ଼ ରାଜ୍ୟ ତତ୍‌କାଳୀନ ମାନ୍ଦ୍ରାଜ, ପୂର୍ବ ପଞ୍ଜାବ, ଉତ୍ତର ପ୍ରଦେଶ, ପଶ୍ଚିମ ବଙ୍ଗ ଓ ଆସାମ ପ୍ରଦେଶ ସହିତ ମିଶିଗଲେ। ପଞ୍ଜାବର ପାର୍ବତ୍ୟ ରାଜ୍ୟ ଏଜେନ୍‌ସିର ୩୦ଟି ରାଜ୍ୟକୁ ମିଶାଇ ହିମାଚଳ ପ୍ରଦେଶ ଗଠିତ ହେଲା।

### ମିଶ୍ରଣ ଚୁକ୍ତିର ସର୍ତ୍ତ :

ଏହି ମିଶ୍ରଣ ଚୁକ୍ତି (Merger Agreement) ଅନୁଯାୟୀ ଦେଶୀୟ ରାଜାମାନେ ଶାସନ ସମ୍ପର୍କିତ ସମସ୍ତ କ୍ଷମତା ସମ୍ପୂର୍ଣ୍ଣଭାବେ ଭାରତ ସରକାରଙ୍କୁ ହସ୍ତାନ୍ତର କଲେ। ଦେଶୀୟ ରାଜ୍ୟମାନଙ୍କର କୌଣସି ସ୍ୱତନ୍ତ୍ର ସ୍ଥିତି ରହିଲା ନାହିଁ। ରାଜ୍ୟ ହରାଇଥିବା ରାଜାମାନଙ୍କ ପାଇଁ ବାର୍ଷିକ ପେନସନ ବ୍ୟବସ୍ଥା କରାଗଲା । ଏହାକୁ ରାଜାଙ୍କ ହାତପାଣ୍ଠି ବୋଲି କୁହାଗଲା। ଏହି ପାଣ୍ଠି ରାଜ୍ୟରୁ ଆଦାୟ ହେଉଥିବା ରାଜସ୍ୱ ଭିତ୍ତିରେ ସ୍ଥିରୀକୃତ ହୋଇଥିଲା। ରାଜାମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି, ରାଜପ୍ରାସାଦ ତଥା ପଦ ପଦବୀ ସେମାନଙ୍କ ପାଇଁ ସୁରକ୍ଷିତ ରହିଲା। ଏଗୁଡ଼ିକୁ ବଂଶାନୁକ୍ରମିକ ଭାବରେ ସେମାନଙ୍କର ବଂଶଧର ଭୋଗଦଖଲ କରିବେ ବୋଲି ସ୍ଥିର ହେଲା। ଦେଶୀୟ ରାଜ୍ୟର କର୍ମଚାରୀମାନଙ୍କୁ ପ୍ରାଦେଶିକ ସରକାରମାନେ ସେମାନଙ୍କ କର୍ମଚାରୀ ଭାବରେ ଗ୍ରହଣ କଲେ।

କେତେକ ଦେଶୀୟ ରାଜ୍ୟ 'ମିଶ୍ରଣ ଅଂଗୀକାରପତ୍ର' ରେ ସ୍ୱାକ୍ଷର କଲେ। ସେମାନଙ୍କୁ ମଧ୍ୟ ହାତପାଣ୍ଠି ସହିତ ଅନ୍ୟାନ୍ୟ ସୁବିଧାସୁଯୋଗ ପ୍ରଦାନ କରାଗଲା। ଏହି ପ୍ରକ୍ରିୟାରେ କଟିହାର ଉପଦ୍ୱୀପର ଦୁଇ ଶହ ବାଇଶଟି ରାଜ୍ୟକୁ ମିଶାଇ ସର୍ଦ୍ଦାର ପଟେଲ ୧୯୪୮ ମସିହା ଜାନୁଆରୀ ମାସରେ ସୌରାଷ୍ଟ୍ର ଦେଶୀୟ ରାଜ୍ୟ ସଂଘ ଗଠନ କଲେ। ପରେ ଏହି ସଂଘରେ ଆଉ ଛ'ଟି ରାଜ୍ୟ ଯୋଗଦେଲେ। ୧୯୪୮ ମସିହା ମେ ମାସରେ ଗୋଓ୍ୱାଲିଅର, ଇନ୍ଦୋର ଓ ଅଠରଟି ଛୋଟ ରାଜ୍ୟକୁ ନେଇ ମଧ୍ୟ ଭାରତ ଆତ୍ମ ପ୍ରକାଶ କଲା। ୧୯୪୮ ଜୁଲାଇରେ ପଟିଆଲା, କପୁରତାଲା, ଜିନ୍ଦ, ନାଭା, ଫରିଦକୋଟ, ମାଲେରକୋଟଲା, ନଲାରଗଡ଼ ଓ କଲସିଆକୁ ନେଇ ପୂର୍ବ ପଞ୍ଜାବ ରାଜ୍ୟ ସଂଘ ପ୍ରତିଷ୍ଠା ହେଲା। ୧୯୪୯ ମସିହା ମେ ମାସରେ ଅନେକ ଦେଶୀୟ ରାଜ୍ୟକୁ ସମ୍ମିଳିତ କରି ରାଜସ୍ଥାନ ମିଳିତ ପ୍ରଦେଶର ସୃଷ୍ଟି କରାଗଲା। ତ୍ରିବାଙ୍କୁଡ଼ ଓ କୋଚିନ ୧୯୪୯ର ମଧ୍ୟ ଭାଗରେ 'ମିଶ୍ରଣ ଅଂଗୀକାର' ପତ୍ରରେ ସ୍ୱାକ୍ଷର କଲେ। କେବଳ ତିନିଟି ଦେଶୀୟ ରାଜ୍ୟ ଯଥା କାଶ୍ମୀର, ମହୀଶୂର ଓ ହାଇଦ୍ରାବାଦ କୌଣସି ଚୁକ୍ତିପତ୍ରରେ ସ୍ୱାକ୍ଷର କରିନଥିଲେ।

### ଗଣତନ୍ତ୍ରୀକରଣ :

ମିଶ୍ରଣପରେ ଏହି ସବୁ ରାଜ୍ୟରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଗଲା। ଦେଶୀୟ ରାଜ୍ୟର ପ୍ରଜାମାନଙ୍କୁ ସୁଶାସନ ପ୍ରଦାନ ପାଇଁ ପ୍ରାଦେଶିକ ସରକାରମାନେ ବିହିତ ବ୍ୟବସ୍ଥା ଗ୍ରହଣ କଲେ। ପ୍ରାଦେଶିକ ଶାସନର ଅନୁରୂପ ଶାସନ ରାଜ୍ୟମାନଙ୍କୁ ସମ୍ପ୍ରସାରଣ କରାଗଲା। କେନ୍ଦ୍ରୀୟ ଆଇନ ଓ ପ୍ରାଦେଶିକ ଆଇନ ଦେଶୀୟ ରାଜ୍ୟ ଗୁଡ଼ିକରେ ମଧ୍ୟ ପ୍ରଚଳନ କରାଗଲା। ସମୟକ୍ରମେ ଦେଶୀୟ ରାଜ୍ୟର ପ୍ରଜାମାନେ ମହାଭାରତୀୟ ଜାତୀୟ ସ୍ରୋତରେ ସାମିଲ ହୋଇଗଲେ।

ଗଣତନ୍ତ୍ରୀକରଣ ସହିତ ଦେଶୀୟ ରାଜ୍ୟଗୁଡ଼ିକୁ ସମୟକ୍ରମେ କେନ୍ଦ୍ରାଭିମୁଖୀ କରାଗଲା ଓ ସେମାନଙ୍କୁ ଭାରତୀୟ ସମ୍ବିଧାନର ପରିଧିମଧ୍ୟକୁ ଅଣାଗଲା ପରେ

୧୯୫୬ ମସିହାରେ ରାଜ୍ୟ ପୁନର୍ଗଠନ ଆଇନଦ୍ୱାରା ସେମାନଙ୍କୁ ରାଜ୍ୟମାନଙ୍କ ସହିତ ମିଶାଇ ଦିଆଗଲା ।

ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହିତ ମିଶ୍ରଣ ପ୍ରକ୍ରିୟାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନେକ ଦୃଢ଼ ପଦକ୍ଷେପ ନେଇଥିଲେ । ତାଙ୍କର କୂଟନୈତିକ ପାରଦର୍ଶିତା, ଏବଂ ରାଜନୀତିକ ବିଚକ୍ଷଣତା ବଳରେ ଭାରତକୁ ଏକତ୍ର କରିବାରେ ତାଙ୍କର ସଫଳତା ଯୋଗୁଁ କେହି କେହି ତାଙ୍କୁ 'ଭାରତର ବିସ୍‌ମାର୍କ' ବୋଲି କହନ୍ତି । ତାଙ୍କର ବଳିଷ୍ଠ ନେତୃତ୍ୱ ଓ ଦୃଢ଼ ବ୍ୟକ୍ତିତ୍ୱ ଯୋଗୁଁ ତାଙ୍କୁ 'ଲୌହ ମାନବ'ର ଆଖ୍ୟା ଦିଆଯାଇଛି ।

**ତୁମେ ଜାଣିଛ କି ?**

*ଅଟୋ ଭନ ବିସ୍‌ମାର୍କ ଜର୍ମାନ ମାନଙ୍କୁ ଏକତ୍ର କରି ଜର୍ମାନୀ ରାଷ୍ଟ୍ର ଗଠନ କରିଥିଲେ ।*

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଲର୍ଡ଼ ମାଉଣ୍ଟବ୍ୟାଟେନ୍ କେବେ ଓ କାହିଁକି ରାଜନ୍ୟ ମଣ୍ଡଳୀର ବୈଠକ ଡକାଇଥିଲେ ଏବଂ ସେଠାରେ ସେ ଦେଶୀୟ ରାଜାମାନଙ୍କୁ ଭାରତ ସହିତ ମିଶିବା ପାଇଁ କିପରି ଅନୁପ୍ରାଣିତ କରିଥିଲେ ?

(ଖ) ମିଳନ ପତ୍ରରେ କ'ଣ ବ୍ୟବସ୍ଥା ଥିଲା ଏବଂ ଏହାକୁ ଦେଶୀୟ ରାଜାମାନେ କିପରି ଗ୍ରହଣ କଲେ ?

(ଗ) କେଉଁ ପରିସ୍ଥିତିରେ କାଶ୍ମୀରର ରାଜା ହରି ସିଂ ମିଳନ ପତ୍ରରେ ସ୍ୱାକ୍ଷର କଲେ ?

(ଘ) ପଟେଲ୍ ଓ ମେନନ୍ ପୂର୍ଣ୍ଣ ମିଶ୍ରଣ ସପକ୍ଷରେ କି କି ଯୁକ୍ତି ଉପସ୍ଥାପନ କଲେ ?

(ଙ) ମିଶ୍ରଣ ଚୁକ୍ତିର ସର୍ତ୍ତଗୁଡ଼ିକ କ'ଣ ଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଟି ଶବ୍ଦରେ ଲେଖ ।**

(କ) ଭାରତର ସ୍ୱାଧୀନତା ପରେ ଦେଶୀୟ ରାଜ୍ୟଗୁଡ଼ିକର ଅବସ୍ଥା କିପରି ଥିଲା ?

(ଖ) ଭାରତ ସ୍ୱାଧୀନତା ଆଇନରେ ରାଜ୍ୟ ସମ୍ପର୍କରେ କି ବ୍ୟବସ୍ଥା ରହିଥିଲା ?

(ଗ) ଜୁନାଗଡ଼ ଦେଶୀୟ ରାଜ୍ୟ କିପରି ଭାରତରେ ମିଶିଲା ?

(ଘ) କିଏ ହାଇଦ୍ରାବାଦର ନିଜାମ୍ ଥିଲେ ଏବଂ କେଉଁ ସଂଗଠନ ତାଙ୍କୁ ସମର୍ଥନ କରିଥିଲା ?

(ଙ) ହାଇଦ୍ରାବାଦ କିପରି ଭାରତ ସହିତ ମିଶିଲା ?

(ଚ) ରାଜାଙ୍କ ହାତପାଣ୍ଠି କ'ଣ ଏବଂ ଏହା କିପରି ସ୍ଥିରୀକୃତ ହୋଇଥିଲା ?

(ଛ) ସର୍ଦ୍ଦାର ପଟେଲ୍ କିପରି ସୌରାଷ୍ଟ୍ର ଦେଶୀୟ ରାଜ୍ୟସଂଘ ଗଠନ କଲେ ?

(ଜ) ପୂର୍ବ ପଞ୍ଜାବ ରାଜ୍ୟସଂଘ କିପରି ଗଠିତ ହୋଇଥିଲା ?

(ଝ) କେଉଁ ରାଜ୍ୟଗୁଡ଼ିକ ଦେଶ ମିଶ୍ରଣ ଅଙ୍ଗୀକାରରେ ସ୍ୱାକ୍ଷର କରି ନଥିଲେ ?

(ଞ) ସର୍ଦ୍ଦାର ପଟେଲ୍‌ଙ୍କୁ କାହିଁକି ଭାରତର ବିସ୍‌ମାର୍କ ଓ ଲୌହ ମାନବ କୁହାଯାଏ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଦେଶୀୟ ରାଜ୍ୟ ବିଭାଗ ସୃଷ୍ଟି ପରେ କିଏ ଏହାର ମନ୍ତ୍ରୀ ହେଲେ ?

(ଖ) ଭି.ପି. ମେନନ୍ କିଏ ଥିଲେ ?

(ଗ) ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ସମ୍ପର୍କରେ କେବେ ନେହେରୁ ଓ ପଟେଲ୍ ଲର୍ଡ଼ ମାଉଣ୍ଟବ୍ୟାଟେନ୍‌ଙ୍କୁ ସାକ୍ଷାତ କରିଥିଲେ ?

(ଘ) କିଏ ମିଳନ ପତ୍ର ପ୍ରସ୍ତୁତ କରିଥିଲେ ?

(ଙ) ହନ୍ମନ୍ତ ସିଂହ କିଏ ଥିଲେ ?

(ଚ) ଜାମ୍ମୁ-କାଶ୍ମୀର ରାଜାଙ୍କର ପ୍ରସ୍ତାବକୁ କିଏ ପ୍ରତ୍ୟାଖ୍ୟାନ କରିଥିଲେ ?

(ଛ) ଭାରତୀୟ ସମ୍ବିଧାନର କେଉଁ ଧାରାରେ ଜାମ୍ମୁ-କାଶ୍ମୀର ପାଇଁ ବିଶେଷ ବ୍ୟବସ୍ଥା ରହିଲା ?

(ଜ) ଅପରେସନ୍ 'ପୋଲୋ' କେଉଁ ଦେଶୀୟ ରାଜ୍ୟପାଇଁ ପ୍ରଯୁଜ୍ୟ ଥିଲା ?

(ଝ) ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟ କେଉଁଠାରେ ଆରମ୍ଭ ହୋଇଥିଲା ?

(ଞ) ଓଡ଼ିଶାରୁ କିଏ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟରେ ପଟେଲଙ୍କୁ ସାହାଯ୍ୟ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ।**

(କ) ସ୍ୱାଧୀନତା ପ୍ରାପ୍ତି ବେଳକୁ କିଏ ଭାରତର ପ୍ରଧାନମନ୍ତ୍ରୀ ଥିଲେ ?

(i) ଲର୍ଡ଼ ମାଉଣ୍ଟବ୍ୟାଟେନ୍ (ii) ଜବାହରଲାଲ ନେହେରୁ

iii) ମହମ୍ମଦ ଅଲ୍ଲୀ ଜୀନ୍ନା (iv) ବଲ୍ଲଭଭାଇ ପଟେଲ

(ଖ) ମିଳନ ପତ୍ରର ସର୍ତ୍ତ ଅନୁଯାୟୀ ଦେଶୀୟ ରାଜାମାନଙ୍କୁ କେଉଁ କ୍ଷମତା ଭାରତ ସରକାରଙ୍କୁ ହସ୍ତାନ୍ତର କରିବାକୁ ପଡୁଥିଲା ?

(i) ଗୃହ, ପ୍ରତିରକ୍ଷା ଓ ଅର୍ଥ

(ii) ବୈଦେଶିକ ବ୍ୟାପାର, ଯୋଗାଯୋଗ ଓ ଶିକ୍ଷା

(iii) ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ

(iv) ପ୍ରତିରକ୍ଷା, ଗୃହ ଓ ବୈଦେଶିକ ବ୍ୟାପାର

(ଗ) କେଉଁ ଦେଶୀୟ ରାଜ୍ୟଟି ତତ୍କାଳୀନ ବମ୍ବେ ପ୍ରଦେଶ ସହିତ ମିଶି ଯାଇଥିଲା ?

(i) ଗୋଆଲିଅର୍ (ii) ଇଂଦୋର୍

(iii) କୋହ୍ଲାପୁର (iv) ନଲାରଗଡ଼

(ଘ) ପଞ୍ଜାବ ପାର୍ବତ୍ୟ ରାଜ୍ୟ ଏଜେନ୍‌ସିର କେତେ ଗୋଟି ରାଜ୍ୟକୁ ନେଇ ହିମାଚଳ ପ୍ରଦେଶ ଗଠିତ ହୋଇଥିଲା ?

(i) ୬୬ (ii) ୩୦ (iii) ୬ (iv) ୧୮

(ଙ) କେବେ ରାଜ୍ୟ ପୁନର୍ଗଠିତ ଆଇନ ପ୍ରବର୍ତ୍ତିତ ହେଲା ?

(i) ୧୯୪୭ (ii) ୧୯୪୮

(iii) ୧୯୪୯ (iv) ୧୯୫୬

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

## ଦ୍ୱିତୀୟ ପାଠ

# ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟମାନଙ୍କର ମିଶ୍ରଣ


ଭୌଗୋଳିକ ଦୃଷ୍ଟିକୋଣରୁ ବ୍ରିଟିଶ ଓଡ଼ିଶା ସୀମାସହ ମିଶିରହିଥିବା ଓଡ଼ିଆ ଭାଷାଭାଷୀ ଗଡ଼ଜାତ ମାନଙ୍କର ସଂଖ୍ୟା ଥିଲା ଛବିଶ। ଏହି ଗଡ଼ଜାତ ବା ଦେଶୀୟ ରାଜ୍ୟଗୁଡ଼ିକୁ ସେମାନଙ୍କର ଆୟତନ ଦୃଷ୍ଟିରୁ 'କ', 'ଖ' ଓ 'ଗ' ଭାବରେ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥିଲା।

'କ' ଶ୍ରେଣୀଭୁକ୍ତ ଗଡ଼ଜାତଗୁଡ଼ିକର ସଂଖ୍ୟାଥିଲା ଏଗାର। ସେଗୁଡ଼ିକ ହେଲା (୧) ଢେଙ୍କାନାଳ (୨) କେନ୍ଦୁଝର (୩) ମୟୂରଭଞ୍ଜ (୪) ବାମଣ୍ଡା (୫) ବୌଦ (୬) ଗାଂଗପୁର (୭) ପାଟଣା (୮) କଳାହାଣ୍ଡି (୯) ସୋନପୁର (୧୦) ଷଢ଼େଇକଳା (୧୧) ନୟାଗଡ଼।

'ଖ' ଶ୍ରେଣୀ ଭୁକ୍ତ ବାରଟି ଗଡ଼ଜାତ ଥିଲେ (୧) ଆଠଗଡ଼ (୨) ବଡ଼ମ୍ବା (୩) ନରସିଂହପୁର (୪) ଆଠମଲ୍ଲିକ (୫) ହିନ୍ଦୋଳ (୬) ଦଶପଲ୍ଲା (୭) ଖଣ୍ଡପଡ଼ା (୮) ଖରସୁଆଁ (୯) ରେଢ଼ାଖୋଲ (୧୦) ତାଳଚେର (୧୧) ସମ୍ବଲପୁର (୧୨) ନୀଳଗିରି।

ଅନ୍ୟ ତିନୋଟି ଗଡ଼ଜାତ 'ଗ' ଶ୍ରେଣୀଭୁକ୍ତ ଥିଲା। ସେଗୁଡ଼ିକ ହେଲା (୧) ପାଲଲହଡ଼ା (୨) ତିଗିରିଆ (୩) ରଣପୁର।

ଏହି ଦେଶୀୟ ରାଜ୍ୟଗୁଡ଼ିକ ବ୍ରିଟିଶ ସର୍ବୋଚ୍ଚ ଶକ୍ତିର ଛତ୍ରଛାୟା ତଳେ ସୁରକ୍ଷିତ ଥିଲେ। ତେବେ ଏଥି ମଧ୍ୟରୁ ଅଧିକାଂଶ ଦେଶୀୟ ରାଜ୍ୟର ଶାସନ ପଦ୍ଧତି ତଥା ଆଭ୍ୟନ୍ତରୀଣ ସାମାଜିକ ଓ ଆର୍ଥନୀତିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିଲା। କୁଶାସନର ମାତ୍ରା ଏତେ ଅଧିକ ଥିଲା ଯେ ଗଡ଼ଜାତର ପ୍ରଜାମାନେ ଅତି ଦୁଃଖ ଓ ହତାଶ ଭିତରେ କାଳାତିପାତ କରୁଥିଲେ। ସେମାନଙ୍କର ନିଜସ୍ୱ ସମସ୍ୟା ଏତେ ଅଧିକ ଥିଲା ଯେ ଗଡ଼ଜାତ ପରିଧି ବାହାରେ ଚାଲୁଥିବା ଜାତୀୟ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ସେମାନଙ୍କୁ ସ୍ପର୍ଶ କରିପାରି ନ ଥିଲା। ରାଜା, ରାଜପ୍ରତିନିଧି ଓ ରାଜ କର୍ମଚାରୀମାନେ ବିଭିନ୍ନ ଭାବରେ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ।



**(ଓଡ଼ିଶା ସହିତ ୨୬ଟି ଗଡ଼ଜାତର ମାନଚିତ୍ର)**

ଦେଶୀୟ ରାଜ୍ୟମାନଙ୍କରେ ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ପ୍ରଜା ମାରଣ ପ୍ରଥାର ପ୍ରଚଳନ ଥିଲା। ଏହିସବୁ ପ୍ରଥା ଯୋଗୁଁ ପ୍ରଜାମାନଙ୍କୁ ରାଜା ବା ରାଜକର୍ମଚାରୀମାନଙ୍କ ପାଇଁ ଶ୍ରମଦାନ ବା ଅର୍ଥଦାନ ବା ଦ୍ରବ୍ୟଦାନ କରିବାକୁ ପଡୁଥିଲା। ରାସ୍ତା, ରାଜପ୍ରସାଦ ପ୍ରଭୃତି ନିର୍ମାଣ ପାଇଁ ପ୍ରଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନକୁ ବେଠି କୁହାଯାଉଥିଲା। ଗୋଟିଏ ଶିବିରରୁ ଅନ୍ୟ ଶିବିରକୁ ରାଜା ବା ରାଜକର୍ମଚାରୀମାନଙ୍କୁ ବିନା ପାଉଣାରେ ପାଲିଙ୍କି ନା ସବାରୀରେ ବୋହିବା ପ୍ରଥାକୁ ବେଗାରୀ କୁହାଯାଉଥିଲା। ରାଜକୀୟ ବିବାହ ଓ ଅନ୍ୟାନ୍ୟ ଉତ୍ସବ ସମୟରେ ପ୍ରଜାମାନେ ଅର୍ଥ ଓ ଦ୍ରବ୍ୟ ଆକାରରେ ଉପହାର ଦେୟ ପ୍ରଦାନ କରିବା ପ୍ରଥାକୁ ମାଗଣ କୁହାଯାଉଥିଲା। ରାଜା ଓ ରାଜକର୍ମଚାରୀମାନଙ୍କ ମଫସଲ ଗସ୍ତ ସମୟରେ ସେମାନଙ୍କ ଶିବିରରେ ମାଗଣା ଖାଦ୍ୟପେୟର ବନ୍ଦୋବସ୍ତ

କରିବା ପ୍ରଥାକୁ ରସଦ କୁହାଯାଉଥିଲା। ପର୍ବପର୍ବାଣି ବା ବିବାହ ସମୟରେ ରାଜଉଆସକୁ ଉପହାର ପଠାଇବା ପ୍ରଥାକୁ ଭେଟି କୁହାଯାଉଥିଲା।

> *ତୁମେ ଜାଣିଛ କି ?*
>
> *ଯେଉଁ ରଚନାଗୁଡ଼ିକ ଗଡ଼ଜାତ ରାଜ୍ୟଗୁଡ଼ିକର ଅବସ୍ଥା କଥା ଲୋକଲୋଚନକୁ ଆଣିଲେ ସେଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା ହେନେରୀ ରିକେଟଙ୍କ "ରିପୋର୍ଟସ୍ ଅନ୍ ଦି ଡିଷ୍ଟ୍ରିକ୍ଟସ୍ ଅଫ ମିଦିନାପୁର ଏଣ୍ଡ କଟକ", କହ୍ନେଇଲାଲ ଚୌବେଙ୍କ "ପ୍ୟାଥୋଲଜି ଅଫ ପ୍ରିନ୍ସ", ଘନଶ୍ୟାମ ମହାନ୍ତିଙ୍କ କବିତା ପୁସ୍ତକ ଦଶହରା ଭେଟି ଓ ବ୍ରଜକିଶୋର ଧଳଙ୍କ କବିତା ଭୁଲିବୁ ନାହିଁ।*

## ଗଡ଼ଜାତ ଶାସନ ବିରୋଧରେ ପ୍ରଜା ଆନ୍ଦୋଳନ :

ଓଡ଼ିଶା ଗଡ଼ଜାତରେ ଚାଲିଥିବା କୁଶାସନ, ଶୋଷଣ, ଅତ୍ୟାଚାର ବିରୋଧରେ ଗଡ଼ଜାତ ପ୍ରଜାମାନେ ୧୯୨୨ରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କଲେ। ଏହି ପ୍ରଜା ଆନ୍ଦୋଳନ ଢେଙ୍କାନାଳରେ ଆରମ୍ଭ ହୋଇଥିଲା। ୧୯୨୮ରେ ନୀଳଗିରିରେ ପ୍ରଜା ବିଦ୍ରୋହ ଆରମ୍ଭ ହେଲା। ୧୯୩୦ରେ ବୌଦରେ ଓ ୧୯୩୨ରେ ତାଳଚେରରେ ପ୍ରଜା ଆନ୍ଦୋଳନ ଆରମ୍ଭ ହେଲା। ୧୯୩୧ ଜୁନ ୨୦ ତାରିଖ ଦିନ କଟକଠାରେ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ ଭୁବନାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା। ପ୍ରଜା ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ମଧ୍ୟ କଟକରେ ୧୯୩୭ ଜୁନ ୨୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନର ସଭାପତି ଥିଲେ ପଟ୍ଟାଭି ସୀତାରାମାୟା ଏବଂ ଆବାହକ ଥିଲେ ସାରଙ୍ଗଧର ଦାସ।

୧୯୩୭ ମସିହାରେ ଗଡ଼ଜାତ ପ୍ରଜାମାନଙ୍କର ଆନ୍ଦୋଳନାତ୍ମକ କାର୍ଯ୍ୟ ଭାରତୀୟ ଜାତୀୟ କଂଗ୍ରେସର ସମର୍ଥନ ଲାଭକଲା। ୧୯୩୮ ମସିହାରେ ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ନୀଳଗିରିରେ ପ୍ରଜାମଣ୍ଡଳ ଗଠିତ ହେଲା। ୧୯୩୮ରେ ଢେଙ୍କାନାଳରେ ଓ ୧୯୩୯ରେ ତାଳଚେରରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହେଲା। ପରେ ପରେ ଏହି ପ୍ରଜାମଣ୍ଡଳ ଆନ୍ଦୋଳନ ଗାଙ୍ଗପୁର, ରଣପୁର, ନୟାଗଡ଼, ବଣାଇ, ସୋନପୁର, ମୟୂରଭଞ୍ଜ, ପାଟଣା ଓ କଳାହାଣ୍ଡିକୁ ସଂପ୍ରସାରିତ ହେଲା। ନୀଳଗିରି, ଢେଙ୍କାନାଳ, ତାଳଚେର ଓ ରଣପୁରରେ ପ୍ରଜା ଆନ୍ଦୋଳନ ବିରାଟ ଆକାର ଧାରଣ କରିଥିଲା ।

## ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ ଥିଲା–

୧. ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ଅନ୍ୟାୟ ପ୍ରଥାକୁ ବନ୍ଦକରିବା,

୨. ପ୍ରଜାମାନଙ୍କୁ ଅଭିବ୍ୟକ୍ତିର ଅଧିକାର, ଗଣ ମାଧ୍ୟମର ସ୍ୱାଧୀନତା ଅଧିକାର, ସଂଘ ଗଠନ କରିବାର ଅଧିକାର ପ୍ରଭୃତି ମୌଳିକ ନାଗରିକ ଅଧିକାର ପ୍ରଦାନ କରିବା,

୩. ଚାଷଜମି ଉପରେ ରୟତର ଅଧିକାର ସମ୍ପର୍କିତ ସ୍ପଷ୍ଟ ନିୟମ ପ୍ରଚଳନ କରିବା,

୪. ଜଙ୍ଗଲଜାତ ଦ୍ରବ୍ୟର ସୁବିନିଯୋଗ ଓ ଆଦିବାସୀ ଜନଜାତିମାନଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ଉପଯୋଗ କରିବାର ଅଧିକାର ପ୍ରଦାନ କରିବା,

୫. ଏକଚାଟିଆ ବାଣିଜ୍ୟ କାରବାରକୁ ବନ୍ଦ କରିବା।

ଗଡ଼ଜାତମାନଙ୍କରେ ପ୍ରଜାମଣ୍ଡଳ ଆନ୍ଦୋଳନ ଚାଲୁଥିବାବେଳେ, ଓଡ଼ିଆ ଗଡ଼ଜାତମାନଙ୍କରେ ଶାସନବ୍ୟବସ୍ଥା କାର୍ଯ୍ୟକାରିତାର ତଦନ୍ତ କରିବାପାଇଁ ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହେଲା। ହରେକୃଷ୍ଣ ମହତାବ ଏହାର ଅଧ୍ୟକ୍ଷ ରହିଲେ। ଏହି କମିଟିରେ ସମ୍ପାଦକ ଥିଲେ ସାରଙ୍ଗଧର ଦାସ ଏବଂ ଅନ୍ୟ ଦୁଇ ଜଣ ସଭ୍ୟଥିଲେ ଲାଲ୍ ମୋହନ ପଟ୍ଟନାୟକ ଓ ବଳବନ୍ତରାୟ ମେହେଟ୍ଟା । ୧୯୩୯ ମସିହାରେ କମିଟି ତାଙ୍କର ବିବରଣୀ ପ୍ରକାଶ କଲେ। ଏଥିରେ ଗଡ଼ଜାତମାନଙ୍କରେ ଚାଲୁଥିବା କୁଶାସନର ସ୍ପଷ୍ଟ ଚିତ୍ର ସ୍ଥାନ ପାଇଥିଲା। ପ୍ରଜାମାନଙ୍କ ଦୁଃଖଦୁର୍ଦ୍ଦଶା ଓ ଗଡ଼ଜାତମାନଙ୍କର ଅରାଜକତା ବିଷୟରେ କମିଟି ତାଙ୍କ ବିବରଣୀରେ ଉଲ୍ଲେଖ କରିଥିଲେ। ଗଡ଼ଜାତମାନଙ୍କରେ ବିଧିବ୍ୟବସ୍ଥାର ପ୍ରଚଳନ ଓ ପ୍ରଜାମାନଙ୍କର ଦୁଃଖ ଲାଘବ ନିମନ୍ତେ କମିଟି

କେତୋଟି ପ୍ରସ୍ତାବ ମଧ୍ୟ ଦେଇଥିଲେ । ଗଡ଼ଜାତ ଶାସନ ଉପରେ ଅଧୀକ୍ଷଣ କ୍ଷମତା ବ୍ରିଟିଶ ରାଜପ୍ରତିନିଧିଙ୍କ ହାତରୁ ଆଣି ଓଡ଼ିଶା ସରକାରଙ୍କ ହାତରେ ନ୍ୟସ୍ତ କରାଯିବା ଥିଲା କମିଟିର ମୁଖ୍ୟ ପ୍ରସ୍ତାବ । ମହତାବ କମିଟିର ଏହି ବିବରଣୀକୁ ଓଡ଼ିଶା ସହିତ ଓଡ଼ିଆ ଭାଷାଭାଷୀ ଗଡ଼ଜାତ ମିଶ୍ରଣର ପ୍ରାଥମିକ ସୂଚନା ବୋଲି ଗ୍ରହଣ କରାଯାଏ ।



(ହରେକୃଷ୍ଣ ମହତାବ)

କେବଳ ବିବରଣୀ ପ୍ରସ୍ତୁତ କରି ଓ କିଛି ପ୍ରସ୍ତାବ ଦେଇ ହରେକୃଷ୍ଣ ମହତାବ ନୀରବ ରହିଲେ ନାହିଁ । ୧୯୩୯ ମସିହା ଅଗଷ୍ଟ ମାସରେ ସେ ଭାରତର ଭାଇସ୍‌ରାୟ ଲର୍ଡ ଲିନ୍‌ଲିଥ୍‌ଗୋଙ୍କୁ ସାକ୍ଷାତ କରି ଓଡ଼ିଶା ଗଡ଼ଜାତର ବ୍ୟବସ୍ଥା ସମ୍ପର୍କରେ ଅବଗତ କଲେ ଓ ଗଡ଼ଜାତ ଶାସନ ବ୍ୟବସ୍ଥା ସୁଧାରିବାପାଇଁ ଓଡ଼ିଶାର ପ୍ରାଦେଶିକ ସରକାରଙ୍କ ହସ୍ତକ୍ଷେପ ଜରୁରୀ ବୋଲି ତାଙ୍କୁ ବୁଝାଇଲେ । ଲିନଲିଥ୍‌ଗୋ ମହତାବଙ୍କ ଆଭିମୁଖ୍ୟକୁ ସମର୍ଥନ କଲେ ଏବଂ ଓଡ଼ିଶା ପ୍ରଦେଶ ଓ ଗଡ଼ଜାତମାନଙ୍କ ମଧ୍ୟରେ କୌଣସି ଭୌଗୋଳିକ ସୀମା ନାହିଁ ବୋଲି କହିଲେ । ଏହି ବିଷୟରେ ମହତାବ ୧୯୪୨ ମସିହାରେ ସାର ଷ୍ଟାଫୋର୍ଡ଼ କ୍ରିପସ୍‌ଙ୍କୁ ମଧ୍ୟ ସାକ୍ଷାତ କରିଥିଲେ । ୧୯୪୬ ମସିହା ଏପ୍ରିଲ୍ ୬ ତାରିଖରେ ଗଡ଼ଜାତ ମିଶ୍ରଣ ସପକ୍ଷରେ ଯୁକ୍ତି ବାଢ଼ିବା ପାଇଁ ସେ କ୍ୟାବିନେଟ ମିଶନକୁ ସାକ୍ଷାତ କରିଥିଲେ । ସେତେବେଳକୁ ହରେକୃଷ୍ଣ ମହତାବ ଓଡ଼ିଶାରେ ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳରେ ପ୍ରଧାନମନ୍ତ୍ରୀ ହେବାକଥା ସ୍ଥିର ହୋଇଥାଏ । କ୍ୟାବିନେଟ ମିଶନକୁ ଓଡ଼ିଶା କଂଗ୍ରେସ କମିଟି ତରଫରୁ ଦିଆଯାଇଥିବା ସ୍ମାରକ ପତ୍ରରେ ଓଡ଼ିଆ ଭାଷାଭାଷୀ ଛବିଶଟି ଗଡ଼ଜାତକୁ ଓଡ଼ିଶା ପ୍ରଦେଶ ସହିତ ସର୍ବାନ୍ତକରଣରେ ମିଶାଇ ଦିଆଯିବା ପାଇଁ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିଲା । କ୍ୟାବିନେଟ ମିଶନ ମଧ୍ୟ ମହତାବଙ୍କର ଏହି ମିଶ୍ରଣ ଆଭିମୁଖ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲେ । ଏ ବିଷୟରେ ମହତାବ ଗଡ଼ଜାତ ରାଜାମାନଙ୍କ ପାଖକୁ ୧୯୪୬ ମସିହାର ମେ ୧୦ ତାରିଖରେ ଓ ଜୁନ୍ ୨୯ ତାରିଖରେ ଦୁଇଥର ଚିଠି ଲେଖିଥିଲେ । ମହତାବଙ୍କ ଗଡ଼ଜାତ ମିଶ୍ରଣ ପ୍ରସ୍ତାବ ରାଜାମାନଙ୍କର ପସନ୍ଦ ହେଲାନାହିଁ ଓ ସେମାନେ ପ୍ରକାଶ୍ୟରେ ଏହାର ବିରୋଧ କଲେ । କଳାହାଣ୍ଡିର ମହାରାଜା ହରେକୃଷ୍ଣ ମହତାବଙ୍କୁ 'ପର୍ଶୁରାମ' ଆଖ୍ୟା ଦେଲେ ।

*ତୁମେ ଜାଣିଛ କି ?*

***ପର୍ଶୁରାମ ଥିଲେ ଜଣେ ପୌରାଣିକ ମହାନାୟକ । ଧରାପୃଷ୍ଠାରୁ କ୍ଷତ୍ରିୟମାନଙ୍କୁ ନିପାତ କରିବା ପାଇଁ ସେ ଅସ୍ତ୍ର ଧାରଣ କରିଥିଲେ । ସେ ଥିଲେ ବ୍ରାହ୍ମଣ, ମହାଭାରତର ଯୋଦ୍ଧା କର୍ଣ୍ଣଙ୍କୁ ସେ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଇଥିଲେ ।***

'ମିଶ୍ରଣ' ଶବ୍ଦଟି ଓଡ଼ିଶା ଗଡ଼ଜାତ ରାଜାମାନଙ୍କ ପାଇଁ ଶ୍ରୁତିକଟୁ ଥିଲା । ମହାତାବଙ୍କର ଏହି ଯୋଜନାକୁ ପଣ୍ଡ କରିବାକୁ ଯାଇ ଓଡ଼ିଶା ଓ ଛତିଶଗଡ଼ର ଅଣଚାଳିଶଟି ଦେଶୀୟ ରାଜା "ପୂର୍ବାଞ୍ଚଳ ଗଡ଼ଜାତ ସଂଘ" ନାମରେ ଏକ ସଂଗଠନ ଆରମ୍ଭ କଲେ । ଏହା ୧୯୪୭ ମସିହା ଅଗଷ୍ଟ ୧ ତାରିଖଠାରୁ କାର୍ଯ୍ୟକ୍ଷମ ହେଲା ।

୧୯୪୭ ଅଗଷ୍ଟ ୧୦ ତାରିଖ ଦିନ ପ୍ରଜାମଣ୍ଡଳର ଏକ ସମ୍ମିଳନୀ କଟକ ଠାରେ ଆହୂତ ହେଲା । ଏହି ସମ୍ମିଳନୀରେ ଛତିଶଗଡ଼ ଓ ଓଡ଼ିଶାରେ ଥିବା ଗଡ଼ଜାତ ମାନଙ୍କରୁ ଅନେକ ପ୍ରଜା ଯୋଗ ଦେଇଥିଲେ । ଏହାର ପାଞ୍ଚ ଦିନ ପରେ ଭାରତ ସ୍ୱାଧୀନ ହେବାର ଥିଲା । ଏହି ପୃଷ୍ଠଭୂମିରେ ମୁଖ୍ୟତଃ ଗଡ଼ଜାତମାନଙ୍କର ଭବିଷ୍ୟତ ସମ୍ବନ୍ଧରେ ସମ୍ମିଳନୀରେ ଆଲୋଚନା ହେଲା । ଓଡ଼ିଶାରେ ଥିବା ଗଡ଼ଜାତଗୁଡ଼ିକୁ ଓଡ଼ିଶା ସହିତ ମିଶାଇବା ଥିଲା ଏହି ସମ୍ମିଳନୀର ମୁଖ୍ୟ ପ୍ରସ୍ତାବ ।

> **ତୁମ ପାଇଁ କାମ**
>
> *ଗଡ଼ଜାତ ମିଶ୍ରଣ ଏବଂ ଅନ୍ୟାନ୍ୟ ବିଷୟରେ ହରେକୃଷ୍ଣ ମହତାବ ରଚନା କରିଥିବା ଇଂରାଜୀ ଓ ଓଡ଼ିଆ ପୁସ୍ତକଗୁଡ଼ିକ ନାମର ଏକ ତାଲିକା ପ୍ରସ୍ତୁତ କର ।*

ସ୍ୱାଧୀନତା ପ୍ରାପ୍ତିପରେ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଓଡ଼ିଆ ଭାଷାଭାଷୀ ଗଡ଼ଜାତମାନଙ୍କର ରାଜାମାନଙ୍କୁ ୧୯୪୭ ଅକ୍ଟୋବର ୧୬ରେ ସମ୍ବଲପୁରଠାରେ ଅନୁଷ୍ଠିତ ହେବାକୁଥିବା ସମ୍ମିଳନୀକୁ ନିମନ୍ତ୍ରଣ କଲେ । ଓଡ଼ିଶାର ଶାନ୍ତି ଶୃଙ୍ଖଳା, ପ୍ରାଶାସନିକ ସୁବିଧା ଓ ସାମୂହିକ ପ୍ରଗତି ପାଇଁ ଦେଶୀୟ ରାଜ୍ୟଗୁଡ଼ିକ ସର୍ବାନ୍ତକରଣରେ ଓଡ଼ିଶା ପ୍ରଦେଶ ସହିତ ମିଶିଯିବା ଉଚିତ ବୋଲି ଏହି ସମ୍ମିଳନୀରେ ମହତାବ ଯୁକ୍ତି ଉପସ୍ଥାପନ କରିଥିଲେ । କିନ୍ତୁ ଓଡ଼ିଶା ସହିତ ମିଶିଯିବାକୁ ମହତାବଙ୍କର ନିବେଦନ ପ୍ରତି ରାଜାମାନେ କର୍ଣ୍ଣପାତ କଲେ ନାହିଁ । ବୋଧହୁଏ ପ୍ରଜାମଣ୍ଡଳ ଆନ୍ଦୋଳନର ପରିଣାମ ଓ ସମୟର ପରିବର୍ତ୍ତିତ ଆହ୍ୱାନ ସମ୍ପର୍କରେ ସେମାନେ ଠିକ୍ କଳନା କରିନଥିଲେ ।

## ନୀଳଗିରିରୁ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ଆରମ୍ଭ :

ଯେତେବେଳେ ନେହେରୁ, ସର୍ଦ୍ଦାର ପଟେଲ ଓ ଭି.ପି. ମେନନ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିବାପାଇଁ ସମୟ ଓ ସୁଯୋଗର ଅପେକ୍ଷାରେ ଥିଲେ, ନୀଳଗିରିର ଘଟଣା ପ୍ରବାହ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା ।

> **ତୁମେ ଜାଣିଛ କି ?**
>
> *ନୀଳଗିରିର କ୍ଷେତ୍ରଫଳ ଥିଲା ୨୮୪ ବର୍ଗ ମାଇଲ ଓ ଜନସଂଖ୍ୟାଥିଲା ୭୩୧୦୯ । ଏହାର ଜନସଂଖ୍ୟାର ୧୫ ପ୍ରତିଶତ ଥିଲେ ଜନଜାତି ।*

ନୀଳଗିରିରେ ପ୍ରଜାମଣ୍ଡଳ ଯଥେଷ୍ଟ ସକ୍ରିୟ ଥିଲା । ଆନ୍ଦୋଳନକୁ ଦମନ କରିବାପାଇଁ ନୀଳଗିରି ରାଜା ତାଙ୍କର ପୋଲିସବାହିନୀକୁ ଶକ୍ତିଶାଳୀ କଲେ । ଗୁର୍ଖାମାନଙ୍କୁ ପୋଲିସ ବାହିନୀରେ ନିଯୁକ୍ତି ଦିଆଗଲା । ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦାନ କରିଥିବା ଲୋକମାନଙ୍କର ଘରଦ୍ୱାର ପୋଡ଼ି ସେମାନଙ୍କର ଧନସମ୍ପତ୍ତି ଲୁଣ୍ଠନ କରିବାକୁ ନୀଳଗିରି ରାଜା ସରଳ ଆଦିବାସୀମାନଙ୍କୁ ପ୍ରରୋଚିତ କରି ନିୟୋଜିତ କଲେ । ନୀଳଗିରିରେ ଅରାଜକତା ବ୍ୟାପିଗଲା ।

ଓଡ଼ିଶା ସରକାର ଭାରତ ସରକାରଙ୍କ ନିକଟକୁ ନୀଳଗିରିର ଉଦ୍‌ବେଗଜନକ ଆଇନ ଶୃଙ୍ଖଳା ପରିସ୍ଥିତି ଉଲ୍ଲେଖ କରି ବିବରଣୀ ପ୍ରେରଣ କଲେ । ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଦିଲ୍ଲୀରେ ଥାଆନ୍ତି । ସେ ପଟେଲଙ୍କ ସହିତ ବିଚାର ବିମର୍ଶ କଲେ । ଭାରତ ସରକାର ନିକଟସ୍ଥ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହାୟତାରେ ନୀଳଗିରିକୁ ଦଖଲ କରିନେବାକୁ ଓଡ଼ିଶା ସରକାରଙ୍କୁ କ୍ଷମତା ପ୍ରଦାନ କଲେ । ମହତାବଙ୍କ ଅନୁପସ୍ଥିତିରେ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ । ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରିକୁ ଓଡ଼ିଶା ସରକାର ଦଖଲ କରିନେଲେ । ନଭେମ୍ବର ଶେଷ ସୁଦ୍ଧା ସେଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ ହୋଇଗଲା । ଏହାଥିଲା ଭାରତରେ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟାର ଆରମ୍ଭ । ହାଇଦ୍ରାବାଦ ଦଖଲ ପରେ ଏହି ପ୍ରକ୍ରିୟାର ଯବନିକା ପତନ ହୋଇଥିଲା ।

> **ତୁମ ପାଇଁ କାମ**
>
> *ଓଡ଼ିଶାର ବିଭିନ୍ନ ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନରେ ନେତୃତ୍ୱ ନେଇଥିବା ବ୍ୟକ୍ତିମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।*

> **ତୁମେ ଜାଣିଛ କି ?**
>
> *ନୀଳଗିରି ମିଶ୍ରଣ ସମ୍ବନ୍ଧରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ,*
>
> *ଶହ ଶହ ବର୍ଷ ପୂର୍ବେ ଏହି କଳିଙ୍ଗ ଜଣେ ଦୁର୍ଦ୍ଧର୍ଷ ସମ୍ରାଟ ଅଶୋକଙ୍କ ମନରେ ବିରାଟ ପରିବର୍ତ୍ତନ ଆଣିଥିଲା । ସେ ଜଣେ ପ୍ରଜାହିତୈଷୀ ଶାସକ ଭାବରେ ବିଶ୍ୱ ଇତିହାସରେ ପରିଚିତ ହେଲେ । କିଏ ହୁଏତ ସ୍ୱପ୍ନରେ ସୁଦ୍ଧା ଭାବି ନଥିବ ବା କଳ୍ପନା ମଧ କରିନଥିବ ଯେ ସେହି କଳିଙ୍ଗରୁ ହିଁ ଭାରତକୁ ଏକତ୍ର କରିବାର ପ୍ରକ୍ରିୟା ଆରମ୍ଭ ହେଲା । ଅଶୋକଙ୍କ ଅମଳରେ ଭାରତରେ ଯେପରି ରାଜନୀତିକ ଏକତା ପ୍ରତିଷ୍ଠିତ ହୋଇଥିଲା, ଆଧୁନିକ ଭାରତରେ ତାହାର ପୁନରାବୃତ୍ତି ହେବାକୁ ଯାଉଛି ।*

ଏହି ଘଟଣାପରେ ଓଡ଼ିଶାର ଗଡ଼ଜାତ ରାଜାମାନେ ଆତଙ୍କିତ ହୋଇଥିଲେ । କିନ୍ତୁ ଭାରତ ସରକାର ନୀଳଗିରିରୁ

ପ୍ରାରମ୍ଭ ଏହି ସଫଳତାର ଗତିରୋଧ ନକରି ଆଗକୁ ବଢ଼ାଇବାକୁ ଚାହିଁଲେ । ୧୯୪୭ ନଭେମ୍ବର ୨୦ରେ ଗଡ଼ଜାତ ଦାୟିତ୍ୱରେ ଥିବା କେନ୍ଦ୍ରୀୟ ସଚିବ ଭି.ପି. ମେନନ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ମଧ୍ୟରେ ଦିଲ୍ଲୀରେ ବିଚାର ବିମର୍ଶ ହେଲା । ଏହି ସାକ୍ଷାତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନ୍ୟ କେତେ ଜଣ ଉଚ୍ଚ ପଦସ୍ଥ ଅଫିସର ମଧ୍ୟ ଉପସ୍ଥିତ ଥିଲେ । ଏଠାରେ ସ୍ଥିର କରାଗଲା ଯେ ୧୯୪୭ ଡିସେମ୍ବର ମାସରେ ଓଡ଼ିଶା ପ୍ରଦେଶ ପରିସରରେ ଥିବା ଖ ଓ ଗ ଶ୍ରେଣୀର ଗଡ଼ଜାତ ରାଜାମାନଙ୍କର ଏକ ସଭା କଟକଠାରେ ଅନୁଷ୍ଠିତ ହେବ । ସେମାନଙ୍କୁ ନିମନ୍ତ୍ରଣ କରିବାର ଦାୟିତ୍ୱ ଭି.ପି. ମେନନଙ୍କ ଉପରେ ନ୍ୟସ୍ତ ହେଲା ।

**କଟକ ସମ୍ମିଳନୀ :**

କଟକ ସମ୍ମିଳନୀରେ ଯୋଗ ଦେବା ପାଇଁ ସର୍ଦ୍ଦାର ପଟେଲ ଓ ଭି.ପି. ମେନନଙ୍କ ସହିତ କେନ୍ଦ୍ର ସରକାରଙ୍କର କେତେକ ଉଚ୍ଚ ପଦସ୍ଥ ଅଫିସର ୧୯୪୭ ଡିସେମ୍ବର ୧୩ରେ ଭୁବନେଶ୍ୱରରେ ପହଞ୍ଚିଲେ । ତହିଁ ପରଦିନ କଟକର ରାଜଭବନରେ ଏହି ଐତିହାସିକ ସମ୍ମିଳନୀର ଅୟମାରମ୍ଭ ହେଲା ।



**(କଟକର ରାଜଭବନ)**

ପ୍ରଥମେ 'ଖ' ଓ 'ଗ' ଶ୍ରେଣୀର ପନ୍ଦର ଜଣ ଗଡ଼ଜାତ ରାଜାଙ୍କ ମଧ୍ୟରୁ ବାର ଜଣ ଉପସ୍ଥିତ ଥିଲେ । ଆଠମଲ୍ଲିକ, ବଣାଇ ଓ ତିଗିରିଆର ରାଜା ଏହି ସମ୍ମିଳନୀରେ ଯୋଗ ଦେଇନଥିଲେ । ସର୍ଦ୍ଦାର ପଟେଲ ଏହି ସମ୍ମିଳନୀରେ ତାଙ୍କ ଉଦ୍‌ଘାଟନୀ ଭାଷଣରେ ସ୍ପଷ୍ଟକରି ଦେଲେଯେ ଓଡ଼ିଶା ପ୍ରଦେଶ ସହିତ ଏହି ଶ୍ରେଣୀର ଗଡ଼ଜାତମାନଙ୍କୁ ମିଶିଯିବାକୁ ହେବ । ସେମାନଙ୍କ ହାତପାଣ୍ଠିର ପରିଣାମ ସରକାର ସ୍ଥିର କରିବେ ଏବଂ ସେମାନଙ୍କୁ ବ୍ୟକ୍ତିଗତ ପଦମର୍ଯ୍ୟାଦା ଓ ସୁବିଧା ସୁଯୋଗ ଦିଆଯିବ ବୋଲି କୁହାଗଲା । ସାମାନ୍ୟ ପ୍ରତିବାଦ ପରେ ସେମାନେ ଚୁକ୍ତିପତ୍ରରେ ସ୍ୱାକ୍ଷର କଲେ । ଅନୁପସ୍ଥିତଥିବା ବଣାଇ, ଆଠମଲ୍ଲିକ ଓ ତିଗିରିଆର ରାଜାମାନେ ପରେ ଏହି ଚୁକ୍ତିପତ୍ରରେ ଦସ୍ତଖତ କରିଥିଲେ ।

'କ' ଶ୍ରେଣୀ ଗଡ଼ଜାତ ମାନଙ୍କୁ ନେଇ ସାମାନ୍ୟ ସମସ୍ୟା ସୃଷ୍ଟି ହେଲା । ମଧ୍ୟାହ୍ନ ଭୋଜନ ପରେ ସର୍ଦ୍ଦାର ପଟେଲ 'କ' ଶ୍ରେଣୀର ଏଗାର ଜଣ ରାଜାଙ୍କ ସହିତ କଥାବାର୍ତ୍ତା ଆରମ୍ଭ କଲେ । 'ଖ' ଓ 'ଗ' ଶ୍ରେଣୀର ଗଡ଼ଜାତ ରାଜାଙ୍କ ପରି 'କ' ଶ୍ରେଣୀର ଗଡ଼ଜାତ ରାଜାମାନେ ମଧ୍ୟ ମିଶ୍ରଣ ଚୁକ୍ତି ପତ୍ରରେ ଦସ୍ତଖତ କରିବା ପାଇଁ ସର୍ଦ୍ଦାର ପଟେଲ ଅନୁରୋଧ କଲେ । କଥା ପ୍ରସଙ୍ଗରେ ସେ କହିଲେ ଯେ ଓଡ଼ିଶାରେ ଥିବା ଗଡ଼ଜାତଗୁଡ଼ିକ ଓଡ଼ିଶାପ୍ରଦେଶ ରୂପକ ଶରୀରରେ ଗୋଟିଏ ଗୋଟିଏ କ୍ଷତ ସଦୃଶ । ସେଗୁଡ଼ିକୁ ଶୀଘ୍ର ଉପଶମ କରିବାକୁ ହେବ... ନଚେତ ମୂଳୋତ୍ପାଟନ କରିବାକୁ ହେବ । ଯଦି ଗଡ଼ଜାତ ରାଜାମାନେ ଓଡ଼ିଶା ସହିତ ମିଶିଯିବାର ଉପଦେଶ ଗ୍ରହଣ କରନ୍ତି ସେମାନଙ୍କୁ ଆରୋଗ୍ୟ କରିଦିଆଯିବ । ଆଉ ଯଦି ସେମାନେ ବିରୋଧ କରନ୍ତି ତେବେ ପ୍ରଜାମାନେ ତାଙ୍କର ମୂଳୋତ୍ପାଟନ କରିଦେବେ । 'କ' ଶ୍ରେଣୀର ଗଡ଼ଜାତ ରାଜାମାନଙ୍କ ସହିତ ଅନୁଷ୍ଠିତ କଥାବାର୍ତ୍ତାରୁ କିଛି ସୁଫଳ ମିଳିଲା ନାହିଁ । ଅନେକ ସମୟ କଥାବାର୍ତ୍ତା ଓ ଚାପ ପ୍ରୟୋଗ ପରେ ନଅ ଜଣ ଦେଶୀୟ ରାଜା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବାକୁ ରାଜିହେଲେ ଓ ୧୯୪୭ ଡିସେମ୍ବର ୧୫ ତାରିଖଦିନ ସକାଳେ ସ୍ୱାକ୍ଷର କରିଦେଲେ । କଳାହାଣ୍ଡିର ମହାରାଜାଙ୍କ ପାଇଁ ପଟେଲଙ୍କ ସ୍ୱତନ୍ତ୍ର ଟ୍ରେନ୍‌ଟି କଟକ ରେଳ ଷ୍ଟେସନରେ ଘଣ୍ଟାଏ ଅପେକ୍ଷା କଲା । ତେବେ ଶେଷରେ କଳାହାଣ୍ଡି ମହାରାଜା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ । ମୟୂରଭଞ୍ଜରେ ଲୋକ ପ୍ରତିନିଧିମୂଳକ ସରକାର ଗଠିତ ହୋଇଥିଲା । ତେଣୁ ମୟୂରଭଞ୍ଜ ମହାରାଜା ତାଙ୍କ ମନ୍ତ୍ରିମଣ୍ଡଳ ସହିତ ଆଲୋଚନା ନ କରି ମିଶ୍ରଣ ଚୁକ୍ତିପତ୍ରରେ ସ୍ୱାକ୍ଷର

କରିବେ ନାହିଁ ବୋଲି ଯୁକ୍ତି ବାଢ଼ିଲେ । ଏଥିପାଇଁ ସେ କିଛିଦିନ ସମୟ ନେବେ ବୋଲି କହିଲେ ।

୧୯୪୭ ଡିସେମ୍ବର ୨୩ରେ ଭାରତ ସରକାର ଏହି ପଚିଶ ଗଡ଼ଜାତର ଶାସନଭାର ଓଡ଼ିଶାର ପ୍ରାଦେଶିକ ସରକାରଙ୍କୁ ହସ୍ତାନ୍ତର କଲେ । ୧୯୪୮ ମସିହା ଜାନୁୟାରୀ ୧ ତାରିଖ ଠାରୁ ଓଡ଼ିଆ ଭାଷାଭାଷୀ ପଚିଶଟି ଗଡ଼ଜାତ ଓଡ଼ିଶା ପ୍ରଦେଶ ସହିତ ମିଶିଗଲା । ଷଢ଼େଇକଳା ଓ ଖରସୁଆଁର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ମୟୂରଭଞ୍ଜ ଓଡ଼ିଶାରେ ନ ମିଶିବାରୁ ଏହି ଦୁଇ ରାଜ୍ୟ ମଧ୍ୟରେ ପ୍ରତ୍ୟକ୍ଷଭାବେ ଯୋଗାଯୋଗ ହୋଇ ପାରିଲା ନାହିଁ । ତେଣୁ ଏହି ଦୁଇଟି ରାଜ୍ୟର ରାଜାମାନେ ସେମାନଙ୍କ ପୂର୍ବମତ ପରିବର୍ତ୍ତନ କରି ବିହାର ସହିତ ମିଶିବା ପାଇଁ ଚାହିଁଲେ । ଫଳରେ ଭାରତ ସରକାର ୧୯୪୮ ମଇ ୧୮ ତାରିଖରୁ ସେ ଦୁଇଟି ଗଡ଼ଜାତକୁ ଓଡ଼ିଶାରୁ କାଢ଼ିନେଇ ବିହାରରେ ମିଶାଇ ଦେଇଥିଲେ । ମୟୂରଭଞ୍ଜର ମହାରାଜା ୧୯୪୮ ଅକ୍ଟୋବର ୧୭ ତାରିଖ ଦିନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ । ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଲା । ତେଣୁ ଚବିଶଟି ଓଡ଼ିଆ ଭାଷାଭାଷୀ ଗଡ଼ଜାତ ଓଡ଼ିଶା ସହିତ ମିଶିଥିଲା । ଓଡ଼ିଶା ସହିତ ଏହି ଗଡ଼ଜାତ ମିଶ୍ରଣ ପ୍ରକ୍ରିୟାରେ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

**ତୁମ ପାଇଁ କାମ**

*ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିଥିବା ଚବିଶଜଣ ଗଡ଼ଜାତ ରାଜାମାନଙ୍କର ନାମ ତାଲିକା ପ୍ରସ୍ତୁତ କର ।*

**ତୁମେ ଜାଣିଛ କି ?**

*ମହତାବଙ୍କର ଭୂମିକାକୁ ପ୍ରଶଂସା କରି ସର୍ଦ୍ଦାର ପଟେଲ କହିଛନ୍ତି ?*

*ମୁଁ ଖୁସି ଯେ ମୁଁ ମହତାବଙ୍କର ସ୍ୱପ୍ନକୁ ସାକାର କରିବାରେ ତାଙ୍କୁ ସାହାଯ୍ୟ କରିଛି ଏବଂ ମୁଁ ଅଧିକ ଖୁସି ଏଇଥିପାଇଁ ଯେ ଓଡ଼ିଶା ଭଳି ଏକ ପଛୁଆରାଜ୍ୟ ଅବଶିଷ୍ଟ ଭାରତକୁ ତା'ର ଅନୁଗାମୀ ହେବାକୁ ପଥ ପ୍ରଦର୍ଶନ କରିପାରିଲା ।*

ଓଡ଼ିଶା ପ୍ରଦେଶ ସହିତ ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାର ଗଣତାନ୍ତ୍ରିକ ପ୍ରକ୍ରିୟା ଗଡ଼ଜାତମାନଙ୍କୁ ସଂପ୍ରସାରିତ ହେଲା । ଓଡ଼ିଶା ବିଧାନସଭାରେ ଆଗରୁ ସଦସ୍ୟ ସଂଖ୍ୟାଥିଲା ୬୦ । ଗଡ଼ଜାତ ମିଶ୍ରଣ ପରେ ଏଥିରେ ଆଉ ୩୧ଟି ଆସନ ସଂଯୁକ୍ତ ହେଲା । ଓଡ଼ିଶା ବିଧାନସଭାରେ ନିର୍ବାଚିତ ସଭ୍ୟ ସଂଖ୍ୟା ହେଲା ୯୧ । ୧୯୪୯ ମସିହା ଅକ୍ଟୋବର ୧୦ ତାରିଖରେ ଏ ସମସ୍ତ ସଦସ୍ୟଙ୍କୁ ନେଇ ଓଡ଼ିଶା ବିଧାନସଭାର ଅଧିବେଶନ ନୂଆ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେଲା । ଗଡ଼ଜାତ ପ୍ରଜାମାନଙ୍କୁ ସ୍ୱାଧୀନତାର ସ୍ୱାଦ ଚଖାଇବା ପାଇଁ ଗଡ଼ଜାତ ଶାସନ ବ୍ୟବସ୍ଥାକୁ ପ୍ରାଦେଶିକ ଶାସନ ଅନୁରୂପ କରିବାର ପ୍ରଚେଷ୍ଟା ଆରମ୍ଭ ହେଲା । ଗଡ଼ଜାତଗୁଡ଼ିକ ସାମିଲକରି ଓଡ଼ିଶାର ଜିଲ୍ଲା ଗୁଡ଼ିକୁ ପୁନର୍ଗଠନ କରି ତେରଟି ଜିଲ୍ଲାର ସୃଷ୍ଟି କରାଗଲା । ସମୟକ୍ରମେ ପ୍ରଜା ଆନ୍ଦୋଳନ ପ୍ରଶମିତ ହୋଇଗଲା । ଗଡ଼ଜାତ ଅଞ୍ଚଳର ରାଜା ଓ ପ୍ରଜା ଉଭୟ ଏହି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୋଗଦାନ କଲେ । ଓଡ଼ିଶାର ପ୍ରାକୃତିକ ସମ୍ପଦର ଠିକ୍ ବିନିଯୋଗ ହୋଇପାରିଲା । ଏହା ସତ ଯେ ଏହି ମିଶ୍ରଣ ପରେ ଅନେକ ଅଞ୍ଚଳ ଓଡ଼ିଶା ବାହାରେ ରହିଗଲା । ଭାଷାଭିତ୍ତିକ ପ୍ରଦେଶ ଗଠନର ସ୍ୱପ୍ନ ସମ୍ପୂର୍ଣ୍ଣ ସାକାର ହୋଇପାରିଲା ନାହିଁ । ତେବେ ଦେଶୀୟ ରାଜ୍ୟଗୁଡ଼ିକର ଓଡ଼ିଶା ସହିତ ମିଶ୍ରଣ ପରେ ଓଡ଼ିଆମାନଙ୍କ ମଧ୍ୟରେ ଐକ୍ୟ ଏବଂ ଉତ୍ସାହ ପରିଲକ୍ଷିତ ହେଲା । ଓଡ଼ିଆମାନେ ଏକ ସମୃଦ୍ଧ ପ୍ରଦେଶ ଆଭିମୁଖ୍ୟ ନେଇ ଅଗ୍ରଗାମୀ ହେଲେ ।



(ତେରଟି ଜିଲ୍ଲା ବିଶିଷ୍ଟ ଓଡ଼ିଶା ମାନଚିତ୍ର)

**ତୁମ ପାଇଁ କାମ**

*ଓଡ଼ିଶାରେ ମିଶିଥିବା ଗଡ଼ଜାତଗୁଡ଼ିକ ବର୍ତ୍ତମାନ ରାଜ୍ୟର କେଉଁ ଜିଲ୍ଲାଗୁଡ଼ିକର ଅନ୍ତର୍ଭୁକ୍ତ ଉଲ୍ଲେଖ କର ।*

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରଶ୍ନଗୁଡ଼ିକର ଉତ୍ତର ୬୦ଟି ଶବ୍ଦରେ ଲେଖ :**

(କ) ଦେଶୀୟ ରାଜ୍ୟମାନଙ୍କରେ ପ୍ରଚଳିତ ଥିବା 'ପ୍ରଜାମାରଣ' ପ୍ରଥାଗୁଡ଼ିକ ବିଷୟରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ।

(ଖ) ପ୍ରଜାମଣ୍ଡଳ ଆନ୍ଦୋଳନରେ କି କି ମୁଖ୍ୟ ଦାବି ଥିଲା ?

(ଗ) ପୁନର୍ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିରେ କେଉଁମାନେ ସଦସ୍ୟ ଥିଲେ ଏବଂ ଏହାର କି କି ପ୍ରସ୍ତାବ ଥିଲା ?

(ଘ) ଓଡ଼ିଶା ସହିତ ଓଡ଼ିଆ ଭାଷାଭାଷୀ ଗଡ଼ଜାତଗୁଡ଼ିକ ମିଶାଇ ଦେବାପାଇଁ ଭାରତ ସ୍ୱାଧୀନତା ପାଇବା ପୂର୍ବରୁ ମହତାବ କ'ଣ କରିଥିଲେ ?

(ଙ) ନୀଳଗିରିରୁ କିପରି ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) କେଉଁ ଭିତ୍ତିରେ ଓଡ଼ିଶାର ଗଡ଼ଜାତଗୁଡ଼ିକ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଥିଲା ଏବଂ କେଉଁ ଗଡ଼ଜାତଗୁଡ଼ିକ 'ଗ' ଶ୍ରେଣୀଭୁକ୍ତ ଥିଲା ?

(ଖ) ବେଠି ଓ ଭେଟି ମଧ୍ୟରେ ପାର୍ଥକ୍ୟ କ'ଣ ?

(ଗ) କେବେ ଏବଂ କେଉଁଠାରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(ଘ) ଓଡ଼ିଆ ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ କେଉଁଠାରେ ଏବଂ କାହା ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ?

(ଙ) ସାରଙ୍ଗଧର ଦାସ କିଏ ? କେବେ ଏବଂ କେଉଁଠାରେ ପ୍ରଜା ସମ୍ମିଳନୀର ଅଧିବେଶନ ଅନୁଷ୍ଠିତ ହୋଇଥିଲା ?

(ଚ) କେଉଁ ଅଞ୍ଚଳଗୁଡ଼ିକର ଦେଶୀୟ ରାଜାମାନେ ମିଶ୍ରଣ ବିରୋଧରେ ଏକ ସଂଘ ଗଠନ କରିଥିଲେ ?

(ଛ) କେବେ ଏବଂ କେଉଁଠାରେ ଅନୁଷ୍ଠିତ ଗଡ଼ଜାତ ରାଜାମାନଙ୍କର ସମ୍ମିଳନୀରେ ସର୍ଦ୍ଦାର ପଟେଲ ଯୋଗ ଦେଇଥିଲେ ?

(ଜ) ମୟୂରଭଞ୍ଜର ରାଜା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ କାହିଁକି କିଛି ଦିନ ସମୟ ନେଇଥିଲେ ?

(ଝ) ଷଢ଼େଇ କଳା ଓ ଖରସୁଆଁ କାହିଁକି ବିହାର ସହିତ ମିଶି ଯାଇଥିଲା ?

(ଞ) ଗଡ଼ଜାତଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ଓଡ଼ିଶା ବିଧାନ ସଭାର ଅଧିବେଶନ ପ୍ରଥମେ କେବେ ଏବଂ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନରେ ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ବୌଦରେ ପ୍ରଜାମଣ୍ଡଳ ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?

(ଖ) ନୀଳଗିରିରେ କିଏ ପ୍ରଜାମଣ୍ଡଳ ଗଠନ କରିଥିଲେ ?

(ଗ) ୧୯୩୯ ଅଗଷ୍ଟରେ କିଏ ଓଡ଼ିଶା ଗଡ଼ଜାତ ମିଶ୍ରଣ ସମ୍ପର୍କରେ ଭାଇସ୍‌ରାୟଙ୍କୁ ସାକ୍ଷାତ କରିଥିଲେ ?

(ଘ) କିଏ ହରେକୃଷ୍ଣ ମହତାବଙ୍କୁ 'ପର୍ଶୁରାମ' ଆଖ୍ୟା ଦେଇଥିଲେ ?

(ଙ) ହରେକୃଷ୍ଣ ମହତାବଙ୍କ ଅନୁପସ୍ଥିତିରେ କିଏ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ ?

(ଚ) କେବେ ମୟୂରଭଞ୍ଜ ଓଡ଼ିଶାରେ ମିଶିଲା ?

(ଛ) ଚୂଡ଼ାନ୍ତ ଭାବରେ କେତୋଟି ଗଡ଼ଜାତ ଓଡ଼ିଶାରେ ମିଶିଲା ?

(ଜ) ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶା ବିଧାନ ସଭାରେ କେତୋଟି ଆସନ ବୃଦ୍ଧି ପାଇଥିଲା ଏବଂ ସମୁଦାୟ ଆସନ ସଂଖ୍ୟା କେତେ ହୋଇଥିଲା ?

(ଝ) ଗଡ଼ଜାତଗୁଡ଼ିକ ମିଶିବାପରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ପୁନର୍ଗଠନ ପରେ କେତୋଟି ଜିଲ୍ଲା ସୃଷ୍ଟି ହେଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) ମିଶ୍ରଣ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଗଡ଼ଜାତମାନଙ୍କର ସଂଖ୍ୟା କେତେ ଥିଲା ?

(i) ୨୩ (ii) ୨୫ iii) ୨୬ (iv) ୨୭

(ଖ) ଗଡ଼ଜାତମାନଙ୍କରେ ଗୋଟିଏ ଶିବିରରୁ ଅନ୍ୟଶିବିରକୁ ରାଜା ବା ରାଜକର୍ମଚାରୀମାନଙ୍କୁ ବିନା ପାଉଣାରେ ପାଲିଙ୍କି ବା ସବାରୀରେ ବୋହିନେବା ପ୍ରଥାକୁ କ'ଣ କୁହାଯାଉଥିଲା ?

i) ବେଠି (ii) ବେଗାରୀ iii) ରସଦ iv) ମାଗଣ

(ଗ) କିଏ ପୁନର୍ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ସମ୍ପାଦକ ଥିଲେ ?

i) ହରେକୃଷ୍ଣ ମହତାବ ii) ସାରଙ୍ଗଧର ଦାସ

iii) ବଳବନ୍ତରାୟ ମେହେଟ୍ଟା iv) ପଟ୍ଟାଭି ସୀତାରାମାୟା

(ଘ) କେଉଁ ସ୍ଥାନରୁ ଭାରତରେ ଦେଶୀୟରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?

i) ମୟୂରଭଞ୍ଜ ii) ନୀଳଗିରି

iii) ଜୁନାଗଡ iv) କଳାହାଣ୍ଡି

(ଙ) କେଉଁ ଗଡ଼ଜାତର ରାଜା କଟକ ସମ୍ମିଳନୀ ସମୟରେ ମିଶ୍ରଣ ଚୁକ୍ତିପତ୍ରରେ ସ୍ୱାକ୍ଷର କରି ନଥିଲେ ?

i) ଷଢ଼େଇକଳା ii) ଖରସୁଆଁ

iii) ମୟୂରଭଞ୍ଜ iv) କଳାହାଣ୍ଡି

(ଚ) ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା ୬୦ରୁ ବଢ଼ି __________ ହେଲା।

i) ୯୦ ii) ୯୧ iii) ୯୨ iv) ୯୩


**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

## ତୃତୀୟ ପାଠ

# ଗୋଆ ଓ ପୁଦୁଚେରୀର ମୁକ୍ତି

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତରୁ ବ୍ରିଟିଶ ସାମ୍ରାଜ୍ୟବାଦର ଅବସାନ ହେଲା ଓ ବ୍ରିଟିଶ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଭାରତ ସ୍ୱାଧୀନ ହେଲା। କିନ୍ତୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗଭାବେ ଜଣାଶୁଣା କିଛି ଅଞ୍ଚଳ ବିଦେଶୀ ଶାସନ କବଳରେ ରହିଗଲା। ଭାରତର ପଶ୍ଚିମ ଉପକୂଳରେ ଅବସ୍ଥିତ ଗୋଆ, ଦାମନ, ଡିଉ, ଦାଦ୍ରା ଓ ନଗରହାବେଳିରେ ପର୍ତ୍ତୁଗୀଜମାନେ ଶାସନ କରୁଥିଲେ। ପୂର୍ବଉପକୂଳରେ ଅବସ୍ଥିତ ପୁଦୁଚେରୀରେ ଫରାସୀମାନେ ଶାସନ କରୁଥିଲେ । ପୁଦୁଚେରୀ ନାମରେ ପରିଚିତ ଏହି ଫରାସୀ ଉପନିବେଶର ଅନ୍ତର୍ଭୁକ୍ତ ଥିଲା ପୁଦୁଚେରୀ, ଚନ୍ଦର ନଗର, କରାଇକଲ, ମାହେ ଓ ୟାନାମ। ପୁଦୁଚେରୀ, କରାଇକଲ ଓ ୟାନାମ କରମଣ୍ଡଳ ଉପକୂଳରେ ଅବସ୍ଥିତଥିଲା। ମାହେ ଅବସ୍ଥିତଥିଲା ମାଲବାର ଉପକୂଳରେ ଏବଂ ଚନ୍ଦରନଗର ଥିଲା ବଙ୍ଗଳାରେ। ଭାରତରେ ଥିବା ଫରାସୀ ଉପନିବେଶର ଆୟତନ ଥିଲା ୫୧୦ ବର୍ଗ କିଲୋମିଟର। ୧୯୩୬ରେ ଏହାର ଲୋକସଂଖ୍ୟା ଥିଲା ୨,୯୮,୫୫୧। ପୁଦୁଚେରୀ (ପଣ୍ଡିଚେରୀ) ଫରାସୀ ଉପନିବେଶମାନଙ୍କର ସଦର ମହକୁମା ଥିଲା। ଗୋଆ ଓ ପୁଦୁଚେରୀକୁ ଭାରତର ରାଜନୀତିକ ପରିଧି ଭିତରକୁ ଫେରାଇ ଆଣିବା ସ୍ୱାଧୀନତାପରର ଭାରତ ସରକାରଙ୍କ ପାଖରେ ଏକ ପ୍ରମୁଖ ଆହ୍ୱାନ ଥିଲା।




(ଭାରତ ମାନଚିତ୍ରରେ ଗୋଆ ଓ ପୁଦୁଚେରୀ ବା ପଣ୍ଡିଚେରୀ)

## ଭାରତ ସହିତ ଗୋଆର ମିଶ୍ରଣ :

ଗୋଆର ଇତିହାସ ବେଶ୍ ପ୍ରାଚୀନ। ଅତୀତରେ ଗୋଆ, ଗୋମଞ୍ଚଳ, ଗୋପକପଉମ୍, ଗୋପକପୁରୀ, ଗୋବପୁରୀ ବା ଗୋମନ୍ତକ ନାମରେ ପରିଚିତ ଥିଲା। କାଳର କ୍ରମିକତାରେ ଗୋଆକୁ ସାତବାହାନ, କଦମ୍ବ, ରାଷ୍ଟ୍ରକୂଟ, ଚାଲୁକ୍ୟ, ଶିଲଦାର, ଯାଦବମାନେ ଶାସନ କରିଥିଲେ। ଖିଲଜିମାନଙ୍କ ସମୟରେ ଗୋଆ ମୁସଲମାନ ଶାସନର ଅଧିକାରକୁ ଆସିଲା। ଭାସ୍କୋଡାଗାମା ଭାରତକୁ ଜଳପଥ ଆବିଷ୍କାର କରିବା ପରେ ପର୍ତ୍ତୁଗୀଜମାନେ ଗୋଆ ଅଧିକାର କରିବାକୁ ଅଭିଯାନ ଆରମ୍ଭ କଲେ।

> **ତୁମ ପାଇଁ କାମ**
>
> *ଭାସ୍କୋଡାଗାମାଙ୍କ ଭାରତକୁ ଜଳପଥ ଆବିଷ୍କାର ସମ୍ପର୍କରେ ଏକ ବର୍ଣ୍ଣନା ପ୍ରଦାନ କର ।*

୧୫୧୦ ମସିହାରେ ବିଜୟନଗର ସମ୍ରାଟଙ୍କ ସହାୟତାରେ ପର୍ତ୍ତୁଗୀଜମାନେ ଗୋଆ ଅଧିକାର କଲେ ଏବଂ ସେହି ଦିନଠାରୁ ଗୋଆରେ ପର୍ତ୍ତୁଗୀଜମାନଙ୍କ ଶାସନ ଆରମ୍ଭ ହେଲା। କିଛିଦିନପାଇଁ ଛତ୍ରପତି ଶିବାଜୀ ଗୋଆ ଅଧିକାର

କରିଥିଲେ କିନ୍ତୁ ପରେ ପରେ ପର୍ତ୍ତୁଗୀଜମାନେ ଗୋଆ ପୁନର୍ଦଖଲ କଲେ । ୧୯୪୭ ମସିହାରେ ଇଂରେଜମାନେ ଭାରତଛାଡ଼ି ଚାଲିଗଲେ । କିନ୍ତୁ ଗୋଆରେ ପର୍ତ୍ତୁଗୀଜମାନଙ୍କର ଶାସନ ଅବ୍ୟାହତ ରହିଲା । ଦାମନ, ଡିଉ, ଦାଦ୍ରା ଓ ନଗର ହାବେଳିରେ ମଧ୍ୟ ପର୍ତ୍ତୁଗୀଜମାନେ ସେମାନଙ୍କର ଶାସନ ଜାରିରଖିଲେ । ଗୋଆର ପର୍ତ୍ତୁଗୀଜ ଶାସକ ଭାରତ ସରକାରଙ୍କ କୂଟନୈତିକ ସମାଧାନ ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ ।

> ***ତୁମେ ଜାଣିଛ କି ?***
>
> ***ଗୋଟିଏ ରାଷ୍ଟ୍ର ମଧ୍ୟରେ ଥିବା ଅନ୍ୟରାଷ୍ଟ୍ରର ଶାସନାଧୀନ ଅଞ୍ଚଳଗୁଡ଼ିକୁ ଅନ୍ତଃକ୍ଷେତ୍ର କୁହାଯାଏ । ଉଦାହରଣ ସ୍ୱରୂପ ଗୋଆ, ଦାମନ, ଡିଉ, ଦାଦ୍ରା, ନଗର ହାବେଳି ଗୋଟିଏ ଗୋଟିଏ ପର୍ତ୍ତୁଗୀଜ ଅନ୍ତଃକ୍ଷେତ୍ର ।***

ଗୋଆରେ ପର୍ତ୍ତୁଗୀଜ ଶାସକମାନେ ଜନସାଧାରଣଙ୍କ ସୁଖସୁବିଧା ପାଇଁ ଦୃଷ୍ଟି ଦେଉନଥିଲେ । ଗୋଆ, ଦାମନ, ଡିଉର ଜନସାଧାରଣ ସେମାନଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ୧୯୫୫ ମସିହା ଅଗଷ୍ଟ ୧୫ରେ ଏକ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କଲେ । ଏହି ପ୍ରଦର୍ଶନରେ ପ୍ରାୟ ପାଞ୍ଚହଜାର ଲୋକ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରଦର୍ଶନକୁ ଘଉଡ଼ାଇବାକୁ ପର୍ତ୍ତୁଗୀଜ ପୋଲିସ ଗୁଳିଚାଳନା କଲେ ଏବଂ ଏହି ଗୁଳିଚାଳନାରେ ୨୨ ଜଣ ଅହିଂସା ସତ୍ୟାଗ୍ରହୀ ମୃତ୍ୟୁ ବରଣ କଲେ । ଆନ୍ଦୋଳନକୁ ଶକ୍ତି ପ୍ରୟୋଗ କରି ଦବାଇଦେବା ପାଇଁ ପର୍ତ୍ତୁଗୀଜ ସରକାର ଦାମନରୁ ସୈନ୍ୟ ପ୍ରେରଣ କରିବାକୁ ଚେଷ୍ଟା କଲେ । ଭାରତୀୟ ସୈନ୍ୟବାହିନୀ ଏଥିରେ ବାଧାଦେବାରୁ ପର୍ତ୍ତୁଗାଲ ସରକାର ଏହା ବିରୋଧରେ ଆନ୍ତର୍ଜାତିକ ନ୍ୟାୟାଳୟରେ ଏକ ଅର୍ଜି ଦାଖଲ କଲେ । ପର୍ତ୍ତୁଗାଲ ସରକାରଙ୍କର ପ୍ରାର୍ଥନା ଥିଲା ଯେ ଭାରତରେ ଥିବା ପର୍ତ୍ତୁଗୀଜ ଅନ୍ତଃକ୍ଷେତ୍ରଗୁଡ଼ିକୁ ପର୍ତ୍ତୁଗୀଜ ସୈନ୍ୟ ପ୍ରେରଣ ପାଇଁ ଅନୁମତି ଦେବାକୁ ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ । କିନ୍ତୁ ୧୯୬୦ ମସିହାରେ ଆନ୍ତର୍ଜାତିକ ନ୍ୟାୟାଳୟ ଏହି ଅର୍ଜିଟିକୁ ଖାରଜ କରିଦେଲେ । ସେହିବର୍ଷ ଡିସେମ୍ବର ମାସରେ ଜାତିସଂଘର ସାଧାରଣ ସଭା ପର୍ତ୍ତୁଗାଲ ବାହାରେଥିବା ପର୍ତ୍ତୁଗୀଜ ଉପନିବେଶ ଗୁଡ଼ିକୁ ପର୍ତ୍ତୁଗାଲର ରାଜ୍ୟଭାବରେ ବିବେଚନା କରିବା ଦାବିକୁ ମଧ୍ୟ ଅଗ୍ରାହ୍ୟ କରିଦେଲେ ।

୧୯୬୧ ମସିହାରେ ଉପନିବେଶମାନଙ୍କ ଉପରେ ପର୍ତ୍ତୁଗୀଜ ଜୁଲମର ସ୍ପଷ୍ଟ ଚିତ୍ର ପରିଲକ୍ଷିତ ହେଲା । ଭାରତର ପ୍ରଧାନମନ୍ତ୍ରୀ କଥାବାର୍ତ୍ତା ଜରିଆରେ ଗୋଆ ସମସ୍ୟାର ସମାଧାନ ଚାହିଁଲେ । କିନ୍ତୁ ଆଫ୍ରିକୀୟ ଦେଶ ଆଂଗୋଲାରେ ପର୍ତ୍ତୁଗୀଜମାନେ ଯେପରି ଦମନ ଲୀଳା ଚଳାଇ ବିଦ୍ରୋହ ଦମନ କଲେ ସେଥିରେ ଭାରତୀୟମାନେ ମ୍ରିୟମାଣ ହୋଇପଡ଼ିଲେ । ଗୋଆରୁ ପର୍ତ୍ତୁଗୀଜମାନଙ୍କୁ ବିତାଡ଼ିତ କରିଦେବାପାଇଁ କେନ୍ଦ୍ର ସରକାର ଉପରେ ଚାପ ବଢ଼ିଚାଲିଲା । ଆମେରିକା ସରକାର ପର୍ତ୍ତୁଗୀଜ କର୍ତ୍ତୃପକ୍ଷଙ୍କୁ ବୁଝାଇବାକୁ ଚେଷ୍ଟାକଲେ । ତାହା ବିଫଳ ହେଲା । ୧୯୬୧ ମସିହା ଡିସେମ୍ବର ୧୮ ତାରିଖରେ ଭାରତୀୟ ସୈନ୍ୟବାହିନୀ ଗୋଆରେ ପ୍ରବେଶ କଲେ ଓ ସେଠାରେ ଉପସ୍ଥିତଥିବା ପର୍ତ୍ତୁଗୀଜ ସୈନ୍ୟଙ୍କୁ ପରାଜିତ କଲେ । ପର୍ତ୍ତୁଗୀଜ ସରକାର ଏହାକୁ ଏକ ଆକ୍ରମଣ ବୋଲି ବର୍ଣ୍ଣନା କରି ଜାତିସଂଘର ସୁରକ୍ଷା ପରିଷଦରେ ଏହି ପ୍ରସଙ୍ଗ ଉତ୍‌ଥାପନ କଲେ । କିନ୍ତୁ ଭାରତର ସୈନ୍ୟ ପ୍ରତ୍ୟାହାର ପ୍ରସ୍ତାବଟି ଋଷୀୟ ଭିଟୋ ବଳରେ ଅକାମି ହୋଇଗଲା । ପରଦିନ ଅର୍ଥାତ ଡିସେମ୍ବର ୧୯ ତାରିଖଦିନ ଗୋଆରେ ଅବସ୍ଥାପିତ ପର୍ତ୍ତୁଗୀଜ ଗଭର୍ଣ୍ଣର ଶରଣ ପତ୍ରରେ ସ୍ୱାକ୍ଷର କରି ଭାରତର ଶରଣାଗତ ହେଲେ । ଗୋଆରୁ ୪୫୦ ବର୍ଷର ପର୍ତ୍ତୁଗୀଜ ଶାସନର ଅବସାନ ହେଲା । ଗୋଆକୁ ଭାରତ ସହିତ ମିଶାଇ ଦିଆଗଲା । ଦାମନ ଓ ଡିଉ ସହିତ ଗୋଆକୁ ମିଶାଇ ଏକ କେନ୍ଦ୍ର ଶାସିତ ଅଞ୍ଚଳ ସୃଷ୍ଟି କରାଗଲା ।

୧୯୬୩ ମସିହାରେ ଗୋଆରେ ସାଧାରଣ ନିର୍ବାଚନ ହେଲା । ୧୯୬୭ ମସିହାରେ ଗୋଆରେ ଏକ ଗଣଭୋଟ ଆୟୋଜିତ ହେଲା । ପ୍ରଶ୍ନଥିଲା ଗୋଆ ମହାରାଷ୍ଟ୍ରରେ ମିଶିବ ନା ଅଲଗା ରହିବ । ଗୋଆର ଲୋକମାନେ ମହାରାଷ୍ଟ୍ର ସହିତ ମିଶିବା ସପକ୍ଷରେ ନଥିଲେ । ତେବେ ୧୯୮୭ ମସିହା ମେ ୩୦ ତାରିଖ ଦିନ ଗୋଆକୁ ରାଜ୍ୟ ପାହ୍ୟା ପ୍ରଦାନ କରାଗଲା ଓ ଗୋଆ ହେଲା ଭାରତର ୨୫ତମ ରାଜ୍ୟ । ଦାମନ ଓ ଡିଉକୁ ଗୋଆରୁ ଅଲଗା କରିଦିଆଗଲା ଓ ସେମାନେ ସେହି ଦିନଠାରୁ ପୂର୍ବବତ୍ କେନ୍ଦ୍ରଶାସିତ ଅଞ୍ଚଳ ହୋଇ ରହିଲେ ।

୧୯୫୪ ମସିହା ଜୁଲାଇ ୨୪ ତାରିଖଦିନ 'ଗୋଆର ମିଳିତ ସାମ୍ମୁଖ୍ୟ' ନାମକ ଏକ ଜନ ଅନୁଷ୍ଠାନ 'ଦାଦ୍ରା' ଅନ୍ତଃ କ୍ଷେତ୍ରକୁ ନିଜ ଅକ୍ତିଆରକୁ ଆଣିଲେ। ସେହିବର୍ଷ ଅଗଷ୍ଟ ୨ ତାରିଖଦିନ 'ଆଜାଦ ଗୋମନ୍ତକ ଦଳ' ନଗର ହାବେଳି ଦଖଲ କରିନେଲେ। ଦାଦ୍ରା ଓ ନଗରହାବେଳି ଦଖଲ ବିରୋଧରେ ପର୍ତ୍ତୁଗାଲ ଆନ୍ତର୍ଜାତିକ ନ୍ୟାୟାଳୟରେ ଫେରାଦ ହେଲା। କିନ୍ତୁ ଏଥିରୁ ପର୍ତ୍ତୁଗାଲର କିଛି ଲାଭ ହେଲାନାହିଁ। ୧୯୬୧ ମସିହା ଅଗଷ୍ଟ ୧୧ରେ ଦାଦ୍ରା ଓ ନଗର ହାବେଳିକୁ ଭାରତ ସହିତ ମିଶାଇ ଦିଆଗଲା ଏବଂ ଏହାକୁ ଏକ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ଦିଆଗଲା।

**ତୁମ ପାଇଁ କାମ**

***ଗୋଆ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦାମନ ଓ ଡିଉ ଏବଂ ଦାଦ୍ରା ଓ ନଗର ହାବେଳିର ରାଜଧାନୀମାନଙ୍କର ନାମ, ଲୋକମାନଙ୍କର ମୁଖ୍ୟଭାଷା ଏବଂ ଦର୍ଶନୀୟ ସ୍ଥାନଗୁଡ଼ିକର ଏକ ବିବରଣୀ ପ୍ରସ୍ତୁତ କର ।***

## ଭାରତ ସହିତ ପୁଦୁଚେରୀର ମିଶ୍ରଣ :

ଭାରତରେ ବିକ୍ଷିପ୍ତ ହୋଇ ରହିଥିବା ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ରଗୁଡ଼ିକ ଥିଲା ପୁଦୁଚେରୀ, ଚନ୍ଦର ନଗର, କରାଇକଲ, ମାହେ ଓ ୟାନାମ । ଭାରତର ସ୍ୱାଧୀନତା ପରେ ଭାରତ ସରକାର ଏହି ସବୁ ଅନ୍ତଃକ୍ଷେତ୍ରଗୁଡ଼ିକୁ ଭାରତ ସହିତ ମିଶାଇଦେବା ପାଇଁ ଫରାସୀ ଶାସକମାନଙ୍କ ସହିତ ଆଲୋଚନା କଲେ। ଆଲୋଚନାର ଫଳସ୍ୱରୂପ ୧୯୪୮ ମସିହାରେ ଫ୍ରାନସ ଓ ଭାରତ ମଧ୍ୟରେ ଏକଚୁକ୍ତି ସ୍ୱାକ୍ଷରିତ ହେଲା। ସେହିସବୁ ଅନ୍ତଃକ୍ଷେତ୍ରରେ ଗଣଭୋଟ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଗଲା । ୧୯୪୯ ଜୁନ ୧୯ରେ ଚନ୍ଦରନଗରରେ ଗଣଭୋଟ ଅନୁଷ୍ଠିତ ହେଲା। ଭାରତ ସହିତ ମିଶିବା ପାଇଁ ୩,୪୭୩ ଏବଂ ଫରାସୀ ଉପନିବେଶ ସପକ୍ଷରେ ମାତ୍ର ୧୧୪ ଜଣ ମତ ସାବ୍ୟସ୍ତ କଲେ। ୧୯୫୦ ମେ ୨ ତାରିଖ ଦିନ ବିଧିବଦ୍ଧ ଭାବରେ ଏହା ଭାରତର ଅନ୍ତର୍ଭୁକ୍ତ ହେଲା।

ୟାନାମ ଓ ମାହେରେ ଏଡ଼ୱାର୍ଡ଼ ଗୋବର୍ଟ ନାମକ ଜଣେ ଫରାସୀ ଶାସକ ଜନଆନ୍ଦୋଳନକୁ ବଳ ପ୍ରୟୋଗ କରି ଦମନ କରିବାକୁ ଚେଷ୍ଟା କଲେ। କିନ୍ତୁ ୧୯୫୪ ରେ ଭାରତ ସପକ୍ଷ ଜନ ଆନ୍ଦୋଳନକାରୀମାନେ ୟାନାମ ଓ ମାହେରେ କ୍ଷମତା ଦଖଲ କଲେ। ୧୯୫୪ ମସିହା ଅକ୍ଟୋବର ମାସରେ ପୁଦୁଚେରୀ ଓ କରାଇକଲରେ ଜନମତ ନିଆଗଲା। ଜନମତ ଭାରତ ସହିତ ମିଶ୍ରଣ ସପକ୍ଷରେ ଗଲା।



(ଶ୍ରୀଅରବିନ୍ଦ)

ସେହି ବର୍ଷ ନଭେମ୍ବର ୧ ତାରିଖ ଦିନ ପୁଦୁଚେରୀ ଓ କରାଇକଲର ବାସ୍ତବ ଶାସନ କ୍ଷମତା ଭାରତ ସରକାରଙ୍କ ହାତକୁ ଆସିଲା। ଫରାସୀ ଜାତୀୟ ସଭା ଏହି ମିଶ୍ରଣକୁ ୧୯୬୨ ମଇ ମାସରେ ଅନୁମୋଦନ କଲାପରେ ଭାରତର ଅଭ୍ୟନ୍ତରରେ ଥିବା ସମସ୍ତ ଫରାସୀ ଅନ୍ତଃକ୍ଷେତ୍ର ବିଧିବଦ୍ଧଭାବେ ଭାରତରେ ମିଶିଲେ। ପୁଦୁଚେରୀ ଏ ପର୍ଯ୍ୟନ୍ତ ଭାରତର ଏକ କେନ୍ଦ୍ର ଶାସିତ ଅଞ୍ଚଳ ହୋଇ ରହିଛି।

*ତୁମେ ଜାଣିଛ କି ?*

*ବର୍ତ୍ତମାନ ପୁଦୁଚେରୀ କ୍ଷେତ୍ରଫଳ ୪୮୯ ବର୍ଗ କିଲୋମିଟର। ଜନସଂଖ୍ୟା ୯,୭୪,୩୪୫। ଏହାର ରାଜଧାନୀ ପୁଦୁଚେରୀ। ଏହା ଏକ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିଲେ ସୁଦ୍ଧା ଏଠାରେ ତିରିଶ ଆସନ ବିଶିଷ୍ଟ ଏକ ନିର୍ବାଚିତ ଲୋକସଭା ଓ ରାଜ୍ୟସଭାରେ ଏହାର ଜଣେ ଲେଖାଏଁ ପ୍ରତିନିଧି ରହିଛନ୍ତି ।*

**ତୁମ ପାଇଁ କାମ**

***ପୁଦୁଚେରୀର ଭାଷା, ନୃତ୍ୟଗୀତ ଓ ଦର୍ଶନୀୟ ସ୍ଥାନଗୁଡ଼ିକ ସମ୍ପର୍କରେ ଏକ ବିବରଣୀ ପ୍ରସ୍ତୁତ କର ।***

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) ସ୍ୱାଧୀନତା ପରେ ଭାରତରେ ଥିବା ଫରାସୀ ଉପନିବେଶ ସମ୍ପର୍କରେ ଏକ ଟିପ୍‌ପଣୀ ଲେଖ ?

(ଖ) ଗୋଆରେ ନିଜର ଶାସନ ଜାରି ରଖିବା ପାଇଁ ୧୯୪୭ ମସିହାରୁ ୧୯୬୧ ମସିହା ପର୍ଯ୍ୟନ୍ତ ପର୍ତ୍ତୁଗୀଜମାନେ କେଉଁ ପଦକ୍ଷେପମାନ ନେଇଥିଲେ ?

(ଗ) ୧୯୬୧ ମସିହାରେ କେଉଁ ପରିସ୍ଥିତିରେ ଭାରତୀୟ ସୈନ୍ୟ ବାହିନୀ ଗୋଆରେ ପ୍ରବେଶ କଲେ ?

(ଘ) ପର୍ତ୍ତୁଗୀଜ ଉପନିବେଶ ଗୁଡ଼ିକ କିପରି ଭାରତର ଭିନ୍ନ ଭିନ୍ନ ପାହ୍ୟାର ଅଂଶ ହେଲେ ?

(ଙ) ପୁଦୁଚେରୀ ଅଧୀନରେ ଥିବା ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ର ଗୁଡ଼ିକ କିପରି ଭାରତ ସହିତ ମିଶିଲେ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ପର୍ତ୍ତୁଗୀଜଶାସିତ ଭାରତରେ ଅବସ୍ଥିତ ଅନ୍ତଃକ୍ଷେତ୍ରଗୁଡ଼ିକର ଭୌଗୋଳିକ ଅବସ୍ଥିତି ବିଷୟରେ ଆଲୋକପାତ କର ।

(ଖ) ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ରଗୁଡ଼ିକ ଭାରତରେ କେଉଁ ଅଞ୍ଚଳରେ ଅବସ୍ଥିତ ଥିଲା ?

(ଗ) ପର୍ତ୍ତୁଗୀଜମାନେ କାହା ସହାୟତାରେ ଓ କେବେ ଗୋଆ ଅଧିକାର କରିଥିଲେ ?

(ଘ) କେବେ ଓ କାହିଁକି ଗୋଆ ଦାମନ ଓ ଡିଉର ଜନସାଧାରଣ ଏକ ବିରାଟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ?

(ଙ) ଆନ୍ତର୍ଜାତିକ ନ୍ୟାୟାଳୟରେ ପର୍ତ୍ତୁଗୀଜ ସରକାର କି ପ୍ରାର୍ଥନା କରିଥିଲେ ?

(ଚ) ଗୋଆରୁ ପର୍ତ୍ତୁଗୀଜମାନଙ୍କୁ ବିତାଡିତ କରିବା ପାଇଁ ଭାରତ ସରକାର କି ପଦକ୍ଷେପମାନ ଗ୍ରହଣ କରିଥିଲେ ?

(ଛ) କେବେ ଗୋଆକୁ ରାଜ୍ୟ ପାହ୍ୟା ଦିଆଯାଇଥିଲା ? ଏହାପରେ ଭାରତରେ ସମୁଦାୟ ରାଜ୍ୟ ସଂଖ୍ୟା କେତେ ହେଲା ?

(ଜ) ଦାଦ୍ରା ଓ ନଗର ହାବେଲିର ସ୍ୱାଧୀନତା ପାଇଁ କେଉଁ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟ କରିଥିଲେ ?

(ଝ) ଭାରତରେ ଥିବା ଫରାସୀ ଅନ୍ତଃକ୍ଷେତ୍ର ଜନମତର ଫଳାଫଳ କ'ଣ ଥିଲା ?

(ଞ) ୧୯୫୪ ଅକ୍ଟୋବରରେ କେଉଁ ଅଞ୍ଚଳଗୁଡ଼ିକରେ ଜନମତ ନିଆଯାଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନରେ ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ମାହେ କେଉଁଠାରେ ଅବସ୍ଥିତ ଥିଲା ?

(ଖ) ଭାରତରେ ଥିବା ଫରାସୀ ଉପନିବେଶମାନଙ୍କର ସଦର ସହକୁମା କେଉଁଠାରେ ଥିଲା ?

(ଗ) କେଉଁମାନଙ୍କ ଶାସନ ସମୟରେ ଗୋଆ ମୁସଲମାନ ଶାସନ ଅଧୀନକୁ ଆସିଲା ?

(ଘ) ଗୋଆ, ଦାମନ ଓ ଡିୟୁ ଜନସାଧାରଣଙ୍କ ବିକ୍ଷୋଭରେ ପୁଲିସ ଗୁଳିଚାଳନା ଫଳରେ କେତେ ଜଣ ମରିଥିଲେ ?

(ଙ) କେଉଁଦିନ ଭାରତୀୟ ସୈନ୍ୟବାହିନୀ ଗୋଆରେ ପ୍ରବେଶ କଲେ ?

(ଚ) କେଉଁଦିନ ଏକ ଜନ ଅନୁଷ୍ଠାନ ଦାଦ୍ରା ଅନ୍ତଃକ୍ଷେତ୍ରକୁ ପର୍ତ୍ତୁଗୀଜମାନଙ୍କ କବଳରୁ ଉଦ୍ଧାର କରି ନିଜ ନିୟନ୍ତ୍ରଣକୁ ଆଣିଲେ ?

(ଛ) କେଉଁଦିନ ନଗର ହାବେଳି ଦଖଲ କରାଯାଇଥିଲା ?

(ଜ) ଚନ୍ଦନନଗର ବିଧିବଦ୍ଧଭାବେ କେବେ ଭାରତରେ ମିଶିଥିଲା ?

(ଝ) ପୁଦୁଚେରୀ ଓ କରାଇକଲର ବାସ୍ତବ ଶାସନ କ୍ଷମତା ଭାରତ ସରକାରଙ୍କ ଅଧୀନକୁ କେବେ ଆସିଲା ?

(ଞ) ଫରାସୀ ଉପନିବେଶଗୁଡ଼ିକର ଭାରତରେ ମିଶ୍ରଣକୁ ଫରାସୀ ଜାତୀୟ ସଭା କେବେ ଅନୁମୋଦନ କଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) କେଉଁଟି ପର୍ତ୍ତୁଗୀଜ ଉପନିବେଶ ନୁହେଁ ?

(i) ଦାଦ୍ରା (ii) ଦାମନ୍ iii) ନଗର ହାବେଳି (iv) ମାହେ

(ଖ) କେବେ ଗୋଆର ପର୍ତ୍ତୁଗୀଜ ଗଭର୍ଣ୍ଣର ଶରଣପତ୍ରରେ ସ୍ୱାକ୍ଷର କଲେ ?

i) ୧୯୬୧ ଡିସେମ୍ବର ୧୮ (ii) ୧୯୬୧ ଡିସେମ୍ବର ୧୯

iii) ୧୯୬୧ ଅଗଷ୍ଟ ୧୧ iv) ୧୯୪୭ ମଇ ୩୦

(ଗ) ଗୋଆରେ କେବେ ସାଧାରଣ ନିର୍ବାଚନ ହେଲା ?

i) ୧୯୬୦ ii) ୧୯୬୧

iii) ୧୯୬୩ iv) ୧୯୬୭

(ଘ) ୧୯୪୯ ଜୁନ୍ ୧୯ରେ କେଉଁଠାରେ ଗଣ ଭୋଟ ଅନୁଷ୍ଠିତ ହୋଇଥିଲା ?

i) ପୁଦୁଚେରୀ ii) ୟାନାମ

iii) ଚନ୍ଦନନଗର iv) କରାଇକଲ

(ଙ) ଏଡ଼୍‌ୱାର୍ଡ଼ ଗୋବର୍ଟ କେଉଁଠାରେ ଜନଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଥିଲେ ?

i) ଗୋଆ ii) ପୁଦୁଚେରୀ

iii) ଦାମନ iv) ୟାନାମ

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

# ଚତୁର୍ଥ ପାଠ

# ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଅର୍ଥନୀତି

ପ୍ରାୟ ଦୁଇଶହ ବର୍ଷର ବ୍ରିଟିଶ ଔପନିବେଶିକ ଶାସନ ଭାରତର ଅର୍ଥନୀତିକୁ ରୁଗ୍ଣ ଓ ପଙ୍ଗୁ କରିଦେଇଥିଲା । ଊନବିଂଶ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ବିଶ୍ୱରେ ବ୍ୟାପକ ଶିଳ୍ପାୟନ ଓ ଆର୍ଥନୀତିକ ପ୍ରଗତି ପରିଲକ୍ଷିତ ହୋଇଥିଲା । କିନ୍ତୁ ଭାରତ ଓ ଭାରତ ଭଳି ସାମ୍ରାଜ୍ୟବାଦ ଶାସନ ଦ୍ୱାରା ନିଷ୍ପେଷିତ ହେଉଥିବା ଦେଶମାନଙ୍କରେ କୌଣସି ପ୍ରଗତି ପରିଲକ୍ଷିତ ହୋଇନଥିଲା ଏବଂ ଅନେକଗୁଡ଼ିଏ ଆର୍ଥନୀତିକ ସମସ୍ୟା ମୁଣ୍ଡଟେକି ସାରିଥିଲା । ଭାରତର ପ୍ରମୁଖ ସମସ୍ୟାଗୁଡ଼ିକ ଥିଲା ପରିବ୍ୟାପ୍ତ ଦାରିଦ୍ର୍ୟ; ନିରକ୍ଷରତା ଓ ଅଜ୍ଞାନତା; ବିପର୍ଯ୍ୟସ୍ତ କୃଷିବ୍ୟବସ୍ଥା; ଶିଳ୍ପାୟନ କ୍ଷେତ୍ରରେ ସ୍ଥାଣୁତା ଏବଂ ହସ୍ତ ଓ କୁଟୀର ଶିଳ୍ପର ଅଧୋଗତି । ଭାରତର ଏହି ବିପର୍ଯ୍ୟସ୍ତ ଅର୍ଥବ୍ୟବସ୍ଥାକୁ ବିକାଶର ଦ୍ୱାର ଦେଶରେ ପହଞ୍ଚାଇ ଦେବାପାଇଁ କେତେକ ସୁବିଧା ଏ ଦେଶରେ ଉପଲବ୍ଧ ଥିଲା । ଏହି ସୁବିଧାଗୁଡ଼ିକ ଥିଲା ୧୯୧୪ ରୁ ୧୯୪୭ ମସିହା ମଧ୍ୟରେ ଭାରତୀୟ ଶିଳ୍ପାୟନକୁ ଆଗକୁ ନେଇଆଣି ପାରିଥିବା କେତେକ ପୁଞ୍ଜିପତି ଓ ଉଦ୍ୟୋଗପତିଙ୍କ ଉପସ୍ଥିତି; ଭାରତର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଓ ପ୍ରାକୃତିକ ବିଭବ; ଭାରତର ମାନବ ସମ୍ପଦ ଏବଂ ଭାରତୀୟମାନଙ୍କ ହାତରେ ଥିବା ବ୍ୟାଙ୍କ, ବୀମା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଆର୍ଥିକ ଉପଚାର । ମୋଟାମୋଟି କହିବାକୁ ଗଲେ ସ୍ୱାଧୀନତା ବେଳକୁ ଭାରତବର୍ଷରେ ଏକ ନିଜସ୍ୱ ଆର୍ଥନୀତିକ ଭିତ୍ତିଭୂମି ଉପଲବ୍ଧ ଥିଲା । ଏହି ଭିତ୍ତିଭୂମି ଉପରେ ଏକ ସବଳ ଓ ଦୃଢ଼ ଅର୍ଥନୀତି ପ୍ରତିଷ୍ଠା କରାଯାଇ ପାରିବାର ଅଶା ଥିଲା । ସ୍ୱାଧୀନତା ବେଳକୁ ସ୍ୱଳ୍ପ ହେଲେବି କେତେକ ଭାରତୀୟ ଶିଳ୍ପପତି ଓ ଉଦ୍ୟୋଗପତି ଦେଶର ଶିଳ୍ପ, ବାଣିଜ୍ୟ, ବ୍ୟାଙ୍କିଙ୍ଗ ଓ ବୀମାକ୍ଷେତ୍ରରେ ସେମାନଙ୍କର ଆସନ ଜମାଇ ସାରିଥିଲେ ।

ଭାରତ ସ୍ୱାଧୀନ ହେବାପରେ କେଉଁ ଦୃଷ୍ଟିଭଙ୍ଗୀରେ ଭାରତୀୟ ଅର୍ଥନୀତିକୁ ଠିକ୍ ଦିଗ୍‌ଦର୍ଶନ ଦିଆଯାଇପାରିବ ସେ ସମ୍ବନ୍ଧରେ ବିଶେଷ ମତପାର୍ଥକ୍ୟ ନଥିଲା । ସେତେବେଳେ ଭାରତୀୟ ଅର୍ଥନୀତିକୁ ସୁଧାରିବା ପାଇଁ ଯେଉଁ ସବୁ ପଦକ୍ଷେପ ନେବାର ଆବଶ୍ୟକତା ଥିଲା ସେଗୁଡ଼ିକ ହେଲା ଆତ୍ମନିର୍ଭରଶୀଳତା, ଆମଦାନୀ ହ୍ରାସକରି ଓ ବ୍ୟାବସାୟିକ ସନ୍ତୁଳନକୁ ବଜାୟ ରଖି ଭାରତୀୟ ବ୍ୟବସାୟକୁ ଶକ୍ତିପ୍ରଦାନ କରିବା ପାଇଁ ଦ୍ରୁତ ଶିଳ୍ପାୟନ; ଭାରତରେ ପୁଞ୍ଜିବିନିଯୋଗ କ୍ଷେତ୍ରରେ ସାମ୍ରାଜ୍ୟବାଦୀ ଓ ବିଦେଶ ପୁଞ୍ଜିପତି ଓ ଉଦ୍ୟୋଗପତିମାନଙ୍କୁ ଯଥାସମ୍ଭବ ବାରଣ; ଜମିଦାରୀ ପ୍ରଥା ଉଚ୍ଛେଦକରି ଭୂସଂସ୍କାର କାର୍ଯ୍ୟକାରୀ କରିବା ଓ ରୟତମାନଙ୍କୁ ସେମାନଙ୍କର ସ୍ୱତ୍ୱ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ; ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରିବା; ଭାରତର ବିପୁଳ ଜନସମ୍ବଳକୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନକରି ଦେଶର ପ୍ରଗତି ପାଇଁ ବିନିଯୋଗ କରିବା; କୁଟୀରଶିଳ୍ପକୁ ପ୍ରୋତ୍ସାହିତକରି ଗ୍ରାମୀଣ ଅର୍ଥନୀତିର ଦୃଢ଼ୀକରଣ; ବୃହତ୍ ଶିଳ୍ପଗୁଡ଼ିକ ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠା; ସରକାରୀ ଓ ବେସରକାରୀ ଉଦ୍ୟୋଗକୁ ସମାନ ସୁଯୋଗ ପ୍ରଦାନକରି ଏକ ପ୍ରକାର ମିଶ୍ରିତ ଅର୍ଥନୀତିର ପରିବେଶ ସୃଷ୍ଟି; ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଭାରତରେ ଆର୍ଥନୀତିକ ପ୍ରଗତି ସ୍ରୋତରେ ସାମିଲ କରିବା ।

ସ୍ୱାଧୀନତା ପ୍ରାପ୍ତିପରେ ଏ ସବୁକୁ କାର୍ଯ୍ୟକ୍ଷମ କରିବାରେ କୌଣସି ପ୍ରତିବନ୍ଧକ ନଥିଲା । ଶିଳ୍ପାୟନ ଉଦ୍ଦେଶ୍ୟରେ ଏକ ବ୍ୟାପକ ପରିବେଶ ସୃଷ୍ଟି କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆସରିଥିଲା । ଭାରତ ସହିତ ଦେଶୀୟ ରାଜ୍ୟଗୁଡ଼ିକ ସର୍ବାନ୍ତକରଣରେ ମିଶିଯିବାପରେ ଖଣିଜସମ୍ପଦ ବିନିଯୋଗ କରିବା ବା ସାରାଦେଶରେ ନିରଙ୍କୁଶ ବାଣିଜ୍ୟ ବ୍ୟବସାୟ କରିବାରେ କୌଣସି ବାଧାବିଘ୍ନ ରହିଲାନାହିଁ । ଅନେକ ପଦାର୍ଥର ମାଲିକାନା ସ୍ୱତ୍ୱ କେନ୍ଦ୍ରସରକାର ବା ରାଜ୍ୟସରକାରଙ୍କ ହାତରେ ରହିଲା । ସାରାଦେଶରେ ଅବାଧ

ଯୋଗାଯୋଗ, ଗମନାଗମନ, ପରିବହନ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ରହିଲା ନାହିଁ।


## ଯୋଜନା ଆୟୋଗ ଓ ପଞ୍ଚବାର୍ଷିକ ଯୋଜନା :

୧୯୫୦ ମସିହା ମାର୍ଚ୍ଚ ୧୫ ତାରିଖରେ ଭାରତ ସରକାର ଯୋଜନା ଆୟୋଗ ଗଠନ କଲେ। ପ୍ରଧାନମନ୍ତ୍ରୀ ଏହାର ଚେୟାର୍‌ମେନ୍ ରହିଲେ । ପ୍ରଥମ ପଞ୍ଚବାର୍ଷିକ ଯୋଜନା ପାଇଁ ଚିଠା ପ୍ରସ୍ତୁତ ହେଲା। ୧୯୫୧ ରୁ ୧୯୫୬ ମସିହା ପର୍ଯ୍ୟନ୍ତ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା। ଏହି ଯୋଜନାକାଳରେ କୃଷି ଓ ଜଳସେଚନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ୧୯୫୨ ଅଗଷ୍ଟ ୬ ତାରିଖରେ ଜାତୀୟ ଉନ୍ନୟନ ପରିଷଦ ପ୍ରତିଷ୍ଠା କରାଗଲା। ୧୯୫୬ ରୁ ୧୯୬୧ ମସିହା ଥିଲା ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ।

**ତୁମ ପାଇଁ କାମ**

***କେଉଁମାନେ ଜାତୀୟ ଉନ୍ନୟନ ପରିଷଦର ସଦସ୍ୟ ଏବଂ ଏହାର ମୁଖ୍ୟ କାର୍ଯ୍ୟଗୁଡ଼ିକ କ'ଣ ?***

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ରୂପରେଖ ପ୍ରସ୍ତୁତ କରିଥିଲେ ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ପି.ସି. ମାହାଲାନୋବିସ । ଭାରତୀୟ ସମାଜରେ ସମାଜବାଦୀ ବ୍ୟବସ୍ଥାର ପ୍ରଚଳନ ଥିଲା ଏହି ପଞ୍ଚବାର୍ଷିକ ଯୋଜନାର ପ୍ରଧାନ ଉଦ୍ଦେଶ୍ୟ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟଗୁଡ଼ିକ ଥିଲା ଜାତୀୟ ଆୟର ବୃଦ୍ଧି, ମୌଳିକ ଓ ବୃହତ ଶିଳ୍ପାୟନକୁ ଗୁରୁତ୍ୱଦେଇ ଶିଳ୍ପର ବିକାଶ ନିଯୁକ୍ତି ସୁଯୋଗ ଦେବାପାଇଁ ବ୍ୟାପକ ବ୍ୟବସ୍ଥା ଏବଂ ଆୟ ଓ ସମ୍ପତ୍ତିର ସୁଷମ ବଣ୍ଟନ। ଶିଳ୍ପ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବା ଏହି ଯୋଜନାର ଉଦ୍ଦେଶ୍ୟ ଥିଲା । ଶିଳ୍ପାୟନ ଓ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଗଲା। ବିଦେଶୀ ଜ୍ଞାନ କୌଶଳକୁ ଉପଯୋଗ କରି ୩ଟି ସମନ୍ୱିତ ଇସ୍ପାତ ପ୍ରକଳ୍ପ ମଧ୍ୟ ନିର୍ମିତ ହେଲା।



(ରାଉରକେଲା ଇସ୍ପାତ କାରଖାନା)

**ତୁମ ପାଇଁ କାମ**

***ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠିତ ତିନୋଟି ଲୌହ ଇସ୍ପାତ କାରଖାନାର ପ୍ରତିଷ୍ଠା ସମୟ ଓ ସ୍ଥାନ ଏବଂ ଏଥିରେ ଯେଉଁ ବିଦେଶୀ ରାଷ୍ଟ୍ରଗୁଡ଼ିକର ଜ୍ଞାନ କୌଶଳ ଉପଯୋଗ କରାଯାଇଥିଲା, ସେମାନଙ୍କ ନାମ ଉଲ୍ଲେଖ କର ।***

୧୯୬୧ ରୁ ୧୯୬୬ ଥିଲା ତୃତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ। ୧୯୬୨ରେ ଚୀନର ଭାରତ ଉପରେ ଆକ୍ରମଣ ଓ ୧୯୬୫ରେ ଭାରତ ପାକିସ୍ଥାନ ଯୁଦ୍ଧ ଯୋଗୁଁ ଏହି ଯୋଜନା ବିଶେଷ ଫଳପ୍ରଦ ହୋଇପାରିଲା ନାହିଁ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟଥିଲା ଜାତୀୟ ଆୟକୁ ଶତକଡ଼ା ୩୦ ଭାଗ ବୃଦ୍ଧି କରିବା ଏବଂ ମୁଣ୍ଡପିଛା ଆୟ ଅନ୍ୟୂନ ୧୭% ବଢ଼ାଇବା। ଏହା ବ୍ୟତୀତ ଏହି ପଞ୍ଚବାର୍ଷିକ ଯୋଜନା ଯେଉଁ ଲକ୍ଷ୍ୟଗୁଡ଼ିକ ରଖି କାର୍ଯ୍ୟାରମ୍ଭ କରିଥିଲା ତାହା ହେଲା; ଜାତୀୟ ଆୟରେ ବାର୍ଷିକ ୫% ଅଭିବୃଦ୍ଧି, ପୁଞ୍ଜିନିବେଶକୁ ପ୍ରୋତ୍ସାହନ, ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବନଶୀଳତା, ଶିଳ୍ପାୟନ ଓ ରପ୍ତାନୀ ପାଇଁ କୃଷି ଉତ୍ପାଦନର ବୃଦ୍ଧି, ଲୌହ ଇସ୍ପାତ, ରସାୟନ, ଇନ୍ଧନ ଓ ଶକ୍ତି ପ୍ରକଳ୍ପକୁ ପ୍ରୋତ୍ସାହନ, କଳକବ୍‌ଜା ଉତ୍ପାଦନ, ରୋଜଗାରର ସୁଯୋଗ ସୃଷ୍ଟି ଓ ଭାରତରେ ଉପଲବ୍ଧ ମାନବସମ୍ବଳର ସଦୁପଯୋଗ ଏବଂ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଆର୍ଥନୀତିକ ତାରତମ୍ୟର ହ୍ରାସ । ୧୯୬୬ ରୁ ୧୯୬୯

ପର୍ଯ୍ୟନ୍ତ ତିନୋଟି ବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା। ୪ର୍ଥ ପଞ୍ଚବାର୍ଷିକ ଯୋଜନା ଚାଲିଲା ୧୯୬୯ ରୁ ୧୯୭୪ ମସିହା ପର୍ଯ୍ୟନ୍ତ। ୪ର୍ଥ ପଞ୍ଚବାର୍ଷିକ ଯୋଜନାରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା କୃଷିଜାତଦ୍ରବ୍ୟର ଅଧିକ ଉତ୍ପାଦନ। ଜନସାଧାରଣଙ୍କ ଜୀବନଧାରଣର ମାନକୁ ଉନ୍ନତ କରିବା ପାଇଁ ଏହି ଯୋଜନାକାଳରେ ସମତା ଓ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱ ଦିଆଗଲା। ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଥିବା ତାରତମ୍ୟକୁ ହ୍ରାସ କରିବା ପାଇଁ ଏହି ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୧୯୬୯ ରେ ୧୪ଟି ବ୍ୟାଙ୍କକୁ ଜାତୀୟକରଣ କରାଗଲା। ବ୍ୟାଙ୍କ ଓ ଅନ୍ୟାନ୍ୟ ଋଣପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକୁ ଲୋକଙ୍କ ନିକଟତର କରାଗଲା। କୃଷିର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ତେବେ ବାଂଲାଦେଶୀ ଶରଣାର୍ଥୀ ସମସ୍ୟା ଓ ୧୯୭୧ର ଭାରତ ପାକିସ୍ଥାନ ଯୁଦ୍ଧ ଯୋଗୁଁ ଏହି ପଞ୍ଚବାର୍ଷିକ ଯୋଜନା ଆଶାନୁରୂପ ସଫଳତା ହାସଲ କରିପାରିଲା ନାହିଁ। ଏହି ଯୋଜନାକାଳରେ ଦରଦାମ ଆଶାତୀତ ଭାବରେ ବୃଦ୍ଧିପ୍ରାପ୍ତ ହେଲା।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା ୧୯୭୪ ରୁ ୧୯୭୯ ମଧ୍ୟରେ କାର୍ଯ୍ୟକାରୀ ହେଲା। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟଥିଲା ଆର୍ଥନୀତିକ ଆତ୍ମନିର୍ଭରଶୀଳତା ହାସଲ। ଏହି ଯୋଜନାକୁ ୧୯୭୮ ରୁ ବନ୍ଦ କରି ଦିଆଗଲା। ୧୯୭୮ ରୁ ୧୯୮୦ ପର୍ଯ୍ୟନ୍ତ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା ନାହିଁ। ୧୯୮୦ ରୁ ୧୯୮୫ ଓ ୧୯୮୫ ରୁ ୧୯୯୦ ଯଥାକ୍ରମେ ଷଷ୍ଠ ଓ ସପ୍ତମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା। ଦାରିଦ୍ର୍ୟ ଦୂରୀକରଣ ଥିଲା ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନାରେ ଉଭୟ କୃଷି ଓ ଶିଳ୍ପ ପାଇଁ ଭିତ୍ତିଭୂମି ପ୍ରତିଷ୍ଠା କରିବାରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଯୋଜନାରେ ଶତକଡ଼ା ୫.୨ ଜାତୀୟ ଅଭିବୃଦ୍ଧି ହାର ହାସଲ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ସପ୍ତମ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟଗୁଡ଼ିକ ଥିଲା– ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି, ନିଯୁକ୍ତି ସୁଯୋଗ, ଆଧୁନିକୀକରଣ, ଆତ୍ମନିର୍ଭରଶୀଳତା ଏବଂ ସାମାଜିକ ନ୍ୟାୟ। ଏହି ପଞ୍ଚବାର୍ଷିକ ଯୋଜନା ଫଳରେ କିଛି ସୁଫଳ ମଧ୍ୟ ମିଳିଲା। ଖାଦ୍ୟଉତ୍ପାଦନ ଶତକଡ଼ା ୩.୨୩ ବୃଦ୍ଧି ପାଇଲା। ପଞ୍ଚମ ଯୋଜନା କାଳରେ ବେକାରୀ ସମସ୍ୟା ହ୍ରାସକରିବା ପାଇଁ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଜବାହର ରୋଜଗାର ଯୋଜନା କାର୍ଯ୍ୟକାରୀ ହେଲା। ଏହି ଯୋଜନା କାଳରେ ସକଳ ଜାତୀୟ ଉତ୍ପାଦନ ଶତକଡ଼ା ୫.୮ ହାରରେ ବୃଦ୍ଧିପ୍ରାପ୍ତ ହେଲା। ଅଷ୍ଟମ ଯୋଜନା ଆରମ୍ଭ ହେଲା ଦୁଇ ବର୍ଷପରେ, ଅର୍ଥାତ୍ ୧୯୯୨ରେ ଓ ଏହା ୧୯୯୭ ପର୍ଯ୍ୟନ୍ତ ଚାଲିଲା। ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ବାର୍ଷିକ ଶତକଡ଼ା ୫.୬ ଜାତୀୟ ଅଭିବୃଦ୍ଧି ହାର ପାଇଁ ଲକ୍ଷ୍ୟ ରଖିଥିଲା। ଶିଳ୍ପ ଅଭିବୃଦ୍ଧି ହାର ଲକ୍ଷ୍ୟ ଥିଲା ଶତକଡ଼ା ୭.୫। ଯୋଜନା ଶେଷରେ ଦେଖାଗଲା ଯେ ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ହୋଇଛି ଶତକଡ଼ା ୬.୮। ଏହାଥିଲା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଶତକଡ଼ା ୧.୨ ଅଧିକ।

ବିଂଶ ଶତାବ୍ଦୀର ଶେଷ ଆଡ଼କୁ ୧୯୯୭ ମସିହାରେ ଆରମ୍ଭ ହେଲା **ନବମ ପଞ୍ଚବାର୍ଷିକ ଯୋଜନା।** ଏହି ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଥିଲା– କୃଷି ଓ ଗ୍ରାମ୍ୟବିକାଶକୁ ପ୍ରାଥମିକତା ପ୍ରଦାନ ଓ ଦାରିଦ୍ର୍ୟ ଦୂରୀକରଣ, ଦରଦାମ ସ୍ଥିର ରଖି ଅଭିବୃଦ୍ଧିହାର ବୃଦ୍ଧି କରିବା, ଦେଶର ସମସ୍ତ ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇଦେବା, ଲୋକମାନଙ୍କୁ ମୌଳିକ ଓ ଅପରିହାର୍ଯ୍ୟ ସେବା ଯଥା ପାନୀୟ ଜଳ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ସାର୍ବଜନୀନ ପ୍ରାଥମିକ ଶିକ୍ଷା, ଆବାସ ଓ ଯାତାୟାତର ସୁବିଧା ଯୋଗାଇଦେବା, ଲୋକସଂଖ୍ୟା ବୃଦ୍ଧି ଉପରେ ଅଙ୍କୁଶ ଲଗାଇବା, ନାରୀ, ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆବର୍ଗର ସଶକ୍ତୀକରଣ କରିବା, ପଞ୍ଚାୟତରାଜ, ସମବାୟ ଆନ୍ଦୋଳନ ଓ ସ୍ୱୟଂସହାୟକ ଗୋଷ୍ଠୀକୁ ଶକ୍ତିଶାଳୀ କରିବା ଏବଂ ଆତ୍ମନିର୍ଭରଶୀଳତା। ନବମ ପଞ୍ଚବାର୍ଷିକ ଯୋଜନାର ଅଭିବୃଦ୍ଧିହାର ଲକ୍ଷ୍ୟଥିଲା ଶତକଡ଼ା ୬.୫ କିନ୍ତୁ ହାସଲ ହେଲା ବାର୍ଷିକ ୫.୫ ପ୍ରତିଶତ।

ଏକବିଂଶ ଶତାବ୍ଦୀର ଆଦ୍ୟଭାଗ ଅର୍ଥାତ ୨୦୦୨ ମସିହାରେ ଆରମ୍ଭହେଲା ଦଶମ ପଞ୍ଚବାର୍ଷିକ ଯୋଜନା। ଏହା ୨୦୦୭ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିଲା। ଏହା ପରେ ୨୦୦୭ ମସିହାରେ ଆରମ୍ଭ ହୋଇ ଏକାଦଶ ପଞ୍ଚବାର୍ଷିକ ଯୋଜନା ଚାଲିଲା ୨୦୧୨ ପର୍ଯ୍ୟନ୍ତ।

ମୂଳରୁ ଏହା ଉପଲବଧି କରାଯାଇଥିଲା ଯେ କୃଷି ଓ କୃଷକମାନଙ୍କର ଉନ୍ନତି ବିନା ଭାରତୀୟ ଅର୍ଥନୀତିର ଚିତ୍ର ବଦଳିବ ନାହିଁ। ସେଥିପାଇଁ କୃଷକମାନଙ୍କର ସୁବିଧାପାଇଁ ଅନେକଗୁଡ଼ିଏ କାର୍ଯ୍ୟ ହାତକୁ ନିଆଯାଇଥିଲା। ଜମିଦାରୀ ପ୍ରଥାର ବିଲୋପ କରାଗଲା। ରୟତମାନଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରାଗଲା। ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରାଗଲା ।ମହାଜନୀ ଋଣ ବ୍ୟବସ୍ଥାକୁ ନିରୁତ୍ସାହିତ କରାଗଲା। ଜଳସେଚନ ଓ ବୈଜ୍ଞାନିକ କୃଷି ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଗଲା। ଶିଳ୍ପାୟନ ପାଇଁ ଭିତ୍ତିଭୂମି ପ୍ରତିଷ୍ଠା ଓ ସରକାରୀ ଉଦ୍ୟୋଗରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା ହେଲା। ଘରୋଇ ଶିଳ୍ପପତିମାନଙ୍କୁ ମଧ୍ୟ ଉତ୍ସାହିତ କରାଗଲା।

ଦାରିଦ୍ର୍ୟ ଓ ବେରୋଜଗାରୀ ଥିଲା ଭାରତର ମୁଖ୍ୟ ସମସ୍ୟା। ଗ୍ରାମ ଓ ସହରାଞ୍ଚଳର ଦାରିଦ୍ର୍ୟକୁ ଦୂର କରିବା ପାଇଁ ୧୯୬୯ ପରେ ସରକାର କେତେକ ଯୋଜନା କାର୍ଯ୍ୟକାରୀ କଲେ। ୧୯୬୯ ରେ ବ୍ୟାଙ୍କଗୁଡ଼ିକର ଜାତୀୟକରଣ ହେବାପରେ ସାଧାରଣ ଲୋକଙ୍କ ଆତ୍ମନିଯୁକ୍ତି ଓ କୃଷିକ୍ଷେତ୍ର ପାଇଁ ଋଣ ସୁଲଭ ହେଲା। ୧୯୭୮ ମସିହାରେ ଆରମ୍ଭହେଲା ସମନ୍ୱିତ ଗ୍ରାମ୍ୟଉନ୍ନୟନ ଯୋଜନା । ସେହି ବର୍ଷ ଆରମ୍ଭ ହେଲା ଗ୍ରାମାଞ୍ଚଳ ନାରୀ ଓ ଶିଶୁବିକାଶ ଯୋଜନା । ୧୯୯୯ ମସିହାରେ ଆରମ୍ଭ ହେଲା ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା। ୨୦୦୦ ମସିହାରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା। ଏହି ଯୋଜନାର ଦୁଇଟି ମୁଖ୍ୟ ବିଭାଗ ଥିଲା। ଗୋଟିଏ ଥିଲା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା ଓ ଅନ୍ୟଟି ଥିଲା ଇନ୍ଦିରା ଆବାସ ଯୋଜନା। ସହରାଞ୍ଚଳରେ ବସବାସ କରୁଥିବା ବେକାର ଯୁବକ ଓ ଯୁବତୀମାନଙ୍କ କର୍ମସଂସ୍ଥାନ ପାଇଁ ୧୯୯୭ରେ "ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା" ଆରମ୍ଭ ହେଲା।

ଗରିବ ଲୋକମାନଙ୍କ ନିକଟରେ ଖାଦ୍ୟ ନିରାପତ୍ତା ନିଶ୍ଚିତ କରିବା ପାଇଁ 'ଅନ୍ତ୍ୟୋଦୟ ଅନ୍ନ ଯୋଜନା' ପ୍ରଣୟନ କରାଗଲା। ୨୦୦୦ ମସିହାରେ ଏହି ଯୋଜନା ମାଧ୍ୟମରେ ପ୍ରାୟ ଏକ କୋଟି ଅତି ଦରିଦ୍ର ଲୋକଙ୍କୁ ଚିହ୍ନଟ କରାଗଲା ଓ ସେମାନଙ୍କୁ କିଲୋଗ୍ରାମ ପ୍ରତି ୨ ଟଙ୍କା ଦରରେ ଗହମ ଓ ୩ ଟଙ୍କା ଦରରେ ମାସକୁ ୩୫ କିଲୋଗ୍ରାମ ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା ହେଲା।

ଏହିସବୁ ମୁଖ୍ୟ ଯୋଜନାଗୁଡ଼ିକ ବ୍ୟତୀତ ୧୯୫୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଭାରତରେ ଅନ୍ୟୁନ ଏକଶହ ଦାରିଦ୍ର୍ୟ ଓ ବେକାରୀ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହୋଇଛି। ଏସବୁ ଯୋଜନା ଦାରିଦ୍ର୍ୟ, ବେରୋଜଗାରୀ, ଆଞ୍ଚଳିକ ବୈଷମ୍ୟ ପ୍ରଭୃତି ମୁଖ୍ୟ ଆର୍ଥନୀତିକ ସମସ୍ୟାଗୁଡ଼ିକର ଅନ୍ତ ଘଟାଇ ପାରି ନଥିଲେ ସୁଦ୍ଧା ଗରିବ ଓ ବେକାରମାନଙ୍କର ଅଭାବନୀୟ ଅବସ୍ଥା ଅନେକମାତ୍ରାରେ ଦୂର କରିବାରେ ସହାୟକ ହୋଇଛି।

ଭାରତୀୟ ଉଦ୍ୟୋଗପତିମାନେ ସମୟର ଆହ୍ୱାନକୁ ଚାହିଁ ନୂତନ ଶିଳ୍ପ ପ୍ରତିଷ୍ଠା କଲେ। ଶିଳ୍ପାୟନ ଓ ଦେଶର ସାମାଜିକ ଓ ଆର୍ଥନୀତିକ ପ୍ରଗତି ପାଇଁ ବ୍ୟାପକ ପ୍ରଚେଷ୍ଟା ହେଲା। ରାସ୍ତାଘାଟ, ରେଳପଥ, ଜଳସେଚନ, ପରିବହନ, ଗମନାଗମନ, ମାନବ ସମ୍ବଳର ବିକାଶ ପାଇଁ ପ୍ରଚୁର ପରିମାଣରେ ପୁଞ୍ଜି ବିନିଯୋଗ କରାଗଲା। ବ୍ୟାଙ୍କ ସେବା, ବୀମା ବ୍ୟବସ୍ଥାକୁ ଲୋକାଭିମୁଖୀ କରାଗଲା। ହରିତକ୍ରାନ୍ତି ଜରିଆରେ ଦେଶର ଖାଦ୍ୟାଭାବକୁ ଏକ ପ୍ରକାର ଦୂରକରି ଦିଆଗଲା।

**ତୁମେ ଜାଣିଛ କି ?**

***ବିଶ୍ୱଅର୍ଥନୀତି ମହାସ୍ରୋତରେ ସାମିଲ ହେବା ହେଉଛି ଜଗତୀକରଣ। ଏହ ଦ୍ୱାରା ବିଦେଶୀ ପୁଞ୍ଜି ବିନିଯୋଗ ସମ୍ଭବ ହୁଏ ଓ ବିଦେଶୀ ବଜାର ମଧ୍ୟ ଉନ୍ମୁକ୍ତ ହୁଏ।***

ସରକାରୀ ଉଦ୍ୟୋଗରେ ପରିଚାଳିତ କେତେକ ଶିଳ୍ପସଂସ୍ଥା ଲାଭଦାୟକ ପ୍ରମାଣିତ ହେଲା। ପର୍ଯ୍ୟଟନ, ଆମୋଦପ୍ରମୋଦ, ଗଣମାଧ୍ୟମ ଭଳି ବିକଳ୍ପ ଆର୍ଥନୀତିକ କ୍ଷେତ୍ର ସୃଷ୍ଟି କରାଗଲା। ଭାରତର ଅର୍ଥନୀତି ବର୍ତ୍ତମାନ ବେଶ ସୁଦୃଢ଼।

**ତୁମେ ଜାଣିଛ କି ?**

***୧୯୯୭ ମସିହାରେ ଭାରତ ସରକାର ନ'ଟି ଲାଭଜନକ ସରକାରୀ ଉଦ୍ୟୋଗକୁ 'ନବରତ୍ନ' ଆଖ୍ୟା ପ୍ରଦାନ କରିଥିଲେ। ବର୍ତ୍ତମାନ ଏହି 'ନବରତ୍ନ' ମାନ୍ୟତାପ୍ରାପ୍ତ ଉଦ୍ୟୋଗର ସଂଖ୍ୟା ୧୬ରେ ପହଞ୍ଚିଲାଣି।***

**ତୁମ ପାଇଁ କାମ**

*ନବରତ୍ନ ଉଦ୍ୟୋଗଗୁଡ଼ିକର ଅବସ୍ଥିତି ସ୍ଥାନ ସହିତ ଏକ ଚିଠା ପ୍ରସ୍ତୁତ କର ।*

ସ୍ୱାଧୀନତା ପରେ ପରେ ଭାରତୀୟ ଅର୍ଥନୀତିର ମୂଳମନ୍ତ୍ର ଥିଲା 'ମିଶ୍ରିତ ଓ ନିୟନ୍ତ୍ରିତ ଅର୍ଥନୀତି' । ଏହି ନୀତି ପ୍ରଚଳିତ ଥିବା ସମୟରେ ଘରୋଇ ଓ ସରକାରୀ ଉଦ୍ୟୋଗ ଉଭୟଙ୍କୁ ପ୍ରୋତ୍ସାହିତ କରାଯାଉଥିଲା ଓ କେଉଁ କ୍ଷେତ୍ରରେ କିଏ ଅର୍ଥ ବିନିଯୋଗ କରିବ ତାହା ସ୍ଥିର କରାଯାଇଥିଲା । ୧୯୫୬ ମସିହାରେ ଏକ ନୂଆ ଶିଳ୍ପନୀତି ସଂକଳ୍ପ ଉଦ୍‌ଘୋଷିତ ହେଲା ଓ ଏକ ସମାଜବାଦୀ ସମାଜର ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭହେଲା । ୧୯୫୬ ମସିହାର ଶିଳ୍ପନୀତି ଅଳ୍ପ କେତେକ ପରିବର୍ତ୍ତନ ସହିତ ୧୯୯୦ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିଲା । ତେବେ ୧୯୯୧ ମସିହାରେ ଭାରତୀୟ ଅର୍ଥନୀତିରେ ଅନେକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଲା । ସେତେବେଳେକୁ ବିଶ୍ୱ ଅର୍ଥନୀତି ମଧ୍ୟ ଏକ ପ୍ରକାର ପରିବର୍ତ୍ତିତ ହୋଇସାରିଥାଏ । ସୋଭିଏତ ଋଷିଆର ସାମ୍ୟବାଦୀ ଅର୍ଥନୀତି ଏକପ୍ରକାର ପ୍ରତ୍ୟାଖ୍ୟାତ ହୋଇସାରିଥାଏ । ବିଶ୍ୱକୁ ଆସିଥାଏ ଉଦାରୀକୃତ ଆର୍ଥନୀତିକ ସଂସ୍କାରର ଲହରୀ । ଭାରତକୁ ବିଶ୍ୱ ଅର୍ଥନୀତି ସ୍ରୋତରେ ସାମିଲ କରିବା ପାଇଁ ଭାରତରେ ପୁଞ୍ଜିନିବେଶ କ୍ଷେତ୍ର ଉନ୍ମୁକ୍ତ ହେଲା ।

ସ୍ୱାଧୀନତା ପରେ ପ୍ରଚଳିତ "ମିଶ୍ରିତ ଅର୍ଥନୀତି' ସ୍ଥାନରେ ଭାରତରେ "ବିମୁକ୍ତ ଓ ଅବାଧ" ଅର୍ଥନୀତି ଅବଲମ୍ବନ କରାଗଲା । ଭାରତରେ ମୁକ୍ତ ଅର୍ଥନୀତିର ଯୁଗ ଆରମ୍ଭ ହେଲା ୧୯୯୧ ମସିହାରେ ଏହି ପରିବର୍ତ୍ତିତ ପ୍ରକ୍ରିୟାକୁ ଆର୍ଥନୀତିକ ଉଦାରୀକରଣ ମଧ୍ୟ କୁହାଯାଏ । ଏହି ଉଦାରୀକରଣର ଦୁଇଟି ଉପାଂଶ ଅଛି । ଆଗରୁ ଯେଉଁ ସବୁ କ୍ଷେତ୍ର କେବଳ ସରକାରୀ ଉଦ୍ୟୋଗ ପାଇଁ ସଂରକ୍ଷିତ ଥିଲା, ସେଥିରେ ଘରୋଇ କମ୍ପାନୀମାନେ କାର୍ଯ୍ୟ କରିପାରିଲେ ଏବଂ ଦ୍ୱିତୀୟତଃ ବ୍ୟାବସାୟିକ ଆଇନ କାନୁନରେ କେତେକ ପରିବର୍ତ୍ତନ ଅଣାଯାଇ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହିତ କରାଗଲା । ଆଗରୁ ଥିବା ସତରଟି କ୍ଷେତ୍ରରୁ ସରକାରୀ ଶିଳ୍ପ ଉଦ୍ୟୋଗ ପାଇଁ ସଂରକ୍ଷିତ କ୍ଷେତ୍ରସଂଖ୍ୟା ତିନିକୁ ହ୍ରାସ କରାଗଲା । ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ଲାଇସେନସ, କଞ୍ଚାମାଲ ଆମଦାନୀ, ମୂଲ୍ୟ ନିର୍ଦ୍ଧାରଣ ଓ ବଣ୍ଟନ ପ୍ରଭୃତିରେ ଥିବା ଆଦବକାଇଦାକୁ କୋହଳ କରିଦିଆଗଲା । ଏହା ଦ୍ୱାରା ଭାରତରେ ଶିଳ୍ପ ପ୍ରତିଷ୍ଠାର ଅନୁକୂଳ ବାତାବରଣ ସୃଷ୍ଟି ହେଲା । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସେହି ଉନ୍ମୁକ୍ତ ଉଦାରୀକୃତ ଅର୍ଥବ୍ୟବସ୍ଥା ବଳବତ୍ତର ଅଛି ।

ସମୟକ୍ରମେ ଶିଳ୍ପକ୍ଷେତ୍ରରୁ ସରକାରୀ ନିୟନ୍ତ୍ରଣ ହ୍ରାସ କରାଯାଇଛି । ଜଗତୀକରଣ ଓ ମୁକ୍ତ ଅର୍ଥନୀତି ମାଧ୍ୟମରେ ଭାରତର ବିଦେଶୀ ପୁଞ୍ଜିନିବେଶର ପଥ ଉନ୍ମୁକ୍ତ କରାଯାଇଛି । ଏପରିକି ପ୍ରତିରକ୍ଷାସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଶତକଡ଼ା ୨୬ ଭାଗ ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗକୁ ଗ୍ରହଣ କରିନିଆଯାଇଛି । କେବଳ ଆଣବିକ ଶକ୍ତି ଓ ରେଳପରିବହନ ବ୍ୟବସ୍ଥା ସରକାରୀ କର୍ତ୍ତୃତ୍ୱାଧୀନ ଅଛି । ରେଳ ପରିବହନର କେତେକ କ୍ଷେତ୍ରରେ ବେସରକାରୀ ଭାଗିଦାରୀକୁ ମଧ୍ୟ ଗ୍ରହଣ କରାଗଲାଣି । ଭାରତୀୟ ଶିଳ୍ପଗୁଡ଼ିକ ଏବେ ଆନ୍ତର୍ଜାତିକ ଶିଳ୍ପ ସହିତ ପ୍ରତିଯୋଗିତା କରିବାକୁ ସମର୍ଥ ହୋଇଛନ୍ତି ।

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) ସ୍ୱାଧୀନତା ବେଳକୁ ଭାରତର ଆର୍ଥନୀତିକ ସମସ୍ୟାଗୁଡ଼ିକ କ'ଣ ଥିଲା ଓ ଭାରତୀୟ ଅର୍ଥନୀତିରେ ସୁଧାର ଆଣିବାପାଇଁ କି କି ସୁବିଧା ଉପଲବ୍ଧ ଥିଲା ?

(ଖ) ସ୍ୱାଧୀନତା ପରେ ଭାରତର ଅର୍ଥନୀତିକୁ ସୁଧାରିବା ପାଇଁ କେଉଁ ପ୍ରକାର ପଦକ୍ଷେପ ନେବାର ଆବଶ୍ୟକତା ଥିଲା ?

(ଗ) ପ୍ରଥମ ଦୁଇଟି ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଓ ସୁଫଳ କ'ଣ ଥିଲା ?

(ଘ) ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଓ ସୁଫଳଗୁଡ଼ିକ କ'ଣ ଥିଲା ?

(ଙ) ଦାରିଦ୍ର୍ୟ ଦୂରୀକରଣ ପାଇଁ ଭାରତ ସରକାର ୧୯୬୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ କି ପଦକ୍ଷେପ ନେଇଥିଲେ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ଯୋଜନା ଆୟୋଗ ଓ ଜାତୀୟ ଉନ୍ନୟନ ପରିଷଦ କେବେ ଗଠିତ ହୋଇଥିଲା ?

(ଖ) ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ?

(ଗ) ତୃତୀୟ ପଞ୍ଚବାର୍ଷିକ ଯୋଜନା କାହିଁକି ବାଧାପ୍ରାପ୍ତ ହୋଇଥିଲା ?

(ଘ) ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ସଂକ୍ରାନ୍ତରେ ତୃତୀୟ ପଞ୍ଚବାର୍ଷିକ ଯୋଜନାର କ'ଣ ଉଦ୍ଦେଶ୍ୟ ଥିଲା ?

(ଙ) ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ କାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ?

(ଚ) ପଞ୍ଚମ ପଞ୍ଚବାର୍ଷିକ ଯୋଜନା କେବେଠାରୁ ବନ୍ଦ କରିଦିଆଯାଇଥିଲା ଏବଂ ପୁଣି କେବେଠାରୁ ଆରମ୍ଭ ହେଲା ?

(ଛ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନାର ଦୁଇଟି ବିଭାଗ କ'ଣ ଥିଲା ?

(ଜ) ବ୍ୟାଙ୍କକୁ ଜାତୀୟକରଣ କରାଯିବାପରେ କ'ଣ ଲାଭ ହେଲା ?

(ଝ) ମିଶ୍ରିତ ଓ ନିୟନ୍ତ୍ରିତ ଅର୍ଥନୀତି କ'ଣ ?

(ଞ) ଉଦାରୀକରଣ ଅର୍ଥନୀତି ଭାରତରେ କେବେ ଓ କେଉଁ ପରିସ୍ଥିତିରେ ଆରମ୍ଭ ହେଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଯୋଜନା କମିଶନର ଚେୟାରମ୍ୟାନ କିଏ ହେଲେ ?

(ଖ) ପଞ୍ଚବାର୍ଷିକ ଯୋଜନା କେବେଠାରୁ ଆରମ୍ଭ ହେଲା ?

(ଗ) କିଏ ତୃତୀୟ ପଞ୍ଚବାର୍ଷିକ ଯୋଜନାର ରୂପରେଖ ପ୍ରସ୍ତୁତ କରିଥିଲେ ?

(ଘ) କେବେ ବ୍ୟାଙ୍କଗୁଡ଼ିକର ଜାତୀୟକରଣ ହୋଇଥିଲା ?

(ଙ) ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାହିଁକି ଆଶାନୁରୂପ ସଫଳତା ହାସଲ କରିପାରିଲା ନାହିଁ ?

(ଚ) ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

(ଛ) ୧୯୭୮ ମସିହାରେ ଗ୍ରାମାଞ୍ଚଳର ଉନ୍ନୟନ ପାଇଁ ଆରମ୍ଭ କରାଯାଇଥିବା ଯୋଜନାଟି କ'ଣ ?

(ଜ) ୧୯୯୯ ମସିହାରେ ବେକାରୀ ଦୂରୀକରଣ ଦିଗରେ କେଉଁ ଯୋଜନା ପ୍ରବର୍ତ୍ତିତ ହୋଇଥିଲା ?

(ଝ) ସହରାଞ୍ଚଳରେ ବସବାସ କରୁଥିବା ଯୁବକଯୁବତୀଙ୍କର କର୍ମସଂସ୍ଥାନ ପାଇଁ ଆରମ୍ଭ କରାଯାଇଥିବା ଯୋଜନାଟିର ନାମ କ'ଣ ?

(ଞ) ଅନ୍ତ୍ୟୋଦୟ ଅନ୍ନ ଯୋଜନାର ଉଦ୍ଦେଶ୍ୟ କ'ଣ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ କେବେ ଶେଷ ହୋଇଥିଲା ?

(i) ୧୯୫୬ (ii) ୧୯୬୧ iii) ୧୯୬୨ (iv) ୧୯୬୫

(ଖ) ଜାତୀୟ ଆୟର କେତେ ଅଭିବୃଦ୍ଧି ତୃତୀୟ ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ ଥିଲା ?

i) ୫% (ii) ୫.୬% iii) ୭.୫% iv) ୬.୮%

(ଗ) ସପ୍ତମ ପଞ୍ଚବାର୍ଷିକ ଯୋଜନା ଫଳରେ ଖାଦ୍ୟ ଉତ୍ପାଦନ କେତେ ବୃଦ୍ଧି ପାଇଥିଲା ?

i) ୧୭% ii) ୩.୨୩% iii) ୫.୮% iv) ୧.୨%

(ଘ) କେବେ ଭାରତରେ ଏକ ନୂଆଶିକ୍ଷାନୀତି ଘୋଷିତ ହୋଇଥିଲା ?

i) ୧୯୫୧ ii) ୧୯୫୬

iii) ୧୯୯୦ iv) ୧୯୯୧

(ଙ) କେବେଠାରୁ ଭାରତରେ ମିଶ୍ରିତ ଅର୍ଥନୀତି ପ୍ରବର୍ତ୍ତିତ ହେଲା ?

i) ୧୯୬୯ ii) ୧୯୭୮

iii) ୧୯୯୧ iv) ୧୯୯୭

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

## ପଞ୍ଚମ ପାଠ

# ଭାରତରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତରେ ଗଠିତ ମଧ୍ୟବର୍ତ୍ତୀ କାଳୀନ ସରକାରର ପ୍ରଧାନମନ୍ତ୍ରୀ ଥିଲେ ଜବାହରଲାଲ ନେହେରୁ । ସେ ନିରବଚ୍ଛିନ୍ନ ଭାବରେ ୧୯୬୪ ମେ ୨୭ରେ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଥିଲେ । ୧୯୪୬ ରୁ ୧୯୬୪ ମସିହା ପର୍ଯ୍ୟନ୍ତ ସମୟକୁ ଭାରତରେ 'ନେହେରୁ ଯୁଗ' ବୋଲି କୁହାଯାଏ । ଏହି ସମୟରେ ସେ ଭାରତରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ ପାଇଁ ଅକ୍ଳାନ୍ତ ଚେଷ୍ଟା କରିଥିଲେ । ନେହେରୁଙ୍କ ଦୃଢ଼ ବିଶ୍ୱାସ ଥିଲା ଯେ କେବଳ ବିଜ୍ଞାନ ହିଁ କ୍ଷୁଧା, ଦାରିଦ୍ର୍ୟ, ଅପରିଚ୍ଛନ୍ନତା, ନିରକ୍ଷରତା, ଅନ୍ଧବିଶ୍ୱାସ, ପ୍ରାକୃତିକ ସମ୍ବଳର ଅସଦ୍ ବିନିଯୋଗ ପ୍ରଭୃତି ଭାରତର ଗୁରୁତର ସମସ୍ୟା ଗୁଡ଼ିକର ସମାଧାନ କରିପାରିବ । ଆର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ ପ୍ରଗତି ପାଇଁ ବିଜ୍ଞାନ ଓ ବୈଷୟିକ ବିଦ୍ୟା ଯେ ଅପରିହାର୍ଯ୍ୟ ତାହା ନେହେରୁ ଓ ସେ ସମୟର ଭାରତର ନେତୃବୃନ୍ଦ ଉପଲବ୍ଧି କରିଥିଲେ । କେବଳ ସେତିକି ନୁହେଁ, ବୈଜ୍ଞାନିକ ଗବେଷଣା ଓ ବୈଷୟିକ ଜ୍ଞାନ ଯେ ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବ ସେ ବିଷୟ ଜବାହରଲାଲ ନେହେରୁ ସ୍ପଷ୍ଟ କରିଦେଇଥିଲେ ।



(ଜବାହରଲାଲ ନେହେରୁ)

### ବିଜ୍ଞାନ ଓ ବୈଷୟିକ ଶିକ୍ଷା ତଥା ଗବେଷଣା ବ୍ୟବସ୍ଥା :

ଭାରତରେ ବୈଜ୍ଞାନିକ ଓ ବୈଷୟିକ ଗବେଷଣାର ଅଗ୍ରଗତି ପାଇଁ ସ୍ୱାଧୀନତା ପୂର୍ବରୁ ୧୯୪୭ ମସିହା ଜାନୁଆରୀ ୪ ତାରିଖରେ ଭାରତର ପ୍ରଥମ ଜାତୀୟ ପରୀକ୍ଷାଗାରର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା । ଏହି ଗବେଷଣା ଅନୁଷ୍ଠାନର ନାମ ରଖାଗଲା "ଜାତୀୟ ଭୌତିକ ପରୀକ୍ଷାଗାର" । ଏହାପରେ ଭାରତର ବିଜ୍ଞାନ ଓ ବୈଜ୍ଞାନିକ ଗବେଷଣାର ଗୁରୁତ୍ୱ ଉପଲବ୍ଧି କରି ନେହେରୁ 'ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ' ଗଠନ କରି ସେ ନିଜେ ଏହାର ଅଧ୍ୟକ୍ଷ ହେଲେ । ଏହି ପରିଷଦ ଭାରତରେ ଥିବା ଜାତୀୟ ଗବେଷଣାଗାର ଓ ବୈଜ୍ଞାନିକ ପ୍ରତିଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ଓ ଦିଗ୍‌ଦର୍ଶନ ପ୍ରଦାନ କଲା ।

ବୈଷୟିକ ଶିକ୍ଷାର ବିକାଶ ପାଇଁ ଏକ ୨୨ ଜଣିଆ କମିଟି ଗଠନ କରାଗଲା । କମିଟିର ସୁପାରିସ ଅନୁଯାୟୀ ଆମେରିକାର ମାଶାଚୁସେଟ୍‌ସ ବୈଷୟିକ ଶିକ୍ଷାନୁଷ୍ଠାନ ଢାଞ୍ଚାରେ ଭାରତରେ କେତୋଟି 'ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ' ଗଠନର ପ୍ରସ୍ତାବ ଦିଆଗଲା । ୧୯୫୧ ଅଗଷ୍ଟ ୧୮ରେ ଭାରତର ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କଲାମ ଆଜାଦ ପଶ୍ଚିମବଙ୍ଗର ଖଡ଼ଗପୁରଠାରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କଲେ । ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଉଚ୍ଚତର ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପାଇଁ ଏହି ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ସୃଷ୍ଟିହେଲା । ପରେ ପରେ ବମ୍ବେ (ମୁମ୍ବାଇ), ଦିଲ୍ଲୀ, ମାଡ୍ରାସ (ଚେନ୍ନାଇ) ଓ କାନପୁର ଠାରେ ମଧ୍ୟ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ ହେଲା । ନିକଟ ଅତୀତରେ ଭୁବନେଶ୍ୱର ସମେତ ଅନ୍ୟ କେତୋଟି ସହରରେ ଭାରତୀୟ ବୈଷୟିକ

ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରାଯାଇଛି । ବିଜ୍ଞାନ, ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିକାଶପାଇଁ ଦେଶର ବିଭିନ୍ନ ସ୍ଥାନରେ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନ, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ଅନୁଷ୍ଠାନ, ଆଞ୍ଚଳିକ ଗବେଷଣା କେନ୍ଦ୍ର, କେନ୍ଦ୍ରୀୟ ଗବେଷଣା କେନ୍ଦ୍ର ଏବଂ ବିଜ୍ଞାନ ଓ ଶିଳ୍ପ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଛି ।

ବିଂଶ ଶତାବ୍ଦୀର ଶେଷଦଶକରୁ ଭାରତବର୍ଷରେ ସୂଚନା ପ୍ରଯୁକ୍ତି ବିଦ୍ୟାର ବିକାଶ ଘଟିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଫଳପ୍ରଦ ପଦକ୍ଷେପ ଫଳରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରସାର ଓ ପ୍ରଭାବ ପରିଲକ୍ଷିତ ହେଲା। ବିଜ୍ଞାନ ଓ ବୈଷୟିକ ବିଦ୍ୟାରେ ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଲା । ଭାରତ ସରକାରଙ୍କ ଟେଲିଯୋଗାଯୋଗ ବିଭାଗ ଯୋଗାଯୋଗ କ୍ଷେତ୍ରରେ ଗବେଷଣା ଜାରି ରଖିଛନ୍ତି। ସୂଚନା ସମ୍ବନ୍ଧୀୟ ବୈଷୟିକ ଜ୍ଞାନକୁ ଦୃଷ୍ଟିରେ ରଖି ଏ ସମ୍ପର୍କିତ ଶିକ୍ଷା ଓ ଗବେଷଣା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଭାରତ ସରକାରଙ୍କ ସୂଚନା ଓ ପ୍ରାଯୋଗିକ ବିଭାଗ ଦ୍ୱାରା ଭାରତର ବିଭିନ୍ନ ସ୍ଥାନରେ ଇ-ଅଧ୍ୟୟନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ପାଇଁ ଆଞ୍ଚଳିକ ଅନୁଷ୍ଠାନମାନ ଖୋଲିଛି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଶିକ୍ଷା ଓ ଗବେଷଣା କାର୍ଯ୍ୟ ଆଗେଇ ଚାଲିଛି। ଭାରତ ସରକାର ଓ ରାଜ୍ୟ ସରକାରମାନେ ବିଜ୍ଞାନ ଓ ବୈଷୟିକ ଶିକ୍ଷାକୁ ଗୁରୁତ୍ୱ ଦେବାରୁ ଦେଶର ମାନବସମ୍ବଳକୁ ପ୍ରଶିକ୍ଷିତ ଓ ଦକ୍ଷ କରାଯାଇପାରୁଛି। ସ୍ୱାସ୍ଥ୍ୟଶିକ୍ଷା ଓ ଗବେଷଣା ପାଇଁ ସର୍ବଭାରତୀୟ ଆୟୁର୍ବିଜ୍ଞାନ ଅନୁଷ୍ଠାନ ବ୍ୟତୀତ ଚଣ୍ଡୀଗଡ଼, ପୁଡୁଚେରୀ ଓ ଲକ୍ଷ୍ନୌରେ ସ୍ନାତକୋତ୍ତର ଆୟୁର୍ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟକରୁଛି।

**ତୁମ ପାଇଁ କାମ**

***ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ନାମ ଏବଂ ସେଗୁଡ଼ିକର ଅବସ୍ଥିତିର ଏକ ତାଲିକା ପ୍ରସ୍ତୁତ କର ।***

## କୃଷି ଓ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି :

କୃଷି କ୍ଷେତ୍ରରେ ବିଜ୍ଞାନ ଶିକ୍ଷାର ବ୍ୟାପକ ପ୍ରୟୋଗ କରିବାପାଇଁ ବ୍ୟବସ୍ଥା ହେଲା। ବିଂଶ ଶତାବ୍ଦୀର ସପ୍ତମ ଦଶକରେ ରାସାୟନିକ ସାର ଓ ଅଧିକ ଉତ୍ପାଦନକ୍ଷମ ବିହନର ବହୁଳ ବ୍ୟବହାର ହେଲା। ଜଳ ଉତ୍ସଗୁଡ଼ିକୁ ସୁବ୍ୟବସ୍ଥିତ କରି ଜଳସେଚନର ବ୍ୟବସ୍ଥା କରାଗଲା। ଉତ୍ପାଦନ ବୃଦ୍ଧି କରାଗଲା ଓ ସବୁଜକ୍ରାନ୍ତି ସମ୍ଭବ ହେଲା। ୧୯୭୧ ମସିହାରେ କେନ୍ଦ୍ରରେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରଣାଳୟ ନାମରେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଗଲା। ଜୈବ ପ୍ରଯୁକ୍ତି ବିଦ୍ୟାର ବିକାଶ ଓ କୃଷି କ୍ଷେତ୍ରରେ ଏହାର ବିନିଯୋଗ ଭାରତୀୟ କୃଷିକୁ ବେଶ୍ ସହାୟକ ହେଲା।

ଶିଳ୍ପକ୍ଷେତ୍ରରେ ମଧ୍ୟ ପ୍ରଗତି ପରିଲକ୍ଷିତ ହେଲା। ଲୌହ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଗୁରୁତ୍ୱ ଆରୋପ କରାଗଲା। ୧୯୭୩ ମସିହାରେ 'ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ' ନାମକ ଏକ ସରକାରୀ ସଂସ୍ଥା ଆତ୍ମପ୍ରକାଶ କଲା। ଏହି କମ୍ପାନୀ ଭାରତରେ ପ୍ରତିଷ୍ଠା କରାଯାଉଥିବା ପାଞ୍ଚଟି ଏକୀକୃତ ଇସ୍ପାତ ପ୍ରକଳ୍ପର ପରିଚାଳନା ଭାର ହାତକୁ ନେଲା। ସେତେବେଳେ ବୋକାରୋ, ଭିଲାଇ, ଦୁର୍ଗାପୁର, ରାଉରକେଲା ଓ ବର୍ଣ୍ଣପୁର ଠାରେ ସରକାରୀ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା।

**ତୁମପାଇଁ କାମ**

***ବୋକାରୋ, ଭିଲାଇ, ଦୁର୍ଗାପୁର, ରାଉରକେଲା ଓ ବର୍ଣ୍ଣପୁର କେଉଁ ପ୍ରଦେଶମାନଙ୍କରେ ଅବସ୍ଥିତ ଏବଂ ସେଠାରେ ପ୍ରତିଷ୍ଠିତ ଇସ୍ପାତ ପ୍ରକଳ୍ପ ପାଇଁ କେଉଁ ଦେଶ ବୈଷୟିକ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ, ଉଲ୍ଲେଖ କର ।***

## ପରମାଣୁ ଶକ୍ତିର ବିକାଶ :

୧୯୪୮ ଅଗଷ୍ଟ ମାସରେ ଭାରତ ସରକାର ପରମାଣୁ ଶକ୍ତି ଆୟୋଗ ଗଠନ କଲେ। ବିଶିଷ୍ଟ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବା ଏହାର ଅଧ୍ୟକ୍ଷ ନିଯୁକ୍ତ ହେଲେ। ନେହେରୁ ପରମାଣୁ ଶକ୍ତିର ଗୁରୁତ୍ୱ ଉପଲବ୍ଧି କରିଥିଲେ। ତାଙ୍କର ମତ ଥିଲା ପରମାଣୁଶକ୍ତି ସାମାଜିକ, ଆର୍ଥନୀତିକ ଓ ରାଜନୀତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ପରମାଣୁ ଶକ୍ତିକୁ ବିନିଯୋଗ କରିବା ଥିଲା ନେହେରୁଙ୍କ ଉଦ୍ଦେଶ୍ୟ। ୧୯୫୪ ମସିହାରେ ଏକ ସ୍ୱତନ୍ତ୍ର


ପରମାଣୁ ଶକ୍ତି ବିଭାଗ ଖୋଲାଗଲା। ୧୯୫୬ରେ ଟ୍ରମ୍ବେଠାରେ ଭାରତର ପ୍ରଥମ ଆଣବିକ ରିଆକ୍ଟର ପ୍ରତିଷ୍ଠା



(ହୋମି ଭାବା)

କରାଗଲା। ୧୯୫୬ରେ ଟ୍ରମ୍ବେଠାରେ ଭାବା ଆଣବିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠିତ ହେଲା। ଏହା ହେଉଛି ଭାରତର ସର୍ବବୃହତ୍ ଆଣବିକ ଗବେଷଣା କେନ୍ଦ୍ର। ଏହାର ଅଧୀନରେ ଅପ୍ସରା, ସର୍କସ, ଜେରଲିନା, ଧ୍ରୁବ, ପ୍ରଥମ ଓ ଦ୍ୱିତୀୟ ପୂର୍ଣ୍ଣିମା, କାମିନୀ ପ୍ରଭୃତି ଗୋଟିଏ ପରେ ଗୋଟିଏ ରିଆକ୍ଟର କାର୍ଯ୍ୟକ୍ଷମ ହେବାକୁ ଲାଗିଲା। ଭାବା ଆଣବିକ ଗବେଷଣା କେନ୍ଦ୍ର ତତ୍ତ୍ୱାବଧାନରେ ଅନେକ ଗବେଷଣା କେନ୍ଦ୍ର ପଶ୍ଚିମବଙ୍ଗ, କାଶ୍ମୀର ଓ କର୍ଣ୍ଣାଟକରେ ଗଢ଼ିଉଠିଲା। ୧୯୮୪ ମସିହାରେ ଇନ୍ଦୋରଠାରେ ଉନ୍ନତ ବୈଷୟିକ ଜ୍ଞାନ କେନ୍ଦ୍ର ନାମକ ଏକ ଗବେଷଣା ସଂସ୍ଥା ପ୍ରତିଷ୍ଠା କରାଗଲା।

୧୯୭୪ ମଇ ୧୮ରେ ରାଜସ୍ଥାନର ପୋଖରାନ୍‌ରେ ଭାରତ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ ପରୀକ୍ଷା କଲା। ୧୯୯୮ ମେ' ୧୧ ଓ ୧୩ ତାରିଖରେ ଦ୍ୱିତୀୟ ଥରପାଇଁ ପୋଖରାନ୍‌ରେ ପରମାଣୁ ବୋମାର ପରୀକ୍ଷଣ କରାଗଲା। ଏହି ପରୀକ୍ଷଣ କାହାକୁ ଭୟଭୀତ କରିବାପାଇଁ ଅଭିପ୍ରେତ ନଥିଲା। ପରମାଣୁ ଶକ୍ତିର ଜନହିତକର କାର୍ଯ୍ୟରେ ବିନିଯୋଗ ଥିଲା ଭାରତର ଉଦ୍ଦେଶ୍ୟ ଏବଂ ଏ ଦିଗରେ ଭାରତର ପ୍ରଚେଷ୍ଟା ଅବ୍ୟାହତ ରହିଛି।




(ପୋଖରାନ୍ ପରମାଣୁ ପରୀକ୍ଷଣାର ଚିତ୍ର)

## ପ୍ରତିରକ୍ଷା ଗବେଷଣା :

୧୯୬୨ର ଚୀନ-ଭାରତ ଯୁଦ୍ଧ ଓ ସେଥିରେ ଭାରତୀୟ ସୈନ୍ୟବାହିନୀର ଦୁର୍ବଳତା ଭାରତୀୟମାନଙ୍କୁ ସତର୍କ କରାଇ ଦେଇଥିଲା। ପ୍ରତିରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବାର ଜରୁରୀ ଆବଶ୍ୟକତା ପଡ଼ିଲା। ଏଥିପାଇଁ ସୋଭିଏତ ଋଷିଆ ସହାୟତାରେ ସାମରିକ ପ୍ରଯୁକ୍ତି ବିଦ୍ୟାକୁ ଭାରତରେ ବିକଶିତ କରାଗଲା। ୧୯୫୮ରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ ଗଠିତ ହେଲା। ଦେଶର ନିରାପତ୍ତା ବ୍ୟବସ୍ଥାର ମୂଳଭିତ୍ତି ଦୃଢ଼କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଗୋଟିଏ ପରେ ଗୋଟିଏ କ୍ଷେପଣାସ୍ତ୍ରର ପରୀକ୍ଷା କରାଯାଇ ସେଗୁଡ଼ିକୁ ସୈନ୍ୟବାହିନୀରେ ସାମିଲ କରାଗଲା। ୧୯୮୩ ମସିହାରେ ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଗ୍ନି, ପୃଥ୍ୱୀ, ଧନୁଶ, ଆକାଶ, ତ୍ରିଶୂଳ, ନାଗ, ଶୌର୍ଯ୍ୟ ଓ ବ୍ରହ୍ମୋସ ପ୍ରଭୃତି କ୍ଷେପଣାସ୍ତ୍ରର ବିକାଶ କରାଗଲା। ଏହି ସବୁ କ୍ଷେପଣାସ୍ତ୍ରର ପରୀକ୍ଷା ପାଇଁ ଓଡ଼ିଶାର ଚାନ୍ଦିପୁରଠାରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ତା'ର ଗୁଣବତ୍ତା ପରୀକ୍ଷା କରିବାରେ ପ୍ରଶଂସନୀୟ କାର୍ଯ୍ୟ କରିଛି। ଆକାଶବାହିନୀ ପାଇଁ ଅତି ଉନ୍ନତ ମାନର ଯୁଦ୍ଧବିମାନ ତିଆରି କରିବାରେ ଭାରତୀୟ ବୈଜ୍ଞାନିକମାନେ ସଫଳ ହୋଇଛନ୍ତି। ନୌବାହିନୀ ପାଇଁ ଆବଶ୍ୟକ ଜଳଜାହାଜ, ବୁଡ଼ାଜାହାଜ ଓ ଅନ୍ୟାନ୍ୟ ଯନ୍ତ୍ରପାତି



(କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ, ଚାନ୍ଦିପୁର, ବାଲେଶ୍ୱର)

ମଧ୍ୟ ଆମ ଦେଶରେ ତିଆରି କରାଯାଇପାରୁଛି । ପ୍ରତିରକ୍ଷା ପାଇଁ ବ୍ୟବହୃତ ଯାନବାହାନ, ଗୋଳାବାରୁଦ, ବୈଦ୍ୟୁତିକ ଯନ୍ତ୍ରପାତି ମଧ୍ୟ ଭାରତରେ ଉତ୍ପାଦିତ ହେଉଛି ।

| ତୁମେ ଜାଣିଛ କି ? |
|---|
| *ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ଓ ନିକଟସ୍ଥ ହୁଇଲର ଦ୍ୱୀପରୁ ସମସ୍ତ କ୍ଷେପଣାସ୍ତ୍ରର ପରୀକ୍ଷା କରାଯାଏ ।* |

## ମହାକାଶ ଗବେଷଣା :


୧୯୬୨ରେ ଭାରତର ମହାକାଶ କାର୍ଯ୍ୟକ୍ରମ ଆରମ୍ଭ ହେଲା । ସେହିବର୍ଷ ମହାକାଶ ଗବେଷଣା ପାଇଁ ଭାରତୀୟ ଜାତୀୟ ସମିତି ପ୍ରତିଷ୍ଠା କରାଗଲା । ୧୯୬୯ ରେ 'ଭାରତୀୟ ମହାକାଶ ଗବେଷଣା ସଂଗଠନ' ପ୍ରତିଷ୍ଠିତ ହେଲା । ୧୯୭୨ରେ 'ମହାକାଶ ଆୟୋଗ' ପ୍ରତିଷ୍ଠା କରାଗଲା ।

୧୯୬୩ ମସିହାରେ କେରଳର ଥିରୁବନନ୍ତପୁରମ୍ ଠାରେ ଏକ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଏହାର ନାମ ଥିଲା ଥୁମ୍ବା ବିଷୁବୀୟ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ର । ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟାରେ ଉପଗ୍ରହ ପ୍ରେରଣ କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା । କୃତ୍ରିମ ଉପଗ୍ରହଗୁଡ଼ିକ ସହିତ ଯୋଗାଯୋଗ ରକ୍ଷାକରିବାକୁ ମହାରାଷ୍ଟ୍ରର ଆରଭିଠାରେ ଏକ ଉପଗ୍ରହ ଯୋଗାଯୋଗ କେନ୍ଦ୍ର ପ୍ରତିଷ୍ଠା ହେଲା । 'ବିକ୍ରମ ସରାଭାଇ ମହାକାଶ କେନ୍ଦ୍ର' ପ୍ରସିଦ୍ଧ ବୈଜ୍ଞାନିକ ବିକ୍ରମ ସରାଭାଇଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।



(ବିକ୍ରମ ସରାଭାଇ)

୧୯୭୫ ଏପ୍ରିଲ ୧୯ରେ ଭାରତ ତିଆରି ପ୍ରଥମ କୃତ୍ରିମ ଉପଗ୍ରହକୁ ସଫଳତାର ସହିତ ମହାକାଶକୁ ପ୍ରେରଣ କରାଗଲା । ଏହି କୃତ୍ରିମ ଉପଗ୍ରହର ନାମ ରଖାଗଲା 'ଆର୍ଯ୍ୟଭଟ୍ଟ' । ୧୯୭୯ ଜୁନ୍ ୭ରେ 'ଭାସ୍କର ପ୍ରଥମ' ନାମକ ଅନ୍ୟ ଏକ ଭାରତୀୟ କୃତ୍ରିମ ଉପଗ୍ରହ ମହାକାଶକୁ ପ୍ରେରିତ ହେଲା । ଏହି ଦୁଇଟି ଉପଗ୍ରହର ଉତ୍‌କ୍ଷେପଣ ପାଇଁ ଋଷିଆର ବୈକାନୁରରେ ଥିବା ଉତ୍‌କ୍ଷେପଣ ବ୍ୟବସ୍ଥାର



(କୃତ୍ରିମ ଉପଗ୍ରହ ଆର୍ଯ୍ୟଭଟ୍ଟ)

ସହଯୋଗ ନିଆଯାଇଥିଲା । ୧୯୮୧ ଜୁନ୍ ୧୯ରେ ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହ 'ଆପ୍‌ଲ୍' ମହାକାଶକୁ ପ୍ରେରଣ କରାଗଲା । ମହାକାଶ ଗବେଷଣା ଓ ପ୍ରଶିକ୍ଷଣ ପାଇଁ ଭାରତବର୍ଷରେ ଅନେକ ପ୍ରତିଷ୍ଠାନ ଅଛି । ବୈଦେଶିକ ଉପଗ୍ରହ ପ୍ରେରଣ ବ୍ୟବସ୍ଥାର ବିନା ସହାୟତାରେ ଶ୍ରୀହରିକୋଟାର ଉତ୍‌କ୍ଷେପଣ କେନ୍ଦ୍ରରୁ ଅନେକ ଉପଗ୍ରହ ମହାକାଶକୁ ପ୍ରେରଣ କରାଯାଇଛି । ପଚାଶରୁ ଉର୍ଦ୍ଧ୍ୱ କୃତ୍ରିମ ଉପଗ୍ରହ ମହାକାଶକୁ ପ୍ରେରଣ କରିବାର ପ୍ରଚେଷ୍ଟା କରି ଭାରତ ଅନେକ ଥର ସଫଳ ହୋଇଛି । ଯୋଗାଯୋଗ ଓ ପାଣିପାଗର ପୂର୍ବାନୁମାନ ପାଇଁ ଏହି କୃତ୍ରିମ ଉପଗ୍ରହମାନେ ଉପଯୋଗୀ ହୋଇଛନ୍ତି ।

ଦେଶରେ ଉପଲବ୍ଧ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ସମସ୍ତ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇ ପାରିଛି । ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି । ଶିଳ୍ପକ୍ଷେତ୍ରରେ ପାରଦର୍ଶିତା ହାସଲ କରିପାରିଛି । ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବନଶୀଳତା ହାସଲ କରିଛି । ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନ କୌଶଳ ପ୍ରୟୋଗ କରି ଶକ୍ତିଶାଳୀ ହୋଇପାରିଛି । ମହାକାଶ ଗବେଷଣା, ସାମୁଦ୍ରିକ ବିଜ୍ଞାନ ଗବେଷଣା ଓ ପରିବେଶ ବିଜ୍ଞାନ ସମ୍ପର୍କରେ ଜ୍ଞାନ ଆହରଣ ଓ ବିନିଯୋଗ ପ୍ରକ୍ରିୟା ବଳବତ୍ତର ରହିଛି ।

ଭାରତ ସରକାର ଓ ରାଜ୍ୟ ସରକାରମାନେ ବିଜ୍ଞାନ ଓ ବୈଷୟିକ ଶିକ୍ଷାକୁ ଗୁରୁତ୍ୱ ଦେବାରୁ ଦେଶର ମାନବସମ୍ବଳକୁ ପ୍ରଶିକ୍ଷିତ ଓ ଦକ୍ଷ କରାଯାଇପାରୁଛି ।

**ତୁମେ ଜାଣିଛ କି ?**

***ନାଗାଲାଣ୍ଡର କୋହିମା ଓ ତ୍ରିପୁରାର ଅଗରତାଲାଠାରେ ଇ-ଅଧ୍ୟୟନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ପାଇଁ ଆଞ୍ଚଳିକ ଅନୁଷ୍ଠାନମାନ ରହିଛି ।***

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) ବିଜ୍ଞାନ ଓ ବୈଷୟିକ ବିଦ୍ୟାର ଉପଯୋଗିତା ସମ୍ପର୍କରେ ଜବାହରଲାଲ୍ ନେହେରୁଙ୍କର ମତ କ'ଣ ଥିଲା ?

(ଖ) ସ୍ୱାଧୀନତା ପ୍ରାପ୍ତି ପରେ ଭାରତରେ କୃଷି ଓ ଶିଳ୍ପର ବିକାଶ ନିମନ୍ତେ କ'ଣ କରାଯାଇଛି ?

(ଗ) ପରମାଣୁ ଶକ୍ତିର ବିକାଶ ପାଇଁ ଭାରତ ସରକାର କି କି ପଦକ୍ଷେପ ନେଇଛନ୍ତି ?

(ଘ) ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଅଗ୍ରଗତି ସମ୍ପର୍କରେ ସୂଚନା ଦିଅ ।

(ଙ) ବିଜ୍ଞାନ ଓ ବୈଷୟିକ ବିଦ୍ୟାର ବିକାଶ ଫଳରେ ଭାରତ କିପରି ଲାଭବାନ ହୋଇଛି ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ ।**

(କ) କେଉଁ ଉଦ୍ଦେଶ୍ୟରେ ଭାରତର ବୈଷୟିକ ଅନୁଷ୍ଠାନମାନ ପ୍ରତିଷ୍ଠା କରାଯାଇଛି ?

(ଖ) ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ କେବେ ଗଠିତ ହେଲା ଓ କେବେ କାର୍ଯ୍ୟ ଆରମ୍ଭ କଲା ?

(ଗ) ଜବାହରଲାଲ୍ ନେହେରୁ ଆଣବିକ ଶକ୍ତି କ୍ଷେତ୍ରକୁ କାହିଁକି ଗୁରୁତ୍ୱ ଦେଉଥିଲେ ?

(ଘ) ଭାବା ଆଣବିକ ଗବେଷଣା କେନ୍ଦ୍ର କେବେ ଏବଂ କେଉଁଠାରେ ପ୍ରତିଷ୍ଠା କରାଗଲା ?

(ଙ) ଭାରତ କେବେ ଏବଂ କେଉଁଠାରେ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ କରିଥିଲା ?

(ଚ) କେଉଁ କାରଣରୁ ଭାରତ ତା'ର ପ୍ରତିରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବାର ଆବଶ୍ୟକତା ଉପଲବ୍ଧି କଲା ?

(ଛ) ୧୯୬୩ ମସିହାରେ କେଉଁଠାରେ ଏକ ରକେଟ୍ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା ଏବଂ ଏହାର ନାମ କ'ଣ ରଖାଯାଇଥିଲା ?

(ଜ) ଭାରତ ତିଆରି ପ୍ରଥମ କୃତ୍ରିମ ଉପଗ୍ରହର ନାମ କ'ଣ ଏବଂ ଏହା କେଉଁଦିନ ମହାକାଶକୁ ପ୍ରେରଣ କରାଯାଇଥିଲା ?

(ଝ) ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହ କେବେ ମହାକାଶକୁ ପ୍ରେରିତ ହେଲା ଏବଂ ତାହାର ନାମ କ'ଣ ?

(ଞ) ଭାରତ ମହାକାଶରେ ଛାଡ଼ିଥିବା କୃତ୍ରିମ ଉପଗ୍ରହଗୁଡ଼ିକ ମୁଖ୍ୟତଃ କେଉଁ କ୍ଷେତ୍ରରେ ଉପଯୋଗୀ ହୋଇପାରିଛି ?

**୩. ପ୍ରତ୍ୟେକ ପ୍ରଶ୍ନରେ ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେବେ ଭାରତର ପ୍ରଥମ ଜାତୀୟ ପରୀକ୍ଷାଗାରର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା ?

(ଖ) ବୈଜ୍ଞାନିକ ଓ ଶିଳ୍ପ ଗବେଷଣା କେନ୍ଦ୍ରର ପ୍ରଥମ ଅଧ୍ୟକ୍ଷ କିଏ ଥିଲେ ?

(ଗ) କେଉଁ ଅନୁଷ୍ଠାନ ଢାଞ୍ଚାରେ ଭାରତରେ ବୈଷୟିକ ଶିକ୍ଷାନୁଷ୍ଠାନ ଗଠନ କରାଗଲା ?

(ଘ) ଭାରତର କେନ୍ଦ୍ରୀୟଶାସନରେ କେବେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରଣାଳୟ ସୃଷ୍ଟି କରାଗଲା ?

(ଙ) କେବେ ଭାରତର କେନ୍ଦ୍ରୀୟଶାସନରେ ଏକ ସ୍ୱତନ୍ତ୍ର ପରମାଣୁ ଶକ୍ତି ବିଭାଗ ଖୋଲାଯାଇଥିଲା ?

(ଚ) ଇନ୍ଦୋରରେ ଥିବା ଆଣବିକ ପ୍ରତିଷ୍ଠାନର ନାମ କ'ଣ ?

(ଛ) ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ କେବେ ଗଠିତ ହୋଇଥିଲା ?

(ଜ) ଅଗ୍ନି କ୍ଷେପଣାସ୍ତ୍ର କେଉଁଠାରେ ପରୀକ୍ଷା କରାଯାଇଥିଲା ?

(ଝ) ଆନ୍ଧ୍ରପ୍ରଦେଶର କେଉଁସ୍ଥାନରେ ଏକ ରକେଟ୍ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି ?

(ଞ) "ଭାସ୍କର-ପ୍ରଥମ" ଉପଗ୍ରହ ପ୍ରେରଣ ପାଇଁ କେଉଁ ଦେଶର ସହାୟତା ନିଆଯାଇଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) କେଉଁଠାରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା ?

i) ମୁମ୍ବାଇ ii) ଦିଲ୍ଲୀ

iii) ଖଡ଼ଗପୁର iv) ଚେନ୍ନାଇ

(ଖ) ପରମାଣୁ ଶକ୍ତି ଆୟୋଗର ପ୍ରଥମ ଅଧ୍ୟକ୍ଷ କିଏ ଥିଲେ ?

i) ଜବାହର ଲାଲ୍ ନେହେରୁ ii) ହୋମି ଜାହାଙ୍ଗୀର ଭାବା

iii) ଅବଦୁଲ୍ କାଲାମ୍ iv) ବିକ୍ରମ ସରାଭାଇ

(ଗ) କେଉଁଟି ଆଣବିକ ରିଆକ୍ଟର ନୁହେଁ ?

i) ଧ୍ରୁବ ii) ଆକାଶ

iii) ଅପସରା iv) କାମିନୀ

(ଘ) ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମ କେବେଠାରୁ ଆରମ୍ଭ ହେଲା ?

i) ୧୯୬୨ ii) ୧୯୭୪ iii) ୧୯୮୩ iv) ୧୯୮୪

(ଙ) ଉପଗ୍ରହ ଯୋଗାଯୋଗ କେନ୍ଦ୍ର କେଉଁଠାରେ ଅବସ୍ଥିତ ?

i) ଇନ୍ଦୋର ii) ତ୍ରମ୍ବେ iii) ଆରଭି iv) ଲକ୍ଷ୍ନୌ

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

## ଚତୁର୍ଥ ଅଧ୍ୟାୟ

# ସ୍ୱାଧୀନତୋତ୍ତର ଓଡ଼ିଶାର ବିକାଶ

TSR65Y

### ପ୍ରଥମ ପାଠ

## ସାମାଜିକ ବିକାଶ

ସ୍ୱାଧୀନତା ବେଳକୁ ଓଡ଼ିଶାର ସମସ୍ୟା ଥିଲା ଅନେକ। ଖୁବଶୀଘ୍ର ଓଡ଼ିଆ ଭାଷାଭାଷୀ ଗଡ଼ଜାତଗୁଡ଼ିକ ଓଡ଼ିଶା ସହିତ ମିଶିଗଲେ। ଓଡ଼ିଶାର ଲୋକସଂଖ୍ୟା ପହଞ୍ଚିଲା କୋଟିଏ ସଇଁତିରିଶ ଲକ୍ଷରେ। ସେଥିମଧ୍ୟରୁ ୩୫ ଲକ୍ଷ ଥିଲେ ଆଦିବାସୀ ଓ ୧୮ ଲକ୍ଷ ଷାଠିଏ ହଜାର ଥିଲେ ଅନୁସୂଚିତ ଜାତିର ଜନତା । ଏହି ଦୁଇ ଅନୁସୂଚିତ ବର୍ଗର ଲୋକମାନଙ୍କର ସମସ୍ୟା ଅଲଗା ଅଲଗା ଥିଲା।

### ଅନୁସୂଚିତ ଜନଜାତିଙ୍କ ବିକାଶ ପାଇଁ ପଦକ୍ଷେପ :

ବଣଜଙ୍ଗଲ ଘେରା ପାର୍ବତ୍ୟ ଅଞ୍ଚଳରେ ଆଦିବାସୀମାନେ ଜାତୀୟସ୍ରୋତରୁ ବିଚ୍ଛିନ୍ନ ହୋଇ ନିଭୃତ ପରିବେଶରେ ରହୁଥିଲେ। ଶାସନ ବ୍ୟବସ୍ଥାର ଦୃଷ୍ଟି ଆଢୁଆଳରେ ରହୁଥିବାରୁ ଅଣଆଦିବାସୀଲୋକ ସେମାନଙ୍କର ସରଳତାର ସୁଯୋଗ ନେଇ ସେମାନଙ୍କୁ ନାନା ଭାବରେ ଶୋଷଣ କରୁଥିଲେ। ୧୯୪୭ ମସିହାରେ ଆଇନ ପ୍ରଣୀତ ହୋଇ ସ୍ଥିର କରାଗଲା ଯେ ଅଣଆଦିବାସୀମାନେ ଆଦିବାସୀମାନଙ୍କ ଜମି କୌଣସି ଆଳରେ ଜବରଦଖଲ କରିପାରିବେ ନାହିଁ। ସ୍ୱତନ୍ତ୍ର ସରକାରୀ ଅଧିକାରୀଙ୍କୁ ନିୟୋଜନ କରାଯାଇ ଆଦିବାସୀମାନଙ୍କଠାରୁ ଅଣଆଦିବାସୀମାନେ ନେଇଥିବା ଜମି ଚିହ୍ନଟ କରାଗଲା ଓ ଆଦିବାସୀମାନଙ୍କୁ ସେସବୁ ଜମି ଫେରାଇ ଦିଆଗଲା। ଆଦିବାସୀମାନଙ୍କ ପାରିବାରିକ ଅର୍ଥନୀତିକୁ ସୁଧାରିବା ପାଇଁ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଗଲା। କାମଧନ୍ଦା ପାଇଁ ସେମାନଙ୍କୁ ମାଗଣା ବଳଦ, କୃଷି ଉପକରଣ, ଚରଖା ଇତ୍ୟାଦି ଯୋଗାଇ ଦିଆଗଲା। ପୋଡୁଚାଷକୁ ନିରୁତ୍ସାହିତ କରାଗଲା। କୃଷିଉପଯୋଗୀ ଜମି ଯୋଗାଇଦେଇ ଆଦିବାସୀମାନଙ୍କୁ ନିୟମିତ କୃଷି ପାଇଁ ପ୍ରୋତ୍ସାହିତ କରାଗଲା। ୧୯୪୯ ମସିହାରେ ଅପରାଧୀ ଜନଜାତି ଆଇନ ଭଳି ଅଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ରଦ୍ଦ କରିଦିଆଗଲା।



(ଦୁଇଜଣ ପାରମ୍ପରିକ ଆଦିବାସୀ ମହିଳାଙ୍କ ଚିତ୍ର)

**ତୁମେ ଜାଣିଛ କି ?**

*ଆଦିବାସୀମାନେ ଜଙ୍ଗଲରେ ଅଗ୍ନି ସଂଯୋଗ କରି ଚାଷଜମି ପ୍ରସ୍ତୁତ କରନ୍ତି। ଏହାକୁ ପୋଡୁଚାଷ କୁହାଯାଏ । ଏହା ଫଳରେ ଅନେକ ଜଙ୍ଗଲ ନଷ୍ଟହୁଏ ଏବଂ ପ୍ରାକୃତିକ ପରିବେଶ ଭାରସାମ୍ୟ ହରାଏ ।*

ସ୍ୱାଧୀନତା ପୂର୍ବରୁ ୧୯୪୭ ମସିହା ମାର୍ଚ୍ଚମାସରେ ଏକ ଆଇନ ପ୍ରଣୀତ ହୋଇ ମହାଜନମାନଙ୍କର ଋଣ କାରବାରକୁ ନିୟନ୍ତ୍ରିତ କରାଯାଇଥିଲା। ଏହି ଗ୍ରାମ୍ୟ ମହାଜନୀ ପ୍ରଥା ଆଦିବାସୀ ଅଞ୍ଚଳରେ ଗୋତି ଭଳି ଅମାନୁଷିକ ପ୍ରଥାକୁ ଇନ୍ଧନ ଯୋଗାଇଥିଲା। ସ୍ୱାଧୀନତା ପରେ ଓ ବିଶେଷ କରି ଓଡ଼ିଶାରେ ଗଡ଼ଜାତ ମିଶ୍ରଣପରେ ଗ୍ରାମ୍ୟ ମହାଜନମାନଙ୍କ କବଳରୁ ନିରୀହ ଆଦିବାସୀମାନଙ୍କୁ ଉଦ୍ଧାର କରିବାପାଇଁ

କଠୋର ପଦକ୍ଷେପ ନିଆଗଲା । ୧୯୪୮ ମସିହା ଜୁନମାସରେ ଓଡ଼ିଶା ଗୋତିପ୍ରଥା ଉଚ୍ଛେଦ ନିୟାମକକୁ କଡ଼ାକଡ଼ି ପାଳନ କରିବା ଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଗୋତିପ୍ରଥା ଆଇନତଃ ନିଷିଦ୍ଧ ହୋଇଗଲା । ହଜାର ହଜାର ଗୋତି ଶ୍ରମିକଙ୍କୁ ଉଦ୍ଧାର କରାଗଲା । ପରେ ପରେ ଗଡ଼ଜାତ ଅଞ୍ଚଳରେ ଚାଲୁଥିବା ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଥାକୁ ମଧ୍ୟ ବନ୍ଦ କରିଦିଆଗଲା ।

ଓଡ଼ିଶାରେ ବସବାସ କରୁଥିବା ଦଳିତମାନଙ୍କୁ ପୂର୍ବେ 'ଅସ୍ପୃଶ୍ୟ' କହି ବିଭିନ୍ନ ସାମାଜିକ ଅନୁଷ୍ଠାନରୁ ବାସନ୍ଦ କରାଯାଉଥିଲା । ମନ୍ଦିରରେ ପ୍ରବେଶ କରିବାକୁ ସେମାନଙ୍କୁ ବାରଣ କରାଯାଉଥିଲା । ଏହି ଅମାନବିକ ପ୍ରଥାକୁ ବନ୍ଦ କରିବା ପାଇଁ ସରକାର ଦୁଇଟି ଆଇନ ପ୍ରଣୟନ କଲେ । ସେ ଦୁଇଟି ହେଲା– ଓଡ଼ିଶା ମନ୍ଦିର ପ୍ରବେଶ ଅନୁମତି ଆଇନ ୧୯୪୮ ଏବଂ ଓଡ଼ିଶା ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ । ମନ୍ଦିର ପ୍ରବେଶ ଆଇନଟିକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଗଲା । ବିଶ୍ୱପ୍ରସିଦ୍ଧ ଜଗନ୍ନାଥ ମନ୍ଦିରକୁ ଅନୁସୂଚିତ ଜାତିର ଭକ୍ତମାନଙ୍କ ପାଇଁ ଉନ୍ମୁକ୍ତ କରିଦିଆଗଲା । ୧୯୪୮ ମସିହା ମାର୍ଚ୍ଚ ୧ ତାରିଖରେ ସେମାନେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କଲେ । କ୍ରମଶଃ ସାରା ଓଡ଼ିଶାରେ ଏହି ପ୍ରକ୍ରିୟା ପରିବ୍ୟାପ୍ତ ହେଲା । ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ ବଳରେ ଅସ୍ପୃଶ୍ୟତା ଭଳି କଳଙ୍କିତ ପ୍ରଥା କ୍ରମଶଃ ଅପସରିଗଲା ।

ଅନୁସୂଚିତ ଜାତି ଓ ଜନଜାତି ଲୋକମାନଙ୍କ ମଧ୍ୟରେ ଶିକ୍ଷା ଅପହଞ୍ଚ ଥିଲା । ଶତକଡ଼ା ୧.୫ ଭାଗ ଆଦିବାସୀ ସାକ୍ଷର ଥିଲେ । ଅନୁସୂଚିତ ଜାତିମାନଙ୍କ କ୍ଷେତ୍ରରେ ଏହାଥିଲା ମାତ୍ର ୩.୩ ପ୍ରତିଶତ । ଆଦିବାସୀ ଓ ଦଳିତମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ସରକାର କେତୋଟି ପଦକ୍ଷେପ ନେଇଥିଲେ । ଏହି ଦୁଇ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ, ସ୍କୁଲ ଓ କଲେଜର ଦରମା ଛାଡ଼, ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ କରି ସରକାର ସେମାନଙ୍କୁ ଶିକ୍ଷାପ୍ରତି ଆଗ୍ରହୀ କରିବାକୁ ଚେଷ୍ଟାକଲେ । ମାଗଣା ପ୍ରାଥମିକ ଶିକ୍ଷା ବ୍ୟାପକ କରିବା ପାଇଁ ଆଦିବାସୀ ବହୁଳ ଅଞ୍ଚଳରେ ଶହଶହ ପ୍ରାଥମିକ ବିଦ୍ୟାଳୟ ଖୋଲାଗଲା । ଆଶ୍ରମ ବିଦ୍ୟାଳୟ ଓ ସେବାଶ୍ରମମାନ ଖୋଲାଯାଇ ସେମାନଙ୍କୁ ସେମାନଙ୍କର କାମରେ ଲାଗିବାଭଳି ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରାଗଲା । ଆଦିବାସୀ ଅଞ୍ଚଳରେ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିବାପାଇଁ ଅନୁଦାନ ପ୍ରଦାନ କରାଗଲା । ଆବାସିକ ବିଦ୍ୟାଳୟମାନ ଖୋଲାଗଲା । ଯୋଗ୍ୟ ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀମାନଙ୍କର ରାଜ୍ୟ ବାହାରେ ଉଚ୍ଚ ବୈଷୟିକ ଶିକ୍ଷାପାଇଁ ଆର୍ଥିକ ବ୍ୟବସ୍ଥା କରାଗଲା ।

ଆଦିବାସୀ ଓ ଦଳିତ ବର୍ଗର ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ପାଇଁ ବିଭିନ୍ନ ପଦକ୍ଷେପ ନିଆଗଲା । ଆଦିବାସୀମାନେ ସେମାନଙ୍କର ଜୀବନଶୈଳୀ ଯୋଗୁଁ କିଛି ସ୍ୱତନ୍ତ୍ର ବ୍ୟାଧିର ଶିକାର ହେଉଥିଲେ । କୋରାପୁଟର କୋୟାମାନେ 'ୟଜ୍' ନାମକ ଏକ ଭୟଙ୍କର ରୋଗର ଶିକାର ହେଉଥିଲେ । କିନ୍ତୁ ସେମାନେ ଡାକ୍ତରଖାନା ଯାଉ ନଥିଲେ । ସେମାନଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଇ ଚିକିତ୍ସାଳୟକୁ ଅଣାଗଲା ଓ ସେମାନେ ସୁସ୍ଥହେବାର ସୁଯୋଗ ପାଇଲେ । ଗଞ୍ଜାମ ଓ କୋରାପୁଟର ଆଦିବାସୀମାନେ କେତେକ ଯୌନରୋଗର ଶିକାର ହେଉଥିଲେ । ଏହାର ମୂଳୋତ୍ପାଟନ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ । ମ୍ୟାଲେରିଆ ରୋଗରୁ ଲୋକଙ୍କୁ ରକ୍ଷା କରିବାପାଇଁ ସରକାର ମ୍ୟାଲେରିଆ ନିରାକରଣ ବଟିକା ବିତରଣର ବ୍ୟବସ୍ଥା କରିଥିଲେ । ସମାଜକୁ ନିଶାମୁକ୍ତ କରିବାକୁ ସରକାର କେତେକ ପଦକ୍ଷେପ ନେଇଥିଲେ । ନିଯୁକ୍ତି କ୍ଷେତ୍ରରେ ଅନୁସୂଚିତ ଜାତି ଓ ଜନଜାତିର ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ହେଲା ।

## ଗ୍ରାମାଞ୍ଚଳର ବିକାଶ :

ସ୍ୱାଧୀନତା ପରେ ଗ୍ରାମାଞ୍ଚଳଲୋକଙ୍କ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଲୋକମାନେ ନିଜସ୍ୱ ବାସଗୃହ ସୁବିଧା ପାଇଲେ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗାଁଗୁଡ଼ିକରେ ସିମେଣ୍ଟ କଂକ୍ରିଟର ପକ୍କା ସଡ଼କ ନିର୍ମିତ ହେଲା । କେନ୍ଦ୍ର ସରକାରଙ୍କର ଅନ୍ତ୍ୟୋଦୟ ଯୋଜନା ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାରଙ୍କୁ ମାସିକ କିଲୋଗ୍ରାମ ପିଛା ୩ ଟଙ୍କା ଦରରେ ୩୫ କିଲୋଗ୍ରାମ ଚାଉଳ ଦେବା ବ୍ୟବସ୍ଥା ହେଲା ।

ପରେ ରାଜ୍ୟ ସରକାର ନିଜ ପକ୍ଷରୁ କିଲୋଗ୍ରାମ ପ୍ରତି ୨ ଟଙ୍କାରେ ଚାଉଳର ବ୍ୟବସ୍ଥା କଲେ । ୨୦୦୫ ମସିହାରେ ଆରମ୍ଭ ହୋଇଥିବା ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ଅନୁଯାୟୀ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ବର୍ଷକୁ ଅନ୍ୟୂନ ୧୦୦ ଦିନ କାମଧନ୍ଦା ଯୋଗାଇ ଦିଆଯାଇଛି । ବର୍ତ୍ତମାନ ଏହି ଯୋଜନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାଭାବେ ପରିଚିତ । ଏହା ବ୍ୟତୀତ 'ଖାଦ୍ୟପାଇଁ କାମ', 'ସମ୍ପୂର୍ଣ୍ଣ ଗ୍ରାମ ସ୍ୱରୋଜଗାର ଯୋଜନା', 'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା', 'ଜବାହର ଗ୍ରାମ ସମୃଦ୍ଧି ଯୋଜନା, 'ନିଶ୍ଚିତ ରୋଜଗାର ଯୋଜନା' ବଳରେ ସାଧାରଣ ଲୋକଙ୍କୁ କର୍ମନିଯୁକ୍ତି ମିଳିବା ସହିତ ଗ୍ରାମାଞ୍ଚଳର ବିକାଶ ସାଧିତ ହୋଇଛି । ଗୋପବନ୍ଧୁ ଗ୍ରାମୀଣ ଯୋଜନା ଦ୍ୱାରା ବିଜୁଳି, ସଡ଼କ ଓ ପାଣିର ପର୍ଯ୍ୟାପ୍ତ ବ୍ୟବସ୍ଥା ପାଇଁ ଉଦ୍ୟମ କରାଯାଉଛି ଏବଂ ବିଜୁ ଗ୍ରାମଜ୍ୟୋତି ଯୋଜନାରେ ରାଜ୍ୟର ସମସ୍ତ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

## ଶିଶୁବିକାଶ କାର୍ଯ୍ୟକ୍ରମ :


ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଇଛି । କନ୍ୟାଭ୍ରୂଣହତ୍ୟାକୁ ନିଷେଧ କରାଯାଇଛି । ଶିଶୁ ଶ୍ରମିକ ପ୍ରଥାକୁ ଉଚ୍ଛେଦ କରାଯାଇଛି । ଶିଶୁମାନଙ୍କୁ ଶିକ୍ଷାଦେବା ପାଇଁ ଗ୍ରାମାଞ୍ଚଳରେ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା, ପ୍ରାଥମିକ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ କରି ଶିଶୁମାନଙ୍କ ମଧ୍ୟରେ ବିଦ୍ୟାଳୟକୁ ଯିବା ପାଇଁ ଆଗ୍ରହ ସୃଷ୍ଟି କରାଯାଇପାରିଛି ।

**ତୁମେ ଜାଣିଛ କି ?**

***୧୪ ବର୍ଷରୁ କମ ବୟସର ଶ୍ରମିକମାନଙ୍କୁ ଶିଶୁ ଶ୍ରମିକ କୁହାଯାଏ । ଅନ୍ୟଦେଶମାନଙ୍କ ତୁଳନାରେ ଭାରତରେ ଶିଶୁ ଶ୍ରମିକ ସଂଖ୍ୟା ଅଧିକ ।***

## ମହିଳା ବିକାଶ :

ମହିଳାମାନଙ୍କ ସାମାଜିକ ଓ ଆର୍ଥନୀତିକ ଅଭିବୃଦ୍ଧିପାଇଁ କେତେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଜନ୍ମନିୟନ୍ତ୍ରଣକୁ ପ୍ରୋତ୍ସାହିତ କରି ସେମାନଙ୍କୁ ଅବାଞ୍ଛିତ ଗର୍ଭଧାରଣ କରିବାରୁ ରକ୍ଷା କରାଯାଇପାରିଛି । ଜନନୀ ସୁରକ୍ଷା ଯୋଜନା ମାଧ୍ୟମରେ ସେମାନଙ୍କୁ ପ୍ରସବକାଳୀନ ଡାକ୍ତରୀ ଓ ଆର୍ଥିକସହାୟତା ପ୍ରଦାନ କରାଯାଉଛି । ଗ୍ରାମାଞ୍ଚଳରେ ଗ୍ରାମ୍ୟ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତି ଦିଆଯାଇଛି । ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ସେମାନଙ୍କ ଆର୍ଥିକ ବିକାଶ ଦିଗରେ ପଦକ୍ଷେପ ନିଆଯାଉଛି । ୨୦୦୧ ମସିହା ମାର୍ଚ୍ଚ ୮ ତାରିଖରୁ "ମିଶନ ଶକ୍ତି" ନାମକ ଏକ ମହିଳା ସଶକ୍ତୀକରଣ ଯୋଜନା ଆରମ୍ଭ କରାଯାଇଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ସେଗୁଡ଼ିକର ଦୃଢ଼ୀକରଣ କରି ସେଗୁଡ଼ିକ ମାଧ୍ୟମରେ ଓଡ଼ିଶାର ମହିଳାମାନଙ୍କର ସାମାଜିକ ତଥା ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ହେଉଛି "ମିଶନ ଶକ୍ତି"ର ଉଦ୍ଦେଶ୍ୟ । ମହିଳା ସ୍ୱୟଂ ସହାୟକ ଦଳର ସଂରକ୍ଷଣ ଓ ପ୍ରସାର, ଦଳଗୁଡ଼ିକୁ ପରିଚାଳନା ଓ ଅନ୍ୟାନ୍ୟ ବିଷୟରେ ତାଲିମ୍ ପ୍ରଦାନ, ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା, ଋଣ ଯୋଗାଇବାର ବ୍ୟବସ୍ଥା କରିବା, ସେମାନଙ୍କ କାର୍ଯ୍ୟକଳାପର ତଦାରଖ କରିବା ଏବଂ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନରେ ସହାୟତା କରିବା ହେଉଛି 'ମିଶନ ଶକ୍ତି'ର ପ୍ରମୁଖ କାର୍ଯ୍ୟ ।



**(ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟକର୍ମୀଙ୍କ ସେବା ଓ ପରାମର୍ଶ)**

**ତୁମ ପାଇଁ କାମ**

*ତୁମ ଅଞ୍ଚଳର ଏକ ଅଙ୍ଗନବାଡ଼ି ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟ ବିବରଣୀ ପ୍ରସ୍ତୁତ କର ।*

## ସାମାଜିକ ନିରାପତ୍ତା :

ସାଧାରଣ ଲୋକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବାପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେତେକ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି । ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଉଛି ଜାତୀୟ ବୃଦ୍ଧାବସ୍ଥା ପେନ୍‌ସନ ଯୋଜନା, ଜାତୀୟ ମାତୃତ୍ୱ ହିତକାରୀ ଯୋଜନା, ଜନନୀ ସୁରକ୍ଷା ଯୋଜନା, ଜାତୀୟ ପରିବାର ହିତ ଯୋଜନା ଓ ମଧୁବାବୁ ପେନ୍‌ସନ ଯୋଜନା । ୨୦୦୮ ଜାନୁଆରୀ ୧ ତାରିଖରୁ ଓଡ଼ିଶାରେ ପ୍ରବର୍ତ୍ତିତ ମଧୁବାବୁ ପେନ୍‌ସନ ଯୋଜନା ଅନୁଯାୟୀ ବୃଦ୍ଧ, ବିଧବା, ଭିନ୍ନକ୍ଷମ ଓ କୁଷ୍ଠରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ପାଇଁ ମାସିକ ଭତ୍ତା ଦେବାର ବ୍ୟବସ୍ଥା କରାଯାଇଛି ।

**ତୁମେ ଜାଣିଛ କି ?**

*୧୯୯୯ ମସିହାକୁ ମିଳିତ ଜାତିସଂଘ 'ବୃଦ୍ଧବ୍ୟକ୍ତିମାନଙ୍କର ବର୍ଷ' ଭାବରେ ପାଳନ କରିଥିଲା । ବୃଦ୍ଧମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏହି ବର୍ଷ ୨୦୦୦ ମସିହାକୁ ସମ୍ପ୍ରସାରିତ ହୋଇଥିଲା । ଏହି ଅବସରରେ ଭାରତ ସରକାର ବୃଦ୍ଧବ୍ୟକ୍ତିମାନଙ୍କ ପାଇଁ ଏକ ଜାତୀୟ ନୀତି ଘୋଷଣା କରିଥିଲେ ।*

ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ରହିଥିବା ପରିବାରମାନଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ୨୦୦୮ ମସିହା ଏପ୍ରିଲ୍ ୧ ତାରିଖରୁ ପ୍ରବର୍ତ୍ତିତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଓଡ଼ିଶାରେ କେତେକ ନିର୍ଦ୍ଦିଷ୍ଟ ଜିଲ୍ଲାରେ ୨୦୦୯-୧୦ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ଅନୁଯାୟୀ ରୋଗୀର ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚ ତିରିଶ ହଜାର ଟଙ୍କା ପର୍ଯ୍ୟନ୍ତ ଭରଣା କରାଯାଏ । ଏଥିପାଇଁ ହିତାଧିକାରୀଙ୍କୁ ମାତ୍ର ତିରିଶ ଟଙ୍କା ପଞ୍ଜୀକରଣ ପାଇଁ ଦେବାକୁ ପଡ଼ିଥାଏ । ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଓ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଜରୁରୀକାଳୀନ ଅବସ୍ଥାରେ ତୁରନ୍ତ ସେବା ଯୋଗାଇବା ପାଇଁ ୨୦୧୩ ମାର୍ଚ୍ଚ ୫ ତାରିଖରୁ ଓଡ଼ିଶା ଜରୁରୀକାଳୀନ ମେଡ଼ିକାଲ ଆମ୍ବୁଲାନ୍ସ ସେବା ପ୍ରବର୍ତ୍ତନ କରାଯାଇଛି ।

ଏହା ବ୍ୟତୀତ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ସାମାଜିକ ନିରାପତ୍ତା ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକ ହେଲା ଜଙ୍ଗଲ ଅଧିକାର ଆଇନ୍‌ଦ୍ୱାରା ଉପକୃତ ହିତାଧିକାରୀଙ୍କୁ ଇନ୍ଦିରା ଆବାସ ଗୃହ ଯୋଗାଣ ଏବଂ ବନ୍ୟା, ଘରପୋଡ଼ି ଓ ହାତୀ ଉପଦ୍ରବ ଦ୍ୱାରା ଗୃହଶୂନ୍ୟ ଲୋକଙ୍କ ପାଇଁ "ମୋ କୁଡ଼ିଆ ଯୋଜନା", ଶହେ ଦିନର ନିଶ୍ଚିତ କର୍ମଯୋଗାଣ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା; ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟରେ ଓଡ଼ିଶା ଜୀବିକା ମିଶନ ଏବଂ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଅଞ୍ଚଳର ବିକାଶ ପାଇଁ ବିଜୁ କେବିକେ ଯୋଜନା ପ୍ରଭୃତି ।

**ତୁମ ପାଇଁ କାମ**

*ଓଡ଼ିଶାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଏବଂ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଥିବା ଜିଲ୍ଲାଗୁଡ଼ିକର ନାମ ଲେଖ ।*

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ସାମାଜିକ ଶୋଷଣରୁ ମୁକ୍ତ କରିବା ପାଇଁ କି କି ପଦକ୍ଷେପମାନ ନିଆଯାଇଛି ?

(ଖ) ଗ୍ରାମାଞ୍ଚଳର ଲୋକଙ୍କ ବିକାଶ ପାଇଁ ସ୍ୱାଧୀନତା ପରେ କି ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି ?

(ଗ) ସ୍ୱାଧୀନତା ପରେ ଓଡ଼ିଶାରେ ଶିଶୁ ଓ ମହିଳାମାନଙ୍କ ବିକାଶ ଦିଗରେ କ'ଣ କ'ଣ କରାଯାଇଛି ?

(ଘ) 'ମିଶନ ଶକ୍ତି' ସମ୍ବନ୍ଧରେ ଏକ ଟିପ୍ପଣୀ ଲେଖ ।

(ଙ) ସ୍ୱାଧୀନତାପରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପେନ୍‌ସନ୍ ଯୋଜନା ଓ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) କେଉଁ ବ୍ୟବସ୍ଥାରୁ ଓଡ଼ିଶାରେ 'ଗୋତି ପ୍ରଥା' ଜାତ ହେଲା ଏବଂ ଏହା କେବେଠାରୁ ଉଚ୍ଛେଦ ହେଲା ?

(ଖ) କେଉଁ ଆଇନ ବଳରେ ଏବଂ କେଉଁଦିନ ଅନୁସୂଚିତ ଜାତିର ଭକ୍ତମାନେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କଲେ ?

(ଗ) କୋରାପୁଟରେ କେଉଁମାନେ ଏକ ଭୟଙ୍କର ରୋଗରେ ଶିକାର ହେଉଥିଲେ ଏବଂ ଏହି ରୋଗର ନାମ କ'ଣ ଥିଲା ?

(ଘ) ଅନ୍ତ୍ୟୋଦୟ ଯୋଜନା କ'ଣ ?

(ଙ) ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା କେବେଠାରୁ ପ୍ରଚଳିତ ହୋଇଥିଲା ଏବଂ ଏହାର ବ୍ୟବସ୍ଥାଟି କ'ଣ ?

(ଚ) 'ମିଶନ ଶକ୍ତି' ଯୋଜନାର ଉଦ୍ଦେଶ୍ୟ କ'ଣ ?

(ଛ) ମଧୁବାବୁ ପେନ୍‌ସନ୍ ଯୋଜନାରେ କି କି ବ୍ୟବସ୍ଥା କରାଯାଇଛି ?

(ଜ) ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ କି କି ସୁବିଧାମାନ ରହିଛି ?

(ଝ) 'ମୋ କୁଡ଼ିଆ' ଯୋଜନା କାହା ପାଇଁ ଉଦ୍ଦିଷ୍ଟ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ୧୯୪୭ ମସିହାରେ ଆଦିବାସୀଙ୍କ ଜମି ସଂକ୍ରାନ୍ତରେ ପ୍ରଣୀତ ଆଇନରେ କି କି ବ୍ୟବସ୍ଥାମାନ ରହିଛି ?

(ଖ) ଅପରାଧୀ ଜନଜାତି ଆଇନକୁ କେବେ ରଦ୍ଦ କରିଦିଆଗଲା ?

(ଗ) କେଉଁ ଆଇନ ବଳରେ ଅସ୍ପୃଶ୍ୟତା କ୍ରମଶଃ ଅପସରି ଗଲା ?

(ଘ) ମ୍ୟାଲେରିଆ ରୋଗରୁ ଲୋକଙ୍କୁ ରକ୍ଷା କରିବାପାଇଁ ସରକାର କି କି ବ୍ୟବସ୍ଥା କରିଥିଲେ ?

(ଙ) ଓଡ଼ିଶାର ଗ୍ରାମଗୁଡ଼ିକୁ ବିଦ୍ୟୁତ ସଂଯୋଗ କରିବା ପାଇଁ ପ୍ରସ୍ତୁତ ଯୋଜନାର ନାମ କ'ଣ ?

(ଚ) ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାପାଇଁ କେଉଁ ଯୋଜନା ପ୍ରଚଳିତ ହୋଇଛି ?

(ଛ) ଜନନୀ ସୁରକ୍ଷା ଯୋଜନା କ'ଣ ?

(ଜ) ମହିଳାମାନଙ୍କ ବିକାଶ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ କି କାର୍ଯ୍ୟ କରୁଛି ?

(ଝ) କେଉଁ ଆର୍ଥିକ ବର୍ଷରୁ ଓଡ଼ିଶାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଯ୍ୟକାରୀ ହେଉଛି ?

(ଞ) ଓଡ଼ିଶା ଜୀବିକା ମିଶନର ଉଦ୍ଦେଶ୍ୟ କ'ଣ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) ୧୯୪୭ ମାର୍ଚ୍ଚ ମାସରେ କେଉଁ କାର୍ଯ୍ୟଟି ସମ୍ପାଦିତ ହୋଇଥିଲା ?

i) ଅପରାଧୀ ଜନଜାତି ଆଇନ ରଦ୍ଦ ii) ମହାଜନମାନଙ୍କ ଋଣ କାରବାର ନିୟନ୍ତ୍ରଣ

iii) ଗୋତିପ୍ରଥା ଉଚ୍ଛେଦ iv) ଓଡ଼ିଶା ମନ୍ଦିର ପ୍ରବେଶ ଆଇନ ପ୍ରବର୍ତ୍ତନ

(ଖ) ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ୍ କେଉଁ ପ୍ରଥା ସହିତ ସମ୍ପୃକ୍ତ ?

i) ମହାଜନୀ ପ୍ରଥା ii) ଗୋତି ପ୍ରଥା

iii) ଅସ୍ପୃଶ୍ୟତା ପ୍ରଥା iv) ବେଗାରୀ ପ୍ରଥା

(ଗ) 'କୋୟା' କାହାକୁ ବୁଝାଏ ?

i) ପୋଡୁଚାଷ ii) ଏକ ସାମାଜିକ ପ୍ରଥା

iii) ଏକ ଭୟଙ୍କର ରୋଗ iv) ଏକ ଜନଜାତି

(ଘ) ଅଙ୍ଗନବାଡ଼ି କ'ଣ ?

i) ସ୍ୱୟଂ ସହାୟକ ଦଳ ii) ମହିଳା ସଶକ୍ତୀକରଣ

iii) ଶିଶୁମାନଙ୍କ ଶିକ୍ଷା କେନ୍ଦ୍ର iv) ଶିଶୁ ଶ୍ରମିକ

(ଙ) କେଉଁ ଅବିଭକ୍ତ ଜିଲ୍ଲାଗୁଡ଼ିକ ବିଜୁ କେବିକେ ଯୋଜନାର ଅନ୍ତର୍ଭୁକ୍ତ ?

i) କଳାହାଣ୍ଡି, ବାଲେଶ୍ୱର, କୋରାପୁଟ ii) କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ

iii) ଖୋର୍ଦ୍ଧା, ବଲାଙ୍ଗୀର, କୋରାପୁଟ iv) କଳାହାଣ୍ଡି, ବାଲେଶ୍ୱର, କେନ୍ଦୁଝର

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

# ଦ୍ୱିତୀୟ ପାଠ

# ଶିକ୍ଷାର ବିକାଶ

ମାନବ ସମ୍ବଳ ଦେଶର ସବୁଠାରୁ ମୂଲ୍ୟବାନ ସମ୍ପଦ। ମାନବ ସମ୍ବଳକୁ ବିକଶିତ କରିବା ପାଇଁ ଶିକ୍ଷା ଓ ପ୍ରଶିକ୍ଷଣ ଏକାନ୍ତ ଜରୁରୀ। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶା ସରକାର ଏହି କଥା ଉପଲବ୍ଧିକରି ଏହାର ବିକାଶ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିଥିଲେ।

## ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା :

ସ୍ୱାଧୀନତା ପରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ମୌଳିକ ଶିକ୍ଷା ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ମୌଳିକ ଶିକ୍ଷା ପଦ୍ଧତି ଥିଲା ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନ। ଏହାଦ୍ୱାରା ଶିଶୁକୁ କର୍ମାଭିମୁଖୀ ଶିକ୍ଷା ପ୍ରଦାନ କରି ସ୍ୱାବଲମ୍ବୀ ହେବାର ବ୍ୟବସ୍ଥା କରାଯାଉଥିଲା। ୧୯୪୭-୪୮ ଶିକ୍ଷାବର୍ଷରେ ରାଜ୍ୟ ସରକାର ମୌଳିକ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବାପାଇଁ ଦୁଇଟି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିଲେ। ଏହି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଦୁଇଟି ଅନୁଗୁଳ ଓ ରସୁଲକୋଣ୍ଡା (ଭଞ୍ଜନଗର)ଠାରେ ଖୋଲାଯାଇଥିଲା। ସରକାର ପ୍ରାଥମିକ ପାଠ୍ୟଖସଡ଼ାରେ ବ୍ୟାପକ ପରିବର୍ତ୍ତନ କରି ଏହାକୁ କର୍ମାଭିମୁଖୀ ଶିକ୍ଷା ରେ ପରିଣତ କଲେ। ୧୯୫୦ ମସିହା ବେଳକୁ ଆଉ ୬୦ଟି ମୌଳିକ ଶିକ୍ଷା ବିଦ୍ୟାଳୟ ଓ ଆଉ ୨ଟି ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିବାର ବ୍ୟବସ୍ଥା ହେଲା। ୧୯୫୦ ମସିହାରେ ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟର ସଂଖ୍ୟାଥିଲା ୧୦,୧୬୫ ଏବଂ ଛାତ୍ରଛାତ୍ରୀଙ୍କ ସଂଖ୍ୟାଥିଲା ୪,୪୧,୯୬୭। ପରବର୍ତ୍ତୀ ସମୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପରିମାର୍ଜିତ ହେଲା। ପ୍ରାଥମିକ ବିଦ୍ୟାଳୟର ସଂଖ୍ୟା ମଧ୍ୟ ବୃଦ୍ଧିପ୍ରାପ୍ତ ହେଲା।

ଷଷ୍ଠ ଶ୍ରେଣୀଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାକୁ ମାଧ୍ୟମିକ ଶିକ୍ଷା କୁହାଯାଉଥିଲା। ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ମଧ୍ୟ ଇଂରାଜୀ ବିଦ୍ୟାଳୟର ଅନ୍ତର୍ଭୁକ୍ତ କରାଯାଉଥିଲା ଓ ଅଷ୍ଟମ ଠାରୁ ଏକାଦଶ ପର୍ଯ୍ୟନ୍ତ ଚାରି ବର୍ଷର ଶିକ୍ଷାକୁ ଉଚ୍ଚମାଧ୍ୟମିକ ବା ହାଇସ୍କୁଲ ଶିକ୍ଷା ଭାବରେ ଗ୍ରହଣ କରାଯାଉଥିଲା। ୧୯୫୦ ବେଳକୁ ଓଡ଼ିଶାରେ ମଧ୍ୟଇଂରାଜୀ ବିଦ୍ୟାଳୟ ସଂଖ୍ୟାଥିଲା ୪୮୯ ଓ ଏଥିରେ ୪୬,୨୧୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ। ସେହି ସମୟରେ ରାଜ୍ୟରେ ହାଇସ୍କୁଲ ଗୁଡ଼ିକର ସଂଖ୍ୟାଥିଲା ୧୫୩ ଓ ଏଗୁଡ଼ିକରେ ୪୩,୮୯୩ ଜଣ ଛାତ୍ରଛାତ୍ରୀ ପାଠପଢୁଥିଲେ। ପରବର୍ତ୍ତୀ ସମୟରେ ଏହି ବିଦ୍ୟାଳୟ ଗୁଡ଼ିକର ସଂଖ୍ୟା ଉଭୟ ସରକାରୀ ଓ ବେସରକାରୀ ଉଦ୍ୟମରେ ବୃଦ୍ଧିପ୍ରାପ୍ତ ହେଲା। ବିଂଶ ଶତାବ୍ଦୀର ଶେଷ ଦୁଇ ଦଶକରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧିପ୍ରାପ୍ତ ହେଲା। ଓଡ଼ିଶା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ସେକେଣ୍ଡାରୀ ଏଡୁକେଶନ ଏକ୍ଟ ୧୯୫୩ ବଳରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଗଠିତ ହେଲା। ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପରୀକ୍ଷା ପରିଚାଳନା ଭାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ଼ ଓ ଭାରତୀୟ ମାଧ୍ୟମିକ ଶିକ୍ଷା ପରିଷଦ ହାତରେ ରହିଲା।

| ତୁମ ପାଇଁ କାମ |
|---|
| *ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଗଠନ ଓ କାର୍ଯ୍ୟ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଟିପ୍ପଣୀ ପ୍ରସ୍ତୁତ କର ।* |

ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାକୁ ଅଧିକରୁ ଅଧିକ ପିଲାଙ୍କ ନାମଲେଖା ଉପରେ ଗୁରୁତ୍ୱ ଦିଆଯାଇଛି । ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଓ କିଶୋରମାନେ ଯେପରି ବିଦ୍ୟାଳୟ ଛାଡ଼ି ନ ଯିବେ ସେଥିପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶିକ୍ଷାର ଗୁଣବତ୍ତା ବୃଦ୍ଧିପାଇଁ ଉଦ୍ୟମ କରାଯାଇଛି । ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାପାଇଁ ୧୯୯୫ ମସିହାଠାରୁ ସରକାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି । କେନ୍ଦ୍ର ସରକାରଙ୍କ ସହାୟତାରେ 'ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା' (ଡିପିଇପି) ୧୯୯୬ ମସିହାଠାରୁ ଓଡ଼ିଶାରେ କାର୍ଯ୍ୟକାରୀ ହୋଇଛି ।

ଏହି ଯୋଜନାର ମୂଳ ଲକ୍ଷ୍ୟ ହେଲା– ସମସ୍ତ ଶିଶୁଙ୍କ ପାଖରେ ପ୍ରାଥମିକ ଶିକ୍ଷା ସୁବିଧାକୁ ପହଞ୍ଚାଇବା, ପ୍ରାଥମିକ ପାଠପଢ଼ାଛାଡ଼ି ଚାଲିଯାଉଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା ଶତକଡ଼ା ୧୦କୁ କମାଇବା, ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରମାନଙ୍କ ବିଦ୍ୟା ଆହରଣ କୃତିକୁ ଶତକଡ଼ା ୨୫ ବଢ଼ାଇବା ଏବଂ କନ୍ୟା ଶିଶୁ ଓ ଅବହେଳିତ ସାମାଜିକ ଗୋଷ୍ଠୀର ଶିଶୁକୁ ଶିକ୍ଷା ପ୍ରତି ଆକର୍ଷିତ କରିବା । ପ୍ରାଥମିକ ଶିକ୍ଷାକୁ ଲୋକପ୍ରିୟ କରିବାପାଇଁ ସରକାର ଅନ୍ୟ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । 'ସର୍ବ ଶିକ୍ଷା ଅଭିଯାନ' (ଏସ୍‌ଏସ୍‌ଏ) ଯୋଜନା ମାଧ୍ୟମରେ ସମଗ୍ର ଓଡ଼ିଶାରେ ନୂତନ ବିଦ୍ୟାଳୟମାନ ଖୋଲାଯାଇଛି । ପିଲାମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

ମାଧ୍ୟମିକ ଶିକ୍ଷା ପାଇଁ ମଧ୍ୟ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାଜ୍ୟରେ ୬୦୦୦ରୁ ଅଧିକ ସରକାରୀ ବା ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ ରହିଅଛି । ବିଦ୍ୟାଳୟମାନଙ୍କରେ କମ୍ପ୍ୟୁଟର ଶିକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ୨୦୦୯-୧୦ ଶିକ୍ଷା ବର୍ଷଠାରୁ କେନ୍ଦ୍ର ସରକାର 'ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ' (ଆର୍‌ଏମ୍‌ଏସ୍‌ଏ) ନାମକ ଏକ ବହୁମୁଖୀ ଶିକ୍ଷା ଯୋଜନାର ଶୁଭାରମ୍ଭ କରିଛନ୍ତି । ଉତ୍ତମ ଗୁଣବତ୍ତାଭିତ୍ତିକ ଶିକ୍ଷାଦାନ ଏହି ଅଭିଯାନର ମୂଳ ଲକ୍ଷ୍ୟ । ୧୪ ରୁ ୧୮ ବର୍ଷର ପିଲାମାନେ ଯେପରି ସୁଲଭ ଓ ସୁଶିକ୍ଷା ଲାଭ କରିପାରିବେ– ତାହା ଏହି ଅଭିଯାନର ଲକ୍ଷ୍ୟ ।

ବାଳିକାମାନଙ୍କୁ ମାଧ୍ୟମିକ ଶିକ୍ଷା ପ୍ରତି ଆକର୍ଷିତ କରିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଶିକ୍ଷା ଦୃଷ୍ଟିରୁ ଅନଗ୍ରସର ଗୋଷ୍ଠୀ ଉନ୍ନୟନ ବ୍ଲକ ମାନଙ୍କରେ ଝିଅମାନଙ୍କ ପାଇଁ ଛାତ୍ରୀ ନିବାସ ନିର୍ମିତ ହୋଇଛି । ଛାତ୍ରୀମାନଙ୍କୁ ଜାତୀୟ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାପ୍ରତି ଆକୃଷ୍ଟ କରାଯାଇଛି । ଶିକ୍ଷାଦୃଷ୍ଟିରୁ ଅନଗ୍ରସର ବ୍ଲକଗୁଡ଼ିକରେ ସରକାର ମଡ଼େଲ ସ୍କୁଲ ପ୍ରତିଷ୍ଠା କରିଛନ୍ତି । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଓ ବିଜ୍ଞାନ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି ପାଇଁ କେନ୍ଦ୍ର ସରକାର ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ମଦ୍ରାସା ଶିକ୍ଷାକୁ ଆଧୁନିକୀକରଣ କରାଯାଉଛି । ସଂସ୍କୃତ ଶିକ୍ଷାକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି ।

**ତୁମେ ଜାଣିଛ କି ?**

*୧. ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ଆରଏମ୍‌ଏସ୍‌ଏ)ର ଉଦ୍ଦେଶ୍ୟ ହେଉଛି– ଘରଠାରୁ ୫ କି.ମି. ମଧ୍ୟରେ ମାଧ୍ୟମିକ ଶିକ୍ଷା ଓ ୭ ରୁ ୧୦ କି.ମି. ମଧ୍ୟରେ ଉଚ୍ଚମାଧ୍ୟମିକ ଶିକ୍ଷା ଉପଲବ୍ଧ କରିବା ପାଇଁ ସୁଯୋଗ ପ୍ରଦାନ ।*

*୨. ଆଗାମୀ ୫ ବର୍ଷ ମଧ୍ୟରେ ମୋଟାମୋଟି ନାମଲେଖା ଅନୁପାତକୁ ୭୫ ପ୍ରତିଶତ ବୃଦ୍ଧି କରିବା ।*

*୩. ୨୦୧୭ ସୁଦ୍ଧା ସମସ୍ତଙ୍କୁ ମାଧ୍ୟମିକ ଶିକ୍ଷା ଉପଲବ୍ଧ କରାଇବା*

*୪. ସବୁପିଲାଙ୍କୁ ବିଦ୍ୟାଳୟ ତ୍ୟାଗ କରିବାରୁ ନିବୃତ କରିବା*

*୫. ଅସୁବିଧାରେ ରହୁଥିବା ଗୋଷ୍ଠୀର ପିଲାମାନଙ୍କୁ ମାଧ୍ୟମିକ ଶିକ୍ଷା ଉପଲବ୍ଧ କରାଇବା*

*୬. ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା*


## ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ :

ସ୍ୱାଧୀନତା ବେଳକୁ ଓଡ଼ିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ନାମରେ ଗୋଟିଏ ମାତ୍ର ବିଶ୍ୱବିଦ୍ୟାଳୟ ଥିଲା। ଏହି ବିଶ୍ୱବିଦ୍ୟାଳୟ ୧୯୪୩ ମସିହାରୁ ଏକ ସହବନ୍ଧନ ଓ ପରୀକ୍ଷା ପରିଚାଳକ ବିଶ୍ୱବିଦ୍ୟାଳୟ ଭାବରେ କାର୍ଯ୍ୟାରମ୍ଭ କରିଥିଲା। ତେବେ ମହାବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବିଂଶ ଶତାବ୍ଦୀର ପଞ୍ଚମ ଦଶନ୍ଧି ସେତେ ଉତ୍ସାହଜନକ ନଥିଲା। ରେଭେନ୍‌ସା ମହାବିଦ୍ୟାଳୟ ଥିଲା ଓଡ଼ିଶା ଉଚ୍ଚଶିକ୍ଷା କ୍ଷେତ୍ରରେ ଏକମାତ୍ର ଅନୁଷ୍ଠାନ । ବାଲେଶ୍ୱର, ପୁରୀ ଓ ସମ୍ବଲପୁରରେ ତିନିଟି କନିଷ୍ଠ ମହାବିଦ୍ୟାଳୟ ଥିଲା। ୧୯୪୬ରେ ସରକାର ସେଗୁଡ଼ିକରେ ଡିଗ୍ରୀ ଶ୍ରେଣୀ ସଂଯୁକ୍ତ କଲେ। ୧୯୪୭ ମସିହାରେ କୋରାପୁଟଠାରେ ଏକ ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା ଏବଂ ସେହି ବର୍ଷ ପାରଳାଖେମୁଣ୍ଡି ମହାବିଦ୍ୟାଳୟ ସରକାର ହାତକୁ ନେଲେ। ୧୯୫୦ ମସିହା ଆଗରୁ ରେଭେନ୍‌ସା ମହାବିଦ୍ୟାଳୟରେ ଡିଗ୍ରୀସ୍ତରରେ ବିଜ୍ଞାନ ଶିକ୍ଷା, ଇଂରାଜୀ, ଓଡ଼ିଆ, ଅର୍ଥନୀତି,

ଗଣିତ ଓ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷାର ବ୍ୟବସ୍ଥା ହୋଇସାରିଥିଲା । ଅନ୍ୟ ଛ'ଟି ସରକାରୀ ମହାବିଦ୍ୟାଳୟରେ ଇଣ୍ଟରମିଡିଏଟ୍ ସ୍ତରରେ ବିଜ୍ଞାନଶ୍ରେଣୀ ମଧ୍ୟ ଖୋଲାଯାଇଥିଲା । ୧୯୫୦ ବେଳକୁ ଓଡ଼ିଶାରେ ସର୍ବମୋଟ ମହାବିଦ୍ୟାଳୟ ସଂଖ୍ୟାଥିଲା– ୧୪ ଏବଂ ଏଗୁଡ଼ିକରେ ୫୬୮୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ । ପରବର୍ତ୍ତୀ କାଳରେ ଉଭୟ ସରକାରୀ ଓ ବେସରକାରୀ ଉଦ୍ୟୋଗରେ ମହାବିଦ୍ୟାଳୟଗୁଡ଼ିକର ସଂଖ୍ୟା ବଢ଼ିଚାଲିଲା ।

୧୯୬୭ ମସିହାରେ ପ୍ରତିଷ୍ଠିତ ହେଲା ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ । ୧୯୮୧ ମସିହାରେ ପୁରୀଠାରେ ପ୍ରତିଷ୍ଠା କରାଗଲା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ । ୧୯୯୯ରେ ଉତ୍ତର-ବାଲେଶ୍ୱରଠାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବାରିପଦାଠାରେ ଉତ୍ତର-ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । କଟକର ରେଭେନ୍ସା ମହାବିଦ୍ୟାଳୟ ଏକକ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେଲା । କୋରାପୁଟରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା ।


ସମ୍ବଲପୁର ଗଙ୍ଗାଧର ମହାବିଦ୍ୟାଳୟ ଏବଂ ବଲାଙ୍ଗୀରର ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଇଛି । ନାରୀ ଶିକ୍ଷାର ବିକାଶ ପାଇଁ ଭୁବନେଶ୍ୱରଠାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି ।



(ସମ୍ବଲପୁର ବିଶ୍ୱବିଦ୍ୟାଳୟ)

> **ତୁମ ପାଇଁ କାମ**
>
> *ଓଡ଼ିଶାରେ ଘରୋଇ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକର ନାମ ଓ ଅବସ୍ଥିତିର ଏକ ତାଲିକା ପ୍ରସ୍ତୁତ କର ।*

ଶିକ୍ଷକ ପ୍ରଶିକ୍ଷଣ ପାଇଁ କଟକ ପ୍ରଶିକ୍ଷଣ ମହାବିଦ୍ୟାଳୟ କାର୍ଯ୍ୟରତ ଥିଲା । ଏହା ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ



(ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)

ଶିକ୍ଷା ପରିଦର୍ଶକଙ୍କ ପାଇଁ ପ୍ରଶିକ୍ଷଣ ପ୍ରଦାନ କରୁଥିଲା । ପରବର୍ତ୍ତୀ ସମୟରେ ଏହି କଲେଜକୁ ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟ ନାମରେ ନାମିତ କରାଗଲା । ୧୯୫୦ ମସିହାରେ ଏହି ଶିକ୍ଷକ ପ୍ରଶିକ୍ଷଣ ପ୍ରକ୍ରିୟାକୁ ପ୍ରସାରିତ କରାଗଲା । ଅନୁଗୁଳ, ସମ୍ବଲପୁର ଓ ବ୍ରହ୍ମପୁରଠାରେ ପ୍ରଶିକ୍ଷଣ ମହାବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା । ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ଆବଶ୍ୟକତା ଦୃଷ୍ଟିରୁ ପରବର୍ତ୍ତୀ କାଳରେ ଓଡ଼ିଶାର ତତ୍‌କାଳୀନ ସମସ୍ତ ୧୩ଟି ଜିଲ୍ଲାରେ ଗୋଟିଏ ଗୋଟିଏ ପ୍ରଶିକ୍ଷଣ ମହାବିଦ୍ୟାଳୟ ଖୋଲାଗଲା ।

> **ତୁମେ ଜାଣିଛ କି ?**
>
> *ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟ ବର୍ତ୍ତମାନ ରାଧାନାଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍‌ସ୍‌ଡ୍ ଷ୍ଟଡିଜ୍ ଇନ୍ ଏଡୁକେସନ୍ (ଆର୍ ଏନ୍ ଆଇ ଏ ଏସ୍ ଇ) ନାମରେ ପରିଚିତ । ଶିକ୍ଷାବିତ୍ କବିବର ରାଧାନାଥ ରାୟଙ୍କ ସ୍ମୃତିରେ ଏହି ଅନୁଷ୍ଠାନ ଉତ୍ସର୍ଗୀକୃତ ।*

## ବୈଷୟିକ ଶିକ୍ଷା :

୧୯୫୦ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ବୈଷୟିକ ଶିକ୍ଷା ବ୍ୟବସ୍ଥା ଅତି ଦୟନୀୟ ଅବସ୍ଥାରେ ଥିଲା । କେବଳ କଟକରେ ଗୋଟିଏ ଯାନ୍ତ୍ରିକ ବିଦ୍ୟାଳୟ ଥିଲା । ତେବେ ୧୯୪୯-୫୦ ବର୍ଷରେ ଓଡ଼ିଶାରେ କେତୋଟି ଶିଳ୍ପତାଲିମ କେନ୍ଦ୍ର ଥିଲା । ରେଭେନ୍‌ସା ମହାବିଦ୍ୟାଳୟରେ ବେତାର

ପ୍ରଶିକ୍ଷଣ ପାଠ୍ୟକ୍ରମର ବ୍ୟବସ୍ଥା ଥିଲା । ଓଡ଼ିଶାରେ ଯାନ୍ତ୍ରିକ ମହାବିଦ୍ୟାଳୟ ନଥିବାରୁ ଶିଳ୍ପ ବିଭାଗ ମାଧ୍ୟମରେ କେତେଜଣ ଛାତ୍ରଙ୍କୁ ଓଡ଼ିଶା ବାହାରେ ଯାନ୍ତ୍ରିକ ମହାବିଦ୍ୟାଳୟକୁ ଡିଗ୍ରୀ ପାଠ ପଢ଼ିବାକୁ ପଠାଯାଇଥିଲା । ୧୯୫୬ ମସିହାରେ ବୁର୍ଲାରେ ପ୍ରତିଷ୍ଠା ହେଲା ଓଡ଼ିଶା ପାଇଁ ଏକ ଯାନ୍ତ୍ରିକ ମହାବିଦ୍ୟାଳୟ । ୧୯୬୧ ମସିହାରେ ରାଉରକେଲାରେ ଆଞ୍ଚଳିକ ଯାନ୍ତ୍ରିକ ମହାବିଦ୍ୟାଳୟର ଶୁଭାରମ୍ଭ କରାଗଲା । ଭୁବନେଶ୍ୱରରେ କଲେଜ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ନାମରେ ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ପ୍ରତିଷ୍ଠା ହେଲା । ସରାଙ୍ଗଠାରେ ପ୍ରତିଷ୍ଠିତ ହେଲା ଅନ୍ୟ ଏକ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ । ବିଂଶ ଶତାବ୍ଦୀର ଶେଷ ଦୁଇଦଶକରେ ଘରୋଇ ଉଦ୍ୟୋଗରେ ଅନେକ ଗୁଡ଼ିଏ ଯାନ୍ତ୍ରିକ ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ପରବର୍ତ୍ତୀ ସମୟରେ ଏହି ଯାନ୍ତ୍ରିକ ମହାବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ପରିଚାଳନା ପାଇଁ ୨୦୦୨ରେ ରାଉରକେଲାଠାରେ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ରାଉରକେଲା ଆଞ୍ଚଳିକ ଯାନ୍ତ୍ରିକ ମହାବିଦ୍ୟାଳୟ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନଭାବେ ରୂପାନ୍ତରିତ ହେଲା । ବୁର୍ଲାଠାରେ ମଧ୍ୟ ବୀର ସୁରେନ୍ଦ୍ର ସାଏ ଯାନ୍ତ୍ରିକ ମହାବିଦ୍ୟାଳୟ ରହିଅଛି । ଭୁବନେଶ୍ୱରର ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ (IIT) ଅନୁଗୁଳଠାରେ ସ୍ଥାପିତ ହୋଇଛି । ବର୍ତ୍ତମାନ ଅନେକ ଯାନ୍ତ୍ରିକ ମହାବିଦ୍ୟାଳୟ ଓଡ଼ିଶାରେ ବୈଷୟିକ ଶିକ୍ଷା ପ୍ରଦାନ କରୁଛନ୍ତି । ଶିଳ୍ପକ୍ଷେତ୍ରକୁ କୁଶଳୀ କାରିଗର ଯୋଗାଇବା ପାଇଁ ଓଡ଼ିଶାରେ ଅନେକ ଯାନ୍ତ୍ରିକ ବିଦ୍ୟାଳୟ, ଶିଳ୍ପ ତାଲିମ କେନ୍ଦ୍ର ଓ ଶିଳ୍ପ ତାଲିମ ଅନୁଷ୍ଠାନମାନ ପ୍ରତିଷ୍ଠା କରାଯାଇଛି ।

*ତୁମ ପାଇଁ କାମ*

*ଭାରତରେ ପ୍ରତିଷ୍ଠିତ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥିତି ସ୍ଥାନର ନାମ ସହିତ ଏକ ତାଲିକା ପ୍ରସ୍ତୁତ କର ।*

## କୃଷି, ପଶୁ ପାଳନ, ମତ୍ସ୍ୟ ଚାଷ ସମ୍ପର୍କିତ ଶିକ୍ଷା ଓ ଗବେଷଣା :

କୃଷି ବିଷୟକ ଶିକ୍ଷା ପ୍ରଦାନ ପାଇଁ ୧୯୫୪ ମସିହାରେ ଭୁବନେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ଏହି ମହାବିଦ୍ୟାଳୟ ପରିସରକୁ ସଂପ୍ରସାରିତ କରି ୧୯୬୨ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । କେନ୍ଦ୍ର ସରକାର କଟକ ଠାରେ ପ୍ରତିଷ୍ଠା କଲେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର । କୌଶଲ୍ୟାଗଙ୍ଗଠାରେ ଏକ ମତ୍ସ୍ୟ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପିତ ହେଲା ୧୯୭୭ ମସିହାରେ । କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର ନାମରେ ନାମିତ ଏହି ଅନୁଷ୍ଠାନ ମତ୍ସ୍ୟ ଚାଷ ସମ୍ପର୍କରେ ସର୍ବ ଭାରତୀୟ ସ୍ତରରେ ଏକ ଅଗ୍ରଣୀ ଅନୁଷ୍ଠାନ । ସାକ୍ଷୀଗୋପାଳଠାରେ ଏକ ନାରିକେଳ ଗବେଷଣା କେନ୍ଦ୍ର ମଧ୍ୟ ସ୍ଥାପିତ ହୋଇଛି । ହୀରାକୁଦର ଅନତିଦୂରରେ ଚିପିଲିମାଠାରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି ।

## ଚିକିତ୍ସା ବିଜ୍ଞାନ ଶିକ୍ଷା :

ସ୍ୱାଧୀନତା ବେଳକୁ କଟକର ସରକାରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇସାରିଥିଲା । ୧୯୪୯-୫୦ ଶିକ୍ଷା ବର୍ଷରେ ଏହି ମେଡିକାଲ କଲେଜକୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ନାମରେ ନାମିତ କରାଗଲା । ୧୯୫୯ ମସିହାରେ ସମ୍ବଲପୁରର ବୁର୍ଲା ଠାରେ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଆରମ୍ଭ ହେଲା । ବ୍ରହ୍ମପୁରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ନାମିତ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରାଗଲା । ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଓଡ଼ିଶାରେ ଆର୍ୟୁବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଏହି ତିନୋଟି ଅନୁଷ୍ଠାନ ଥିଲା ମୁଖ୍ୟ ଶିକ୍ଷା କେନ୍ଦ୍ର । ଏହି ମେଡିକାଲ କଲେଜମାନଙ୍କ ସହିତ ସଂଯୁକ୍ତ ହୋଇ ରହିଛି ସେବିକା ପ୍ରଶିକ୍ଷଣ କେନ୍ଦ୍ର, ଫାର୍ମାସୀ କଲେଜ ଓ ହସ୍ପିଟାଲ ପାଇଁ



(ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ)



(ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ, ବୁର୍ଲା)

ବୈଷିୟିକ ସହାୟକ ତାଲିମ କେନ୍ଦ୍ର । ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଘରୋଇ ଉଦ୍ୟମରେ ଓଡ଼ିଶାରେ ଆଉ ତିନୋଟି ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି ।




(ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ, ବ୍ରହ୍ମପୁର)

ଭୁବନେଶ୍ୱରରେ ଅବସ୍ଥିତ ଏହି ତିନୋଟି କଲେଜ ହେଲା ହାଇଟେକ ମେଡିକାଲ କଲେଜ, କଳିଂଗ ଇନଷ୍ଟିଚୁଟ ଅଫ ମେଡିକାଲ ସାଇନସ ଓ ହସପିଟାଲ୍ ଏବଂ ସମହସପିଟାଲ ଓ ମେଡିକାଲ କଲେଜ । ସର୍ବଭାରତୀୟ ଆର୍ୟୁବିଜ୍ଞାନ ଅନୁଷ୍ଠାନ ୨୦୧୨ରୁ ଭୁବନେଶ୍ୱରରେ ଶିକ୍ଷାଦାନକାର୍ଯ୍ୟ ଆରମ୍ଭ କରିଛି ।

## ଅନ୍ୟାନ୍ୟ ଶିକ୍ଷା :

ସଂସ୍କୃତି ଶିକ୍ଷାର ତଦାରଖ ଓ ବିକାଶ ପାଇଁ ୨୦୦୦ ମସିହାରେ ଓଡ଼ିଶା ସରକାର ଭୁବନେଶ୍ୱରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା କଲେ । ବ୍ୟାବସାୟିକ ପରିଚାଳନା



(ସର୍ବଭାରତୀୟ ଆୟୁର୍ବିଜ୍ଞାନ ଅନୁଷ୍ଠାନ, ଭୁବନେଶ୍ୱର)

ଶିକ୍ଷା ପାଇଁ ପ୍ରଥମେ ଭୁବନେଶ୍ୱରରେ ସ୍ୱତନ୍ତ୍ର ଭାବରେ ପ୍ରତିଷ୍ଠା କରାଯାଇଥିଲା ଜାଭିଅର ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ । ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଓ ଓଡ଼ିଶାର ଅନ୍ୟାନ୍ୟ ସହରରେ ଅନେକ ବ୍ୟାବସାୟିକ ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇଛି । ସେମାନେ ଛାତ୍ରଛାତ୍ରୀମାନଙ୍କୁ ଏମ୍ ବି ଏ ଶିକ୍ଷା ପ୍ରଦାନ କରୁଛନ୍ତି । ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଚାହିଦାକୁ ଆଖିରେ ରଖି ଓଡ଼ିଶାରେ କେତେକ କମ୍ପୁଟର ବିଜ୍ଞାନ ଭିତ୍ତିକ ଶିକ୍ଷାନୁଷ୍ଠାନ ଖୋଲିଅଛି । ଭୁବନେଶ୍ୱରସ୍ଥିତ ଭାରତୀୟ ସୂଚନା ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ଏ କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ । ବିଜ୍ଞାନ ଶିକ୍ଷା ଓ ଗବେଷଣା ପାଇଁ ଭୁବନେଶ୍ୱରରେ ଖୋଲାଯାଇଛି– ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ । ଭୁବନେଶ୍ୱରରେ ପ୍ରତିଷ୍ଠିତ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ, କଟକଠାରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓ ଢେଙ୍କାନାଳରେ ଭାରତୀୟ ଗଣଯୋଗାଯୋଗ ପ୍ରଭୃତି କେନ୍ଦ୍ରୀୟ ଅନୁଷ୍ଠାନ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଅଛି । ଏତଦ୍ ବ୍ୟତୀତ ଖଣିଜ ଓ ଧାତବ ପଦାର୍ଥ ଗବେଷଣା କ୍ଷେତ୍ରରେ ଭୁବନେଶ୍ୱରରେ ଆଞ୍ଚଳିକ ଗବେଷଣା ପରୀକ୍ଷାଗାର ଓ ଶିକ୍ଷା ଗବେଷଣା କ୍ଷେତ୍ରରେ ଭୁବନେଶ୍ୱରରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପ୍ରଶଂସନୀୟ ଭାବରେ କାର୍ଯ୍ୟ କରୁଛନ୍ତି । ଏହି ଶିକ୍ଷା ପ୍ରତିଷ୍ଠାନ ଅଧୀନରେ ଓଡ଼ିଶାରେ ଏକମାତ୍ର ଏନ୍ ସି ଇ ଆର୍ ଟି ପରିଚାଳିତ ଡେମନ୍ଷ୍ଟ୍ରେସନ୍ ମଲ୍‌ଟିପର୍ପସ୍ (ଡି ଏମ୍) ସ୍କୁଲ ଏକ ଉଚ୍ଚମାଧ୍ୟମିକ ଆଦର୍ଶ ବିଦ୍ୟାଳୟ ଭାବେ କାର୍ଯ୍ୟ କରୁଅଛି । ଭୁବନେଶ୍ୱର ଠାରେ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ ଦ୍ୱାରା ପ୍ରତିଷ୍ଠା କରାଯାଇଛି ଏକ ଆଞ୍ଚଳିକ ଆୟୁର୍ବିଜ୍ଞାନ ଗବେଷଣା କେନ୍ଦ୍ର । ସେହିପରି ଓଲଟପୁର ଠାରେ ଜାତୀୟ ପୁନଃ ଥଇଥାନ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠିତ ହୋଇଅଛି । ଭୁବନେଶ୍ୱରରେ ଅବସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ଓ ଜୈବ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟ ଓଡ଼ିଶାରେ ବିଜ୍ଞାନ ଶିକ୍ଷାର ପ୍ରସାରରେ ସହାୟକ ହୋଇଅଛି । ସେହିପରି ଶାରୀରିକ ଶିକ୍ଷାର ବିକାଶ ପାଇଁ ଭୁବନେଶ୍ୱରଠାରେ ଏକ ସରକାରୀ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ କାମ କରୁଅଛି ।

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) ସ୍ୱାଧୀନତା ପରେ ପରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷା କିପରି ବିକଶିତ ହେଲା ?

(ଖ) ସ୍ୱାଧୀନତା ପରେ ଓଡ଼ିଶାରେ ମହାବିଦ୍ୟାଳୟ ସ୍ତରୀୟ ଶିକ୍ଷା ବ୍ୟବସ୍ଥା କିପରି ଥିଲା ?

(ଗ) ଶିକ୍ଷକ ପ୍ରଶିକ୍ଷଣ ନିମିତ୍ତ ଓଡ଼ିଶାରେ କି କି ସୁଯୋଗ ରହିଅଛି ?

(ଘ) ବୈଷୟିକ ଶିକ୍ଷା ପାଇଁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ସରକାର କି କି ପଦକ୍ଷେପ ନେଇଛନ୍ତି ?

(ଙ) କୃଷି, ପଶୁପାଳନ, ମତ୍ସ୍ୟଚାଷ ସମ୍ପର୍କିତ ଶିକ୍ଷା ଓ ଗବେଷଣା ପାଇଁ ଓଡ଼ିଶାରେ କି କି ସୁବିଧା ସୁଯୋଗ ରହିଅଛି ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ମୌଳିକ ଶିକ୍ଷା କ'ଣ ?

(ଖ) ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ମାଧ୍ୟମିକ ଶିକ୍ଷା ପରେ ପରୀକ୍ଷା ପରିଚାଳନା କରୁଥିବା ଅନୁଷ୍ଠାନ ଗୁଡ଼ିକର ନାମ କ'ଣ ?

(ଗ) ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠା କରାଯାଇଥିଲା ?

(ଘ) ୧୯୫୦ ମସିହା ବେଳକୁ ଶିକ୍ଷକମାନଙ୍କର ପ୍ରଶିକ୍ଷଣ ପାଇଁ ଓଡ଼ିଶାର କେଉଁ କେଉଁ ସ୍ଥାନରେ ଶିକ୍ଷାନୁଷ୍ଠାନମାନ ଥିଲା ?

(ଙ) ୧୯୬୧ ମସିହା ସୁଦ୍ଧା ଓଡ଼ିଶାରେ କେଉଁ ଯାନ୍ତ୍ରିକ ମହାବିଦ୍ୟାଳୟ ମାନ ଥିଲା ?

(ଚ) ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କେବେ ଏବଂ କେଉଁ ମହାବିଦ୍ୟାଳୟକୁ ସଂପ୍ରସାରିତ କରି ପ୍ରତିଷ୍ଠିତ ହୋଇଥିଲା ?

(ଛ) କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କେଉଁଠାରେ ଓ କାହା ଦ୍ୱାରା ପ୍ରତିଷ୍ଠା କରାଯାଇଛି ?

(ଜ) କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟ ଗବେଷଣା କେନ୍ଦ୍ରର ଭିତ୍ତି ପ୍ରସ୍ତର କେବେ ଏବଂ କେଉଁଠାରେ ସ୍ଥାପିତ ହୋଇଥିଲା ?

(ଝ) ଓଡ଼ିଶାରେ ପ୍ରତିଷ୍ଠିତ ସରକାରୀ ଆୟୁର୍ବିଜ୍ଞାନ ମହାବିଦ୍ୟାଳୟଗୁଡ଼ିକର ନାମ କ'ଣ ?

(ଞ) ଓଡ଼ିଶାର କେଉଁ ସ୍ଥାନରେ ଆଇନଶିକ୍ଷା ଓ ଗଣଯୋଗାଯୋଗ ଶିକ୍ଷା ସମ୍ବନ୍ଧୀୟ ସର୍ବଭାରତୀୟ ଶିକ୍ଷାନୁଷ୍ଠାନ ଅବସ୍ଥିତ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ୧୯୪୭-୪୮ ଶିକ୍ଷା ବର୍ଷରେ ଓଡ଼ିଶା ସରକାର ମୌଳିକ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବାପାଇଁ କେଉଁ ଦୁଇଟି ସ୍ଥାନରେ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିଥିଲେ ?

(ଖ) ୧୯୫୦ ମସିହା ବେଳକୁ ଓଡ଼ିଶାରେ କେତୋଟି ହାଇସ୍କୁଲ ଥିଲା ?

(ଗ) କେବେଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ କରିଥିଲା ?

(ଘ) ସମ୍ବଲପୁର ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠିତ ହେଲା ?

(ଙ) କେବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା ?

(ଚ) ଓଡ଼ିଶାରେ ପ୍ରତିଷ୍ଠିତ ଜାତୀୟ ବିଶ୍ୱବିଦ୍ୟାଳୟ କେଉଁ ସ୍ଥାନରେ ଅବସ୍ଥିତ ?

(ଛ) ରାଉରକେଲାସ୍ଥିତ ଯାନ୍ତ୍ରିକ ମହାବିଦ୍ୟାଳୟର ବର୍ତ୍ତମାନର ନାମ କ'ଣ ?

(ଜ) କେଉଁଠାରେ ଏକ ନାରିକେଳ ଗବେଷଣା କେନ୍ଦ୍ର ସ୍ଥାପିତ ହୋଇଛି ?

(ଝ) କେଉଁ ଶିକ୍ଷାବର୍ଷଠାରୁ କଟକର ସରକାରୀ ମେଡ଼ିକାଲ କଲେଜର ନାମ ପରିବର୍ତ୍ତନ କରାଗଲା ?

(ଞ) ଜାତୀୟ ପୁନଃ ଥଇଥାନ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ କେଉଁଠାରେ ଅବସ୍ଥିତ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) ୧୯୪୭ରେ କେଉଁଠାରେ ଏକ ଇଣ୍ଟରମିଡ଼ିଏଟ୍ ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା ?

(i) ବାଲେଶ୍ୱର (ii) ପୁରୀ iii) ସମ୍ବଲପୁର (iv) କୋରାପୁଟ

(ଖ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠିତ ହୋଇଥିଲା ?

i) ୧୯୫୦ (ii) ୧୯୬୭ iii) ୧୯୮୧ iv) ୧୯୯୯

(ଗ) ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?

i) ପୁରୀ ii) ରାଉରକେଲା iii) ବୁର୍ଲା iv) ଭୁବନେଶ୍ୱର

(ଘ) ଚିପିଲିମାଠାରେ କେଉଁ ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି ?

i) ଯାନ୍ତ୍ରିକ ମହାବିଦ୍ୟାଳୟ ii) କୃଷି ମହାବିଦ୍ୟାଳୟ

iii) ଚିକିତ୍ସା ମହାବିଦ୍ୟାଳୟ iv) ବିଜ୍ଞାନ ମହାବିଦ୍ୟାଳୟ

(ଙ) ଆଞ୍ଚଳିକ ଆୟୁର୍ବିଜ୍ଞାନ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?

i) କଟକ ii) ବ୍ରହ୍ମପୁର iii) ବୁର୍ଲା iv) ଭୁବନେଶ୍ୱର

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

# ତୃତୀୟ ପାଠ

# କୃଷିର ବିକାଶ

କୃଷି ଓଡ଼ିଶାର ଅଧିକାଂଶ ଲୋକଙ୍କର ପ୍ରମୁଖ ଜୀବିକା। ସ୍ୱାଧୀନତା ପରର ଓଡ଼ିଶା ସରକାର କୃଷକମାନଙ୍କ ସମସ୍ୟା ଓ ମୌଳିକ ଆବଶ୍ୟକତା ସମ୍ପର୍କରେ ସଚେତନ ଥିଲେ। ସେତେବେଳେ ସବୁଠାରୁ ବଡ଼ ସମସ୍ୟା ଥିଲା ପ୍ରକୃତରେ ଜମିରେ ଚାଷକରୁଥିବା କୃଷକଙ୍କୁ ଜମିର ସ୍ୱତ୍ୱାଧିକାର ପ୍ରଦାନ। ଚିରସ୍ଥାୟୀ ବନ୍ଦୋବସ୍ତ ସମୟରୁ ଚଳିଆସୁଥିବା ଜମିଦାରୀ ପ୍ରଥା ଏହି ସମସ୍ୟା ସମାଧାନ କ୍ଷେତ୍ରରେ ବଡ଼ ଅନ୍ତରାୟ ଥିଲା।

**ତୁମେ ଜାଣିଛ କି ?**

***ଚିରସ୍ଥାୟୀ ବନ୍ଦୋବସ୍ତ ଲର୍ଡ଼ କର୍ଣ୍ଣୱାଲିସଙ୍କ ଦ୍ୱାରା ୧୭୯୩ ମସିହାରେ ଆରମ୍ଭ କରାଯାଇଥିଲା। ଏହି ବନ୍ଦୋବସ୍ତ ଖସଡ଼ା କରିଥିଲେ ସାର ଜନ ସୋର ।***

ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଯଥାଶୀଘ୍ର ଜମିଦାରୀ ପ୍ରଥା ଉଚ୍ଛେଦ କରିବାର ସୂଚନା ପ୍ରଦାନ କରିଥିଲେ ଓ ଓଡ଼ିଶା ବିଧାନସଭାରେ ତତ୍‌ସଂକ୍ରାନ୍ତୀୟ ଏକ ବିଧେୟକ ଆଗତ କରିଥିଲେ। ପରେ ଷଷ୍ଠ ଦଶକରେ ଜମିଦାରୀ ଉଚ୍ଛେଦ ଆଇନ କାର୍ଯ୍ୟକାରୀ ହେଲା। ୧୯୫୫ ମସିହାରୁ ଭୂଦାନ ଆନ୍ଦୋଳନରେ ସଂଗୃହୀତ ଜମି ଚାଷୀମାନଙ୍କ ମଧ୍ୟରେ ବାଣ୍ଟିଦିଆଗଲା। ଆଦିବାସୀ କୃଷକମାନଙ୍କର ଜମି



(ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ବିନୋବା ଭାବେ)

ଯେପରି ଅଣଆଦିବାସୀମାନେ ନେଇ ନ ଯାଆନ୍ତି ସେଥିପାଇଁ ବ୍ୟବସ୍ଥା ହେଲା। ଭାଗଚାଷୀମାନଙ୍କର ସ୍ୱାର୍ଥର ସୁରକ୍ଷା କରାଗଲା।

ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଆଚାର୍ଯ୍ୟ ବିନୋବା ଭାବେ । ତାଙ୍କର ମୂଳ ନାମ ଥିଲା ବିନାୟକ ନରହରି ଭାବେ ।

**ତୁମ ପାଇଁ କାମ**

***ବିନୋବା ଭାବେଙ୍କର ଭାରତ ସ୍ୱାଧୀନତା ଆନ୍ଦୋଳନକୁ ଅବଦାନ ଓ ତାଙ୍କର ଭୂଦାନ ଆନ୍ଦୋଳନ ସମ୍ପର୍କରେ ଏକ ବିବରଣୀ ପ୍ରସ୍ତୁତ କର ।***

କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ଓ ସେମାନଙ୍କୁ ଗ୍ରାମ ମହାଜନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଗଲା। ୧୯୪୭ ମସିହାର ଏକ ଆଇନ ବଳରେ ଗ୍ରାମ ମହାଜନଙ୍କ ଏକଚାଟିଆ ଅର୍ଥ କାରବାରକୁ ନିୟନ୍ତ୍ରିତ କରାଗଲା। ୧୯୪୮ରେ ଗୋତି ଶ୍ରମିକପ୍ରଥା ଉଚ୍ଛେଦ କରାଗଲା। ୧୯୭୬ ମସିହାରେ ଗୋତିପ୍ରଥା ଉଚ୍ଛେଦ ଆଇନ ବଳରେ ଗୋତିପ୍ରଥା ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଗଲା। କୃଷକମାନଙ୍କୁ ଚାଷକାର୍ଯ୍ୟ ଆରମ୍ଭ ସମୟରେ ସ୍ୱଳ୍ପ ସୁଧହାରରେ ଋଣ ଯୋଗାଇ ଦେବା ପାଇଁ ସମବାୟ ସଂସ୍ଥାମାନ ଗଠନ କରାଗଲା। ସରକାରୀ ମୂଳଧନରେ ୧୯୪୮ ମସିହାରେ ରାଜ୍ୟ ସମବାୟ ବ୍ୟାଙ୍କ ପ୍ରତିଷ୍ଠିତ ହେଲା। ସମବାୟ ଆନ୍ଦୋଳନକୁ ସଂପ୍ରସାରିତକରି ଏହାକୁ କୃଷକମାନଙ୍କ ପାଖରେ ପହଞ୍ଚାଗଲା। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲ କ୍ଷତିଗ୍ରସ୍ତ ହେଲେ କୃଷକମାନଙ୍କୁ 'ତକାଭି' ଋଣ ଦିଆଗଲା। ଅନେକ କ୍ଷେତ୍ରରେ ଚାଷୀମାନେ ନେଇଥିବା ଋଣ ଛାଡ଼ ମଧ କରିଦିଆଗଲା। ସରକାର 'ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କର' ନାମକ ଯୋଜନାରେ ପତିତ ଜମିକୁ ଚାଷୋପଯୋଗୀ କଲେ । ଜଳସେଚନ ପାଇଁ ପୋଖରୀ ଖୋଳାଇଲେ, ପୁରୁଣା ପୋତି ହୋଇ ପଡ଼ିଥିବା

ପୋଖରୀର ପୁନରୁଦ୍ଧାର କଲେ, ନୂଆ ଜଳାଶୟ ଖନନ କଲେ, କୃଷକମାନଙ୍କ ପାଇଁ ହଳଲଙ୍ଗଳ ଓ ବଳଦ କିଣିଦେଲେ, ରିହାତି ଦରରେ କୃଷକମାନଙ୍କୁ ସାର ବିହନ ଯୋଗାଇ ଦେଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇଦେବା ପାଇଁ ସରକାର 'ଟେଷ୍ଟ ରିଲିଫ' କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କଲେ ।

***ତୁମେ ଜାଣିଛ କି ?***

***ଟେଷ୍ଟ୍ ରିଲିଫ୍ ଏପରି ଏକ କାର୍ଯ୍ୟ ବ୍ୟବସ୍ଥା ଯାହା ସରକାରୀ ଅର୍ଥରେ କାର୍ଯ୍ୟକାରୀ ହୁଏ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇବା ପାଇଁ ସରକାର ଗାଁ ଗହଳିରେ ଟେଷ୍ଟ ରିଲିଫ କାମର ବ୍ୟବସ୍ଥା କରନ୍ତି । ଲୋକମାନେ ରାସ୍ତାଘାଟ ପୋଖରୀ ଖୋଳା ପ୍ରଭୃତି କାମରେ ଶ୍ରମଦାନ କରନ୍ତି ଓ ବଦଳରେ ତାଙ୍କୁ ଅର୍ଥ ବା ଖାଦ୍ୟଶସ୍ୟ ମିଳେ । 'ରିଲିଫ' ଭଳି ଏହା ଏକ ମାଗଣା ପ୍ରାପ୍ତି ବ୍ୟବସ୍ଥା ନୁହେଁ ।***

କୃଷି ଶିକ୍ଷା ଓ ଗବେଷଣା ପାଇଁ ଓଡ଼ିଶା ସରକାର ଏକ କୃଷି ମହାବିଦ୍ୟାଳୟ ଓ ପରେ ଏକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏହାକୁ ଛାଡ଼ି ଓଡ଼ିଶାରେ ଅନ୍ୟକେତେକ କୃଷି ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଗଲା । ଏଠାରୁ ଉଦ୍‌ବୃତ୍ତ ଜ୍ଞାନ କୌଶଳ କୃଷକମାନଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା ହେଲା । ଜମିର ଉର୍ବରତା ବଜାୟ ରଖିବା ପାଇଁ ଓଡ଼ିଶା ସରକାର ବିଭିନ୍ନ ପ୍ରୟୋଗଶାଳା ପ୍ରତିଷ୍ଠା କଲେ । ଆଧୁନିକ ପ୍ରଣାଳୀରେ କୃଷିପାଇଁ ପ୍ରଦର୍ଶନୀ କୃଷି କ୍ଷେତ୍ରମାନ ପ୍ରସ୍ତୁତ କରାଗଲା ।

ଫଳ ଚାଷ ପାଇଁ ଅନୁଗୁଳ, ପଟ୍ଟାଙ୍ଗୀ ଓ ଜି: ଉଦୟଗିରିରେ କେନ୍ଦ୍ରମାନ ପ୍ରତିଷ୍ଠା କରାଗଲା । ଏଠାରେ ଫଳଗଛ ଚାରା ଓ କଲମୀ ପ୍ରସ୍ତୁତ ହୋଇ କୃଷକମାନଙ୍କୁ ବିତରଣ କରାଗଲା ।

ବନ୍ୟାଦାଉରୁ ଫସଲକୁ ରକ୍ଷାକରିବା ପାଇଁ ଲୁଣି ଓ ନଦୀ ବନ୍ଧମାନ ତିଆରି କରାଗଲା ।

### ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ :

ଜଳସେଚନ ଓ ବନ୍ୟାନିୟନ୍ତ୍ରଣ ପାଇଁ ଓଡ଼ିଶାରେ ସର୍ବବୃହତ ବହୁମୁଖୀ ଯୋଜନା ଥିଲା ହୀରାକୁଦ ନଦୀବନ୍ଧ



(ହୀରାକୁଦ ନଦୀବନ୍ଧ ଯୋଜନା)

ଯୋଜନା । ଏହି ଯୋଜନାର ତିନୋଟି ମୁଖ୍ୟ ଉଦ୍ଦେଶ୍ୟଥିଲା । ସେଗୁଡ଼ିକ ହେଲା ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ କରିବା, ସମ୍ବଲପୁର, ବଲାଙ୍ଗୀର ଜିଲ୍ଲାରେ ଜଳସେଚନର ବ୍ୟବସ୍ଥା କରିବା ଓ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା । ହୀରାକୁଦ ଜଳ ଭଣ୍ଡାରରେ ମାଛ ଚାଷ କରିବା ଥିଲା ଅନ୍ୟ ଏକ ଉଦ୍ଦେଶ୍ୟ । ଏହି ଯୋଜନାଟି କେନ୍ଦ୍ରୀୟ ଜଳ ଆୟୋଗ ଦ୍ୱାରା ଓଡ଼ିଶାରେ କାର୍ଯ୍ୟକାରୀ ହୋଇଥିଲା । ଏହାର ବାସ୍ତବିକ ନିର୍ମାଣ କାର୍ଯ୍ୟ ୧୯୪୮ ମସିହାରେ ଆରମ୍ଭ ହୋଇ ୧୯୫୬ ମସିହାରେ ସମାପ୍ତ ହୋଇଥିଲା । ଏହାପରେ ଓଡ଼ିଶାରେ ଅନ୍ୟ କେତୋଟି ବୃହତ ବହୁମୁଖୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ଆନ୍ଧ୍ରପ୍ରଦେଶର ସହଯୋଗରେ ମାଛକୁଣ୍ଡ ଯୋଜନା, କୋରାପୁଟର ଅପର କୋଲାବ ଯୋଜନା, ଇନ୍ଦ୍ରାବତୀ ଯୋଜନା, ରେଙ୍ଗାଲି ଭୀମକୁଣ୍ଡ ଯୋଜନା ଓଡ଼ିଶାରେ ଜଳ ସେଚନ କ୍ଷେତ୍ରରେ ବେଶ ସହାୟକ ହୋଇପାରିଛି । ଏହାଛଡ଼ା ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନେକ ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉଛି । ଜଳସେଚନ ସୁବିଧା ନଥିବା ସ୍ଥାନମାନଙ୍କରେ ଉଠାଜଳସେଚନର ବ୍ୟବସ୍ଥା କରାଯାଇଛି ।

କୃଷି ବ୍ୟତୀତ ଓଡ଼ିଶା ସରକାର ଗୋପାଳନ, ମତ୍ସ୍ୟଚାଷ, କୁକୁଡ଼ା ପାଳନ ପ୍ରଭୃତି କାର୍ଯ୍ୟକୁ ପ୍ରୋତ୍ସାହନ ଯୋଗାଇ ଚାଲିଛନ୍ତି । ଗୋଧନର ସୁରକ୍ଷାପାଇଁ ଗାଁ ଗହଳରେ ପଶୁ ଡାକ୍ତରମାନଙ୍କୁ ନିଯୁକ୍ତି ମିଳିଛି । ପଶୁମାନଙ୍କୁ ସଂକ୍ରାମକ ରୋଗରୁ ରକ୍ଷା କରିବା ପାଇଁ ୧୯୪୯ ମସିହାରେ ସରକାର ଏକ ଆଇନ ପ୍ରଣୟନ କରିଛନ୍ତି ।

ମହାନଦୀ, ଧାମରା, ସୁବର୍ଣ୍ଣରେଖା ଓ ଚିଲିକାର ମତ୍ସ୍ୟଜୀବୀମାନଙ୍କୁ ସରକାର ବିଭିନ୍ନ ଭାବରେ ଉତ୍ସାହିତ କରିଛନ୍ତି । ମାଛର ସଂରକ୍ଷଣ ପାଇଁ ମାଛଧରା କେନ୍ଦ୍ରମାନଙ୍କ ପାଖରେ ବରଫକଳ ପ୍ରତିଷ୍ଠା କରାଯାଇଛି । ସମୁଦ୍ର ଓ ବଡ଼ ବଡ଼ ଜଳାଶୟ ଓ ହ୍ରଦରୁ ମତ୍ସ୍ୟ ସଂଗ୍ରହ ପାଇଁ, ଧୀବରମାନଙ୍କ ସୁରକ୍ଷା ପାଇଁ ଆଇନମାନ ମଧ୍ୟ ପ୍ରଣୀତ ହୋଇଛି ।

ପଶୁପାଳନ, ମତ୍ସ୍ୟ ସଂଗ୍ରହ ଓ କୁକୁଡ଼ା ପାଳନ କ୍ଷେତ୍ରରେ ଓଡ଼ିଶା ବିଶେଷ ଅଗ୍ରଗତି କରିପାରି ନାହିଁ । ଏସବୁ କ୍ଷେତ୍ରରେ ଓଡ଼ିଶାର ଯାହା ପ୍ରାକୃତିକ ସାମର୍ଥ୍ୟ ରହିଛି ତା'ର ଠିକ୍ ବିନିଯୋଗ ହୋଇନାହିଁ ।

ଓଡ଼ିଶାର କୃଷକ ଏବେ ମଧ୍ୟ ସମସ୍ୟା ଘେରରେ । ବନ୍ୟା, ମରୁଡ଼ି ଓ ବାତ୍ୟା ଏବେବି ତା ପାଇଁ ସମସ୍ୟା ସୃଷ୍ଟିକରୁଛି । ଉତ୍ପାଦିତ ଦ୍ରବ୍ୟ ଠିକ୍‌ମୂଲ୍ୟରେ ବିକ୍ରିହୋଇ ପାରୁନାହିଁ । 'ଅଭାବୀ ବିକ୍ରି' ତା' ପାଇଁ କ୍ଳେଶଦାୟକ ହେଉଛି । ଉତ୍ପାଦିତ ସାମଗ୍ରୀର ଠିକ ମୂଲ୍ୟ ନମିଳିବାରୁ ତା'ର ଆର୍ଥିକ ସ୍ଥିତି ଦୋହଲି ଯାଉଛି । ଯାହା ହେଲେ ବି ମଣିଷ ପାଇଁ ଖାଦ୍ୟ ଦରକାର । ତେଣୁ କୃଷିର ଉନ୍ନତି କରିବାକୁ ହେବ । ଗ୍ରାମାଞ୍ଚଳର ବିକାଶ ପାଇଁ ଦୃଷ୍ଟି ଦେବାକୁ ହେବ ।

ଓଡ଼ିଶାରେ କୃଷିର ବିକାଶ ପାଇଁ ସମୟ କ୍ରମେ କୃଷିବିଭାଗ ଅଧୀନରେ ୪ ଗୋଟି ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି । ସେଗୁଡ଼ିକ ହେଲା, କୃଷି ଓ ଖାଦ୍ୟଶସ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ । ମତ୍ସ୍ୟ ସମ୍ପଦର ବିକାଶ ପାଇଁ ମତ୍ସ୍ୟପାଳନ ନିର୍ଦ୍ଦେଶାଳୟ କାର୍ଯ୍ୟକରୁଛି । ପଶୁ ସମ୍ପଦର ଉନ୍ନତି ପାଇଁ ଅଛି ପଶୁଧନ ନିର୍ଦ୍ଦେଶାଳୟ । କୃଷିର ବିକାଶ କ୍ଷେତ୍ରରେ ସହଯୋଗୀ ଭୂମିକା ନିର୍ବାହ କରୁଛନ୍ତି କେତେକ ନିଗମ ଓ ଅନୁଷ୍ଠାନ । ସେଗୁଡ଼ିକ ହେଲେ ଓଡ଼ିଶା ରାଜ୍ୟ ବିହନ ନିଗମ, ଓଡ଼ିଶା କୃଷିଶିଳ୍ପ ନିଗମ, କୃଷି ସଂପ୍ରସାରଣ ପରିଚାଳନା ପ୍ରତିଷ୍ଠାନ, ଓଡ଼ିଶା କାଜୁ ଉନ୍ନୟନ ନିଗମ ଏବଂ ଓଡ଼ିଶା କୃଷି କ୍ରମୋନ୍ନତି ଓ ବିନିଯୋଗ ନିଗମ ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ କୃଷି ବିଭାଗ ଅଧୀନରେ ଥିବା ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକ କୃଷକମାନଙ୍କୁ ପ୍ରଶିକ୍ଷଣ ଓ ଦିଗଦର୍ଶନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି । କୃଷି ଗବେଷଣା କାର୍ଯ୍ୟ ଅବ୍ୟାହତ ଅଛି । କଟକରେ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କୌଶଲ୍ୟାଗଙ୍ଗର କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟଚାଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଗବେଷଣା କେନ୍ଦ୍ର, ସାକ୍ଷୀଗୋପାଳର ନାରିକେଳ ଗବେଷଣା କେନ୍ଦ୍ର ଓ କୃଷି ବିଜ୍ଞାନ ମହାବିଦ୍ୟାଳୟଗୁଡ଼ିକ ଓଡ଼ିଶାର କୃଷକମାନଙ୍କୁ ଉନ୍ନତ କୃଷି ବିଜ୍ଞାନ ସମ୍ବନ୍ଧିତ ଜ୍ଞାନ ପ୍ରଦାନ କରିବାରେ ସମର୍ଥ ହୋଇଛନ୍ତି ।

ଏହାବ୍ୟତୀତ ୧୯୭୬ ମସିହାରୁ ଅନେକ କୃଷି ବିଜ୍ଞାନ କେନ୍ଦ୍ର ଓଡ଼ିଶାରେ ପ୍ରତିଷ୍ଠା କରାଯାଇଛି । ଆଖପାଖ ଅଞ୍ଚଳର କୃଷକମାନଙ୍କୁ ବୈଜ୍ଞାନିକ ଦିଗ୍‌ଦର୍ଶନ ଦେବା ଏହି କୃଷି ବିଜ୍ଞାନ କେନ୍ଦ୍ର ମାନଙ୍କର କାର୍ଯ୍ୟ ।

'ଅଭାବୀ ବିକ୍ରି'ର ସମସ୍ୟାରୁ ରକ୍ଷାପାଇବା ପାଇଁ ସରକାର ସିଧାସଳଖ କୃଷକମାନଙ୍କଠାରୁ ଧାନ ସଂଗ୍ରହର ବ୍ୟବସ୍ଥା କରିଛନ୍ତି ।

**ତୁମ ପାଇଁ କାମ**

***ଓଡ଼ିଶାରେ ପ୍ରତିଷ୍ଠିତ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକର ଅବସ୍ଥିତି ସ୍ଥାନର ଏକ ତାଲିକା ପ୍ରସ୍ତୁତ କର ।***

❖ ❖ ❖

## ପ୍ରଶ୍ନାବଳୀ

୧. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ କି ବ୍ୟବସ୍ଥା ଗ୍ରହଣ କରାଯାଇଛି ?

(ଖ) ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ କିପରି ଭାବରେ ସହାୟତା ପ୍ରଦାନ କରାଯାଏ ?

(ଗ) କୃଷି ଗବେଷଣା ପାଇଁ ଓଡ଼ିଶାରେ କି ବ୍ୟବସ୍ଥା ଅଛି ?

(ଘ) ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ସ୍ୱାଧୀନତା ପରେ ଓଡ଼ିଶାରେ କି କି ପଦକ୍ଷେପ ନିଆଯାଇଥିଲା ?

(ଙ) କୃଷି, ମତ୍ସ୍ୟଚାଷ ଓ ପଶୁପାଳନର ବିକାଶ ପାଇଁ ଓଡ଼ିଶା ସରକାର କି କି ବ୍ୟବସ୍ଥା କରିଛନ୍ତି ?

୨. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ସ୍ୱାଧୀନତା ପରେ ଓଡ଼ିଶା କୃଷକର ସବୁଠାରୁ ବଡ଼ ସମସ୍ୟା କ'ଣ ଥିଲା ଏବଂ ଏହି ସମସ୍ୟାର ସମାଧାନ କ୍ଷେତ୍ରରେ କି ଅନ୍ତରାୟ ସୃଷ୍ଟି ହୋଇଥିଲା ?

(ଖ) ଓଡ଼ିଶାରୁ ଜମିଦାରୀ ପ୍ରଥା କିପରି ଉଚ୍ଛେଦ ହେଲା ?

(ଗ) ଗୋତିପ୍ରଥା କିପରି ବନ୍ଦ ହେଲା ?

(ଘ) ସମବାୟ ଆନ୍ଦୋଳନ କିପରି କୃଷକମାନଙ୍କର ସହାୟକ ହେଲା ?

(ଙ) 'ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ କର' ଯୋଜନାଟି କ'ଣ ?

(ଚ) ଫଳଚାଷର ଉନ୍ନତି ପାଇଁ କି ବ୍ୟବସ୍ଥା କରାଗଲା ?

(ଛ) ହୀରାକୁଦ ନଦୀବନ୍ଧ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ କ'ଣ ଥିଲା ?

(ଜ) ଗୋଧନର ସୁରକ୍ଷା ପାଇଁ ଓଡ଼ିଶା ସରକାର କି କି ପଦକ୍ଷେପ ନେଇଛନ୍ତି ?

(ଝ) ମତ୍ସ୍ୟଜୀବୀମାନଙ୍କର ସୁବିଧାପାଇଁ ସରକାର କ'ଣ କରିଛନ୍ତି ?

(ଞ) 'ଅଭାବୀ ବିକ୍ରି' କ'ଣ ଏବଂ ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ସରକାର କ'ଣ କରିଛନ୍ତି ?

୩. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଓଡ଼ିଶାର କେଉଁ ମୁଖ୍ୟମନ୍ତ୍ରୀ ଜମିଦାରୀ ପ୍ରଥା ଉଚ୍ଛେଦ କରିବା ପାଇଁ ବିଧାନସଭାରେ ଏକ ବିଧେୟକ ଆଣିଥିଲେ ?

(ଖ) କିଏ ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ?

(ଗ) କେଉଁ ପରିସ୍ଥିତିରେ ତକାଭି ଋଣ ଦିଆଯାଏ ?

(ଘ) ସରକାର କାହିଁକି 'ଟେଷ୍ଟ୍ ରିଲିଫ୍' କାମ ଆରମ୍ଭ କଲେ ?

(ଙ) ହୀରାକୁଦ ନଦୀବନ୍ଧ ଯୋଜନାଟି କେବେ ଆରମ୍ଭ ହୋଇ କାର୍ଯ୍ୟକ୍ଷମ ହେଲା ?

(ଚ) ପଶୁମାନଙ୍କୁ ସଂକ୍ରାମକ ରୋଗରୁ ରକ୍ଷା କରିବାପାଇଁ ସରକାର କେବେ ଆଇନ ପ୍ରଣୟନ କଲେ ?

(ଛ) କୃଷି ବିକାଶ କ୍ଷେତ୍ରରେ କେଉଁମାନେ କୃଷିବିଭାଗକୁ ସହଯୋଗ ଓ ସମର୍ଥନ ପ୍ରଦାନ କରୁଛନ୍ତି ?

(ଜ) କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଧାନ ଗବେଷଣା ପ୍ରତିଷ୍ଠାନଟି ଓଡ଼ିଶାର କେଉଁଠାରେ ଅବସ୍ଥିତ ?

(ଝ) କୌଶଲ୍ୟାଗଙ୍ଗଠାରେ ନିର୍ମିତ କେନ୍ଦ୍ରୀୟ ପ୍ରକଳ୍ପଟି କ'ଣ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) କେବେ ଗୋତିପ୍ରଥା ସମ୍ପୂର୍ଣ୍ଣଭାବେ ଉଚ୍ଛେଦ ହେଲା ?

(i) ୧୯୪୭ (ii) ୧୯୪୮ iii) ୧୯୫୫ (iv) ୧୯୭୬

(ଖ) ରାଜ୍ୟ ସମବାୟ ବ୍ୟାଙ୍କ କେବେ ପ୍ରତିଷ୍ଠିତ ହୋଇଥିଲା ?

i) ୧୯୪୭ (ii) ୧୯୪୮ iii) ୧୯୪୯ iv) ୧୯୫୬

(ଗ) କେଉଁଠାରେ ଫଳ ଚାଷ ପାଇଁ କେନ୍ଦ୍ର ପ୍ରତିଷ୍ଠିତ ହୋଇ ନ ଥିଲା ?

i) ଅନୁଗୁଳ ii) ପଟ୍ଟାଙ୍ଗୀ

iii) ସମ୍ବଲପୁର iv) ଜି. ଉଦୟଗିରି

(ଘ) ନିମ୍ନଲିଖିତ ନିର୍ଦ୍ଦେଶାଳୟ ମଧ୍ୟରୁ କେଉଁଟି କୃଷି ବିଭାଗ ଅଧୀନସ୍ଥ ନୁହେଁ ?

i) ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ii) ମତ୍ସ୍ୟପାଳନ ନିର୍ଦ୍ଦେଶାଳୟ

iii) ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟ iv) ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ

(ଙ) ଓଡ଼ିଶାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?

i) ସାକ୍ଷୀଗୋପାଳ ii) ଭୁବନେଶ୍ୱର

iii) କଟକ iv) ବଲାଙ୍ଗୀର

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

# ଚତୁର୍ଥ ପାଠ

# ଶିଳ୍ପର ବିକାଶ

ସ୍ୱାଧୀନତା ପ୍ରାପ୍ତିବେଳକୁ ଓଡ଼ିଶାରେ କଳ କାରଖାନା ସଂଖ୍ୟା ଅତି ନଗଣ୍ୟ ଥିଲା। ଗୋଟିଏ କାଗଜ କଳ, ଗୋଟିଏ କାଚ କାରଖାନା ଗୋଟିଏ ସାବୁନ କାରଖାନା ଓ ଦୁଇଟି ମଧ୍ୟମ ଧରଣର ଚିନିକଳ। ଏହା ବାଦ ଆଉ ଯାହା ଶିଳ୍ପଥିଲା ସେଗୁଡ଼ିକ ହେଲା ଧାନ କଳ ଓ ତେଲ କଳ। କିନ୍ତୁ ଓଡ଼ିଶା ଥିଲା ପ୍ରାକୃତିକ ଖଣିଜ ସମ୍ପଦରେ ଭରପୂର ଏକ ରାଜ୍ୟ। ଏହାର ଜଙ୍ଗଲଜାତ ଦ୍ରବ୍ୟ ଓ କାରଖାନା ଉପଯୋଗୀ କୃଷିଜାତ ଦ୍ରବ୍ୟର ମଧ୍ୟ ଅଭାବ ନଥିଲା। ଶିଳ୍ପାୟନ ପାଇଁ ଆବଶ୍ୟକ ଲୋକଶକ୍ତି ବା ମାନବସମ୍ବଳ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ଥିଲା। କିନ୍ତୁ ଦୁଇଟି ମୁଖ୍ୟ କାରଣରୁ ଓଡ଼ିଶାରେ ଶିଳ୍ପାୟନ ସମ୍ଭବ ହୋଇନଥିଲା। ପ୍ରଥମ କାରଣଟି ଥିଲା ଉଦ୍ୟୋଗପତିଙ୍କ ଅଭାବ ଓ ଦ୍ୱିତୀୟ କାରଣଟି ହେଲା ପୁଞ୍ଜିର ଅଭାବ। ଓଡ଼ିଶା ଭିତରୁ ବା ବାହାରୁ ଓଡ଼ିଶାରେ ପୁଞ୍ଜିନିବେଶ କରିବାପାଇଁ କେହି ଆଗ୍ରହୀ ନଥିଲେ।

ସ୍ୱାଧୀନତା ପ୍ରାପ୍ତିବେଳକୁ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳ କାର୍ଯ୍ୟକରୁଥିଲା। ୧୯୪୬ ମସିହାରେ ଏହି ମନ୍ତ୍ରିମଣ୍ଡଳର ଦାୟିତ୍ୱ ନେବା ଦିନଠାରୁ ମହତାବ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଚେଷ୍ଟା ଚଳାଇଥିଲେ। ସେ ଜାଣିଥିଲେ ଯେ ଓଡ଼ିଶାରେ ଶିଳ୍ପ ବିକାଶ ପାଇଁ କିଛି ମୌଳିକ ସୁବିଧା ରହିଥିଲେ ମଧ୍ୟ ଅନେକ ପ୍ରତିବନ୍ଧକ ରହିଥିଲା। ଓଡ଼ିଶାରେ ଶିଳ୍ପ ବିକାଶର ମୁଖ୍ୟ ପ୍ରତିବନ୍ଧକଗୁଡ଼ିକ ଥିଲା;

୧. ଶିଳ୍ପ ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ,
୨. ଭାରତର ଶିଳ୍ପପତିମାନଙ୍କର ଓଡ଼ିଶାକୁ ଆସିବାକୁ ଅନାଗ୍ରହ,
୩. ଓଡ଼ିଶାର ନିଜସ୍ୱ ଶିଳ୍ପୋଦ୍ୟୋଗୀଙ୍କ ଅନୁପସ୍ଥିତି,
୪. ଓଡ଼ିଶାରେ ରେଳପଥର ଅନଗ୍ରସରତା ଓ ପୋତାଶ୍ରୟର ଅଭାବ,
୫. ଓଡ଼ିଶାରେ ପ୍ରଶିକ୍ଷିତ ମାନବ ସମ୍ବଳର ଅଭାବ।

ମହତାବ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ କେତେକ ପଦକ୍ଷେପ ନେଇଥିଲେ। ମହାନଦୀ ଓ କାଠଯୋଡ଼ି ଉପରେ ପୋଲ ତିଆରି କାର୍ଯ୍ୟ ଆରମ୍ଭ ହୋଇଥାଏ। ୧୯୪୯-୫୦ ଆର୍ଥିକ ବର୍ଷରେ ଜୟପୁର ଓ ବିଶାଖାପାଟଣା ମଧ୍ୟରେ ସୁନକି ଓ ଜୟପୁର ରାସ୍ତାକୁ ଉନ୍ନତ କରିବାପାଇଁ ଓଡ଼ିଶା ସରକାର ଅର୍ଥବ୍ୟବସ୍ଥା କଲେ। ଓଡ଼ିଶାରେ ରେଳପଥର ବିକାଶ ନିମନ୍ତେ ରେଳରାସ୍ତା ସମନ୍ୱୟ ବ୍ୟବସ୍ଥା ପାଇଁ ଓଡ଼ିଶା ସରକାର ୧୯୪୯-୫୦ ଆର୍ଥିକ ବର୍ଷରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟବସ୍ଥା କଲେ। ଭାରତ ସରକାରଙ୍କ ରେଳବିଭାଗ କେତୋଟି ରେଳପଥର ସର୍ଭେ କାର୍ଯ୍ୟ ଆରମ୍ଭ କଲେ। ସେଗୁଡ଼ିକ ମଧ୍ୟରୁ ପ୍ରମୁଖ ଥିଲା– ସମ୍ବଲପୁର-ଟିଟିଲାଗଡ଼ ଓ ଜଗଦଳପୁର ରେଳପଥ ଏବଂ ଖୋର୍ଦ୍ଧାରୁ ସୋନପୁର ଦେଇ ବଲାଙ୍ଗୀର ରେଳପଥ।

ଓଡ଼ିଶାରେ ଅବସ୍ଥିତ ତିନୋଟି ପୋତାଶ୍ରୟର ଉନ୍ନତୀକରଣ କରାଗଲା। ଏହି ପୋତାଶ୍ରୟଗୁଡ଼ିକ ଥିଲା ଚାନ୍ଦବାଲି, ଗୋପାଳପୁର ଓ ଧାମରା। ଶକ୍ତି ଯୋଗାଣ ପାଇଁ ଚୌଦ୍ୱାର ଓ ବ୍ରହ୍ମପୁରରେ ଦୁଇଟି ଛୋଟ ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଗଲା। ମାଛକୁଣ୍ଡ ଓ ହୀରାକୁଦ ନଦୀବନ୍ଧ ଯୋଜନାର କାର୍ଯ୍ୟ ଆରମ୍ଭ ହେଲା। ୧୯୫୭ ମସିହାରେ ହୀରାକୁଦ ଜଳବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକାରୀ ହେଲା।


ଶିଳ୍ପ ଭିତ୍ତିଭୂମିର ବିକାଶ ପାଇଁ ମହତାବଙ୍କ ମନ୍ତ୍ରିମଣ୍ଡଳ ଅନ୍ୟ ଯେଉଁସବୁ ପଦକ୍ଷେପ ନେଇଥିଲେ ସେଗୁଡ଼ିକ ହେଲା– ବୈଷୟିକ ଶିକ୍ଷାର ପ୍ରସାର, ବିଜ୍ଞାନ ଓ ଶିଳ୍ପର ଗବେଷଣା ପାଇଁ ଏକ ପରିଷଦ ଗଠନ, ଶିଳ୍ପ ବିଭାଗର ପୁନର୍ଗଠନ, ଶିଳ୍ପାୟନ ସମ୍ଭାବନା ବିଷୟରେ ସର୍ବେକ୍ଷଣ, ଶିଳ୍ପରଣ ନିଗମ ଗଠନ (କ୍ଷୁଦ୍ର ଓ ମଧ୍ୟମ ଶିଳ୍ପପାଇଁ), ପ୍ରାଦେଶିକ ଶିଳ୍ପ ଅନୁଦାନ ବ୍ୟବସ୍ଥା ଏବଂ ଏକ ଶିଳ୍ପ ପରିଷଦର ଗଠନ।

ସ୍ୱାଧୀନତା ପରେ ପରେ କଟକ ଜିଲ୍ଲାର ଚୌଦ୍ୱାରଠାରେ ଓଡ଼ିଶା ଟେକ୍‌ସ୍‌ଟାଇଲ ମିଲ୍ ନାମରେ ଏକ ଲୁଗାକଳ ପ୍ରତିଷ୍ଠା କରାଗଲା । ହୀରାକୁଦ ନଦୀ ବନ୍ଧ ଯୋଜନାର ଚାହିଦା ମେଣ୍ଟାଇବା ପାଇଁ ଡାଲମିଆ କମ୍ପାନୀକୁ ରାଜଗାଙ୍ଗପୁରଠାରେ ଏକ ସିମେଣ୍ଟ କାରଖାନା ସ୍ଥାପନ କରିବା ପାଇଁ ଓଡ଼ିଶା ସରକାର ବହୁ ପ୍ରକାର ସୁବିଧା ସୁଯୋଗ ଦେଲେ । ଏଥି ପାଇଁ ସରକାର ୪୦ ଲକ୍ଷ ଟଙ୍କାର ଅଂଶଧନ କିଣିଲେ ଓ ଭବିଷ୍ୟତରେ ସିମେଣ୍ଟ କିଣିବା ପାଇଁ କମ୍ପାନୀକୁ ୫୦ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଦେଲେ । ୧୯୪୭-୪୮ ଆର୍ଥିକ ବର୍ଷରେ ଓଡ଼ିଶାରୁ ମିଳୁଥିବା ଲୁହାପଥର ଓ ମାଙ୍ଗାନିଜକୁ ବ୍ୟବହାର କରି ଏକ ଲୌହ ଓ ଇସ୍ପାତ କାରଖାନା ପ୍ରତିଷ୍ଠା ସମ୍ଭାବନା ପାଇଁ ସର୍ବେକ୍ଷଣ ଆରମ୍ଭହେଲା । ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅଣଓଡ଼ିଆ ଭାରତୀୟ ଶିଳ୍ପପତିଙ୍କ ଅନାଗ୍ରହ ଲକ୍ଷ୍ୟକରି ମହତାବ ବିଦେଶୀ ପୁଞ୍ଜିବିନିଯୋଗ ପାଇଁ ଅନୁମତି ଦେବାକୁ ଭାରତ ସରକାରଙ୍କୁ ଅନୁରୋଧ କଲେ । ଓଡ଼ିଶାରେ ଶିଳ୍ପବିକାଶର ସମ୍ଭାବନା ଓ ଯୋଜନା ତିଆରି କରିବା ପାଇଁ ଆମେରିକାରୁ ଡେଭିଡ୍ ଏଫ୍. ରୋଜେନ୍ ନାମକ ଜଣେ ବୈଷୟିକ ପରାମର୍ଶଦାତାଙ୍କୁ ଓଡ଼ିଶା ଅଣାଗଲା । ସେ ଏକ ପ୍ରତିବେଦନ ମଧ୍ୟ ପ୍ରସ୍ତୁତ କଲେ ।

କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶା ସରକାର କେତେଗୁଡ଼ିଏ ପଦକ୍ଷେପ ନେଇଥିଲେ । ଶିଳ୍ପ ବିଦ୍ୟାଳୟମାନଙ୍କରେ ତନ୍ତକାମ, ବଢ଼େଇକାମ, ସିଲେଇକାମ ପ୍ରଭୃତି ତାଲିମ ଦିଆଗଲା । କାରିଗରମାନଙ୍କୁ ସାହାଯ୍ୟ କରିବାପାଇଁ ଶିଳ୍ପ ପ୍ରତି ଓଡ଼ିଶା ରାଜ୍ୟ ସହାୟତା ନିୟମରେ ବ୍ୟାପକ ପରିବର୍ତ୍ତନ କରାଗଲା । ହସ୍ତତନ୍ତ, ସୁନାରୁପାର ତାରକସି କାମ, ଚମଡ଼ାକାମ, ରେଶମ ଶିଳ୍ପର ବିକାଶ ପାଇଁ ସରକାର ବଜାରର ବ୍ୟବସ୍ଥା କଲେ । ବୁଣାକାର ସମବାୟ ସମିତିଗୁଡ଼ିକୁ ପୁନର୍ଜୀବିତ କରାଗଲା । ୧୯୪୭-୪୮ରେ ଏପରି ସମବାୟ ସମିତିର ସଂଖ୍ୟା ଥିଲା ୧୩୩ । ଦିଲ୍ଲୀରେ ଥିବା କୁଟୀର ଶିଳ୍ପ ସଂଗ୍ରହାଳୟରେ ଏକ ଓଡ଼ିଶା ଅନୁଭାଗ ସଂଯୋଗ କରାଗଲା ।

୧୯୫୦ ମସିହା ପରଠାରୁ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ଅବ୍ୟାହତ ରହିଲା । ଅଧିକରୁ ଅଧିକ ଓଡ଼ିଆ ଶିଳ୍ପକାରଖାନାରେ କାର୍ଯ୍ୟକରିବାକୁ ଆଗେଇ ଆସିଲେ । ୧୯୫୧ ମସିହାରେ ଓଡ଼ିଶାର ସମୁଦାୟ ଶ୍ରମ ଶକ୍ତିର ଶତକଡ଼ା ୭.୧୪ ଭାଗ ଶ୍ରମିକ କାରଖାନାମାନଙ୍କରେ କାମ କରୁଥିଲେ । ୧୦ ବର୍ଷପରେ–୧୯୬୧ ମସିହାରେ ଏହା ପହଞ୍ଚିଲା ପ୍ରତିଶତ ୮.୦୫ରେ । ୧୯୮୪-୮୫ ମସିହାବେଳକୁ ୩,୯୦,୦୦୦ ଶ୍ରମିକ ଓଡ଼ିଶାର ବିଭିନ୍ନ କଳକାରଖାନାରେ କାମ କରୁଥିଲେ ।

ଓଡ଼ିଶାରେ ଶିଳ୍ପ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା ହେଲା । ରାସ୍ତାଘାଟ ତିଆରି ହୋଇ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି କରାଗଲା ।




(ପାରାଦୀପ ବନ୍ଦର)

ବିଂଶ ଶତାବ୍ଦୀର ସପ୍ତମ ଦଶକରେ ପ୍ରତିଷ୍ଠା ହେଲା ପାରାଦୀପ ବନ୍ଦର । ପ୍ରଥମରୁ ଏଠାରୁ କେବଳ ଲୁହାପଥର ରପ୍ତାନୀ ହେଉଥିଲା । ପରବର୍ତ୍ତୀ ସମୟରେ ଏହାର ପଣ୍ୟ ଧାରଣ ଓ ରପ୍ତାନୀ ଶକ୍ତି ବଢ଼ିଲା । ୧୯୭୫ ମସିହାରେ ପାରାଦୀପକୁ ରେଳଲାଇନ ଦ୍ୱାରା ସଂଯୁକ୍ତ କରାଗଲା । ୨୦୦୦ ମସିହା ବେଳକୁ ଓଡ଼ିଶାରେ ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ ଅନ୍ୟ ଏକ ବନ୍ଦର କାର୍ଯ୍ୟ ଆରମ୍ଭ କଲା ।

୧୯୫୦ ମସିହା ପରେ କେତୋଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଡ଼ିଶାର ଶିଳ୍ପମାନଚିତ୍ରକୁ ସମୃଦ୍ଧ କଲେ । ଜର୍ମାନୀର ବୈଷୟିକ ସହାୟତାକୁ ଆଧାର କରି ରାଉରକେଲାରେ ପ୍ରତିଷ୍ଠିତ ହେଲା ରାଉରକେଲା ଇସ୍ପାତ କାରଖାନା । ଏହା ଭାରତୀୟ ଇସ୍ପାତ କର୍ତ୍ତୃପକ୍ଷ ଦ୍ୱାରା କାର୍ଯ୍ୟକ୍ଷମ ହୋଇଛି । କୋରାପୁଟ ଜିଲ୍ଲାର ପଞ୍ଚପତିମାଳିଠାରେ ବକ୍‌ସାଇଟଖଣିର ସନ୍ଧାନ ମିଳିବା ପରେ ଓଡ଼ିଶାରେ ଦୁଇଟି ଆଲୁମିନିୟମ ପ୍ରକଳ୍ପ ପ୍ରତିଷ୍ଠା ହେଲା । ଗୋଟିଏ କୋରାପୁଟ ଜିଲ୍ଲାର ଦାମନଯୋଡ଼ିଠାରେ ଓ ଅନ୍ୟଟି ଅନୁଗୁଳ ଜିଲ୍ଲାର ଅନୁଗୁଳଠାରେ । ଏହି କମ୍ପାନୀର ନାମ ହେଲା 'ଜାତୀୟ ଆଲୁମିନିୟମ କମ୍ପାନୀ' (ନାଲ୍‌କୋ) । ଏହି କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ୧୯୮୧ ମସିହାଠାରୁ ଭୁବନେଶ୍ୱରରେ କାମ କରୁଛି । ଏହା ପୂର୍ବରୁ ହୀରାକୁଦଠାରେ ମଧ୍ୟ ଏକ ଆଲୁମିନିୟମ କାରଖାନା ପ୍ରତିଷ୍ଠା କରାଯାଇଥିଲା ।

୧୯୭୧ ମସିହାରେ ଭାରତୀୟ ସାରନିଗମ ତାଳଚେରଠାରେ ଏକ ସାରକାରଖାନା ପ୍ରତିଷ୍ଠା କରିଥିଲେ ।



(ନାଲ୍‌କୋ କାରଖାନା)

ପାରାଦୀପଠାରେ ଏକ ସାର କାରଖାନା ୧୯୮୧ରେ ପାରାଦୀପ ଫସ୍‌ଫେଟ୍‌ସ୍ ଲିମିଟେଡ୍ ନାମରେ ଆତ୍ମପ୍ରକାଶ କଲା । ସୁନାବେଡ଼ାରେ ପ୍ରତିଷ୍ଠିତ ହୋଇଛି ମିଗ ବିମାନର ଇଞ୍ଜିନ ତିଆରି କାରଖାନା । ଏହା ସୋଭିଏତ ଋଷିଆର ସହଯୋଗରେ ନିର୍ମିତ ହୋଇଛି ।

**ତୁମ ପାଇଁ କାମ**

***ବିମାନର ସମ୍ପୂର୍ଣ୍ଣ ପ୍ରସ୍ତୁତି ପାଇଁ ସୁନାବେଡ଼ାକୁ ଛାଡ଼ି ଭାରତରେ ଆଉ ଦୁଇଟି କାରଖାନା ଅଛି – ସେ ଦୁଇଟି କାରଖାନାରେ କ'ଣ ହୁଏ ଓ ସେ ଦୁଇଟି କେଉଁଠି ଅବସ୍ଥିତ ଲେଖ ।***

୧୯୭୮ ମସିହାରେ ଭାରତୀୟ ଆଣବିକ ଶକ୍ତି ଆୟୋଗ ଗଞ୍ଜାମ ଜିଲ୍ଲାର ଛତ୍ରପୁରଠାରେ ଏକ ବିରଳ ମୃତ୍ତିକା କାରଖାନା ପ୍ରତିଷ୍ଠା କରିଛି ଏବଂ ଏ ଆୟୋଗ ତାଳଚେରଠାରେ ଏକ ଭାରୀ ଜଳ ପ୍ରକଳ୍ପ ପ୍ରତିଷ୍ଠା କରିଛି । ବଡ଼ମାଳଠାରେ ପ୍ରତିଷ୍ଠା ହୋଇଛି ଏକ ଗୋଳାବାରୁଦ କାରଖାନା ।

ବିଂଶ ଶତାବ୍ଦୀରେ ଓଡ଼ିଶାରେ ପ୍ରତିଷ୍ଠିତ ଅନ୍ୟ କେତୋଟି ପ୍ରମୁଖ ଶିଳ୍ପ ହେଲା–

୧. ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ନଦୀ କୂଳରେ ଜୟଶ୍ରୀ ରସାୟନ କାରଖାନା

୨. ରାୟଗଡ଼ା ଜିଲ୍ଲାର ଥେରୁଭାଲିଠାରେ ଫେରୋସିଲିକନ କାରଖାନା

୩. କଟକ ଜିଲ୍ଲାର ଚୌଦ୍ୱାରଠାରେ ଫେରୋ ଆଲ୍‌ଏଜ୍ କାରଖାନା

୪. କେନ୍ଦୁଝର ଜିଲ୍ଲାର ଯୋଡ଼ା ଓ ଯାଜପୁର ଜିଲ୍ଲାର ଯାଜପୁର ରୋଡ଼ଠାରେ ଫେରୋ ମାଙ୍ଗାନିଜ କାରଖାନା

୫. ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଓ ବରଗଡ଼ ଜିଲ୍ଲାର ବରଗଡ଼ ଠାରେ ସିମେଣ୍ଟ କାରଖାନା

୬. ବାଲେଶ୍ୱରଠାରେ ଟାୟାର କାରଖାନା ।

୭. ଲାଞ୍ଜିଗଡ଼ଠାରେ ବେଦାନ୍ତ ଆଲୁମିନା ଲିମିଟେଡ୍‌ର ଆଲୁମିନିୟମ୍ କାରଖାନା


୮. କଳିଙ୍ଗନଗରଠାରେ ନୀଳାଚଳ ଇସ୍ପାତ ନିଗମ ଦ୍ୱାରା ସ୍ଥାପିତ ଇସ୍ପାତ କାରଖାନା

କୃଷିଭିତ୍ତିକ ଶିଳ୍ପକ୍ଷେତ୍ରରେ ପ୍ରଥମ ଶିଳ୍ପଟି ଥିଲା ୧୯୪୯ ମସିହାରେ ଚୌଦ୍ୱାରଠାରେ ପ୍ରତିଷ୍ଠିତ ଓଡ଼ିଶା ଲୁଗା କାରଖାନା । ପରେ ସୂତା ତିଆରି ପାଇଁ ଓଡ଼ିଶାରେ ଛ'ଟି ସୂତାକାରଖାନା


ଝାରସୁଗୁଡ଼ା, ବରଗଡ଼, ଖୋର୍ଦ୍ଧା, ତିର୍ତ୍ତୋଲ, ଆଠଗଡ଼ ଓ ଢେଙ୍କାନାଳ ଜିଲ୍ଲାର ଗୋବିନ୍ଦପୁରଠାରେ ପ୍ରତିଷ୍ଠା କରାଯାଇଥିଲା । ଓଡ଼ିଶାରେ ଉତ୍ପାଦିତ ଝୋଟକୁ ବ୍ୟବହାର କରିବା ପାଇଁ ଯାଜପୁର ଜିଲ୍ଲାର ଧାନମଣ୍ଡଳଠାରେ ଏକ ଝୋଟ କଳ ପ୍ରତିଷ୍ଠା କରାଯାଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧବେଳକୁ ଓଡ଼ିଶାରେ କେବଳ ଗୋଟିଏ ଚିନିକଳ ଆସ୍କାଠାରେ ଥିଲା । ତା'ପରେ ପର୍ଯ୍ୟାୟ କ୍ରମେ ଓଡ଼ିଶାରେ ଆଉ କେତୋଟି ଚିନିକଳ ମଧ୍ୟ ବସାଯାଇଛି । ଆସ୍କାର ଚିନିକଳକୁ ସମ୍ପ୍ରସାରଣ ସାଙ୍ଗକୁ ରାୟଗଡ଼ା ଓ ନୟାଗଡ଼ରେ ପ୍ରତିଷ୍ଠା କରାଗଲା ଆଉ ଦୁଇଟି ଚିନିକଳ । ପରେ ବଡ଼ମ୍ବାରେ ମଧ୍ୟ ଏକ ଚିନିକଳ ପ୍ରତିଷ୍ଠା କରାଗଲା ।

ଏ ସବୁକୁ ଛାଡ଼ି ଓଡ଼ିଶାରେ ଅନେକ ଚାଉଳ କଳ ଓ କାଗଜ କଳ ରହିଛି । କାଗଜକଳଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା ଚୌଦ୍ୱାରଠାରେ ପ୍ରତିଷ୍ଠିତ ହୋଇଥିବା ଟିଟାଗଡ଼ ପେପର ମିଲ, ବ୍ରଜରାଜନଗରରେ କାଗଜକଳ, ରାୟଗଡ଼ାଠାରେ ଜେ.କେ କାଗଜକଳ ଓ କୋରାପୁଟର ସେବା କାଗଜକଳ । ରେଶମ ପୋକ ପାଳନ ଓ ରେଶମ ସୂତା ଉତ୍ପାଦନ ମଧ୍ୟ ଏକ କୃଷିଭିତ୍ତିକ ଶିଳ୍ପ । ଚିଙ୍ଗୁଡ଼ି ଓ ମାଛ ଚାଷକୁ ମଧ୍ୟ ଶିଳ୍ପର ମର୍ଯ୍ୟାଦା ଦିଆଯାଇଛି ।

ଓଡ଼ିଶାରେ ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ମିଳିଛି । ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶାର କଳା ଓ କାରିଗରୀ ତଥା



(ସମ୍ବଲପୁରୀ ଶାଢ଼ୀର ନମୁନା)



(ପିପିଲି ଚାନ୍ଦୁଆର ନମୁନା)

କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ଅନେକ ବ୍ୟବସ୍ଥା କରାଯାଇଛି । ଓଡ଼ିଶାର ହସ୍ତତନ୍ତ, ହସ୍ତ ଶିଳ୍ପ, ଚିତ୍ରକଳା, ଶିଳ୍ପକଳାକୁ ଭାରତର ଅନ୍ୟ ରାଜ୍ୟରେ ଏବଂ ଭାରତ ବାହାରେ ଅନେକ ଦେଶମାନଙ୍କରେ ପରିଚିତ କରାଇବାପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । କାରିଗରମାନଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ବୁଣାକାର ଓ କଳାକାରମାନଙ୍କ ସ୍ୱାର୍ଥକୁ ରକ୍ଷାକରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକମାନେ ଓଡ଼ିଶାର କଳା ସାମଗ୍ରୀ ପ୍ରତି ଆକୃଷ୍ଟ ହେଉଛନ୍ତି । ଓଡ଼ିଶା କାରିଗରଙ୍କ ପ୍ରସ୍ତୁତ ସାମଗ୍ରୀର ବିକ୍ରିପାଇଁ ବ୍ୟାପକ ବଜାର ମଧ୍ୟ ସୃଷ୍ଟି କରାଯାଉଛି ।

### ଏକବିଂଶ ଶତାବ୍ଦୀରେ ଓଡ଼ିଶାରେ ଶିଳ୍ପର ବିକାଶ :

ଓଡ଼ିଶାରେ ଗଚ୍ଛିତ ଥିବା ବିପୁଳ ଲୁହାପଥରକୁ ଆଧାର କରି ଲୌହ ଓ ଇସ୍ପାତ ଶିଳ୍ପକୁ ସମୃଦ୍ଧ କରିବା ପାଇଁ ଚେଷ୍ଟା ଆରମ୍ଭ ହୋଇଛି । ଏଥିପାଇଁ ବିଭିନ୍ନ କମ୍ପାନୀ ସହିତ ଓଡ଼ିଶା ସରକାର ରାଜିନାମା ପତ୍ର ସ୍ୱାକ୍ଷର କରିଛନ୍ତି । ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା (୧)ପୋସ୍କୋ ସହିତ ପାରାଦୀପ ନିକଟରେ ନିର୍ମାଣ ହେବାକୁ ଥିବା ବୃହତ ଲୌହ ଇସ୍ପାତ କାରଖାନା, (୨) ଟାଟା ଷ୍ଟିଲ ସହିତ ଡୁବୁରିଠାରେ ହେବାକୁ

ଥିବା ଏକ ଲୌହ ପ୍ରକଳ୍ପ, (୩) ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ ସହିତ ଯାଜପୁର ଜିଲ୍ଲାରେ ପ୍ରସ୍ତାବିତ କାରଖାନା, (୪) ଜିନ୍ଦଲ ଷ୍ଟିଲ ଓ ପାଓ୍ୱାର ତରଫରୁ କେନ୍ଦୁଝର ଓ ଅନୁଗୁଳଠାରେ ସ୍ଥାପିତ ହେବାକୁ ଥିବା ଲୌହ ପ୍ରକଳ୍ପ।

ବିଦେଶୀ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ ଦେବାଲାଗି ୨୦୦୭ ମସିହାରେ ଓଡ଼ିଶା ସରକାର ନୂତନ ଶିଳ୍ପନୀତି ଘୋଷଣା କଲେ । ଏହି ଶିଳ୍ପନୀତିରେ ଓଡ଼ିଶାକୁ ଏକ ଶିଳ୍ପୋନ୍ନତ ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଶିଳ୍ପ ବିକାଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ଏହି ଶିଳ୍ପନୀତିର ଉଦ୍ଦେଶ୍ୟ । ଶିଳ୍ପାୟନ ଜରିଆରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକରି ଓଡ଼ିଶାରୁ ବେକାର ସମସ୍ୟା ଦୂର କରିବା ଏହି ଶିଳ୍ପନୀତିର ଅନ୍ୟ ଏକ ଆଭିମୁଖ୍ୟ।

ହସ୍ତଶିଳ୍ପ, ହସ୍ତତନ୍ତ, ଖଦୀ ଓ ଗ୍ରାମ୍ୟ ଶିଳ୍ପର ବିକାଶ ପାଇଁ ଏହି ଶିଳ୍ପନୀତିରେ ଗୁରୁତ୍ୱ ଦିଆଯାଇଛି। ସୂଚନା ପ୍ରଯୁକ୍ତି ବିଦ୍ୟା, ଜୀବ ବୈଷୟିକ ଜ୍ଞାନ, ସାମୁଦ୍ରିକ ବିଜ୍ଞାନ, ଖାଦ୍ୟ ପ୍ରସ୍ତୁତୀକରଣ ଓ ପର୍ଯ୍ୟଟନକୁ ପ୍ରାଧାନ୍ୟ ଦିଆଯାଇ ଯେତେ ଅଧିକ ସମ୍ଭବ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଏହି ଶିଳ୍ପନୀତିର ଲକ୍ଷ୍ୟ ରଖାଯାଇଛି।

ଶିଳ୍ପ ସମୃଦ୍ଧି ପାଇଁ ଓଡ଼ିଶାରେ ସମସ୍ତ ପ୍ରକାର ସାଧନ ଓ ସମ୍ବଳ ଅଛି। କେବଳ ଯଥେଷ୍ଟ ପରିମାଣର ସଫଳ ଯୋଜନା ଓ ଯୋଜନାକୁ ବାସ୍ତବରୂପ ଦେବାରେ ରାଜନୀତିକ ଇଚ୍ଛା ଶକ୍ତି ଆବଶ୍ୟକ । ପାରାଦୀପର ତୈଳ ବିଶୋଧନାଗାର ନିର୍ମାଣ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ। କଳିଙ୍ଗନଗରଠାରେ ଟାଟା ଲୌହ ଓ ଇସ୍ପାତ କାରଖାନା ଉତ୍ପାଦନ ପାଇଁ ପ୍ରସ୍ତୁତ। ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଗାମୀ ରାଜ୍ୟ। ଏଠାରେ ସୂଚନା ଶିଳ୍ପର ବଡ଼ବଡ଼ କମ୍ପାନୀ ଯଥା : ଟାଟା କନସଲ୍‌ଟାନ୍‌ସି ସର୍ଭିସ୍, ଇନ୍‌ଫୋସିସ, ଉଇପ୍ରୋ ଓ ସତ୍ୟମ ମହିନ୍ଦ୍ରା କାର୍ଯ୍ୟରତ। ସଫ୍‌ଟଓ୍ୱାର ରପ୍ତାନୀ କ୍ଷେତ୍ରରେ ଓଡ଼ିଶା ଓ ଓଡ଼ିଆ ଇଂଜିନିୟରଙ୍କ ଭୂମିକା ଉଲ୍ଲେଖନୀୟ। ଝାରସୁଗୁଡ଼ା, ଅନୁଗୁଳ, ପାରାଦୀପ ଓ କଳିଙ୍ଗନଗରକୁ ନାଭିକେନ୍ଦ୍ର କରି ନୂତନ ଶିଳ୍ପାଞ୍ଚଳ ଗଢ଼ିଉଠୁଛି । ଓଡ଼ିଶାରେ ଶିଳ୍ପର ସମ୍ଭାବନା ନେଇ ଓଡ଼ିଶାବାସୀ ବେଶ୍ ଆଶାବାଦୀ ଓ ଆହ୍ଲାଦିତ।

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ କି କି ପ୍ରତିବନ୍ଧକ ରହିଥିଲା ?

(ଖ) ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ୧୯୪୭ରୁ ୧୯୫୦ ମସିହା ପର୍ଯ୍ୟନ୍ତ କି କି ପଦକ୍ଷେପ ନିଆଗଲା ?

(ଗ) ଓଡ଼ିଶାରେ ରାଷ୍ଟ୍ରାୟତ୍ତ ଶିଳ୍ପ ଉଦ୍ୟୋଗଗୁଡ଼ିକର ଏକ ବିବରଣୀ ପ୍ରଦାନ କର ।

(ଘ) ଓଡ଼ିଶାରେ ପ୍ରତିଷ୍ଠିତ କୃଷିଭିତ୍ତିକ ଶିଳ୍ପଗୁଡ଼ିକର ଏକ ବିବରଣୀ ଦିଅ ।

(ଙ) ୨୦୦୭ ମସିହାରେ ଘୋଷିତ ଓଡ଼ିଶାର ଶିଳ୍ପନୀତି କ'ଣ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ୨୦ଗୋଟି ଶବ୍ଦରେ ଲେଖ ।**

(କ) ଶିଳ୍ପର ବିକାଶ ପାଇଁ ଓଡ଼ିଶାରେ ଉପଲବ୍ଧ ସମ୍ବଳଗୁଡ଼ିକ କ'ଣ ?

(ଖ) ରେଳପଥର ବିକାଶ ପାଇଁ ମହତାବ ସରକାର (୧୯୪୬-୫୦) କି କି ପଦକ୍ଷେପ ନେଇଥିଲେ ?

(ଗ) ଚୌଦ୍ୱାର ଓ ରାଜଗାଙ୍ଗପୁରରେ କେଉଁ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା ?

(ଘ) କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ଓଡ଼ିଶା ସରକାର କି ପଦକ୍ଷେପ ନେଇଥିଲେ ?

(ଙ) ଜାତୀୟ ଆଲୁମିନିୟମ କମ୍ପାନୀର ପ୍ରକଳ୍ପଗୁଡ଼ିକ କେଉଁଠାରେ ଅବସ୍ଥିତ ?

(ଚ) ପାରାଦୀପରେ ପ୍ରତିଷ୍ଠିତ ସାର କାରଖାନା କେବେ ଆତ୍ମପ୍ରକାଶ କଲା ଓ ଏହି କାରଖାନାର ନାମ କ'ଣ ?

(ଛ) ଓଡ଼ିଶାର ଆଣବିକ ଶକ୍ତି ଆୟୋଗର ପ୍ରକଳ୍ପଗୁଡ଼ିକ କ'ଣ ?

(ଜ) ଓଡ଼ିଶାର କେଉଁ ସ୍ଥାନ ମାନଙ୍କରେ ଫେରୋ ମାଙ୍ଗାନିଜ୍ କାରଖାନା ପ୍ରତିଷ୍ଠିତ ହୋଇଅଛି ?

(ଝ) ଓଡ଼ିଶାର କେଉଁ ସ୍ଥାନ ମାନଙ୍କରେ ଚିନି କାରଖାନା ସ୍ଥାପନ କରାଯାଇଅଛି ?

(ଞ) ଓଡ଼ିଶାର କେଉଁ ସ୍ଥାନଗୁଡ଼ିକୁ ନାଭିକେନ୍ଦ୍ର କରି ଶିଳ୍ପାଞ୍ଚଳମାନ ଗଢ଼ିଉଠିଛି ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ୧୯୫୭ ମସିହାରେ କାର୍ଯ୍ୟକ୍ଷମ ହୋଇଥିବା ଜଳବିଦ୍ୟୁତ୍ ପ୍ରକଳ୍ପଟି କେଉଁଠାରେ ଅବସ୍ଥିତ ?

(ଖ) ଡାଲମିଆ କମ୍ପାନୀ କେଉଁଠାରେ ଏକ ସିମେଣ୍ଟ କାରଖାନା ପ୍ରତିଷ୍ଠା କରିଥିଲେ ?

(ଗ) ଓଡ଼ିଶାରେ ଶିଳ୍ପ ବିକାଶ ଯୋଜନା ପ୍ରସ୍ତୁତ କରିବା ପାଇଁ ଆମେରିକାରୁ କାହାକୁ ଅଣାଯାଇଥିଲା ?

(ଘ) ନାଲ୍‌କୋ ପ୍ରକଳ୍ପ ଛଡ଼ା ଓଡ଼ିଶାର ଅନ୍ୟ କେଉଁଠି ଆଲୁମିନିୟମ କାରଖାନା ଅବସ୍ଥିତ ?

(ଙ) ସୁନାବେଡ଼ାର ମିଗ୍ ଇଞ୍ଜିନ୍ କାରଖାନା କାହା ସହଯୋଗରେ ନିର୍ମିତ ହୋଇଅଛି ?

(ଚ) କେଉଁଠାରେ ଫେରୋ ଆଲ୍‌ଏଜ୍ କାରଖାନା ପ୍ରତିଷ୍ଠା କରାଯାଇଛି ?

(ଛ) ଓଡ଼ିଶାର କେଉଁ ସ୍ଥାନ ମାନଙ୍କରେ କାଗଜ କଳ ରହିଅଛି ?

(ଜ) ୨୦୦୭ରେ ଓଡ଼ିଶାର ନୂତନ ଶିଳ୍ପନୀତି କାହିଁକି ଘୋଷିତ ହୋଇଥିଲା ?

(ଝ) କେଉଁଠାରେ ଏକ ତୈଳ ବିଶୋଧନାଗାର ନିର୍ମାଣ କରାଯାଇଅଛି ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) ସ୍ୱାଧୀନତା ପରେ ଉନ୍ନତୀକରଣ କରାଯାଇଥିବା ପୋତାଶ୍ରୟଗୁଡ଼ିକ ମଧ୍ୟରେ କେଉଁଟି ଅନ୍ତର୍ଭୁକ୍ତ ନୁହେଁ ?

(i) ଗୋପାଳପୁର (ii) ପାରାଦୀପ

iii) ଚାନ୍ଦବାଲି (iv) ଧାମରା

(ଖ) କେବେ ପାରାଦୀପକୁ ରେଳପଥ ଦ୍ୱାରା ସଂଯୁକ୍ତ କରାଗଲା ?

i) ୧୯୫୦ (ii) ୧୯୭୧ iii) ୧୯୭୫ iv) ୧୯୮୧

(ଗ) କେଉଁଠାରେ ବକ୍ସାଇଟ୍‌ର ସନ୍ଧାନ ମିଳିବା ପରେ ଓଡ଼ିଶାରେ ଦୁଇଟି ଆଲୁମିନିୟମ ପ୍ରକଳ୍ପ ପ୍ରତିଷ୍ଠିତ ହେଲା ?

i) ଅନୁଗୁଳ  ii) ଦାମନଯୋଡ଼ି

iii) ପଞ୍ଚପଡିମାଳି  iv) ଡୁବୁରୀ

(ଘ) ୧୯୭୧ରେ କେଉଁଠାରେ ଏକ ସାର କାରଖାନା ପ୍ରତିଷ୍ଠିତ ହୋଇଥିଲା ?

i) ଛତ୍ରପୁର  ii) ତାଳଚେର

iii) ପାରାଦୀପ  iv) ଥେରୁଭାଲି

(ଙ) କେଉଁ ସଫଟ୍‌ୱାୟାର କମ୍ପାନୀର ଓଡ଼ିଶାରେ ଉପସ୍ଥିତି ନାହିଁ ?

i) ଟାଟା କନ୍‌ସଲ୍‌ଟାନ୍‌ସି ସର୍ଭିସ୍  ii) ଆକ୍‌ସେଞ୍ଚର

iii) ଓ୍ୱିପ୍ରୋ  iv) ସତ୍ୟମ ମହେନ୍ଦ୍ର

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

# ପଞ୍ଚମ ପାଠ

# ଭିତ୍ତିଭୂମିର ବିକାଶ

ସାମାଜିକ ଐକ୍ୟ ଓ ଅର୍ଥନୈତିକ ସମୃଦ୍ଧିର ପ୍ରଥମ ଆବଶ୍ୟକତା ହେଉଛି ଭିତ୍ତିଭୂମି। ଭିତ୍ତିଭୂମି ଏକ ମୌଳିକ ଢାଞ୍ଚାଗତ ମୂଳଦୁଆ। ଏହି ମୂଳଦୁଆ ଦୃଢ଼ ହେଲେ ଗୋଟିଏ ଦେଶ ବା ଜାତିର ସାମାଜିକ ସୌଷ୍ଠବ ଓ ଆର୍ଥନୀତିକ ସମୃଦ୍ଧି ସମ୍ଭବ ହୁଏ। ଗୋଟିଏ ଦେଶ ବା ପ୍ରଦେଶର ଉନ୍ନତି ତା'ର ସାମାଜିକ ଓ ଆର୍ଥନୀତିକ ବିକାଶ ଉପରେ ନିର୍ଭରଶୀଳ। ଅନୁକୂଳ ଓ ଦୃଢ଼ ଭିତ୍ତିଭୂମି ଥିଲେ ସାମାଜିକ ଓ ଆର୍ଥନୀତିକ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ସମ୍ଭବ ହୁଏ।

୧୯୩୬ ମସିହାରେ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ଆତ୍ମପ୍ରକାଶ କଲା। ଏହା ପୂର୍ବରୁ ଓଡ଼ିଶାର ସାମୂହିକ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ନିଆଯାଇ ନ ଥିଲା। ୧୯୩୬ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଓଡ଼ିଶାଥିଲା ପରାଧୀନ ଭାରତର ଏକ ପ୍ରଦେଶ। ୧୯୪୬ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ରାଜନୀତିକ ଅସ୍ଥିରତା ଯୋଗୁଁ ବିକାଶ କାର୍ଯ୍ୟ ଏକ ପ୍ରକାର ବନ୍ଦ ରହିଥିଲା। ୧୯୩୯ ଠାରୁ ୧୯୪୫ ମସିହା ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ସମୟ। ୧୯୪୨ ମସିହାରେ ଆରମ୍ଭ ହୋଇଥିଲା ଭାରତଛାଡ଼ ଆନ୍ଦୋଳନ। ଉଲ୍ଲିଖିତ ତିନିଗୋଟି କାରଣ ଯୋଗୁଁ ଓଡ଼ିଶାରେ ଭିତ୍ତିଭୂମିର ବିକାଶପାଇଁ ବିଶେଷ କିଛି କାର୍ଯ୍ୟ କରାଯାଇ ପାରି ନ ଥିଲା। ବସ୍ତୁତଃ ୧୯୪୬ ମସିହା ପରଠାରୁ ଓଡ଼ିଶାରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଆରମ୍ଭ ହେଲା। ସ୍ୱାଧୀନତା ଲାଭ ପରେ, ବିଶେଷକରି ଓଡ଼ିଶା ସହିତ ଗଡ଼ଜାତ ଗୁଡ଼ିକର ମିଶ୍ରଣ ପରେ ଭିତ୍ତିଭୂମି ବିକାଶର ଧାରା ତ୍ୱରାନ୍ୱିତ ହେଲା।

କେତୋଟି ନିର୍ଦ୍ଦିଷ୍ଟ ଆଧାରକୁ ନେଇ ଭିତ୍ତିଭୂମିର ବିକାଶ ସମ୍ଭବ ହୁଏ। ସେଗୁଡ଼ିକ ହେଲା ଜଳସେଚନ, ରାସ୍ତାଘାଟର ଉନ୍ନତୀକରଣ ଓ ଗମନା ଗମନର ସୁବିଧା, ପରିବହନ ପାଇଁ ସୁବିଧା ସୁଯୋଗ, ରେଳପଥର ବିକାଶ, ବିମାନଘାଟୀ ଓ ପୋତାଶ୍ରୟର ବ୍ୟବସ୍ଥା, ଯୋଗାଯୋଗ, ମାନବସମ୍ବଳର ବିକାଶ, ଶକ୍ତିକ୍ଷେତ୍ରର ବିକାଶ, ଅର୍ଥଯୋଗାଣ ବ୍ୟବସ୍ଥା, ପର୍ଯ୍ୟଟନ ପାଇଁ ଆତିଥ୍ୟଯୋଗାଣର ବ୍ୟବସ୍ଥା, ଉଦ୍ୟୋଗପତିମାନଙ୍କୁ ପ୍ରଶିକ୍ଷଣ, ସରକାରୀ ପ୍ରୋତ୍ସାହନ। ଏହି ସବୁ ବିଷୟକୁ ବିଚାରକୁ ନେଇ ସ୍ୱାଧୀନତାପରେ ଓଡ଼ିଶାର ବିକଶିତ ଭିତ୍ତିଭୂମି ବିଷୟରେ ବିଚାର କରାଯାଇପାରେ। ଏହି ସବୁ ବ୍ୟବସ୍ଥା ବିକଶିତ ହେଲେ ରାଜ୍ୟରେ କୃଷି, ଶିଳ୍ପ, ପର୍ଯ୍ୟଟନ ଓ ସାମାଜିକ ସଂହତି ସମ୍ଭବ ହେବ। ରାଜ୍ୟରେ ଆଞ୍ଚଳିକ ବୈଷମ୍ୟ ରହିବ ନାହିଁ। ସବୁ ଜିଲ୍ଲାର ସମତୁଲ ବିକାଶ ସମ୍ଭବ ହେବ।

## କୃଷିପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ :

କୃଷିର ଉନ୍ନତି ଓଡ଼ିଶାର ଆର୍ଥନୀତିକ ପ୍ରଗତିର ଚାବିକାଠି। ଓଡ଼ିଶାର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି। ଓଡ଼ିଶାର ସମର୍ଥ ଲୋକଙ୍କ ମଧ୍ୟରୁ ଶତକଡ଼ା ୬୫ ଭାଗ ଲୋକ କୃଷିକ୍ଷେତ୍ରରେ କାମ କରନ୍ତି। କୃଷି ପାଇଁ ଆବଶ୍ୟକ ଭିତ୍ତିଭୂମି ସଂପର୍କିତ ବିଭାଗଗୁଡ଼ିକ ହେଲା ଜଳସେଚନ, କୃଷି ବିଜ୍ଞାନ ଓ କୃଷିକ୍ଷେତ୍ରରେ ଆଧୁନିକ ଜ୍ଞାନର ପ୍ରୟୋଗ, ଉନ୍ନତ ସାର ବିହନ ଯୋଗାଣ, ରୋଗପୋକ ନିୟନ୍ତ୍ରଣ, ଆବଶ୍ୟକବେଳେ କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ।

ପ୍ରାକୃତିକ ବୃଷ୍ଟିପାତର କୌଣସି ସ୍ଥିରତା ରହୁନଥିବାରୁ ଓଡ଼ିଶାର ଚାଷୀ ବୃଷ୍ଟିଜଳ ଉପରେ ଭରସା କରିପାରେ ନାହିଁ। ତେଣୁ ତା' ପାଇଁ ଜମିରେ ସ୍ଥାୟୀ ଜଳସେଚନର ଆବଶ୍ୟକତା ଥାଏ। ସ୍ୱାଧୀନତୋତ୍ତର ଓଡ଼ିଶାରେ ଏଥିପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଓଡ଼ିଶାରେ ପ୍ରବାହିତ ନଦୀଗୁଡ଼ିକରେ ବନ୍ଧ ବା ଆନିକଟ ନିର୍ମାଣ କରାଯାଇ କେନାଲ ଯୋଗେ ଜଳସେଚନର ବ୍ୟବସ୍ଥା ହୋଇଛି। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ତାଳଦଣ୍ଡା, ମାଛଗାଁ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ କେନାଲ ଦ୍ୱାରା ହଜାର ହଜାର ହେକ୍ଟର ଜମି ଜଳସେଚିତ ହେଉଛି। ଅବିଭକ୍ତ ପୁରୀ ଜିଲ୍ଲା ଆଠୋଟି କେନାଲ ଦ୍ୱାରା ଜଳସେଚିତ ହେଉଛି। ପୁରୀ

କେନାଲ ହେଉଛି ଏ ଅଞ୍ଚଳର ମୁଖ୍ୟ କେନାଲ । ହୀରାକୁଦ ନଦୀ ବନ୍ଧ ଯୋଜନା ଦ୍ୱାରା ବରଗଡ଼ ଜିଲ୍ଲା ଓ ସମ୍ବଲପୁର ଜିଲ୍ଲାର ଅନେକ ଅଞ୍ଚଳ ଜଳସେଚିତ ହେଉଛି । ରେଙ୍ଗାଲି ପ୍ରକଳ୍ପ, ହ୍ରଦଗଡ଼ ନଦୀବନ୍ଧ, ଅପର କୋଲାବ, ବାଲିମେଳା ଓ ଇନ୍ଦ୍ରାବତୀ ପ୍ରକଳ୍ପ ଓଡ଼ିଶାର ଅନେକ ଅଞ୍ଚଳରେ ଜଳସେଚନର ସୁବିଧା କରିପାରିଛି ।

*ତୁମ ପାଇଁ କାମ*

***ନିମ୍ନଲିଖିତ ପ୍ରକଳ୍ପଗୁଡ଼ିକର ଅବସ୍ଥିତି ଜିଲ୍ଲା ଏବଂ ସେଗୁଡ଼ିକ ସହାୟତା କରିଥିବା ରାଜ୍ୟର ନାମ ଉଲ୍ଲେଖ କର ।***

***(୧) ରେଙ୍ଗାଲି (୨) ବାଲିମେଳା (୩) ଇନ୍ଦ୍ରାବତୀ (୪) ଅପରକୋଲାବ (୫) ହୀରାକୁଦ***

ଏହା ବ୍ୟତୀତ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା କାମକରୁଛି । କେତେକ ଅଞ୍ଚଳରେ ଉଠାଜଳସେଚନର ବ୍ୟବସ୍ଥା ମଧ୍ୟ ଅଛି ।

କୃଷି ସମ୍ପର୍କୀୟ ଗବେଷଣା ପାଇଁ ଓଡ଼ିଶାରେ କେତୋଟି କେନ୍ଦ୍ରୀୟ ଗବେଷଣା କେନ୍ଦ୍ର କାର୍ଯ୍ୟକରୁଛି । ସେଗୁଡ଼ିକ ହେଲା କଟକଠାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ସାକ୍ଷୀଗୋପାଳଠାରେ ନାରିକେଳ ଗବେଷଣା କେନ୍ଦ୍ର ଓ ଭୁବନେଶ୍ୱର ନିକଟସ୍ଥ କୌଶଲ୍ୟାଗଙ୍ଗ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ । ଭୁବନେଶ୍ୱରଠାରେ ପ୍ରତିଷ୍ଠିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ନିକଟସ୍ଥ ଚିପିଲିମାଠାରେ ପ୍ରତିଷ୍ଠିତ କୃଷି ମହାବିଦ୍ୟାଳୟ ମଧ୍ୟ କୃଷିଗବେଷଣା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ପଶୁ ମହାବିଦ୍ୟାଳୟ ମଧ୍ୟ ରହିଛି । ଏହାଛଡ଼ା କୃଷି ବିଜ୍ଞାନ କେନ୍ଦ୍ର ଓ ବିହନ ଯୋଗାଣ କେନ୍ଦ୍ର ଓଡ଼ିଶାର କୃଷକମାନଙ୍କୁ ବୈଷୟିକ ସହାୟତା ଯୋଗାଉଛି । ପଞ୍ଚାୟତମାନଙ୍କରେ ନିଯୁକ୍ତ ଗ୍ରାମ୍ୟ କୃଷି କର୍ମୀମାନେ ମଧ୍ୟ କୃଷକମାନଙ୍କୁ ବୈଷୟିକ ସହାୟତା ଓ ପରାମର୍ଶ ପ୍ରଦାନ କରୁଛନ୍ତି । କୃଷକମାନଙ୍କୁ ଆବଶ୍ୟକବେଳେ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ସମବାୟ ସଂସ୍ଥା ଓ ବ୍ୟାଙ୍କମାନଙ୍କ ଜରିଆରେ ଋଣପ୍ରଦାନର ବ୍ୟାପକ ବ୍ୟବସ୍ଥା ହୋଇଛି ।

## ଶିଳ୍ପପାଇଁ ଭିତ୍ତିଭୂମିର ବିକାଶ :

ରାଜ୍ୟକୁ ଶିଳ୍ପୋଦ୍ୟୋଗୀମାନଙ୍କୁ ଆକର୍ଷିତ କରିବାକୁ ହେଲେ ସେମାନଙ୍କୁ ପରିବହନର ସୁବିଧା, ଆବଶ୍ୟକୀୟ ଜମି ଓ ଜଳ, ଉନ୍ନତ ଯୋଗାଯୋଗ ଓ ଗମନାଗମନ ବ୍ୟବସ୍ଥା, ପ୍ରଶିକ୍ଷିତ ମାନବଶକ୍ତି, ବିଜୁଳି ଶକ୍ତି ଯୋଗାଇ ଦେବା ଦରକାର । ଏହାଛଡ଼ା ଉଦ୍ୟୋଗପତିମାନଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ମଧ୍ୟ ରହିଛି ।

ଓଡ଼ିଶାରେ ଶିଳ୍ପ ଉପଯୋଗୀ ଅନେକ ଜମି ରହିଛି ଓ ଏହା ଏକ ଉପକୂଳବର୍ତ୍ତୀ ପ୍ରଦେଶ ଥିବାରୁ ଏହାର ଦୀର୍ଘ ସମୁଦ୍ରତଟ ରହିଛି । କେତେକ ସ୍ଥଳରେ ଶିଳ୍ପ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତମାନଙ୍କ ସମସ୍ୟା ଦେଖାଯାଉଛି । ଶିଳ୍ପ ପାଇଁ ଆବଶ୍ୟକ ଜଳ ଓଡ଼ିଶାରେ ପ୍ରବାହିତ ନଦୀମାନଙ୍କରୁ ମିଳୁଛି ।


*ତୁମ ପାଇଁ କାମ*

***ଓଡ଼ିଶାରେ ପ୍ରବାହିତ ପ୍ରମୁଖ ନଦୀମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।***

ସରକାର ବିସ୍ଥାପିତମାନଙ୍କ ସମସ୍ୟାର ସମାଧାନ କରି ସେମାନଙ୍କ ସହମତିରେ ଜମି ଅଧିଗ୍ରହଣ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଛନ୍ତି । ଚାଷ ଅନୁପଯୋଗୀ ଜମିରେ ବୃହତ ଶିଳ୍ପ ପ୍ରତିଷ୍ଠା କରିବାପାଇଁ ଶିଳ୍ପାଞ୍ଚଳମାନଙ୍କର ଚିହ୍ନଟ ଓ ଉନ୍ନୟନ କାର୍ଯ୍ୟ କରାଯାଇଛି ।

## ରାସ୍ତାଘାଟ ଓ ପରିବହନ ବ୍ୟବସ୍ଥା :

କୃଷି, ଶିଳ୍ପ, ପର୍ଯ୍ୟଟନ ଓ ସାମାଜିକ ଐକ୍ୟ ପାଇଁ ଉନ୍ନତ ଗମନାଗମନ ଓ ପରିବହନ ବ୍ୟବସ୍ଥା ନିହାତି ଆବଶ୍ୟକ । ଉନ୍ନତମାନର ରାସ୍ତାଘାଟ ଗମନାଗମନ ବ୍ୟବସ୍ଥାକୁ ସୁଗମ କରେ ଓ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବାପାଇଁ ସମୟ ଅବଧିକୁ ହ୍ରାସ କରେ । ସ୍ୱାଧୀନତା ବେଳକୁ ଓଡ଼ିଶାର ରାସ୍ତାଘାଟର ଅବସ୍ଥା ଶୋଚନୀୟ ଥିଲା । ଏପରିକି ଜାତୀୟ ରାଜପଥରେ ନଦୀମାନଙ୍କ ଉପରେ ପକ୍କା ପୋଲ ମଧ୍ୟ ନ ଥିଲା ।



(ମହାନଦୀ ପୋଲର ଦୃଶ୍ୟ)

ତୁମେ ଜାଣିଛ କି ?

ରାସ୍ତାଗୁଡ଼ିକର ଶ୍ରେଣୀ ବିଭାଗ ନିମ୍ନୋକ୍ତ ପ୍ରକାରର :

(୧) ଜାତୀୟ ରାଜପଥ, (୨) ରାଜ୍ୟ ରାଜପଥ

(୩) ମୁଖ୍ୟ ଜିଲ୍ଲା ରାସ୍ତା, (୪) ଅନ୍ୟ ଜିଲ୍ଲା ରାସ୍ତା

(୫) ଏକ୍‌ସପ୍ରେସ୍ ରାସ୍ତା, (୬) ମ୍ୟୁନସିପାଲ ରାସ୍ତା

(୭) ଜଙ୍ଗଲ ରାସ୍ତା, (୮) ଗ୍ରାମପଞ୍ଚାୟତ ରାସ୍ତା

ଓଡ଼ିଶା ଦେଇଯାଇଥିବା ରାଜପଥର ସଂଖ୍ୟାଥିଲା ପାଞ୍ଚ । ବର୍ତ୍ତମାନ ଏହି ସଂଖ୍ୟା ବାଇଶରେ ପହଞ୍ଚିଛି । ଓଡ଼ିଶାରେ ଏହି ଜାତୀୟ ରାଜପଥ ଗୁଡ଼ିକର ଦୈର୍ଘ୍ୟ ୪୫୧୦ କି.ମି. ।

୧. ଜାତୀୟ ରାଜପଥ ନଂ ୧୬ – ଲକ୍ଷ୍ମଣନାଥ – ବାଲେଶ୍ୱର – ଭଦ୍ରକ – କଟକ – ଭୁବନେଶ୍ୱର – ବ୍ରହ୍ମପୁର – ୪୪୩.୮୧ କି.ମି.

୨. ଜାତୀୟ ରାଜପଥ ୩୧୬ – ଭୁବନେଶ୍ୱର – କୋଣାର୍କ – ପୁରୀ – ସାତପଡ଼ା – ୧୪୫ କିମି.

୩. ଜାତୀୟ ରାଜପଥ ୫୧୬ – ବ୍ରହ୍ମପୁର – ଗୋପାଳପୁର – ୬ କି.ମି.

୪. ଜାତୀୟ ରାଜପଥ – ୧୮– ଝାଡପୋଖରୀଆ – ବାରିପଦା – ବାଲେଶ୍ୱର – ୮୦ କି.ମି.

୫. ଜାତୀୟ ରାଜପଥ – ୨୦ – ଚମ୍ପୁଆ – ପରସୋରା – ପାଣିକୋଇଲି – ୧୭୪.୫ କି.ମି.

୬. ଜାତୀୟ ରାଜପଥ ୫୨୦ – ପରସୋରା – ରାଜମୁଣ୍ଡା ୧୦୮.୫ କି.ମି.

୭. ଜାତୀୟ ରାଜପଥ ୨୬ – ବରଗଡ଼ – ବଲାଙ୍ଗୀର – ଭବାନୀପାଟଣା – ନବରଙ୍ଗପୁର – ବୋରିଗୁମା – ଜୟପୁର – କୋରାପୁଟ – ସୁଂକି – ୪୩୬ କି.ମି.

୮. ଜାତୀୟ ରାଜପଥ ୪୯ – କନକତୋରା – ଦେଓଗଡ଼ – ପାଲଲହଡ଼ା – କେନ୍ଦୁଝର – ଜାମଶେଳା – ୪୨୯ କି.ମି.

୯. ଜାତୀୟ ରାଜପଥ ୧୪୯ – ପାଲଲହଡ଼ା – ପିତିରି – ବଅଁରପାଳ – ୮୪ କି.ମି.

୧୦. ଜାତୀୟ ରାଜପଥ – ୫୩ – ଲୁହୁରଚାଟି – ସମ୍ବଲପୁର – ଦେବଗଡ଼– ତାଳଚେର – ଚଣ୍ଡୀଖୋଲ– ପାରାଦ୍ୱୀପ – ୫୨୪.୫ କି.ମି.

୧୧. ଜାତୀୟ ରାଜପଥ ୩୫୩ – ନୂଆପଡ଼ା – ଖରିଆର – ୮୦.୨ କିମି.

୧୨. ଜାତୀୟ ରାଜପଥ ୫୫ କଟକ – ଅନୁଗୁଳ – ସମ୍ବଲପୁର – ୨୨୬ କି.ମି.

୧୩. ଜାତୀୟ ରାଜପଥ ୫୭ ବଲାଙ୍ଗୀର – ଖୋର୍ଦ୍ଧା ୩୦୦ କି.ମି.

୧୪. ଜାତୀୟ ରାଜପଥ ୫୯ ଖରିଆର – ଦାରିଙ୍ଗବାଡ଼ି – ବ୍ରହ୍ମପର – ୩୫୧ କି.ମି.

୧୫. ଜାତୀୟ ରାଜପଥ ୬୩ – କୋଟପାଳ – ବୋରିଗୁମା ୪୧.୫ କି.ମି.

୧୬ – ଜାତୀୟ ରାଜପଥ ୧୪୩ – ବୀରମିତ୍ର ପୁର – ରାଜମୁଣ୍ଡା – ବାରକୋଟ – ୧୨୬ କି.ମି.

୧୭. ଜାତୀୟ ରାଜପଥ ୨୨୦ ତିରିଙ୍ଗି – ରାଇରଙ୍ଗପୁର – ଯଶୀପୁର – ଢେଙ୍କିକୋଟ – ୧୨୫.୫

୧୮. ଜାତୀୟ ରାଜପଥ ୧୫୩(ଖ) ସରପାଲ – ନାକ୍ଟି ଦେଉଳ – ରେଢ଼ାଖୋଲ –ବୌଦ – ୧୧୮.୪ କି.ମି.

୧୯. ଜାତୀୟ ରାଜପଥ ୧୫୭ – ପୁରୁଣା କଟକ – ଫୁଲବାରୀ, – କଳିଙ୍ଗା – ଭଂଜନଗର – ଆସିକା ୧୫୯ କି.ମି.

୨୦. ଜାତୀୟ ରାଜପଥ ୩୨୬ – ଆସିକା – ରାୟଗଡ଼ା – କୋରାପୁଟ – ଜୟପୁର – ମାଲକାନାଗିରି – ମୋଟୁ – ୫୧୩.୭ କି.ମି.


୨୧. ଜାତୀୟ ରାଜପଥ ୧୩୦ (ଗ) – ଛତିଶଗଡ଼ ସୀମାଠାର ବଳଦିଆ ମାଲ– ୧୦୩ କି.ମି.

୨୨. ଜାତୀୟ ରାଜପଥ ୩୨୬ (କ) – ମୋହନା – ପାରଳାଖେମୁଣ୍ଡି – ୨୦ କି.ମି.

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗାଁ ଗହଳରେ ଅନେକ ପକ୍କାରାସ୍ତା ନିର୍ମାଣ କରାଯାଇ ପାରିଛି । ପ୍ରତି ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣରେ ଯଥେଷ୍ଟ ଅଗ୍ରଗତି ହାସଲ କରାଯାଇ ପାରିଛି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଓ ପ୍ରମୁଖ ସହରମାନଙ୍କ ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକୁ ଉନ୍ନତମାନର ଓ ପ୍ରଶସ୍ତ କରାଯାଇଛି । ଗମନାଗମନ ଓ ପରିବହନର ଉନ୍ନତି ଯୋଗୁଁ ଉଭୟ କୃଷି ଓ ଶିଳ୍ପ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି ।

## ରେଳପଥ :

ଭାରତରେ ରେଳପଥ ଆରମ୍ଭ ହୋଇଥିଲା ୧୮୫୩ ମସିହାରେ । ଓଡ଼ିଶାରେ ପ୍ରଥମେ ରେଳଗାଡ଼ି ଚାଲିଥିଲା ୧୮୯୭ ମସିହାରେ । ସେହିବର୍ଷ ଧାନମଣ୍ଡଳ କୋଲାଘାଟ ଓ ଖୋର୍ଦ୍ଧାରୋଡ଼ ରାଜମହେନ୍ଦ୍ରୀ ମଧ୍ୟରେ ରେଳ ଚଳାଚଳ ଆରମ୍ଭ ହୋଇଥିଲା । ସେତେବେଳେ ଓଡ଼ିଶା ଦେଇ ଯାଇଥିବା ରେଳପଥର ଦୈର୍ଘ୍ୟଥିଲା ୩୫୮ କି.ମି. । ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାରେ ରେଳପଥର ଦୈର୍ଘ୍ୟ ଥିଲା ମାତ୍ର ୯୧୪ କି.ମି. ।



(ଭୁବନେଶ୍ୱର ପୂର୍ବତଟ ରେଳବାଇ ମୁଖ୍ୟକାର୍ଯ୍ୟାଳୟ)

୧୯୯୬ ମସିହା ଅଗଷ୍ଟ ୮ ତାରିଖରେ ପୂର୍ବତଟ ରେଳପଥର ଶୁଭ ଦେଇଥିଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଦେବଗୌଡ଼ା । ୨୦୦୩ ଏପ୍ରିଲ୍‌ରେ ଭୁବନେଶ୍ୱରରେ ମୁଖ୍ୟ କାର୍ଯ୍ୟାଳୟ ସହିତ ଏହା କାର୍ଯ୍ୟକ୍ଷମ ହେଲା ।


**ତୁମେ ଜାଣିଛ କି ?**

*ବର୍ତ୍ତମାନ ଭାରତରେ ୧୬ଟି ରେଳବାଇ ଜୋନ ଅଛି । ଏଥି ମଧ୍ୟରୁ ଇଷ୍ଟକୋଷ୍ଟ ରେଳବାଇ ଜୋନ ଗୋଟିଏ । ଏହା ଅଧୀନରେ ସମ୍ବଲପୁର, ଖୋର୍ଦ୍ଧା ରୋଡ଼ ଓ ୱାଲଟିଅର ଡିଭିଜନ କାର୍ଯ୍ୟ କରୁଛି ।*

ଇତି ମଧ୍ୟରେ ଦୈତାରୀ ବାଂଶପାଣି ରେଳରାସ୍ତା ପ୍ରକଳ୍ପଟିର କାର୍ଯ୍ୟ ସରିଛି । ଲାଞ୍ଜିଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ ଭବାନୀପାଟଣା ପର୍ଯ୍ୟନ୍ତ ଶେଷ ହୋଇଛି । ଓଡ଼ିଶାରେ ନିର୍ମାଣାଧୀନ ଅନ୍ୟ ପ୍ରମୁଖ ରେଳପଥ ପ୍ରକଳ୍ପଗୁଡ଼ିକ ହେଲା ହରିଦାସପୁର-ପାରାଦୀପ ରେଳପଥ, ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳପଥ, ଅନୁଗୁଳ-ଡୁବୁରି ରେଳପଥ ଓ ତାଳଚେର-ବିମଳାଗଡ଼ ରେଳପଥ । ଏହିସବୁ ପ୍ରକଳ୍ପକାର୍ଯ୍ୟ ସମାପ୍ତ ହେଲେ ଓଡ଼ିଶାର ଗମନାଗମନ ଓ ପରିବହନ ବ୍ୟବସ୍ଥାର ଉନ୍ନତି ହେବ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପୋଦ୍ୟୋଗୀମାନେ ଆଗ୍ରହ ପ୍ରକାଶ କରିବେ ।

## ବିମାନ ବନ୍ଦର ଓ ପୋତାଶ୍ରୟ :

ଭୁବନେଶ୍ୱରଠାରେ ଅବସ୍ଥିତ ବିଜୁ ପଟ୍ଟନାୟକ ବିମାନବନ୍ଦରଠାରୁ ଭାରତର ବଡ଼ ବଡ଼ ସହରକୁ ବିମାନ



(ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦର)

ସେବା ଉପଲବ୍ଧ ଅଛି । ଆମଦାନୀ ଓ ରପ୍ତାନୀର ସୁବିଧା ପାଇଁ ଭୁବନେଶ୍ୱର ବିମାନ ବନ୍ଦରକୁ ଏକ 'କଷ୍ଟମ୍‌ସ୍ ବିମାନ ବନ୍ଦର' ଭାବେ ଘୋଷଣା କରାଯାଇଛି । ୧୯୯୫ ମସିହା ଅଗଷ୍ଟମାସରୁ ଏଠାରେ ଏକ ଏୟାର କାର୍ଗୋ କମ୍ପ୍ଲେକ୍ସ କାର୍ଯ୍ୟ

କରୁଛି । ଭୁବନେଶ୍ୱର ଏକ ଆନ୍ତର୍ଜାତିକ ବିମାନ ବନ୍ଦର ରୂପେ କାର୍ଯ୍ୟ କରୁଅଛି । ଝାରସୁଗୁଡ଼ା ବିମାନ ବନ୍ଦର କାର୍ଯ୍ୟକ୍ଷମ ହୋଇ ଅନେକ ସହରକୁ ସଂଯୋଗ କରୁଛି ।

ଏହା ବ୍ୟତୀତ ଓଡ଼ିଶାରେ ୯ଟି ବିମାନ ଅବତରଣ କେନ୍ଦ୍ର ଓ ୧୬ଟି ହେଲିପ୍ୟାଡ଼ ଅଛି।

ବିଂଶ ଶତାବ୍ଦୀର ସପ୍ତମ ଦଶକରେ ପାରାଦୀପ ବନ୍ଦରର ଶୁଭାରମ୍ଭ କରାଯାଇଥିଲା। ପ୍ରଥମେ ଏଠାରୁ ଲୁହାପଥର ରପ୍ତାନୀ ହୋଇପାରୁଥିଲା। ଏହା ଏକ ଗଭୀର ପୋତାଶ୍ରୟ ହୋଇଥିବାରୁ ଏଠାକୁ ବଡ଼ବଡ଼ ଜାହାଜ ଆସିବା ସମ୍ଭବ ହେଉଥିଲା। ୧୯୭୧-୭୨ ମସିହାରେ ଏହି ବନ୍ଦର ୧୯ ଲକ୍ଷ ଟନ୍ ପଣ୍ୟ କାରବାର କରିଥିଲା। ସମୟ କ୍ରମେ ପାରାଦୀପରେ ବର୍ଥ ସଂଖ୍ୟା ବଢ଼ିଲା। ପଣ୍ୟ କାରବାର ମଧ୍ଯ ବଢ଼ିଲା। ୧୯୭୫ ମସିହାରେ ପାରାଦୀପକୁ ରେଳପଥ ସହିତ ସଂଯୁକ୍ତ କରାଗଲା। ଏହି ବନ୍ଦରକୁ ଭିତ୍ତିକରି ପାରାଦୀପର ନିକଟବର୍ତ୍ତୀ ଅଞ୍ଚଳରେ କେତେକ କଳକାରଖାନା ପ୍ରତିଷ୍ଠା କରାଗଲା। ପାରାଦୀପ ଫସ୍‌ଫେଟ୍‌ସ୍ କାରଖାନା ସେଥିମଧ୍ୟରୁ ଅନ୍ୟତମ। ପାରାଦୀପଠାରେ ଏକ ତୈଳ ବିଶୋଧନାଗାର ନିର୍ମାଣ କରାଯାଉଛି । ସମୟ କ୍ରମେ ପାରାଦୀପ ବନ୍ଦରର କାରବାର ବୃଦ୍ଧି ପ୍ରାପ୍ତ ହେଉଛି।

ପାରାଦୀପକୁ ଛାଡ଼ି ଓଡ଼ିଶା ଉପକୂଳରେ ଆଉ କେତେଗୋଟି ବନ୍ଦର କାର୍ଯ୍ୟକ୍ଷମ ହୋଇଛି। ସେଥିମଧ୍ୟରୁ ଗୋପାଳପୁର ବନ୍ଦର ୧୯୮୭ ମସିହାଠାରୁ ଏକ ମଧ୍ୟମ ଶ୍ରେଣୀର ବନ୍ଦର ଭାବରେ କାର୍ଯ୍ୟକରୁଛି। ଟାଟା କମ୍ପାନୀ ସହାୟତାରେ ଧାମରାଠାରେ ଏକ ବୃହତ ବନ୍ଦରର ନିର୍ମାଣ ସମ୍ଭବ ହୋଇଛି ।

## ବିଦ୍ୟୁତ୍ ଶକ୍ତି :

ଶିଳ୍ପ ବିକାଶର ଜୀବନରେଖା ହେଉଛି ବିଦ୍ୟୁତ୍‌ଶକ୍ତି। ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାରେ ଦୁଇଟି ତାପଜ ବିଦ୍ୟୁତ୍ କେନ୍ଦ୍ରଥିଲା। ଗୋଟିଏ ଚୌଦ୍ୱାର ଓ ଅନ୍ୟଟି ବ୍ରହ୍ମପୁରରେ ଥିଲା। ୧୯୪୮ ମସିହାରେ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେଲା। ଏହା ୧୯୫୭ରେ କାର୍ଯ୍ୟକ୍ଷମ ହେଲା। ସମୟ କ୍ରମେ ଓଡ଼ିଶାରେ ପରକୁ ପର ୬ଟି ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା। ସେଗୁଡ଼ିକ ହେଲା ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ, ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପ, ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ, ଅପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପ, ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ। ଏ ସମସ୍ତ ପ୍ରକଳ୍ପର ଜଳ ବିଦ୍ୟୁତ୍ ଉତ୍ପାଦନ ସାମର୍ଥ୍ୟ ଥିଲା ୧୯୭୬ ମେଗାଓ୍ୱାଟ।

ଏହା ଛଡ଼ା ଇବ୍ ଓ ତାଳଚେର ତାପଜବିଦ୍ୟୁତ୍ କେନ୍ଦ୍ରର ସାମର୍ଥ୍ୟ ଥିଲା ୮୮୦ ମେଗାଓ୍ୱାଟ୍ । ଜଳବିଦ୍ୟୁତ୍ ଓ ତାପଜ ବିଦ୍ୟୁତକୁ ମିଶାଇ ଓଡ଼ିଶାର ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନର ସାମର୍ଥ୍ୟ ହେଲା ୨୮୫୬ ମେଗାଓ୍ୱାଟ୍। କେନ୍ଦ୍ରୀୟ ଶକ୍ତି କେନ୍ଦ୍ରମାନଙ୍କରୁ ଓଡ଼ିଶାକୁ କିଛି ପରିମାଣରେ ବିଦ୍ୟୁତ ଶକ୍ତିମିଳେ। ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପମାନଙ୍କର ନିଜସ୍ୱ ଶକ୍ତିକେନ୍ଦ୍ରମାନେ କିଛି ପରିମାଣରେ ବିଦ୍ୟୁତ୍ ଶକ୍ତି ଓଡ଼ିଶା ଗ୍ରୀଡ଼ କର୍ପୋରେସନକୁ ଦେଇଥାନ୍ତି।

ବିଦ୍ୟୁତ୍‌ଶକ୍ତିର ଉତ୍ପାଦନ ଓ ସୁଷମ ବଣ୍ଟନ ପାଇଁ ୧୯୯୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ବୈଦ୍ୟୁତିକ ସଂସ୍କାର ଆଇନ ୧୯୯୫ କାର୍ଯ୍ୟକାରୀ ହୋଇଥିଲା। ଏହି ଆଇନ ବଳରେ ପୂର୍ବରୁ କାର୍ଯ୍ୟକରୁଥିବା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦକୁ ପୁନର୍ଗଠିତ କରାଗଲା। ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦର କାର୍ଯ୍ୟ ଦୁଇଗୋଟି ନିଗମକୁ ଦିଆଗଲା। ସେହି ଦୁଇଗୋଟି ନିଗମ ହେଲା– ଓଡ଼ିଶା ଗ୍ରିଡ୍ ନିଗମ ଓ ଓଡ଼ିଶା ଜଳବିଦ୍ୟୁତ୍ ଶକ୍ତି ନିଗମ ।

ବିଦ୍ୟୁତ୍ ସରବରାହ ଓ ବିତରଣ ଦାୟିତ୍ୱ ଦିଆଗଲା ଗ୍ରୀଡକୋକୁ ଓ ଜଳବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ଦାୟିତ୍ୱ ଦିଆଗଲା ଓଡ଼ିଶା ଜଳବିଦ୍ୟୁତ୍ ଶକ୍ତି ନିଗମକୁ। ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ହାତରେ ରହିଲା ତାପଜ ବିଦ୍ୟୁତ୍ ଶକ୍ତି କେନ୍ଦ୍ରମାନଙ୍କର କାର୍ଯ୍ୟ ପରିଚାଳନା। ଓଡ଼ିଶା ଶକ୍ତି ସରବରାହ ନିଗମ ନାମକ ଅନ୍ୟ ଏକ ସଂସ୍ଥା ଶକ୍ତି ସରବରାହ ଦାୟିତ୍ୱରେ ରହିଲେ। ବିଦ୍ୟୁତ୍ ବିତରଣ ପାଇଁ ୱେସ୍‌କୋ, ନେସ୍‌କୋ, ସାଉଥ୍‌କୋ ଓ ସେସ୍‌କୋ ନାମକ ଚାରିଗୋଟି ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଗଲା। ସେସ୍‌କୋ ଏବେ ସେସୁରେ ପରିଣତ ହୋଇଛି।

> ତୁମ ପାଇଁ କାମ
>
> *ୟୁନେସ୍କୋ, ନେସ୍କୋ, ସାଇଥିକୋ ଓ ସେସୁ ଆଦି ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ ଲେଖ ।*

ଓଡ଼ିଶାର ଗ୍ରାମାଞ୍ଚଳକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେବାରେ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା ୨୦୦୬ ମସିହାରୁ ଉଲ୍ଲେଖନୀୟ କାର୍ଯ୍ୟକରୁଛି। କୁଟୀର ଜ୍ୟୋତି ଯୋଜନା ମଧ୍ୟ ଓଡ଼ିଶାବାସୀଙ୍କ ପାଇଁ ବେଶ୍ ସହାୟକ ହୋଇଛି। ୨୦୦୭ ମସିହାରୁ ଓଡ଼ିଶା ସରକାର ଆରମ୍ଭ କରିଛନ୍ତି ବିଜୁ ଗ୍ରାମଜ୍ୟୋତି ଯୋଜନା। ଏହି ଯୋଜନା ଅନୁଯାୟୀ ୧୦୦ ରୁ କମ୍‌ଲୋକ ବସବାସ କରୁଥିବା ଗ୍ରାମମାନଙ୍କୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଉଛି। କୃଷି ଓ ଶିଳ୍ପ କ୍ଷେତ୍ରକୁ ବିଦ୍ୟୁତ୍ ଶକ୍ତି ଯୋଗାଇଦେବାକୁ ଓଡ଼ିଶା ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି।

## ମାନବସମ୍ବଳର ବିକାଶ :

ଯେ କୌଣସି ଦେଶ ବା ପ୍ରଦେଶର ସାମୂହିକ ଉନ୍ନତି ପାଇଁ ଏକ ସୁସ୍ଥ ଓ ପ୍ରଶିକ୍ଷିତ ମାନବସମ୍ବଳର ଆବଶ୍ୟକତା ଅଛି। ବୈଷୟିକ ଶିକ୍ଷାପାଇଁ ଶିଳ୍ପତାଲିମ କେନ୍ଦ୍ର, ଯାନ୍ତ୍ରିକ ବିଦ୍ୟାଳୟ ଓ ଯାନ୍ତ୍ରିକ ମହାବିଦ୍ୟାଳୟମାନେ କିପରି କାର୍ଯ୍ୟ କରୁଛନ୍ତି ସେ ବିଷୟରେ ମଧ୍ୟ ଆଲୋଚନା ହୋଇଛି। ନୂଆ ନୂଆ ଜ୍ଞାନବିଜ୍ଞାନ ଯଥା ସୂଚନା ପ୍ରଯୁକ୍ତି ବିଦ୍ୟା, କମ୍ପ୍ୟୁଟର ବିଜ୍ଞାନ, ଜୀବବୈଷୟିକ ବିଦ୍ୟା ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ଅବଦାନ ରହିଛି। ଏହା ବ୍ୟତୀତ ଓଡ଼ିଶାରେ ଅଛି କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ସମ୍ପର୍କିତ ଅନେକ କଲେଜ। ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଅଧିକାଂଶ ଜିଲ୍ଲାରେ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଛି। ଶିଳ୍ପ, ମାନବସମ୍ବଳ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟର ପରିଚାଳନା ପାଇଁ ବାଣିଜ୍ୟ ବିଦ୍ୟାଳୟମାନ ଓଡ଼ିଶାର ଯୁବକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ପର୍ଯ୍ୟଟନ ଓ ଶିଳ୍ପରେ ଉପଯୋଗୀ ହେଲାଭଳି ପ୍ରଶିକ୍ଷଣର ବ୍ୟବସ୍ଥା ମଧ୍ୟ ଓଡ଼ିଶାରେ ଉପଲବ୍ଧ ହେଉଛି। ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ପାଇଁ ଶିକ୍ଷାଦେବା ପାଇଁ ଭୁବନେଶ୍ୱର ସମେତ ଅନ୍ୟ ସହରମାନଙ୍କରେ ଶିକ୍ଷାନୁଷ୍ଠାନମାନ ଖୋଲିଛି। ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ବିଷୟରେ ପ୍ରଶିକ୍ଷଣ ଦିଆଯାଇ ପର୍ଯ୍ୟଟକ ପଥପ୍ରଦର୍ଶକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଓଡ଼ିଶାର ଚାରୁକଳା ଓ ହସ୍ତଶିଳ୍ପ ସମ୍ପର୍କରେ ଶିକ୍ଷା ଦେବାପାଇଁ ପ୍ରଶିକ୍ଷଣ କେନ୍ଦ୍ରମାନ କାର୍ଯ୍ୟକରୁଛି। ସର୍ବୋପରି କହିବାକୁ ଗଲେ ଖାଲି କୃଷି ଓ ଶିଳ୍ପପାଇଁ ନୁହେଁ; ପର୍ଯ୍ୟଟନ, ଚଳଚିତ୍ର, ହୋଟେଲ ଶିଳ୍ପପାଇଁ ମଧ୍ୟ ଓଡ଼ିଶାରେ ପ୍ରଶିକ୍ଷିତ ମାନବସମ୍ବଳର ଅଭାବ ନାହିଁ।

## ଭିତ୍ତିଭୂମିର ବିକାଶ ପାଇଁ ଅନ୍ୟାନ୍ୟ ବ୍ୟବସ୍ଥା :

ଚଳଚ୍ଚିତ୍ର ଶିଳ୍ପପାଇଁ ଓଡ଼ିଶାରେ କଳିଙ୍ଗ ଷ୍ଟୁଡିଓ ଭଳି ଅନୁଷ୍ଠାନ କାର୍ଯ୍ୟକରୁଅଛି। ପର୍ଯ୍ୟଟକମାନଙ୍କ ସୁବିଧାପାଇଁ ଭୁବନେଶ୍ୱର, ପୁରୀ, କୋଣାର୍କ ସୁବର୍ଣ୍ଣ ତ୍ରିଭୁଜ ଓ ରାଜ୍ୟର ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ରମାନଙ୍କରେ ଅନେକ ହୋଟେଲ ଓ ଅତିଥିଗୃହ ଖୋଲିଛି। ପର୍ଯ୍ୟଟନସ୍ଥଳୀମାନଙ୍କରେ ଓଡ଼ିଶା ସରକାର ପାନ୍ଥନିବାସ ଓ ପାନ୍ଥିକାମାନ ନିର୍ମାଣ କରିଛନ୍ତି। ଚିଲିକା, ଭିତର କନିକାରେ ଜଳଯାତ୍ରାପାଇଁ ସରକାରୀ ବୋଟ୍ ଯୋଗାଇ ଦିଆଯାଇଛି। ସରକାରୀ ପାନ୍ଥନିବାସ ସାଙ୍ଗକୁ ବଡ଼ବଡ଼ ପର୍ଯ୍ୟଟନ ସ୍ଥଳୀରେ ଘରୋଇ ହୋଟେଲ ଖୋଲାଯାଇଛି।

ଓଡ଼ିଶାରେ ଭିତ୍ତିଭୂମିର ବିକାଶସହିତ ଓଡ଼ିଆମାନଙ୍କ ସାମାଜିକ ପ୍ରତିବଦ୍ଧତା ଓ ସଂହତି ଦୃଢ଼ହେଉଛି। କୃଷି, ଶିଳ୍ପ, ବାଣିଜ୍ୟର ଅଭିବୃଦ୍ଧି ହୋଇ ଓଡ଼ିଶାର ବିକାଶ ପଥ ସୁଗମ ହେଉଛି। ଓଡ଼ିଶାରେ ଶିଳ୍ପ ଓ କୃଷି କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ନିମ୍ନଲିଖିତ ସଂସ୍ଥାମାନେ କାର୍ଯ୍ୟରତ ଅଛନ୍ତି।

(୧) ଓଡ଼ିଶା ଶିଳ୍ପ ଉନ୍ନୟନ ଓ ଅର୍ଥ ନିବେଶ ନିଗମ

(୨) ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ

(୩) ଓଡ଼ିଶା ରାଜ୍ୟ ବୈଦ୍ୟୁତିକ ସାମଗ୍ରୀ ଉନ୍ନୟନ ନିଗମ

(୪) ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ

(୫) ଓଡ଼ିଶା କୃଷି ଓ ଅର୍ଥ ଉନ୍ନୟନ ଓ ଅର୍ଥ ନିବେଶ ନିଗମ

(୬) ଓଡ଼ିଶା ରାଜ୍ୟ ଅର୍ଥ ନିଗମ

(୭) ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ

(୮) ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ

(୯) ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ

(୧୦) ଇନଫୋସିଟି ।

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) କୃଷି ପାଇଁ ଓଡ଼ିଶାରେ ଥିବା ଭିତ୍ତିଭୂମିର ଏକ ଟିପ୍‌ପଣୀ ଲେଖ ।

(ଖ) ଶିଳ୍ପପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଓଡ଼ିଶାରେ ସେଗୁଡ଼ିକର ଉପଲବ୍‌ଧତା ସମ୍ପର୍କରେ ସଂକ୍ଷିପ୍ତ ଟିପ୍‌ପଣୀ ଲେଖ ।

(ଗ) ଓଡ଼ିଶାର ରାସ୍ତାଘାଟ, ଗମନାଗମନ ଓ ପରିବହନ ବ୍ୟବସ୍ଥାର ଅଗ୍ରଗତି ସମ୍ପର୍କରେ ଲେଖ ।

(ଘ) ଓଡ଼ିଶାରେ ରେଳପଥର ବିକାଶ ସମ୍ପର୍କରେ ଟିପ୍‌ପଣୀ ଲେଖ ।

(ଙ) ଓଡ଼ିଶାର ବିମାନସେବା ଓ ପୋତାଶ୍ରୟ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ଲେଖ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ଭିତ୍ତିଭୂମି କହିଲେ କ'ଣ ବୁଝ ?

(ଖ) ୧୯୩୬ ମସିହାଠାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ଭିତ୍ତିଭୂମିର ବିକାଶ ପାଇଁ କାହିଁକି ବିଶେଷ କିଛି କରାଯାଇ ପାରିଲା ନାହିଁ ?

(ଗ) କୃଷିପାଇଁ ଆବଶ୍ୟକ ଭିତ୍ତିଭୂମି କ'ଣ ?

(ଘ) ଓଡ଼ିଶାରେ କୃଷିପାଇଁ କାହିଁକି ଜଳସେଚନର ଆବଶ୍ୟକତା ରହିଛି ?

(ଙ) କୃଷି ସମ୍ପର୍କୀୟ ଶିକ୍ଷା ଗବେଷଣା ପାଇଁ ଓଡ଼ିଶାରେ କେଉଁ କେନ୍ଦ୍ରୀୟ ଗବେଷଣା କେନ୍ଦ୍ର ଅଛି ?

(ଚ) ଓଡ଼ିଶାରେ ଶିଳ୍ପ ବିକାଶ ପାଇଁ କି ପ୍ରକାର ପ୍ରାକୃତିକ ଅନୁକୂଳ ଭିତ୍ତିଭୂମି ରହିଛି ?

(ଛ) ଜାତୀୟ ରାଜପଥ ନମ୍ବର ୫ ଓଡ଼ିଶାର କେଉଁ ସ୍ଥାନରୁ କେଉଁ ସ୍ଥାନକୁ ସଂଯୋଗ କରୁଛି ?

(ଜ) କିଏ ଏବଂ କେବେ ପୂର୍ବତଟ ରେଳପଥର ଶୁଭ ଦେଇଥିଲେ ?

(ଝ) ପାରାଦୀପ ବନ୍ଦରକୁ ଛାଡ଼ି ଓଡ଼ିଶାର ଅନ୍ୟ କେଉଁ ସ୍ଥାନଗୁଡ଼ିକରେ ବନ୍ଦର ନିର୍ମିତ ହୋଇଛି ?

(ଞ) ହୀରାକୁଦ ଜଳବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟ କେବେଠାରୁ ଆରମ୍ଭ ହୋଇ କାର୍ଯ୍ୟକ୍ଷମ ହେଲା ?

**୩. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଓଡ଼ିଶାରେ କିପରି ଜଳସେଚନର ବ୍ୟବସ୍ଥା ହୋଇଛି ?

(ଖ) ଅବିଭକ୍ତ ପୁରୀ ଜିଲ୍ଲା କେତୋଟି କେନାଲ ଦ୍ୱାରା ଜଳ ସେଚିତ ହେଉଛି ?

(ଗ) କେଉଁ ରାଜପଥ ଭୁବନେଶ୍ୱରଠାରୁ ପୁରୀ, କାଳୀଜାଇ ଦେଇ କୋଣାର୍କ ପର୍ଯ୍ୟନ୍ତ ଯାଇଛି ?

(ଘ) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କ'ଣ ?

(ଙ) କେବେ ଓଡ଼ିଶାରେ ପ୍ରଥମ ରେଳଗାଡ଼ି ଚାଲିଥିଲା ?

(ଚ) ପୂର୍ବତଟ ରେଳପଥ କେବେ କାର୍ଯ୍ୟ ଆରମ୍ଭ କଲା ?

(ଛ) ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟ କେଉଁଠି ?

(ଜ) ଓଡ଼ିଶା ବୈଦ୍ୟୁତିକ ସଂସ୍କାର ଆଇନ୍ ୧୯୯୫ କେବେଠାରୁ କାର୍ଯ୍ୟକାରୀ ହେଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) କେବେଠାରୁ ଓଡ଼ିଶାରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଆରମ୍ଭ ହେଲା ?

(i) ୧୯୩୬ (ii) ୧୯୪୫ iii) ୧୯୪୬ (iv) ୧୯୪୭

(ଖ) କେଉଁଠାରେ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହୋଇଛି ?

i) ରେଙ୍ଗାଲୀ ii) ଇବ୍ iii) ଅପର କୋଲାବ୍ iv) ମାଛକୁଣ୍ଡ

(ଗ) ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା କେବେଠାରୁ କାର୍ଯ୍ୟ କରୁଛି ?

i) ୧୯୯୫ ii) ୧୯୯୬ iii) ୨୦୦୬ iv) ୨୦୦୭

(ଘ) ବିଜୁ ଗ୍ରାମ ଜ୍ୟୋତି ଯୋଜନା କେବେ ପ୍ରବର୍ତ୍ତିତ ହେଲା ?

i) ୧୯୮୭ ii) ୧୯୯୬ iii) ୨୦୦୬ iv) ୨୦୦୭

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

ପ୍ରଥମ ଅଧ୍ୟାୟ

24RR7H

# ଭାରତରେ ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ

## ପ୍ରଥମ ପାଠ

## ନୂତନ ରାଜ୍ୟଗୁଡ଼ିକର ଗଠନ

ବର୍ତ୍ତମାନ ଭାରତରେ ଅଠେଇଶ ଗୋଟି ରାଜ୍ୟ ଓ ନଅଗୋଟି କେନ୍ଦ୍ର ଶାସିତ ଅଞ୍ଚଳ ରହିଛି। ସେହି ରାଜ୍ୟ ଗୁଡିକ ହେଲା : ୧. ଆନ୍ଧ୍ରପ୍ରଦେଶ, ୨. ଆସାମ, ୩. ବିହାର, ୪. ଗୁଜୁରାଟ, ୫. ହରିୟାଣା, ୬. କର୍ଣ୍ଣାଟକ, ୭. କେରଳ, ୮. ମଧ୍ୟପ୍ରଦେଶ, ୯. ତାମିଲନାଡୁ, ୧୦. ମହାରାଷ୍ଟ୍ର, ୧୧. ନାଗାଲାଣ୍ଡ, ୧୨. ଓଡ଼ିଶା, ୧୩. ପଞ୍ଜାବ, ୧୪. ରାଜସ୍ଥାନ, ୧୫. ଉତ୍ତରପ୍ରଦେଶ, ୧୬. ପଶ୍ଚିମବଙ୍ଗ, ୧୭. ତେଲେଙ୍ଗାନା ୧୮. ହିମାଚଳପ୍ରଦେଶ, ୧୯.ମଣିପୁର, ୨୦. ତ୍ରିପୁରା, ୨୧. ମେଘାଳୟ, ୨୨. ସିକିମ, ୨୩. ମିଜୋରାମ, ୨୪. ଅରୁଣାଚଳ ପ୍ରଦେଶ, ୨୫. ଗୋଆ, ୨୬. ଛତିଶଗଡ, ୨୭. ଉତ୍ତରାଖଣ୍ଡ, ୨୮. ଝାଡଖଣ୍ଡ ।

> ୨୦୧୯ ମସିହାରେ ପାର୍ଲିଆମେଣ୍ଟରେ ୩୭୦ ଧାରାର ଉଚ୍ଛେଦ ଗୃହୀତ ହୋଇ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ବଳବତ୍ତର ହୋଇ ଜାମ୍ମୁ ଓ କାଶ୍ମୀର ରାଜ୍ୟ ଭାରତୀୟ ସମ୍ବିଧାନ ବାହାରେ ଏକ ସ୍ୱତନ୍ତ୍ର ସମ୍ବିଧାନ ଦ୍ୱାରା ଶାସନ ସମାପ୍ତି ହୋଇଛି ।




୧୯୮୭ ମସିହା ପରଠାରୁ ଅଦ୍ୟାବଧି ଭାରତରେ ନଅଗୋଟି କେନ୍ଦ୍ରଶାସିତ ଅଞ୍ଚଳ ରହିଛି ଓ ସେଗୁଡ଼ିକର ନାମ ହେଲା : ଦିଲ୍ଲୀ, ପଣ୍ଡିଚେରୀ (ପୁଦୁଚେରୀ), ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ଦାଦ୍ରା ଓ ନଗର ହାବେଲୀ, ଡାମନ ଓ ଡିଉ, ଚଣ୍ଡିଗଡ, ଜାମ୍ମୁକାଶ୍ମୀର ଏବଂ ଲଦାଖ୍ । ଏହି କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରୁ ଦିଲ୍ଲୀ ଓ ପଣ୍ଡିଚେରୀ ( ପୁଦୁଚେରୀ ) ର ସାମ୍ବିଧାନିକ ସ୍ଥିତି ଭିନ୍ନ । ଏଗୁଡ଼ିକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଅଛି ।

(କ) ୧୯୬୨ ମସିହାର ପଣ୍ଡିଚେରୀ (ପ୍ରଶାସନ) ଆଇନ ତଥା କେନ୍ଦ୍ରଶାସିତ ଅଞ୍ଚଳ ଶାସନ ଆଇନ, ୧୯୬୩ ଏବଂ ଚତୁର୍ଦ୍ଦଶ ସମ୍ବିଧାନ ସଂଶୋଧନ ଆଇନ, ୧୯୬୨ ଓ ୩୭ ତମ

ସମ୍ବିଧାନ ସଂଶୋଧନ ଆଇନ, ୧୯୭୪ର ବ୍ୟବସ୍ଥା ତଥା ସମ୍ବିଧାନର ଧାରା-୨୩୯ 'କ' ଅନୁସାରେ ପଣ୍ଡିଚେରୀ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ହେଲେ ମଧ୍ୟ ସେଠାରେ ଏକ ବିଧାନସଭା ଓ ମନ୍ତ୍ରିପରିଷଦର ବ୍ୟବସ୍ଥା ରଖାଯାଇଛି । ଏଠାରେ ଶାସନ ମୁଖ୍ୟ ହେଉଛନ୍ତି ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଜଣେ ଉପରାଜ୍ୟପାଳ (ଲେଫ୍‌ଟନାଣ୍ଟ୍ ଗଭର୍ଣ୍ଣର) ।

(ଖ) ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଛି । ୧୯୯୨ ମସିହା ଫେବୃୟାରୀ ମାସ ୧ ତାରିଖ ଦିନ ସମ୍ବିଧାନର ଧାରା-୨୩୯(କ) (କ) ଓ ୨୩୯ (କ) (ଖ) ଏବଂ ୬୯ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ସମ୍ବିଧାନରେ ଏହି ନୂତନ ବ୍ୟବସ୍ଥା ଯୋଗ କରାଯାଇଛି । ଏହି ନୂତନ ବ୍ୟବସ୍ଥା ଅନୁସାରେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀକୁ **"ଜାତୀୟ ରାଜଧାନୀ ଅଞ୍ଚଳ"** (National Capital Territory of Delhi) ର ମାନ୍ୟତା ମିଳିଛି । ଏହି ସ୍ୱୀକୃତି ମିଳିବା ସହିତ ୧୯୯୩ ମସିହା ପରଠାରୁ ଦିଲ୍ଲୀ ପାଇଁ ଗୋଟିଏ ବିଧାନସଭା ଓ ଗୋଟିଏ ମନ୍ତ୍ରିପରିଷଦର ବ୍ୟବସ୍ଥା କରାଯାଇଛି । କେବଳ ରାଜ୍ୟ ତାଲିକାଭୁକ୍ତ ତିନିଗୋଟି ବିଷୟ, ଯଥା, ଆଇନ ଓ ଶାନ୍ତି ଶୃଙ୍ଖଳା ରକ୍ଷା (Law and Order), ପୋଲିସ ଏବଂ ଜମିଜମା ବିଷୟକୁ ବାଦ ଦେଲେ ଏହି ତାଲିକାଭୁକ୍ତ ଅନ୍ୟ ବିଷୟଗୁଡିକ ଉପରେ ଆଇନ ପ୍ରଣୟନ କରିବାର କ୍ଷମତା ଦିଲ୍ଲୀ ବିଧାନସଭାର ରହିଛି । ଦିଲ୍ଲୀର ଶାସନମୁଖ୍ୟ ହେଉଛନ୍ତି ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଜଣେ ଉପରାଜ୍ୟପାଳ (ଲେଫ୍‌ଟନାଣ୍ଟ ଗଭର୍ଣ୍ଣର) ।

କୌଣସି ଅଧିକୃତ ଅଞ୍ଚଳର ପ୍ରଶାସନ ପାଇଁ ଆମ ସମ୍ବିଧାନରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ; କିନ୍ତୁ ସେହି ଅଞ୍ଚଳଗୁଡ଼ିକ କେନ୍ଦ୍ରଶାସିତ ଅଞ୍ଚଳର ପଦମର୍ଯ୍ୟାଦା ପାଇଛନ୍ତି । ନିମ୍ନରେ କେତେଗୋଟି ଉଦାହରଣ ଦିଆଯାଇଛି ।

ଫରାସୀ ଅଧିକୃତ ପଣ୍ଡିଚେରୀ, କାରିକଲ, ମାହେ, ୟନମ୍ ଅଞ୍ଚଳ ଓ ପର୍ତ୍ତୁଗାଲ ଅଧିକୃତ ଗୋଆ, ଡାମନ ଓ ଡିଉ ଏବଂ ଦାଦ୍ରା ଓ ନଗର ହାବେଳି ଅଞ୍ଚଳର ଭାରତ ସହିତ ମିଶ୍ରଣ ହେବା ଫଳରେ ୧୯୬୨ ମସିହାରେ ସେଗୁଡ଼ିକ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇଲେ । ଏ ସମ୍ପର୍କରେ ସମ୍ବିଧାନର ଦଶମ, ଦ୍ୱାଦଶ ଓ ଚତୁର୍ଦ୍ଦଶ ସଂଶୋଧନ ଆଇନରେ ବିଶେଷ ଭାବରେ ଆଲୋଚିତ ହୋଇଅଛି ।

**ରାଜ୍ୟ ପୁନର୍ଗଠନର ପ୍ରବହମାନ ଘଟଣାବଳୀ :**

୧୯୫୦ ମସିହାରେ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେବା ସମୟରେ ଭାରତରେ ଥିବା ନଅଗୋଟି ପ୍ରାକ୍ତନ ବ୍ରିଟିଶ ଶାସନାଧୀନ ଭାରତୀୟ ପ୍ରଦେଶ ସମେତ ଅନ୍ୟ ସମସ୍ତ ଅଞ୍ଚଳକୁ 'କ', 'ଖ', 'ଗ' ଏବଂ 'ଘ' ରାଜ୍ୟ ଭାବରେ ଶ୍ରେଣୀଭୁକ୍ତ ରାଜ୍ୟ କରାଯାଇଥିଲା । ନୂତନ ସମ୍ବିଧାନର ପ୍ରଥମ ପରିଶିଷ୍ଟରେ ସୂଚିତ ତାଲିକା ଅନୁସାରେ 'କ' ଶ୍ରେଣୀଭୁକ୍ତ ରାଜ୍ୟ ଗୁଡ଼ିକ ହେଲେ ସ୍ୱାଧୀନତା ପୂର୍ବର ବ୍ରିଟିଶ ଶାସନାଧୀନ ନଅଗୋଟି ପ୍ରଦେଶ । ସେହି 'କ' ଶ୍ରେଣୀଭୁକ୍ତ ରାଜ୍ୟଗୁଡ଼ିକ ହେଲା ଆସାମ, ବିହାର, ବମ୍ବେ, ମଧ୍ୟପ୍ରଦେଶ, ମାଡ୍ରାସ, ଓଡ଼ିଶା, ପଞ୍ଜାବ, ସଂଯୁକ୍ତ ପ୍ରଦେଶ ଓ ପଶ୍ଚିମବଙ୍ଗ । ସେହିପରି 'ଖ' ଶ୍ରେଣୀଭୁକ୍ତ ହେଲେ ହାଇଦ୍ରାବାଦ, ଜାମ୍ମୁ ଓ କାଶ୍ମୀର ସମେତ ପାଞ୍ଚଗୋଟି ରାଜ୍ୟ । 'ଗ' ଶ୍ରେଣୀରେ ରହିଲେ ପାଞ୍ଚଗୋଟି କେନ୍ଦ୍ରଶାସିତ ଅଞ୍ଚଳ । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଓ ଅନ୍ୟାନ୍ୟ ଅଧିକୃତ ଅଞ୍ଚଳ ସ୍ଥାନ ପାଇଲେ 'ଘ' ଶ୍ରେଣୀରେ । 'କ' ଶ୍ରେଣୀଭୁକ୍ତ ରାଜ୍ୟର ଶାସନ ମୁଖ୍ୟ ରହିଲେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଜଣେ ଜଣେ 'ରାଜ୍ୟପାଳ' । 'ଖ' ଶ୍ରେଣୀଭୁକ୍ତ ରାଜ୍ୟମାନଙ୍କର ଶାସନମୁଖ୍ୟଙ୍କୁ କୁହାଗଲା 'ରାଜ୍ୟପ୍ରମୁଖ' । ଜଣେ ଚିଫ୍ କମିଶନ୍‌ର କିମ୍ବା ଉପରାଜ୍ୟପାଳ

(ଲେଫ୍‌ଟନାଣ୍ଟ ଗଭର୍ଣ୍ଣର) ରହିଲେ 'ଗ' ଶ୍ରେଣୀୟ ରାଜ୍ୟର ଶାସନମୁଖ୍ୟ । 'ଘ' ଶ୍ରେଣୀଭୁକ୍ତ ରାଜ୍ୟର ଶାସନମୁଖ୍ୟ ଚିଫ୍ କମିଶନର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେଉଥିଲେ ।

> *ତୁମେ ଜାଣିଛ କି ?*
>
> ***'ଖ' ଶ୍ରେଣୀଭୁକ୍ତ ରାଜ୍ୟଗୁଡ଼ିକ ହେଲେ : ହାଇଦ୍ରାବାଦ, ଜାମ୍ମୁ ଓ କାଶ୍ମୀର, ମଧ୍ୟଭାରତ, ମହୀଶୂର, ପାଟିଆଲା ଓ ପୂର୍ବ ପଞ୍ଜାବ ।***
>
> ***'ଗ' ଶ୍ରେଣୀରେ ରହିଲେ : ଆଜମୀର, ଭୋପାଳ, ବିଳାସପୁର, କୁଚ-ବିହାର ଓ କୁର୍ଗ ।***

**ଭାଷାଭିତ୍ତିକ ରାଜ୍ୟ ଗଠନ :** ୧୯୪୬ ମସିହାରୁ ୧୯୪୯ ମସିହା ମଧ୍ୟରେ ନୂତନ ସମ୍ବିଧାନର ପ୍ରଣୟନ କାର୍ଯ୍ୟ ଚାଲୁଥିବା ସମୟରେ ଭାଷାଭିତ୍ତିକ ରାଜ୍ୟ ବା ପ୍ରଦେଶ ଗଠନ ଲାଗି ଦାବି ସମ୍ବିଧାନ ପ୍ରଣୟନ ସଭାରେ ଆଲୋଚିତ ହୋଇଥିଲା । ମୁଖ୍ୟତଃ ଜାତୀୟ ସଂହତିର ସୁରକ୍ଷା ଓ ପ୍ରାଶାସନିକ କାର୍ଯ୍ୟଦକ୍ଷତାକୁ ଦୃଷ୍ଟିରେ ରଖି ଭାଷାଭିତ୍ତିକ ରାଜ୍ୟ ବା ପ୍ରଦେଶ ଗଠନ ଦାବି ଠିକ୍ ନୁହେଁ ବୋଲି ସମ୍ବିଧାନ ପ୍ରଣୟନ ସଭାରେ ମତ ପ୍ରକାଶ ପାଇଲା ।

ନିମ୍ନୋକ୍ତ ଘଟଣା ପ୍ରବାହକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ମୁଖ୍ୟତଃ ଭାରତର ଦକ୍ଷିଣାଞ୍ଚଳର ଏ ସମ୍ପର୍କିତ ଦାବି ଥିଲା ସ୍ୱତନ୍ତ୍ର । ମାଡ୍ରାସ୍, ହାଇଦ୍ରାବାଦ ଓ ମହୀଶୂର ଅଞ୍ଚଳର ତେଲୁଗୁ ଭାଷାଭାଷୀ ଲୋକମାନେ ନିଜପାଇଁ ଏକ ସ୍ୱତନ୍ତ୍ର ରାଜ୍ୟ ବା ପ୍ରଦେଶ ଦାବି କଲେ । ମହୀଶୂରର କନ୍ନଡ ଭାଷାଭାଷୀ ଲୋକମାନଙ୍କର ଦାବି ଥିଲା ଅନୁରୂପ । ମରାଠୀ ଭାଷାଭାଷୀ ଲୋକମାନଙ୍କର ଦାବି ଥିଲା ସେମାନଙ୍କ ପାଇଁ ସ୍ୱତନ୍ତ୍ର ମହାରାଷ୍ଟ୍ର ରାଜ୍ୟ ବା ପ୍ରଦେଶ ଗଠନ । କେବଳ ସେତିକି ନୁହେଁ, ମାଲୟାଲମ୍ ଓ ତାମିଲ୍ ଭାଷାଭାଷୀ ଲୋକମାନେ ନିଜ ନିଜ ପାଇଁ ସ୍ୱତନ୍ତ୍ର ରାଜ୍ୟ ବା ପ୍ରଦେଶ ଗଠନ ପାଇଁ ଦାବି ଆରମ୍ଭ କଲେ ।

> *ତୁମେ ଜାଣିଛ କି ?*
>
> ***ଚତୁର୍ଦ୍ଦଶ ସଂବିଧାନ ସଂଶୋଧନ ଆଇନ (୧୯୬୨) ଅନୁସାରେ ପଣ୍ଡିଚେରୀ, କାରିକଲ, ମାହେ ଓ ୟୁନମ୍ ଅଞ୍ଚଳକୁ 'ପଣ୍ଡିଚେରୀ' (ପୁଡୁଚେରୀ) କେନ୍ଦ୍ର ଶାସିତ ଅଞ୍ଚଳ ଭାବରେ ସ୍ଥାନିତ କରାଯାଇଛି ।***

ପରିସ୍ଥିତିର ଜଟିଳତାକୁ ସମ୍ଭାଳିବା ପାଇଁ ସମ୍ବିଧାନ ପ୍ରଣୟନ ସଭାର ସୁପାରିସ କ୍ରମେ ୧୯୪୮ ମସିହାରେ **"ଭାଷାଭିତ୍ତିକ ପ୍ରଦେଶ ଆୟୋଗ"** ଗଠନ କରାଗଲା । ଏଥିରେ ଯେଉଁ ତିନି ଜଣ ସଦସ୍ୟ ରହିଲେ, ସେମାନେ ହେଲେ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ପଟ୍ଟାଭି ସୀତାରାମାୟା । ଏହି ଆୟୋଗ ଭାଷାଭିତ୍ତିକ ରାଜ୍ୟ ଗଠନର ବିରୋଧୀ ଥିଲା ସତ, ମାତ୍ର ଆନ୍ଧ୍ରପ୍ରଦେଶ ଗଠନ ଦିଗରେ ଆୟୋଗର ମତ ସ୍ୱତନ୍ତ୍ର ଥିଲା ।

ହଠାତ୍ ପରିସ୍ଥିତିରେ ପରିବର୍ତ୍ତନ ଘଟିଲା । ୧୯୫୨ ମସିହାରେ ସ୍ୱତନ୍ତ୍ର ତେଲୁଗୁ ରାଜ୍ୟ ଦାବି କରି ଅନଶନ କରୁଥିବା ପୋଟ୍ଟି ଶ୍ରୀରାମୁଲୁଙ୍କ ମୃତ୍ୟୁ ଘଟଣା ସମସ୍ୟାକୁ ଅଧିକ ଗୁରୁତର କରିଦେଲା । ଫଳରେ ୧୯୫୩ ମସିହାରେ ସରକାରଙ୍କ ନିଷ୍ପତ୍ତି ଅନୁସାରେ ମାଡ୍ରାସର ତେଲୁଗୁ ଭାଷାଭାଷୀ ଅଞ୍ଚଳକୁ ନେଇ ନୂତନ **ଆନ୍ଧ୍ରପ୍ରଦେଶ** ଗଠିତ ହେଲା । ତେଲୁଗୁ ଭାଷାଭାଷୀ ଲୋକମାନଙ୍କର ଦାବି ପୂରଣକୁ ଲକ୍ଷ୍ୟକରି ଅନ୍ୟ ଅଞ୍ଚଳରେ ଅନୁରୂପ ଦାବି ଉପସ୍ଥାପିତ ହେଲା ।

ନୂତନ ରାଜ୍ୟ ବା ପ୍ରଦେଶ ଗଠନ ଦାବିର ସମାଧାନ ଉଦ୍ଦେଶ୍ୟରେ ୧୯୫୬ ମସିହାରେ **'ରାଜ୍ୟ ପୁନର୍ଗଠନ ଆୟୋଗ'** ଗଠିତ ହେଲା । ଏଥିରେ ତିନିଜଣ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ସଦସ୍ୟ ରହିଲେ । ସେମାନେ ହେଲେ– ନ୍ୟାୟମୂର୍ତ୍ତି ଫଜଲ ଅଲ୍ଲୀ, ବିଶିଷ୍ଟ ଐତିହାସିକ ସର୍ଦ୍ଦାର କେ. ଏମ. ପାନିକର ଓ ହୃଦୟନାଥ କୁଞ୍ଜରୁ । ଏହି ଆୟୋଗର

ମୁଖ୍ୟ ଉଦ୍ଦେଶ୍ୟ ଥିଲା– ଜାତୀୟ ଐକ୍ୟ ଓ ସଂହତିର ସୁରକ୍ଷା ସହିତ ରାଜ୍ୟବାସୀଙ୍କର ସମୂହ କଲ୍ୟାଣ ତଥା ସଂଖ୍ୟାଲଘୁ ଭାଷାଭାଷୀ ଲୋକମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ପୁନର୍ଗଠନର ରୂପରେଖ ନିର୍ଦ୍ଧାରଣ କରିବା ସହିତ ଆବଶ୍ୟକ ସୁପାରିସ କରିବା ।

ରାଜ୍ୟ ପୁନର୍ଗଠନ ଆୟୋଗର ସୁପାରିସକୁ ଭିତ୍ତିକରି ପ୍ରଣୟନ କରାଯାଇଥିବା ୧୯୫୬ ମସିହାର ରାଜ୍ୟ ପୁନର୍ଗଠନ ଆଇନ ତଥା ସମ୍ବିଧାନର ସପ୍ତମ ସଂଶୋଧନ ଆଇନ ଜରିଆରେ ପୂର୍ବସୂଚିତ କ, ଖ, ଗ ଓ ଘ ଶ୍ରେଣୀୟ ରାଜ୍ୟ ବା ପ୍ରଦେଶ ଗୁଡ଼ିକୁ ଉଚ୍ଛେଦ କରାଯାଇ ନୂତନ ଭାବରେ ଚଉଦଗୋଟି ରାଜ୍ୟ ଓ ଛଅଗୋଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନ କରାଗଲା । ଏହି ରାଜ୍ୟଗୁଡ଼ିକ ହେଲା– ୧. ଆନ୍ଧ୍ରପ୍ରଦେଶ, ୨. ଆସାମ, ୩. ବିହାର, ୪. ବମ୍ବେ, ୫. ଜାମ୍ମୁ ଏବଂ କାଶ୍ମୀର, ୬. କେରଳ, ୭. ମଧ୍ୟପ୍ରଦେଶ, ୮. ମାଡ୍ରାସ, ୯. ମହୀଶୂର, ୧୦. ଓଡ଼ିଶା, ୧୧. ପଞ୍ଜାବ, ୧୨. ରାଜସ୍ଥାନ, ୧୩. ଉତ୍ତରପ୍ରଦେଶ, ୧୪. ପଶ୍ଚିମବଙ୍ଗ ।

ନବଗଠିତ ୬ ଗୋଟି କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକର ନାମ ହେଲା– ୧. ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ୨. ଦିଲ୍ଲୀ, ୩. ହିମାଚଳ ପ୍ରଦେଶ, ୪. ଲାକ୍ଷାଦ୍ୱୀପ, ମିନକୟ ଓ ଆମିନଡିଭି ଦ୍ୱୀପପୁଞ୍ଜ, ୫. ମଣିପୁର, ୬. ତ୍ରିପୁରା ।

### ନୂତନ ରାଜ୍ୟଗଠନ ଓ ରାଜ୍ୟ ପୁନର୍ଗଠନ ତଥା ରାଜ୍ୟର ଚତୁଃସୀମା ଏବଂ ନାମ ପରିବର୍ତ୍ତନ ସମ୍ପର୍କିତ ସାମ୍ବିଧାନିକ ବ୍ୟବସ୍ଥା :

ଆମ ସମ୍ବିଧାନର ଧାରା ୨, ୩, ଓ ୪ରେ ଏ ସମ୍ପର୍କିତ ବ୍ୟବସ୍ଥା ସୂଚିତ କରାଯାଇଛି ।

(କ) ସମ୍ବିଧାନର ଧାରା ୨ ଅନୁସାରେ ସଂସଦ ଆଇନ ପ୍ରଣୟନ କରି ଭାରତର ସଂଘୀୟ ବ୍ୟବସ୍ଥାରେ ନୂତନ ରାଜ୍ୟ ସାମିଲ କରିପାରିବ ବା ନୂତନ ରାଜ୍ୟ ପ୍ରତିଷ୍ଠା କରିପାରିବ । ଏହି ବ୍ୟବସ୍ଥା ଅନୁସାରେ ସମ୍ବିଧାନର ୩୫ତମ ଓ ୩୬ତମ ସଂଶୋଧନ ଆଇନ ବଳରେ ସିକିମ ୧୯୭୪ ମସିହାରେ ପ୍ରଥମେ ଏକ **'ସଂଲଗ୍ନରାଜ୍ୟ'** ଓ ପରବର୍ଷ, ୧୯୭୫ ମସିହାରେ ଏକ **"ପୂର୍ଣ୍ଣାଙ୍ଗ ରାଜ୍ୟ"**ର ମାନ୍ୟତା ପାଇଲା । ଏହି ଆନୁଷଙ୍ଗିକ ସମ୍ବିଧାନ ସଂଶୋଧନ ବ୍ୟବସ୍ଥା ସେତେବେଳେ ଗ୍ରହଣ କରାଗଲା, ଯେତେବେଳେ ସିକିମ୍‌ର ବିଧାନସଭାରେ ତତ୍ ସମ୍ପର୍କିତ ପ୍ରସ୍ତାବ ଗୃହୀତ ହେଲା ଓ ପରେ 'ଗଣଭୋଟ' ମାଧ୍ୟମରେ ସିକିମ୍‌ର ଜନସାଧାରଣ ଭାରତରେ ମିଶିବା ପାଇଁ ଆଗ୍ରହ ପ୍ରକାଶ କରି ଅନୁରୋଧ ଜଣାଇଲେ ।

**(ଖ) ସମ୍ବିଧାନର ଧାରା-୩ ବିଶେଷଭାବେ ଗୁରୁତ୍ୱପୂର୍ଣ୍ଣ । ଏହି ଧାରାରେ ସୂଚିତ ବ୍ୟବସ୍ଥା ଅନୁସାରେ, ସଂସଦ ଆଇନ ପ୍ରଣୟନ ଦ୍ୱାରା–**

(୧) କୌଣସି ରାଜ୍ୟରୁ କିଛି ଅଞ୍ଚଳ ଅଲଗା କରି ବା ଦୁଇ ବା ତତୋଽଧିକ ରାଜ୍ୟକୁ ବା ରାଜ୍ୟର କିଛି ଅଞ୍ଚଳକୁ ମିଶ୍ରଣକରି ନୂତନ ରାଜ୍ୟ ସୃଷ୍ଟି କରି ପାରିବ; (୨) କୌଣସି ରାଜ୍ୟର ଆୟତନକୁ ବୃଦ୍ଧି କରିପାରିବ ବା ହ୍ରାସ କରି ପାରିବ; (୩) କୌଣସି ରାଜ୍ୟର ପରିସୀମା ପରିବର୍ତ୍ତନ କରିପାରିବ; (୪) କୌଣସି ରାଜ୍ୟର ନାମ ପରିବର୍ତ୍ତନ କରିପାରିବ ।

(କ) ଏହି ପରିପ୍ରେକ୍ଷୀରେ କୁହାଯାଇଛି ଯେ ଆବଶ୍ୟକ ବିଷୟ ସୂଚିତ କରି ରାଷ୍ଟ୍ରପତିଙ୍କର ପ୍ରାକ୍-ସୁପାରିସ ମିଳିବା ପରେ ସଂସଦର ଯେକୌଣସି ସଦନରେ ଏକ ଚିଠା ଆଇନ ଆଗତ କରାଯାଇ ପାରିବ ।

(ଖ) ରାଷ୍ଟ୍ରପତି ନିଜର ସୁପାରିସ ଦେବା ପୂର୍ବରୁ ପ୍ରୋକ୍ତ ଚିଠା ଆଇନକୁ ସଂଶ୍ଳିଷ୍ଟ ରାଜ୍ୟ ବା ରାଜ୍ୟମାନଙ୍କର

ବିଧାନମଣ୍ଡଳକୁ ପ୍ରେରଣ କରି ଉକ୍ତ ସଦନର ଆବଶ୍ୟକ ମତାମତ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଜାଣିବେ । ଅବଶ୍ୟ ରାଜ୍ୟ ବିଧାନମଣ୍ଡଳର ମତାମତ ଗ୍ରହଣ କରିବା ପାଇଁ ରାଷ୍ଟ୍ରପତି ବାଧ୍ୟ ନୁହନ୍ତି ।

ସଂକ୍ଷେପରେ କହିଲେ, ରାଜ୍ୟ ପୁନର୍ଗଠନ ସମ୍ପର୍କିତ ଆଇନ ପ୍ରଣୟନ କରିବାର କ୍ଷମତା ଓ ଆବଶ୍ୟକ ସମ୍ବିଧାନ ସଂଶୋଧନ କ୍ଷମତା ସଂସଦ ହାତରେ ନ୍ୟସ୍ତ ଏବଂ ସଂସଦର ଉଭୟ ସଦନ ଏ ସମ୍ପର୍କିତ ଆଇନ ପ୍ରଣୟନ କରିପାରିବେ । ଅଦ୍ୟାବଧି ନୂତନ ରାଜ୍ୟ ଗଠନ ଓ ରାଜ୍ୟ ପୁନର୍ଗଠନ କ୍ଷେତ୍ରରେ ଉଲ୍ଲିଖିତ ପଦ୍ଧତି ଅନୁସୃତ ।

(୧) ୧୯୫୬ ମସିହାର ରାଜ୍ୟ ପୁନର୍ଗଠନ ଆଇନ ବଳରେ ରାଜ୍ୟମାନଙ୍କର ଚତୁଃସୀମା ପରିବର୍ତ୍ତନ ପୂର୍ବକ ୧୪ଗୋଟି ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳ ପୁନଃ ଗଠିତ ହୋଇଥିଲା ।

(୨) ବମ୍ବେ ରାଜ୍ୟ ପୁନର୍ଗଠନ ଆଇନ, ୧୯୬୦ ଅନୁସାରେ ବମ୍ବେ ରାଜ୍ୟକୁ ବିଭାଜିତ କରାଯାଇ ମହାରାଷ୍ଟ୍ର ଓ ଗୁଜୁରାଟ ରାଜ୍ୟଦ୍ୱୟ ଗଠିତ ହୋଇଅଛି ।

(୩) ନାଗାଲାଣ୍ଡ ରାଜ୍ୟ ଗଠନ ଆଇନ, ୧୯୬୨ ବଳରେ ୧୯୬୪ ମସିହା ଫେବୃଆରୀ ୧ ତାରିଖଠାରୁ ନୂତନ ନାଗାଲାଣ୍ଡ ରାଜ୍ୟ ଗଠିତ ହୋଇଅଛି ।

(୪) ୧୯୬୬ ମସିହାର ପଞ୍ଜାବ ପୁନର୍ଗଠନ ଆଇନ ବଳରେ ପଞ୍ଜାବ ରାଜ୍ୟ ବିଭାଜିତ ହୋଇ ନୂତନ ରାଜ୍ୟ ହରିୟାଣା, ପଞ୍ଜାବ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ନଭେମ୍ବର ମାସ ୧ ତାରିଖରୁ ଜନ୍ମ ନେଇଅଛି । ୧୯୬୯ ମସିହାର ଆସାମ (ମେଘାଳୟ) ପୁନର୍ଗଠନ ଆଇନ ଅନୁସାରେ ଆସାମ ରାଜ୍ୟମଧ୍ୟରେ ମେଘାଳୟ ନାମକ ଏକ ଉପରାଜ୍ୟ ସୃଷ୍ଟି ହେଲା, ଯାହା ପରବର୍ତ୍ତୀ ସମୟରେ ୧୯୭୧ ମସିହାରେ ରାଜ୍ୟ ପାହ୍ୟାକୁ ଉନ୍ନୀତ ହେଲା ।

(୫) ୧୯୭୦ ମସିହାର ହିମାଚଳ ପ୍ରଦେଶ ରାଜ୍ୟ ଗଠନ ଆଇନ ଅନୁସାରେ ପୂର୍ବରୁ କେନ୍ଦ୍ରଶାସିତ ଅଞ୍ଚଳ ଥିବା ହିମାଚଳ ପ୍ରଦେଶ ରାଜ୍ୟ ପାହ୍ୟାକୁ ଉନ୍ନୀତ ହେଲା ।

(୬) ୧୯୭୧ମସିହାର ଉତ୍ତର - ପୂର୍ବାଞ୍ଚଳ ରାଜ୍ୟ (ପୁନର୍ଗଠନ) ଆଇନ ଅନୁସାରେ ମଣିପୁର, ତ୍ରିପୁରା ଓ ମେଘାଳୟ ରାଜ୍ୟ ପାହ୍ୟାକୁ ଉନ୍ନୀତ ହେବା ସହିତ ଅରୁଣାଚଳ ପ୍ରଦେଶ ଓ ମିଜୋରାମକୁ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପ୍ରଦାନ କରାଯାଇଛି ।

(୭) ୧୯୭୧ମସିହାରେ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପାଇଥିବା ମିଜୋରାମ ୧୯୮୬ ମସିହାରେ ରାଜ୍ୟ ପାହ୍ୟାକୁ ଉନ୍ନୀତ ହୋଇଅଛି ।

(୮) ୧୯୮୬ ମସିହାରେ ପୂର୍ବରୁ କେନ୍ଦ୍ରଶାସିତ ଅଞ୍ଚଳ ଥିବା ଅରୁଣାଚଳପ୍ରଦେଶ ଏକ ରାଜ୍ୟର ମାନ୍ୟତା ପାଇଛି ।

(୯) ୧୯୮୭ ମସିହାର ଗୋଆ ରାଜ୍ୟ ପୁନର୍ଗଠନ ଆଇନ ବଳରେ ୧୯୮୭ ମସିହା ମେ' ମାସ ୩୦ ତାରିଖଠାରୁ ପୂର୍ବରୁ କେନ୍ଦ୍ର ଶାସିତ ଅଞ୍ଚଳଥିବା ଗୋଆ ଏକ ରାଜ୍ୟର ମାନ୍ୟତା ପାଇଛି ଏବଂ ଏହା ସହିତ ଡାମନ ଓ ଡିଉ ପୂର୍ବପରି କେନ୍ଦ୍ରଶାସିତ ଅଞ୍ଚଳ ହୋଇ ରହିଛି ।

(୧୦) ମଧ୍ୟପ୍ରଦେଶରୁ ଅଲଗା କରାଯାଇ କିଛି ଅଞ୍ଚଳକୁ ନେଇ ମଧ୍ୟପ୍ରଦେଶ ରାଜ୍ୟ ପୁନର୍ଗଠନ ଆଇନ ୨୦୦୦ ବଳରେ ୨୦୦୦ ମସିହା ନଭେମ୍ବର ମାସ ୧ ତାରିଖରୁ ଛତିଶଗଡ଼ ରାଜ୍ୟ ଗଠିତ ହୋଇଅଛି ।

(୧୧) ଉତ୍ତର ପ୍ରଦେଶ ରାଜ୍ୟ ପୁନର୍ଗଠନ ଆଇନ ବଳରେ ଉତ୍ତରପ୍ରଦେଶରୁ କିଛି ଅଞ୍ଚଳକୁ ଅଲଗା କରାଯାଇ ୨୦୦୦ ମସିହା ନଭେମ୍ବର ମାସ ୯ ତାରିଖରୁ ଉତ୍ତରାଖଣ୍ଡ ରାଜ୍ୟ ଗଠିତ ହୋଇଛି ।

(୧୨) ୨୦୦୦ ମସିହାର ନଭେମ୍ବର ୧୫ତାରିଖରୁ ବିହାର ପୁନର୍ଗଠନ ଆଇନ-୨୦୦୦

ବଳରେ ବିହାରର କିଛି ଅଞ୍ଚଳକୁ ନେଇ ଗଠନ କରାଯାଇଛି ଝାଡ଼ଖଣ୍ଡ ରାଜ୍ୟ ।

(୧୩) ୨୦୧୪ ମସିହା ଜୁନ୍ ୨ ତାରିଖ ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନ୨୦୧୪ ଅନୁସାରେ ଆନ୍ଧ୍ରପ୍ରଦେଶକୁ ବିଭାଜିତ କରି ତେଲେଙ୍ଗାନା ରାଜ୍ୟ ଗଠିତ ହୋଇଛି ।

(୧୪) ୨୦୧୯ ମସିହା ଅକ୍ଟୋବର ୩୧ ତାରିଖରେ ଜାମ୍ମୁ ଓ କାଶ୍ମୀର ରାଜ୍ୟ ପୁନର୍ଗଠନ ଆଇନ ୨୦୧୯ ଅନୁସାରେ ଜାମ୍ମୁ ଓ କାଶ୍ମୀରକୁ ବିଭାଜନ କରି (୧) ଜାମ୍ମୁ ଓ କାଶ୍ମୀର ଓ (୨) ଲଦାଖ ନାମକ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ଗଠନ କରାଗଲା ।

ଏହା ଫଳରେ ଦେଶରେ ରାଜ୍ୟ ସଂଖ୍ୟା ୨୯ରୁ ୨୮କୁ କମିଲା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ସଂଖ୍ୟା ୭ ରୁ ୯କୁ ବୃଦ୍ଧି ପାଇଲା ।

**କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନାମ ପରିବର୍ତ୍ତନ:**

(କ) ୧୯୬୮ ମସିହାରେ ମାଡ୍ରାସ୍ ରାଜ୍ୟ (ନାମ ପରିବର୍ତ୍ତନ) ଆଇନ ବଳରେ ମାଡ୍ରାସ୍ ରାଜ୍ୟର ନୂତନ ନାମ ହୋଇଛି ତାମିଲନାଡୁ ।

(ଖ) ୧୯୭୩ ମସିହାରେ ମହୀଶୂର ରାଜ୍ୟ (ନାମ ପରିବର୍ତ୍ତନ) ଆଇନ ବଳରେ 'ମହୀଶୂର' ନାମ ପରିବର୍ତ୍ତିତ ହୋଇ 'କର୍ଣ୍ଣାଟକ' ହୋଇଅଛି ।

(ଗ) ପୂର୍ବର ଲାକାଡିଭ, ମିନିକୟ ଓ ଆମିନିଡିଭି ଦ୍ୱୀପପୁଞ୍ଜର ନାମ ୧୯୭୩ ମସିହାରେ ପରିବର୍ତ୍ତିତ ହୋଇ 'ଲାକ୍ଷାଦ୍ୱୀପ' ହୋଇଛି ।

(ଘ) ୨୦୧୧ ମସିହାରେ ସଂସଦରେ ଆଇନ ପ୍ରଣୟନ କରାଯାଇ 'ଓରିଶା' (ORISSA) ଓ 'ଓରିୟା' (ORIYA) ଶବ୍ଦ ପରିବର୍ତ୍ତିତ ହୋଇ ଯଥାକ୍ରମେ 'ଓଡ଼ିଶା' (ODISHA) ଏବଂ 'ଓଡ଼ିଆ' (ODIA) ହୋଇଅଛି ।

**ତୁମେ ଜାଣିଛ କି ?**

*(କ) ୧୯୬୧ ମସିହାର ଡିସେମ୍ବର ମାସ ୧୯ ତାରିଖ ଦିନ ଗୋଆ, ଡାମନ ଓ ଡିଉ ଭାରତରେ ମିଶିଲା । ଏହା ପୂର୍ବରୁ ଦୀର୍ଘ ୪୫୦ ବର୍ଷ ଧରି ଏହି ଅଞ୍ଚଳ ପର୍ତ୍ତୁଗାଲ ଅଧୀନରେ ଥିଲା । ଭାରତ ସହିତ ମିଶିବା ପରେ ସମ୍ବିଧାନ ସଂଶୋଧନ ଆଇନ ବଳରେ ଉଲ୍ଲିଖିତ ଅଞ୍ଚଳ ପ୍ରଥମେ ଏକ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପାଇଛି ଓ ୧୯୮୭ ମସିହାରେ କେବଳ ଗୋଆ ଏକ ରାଜ୍ୟର ମାନ୍ୟତା ପାଇଛି । ଡାମନ ଓ ଡିଉ ପୂର୍ବପରି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ରହିଛନ୍ତି ।*

*(ଖ) ଫରାସୀମାନଙ୍କ ଅଧୀନରେ ଥିବା ପଣ୍ଡିଚେରୀ, କାରିକଲ, ମାହେ ଓ ଯନମ୍ ଅଞ୍ଚଳ ଭାରତରେ ମିଶିଯାଇଛି ଓ ୧୯୬୨ ମସିହା ଡିସେମ୍ବର ମାସରେ ଚତୁର୍ଦ୍ଦଶ ସମ୍ବିଧାନ ସଂଶୋଧନ ଆଇନ ଅନୁସାରେ ପଣ୍ଡିଚେରୀ (ପୁଦୁଚେରୀ) ଏକ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇଛି ।*

*(ଗ) ୧୯୬୧ ମସିହାରେ ଦଶମ ସମ୍ବିଧାନ ସଂଶୋଧନ ଆଇନ ବଳରେ ଦାଦ୍ରା ଓ ନଗର ହାବେଳୀ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପାଇଛି ।*

*ବ୍ରିଟିଶ୍ ଶାସନ ସମୟରେ ସିକିମରେ ପୁରୁଷାନୁକ୍ରମିକ ରାଜତନ୍ତ୍ର ଚାଲୁଥିଲା ଓ ଚୋଗ୍ୟାଲ ଥିଲେ ଏହାର ରାଷ୍ଟ୍ରମୁଖ୍ୟ । ଭାରତ ସ୍ୱାଧୀନତା ପାଇବା ପରେ ସିକିମର ଜନସାଧାରଣ ଭାରତରେ ମିଶିଯିବା ପାଇଁ ଆଗ୍ରହ ପ୍ରକାଶ କଲେ । ପ୍ରଥମେ ଏକ ଚୁକ୍ତି ସମ୍ପାଦିତ ହେବା ପରେ ସିକିମ ହେଲା ଭାରତର ଏକ ସୁରକ୍ଷାପ୍ରାପ୍ତ ଅଞ୍ଚଳ* **(Protectorate)** *।*

*ପରବର୍ତ୍ତୀ ସମୟରେ ସିକିମ ପ୍ରଶାସନ ଆଇନ ଓ ଭାରତ ସହିତ ମିଶ୍ରଣ ପ୍ରସ୍ତାବ* **(Resolution)** *ଅନୁସାରେ ୧୯୭୪ ମସିହାଠାରୁ ସିକିମ ପ୍ରଥମେ ଏକ 'ସହଯୋଗୀ ରାଜ୍ୟ' ବା 'ସଂଲଗ୍ନ ରାଜ୍ୟ' ଓ ପରେ ୧୯୭୫ ମସିହାରେ ଏକ 'ପୂର୍ଣ୍ଣାଙ୍ଗରାଜ୍ୟ'ର ମାନ୍ୟତା ପାଇଛି ।*

**ତୁମ ପାଇଁ କାମ**

*୧) ନିମ୍ନଲିଖିତ ଦେଶ, ରାଜ୍ୟ ଓ ସହରମାନଙ୍କର ନୂତନ ନାମ ବୁଝି ଲେଖ । ଯଥା- ବର୍ମା, ପଣ୍ଡିଚେରୀ, ବମ୍ବେ, ମାଡ୍ରାସ, କଲିକତା, ବାଙ୍ଗାଲୋର, କାଲିକଟ୍, ବରୋଦା ।*

*୨) ଭାରତର ରାଜ୍ୟମାନଙ୍କର ଭାଷା, ନୃତ୍ୟ ଓ ରାଜଧାନୀର ନାମ ତାଲିକା ପ୍ରସ୍ତୁତ କର ।*

## ପ୍ରଶ୍ନାବଳୀ

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।

(କ) ଗୋଆ ରାଜ୍ୟ ଗଠନ ସମ୍ପର୍କରେ ଆଲୋଚନା କର ।

(ଖ) 'କ' - ଶ୍ରେଣୀର ରାଜ୍ୟଗୁଡ଼ିକର ନାମ ଲେଖ ।

(ଗ) ଦିଲ୍ଲୀ ଶାସନ ବ୍ୟବସ୍ଥା ଆଲୋଚନା କର ।

(ଘ) ଭାଷାଭିତ୍ତିକ ପ୍ରଦେଶ ଆୟୋଗର କେଉଁମାନେ ସଦସ୍ୟ ଥିଲେ ଏବଂ ଏହି ଆୟୋଗର ସୁପାରିଶ କ'ଣ ଥିଲା ?

୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ ।

(କ) ପଣ୍ଡିଚେରୀ / ପୁଦୁଚେରୀର ସାମ୍ବିଧାନିକ ବ୍ୟବସ୍ଥା

(ଖ) 'ଖ' ଶ୍ରେଣୀଭୁକ୍ତ ରାଜ୍ୟମାନଙ୍କର ମୁଖ୍ୟଙ୍କୁ କ'ଣ କୁହାଯାଏ ?

(ଗ) ଜାମ୍ମୁ ଓ କାଶ୍ମୀରକୁ ବର୍ତ୍ତମାନ କେଉଁ ଶ୍ରେଣୀଭୁକ୍ତ କରାଯାଇଛି ?

# ଦ୍ୱିତୀୟ ପାଠ
# ସାମ୍ବିଧାନିକ ବ୍ୟବସ୍ଥା

ଆମ ଭାରତରେ ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଅଛି । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କଲା ଏବଂ ଦେଶରେ ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳଦୁଆ ପଡ଼ିଲା । ୧୯୫୦ ମସିହା ଜାନୁୟାରୀ ମାସ ୨୬ ତାରିଖ ଦିନଠାରୁ ପ୍ରଚଳିତ ନୂତନ ସମ୍ବିଧାନ ମାଧ୍ୟମରେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବେ ଘୋଷଣା କରାଗଲା । ଏବେ ବିଶ୍ୱରେ ପ୍ରାୟତଃ ୧୩୦ଟି ଦେଶରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ରହିଛି । ଗଣତନ୍ତ୍ର ହେଉଛି ଲୋକମାନଙ୍କର ଶାସନ । ଏହି ବ୍ୟବସ୍ଥାରେ ଦେଶର ପ୍ରତ୍ୟେକ ନାଗରିକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଦେଶ ଶାସନରେ ଅଂଶ ଗ୍ରହଣ କରିଥାନ୍ତି । ଗଣତନ୍ତ୍ରରେ ନାଗରିକମାନେ ସ୍ୱାଧୀନ ଭାବରେ ନିଜର ମତାମତ ରଖିଥାନ୍ତି । ଏଥିରେ ଶାସନ କ୍ଷମତା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଗୋଷ୍ଠୀ ହାତରେ ନ୍ୟସ୍ତ ହୋଇ ନ ଥାଏ । ଗଣତନ୍ତ୍ରରେ ଜନସାଧାରଣ ହେଉଛନ୍ତି ସାର୍ବଭୌମ କ୍ଷମତାର ଅଧିକାରୀ । ଅଧୁନା ଗଣତନ୍ତ୍ର ଏକ ସର୍ବୋତ୍କୃଷ୍ଟ ଶାସନ ଭାବରେ ପରିଗଣିତ ହେଉଛି । ଆମେରିକାର ପୂର୍ବତନ ରାଷ୍ଟ୍ରପତି **ଆବ୍ରାହମ୍ ଲିଙ୍କନ୍** ବାସ୍ତବରେ କହିଥିଲେ ଯେ, "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଶାସନ" । ରାଜନୀତି ବିଜ୍ଞାନୀ **ସିଲି**ଙ୍କ ମତରେ "ଯେଉଁ ସରକାରରେ ପ୍ରତ୍ୟେକ ବ୍ୟକ୍ତି ଅଂଶଗ୍ରହଣ କରିଥାନ୍ତି, ତାହାକୁ ଗଣତନ୍ତ୍ର କୁହାଯାଏ" । ଉପର୍ଯ୍ୟୁକ୍ତ ସଂଜ୍ଞା ଦୁଇଟିକୁ ବିଶ୍ଳେଷଣ କଲେ, ଆମେ ଜାଣି ପାରିବା ଯେ, ଗଣତନ୍ତ୍ର ହେଉଛି ଲୋକମାନଙ୍କର ଶାସନ ଏବଂ ଏହା ସେମାନଙ୍କର ସମୂହ ହିତ ପାଇଁ ଉଦ୍ଦିଷ୍ଟ । ଏଥିରେ ସେମାନଙ୍କର ଅଧିକାର ସୁରକ୍ଷିତ ରହିଥାଏ ।

ଗଣତନ୍ତ୍ର ମୁଖ୍ୟତଃ ଦୁଇ ପ୍ରକାରର; ଯଥା– ପ୍ରତ୍ୟକ୍ଷ ଗଣତନ୍ତ୍ର ଓ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର । ପ୍ରାଚୀନ ଗ୍ରୀସ୍ ଦେଶର **'ନଗର ରାଜ୍ୟ'**ରେ **'ପ୍ରତ୍ୟକ୍ଷ ଗଣତନ୍ତ୍ର'** ବ୍ୟବସ୍ଥା କାର୍ଯ୍ୟ କରୁଥିଲା । **'ନଗର ରାଜ୍ୟ'**ର ଆୟତନ କ୍ଷୁଦ୍ର ଓ ଲୋକ ସଂଖ୍ୟା ସୀମିତ ଥିବା ହେତୁ ନଗର ରାଜ୍ୟର ସମସ୍ତ ଅଧିବାସୀ ପ୍ରାଶାସନିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବରେ ସାମିଲ ହୋଇ ପାରୁଥିଲେ । ସେମାନେ ଗୋଟିଏ ସ୍ଥାନରେ ସମବେତ ହୋଇ ପ୍ରାଶାସନିକ ନୀତି ନିର୍ଦ୍ଧାରଣ କରି ପାରୁଥିଲେ । କିନ୍ତୁ ବର୍ତ୍ତମାନର ବହୁଳ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଏହା ପ୍ରାୟ ସମ୍ଭବ ନୁହେଁ । କାରଣ ଜନସଂଖ୍ୟାର ବହୁଳତା ଓ ଆୟତନର ବିସ୍ତୃତି ଦୃଷ୍ଟିରୁ ବର୍ତ୍ତମାନର ବହୁତ ରାଷ୍ଟ୍ରରେ ପ୍ରତ୍ୟକ୍ଷ ଗଣତନ୍ତ୍ରର ପ୍ରଚଳନ ସମ୍ଭବ ହେଉନାହିଁ । ଆମ ଭାରତର ବହୁଳ ଜନସଂଖ୍ୟା ଓ ଆୟତନର ବିଶାଳତା ଦୃଷ୍ଟିରୁ ଆମ ଦେଶରେ ଏକ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଛି । ଭାରତ ବ୍ୟତୀତ ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ଇତ୍ୟାଦି ଅନେକ ଦେଶରେ ଏହିପ୍ରକାର ଶାସନ ବ୍ୟବସ୍ଥା ପ୍ରଚଳିତ ।

## ଭାରତର ସମ୍ବିଧାନରେ ପ୍ରଦତ୍ତ ଗଣତାନ୍ତ୍ରିକ ବ୍ୟବସ୍ଥା :

କ୍ୟାବିନେଟ୍ ମିଶନ୍‌ର ପ୍ରସ୍ତାବ ଅନୁଯାୟୀ ସ୍ୱାଧୀନ ଭାରତ ପାଇଁ ଏକ ନୂତନ ସମ୍ବିଧାନ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏକ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଗଲା । ଏହି ସଭାର ପ୍ରଥମ ବୈଠକ ୧୯୪୬ ମସିହା ଡିସେମ୍ବର ମାସ ୯ ତାରିଖରେ ବସିଥିଲା ଏବଂ ଦୀର୍ଘ ୨ ବର୍ଷ ୧୧ ମାସ ୧୮ ଦିନପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖ ଦିନ ନୂତନ ସମ୍ବିଧାନ ପ୍ରଣୟନ କାର୍ଯ୍ୟ ଶେଷ ହେଲା ଏବଂ ସେହିଦିନ ମଧ୍ୟ ସମ୍ବିଧାନ ପ୍ରଣୟନ ସଭାରେ ଏହି ନୂତନ ସମ୍ବିଧାନ ଗୃହୀତ ହେଲା । ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଡଃ ଭୀମ ରାଓ ଆମ୍ବେଦକର ।

ଆମ ଦେଶର ସମ୍ବିଧାନରେ ଅନେକ ବ୍ୟବସ୍ଥା ରହିଛି, ଯାହାକି ଭାରତର ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟାରେ ସହାୟକ ହୋଇଅଛି । ଗଣତନ୍ତ୍ରରେ ଲୋକମାନଙ୍କର ସ୍ୱାଧୀନତା ଓ ସମାନତା ଉପରେ ଗୁରୁତ୍ୱ ପ୍ରଦାନ, ଶାସନରେ

ଲୋକମାନଙ୍କର ଅଂଶଗ୍ରହଣ ନିମନ୍ତେ ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନର ବ୍ୟବସ୍ଥା ଓ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଆମ ସମ୍ବିଧାନରେ ରହିଛି । ଭାରତର ନାଗରିକମାନଙ୍କର ମୌଳିକ ଅଧିକାରକୁ ମଧ୍ୟ ସମ୍ବିଧାନରେ ସୁରକ୍ଷିତ ରଖାଯାଇଛି ।

ଆମର ସମ୍ବିଧାନର ଆରମ୍ଭରେ ଏକ **'ପ୍ରସ୍ତାବନା'** ବା **'ପ୍ରାକ୍‌କଥନ'** ରହିଛି, ଯାହା ସମ୍ବିଧାନର ମୁଖବନ୍ଧ ସ୍ୱରୂପ । ସମ୍ବିଧାନର ପ୍ରସ୍ତାବନାରେ ସ୍ପଷ୍ଟ ସୂଚିତ କରାଯାଇଛି ଯେ ଭାରତର ଜନସାଧାରଣ ହେଉଛନ୍ତି ସାର୍ବଭୌମ କ୍ଷମତାର ଅଧିକାରୀ ।

ଭାରତରେ ପରୋକ୍ଷ ବା ପ୍ରତିନିଧିମୂଳକ ସଂସଦୀୟ ଗଣତନ୍ତ୍ରର ବ୍ୟବସ୍ଥା ରହିଛି । ଭାରତର କେନ୍ଦ୍ର ସଂସଦ ଦୁଇ ସଦନୀୟ ଏବଂ ଏହି ଦୁଇଟି ସଦନ ହେଲା– ଲୋକସଭା (ନିମ୍ନ ସଦନ) ଓ ରାଜ୍ୟସଭା (ଉଚ୍ଚ ସଦନ) । ଭାରତର ରାଷ୍ଟ୍ରପତି ହେଉଛନ୍ତି ସଂସଦର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଲୋକସଭାର ସଦସ୍ୟମାନେ ଲୋକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି । ଲୋକସଭାରେ ସଂଖ୍ୟା ଗରିଷ୍ଠ ସଦସ୍ୟଙ୍କ ସମର୍ଥନ ପାଇଥିବା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ମନ୍ତ୍ରିମଣ୍ଡଳ ଲୋକସଭା ନିକଟରେ ସାମୂହିକଭାବେ ଉତ୍ତରଦାୟୀ ରହନ୍ତି । ରାଜ୍ୟସଭାର ସଦସ୍ୟମାନେ ପରୋକ୍ଷ ଭାବେ ନିର୍ବାଚିତ ହୁଅନ୍ତି । ଏହି ନିର୍ବାଚନରେ ଜନସାଧାରଣ ପ୍ରତ୍ୟକ୍ଷ ଭାବରେ ନିର୍ବାଚନରେ ଅଂଶଗ୍ରହଣ କରିନଥାନ୍ତି । ଦେଶର ରାଜ୍ୟ ସ୍ତରରେ ଥିବା ବିଧାନସଭାର ନିର୍ବାଚିତ ସଦସ୍ୟମାନେ ରାଜ୍ୟସଭାର ସଦସ୍ୟମାନଙ୍କୁ ନିର୍ବାଚିତ କରନ୍ତି । ସେହିପରି ପ୍ରତ୍ୟେକ ରାଜ୍ୟର ବିଧାନସଭାର ସଦସ୍ୟମାନେ ସେହି ରାଜ୍ୟର ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି । ମାତ୍ର ଯେଉଁ କେତେକ ରାଜ୍ୟରେ ବିଧାନ ପରିଷଦ ରହିଛି, ସେଠାରେ ଏହି ବିଧାନ ପରିଷଦର ସଦସ୍ୟମାନେ ଲୋକମାନଙ୍କ ଦ୍ୱାରା ପରୋକ୍ଷ ଭାବରେ ନିର୍ବାଚିତ ହୁଅନ୍ତି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ରାଜ୍ୟ ମନ୍ତ୍ରିମଣ୍ଡଳ ରାଜ୍ୟ ବିଧାନସଭା ନିକଟରେ ଏହାର ସମସ୍ତ କାର୍ଯ୍ୟକଳାପ ପାଇଁ ସାମୂହିକ ଭାବରେ ଉତ୍ତରଦାୟୀ ରହନ୍ତି । କେନ୍ଦ୍ର ସ୍ତରରେ ସଂସଦ ଓ ରାଜ୍ୟସ୍ତରରେ ବିଧାନସଭା ଗୁଡ଼ିକର ଆଇନ ପ୍ରଣୟନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କ୍ଷମତା ରହିଛି । ଏଣୁ ପ୍ରତ୍ୟକ୍ଷ ନିର୍ବାଚନ ମାଧ୍ୟମରେ କେନ୍ଦ୍ରରେ ଲୋକସଭା ଓ ରାଜ୍ୟରେ ବିଧାନ ସଭାକୁ ସଦସ୍ୟ ନିର୍ବାଚିତ କରାଇ ଭାରତର ଜନସାଧାରଣ ଆଇନ ପ୍ରଣୟନ କ୍ଷେତ୍ରରେ ପରୋକ୍ଷ ଭାବରେ ଅଂଶ ଗ୍ରହଣ କରିଥାନ୍ତି ।

*ତୁମେ ଜାଣିଛ କି ?*

*ବର୍ତ୍ତମାନ ମାତ୍ର ୫ ଗୋଟି ରାଜ୍ୟରେ ବିଧାନ ପରିଷଦ ରହିଛି । ସେହି ରାଜ୍ୟଗୁଡ଼ିକ ହେଲା – ବିହାର, ମହାରାଷ୍ଟ୍ର କର୍ଣ୍ଣାଟକ, ଉତ୍ତରପ୍ରଦେଶ ଏବଂ ଆନ୍ଧ୍ର ପ୍ରଦେଶ । ଆନ୍ଧ୍ରପ୍ରଦେଶରେ ୨୦୦୭ ମସିହାରେ ବିଧାନ ପରିଷଦ ପୁନଃସ୍ଥାପିତ ହୋଇଅଛି । ଏହା ୧୯୮୫ ମସିହାରେ ଉଠିଯାଇଥିଲା ।*

୭୩ ତମ ଓ ୭୪ ତମ ସମ୍ବିଧାନ ସଂଶୋଧନ ଆଇନ ଜରିଆରେ ଭାରତର ସମ୍ବିଧାନରେ ନିର୍ବାଚନଭିତ୍ତିକ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସୂଚିତ ହୋଇଛି । ଦେଶର ସହରାଞ୍ଚଳରେ ପୌର ନିଗମ, ପୌର ପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନର ବ୍ୟବସ୍ଥା ହୋଇଛି । ସେହିପରି ଗ୍ରାମାଞ୍ଚଳରେ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତର ବ୍ୟବସ୍ଥା ରହିଛି । ଏହି ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଦ୍ୱାରା ତୃଣମୂଳ ସ୍ତରରେ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇପାରିଛି ଓ ଏହା ଫଳରେ ତୃଣମୂଳ ସ୍ତରପର୍ଯ୍ୟନ୍ତ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ସମ୍ଭବ ହୋଇପାରଛି ।

ଭାରତରେ ଲୋକସଭା, ରାଜ୍ୟ ବିଧାନସଭା ଓ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ପ୍ରତିନିଧିମାନଙ୍କୁ ନିର୍ବାଚିତ କରିବା ପାଇଁ **ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା** ପ୍ରଚଳିତ ହୋଇଅଛି । ଏହି ବ୍ୟବସ୍ଥା ହେଉଛି ଗଣତନ୍ତ୍ରର ମୂଳଭିତ୍ତି । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ସମ୍ପତ୍ତି ଓ ଶିକ୍ଷା ନିର୍ବିଶେଷରେ ପ୍ରତ୍ୟେକ ସାବାଳକ ଭାରତୀୟ ନାଗରିକ ନିର୍ବାଚନରେ ମତଦାନ ଅଧିକାର ପାଇଛନ୍ତି । ଏହା ଏକ ସମ୍ବିଧାନସମ୍ମତ ଆଇନଗତ ଅଧିକାର । ଭାରତରେ ବର୍ତ୍ତମାନ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସାବାଳକ ନାଗରିକ ମତଦାନ ଅଧିକାର ଉପଭୋଗ କରୁଛନ୍ତି । ଆମ ସମ୍ବିଧାନର ୩୨୬ ଧାରାରେ ସାର୍ବଜନୀନ ସାବାଳକ ମତଦାନ ପ୍ରଥା ବିଷୟରେ ଉଲ୍ଲେଖ ରହିଛି । ଏହାକୁ ଆଧାର କରି ସଂସଦରେ ଲୋକପ୍ରତିନିଧି ଆଇନ ୧୯୫୦ ଓ ୧୯୫୧ ପ୍ରଣୀତ ହୋଇଅଛି । ଭାରତରେ ଗଣତନ୍ତ୍ରର ସଫଳ ରୂପାୟନ ପାଇଁ ନିର୍ବାଚନରେ ମତଦାନ କରିବା ନାଗରିକମାନଙ୍କର ଏକ ରାଜନୀତିକ କର୍ତ୍ତବ୍ୟବୋଧ କହିଲେ ଠିକ୍ ହେବ ।

❖ ❖ ❖

251M9A

## ଦ୍ୱିତୀୟ ଅଧ୍ୟାୟ
# ଭାରତରେ ଗଣତନ୍ତ୍ର
## ନିର୍ବାଚନ ପ୍ରକ୍ରିୟା ଓ ନିର୍ବାଚନ ଆୟୋଗ

### (କ) ନିର୍ବାଚନ ପ୍ରକ୍ରିୟା :

ଜନମତ ହେଉଛି ଗଣତନ୍ତ୍ରର ଭିତ୍ତିଭୂମି। ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ମାଧ୍ୟମରେ ଜନମତ ସାବ୍ୟସ୍ତ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହି ନିର୍ବାଚନ କରାଯାଏ ଓ ପ୍ରତିନିଧି ସଭା ଗଠନ କରାଯାଏ। ଆମ ଦେଶରେ ଲୋକସଭା ଓ ପ୍ରତ୍ୟେକ ରାଜ୍ୟ ବିଧାନ ସଭାର ପୁନର୍ଗଠନ ପାଇଁ ପ୍ରତି ପାଞ୍ଚ ବର୍ଷରେ ଥରେ ନିର୍ବାଚନ କରାଯିବାର ବ୍ୟବସ୍ଥା ରହିଛି। ଏହି ନିର୍ବାଚନ ସାର୍ବଜନୀନ ସାବାଳକ ମତଦାନ ପ୍ରଥା ଉପରେ ଆଧାରିତ। ଗଣତାନ୍ତ୍ରିକ ସରକାରରେ ଜନକଲ୍ୟାଣ ବା ଜନମଙ୍ଗଳ ପାଇଁ ଆଇନ ପ୍ରଣୟନ କରିବା ଉଦ୍ଦେଶ୍ୟରେ ନିର୍ବାଚନ ମାଧ୍ୟମରେ ଲୋକମାନେ ସେମାନଙ୍କର ପ୍ରତିନିଧି ଚୟନ କରନ୍ତି। କେଉଁ ରାଜନୈତିକ ଦଳ ସରକାର ଗଠନ କରିବେ, ସେହି ନିଷ୍ପତ୍ତି ମଧ୍ୟ ମତଦାତାମାନେ ଏହି ନିର୍ବାଚନ ମାଧ୍ୟମରେ କରିଥା'ନ୍ତି। ଏଣୁ ବିଶେଷ କରି ଆମ ଗଣତନ୍ତ୍ରରେ ନିର୍ବାଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତର ସମ୍ବିଧାନ ପ୍ରଣେତାମାନେ ଏକ ମୁକ୍ତ, ଅବାଧ ଓ ନିର୍ମଳ ନିର୍ବାଚନ ପ୍ରକ୍ରିୟା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ନିର୍ବାଚନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ହେଲେ ଗଣତନ୍ତ୍ର ଭୁଷୁଡ଼ି ପଡ଼ିବ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର କୁଠାରାଘାତ ହେବ, ଏଥିରେ ସନ୍ଦେହ ନାହିଁ।

### (ଖ) ନିର୍ବାଚନର ପ୍ରକାର ଭେଦ :

ନିର୍ବାଚନ ମୁଖ୍ୟତଃ ଦୁଇ ପ୍ରକାରର : ଯଥା– ପ୍ରତ୍ୟକ୍ଷ ନିର୍ବାଚନ ଓ ପରୋକ୍ଷ ନିର୍ବାଚନ।

**୧. ପ୍ରତ୍ୟକ୍ଷ ନିର୍ବାଚନ :** ପ୍ରତ୍ୟକ୍ଷ ନିର୍ବାଚନରେ ସମସ୍ତ ମତଦାତା ସିଧାସଳଖ ନିର୍ବାଚନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ନିଜର ମତଦାନ କରିଥାଆନ୍ତି ଏବଂ ନିଜର ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାଆନ୍ତି। ଆମ ଦେଶରେ ଲୋକସଭା ଓ ରାଜ୍ୟ ବିଧାନସଭା ପାଇଁ ପ୍ରତିନିଧି ଚୟନ ପ୍ରତ୍ୟକ୍ଷ ନିର୍ବାଚନ ମାଧମରେ କରାଯାଏ। ଆମ ଦେଶକୁ ୫୪୩ ଗୋଟି ଏକ-ସଦସ୍ୟ ବିଶିଷ୍ଟ ସଂସଦୀୟ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଛି। ନିର୍ଦ୍ଦିଷ୍ଟସଂଖ୍ୟକ ଜନ ସଂଖ୍ୟାକୁ ଆଧାର କରି ଲୋକସଭା ଆସନ ଓ ରାଜ୍ୟ ବିଧାନସଭା ଆସନ ପାଇଁ ଅଲଗା ଅଲଗା ନିର୍ବାଚନମଣ୍ଡଳୀ ସ୍ଥିର କରାଯାଇଛି। ପ୍ରତି ନିର୍ବାଚନମଣ୍ଡଳୀରୁ ଜଣେ ଲେଖାଏଁ ପ୍ରତିନିଧି ନିର୍ବାଚିତ ହୁଅନ୍ତି। ତେଣୁ ଏଗୁଡ଼ିକୁ **'ଏକ-ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ'** କୁହାଯାଏ। ପ୍ରତି ପାଞ୍ଚବର୍ଷରେ ଥରେ ଲେଖାଏଁ ଲୋକସଭା ଓ ରାଜ୍ୟ ବିଧାନସଭା ପାଇଁ ସାଧାରଣ ନିର୍ବାଚନ ମାଧ୍ୟମରେ ଲୋକ ପ୍ରତିନିଧି ନିର୍ବାଚିତ ହୁଅନ୍ତି। ଆବଶ୍ୟକ ସ୍ଥଳେ ଉପ-ନିର୍ବାଚନ ଓ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ବ୍ୟବସ୍ଥା ରହିଛି। କୌଣସି ନିର୍ବାଚିତ ସଦସ୍ୟଙ୍କ ଇସ୍ତଫା କିମ୍ବା ମୃତ୍ୟୁ ହେତୁ ବା ତାଙ୍କର ନିର୍ବାଚନ ଅସିଦ୍ଧ ଘୋଷିତ ହେଲେ, ସେହି ଶୂନ୍ୟ ପଡ଼ିଥିବା ସଦସ୍ୟ ପଦ ପୂରଣ ପାଇଁ ଉପ-ନିର୍ବାଚନ କରାଯାଏ। ଉକ୍ତ ନବ-ନିର୍ବାଚିତ ସାଂସଦ ବା ବିଧାୟକ କେବଳ ଶୂନ୍ୟ ପଡ଼ିଥିବା ସଦସ୍ୟ ପଦର ଅବଶିଷ୍ଟ ସମୟ ପାଇଁ ନିର୍ଦ୍ଦିଷ୍ଟ ଗୃହର ସଦସ୍ୟ ରହନ୍ତି। ଯଦି ଲୋକସଭା ବା ରାଜ୍ୟ ବିଧାନସଭା ତାହାର ସ୍ୱାଭାବିକ କାର୍ଯ୍ୟକାଳ (ପାଞ୍ଚବର୍ଷ) ଶେଷହେବା ପୂର୍ବରୁ ଭାଙ୍ଗିଯାଏ, ତେବେ **ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ** କରାଯାଏ। ପୂର୍ବରୁ ଭାରତରେ ବିଭିନ୍ନ ସମୟରେ ଲୋକସଭା ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କରାଯାଇଛି। ପ୍ରତ୍ୟକ୍ଷ ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକ ନିଜର ରାଜନୈତିକ କର୍ତ୍ତବ୍ୟ

ପ୍ରତି ସଚେତନ ରହେ ଓ ନିଜ ମତଦାନ ଅଧିକାରର ଗୁରୁତ୍ୱ ବୁଝି ଥାଏ । ଏହି ନିର୍ବାଚନ ପ୍ରକ୍ରିୟାରେ ଲୋକ ପ୍ରତିନିଧିମାନେ ଜନ ସମର୍ଥନ ହାସଲ କରିବା ପାଇଁ ମତଦାତା ମାନଙ୍କ ସହିତ ସମ୍ପର୍କ ରକ୍ଷା କରିବା ବିଧେୟ । ପ୍ରତ୍ୟକ୍ଷ ଗଣତନ୍ତ୍ରରେ ନିର୍ବାଚନ ପ୍ରକ୍ରିୟା ଲୋକମାନଙ୍କର ରାଜନୀତିକ ଚିନ୍ତାଧାରାକୁ ଉଜ୍ଜୀବିତ କରାଏ ଏବଂ ରାଜନୈତିକ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଏ ।

*ତୁମେ ଜାଣିଛ କି ?*

***ଲୋକସଭାର ନିର୍ବାଚିତ ୫୪୩ ଜଣ ସାଂସଦଙ୍କୁ ବାଦ୍‌ଦେଲେ, ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟ ମଧ୍ୟରୁ ୨ ଜଣଙ୍କୁ ରାଷ୍ଟ୍ରପତି ମନୋନୀତ ସାଂସଦ ଭାବେ ଲୋକସଭାକୁ ମନୋନୀତ କରନ୍ତି, ଯଦି ତାଙ୍କର ଏହା ହୃଦ୍‌ବୋଧ ହୁଏ ଯେ ସେହି ସମ୍ପ୍ରଦାୟକୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିନାହିଁ ।***

**୨. ପରୋକ୍ଷ ନିର୍ବାଚନ :** ପରୋକ୍ଷ ନିର୍ବାଚନରେ ଲୋକମାନେ ପରୋକ୍ଷ ଭାବରେ ନିଜର ପ୍ରତିନିଧିଙ୍କୁ ବାଛିଥା'ନ୍ତି । ଏଥିରେ ମତଦାତାମାନେ ପ୍ରଥମେ ଗୋଟିଏ ପ୍ରତିନିଧି ସଭା ପାଇଁ ଲୋକପ୍ରତିନିଧି ନିର୍ବାଚିତ କରନ୍ତି । ଏହି ନିର୍ବାଚିତ ଲୋକ ପ୍ରତିନିଧି ସଭାର ସଦସ୍ୟମାନେ ଅନ୍ୟ ଲୋକ ପ୍ରତିନିଧିମାନଙ୍କୁ ନିର୍ବାଚିତ କରନ୍ତି । ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟସଭାର ସଦସ୍ୟ ଓ ରାଜ୍ୟ ବିଧାନପରିଷଦର ସଦସ୍ୟମାନେ ପରୋକ୍ଷ ନିର୍ବାଚନ ମାଧ୍ୟମରେ ନିର୍ବାଚିତ ହୋଇଥା'ନ୍ତି । ସଂସଦର ଉଭୟ ଗୃହ (ଲୋକସଭା ଓ ରାଜ୍ୟସଭା)ର ନିର୍ବାଚିତ ସଦସ୍ୟ ଏବଂ ରାଜ୍ୟ ବିଧାନସଭାମାନଙ୍କର ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଗଠିତ ଏକ "ନିର୍ବାଚକ ମଣ୍ଡଳୀ" ଭାରତର ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି । କେବଳ ଲୋକସଭା ଓ ରାଜ୍ୟ ସଭାର ସାଂସଦମାନେ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି । ପ୍ରତ୍ୟେକ ରାଜ୍ୟ ବିଧାନସଭାର ବିଧାୟକମାନେ ନିଜ ରାଜ୍ୟରୁ ନିର୍ଦ୍ଦିଷ୍ଟ ସଂଖ୍ୟକ ରାଜ୍ୟସଭା ସଦସ୍ୟମାନଙ୍କୁ ନିର୍ବାଚିତ କରନ୍ତି । ସେହିପରି ରାଜ୍ୟ ବିଧାନ ପରିଷଦର ଏକତୃତୀୟାଂଶ ସଦସ୍ୟ ରାଜ୍ୟ ବିଧାନସଭାର ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ଏହି ସବୁ ନିର୍ବାଚନରେ ଦେଶର ମତଦାତାମାନେ ସିଧାସଳଖ ସଂପୃକ୍ତ ନୁହନ୍ତି । ପରୋକ୍ଷ ନିର୍ବାଚନରେ କମ୍ ଖର୍ଚ୍ଚ ହୋଇଥାଏ ଏବଂ ଦଳୀୟ ରାଜନୀତିର ପ୍ରଭାବ କମ୍ ଥାଏ ।

## ଭାରତରେ ପ୍ରଚଳିତ ନିର୍ବାଚନ ବ୍ୟବସ୍ଥାର ବିଶେଷତ୍ୱ :

ଆମ ଦେଶରେ ପ୍ରଚଳିତ ନିର୍ବାଚନ ବ୍ୟବସ୍ଥାର ଲକ୍ଷଣ ଗୁଡ଼ିକ ନିମ୍ନରେ ଆଲୋଚିତ ହୋଇଛି ।

(କ) ଆମ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଲୋକସଭା, ରାଜ୍ୟ ବିଧାନ ସଭାର ସଦସ୍ୟ, ସହରାଞ୍ଚଳର ଓ ଗ୍ରାମାଞ୍ଚଳର କେତେକ ସ୍ୱାୟତ୍ତ ଶାସନ ସଂସ୍ଥା; ଯଥା– ପୌର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ନିର୍ବାଚିତ ସଦସ୍ୟ ଚୟନ ପ୍ରତ୍ୟକ୍ଷ ନିର୍ବାଚନ ମାଧ୍ୟମରେ କରାଯାଏ । ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି ।

(ଖ) ରାଜ୍ୟସଭା ଓ ରାଜ୍ୟ ବିଧାନ ପରିଷଦର ସଦସ୍ୟ, ଭାରତର ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ପରୋକ୍ଷ ନିର୍ବାଚନ ପଦ୍ଧତି ମାଧ୍ୟମରେ ନିର୍ବାଚିତ ହୁଅନ୍ତି ।

(ଗ) ପୂର୍ବ ପ୍ରଚଳିତ ସମ୍ପ୍ରଦାୟଭିତ୍ତିକ ନିର୍ବାଚନ ମଣ୍ଡଳୀ ଓ ଅନ୍ୟ କୌଣସି ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀର ପ୍ରଚଳନ ବ୍ୟବସ୍ଥା ଏବେ ଆମେ ଦେଶରେ ନାହିଁ । ଲୋକସଭା ଓ ରାଜ୍ୟ ବିଧାନସଭାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ଯୋଗ୍ୟ ମତଦାତାଙ୍କର ଏକ ନାମ ତାଲିକା (ଭୋଟର୍ ଲିଷ୍ଟ) ପ୍ରସ୍ତୁତିର ବ୍ୟବସ୍ଥା ରହିଛି । ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗର ବିଭିନ୍ନତା କାରଣରୁ କୌଣସି ନାଗରିକଙ୍କର ନାମ

ମତଦାତାଙ୍କ ନାମ ତାଲିକାରୁ ବାଦ ପଡ଼ିବ ନାହିଁ। ପ୍ରତ୍ୟେକ ଯୋଗ୍ୟ ମତଦାତା ଗୋଟିଏ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେବେ ଏବଂ ସେମାନେ ସେହି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରତିନିଧିଙ୍କୁ ଲୋକସଭା ଓ ରାଜ୍ୟ ବିଧାନ ସଭା ପାଇଁ ଅଲଗା ଭାବରେ ନିର୍ବାଚିତ କରିବେ।

(ଘ) ସାର୍ବଜନୀନ ସାବାଳକ ମତଦାନ ପ୍ରଥା ହେଉଛି ଭାରତୀୟ ନିର୍ବାଚନ ବ୍ୟବସ୍ଥାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ପ୍ରଥା ଅନୁସାରେ ଜାତି, ଧର୍ମ, ଲିଙ୍ଗ, ସମ୍ପତ୍ତି ଓ ଜନ୍ମସ୍ଥାନ ନିର୍ବିଶେଷରେ ୧୮ ବର୍ଷ ବା ତଦୂର୍ଦ୍ଧ୍ୱ ବୟସରେ ଉପନୀତ ପ୍ରତ୍ୟେକ ଭାରତୀୟ ସାବାଳକ ନାଗରିକ ନିଜର ମତଦାନ ସାବ୍ୟସ୍ତ କରିବାର ଅଧିକାର ଲାଭ କରିଥା'ନ୍ତି। ଏହି ସାବାଳକ ମତଦାତା ମାନଙ୍କର ନାମ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ମତଦାତାଙ୍କ ନାମ ତାଲିକାରେ ସାମିଲ ହୋଇଥାଏ। ସମ୍ବିଧାନର ୩୨୬ ଧାରାରେ ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ରହିଛି।

(ଙ) ଲୋକସଭା, ରାଜ୍ୟସଭା, ରାଜ୍ୟ ବିଧାନସଭା, ରାଜ୍ୟ ବିଧାନ ପରିଷଦ ଏବଂ ଅନ୍ୟାନ୍ୟ ନିର୍ବାଚିତ ପଦବୀ ପାଇଁ ନିର୍ଦ୍ଦିଷ୍ଟ ଯୋଗ୍ୟତା ବିଷୟରେ ସମ୍ବିଧାନରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି।


(ଚ) ପ୍ରତ୍ୟେକ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ମତଦାତାଙ୍କ ନାମ ତାଲିକାରେ ନିୟମିତ ଭାବରେ ନିର୍ବାଚନ ପୂର୍ବରୁ ସଂଶୋଧନ କରାଯାଇଥାଏ। ପ୍ରତ୍ୟେକ ଜନଗଣନା ଶେଷହେବା ପରେ ପ୍ରାୟତଃ ଏହା ସଂଶୋଧିତ ହୋଇଥାଏ। ଜନଗଣନା ପ୍ରତି ଦଶ ବର୍ଷରେ ଥରେ ହୁଏ। ଏତଦ ବ୍ୟତୀତ କୌଣସି ନିର୍ବାଚନ ପୂର୍ବରୁ ଭାରତର ନିର୍ବାଚନ ଆୟୋଗଙ୍କ ଆଦେଶ ବଳରେ ମଧ୍ୟ ମତଦାତାଙ୍କ ନାମ ତାଲିକାରେ ସଂଶୋଧନ କାର୍ଯ୍ୟ କରାଯାଇଥାଏ।

(ଛ) ଆମ ଦେଶରେ ଏକ-ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ନର୍ବାଚନ ମଣ୍ଡଳୀର ଲୋକସଂଖ୍ୟା ପ୍ରାୟତଃ ସମାନ। ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଜଣେ ମାତ୍ର ପ୍ରାର୍ଥୀ ନିର୍ବାଚିତ ହୋଇ ଥାଆନ୍ତି।

(ଜ) ଆମ ଦେଶରେ ଗୋପନୀୟ ମତଦାନ ବ୍ୟବସ୍ଥାର ପ୍ରଚଳନ ରହିଛି। ଏହା ଫଳରେ ଜଣେ ମତଦାତା ନିର୍ଭୟରେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଥାଆନ୍ତି। ଫଳରେ ନିର୍ବାଚନ ଅବାଧ, ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ହୋଇଥାଏ।

(ଝ) ନିର୍ବାଚନରେ ଜୟଯୁକ୍ତ ହେବା ପାଇଁ ଜଣେ ପ୍ରାର୍ଥୀ ମିଳିଥିବା ସମସ୍ତ **'ସିଦ୍ଧମତ'**ର ଆପେକ୍ଷିକ ସଂଖ୍ୟା ଗରିଷ୍ଠ ସମର୍ଥନ ଲାଭକରିବା ଆବଶ୍ୟକ। ଏହାର ଅର୍ଥ ହେଲା– ଗୋଟିଏ ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ଯେଉଁ ପ୍ରାର୍ଥୀ ସର୍ବାଧିକ **'ସିଦ୍ଧମତ'** ପାଇଥିବେ, ସେ ନିର୍ବାଚିତ ଘୋଷିତ ହେବେ।

(ଞ) ନିର୍ବାଚନ ଆୟୋଗ ସଂପ୍ରତି ନିର୍ବାଚନରେ ମତଦାନ କରିବା ପାଇଁ **'ଇଲେକ୍‌ଟ୍ରୋନିକ ମତଦାନ ଯନ୍ତ୍ର'** (ଇ.ଭି.ଏମ୍)ର ପ୍ରଚଳନ କରିଛନ୍ତି। ଫଳରେ ମତଦାନ ଏବଂ ମତଗଣନା କାର୍ଯ୍ୟ ସହଜରେ ଓ ଶୀଘ୍ର ହୋଇପାରୁଛି। ତେବେ



**(ଇ.ଭି.ଏମ୍. ର ଫଟୋ)**

ସ୍ୱାୟତ୍ତ ଶାସନ ସଂସ୍ଥାର ନିର୍ବାଚନ କାର୍ଯ୍ୟରେ ମତଦାନ ବ୍ୟବସ୍ଥା **'ବ୍ୟାଲଟ୍ ପେପର'** ମାଧ୍ୟମରେ କରାଯାଉଛି।

(ଟ) ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ରର ନିମ୍ନସଦନ (ଲୋକସଭା) ଓ ରାଜ୍ୟ ବିଧାନସଭାରେ ସେମାନଙ୍କ ଜନସଂଖ୍ୟାର ଅନୁପାତ ଅନୁସାରେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ହୋଇଛି। ସମ୍ବିଧାନର ୩୩୦ ଧାରାରେ ସେମାନଙ୍କ ପାଇଁ ଲୋକସଭାରେ ଆସନ ସଂରକ୍ଷଣର ବ୍ୟବସ୍ଥା ରହିଛି ଓ ଧାରା ୩୩୨ରେ ରାଜ୍ୟ ବିଧାନସଭାରେ ଅନୁରୂପ ଆସନ ସଂରକ୍ଷଣର ବ୍ୟବସ୍ଥା ରହିଛି। ୭୩ ତମ ଓ ୭୪ ତମ ସମ୍ବିଧାନ ସଂଶୋଧନ ଆଇନରେ ଅନୁସୂଚିତ ଜାତି ଓ ଜନଜାତି ତଥା ମହିଳାଙ୍କ ପାଇଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସ୍ୱାୟତ୍ତ ଶାସନ ସଂସ୍ଥାର ପ୍ରତିନିଧି ଚୟନ ବ୍ୟବସ୍ଥାରେ ଆସନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। ଏଠାରେ ସୂଚିତ କରାଯାଇ ପାରେ ଯେ ଏ ଅବଧି ସଂସଦ ଓ ରାଜ୍ୟ ବିଧାନ ସଭାରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣର ବ୍ୟବସ୍ଥା ପାଇଁ କୌଣସି ଆଇନ ପ୍ରଣୟନ କରାଯାଇ ନାହିଁ।

> *ତୁମେ ଜାଣିଛ କି ?*
>
> ***ବର୍ତ୍ତମାନ ଲୋକସଭାରେ ୭୯ ଆସନ ଓ ୪୧ଟି ଆସନ ଯଥାକ୍ରମେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଓଡ଼ିଶା ବିଧାନ ସଭାର ୧୪୭ ଆସନ ମଧ୍ୟରୁ ୨୪ଟି ଆସନ ଅନୁସୂଚିତ ଜାତି ଓ ୩୨ଟି ଆସନ ଜନଜାତି ପାଇଁ ସଂରକ୍ଷିତ।***

(ଠ) ସମ୍ବିଧାନରେ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ବିବାଦର ସମାଧାନ ପାଇଁ ବିହିତ ବ୍ୟବସ୍ଥା ରହିଛି। ନିର୍ବାଚନ ସମ୍ପର୍କିତ ସମସ୍ତ ବିବାଦ ସମାଧାନର କ୍ଷମତା ରାଜ୍ୟର ଉଚ୍ଚ ନ୍ୟାୟାଳୟ ଓ ଦେଶର ଉଚ୍ଚତମ ନ୍ୟାୟାଳୟ ଉପରେ ନ୍ୟସ୍ତ କରାଯାଇଛି। ବିଜୟୀ ପ୍ରାର୍ଥୀମାନଙ୍କର ନିର୍ବାଚନର ବୈଧତା ସମ୍ପର୍କିତ ଆସିଥିବା ଅଭିଯୋଗର ବିଚାର ଏହି ନ୍ୟାୟାଳୟ କରିପାରିବେ। ପ୍ରତ୍ୟେକ ନିର୍ବାଚିତ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯିବା ସହିତ ତାଙ୍କୁ ଏକ **'ସ୍ୱୀକୃତି ପତ୍ର'** ମିଳିଥାଏ, ଯାହା ରିଟର୍ଣ୍ଣିଂ ଅଫିସର ପ୍ରଦାନ କରନ୍ତି। ଲୋକସଭା ନିର୍ବାଚନ ବ୍ୟବସ୍ଥାରେ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ସେହି ଜିଲ୍ଲାରେ ଥିବା ସମସ୍ତ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଫିସର ଭାବରେ ନିଯୁକ୍ତ ହୁଅନ୍ତି। ଉପ-ଜିଲ୍ଲାପାଳଙ୍କୁ ସଂପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ରାଜ୍ୟ ବିଧାନସଭାର ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଫିସର ଭାବରେ ନିଯୁକ୍ତ କରାଯାଏ। ଭାରତର ନିର୍ବାଚନ ଆୟୋଗ ରିଟର୍ଣ୍ଣିଂ ଅଫିସରମାନଙ୍କୁ ନିଯୁକ୍ତ କରନ୍ତି।

(ଡ) ଭାରତରେ ସାଧାରଣ ନିର୍ବାଚନ ପରିଚାଳନାର ଦାୟିତ୍ୱ ଦେଶର **ନିର୍ବାଚନ ଆୟୋଗ** ଉପରେ ନ୍ୟସ୍ତ କରାଯାଇଛି। ଏହା ଏକ ସାମ୍ବିଧାନିକ ସ୍ୱୟଂଶାସିତ ସଂସ୍ଥା। ଏହି ନିର୍ବାଚନ ଆୟୋଗ ସଂସଦ ଓ ରାଜ୍ୟ ବିଧାନମଣ୍ଡଳର ସଦସ୍ୟ ପଦ ପାଇଁ ଏବଂ ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ପରିଚାଳନା କରିଥାଏ ଓ ନିର୍ବାଚନ କାର୍ଯ୍ୟ ନିୟନ୍ତ୍ରଣ କରିଥାଏ ।

> *ତୁମେ ଜାଣିଛ କି ?*
>
> ***ମତଦାତାଙ୍କର ନିର୍ବାଚନ ଫଟୋ ପରିଚୟ ପତ୍ର : ପ୍ରତ୍ୟେକ ମତଦାତାଙ୍କୁ ଗୋଟିଏ ଲେଖାଏଁ 'ପରିଚୟ ପତ୍ର' ମିଳିଥାଏ। ଏହାକୁ ନିର୍ବାଚନ ଆୟୋଗ ଦେଇଥା'ନ୍ତି । ସେଥିରେ ମତଦାତାଙ୍କ ନାମ, ବୟସ, ବାସସ୍ଥାନ, ପିତା / ସ୍ୱାମୀଙ୍କର ନାମ ସୂଚିତ ହୋଇଥାଏ। ମତଦାନ ସମୟରେ ମତଦାତାଙ୍କ ପରିଚୟ ଏହି 'ପରିଚୟ ପତ୍ର' ଦ୍ୱାରା ସାବ୍ୟସ୍ତ ହୋଇଥାଏ।***

(ଢ) ସମ୍ବିଧାନ ଓ ଆଇନଗତ ବ୍ୟବସ୍ଥା ମାଧ୍ୟମରେ ସୂଚିତ ମାନସିକ ବିକୃତି, ଅଣନାଗରିକତା, କେତେକ ନିର୍ଦ୍ଦିଷ୍ଟ ଅପରାଧ ବା ନିର୍ବାଚନରେ ଦୁର୍ନୀତି ପରାୟଣତା, ବାସସ୍ଥାନରୁ ବିଚ୍ୟୁତ ଓ ବେଆଇନ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟଥିବା ଇତ୍ୟାଦି କାରଣରୁ ଅଯୋଗ୍ୟ ବିବେଚିତ ବ୍ୟକ୍ତି ମତଦାନ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ।

(ଣ) **ନିର୍ବାଚନ ଖର୍ଚ୍ଚ** : ପ୍ରତ୍ୟେକ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ଖର୍ଚ୍ଚର ସର୍ବାଧିକ ପରିମାଣ ସୀମା ଆଇନ ମାଧ୍ୟମରେ

ଧାର୍ଯ୍ୟ କରାଯାଇଛି । ପ୍ରତ୍ୟେକ ଲୋକସଭା ପ୍ରାର୍ଥୀଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଓ ପ୍ରତ୍ୟେକ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଏହି ପରିମାଣ ୧୦ ଲକ୍ଷ ଟଙ୍କା ସ୍ଥିର କରାଯାଇଛି । ତତ୍‌ସଂପର୍କିତ ସମସ୍ତ ହିସାବ ପତ୍ର ପ୍ରାର୍ଥୀ ନିର୍ବାଚନ ଆୟୋଗକୁ ପଠାଇବେ ।

**ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟ :**

ଭାରତରେ ନିର୍ବାଚନ ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟଭୁକ୍ତ । ତାହା ନିମ୍ନରେ ଆଲୋଚିତ ହୋଇଅଛି ।

**୧. ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ :** ଲୋକସଭାର ୫୪୩ଟି ସ୍ଥାନ ପାଇଁ ନିର୍ବାଚନ କରାଯିବା ଉଦ୍ଦେଶ୍ୟରେ ସମଗ୍ର ଦେଶକୁ ୫୪୩ ଗୋଟି ଏକ-ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଅଛି । ଏହା ମୁଖ୍ୟତଃ ଜନସଂଖ୍ୟା ଉପରେ ଆଧାରିତ । ଜନସଂଖ୍ୟା ବୃଦ୍ଧିକୁ ଆଧାରକରି ନିର୍ବାଚନ ମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରିତ ହୋଇଥାଏ । ପ୍ରାୟତଃ ପ୍ରତ୍ୟେକ ଜନଗଣନା ପରେ ଏହି କାର୍ଯ୍ୟ **'ନିର୍ବାଚନ ମଣ୍ଡଳୀ ସୀମାନିର୍ଦ୍ଧାରଣ ଆୟୋଗ'** ଦ୍ୱାରା ସ୍ଥିର କରାଯାଇଥାଏ । ଜନସଂଖ୍ୟା ଅନୁସାରେ ରାଜ୍ୟମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟକ ବିଧାନସଭା ଓ ଲୋକସଭା ଆସନ ସ୍ଥିର କରାଯାଇଥାଏ । ଲୋକସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଗୋଟିଏ ନିର୍ବାଚନ ମଣ୍ଡଳୀ ଏକାଧିକ ରାଜ୍ୟ ବିଧାନ ସଭା ନିର୍ବାଚନ ମଣ୍ଡଳୀକୁ ନେଇ ଗଠିତ ।

ଓଡ଼ିଶାର ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡ଼ିକ ୨୧ ଗୋଟି ଲୋକସଭା ନିର୍ବାଚନ ମଣ୍ଡଳୀର ଅନ୍ତର୍ଭୁକ୍ତ ଓ ଏହାର ଅନୁପାତ ହେଉଛି– ୭:୧ । ଲୋକସଭା ଓ ରାଜ୍ୟ ବିଧାନସଭାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଜନସଂଖ୍ୟା ପ୍ରାୟତଃ ସମାନ ।

**ଓଡ଼ିଶା ବିଧାନସଭାର ନିର୍ବାଚନ ମଣ୍ଡଳୀ**



**ତୁମେ ଜାଣିଛ କି ?**

*ଓଡ଼ିଶାରେ ୨୧ଗୋଟି ଲୋକସଭା ମଣ୍ଡଳୀ ରହିଅଛି । ସେଗୁଡ଼ିକ ହେଲା–*

*(୧) ଆସ୍କା, (୨) ବାଲେଶ୍ୱର, (୩) ବରଗଡ଼, (୪) ବ୍ରହ୍ମପୁର, (୫) ଭଦ୍ରକ (ସଂ), (୬) ଭୁବନେଶ୍ୱର, (୭) ବାଲାଙ୍ଗିର, (୮) କଟକ, (୯) ଢେଙ୍କାନାଳ, (୧୦) ଜଗତସିଂହପୁର (ସଂ), (୧୧) ଯାଜପୁର (ସଂ), (୧୨) କଳାହାଣ୍ଡି, (୧୩) କନ୍ଧମାଳ, (୧୪) କେନ୍ଦ୍ରାପଡ଼ା, (୧୫) କେନ୍ଦୁଝର (ସଂ), (୧୬) କୋରାପୁଟ (ସଂ), (୧୭) ମୟୂରଭଞ୍ଜ (ସଂ), (୧୮) ନବରଙ୍ଗପୁର (ସଂ), (୧୯) ପୁରୀ, (୨୦) ସମ୍ବଲପୁର, (୨୧) ସୁନ୍ଦରଗଡ଼ (ସଂ)*

**ତୁମେ ଜାଣିଛ କି ?**

**ଜିଲ୍ଲାୱାରୀ ଓଡ଼ିଶାର ୧୪୭ ଗୋଟି ବିଧାନସଭାମଣ୍ଡଳୀର ନାମ–**

| କ୍ରମିକ ସଂଖ୍ୟା | ଜିଲ୍ଲା | ବିଧାନସଭା ନିର୍ବାଚନମଣ୍ଡଳୀର ନାମ ଓ କ୍ରମିକ ସଂଖ୍ୟା |
|---|---|---|
| ୧. | ବରଗଡ଼ (୫) : | ପଦ୍ମପୁର (୧), ବିଜେପୁର (୨), ବରଗଡ଼ (୩), ଅତାବିରା (ସଂ) (୪), ଭଟଲି (୫) |
| ୨. | ଝାରସୁଗୁଡ଼ା (୨) | ବ୍ରଜରାଜନଗର (୬), ଝାରସୁଗୁଡ଼ା (୭) |
| ୩. | ସୁନ୍ଦରଗଡ଼ (୭) | ତଳସରା (ସଂ) (୮), ସୁନ୍ଦରଗଡ଼ (ସଂ) (୯), ବିରମିତ୍ରପୁର (ସଂ) (୧୦), ରଘୁନାଥ ପଲ୍ଲୀ (ସଂ) (୧୧), ରାଉରକେଲା (୧୨), ରାଜଗାଙ୍ଗପୁର (ସଂ)(୧୩), ବଣାଇ (ସଂ) (୧୪) |
| ୪. | ସମ୍ବଲପୁର (୪) | କୁଚିଣ୍ଡା (ସଂ) (୧୫) ରେଙ୍ଗାଲି (ସଂ) (୧୬), ସମ୍ବଲପୁର (୧୭), ରେଢ଼ାଖୋଲ (୧୮) |
| ୫. | ଦେବଗଡ଼ (୧) | ଦେବଗଡ଼ (୧୯) |
| ୬. | କେନ୍ଦୁଝର (୦୬) | ତେଲକୋଇ (ସଂ) (୨୦), ଘସିପୁରା (୨୧), ଆନନ୍ଦପୁର (ସଂ) (୨୨), ପାଟଣା (ସଂ) (୨୩), କେନ୍ଦୁଝର (ସଂ) (୨୪), ଚମ୍ପୁଆ (୨୫) |
| ୭. | ମୟୂରଭଞ୍ଜ (୯) | ଯଶୀପୁର (ସଂ) (୨୬), ସରସକଣା (ସଂ) (୨୭), ରାଇରଙ୍ଗପୁର (ସଂ) (୨୮), ବାଙ୍ଗିରିପୋଷୀ (ସଂ) (୨୯), କରଞ୍ଜିଆ (ସଂ) (୩୦), ଉଦଳା (ସଂ) (୩୧), ବାରିପଦା (ସଂ) (୩୨), ମୋରଦା (୩୪) |
| ୮. | ବାଲେଶ୍ୱର (୮) | ଜଳେଶ୍ୱର (୩୫), ଭୋଗରାଇ (୩୬), ବସ୍ତା (୩୭), ବାଲେଶ୍ୱର (୩୮), ରେମୁଣା (ସଂ) (୩୯), ନୀଳଗିରି (୪୦), ସୋର (ସଂ) (୪୧), ସିମୁଳିଆ (୪୨) |


| କ୍ରମିକ ସଂଖ୍ୟା | ଜିଲ୍ଲା | ବିଧାନସଭା ନିର୍ବାଚନମଣ୍ଡଳୀର ନାମ ଓ କ୍ରମିକ ସଂଖ୍ୟା |
|---|---|---|
| ୯. | ଭଦ୍ରକ (୫) | ଭଣ୍ଡାରୀପୋଖରୀ (୪୩), ଭଦ୍ରକ (୪୪), ବାସୁଦେବପୁର (୪୫), ଧାମନଗର (ସଂ) (୪୬), ଚାନ୍ଦବାଲି (୪୭) |
| ୧୦. | ଯାଜପୁର (୭) | ବିଂଝାରପୁର (ସଂ) (୪୮), ବରୀ (୪୯), ବଡ଼ଚଣା (୫୦), ଧର୍ମଶାଳା (୫୧), ଯାଜପୁର (୫୨), କୋରେଇ (୫୩), ସୁକିନ୍ଦା (୫୪) |
| ୧୧. | ଢେଙ୍କାନାଳ (୪) | ଢେଙ୍କାନାଳ (୫୫), ହିନ୍ଦୋଳ (ସଂ) (୫୬), କାମାକ୍ଷାନଗର (୫୭), ପରଜଙ୍ଗ (୫୮) |
| ୧୨. | ଅନୁଗୁଳ (୫) | ପାଲଲହଡ଼ା (୫୯), ତାଳଚେର (୬୦), ଅନୁଗୁଳ (୬୧), ଛେଣ୍ଡିପଦା (ସଂ) (୬୨), ଆଠମଲ୍ଲିକ (୬୩) |
| ୧୩. | ସୁବର୍ଣ୍ଣପୁର (୨) | ବୀରମହାରାଜପୁର (ସଂ) (୬୪), ସୋନପୁର (୬୫) |
| ୧୪. | ବଲାଙ୍ଗିର (୫) | ଲୋଇସିଂହା (ସଂ) (୬୬), ପାଟଣାଗଡ଼ (୬୭) ବଲାଙ୍ଗିର (୬୮), ଟିଟିଲାଗଡ଼ (୬୯), କଣ୍ଟାବାଞ୍ଜି (୭୦) |
| ୧୫. | ନୂଆପଡ଼ା (୨) | ନୂଆପଡ଼ା (୭୧), ଖରିଆର (୭୨) |
| ୧୬. | ନବରଙ୍ଗପୁର (୪) | ଉମରକୋଟ (ସଂ) (୭୩), ଝରିଗାମ୍ (ସଂ) (୭୪), ନବରଙ୍ଗପୁର (ସଂ) (୭୫), ଡାବୁଗାଁ (ସଂ) (୭୬) |
| ୧୭. | କଳାହାଣ୍ଡି (୫) | ଲାଞ୍ଜିଗଡ଼ (ସଂ) (୭୭), ଜୁନାଗଡ଼ (୭୮), ଧର୍ମଗଡ଼ (୭୯), ଭବାନୀପାଟଣା (ସଂ) (୮୦), ନର୍ଲା (ସଂ) (୮୧) |
| ୧୮. | କନ୍ଧମାଳ (୩) | ବାଲିଗୁଡ଼ା (ସଂ), (୮୨), ଉଦୟଗିରି (ସଂ) (୮୩) ଫୁଲବାଣୀ (ସଂ) (୮୪) |
| ୧୯. | ବୌଦ୍ଧ (୨) | କଣ୍ଟାମାଳ (୮୫), ବୌଦ୍ଧ (୮୬) |
| ୨୦. | କଟକ (୯) | ବଡ଼ମ୍ବା (୮୭), ବାଙ୍କି (୮୮), ଆଠଗଡ଼ (୮୯), ବାରବାଟୀ-କଟକ (୯୦), ଚୌଦ୍ୱାର-କଟକ (୯୧), ନିଆଳୀ (ସଂ) (୯୨) କଟକ ସଦର (ସଂ) (୯୩), ସାଲେପୁର (୯୪), ମାହାଙ୍ଗା (୯୫) |
| ୨୧. | କେନ୍ଦ୍ରାପଡ଼ା (୫) | ପାଟକୁରା (୯୬), କେନ୍ଦ୍ରାପଡ଼ା (ସଂ) (୯୭), ଆଳି (୯୮), ରାଜନଗର (୯୯), ମହାକାଳପଡ଼ା (୧୦୦) |
| ୨୨. | ଜଗତ୍‌ସିଂହପୁର (୪) | ପାରାଦୀପ (୧୦୧), ତିର୍ତ୍ତୋଲ (ସଂ) (୧୦୨), ବାଲିକୁଦା-ଏରସମା (୧୦୩), ଜଗତସିଂହପୁର (୧୦୪) |

| କ୍ରମିକ ସଂଖ୍ୟା | ଜିଲ୍ଲା | ବିଧାନସଭା ନିର୍ବାଚନମଣ୍ଡଳୀର ନାମ ଓ କ୍ରମିକ ସଂଖ୍ୟା |
|---|---|---|
| ୨୩. | ପୁରୀ (୬) | କାକଟପୁର (୧୦୫) (ସଂ), ନିମାପଡ଼ା (୧୦୬), ପୁରୀ (୧୦୭) ବ୍ରହ୍ମଗିରି (୧୦୮), ସତ୍ୟବାଦୀ (୧୦୯), ପିପିଲି (୧୧୦) |
| ୨୪. | ଖୋର୍ଦ୍ଧା (୮) | ଜୟଦେବ (ସଂ) (୧୧୧), ଭୁବନେଶ୍ୱର (ମଧ୍ଯ) (୧୧୨), ଭୁବନେଶ୍ୱର (ଉତ୍ତର) (୧୧୩), ଏକାମ୍ର ଭୁବନେଶ୍ୱର (୧୧୪), ଜଟଣୀ (୧୧୫), ବେଗୁନିଆ (୧୧୬), ଖୋର୍ଦ୍ଧା (୧୧୭), ଚିଲିକା (୧୧୮) |
| ୨୫. | ନୟାଗଡ଼ (୪) | ରଣପୁର (୧୧୯), ଖଣ୍ଡପଡ଼ା (୧୨୦), ଦଶପଲ୍ଲା (ସଂ) (୧୨୧), ନୟାଗଡ଼ (୧୨୨) |
| ୨୬. | ଗଞ୍ଜାମ (୧୩) | ଭଞ୍ଜନଗର (୧୨୩), ପୋଲସରା (୧୨୪), କବିସୂର୍ଯ୍ୟ ନଗର (୧୨୫), ଖଲ୍ଲିକୋଟ (ସଂ) (୧୨୬) ଛତ୍ରପୁର (ସଂ) (୧୨୭), ଆସ୍କା (୧୨୮) ସୋରଡ଼ା (୧୨୯), ସାନଖେମୁଣ୍ଡି (୧୩୦), ହିଞ୍ଜିଳି (୧୩୧), ଗୋପାଳପୁର (୧୩୨), ବ୍ରହ୍ମପୁର (୧୩୩), ଦିଗପହଣ୍ଡି (୧୩୪), ଚିକିଟି (୧୩୫) |
| ୨୭. | ଗଜପତି (୨) | ମୋହନା (ସଂ) (୧୩୬), ପାରଳାଖେମୁଣ୍ଡି (୧୩୭), |
| ୨୮. | ରାୟଗଡ଼ା (୩) | ଗୁଣୁପୁର (ସଂ) (୧୩୮), ବିଷମକଟକ (ସଂ) (୧୩୯), ରାୟଗଡ଼ା (୧୪୦) (ସଂ) |
| ୨୯. | କୋରାପୁଟ (୫) | ଲକ୍ଷ୍ମୀପୁର (ସଂ) ୧୪୧, କୋଟପାଡ଼ (ସଂ) (୧୪୨), ଜୟପୁର (୧୪୩), କୋରାପୁଟ (୧୪୪), ପଟ୍ଟାଙ୍ଗୀ (ସଂ) (୧୪୫) |
| ୩୦. | ମାଲକାନଗିରି (୨) | ମାଲକାନଗିରି (ସଂ) (୧୪୬), ଚିତ୍ରକୋଣ୍ଡା (ସଂ) (୧୪୭) |

**୨. ମତଦାତାଙ୍କ ପୂର୍ଣ୍ଣାଙ୍ଗ ନାମ ତାଲିକା ପ୍ରସ୍ତୁତି :** ନିର୍ବାଚନ ପ୍ରକ୍ରିୟାର ଆଉ ଏକ ପର୍ଯ୍ୟାୟ ହେଉଛି ମତଦାତାଙ୍କ ପୂର୍ଣ୍ଣାଙ୍ଗ ନାମ ତାଲିକା (ଭୋଟର ତାଲିକା) ପ୍ରସ୍ତୁତି। ଏଥିରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପ୍ରତ୍ୟେକ ଯୋଗ୍ୟ ସାବାଳକ ମତଦାତାଙ୍କ ନାମ ଓ ଅନ୍ୟ ବିବରଣୀ ଉଲ୍ଲେଖ କରାଯାଇଥାଏ। ଏହାକୁ ମୁଖ୍ୟତଃ ନିର୍ବାଚନ ହେବା ପୂର୍ବରୁ ସଂଶୋଧିତ କରାଯାଇଥାଏ। ସେଥିରେ ନୂତନ ମତଦାତାଙ୍କ ନାମ ଯୋଡ଼ାଯାଏ ଓ ମୃତ ମତଦାତାଙ୍କ ନାମ ତାଲିକାରୁ କାଟି ଦିଆଯାଏ। ଏହି ତାଲିକାରେ ଯେଉଁମାନଙ୍କ ନାମ ଲେଖାଯାଇଥାଏ, ସେମାନେହିଁ କେବଳ ନିର୍ବାଚନ ସମୟରେ ମତଦାନ କରିଥା'ନ୍ତି।

**୩. ନିର୍ବାଚନ କାର୍ଯ୍ୟକ୍ରମ ଘୋଷଣା ଏବଂ ରିଟର୍ଣ୍ଣିଂ ଅଫିସର ଓ ନିର୍ବାଚନ ପ୍ରକ୍ରିୟାରେ ସଂପୃକ୍ତ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତି :** ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ

ଆୟୋଗ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ବିଚାର ବିମର୍ଶ କରି ଲୋକସଭା ପାଇଁ ସାଧାରଣ ନିର୍ବାଚନର ନିର୍ଦ୍ଦିଷ୍ଟ ତାରିଖ ଓ ଦିନ ଘୋଷଣା କରନ୍ତି । ରାଜ୍ୟ ବିଧାନସଭା କ୍ଷେତ୍ରରେ ରାଜ୍ୟପାଳଙ୍କ ଆଦେଶମତେ ନିର୍ଦ୍ଦିଷ୍ଟ ତାରିଖ ଓ ଦିନ ଘୋଷଣା କରାଯାଏ । ପ୍ରାର୍ଥୀମାନଙ୍କ ଦ୍ୱାରା ନାମାଙ୍କନ ପତ୍ର ଦାଖଲର ତାରିଖ, ପ୍ରାର୍ଥୀପତ୍ର ଯାଞ୍ଚର ତାରିଖ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ମତଦାନ ତାରିଖ ଏବଂ ମତଗଣନା ତାରିଖ ମଧ୍ୟ ନିର୍ବାଚନ ଆୟୋଗ ଘୋଷଣା କରିଥାନ୍ତି । ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ଜଣେ ରିଟର୍ଣ୍ଣିଂ ଅଫିସର ଓ ତିନିଜଣ ନିରପେକ୍ଷ ପରିଦର୍ଶକ (Observer)ଙ୍କୁ ନିର୍ବାଚନ ଆୟୋଗ ନିଯୁକ୍ତ କରିଥାନ୍ତି । ନିର୍ବାଚନ ପରିଚାଳନା ପାଇଁ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନଙ୍କୁ ନିଯୁକ୍ତ କରାଯାଏ । ଜିଲ୍ଲାପାଳଙ୍କୁ



ଭୋଟର ତାଲିକା 2013 - ଓଡିଶା

91 - ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ — ଭାଗ ନଂ- 91

ଅନୁଭାଗ : 1 - ଶିଖରପୁର(ଅଂଶ), ସହର: କଟକ, ଜିଲ୍ଲା : କଟକ - 753003 — କ୍ରମଶଃ ...

1651 YVY0547596
ନାମ :ଦିବାକର ଖଟେଇ
ପିତାଙ୍କ ନାମ :ବାଞ୍ଛା ଖଟେଇ
ଘର ନଂ :203
ବୟସ : 23 ଲିଙ୍ଗ: ପୁରୁଷ

1652 YVY0547604 •
ନାମ :ଗୌର ଚନ୍ଦ୍ର ନାୟକ
ପିତାଙ୍କ ନାମ :ପିତାମ୍ବର ନାୟକ
ଘର ନଂ :203
ବୟସ : 47 ଲିଙ୍ଗ: ପୁରୁଷ

1653 YVY0547612
ନାମ :ଲିପସୀତା ନାୟକ
ପିତାଙ୍କ ନାମ :ଗୌର ଚନ୍ଦ୍ର ନାୟକ
ଘର ନଂ :203
ବୟସ : 19 ଲିଙ୍ଗ: ସ୍ତ୍ରୀ

1654 YVY0547620
ନାମ :ମଧୁସ୍ମିତା ନାୟକ
ପିତାଙ୍କ ନାମ :ଗୌର ଚନ୍ଦ୍ର ନାୟକ
ଘର ନଂ :203
ବୟସ : 18 ଲିଙ୍ଗ: ସ୍ତ୍ରୀ

1655 YVY0547638
ନାମ :ନର୍ମଦା ନାୟକ
ସ୍ୱାମୀଙ୍କ ନାମ:ଗୌର ଚନ୍ଦ୍ର ନାୟକ
ଘର ନଂ :203
ବୟସ : 41 ଲିଙ୍ଗ: ସ୍ତ୍ରୀ

1656 YVY0547778
ନାମ :କୁମାରୀ ଖଟେଇ
ସ୍ୱାମୀଙ୍କ ନାମ:ଦିବାକର ଖଟେଇ
ଘର ନଂ :203
ବୟସ : 35 ଲିଙ୍ଗ: ସ୍ତ୍ରୀ

1657 YVY0547786
ନାମ :ପ୍ରଦୀପ କୁମାର ଗୌଛାୟତ
ପିତାଙ୍କ ନାମ :ରବିନ୍ଦ୍ର ଗୌଛାୟତ
ଘର ନଂ :203
ବୟସ : 19 ଲିଙ୍ଗ: ପୁରୁଷ

1658 OR/06/043/062314
ନାମ :ବିଷ୍ଣୁ ଚରଣ ଗୋଛାୟତ
ପିତାଙ୍କ ନାମ :ବ୍ରଜବନ୍ଧୁ ଗୋଛାୟତ
ଘର ନଂ :204
ବୟସ : 56 ଲିଙ୍ଗ: ପୁରୁଷ

1659 JTV2721652
ନାମ :ଶରଧା ଗୋଛାୟତ
ସ୍ୱାମୀଙ୍କ ନାମ:ବ୍ରଜବନ୍ଧୁ ଗୋଛାୟତ
ଘର ନଂ :204
ବୟସ : 71 ଲିଙ୍ଗ: ସ୍ତ୍ରୀ

1660 OR/06/043/062316
ନାମ :ସୁଦର୍ଶନ ଗୋଛାୟତ
ପିତାଙ୍କ ନାମ :ବ୍ରଜବନ୍ଧୁ ଗୋଛାୟତ
ଘର ନଂ :204
ବୟସ : 51 ଲିଙ୍ଗ: ପୁରୁଷ

1661 OR/06/043/062317
ନାମ :ଶ୍ରୀମତୀ ଗୋଛାୟତ
ସ୍ୱାମୀଙ୍କ ନାମ:ସୁଦର୍ଶନ ଗୋଛାୟତ
ଘର ନଂ :204
ବୟସ : 47 ଲିଙ୍ଗ: ସ୍ତ୍ରୀ

1662 JTV2685337
ନାମ :ବ୍ରହ୍ମାନନ୍ଦ ଗୋଛାୟତ
ପିତାଙ୍କ ନାମ :ବିଷ୍ଣୁଚରଣ ଗୋଛାୟତ
ଘର ନଂ :204
ବୟସ : 32 ଲିଙ୍ଗ: ପୁରୁଷ

1663 OR/06/043/062318
ନାମ :ମିନତୀ ଗୋଛାୟତ
ପିତାଙ୍କ ନାମ :ବ୍ରଜବନ୍ଧୁ ଗୋଛାୟତ
ଘର ନଂ :204
ବୟସ : 36 ଲିଙ୍ଗ: ସ୍ତ୍ରୀ

1664 YVY0099150
ନାମ :ପୁଷ୍ପଲତା ଗୋଛାୟତ
ପିତାଙ୍କ ନାମ :ସୁଧାକର ଗୋଛାୟତ
ଘର ନଂ :204
ବୟସ : 23 ଲିଙ୍ଗ: ସ୍ତ୍ରୀ

1665 YVY0099168
ନାମ :ସସ୍ମିତା ଗୋଛାୟତ
ସ୍ୱାମୀଙ୍କ ନାମ:ବ୍ରହ୍ମାନନ୍ଦ ଗୋଛାୟତ
ଘର ନଂ :204
ବୟସ : 29 ଲିଙ୍ଗ: ସ୍ତ୍ରୀ

1666 YVY0099176
ନାମ :ରାମବାବୁ ପାଣଗ୍ରାନ
ପିତାଙ୍କ ନାମ :ଦେବ ନାରାୟଣ ପାଣଗ୍ରାନ
ଘର ନଂ :204
ବୟସ : 37 ଲିଙ୍ଗ: ପୁରୁଷ

1667
ନାମ :ପି ରାଜେଶ୍ୱରୀ ରାଓ
ପିତାଙ୍କ ନାମ :ପି ସୁଧାକର ରାଓ
ଘର ନଂ :204
ବୟସ : 50 ଲିଙ୍ଗ: ପୁରୁଷ

1668 YVY0337840
ନାମ :ଶମ୍ଭୁ ପାଣଗ୍ରାନ
ପିତାଙ୍କ ନାମ :ତିଲ୍‌ଧାଡି ପାଣଗ୍ରାନ
ଘର ନଂ :204
ବୟସ : 33 ଲିଙ୍ଗ: ପୁରୁଷ

1669 YVY0283234
ନାମ :ଅନୀତା ଦେବୀ
ସ୍ୱାମୀଙ୍କ ନାମ:ଶମ୍ଭୁ ପାଣଗ୍ରାନ
ଘର ନଂ :204
ବୟସ : 29 ଲିଙ୍ଗ: ସ୍ତ୍ରୀ

1670 YVY0547695
ନାମ :ଟୁନୁଟୁନୁ ରାଏ
ପିତାଙ୍କ ନାମ :ରାମଦାସ ରାଏ
ଘର ନଂ :204
ବୟସ : 35 ଲିଙ୍ଗ: ପୁରୁଷ

1671 YVY0547711
ନାମ :ରାମନାଥ ରାଏ
ପିତାଙ୍କ ନାମ :ରାମଦଶ ରାଏ
ଘର ନଂ :204
ବୟସ : 40 ଲିଙ୍ଗ: ପୁରୁଷ

(ମତଦାତାଙ୍କ ନାମ ତାଲିକାର ଏକ ନମୁନା)

ସେହି ଜିଲ୍ଲାରେ ଥିବା ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଫିସର୍ ଓ ଉପ-ଜିଲ୍ଲାପାଳଙ୍କୁ ରାଜ୍ୟ ବିଧାନସଭାର ସଂପୃକ୍ତ ଉପଖଣ୍ଡରେ ଥିବା ନିର୍ବାଚନ ମଣ୍ଡଳୀପାଇଁ ରିଟର୍ଣ୍ଣିଂ ଅଫିସର୍ ଭାବରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତି ମିଳେ। ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରତି ରାଜ୍ୟରେ ଜଣେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ **'ମୁଖ୍ୟ ନିର୍ବାଚନ ଅଧିକାରୀ'** ଭାବରେ ନିଯୁକ୍ତ ହୁଅନ୍ତି।

**୪. ପ୍ରାର୍ଥୀ ମନୋନୟନ :** ପ୍ରତ୍ୟେକ ମତଦାତାଙ୍କର ନିର୍ବାଚନରେ ପ୍ରାର୍ଥୀହେବାର ଅଧିକାର ରହିଛି। ତାଙ୍କର ସର୍ବନିମ୍ନ ବୟସ ସୀମା ଅନ୍ୟୁନ ୨୫ ବର୍ଷ ହୋଇଥିବା ବାଞ୍ଛନୀୟ। ଦଳୀୟ ପ୍ରାର୍ଥୀମାନଙ୍କୁ ରାଜନୈତିକ ଦଳ ପକ୍ଷରୁ ଦଳୀୟ 'ଟିକେଟ' ମିଳିଥାଏ। ଏହା ବ୍ୟତୀତ ନିର୍ଦ୍ଦଳୀୟ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ନିର୍ବାଚନ ଲଢ଼ି ପାରିବେ। ନିର୍ଦ୍ଦଳୀୟ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ନିର୍ବାଚନ ସଂକେତ ନିର୍ବାଚନ ଆୟୋଗ ଦେଇଥାନ୍ତି। ଦଳୀୟ ପ୍ରାର୍ଥୀ ନିଜ ଦଳର ଦଳୀୟ ଚିହ୍ନ ଦ୍ୱାରା ପରିଚିତ ହୁଅନ୍ତି।

**୫. ନାମାଙ୍କନ ପତ୍ର ଦାଖଲ :** ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକ୍ରମର ତାରିଖ ଓ ଦିନ ଘୋଷିତ ହେଲା ପରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିଜ ନିଜ ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପୂର୍ବରୁ ସେମାନେ ପୂରଣ କରିଥିବା ନାମାଙ୍କନ ପତ୍ର ଦାଖଲ କରନ୍ତି। ପ୍ରତି ନାମାଙ୍କନ ପତ୍ରରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ନାମକୁ ଅନ୍ୟୁନ ଜଣେ ମତଦାତା ପ୍ରସ୍ତାବ କରିବେ ଏବଂ ଆଉ ଜଣେ ମତଦାତା ସମର୍ଥନ କରିବେ ଏବଂ ପ୍ରାର୍ଥୀ ନିଜେ ନିଜର ସମ୍ମତି ପ୍ରଦାନ ପୂର୍ବକ ଏଥିରେ ସ୍ୱାକ୍ଷର ପ୍ରଦାନ କରିବେ। ନାମାଙ୍କନ ପତ୍ର ଦାଖଲ ପାଇଁ ଏକ ନିର୍ଦ୍ଦିଷ୍ଟ ଫର୍ମ ରହିଛି, ଯାହା ନିର୍ବାଚନ ଆୟୋଗ ଦ୍ୱାରା ପ୍ରସ୍ତୁତ କରାଯାଇଛି। ପ୍ରାୟତଃ ଅନେକ ପ୍ରାର୍ଥୀ ବିଭିନ୍ନ ରାଜନୈତିକ ଦଳଦ୍ୱାରା ସମର୍ଥିତ ହୋଇଥା'ନ୍ତି। ତା'ଛଡ଼ା ସ୍ୱାଧୀନ ପ୍ରାର୍ଥୀ ବା ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ମଧ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି। ପ୍ରତ୍ୟେକ ପ୍ରାର୍ଥୀ ନାମାଙ୍କନ ପତ୍ର ସହିତ ନିଜର ଆୟର ପରିମାଣ ଓ ନିଜ ବିରୋଧରେ ଥିବା ଫୌଜଦାରୀ ମୋକଦ୍ଦମାର ସୂଚନା ଦାଖଲ କରନ୍ତି।

*ତୁମେ ଜାଣିଛ କି ?*

***ସମ୍ବିଧାନର ଧାରା-୭୧ ଅନୁସାରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ସମ୍ପର୍କିତ ମୋକଦ୍ଦମାର ବିଚାର କେବଳ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ କରାଯାଇ ପାରିବ।***

**୬. ଅମାନତ ଅର୍ଥ ରାଶି ଦାଖଲ :** ପ୍ରତ୍ୟେକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ରାଶି ଅମାନତ (security) ଭାବରେ ଦାଖଲ କରି ଥାଆନ୍ତି। ଜଣେ ପ୍ରାର୍ଥୀଙ୍କୁ ଯଦି ତାଙ୍କର ନିର୍ବାଚନ ମଣ୍ଡଳୀରୁ ମିଳିଥିବା ସମସ୍ତ ସିଦ୍ଧମତର ଏକ-ଷଷ୍ଠାଂଶ ସମର୍ଥନ ନ ମିଳେ, ତେବେ ସେ ଦାଖଲ କରିଥିବା ଅମାନତ ରାଶି ହରାଇ ଥାଆନ୍ତି।

**୭. ନାମାଙ୍କନ ପତ୍ର ଯାଞ୍ଚ :** ପ୍ରାର୍ଥୀମାନଙ୍କ ଦ୍ୱାରା ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଶେଷହେବା ପରେ ସମସ୍ତ ପ୍ରାର୍ଥୀଙ୍କ ଉପସ୍ଥିତିରେ ରିଟର୍ଣ୍ଣିଂ ଅଫିସର ମିଳିଥିବା ସମସ୍ତ ନାମାଙ୍କନ ପତ୍ରକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥା'ନ୍ତି। ଏହି ପ୍ରକ୍ରିୟା ଚାଲୁଥିବା ସମୟରେ ପ୍ରାର୍ଥୀମାନଙ୍କର ଯୋଗ୍ୟତା ଏବଂ ସେମାନେ ନିୟମ ମୁତାବକ ସମସ୍ତ କାଗଜପତ୍ର ଏହି ନାମାଙ୍କନ ପତ୍ର ସହିତ ଦାଖଲ କରାଯାଇଛି କି ନାହିଁ, ତାହା ଯାଞ୍ଚ କରାଯାଏ। ଯେଉଁ ପ୍ରାର୍ଥୀମାନଙ୍କର ନାମାଙ୍କନ ପତ୍ର ନିର୍ବାଚନ ଆଇନ ଅନୁସାରେ ବୈଧ ବା ସିଦ୍ଧ ଘୋଷିତ ହୋଇଥାଏ, ସେମାନଙ୍କର ଏକ ପୂର୍ଣ୍ଣାଙ୍ଗ ନାମ ତାଲିକା ରିଟର୍ଣ୍ଣିଂ

ଅଫିସର ପ୍ରସ୍ତୁତ କରନ୍ତି ଏବଂ ସର୍ବସାଧାରଣ ଜାଣିବା ପାଇଁ ତାହା ଘୋଷଣା କରନ୍ତି ।

**୮. ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ନାମତାଲିକା ଘୋଷଣା :** ନାମାଙ୍କନ ପତ୍ର ଯାଞ୍ଚ ଓ ବୈଧ (ସିଦ୍ଧ) ନାମାଙ୍କନ ପତ୍ରର ଏକ ପୂର୍ଣ୍ଣାଙ୍ଗ ନାମ ତାଲିକାଟି ଘୋଷଣା କରାହେବା ପରେ ଯେ କୌଣସି ଇଚ୍ଛୁକ ପ୍ରାର୍ଥୀ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସ୍ୱଇଚ୍ଛାରେ ନିଜର ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିପାରିବେ ଏବଂ ସେମାନଙ୍କୁ ତାଙ୍କର ଅମାନତ ଟଙ୍କା ଫେରସ୍ତ କରାଯିବ । ତାହାପରେ ଅନ୍ୟ ସମସ୍ତ ପ୍ରାର୍ଥୀମାନଙ୍କର ଏକ ଚୂଡ଼ାନ୍ତ ନାମ ତାଲିକା ପ୍ରସ୍ତୁତ କରି ରିଟର୍ଣ୍ଣିଂ ଅଫିସର ସେହି ନାମ ତାଲିକାକୁ ସର୍ବସାଧାରଣ ଜାଣିବା ପାଇଁ ଘୋଷଣା କରିବେ । ଯଦି କୌଣସି ନିର୍ବାଚନ ମଣ୍ଡଳୀରୁ ଏକ ମାତ୍ର ସିଦ୍ଧ ପ୍ରାର୍ଥୀପତ୍ର ଚୂଡ଼ାନ୍ତ ହୋଇଥାଏ, ସେଠାରେ ସେହି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷିତ ହୁଅନ୍ତି ଓ ସେଠାରେ ନିର୍ବାଚନ କରାଯାଏ ନାହିଁ ।

*ତୁମେ ଜାଣିଛ କି ?*

*ଲୋକ ପ୍ରତିନିଧି ଆଇନର ବ୍ୟବସ୍ଥାନୁସାରେ ନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରକାର ମୋକଦ୍ଦମାର ବିଚାର ପ୍ରଥମେ ରାଜ୍ୟ ଉଚ୍ଚନ୍ୟାୟାଳୟରେ ଓ ପରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ କରାଯିବ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ ।*

**୯. ନିର୍ବାଚନ ସଂକେତ ପ୍ରଦାନ :** ପ୍ରତ୍ୟେକ ରାଜନୈତିକ ଦଳକୁ ନିର୍ବାଚନ ଆୟୋଗ ଦଳୀୟ ସଂକେତ ପ୍ରଦାନ କରିଅଛନ୍ତି । ଦଳଦ୍ୱାରା ସମର୍ଥିତ ପ୍ରତ୍ୟେକ ପ୍ରାର୍ଥୀ ନିଜ ଦଳର ନିର୍ବାଚନ ଚିହ୍ନ (ସଂକେତ)ରେ ନିର୍ବାଚନ ଲଢ଼ିଥା'ନ୍ତି । ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ନିର୍ବାଚନ ଆୟୋଗ ପ୍ରାର୍ଥୀ ନିଜେ ଚୟନ କରିଥିବା ନିର୍ବାଚନ ସଂକେତ ପ୍ରଦାନ କରିଥା'ନ୍ତି । ସ୍ୱାଧୀନ ପ୍ରାର୍ଥୀମାନେ ମୁଖ୍ୟତଃ ନିର୍ବାଚନ ଆୟୋଗ ଦ୍ୱାରା ସ୍ୱୀକୃତ ନିର୍ବାଚନ ସଂକେତଗୁଡ଼ିକ ମଧ୍ୟରୁ ନିଜ ପାଇଁ ଗୋଟିଏ ସଂକେତ ବାଛିବାର ବ୍ୟବସ୍ଥା ଥିଲେ ମଧ୍ୟ ନିର୍ବାଚନ ଆୟୋଗର ଏ ସମ୍ପର୍କିତ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥାଏ । **ନିର୍ବାଚନ ସଂକେତ ସର୍ବଦା ନିରପେକ୍ଷ ହେବା ବାଞ୍ଛନୀୟ ।**


**୧୦. ନିର୍ବାଚନ ପ୍ରଚାର ଅଭିଯାନ :** ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ନାମ ତାଲିକା ଘୋଷଣା କରାଯିବା ପରେ ପରେ ନିର୍ବାଚନ ପ୍ରଚାର ଅଭିଯାନ ଆରମ୍ଭ ହୋଇଥାଏ । ପ୍ରତ୍ୟେକ ରାଜନୈତିକ ଦଳ ନିଜ ନିଜ **'ଦଳର ନର୍ବାଚନ ଇସ୍ତାହାର'** ପ୍ରକାଶ କରନ୍ତି । ସେଥିରେ ନିଜ ଦଳର ଆଭିମୁଖ୍ୟ, ଦଳୀୟ କାର୍ଯ୍ୟପନ୍ଥା ଓ ଦଳର ଭବିଷ୍ୟତ କାର୍ଯ୍ୟକ୍ରମ ଓ ନିର୍ବାଚନ - ରଣକୌଶଳ ବିଷୟରେ ଉଲ୍ଲେଖ ଥାଏ । ଏହି ଇସ୍ତାହାର ମାଧ୍ୟମରେ ଜନମତକୁ ନିଜ ସପକ୍ଷରେ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଇଥାଏ । ନିର୍ଦ୍ଦଳୀୟ ସ୍ୱାଧୀନ ପ୍ରାର୍ଥୀମାନେ ନିଜ ନିଜର ବ୍ୟକ୍ତିଗତ ପ୍ରଚେଷ୍ଟାରେ ନିର୍ବାଚନ ପ୍ରଚାର ଅଭିଯାନ ଚଳାଇଥାନ୍ତି । ପ୍ରାଚୀର ପତ୍ର, ବିଜ୍ଞାପନ, ଦୂରଦର୍ଶନରେ ବିତର୍କ, ସମ୍ବାଦପତ୍ରରେ ବାର୍ତ୍ତା ପ୍ରକାଶନ, ସାଧାରଣ ସଭା, ର୍‍ୟାଲି ଇତ୍ୟାଦି ପ୍ରଚାର ବ୍ୟବସ୍ଥା ମାଧ୍ୟମରେ ନିର୍ବାଚନ ପ୍ରଚାର ଅଭିଯାନ ଚାଲୁରହେ । ପ୍ରାର୍ଥୀମାନେ ମତଦାତାମାନଙ୍କର ଘର ଘର ବୁଲି ନିଜ ସପକ୍ଷରେ ପ୍ରଚାର ଚଳାଇଥାନ୍ତି ଓ ପ୍ରତ୍ୟେକ ମତଦାତାଙ୍କର ସମର୍ଥନ ଲୋଡ଼ିଥାଆନ୍ତି । ବିଭିନ୍ନ ରାଜନୈତିକ ଦଳକୁ ଦୂରଦର୍ଶନ ଓ ଆକାଶବାଣୀ ମାଧ୍ୟମରେ ନିର୍ବାଚନ ପ୍ରଚାର କରିବାର ସୁବିଧା ଦିଆଯାଏ । ନିର୍ବାଚନ ଆୟୋଗ ଏଥିପାଇଁ ବିଭିନ୍ନ ଦଳପାଇଁ ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ସୀମା ଧାର୍ଯ୍ୟ କରନ୍ତି । ନିର୍ବାଚନ ପ୍ରଚାର ଅଭିଯାନ ମତଦାନ ପାଇଁ ନିର୍ଦ୍ଧାରିତ ଦିନର ୪୮ ଘଣ୍ଟା ପୂର୍ବରୁ ବନ୍ଦ ହୁଏ । ନିର୍ବାଚନ ପ୍ରଚାର ପାଇଁ ପ୍ରାୟ ୧୫ ଦିନ ସମୟ ମିଳିଥାଏ । ବିଭିନ୍ନ ରାଜନୈତିକ ଦଳର ପ୍ରମୁଖ ନେତାମାନେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ

ନିର୍ବାଚନ ପ୍ରଚାର କରିଥାନ୍ତି । ପ୍ରାର୍ଥୀଙ୍କର ଲୋକପ୍ରିୟତା ହିଁ ପ୍ରଚାର ଅଭିଯାନର ମୁଖ୍ୟ ଆଧାର ହୋଇଥାଏ ।

**୧୧. ଆଦର୍ଶ ଆଚରଣ ବିଧି :** ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ **'ଆଦର୍ଶ ଆଚରଣ ବିଧି'** ଲାଗୁ କରିଥାଏ । ଏହା ନିର୍ବାଚନ ସମୟରେ ହିଂସାକାଣ୍ଡ ଓ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନକୁ ରୋକିବାରେ ସହାୟକ ହୋଇଥାଏ । ପ୍ରତ୍ୟେକ ପ୍ରାର୍ଥୀ ଓ ରାଜନୈତିକ ଦଳ ମଧ୍ୟ ଏହି ଆଚରଣ ବିଧି ମାନିବାକୁ ବାଧ୍ୟ । ନଚେତ୍ ଆଦର୍ଶ ଆଚରଣ ବିଧି ଭଙ୍ଗ ଅଭିଯୋଗରେ ପ୍ରାର୍ଥୀଙ୍କୁ ନିର୍ବାଚନ ଆୟୋଗ ଦଣ୍ଡିତ କରିଥା'ନ୍ତି । ସେହିପରି କୌଣସି ପୂଜାସ୍ଥଳ ବା ଦେବପୀଠକୁ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟବହାର କରାଯାଏ ନାହିଁ ।

ନିର୍ବାଚନ ପ୍ରଚାର କାର୍ଯ୍ୟରେ ସରକାରୀ ଗାଡ଼ି ଓ ସରକାରୀ କର୍ମଚାରୀଙ୍କୁ ବ୍ୟବହାର କରାଯାଏ ନାହିଁ । ଏହା ଆଦର୍ଶ ଆଚରଣ ବିଧିର ବିରୋଧାଚରଣ କରିଥାଏ ।

**୧୨. ମତଦାନ ବ୍ୟବସ୍ଥା :** ନିର୍ବାଚନ ଆୟୋଗ ନିର୍ବାଚନ ପାଇଁ ମତଦାନ ତାରିଖ ଦିନ ଓ ସମୟ ସୀମା ସ୍ଥିର କରିଥାଆନ୍ତି । ମତଦାନ ପ୍ରକ୍ରିୟାକୁ ସୁଗମ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଏକାଧିକ ମତଦାନ କେନ୍ଦ୍ର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ସ୍ଥାପନ କରାଯାଇଥାଏ । ଦୁଇଟି ମତଦାନ କେନ୍ଦ୍ର ମଧ୍ୟରେ ଦୂରତା ପ୍ରାୟ ଏକ କିଲୋମିଟରରୁ କମ୍ ଥାଏ ଓ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ୭୦୦ ରୁ ୮୦୦ ମତଦାତା ନିଜର ମତଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଥାଏ । ମୁଖ୍ୟତଃ ବିଦ୍ୟାଳୟ ବା ମହାବିଦ୍ୟାଳୟ ପରିସରରେ ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଏ । ମତଦାନ କେନ୍ଦ୍ରଠାରୁ ୧୦୦ ମିଟର ମଧ୍ୟରେ ଦୂରତା କୌଣସି ପ୍ରକାର ନିର୍ବାଚନ ପ୍ରଚାର ନିଷିଦ୍ଧ । ପ୍ରତ୍ୟେକ ମତଦାନ କେନ୍ଦ୍ରରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବା ପାଇଁ ଜଣେ **ପ୍ରିଜାଇଡିଂ ଅଫିସର** ଓ ଏକାଧିକ **ପୋଲିଂ ଅଫିସର** ନିଯୁକ୍ତ ହୁଅନ୍ତି । ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ତରଫରୁ ସେମାନଙ୍କର ପ୍ରତିନିଧିମାନେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ମତଦାନ ସମୟରେ ଉପସ୍ଥିତ ରହନ୍ତି । ପ୍ରତ୍ୟେକ ମତଦାତା କେଉଁ ମତଦାନ କେନ୍ଦ୍ରରେ ନିଜର ମତଦାନ କରିବେ, ସେ ବିଷୟରେ ପ୍ରାର୍ଥୀମାନଙ୍କ ତରଫରୁ ପ୍ରାକ୍-ସୂଚନା ଦିଆଯାଇଥାଏ । ପ୍ରତ୍ୟେକ ମତଦାତାଙ୍କୁ ନିର୍ବାଚନ ଆୟୋଗ ତରଫରୁ ଗୋଟିଏ ଲେଖାଏଁ ଫଟୋ ପରିଚୟ ପତ୍ର ଯୋଗାଇ ଦିଆଯାଇଅଛି । ମତଦାତାମାନେ ମତଦାନ ପାଇଁ ନିର୍ଦ୍ଧାରିତ ତାରିଖ ଦିନ ଓ ସମୟ ସୀମା ମଧ୍ୟରେ ପୂର୍ବ ସୂଚିତ ମତଦାନ କେନ୍ଦ୍ରକୁ ଯାଇ **'ନିର୍ବାଚନ ଫଟୋ ପରିଚୟ ପତ୍ର'** ଦ୍ୱାରା ନିଜର ପରିଚୟ ସାବ୍ୟସ୍ତ କଲାପରେ ସେମାନଙ୍କୁ ମତଦାନ କରିବାପାଇଁ କୁହାଯାଏ । ମତଦାନ ପତ୍ର (ବ୍ୟାଲଟ୍ ପେପର)ରେ ପ୍ରାର୍ଥୀମାନଙ୍କର ନାମ ଏବଂ ନିର୍ବାଚନ ସଂକେତ ଛପା ଯାଇଥାଏ । ମତଦାତା ନିଜ ମନ ମୁତାବକ ଯେ କୌଣସି ଜଣେ ପ୍ରାର୍ଥୀଙ୍କର ନାମ ଓ ନିର୍ବାଚନ ସଂକେତ ସଂଲଗ୍ନ ଉଦ୍ଦିଷ୍ଟ ସ୍ଥାନରେ ମୋହର ଲଗାଇବାପରେ, ମତଦାନ କାଗଜକୁ ମତଦାନ ପେଟିକା ବା ବାକ୍ସରେ ପକାଇ



ELECTION COMMISSION OF INDIA
ଭାରତୀୟ ନିର୍ବାଚନ କମିଶନ
IDENTITY CARD OR/06/044/114313
ପରିଚୟ ପତ୍ର
Elector's Name : Santwana Singh
ଭୋଟରଙ୍କ ନାମ : ସାନ୍ତ୍ୱନା ସିଂହ
Father's/Mother's/Husband's Name : H - Malay Singh
ପିତା/ମାତା/ସ୍ୱାମୀଙ୍କ ନାମ : ସ୍ୱା - ମଳୟ ସିଂହ
Sex / ଲିଙ୍ଗ : Female ସ୍ତ୍ରୀ
Age as on 1.1.1994 : 24
୧.୧.୧୯୯୪ ରେ ବୟସ : ୨୪

**(ନିର୍ବାଚନ ଫଟୋ ପରିଚୟ ପତ୍ରର ନମୁନା)**

ଦିଅନ୍ତି । ଏବେ ପ୍ରାୟ ସମସ୍ତ ମତଦାନ କେନ୍ଦ୍ରରେ **'ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍'**ର ପ୍ରଚଳନ ହେଲାଣି । ଏ କ୍ଷେତ୍ରରେ ମତଦାତାମାନେ ସେହି ଯନ୍ତ୍ରରେ ଥିବା ନିର୍ଦ୍ଦିଷ୍ଟ ସୁଇଚ୍ ଟିପି ନିଜର ମନୋନୀତ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ ସାବ୍ୟସ୍ତ କରନ୍ତି । ଡାକ ମାଧ୍ୟମରେ ଭୋଟ ଦେବାର ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ରହିଛି । ମତଦାନ କରିବା ପୂର୍ବରୁ ମତଦାତାଙ୍କ ଡାହାଣ ହାତର ୨ୟ (ବିଶି) ଆଙ୍ଗୁଠି ନଖ ତଳେ ସହଜରେ ଲିଭୁ ନ ଥିବା କାଳିରେ ଏକ ଚିହ୍ନ ଲଗାଯାଏ । ଭୋଟ ଗ୍ରହଣର ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେଲାପରେ **'ମତଦାନ ପେଟି'** (ବାକ୍ସ) ଅଥବା ଇ.ଭି.ଏମ୍.ଗୁଡ଼ିକୁ କନାରେ ବାନ୍ଧି ଜଉମୁଦ ଦେଇ ସିଲ୍ କରାଯାଏ ଏବଂ ରିଟର୍ଣ୍ଣିଂ ଅଫିସରଙ୍କ ପାଖକୁ **'ମତ ଗଣତି'** ବା **'ଭୋଟ ଗଣତି'** ପାଇଁ ପଠାଯାଇଥାଏ । ମତଦାନର ସମୟ ସୀମା ସକାଳ ୭ ଘଟିକାରୁ ଅପରାହ୍ଣ ୫ ଘଟିକା ମଧ୍ୟରେ ନିର୍ଦ୍ଧାରିତ ହୋଇଥାଏ । ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ମତଦାନ ଭିନ୍ନ ଭିନ୍ନ ତାରିଖରେ ହୋଇଥାଏ । ଲୋକସଭା ଓ ରାଜ୍ୟ ବିଧାନସଭାର ନିର୍ବାଚନ ପାଇଁ ମତଦାନ ଭିନ୍ନ ଭିନ୍ନ ସମୟରେ ବା ଏକ ସମୟରେ ହୋଇଥାଏ ।

**୧୩. ସିଦ୍ଧମତ ଗଣତି ଏବଂ ଚୂଡ଼ାନ୍ତ ଫଳାଫଳ ଘୋଷଣା :** ସିଦ୍ଧମତ ଗଣତି କରାଯିବାର ସ୍ଥାନ, ତାରିଖ, ଦିନ ଓ ସମୟ ନିର୍ବାଚନ ଆୟୋଗ ଘୋଷଣା କରିଥା'ନ୍ତି । ପୂର୍ବ ସୂଚିତ ମତଦାନ (ଭୋଟ) ଗଣନା କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ମତଦାନ ପେଟି କିମ୍ବା ଇ.ଭି.ଏମ୍ଗୁଡ଼ିକୁ ଖୋଲାଯାଏ ଓ ଗଣନା ଅଧିକାରୀମାନେ ସିଦ୍ଧମତ ଗଣନା କାର୍ଯ୍ୟ ଆରମ୍ଭ କରନ୍ତି । ଏହି ଗଣନା **'ଗୋଟିଏ ମତଦାତାର ଗୋଟିଏ ଭୋଟ'** ନୀତିରେ କରାଯାଏ । ନାକଚ ହୋଇଥିବା ମତଦାନ ପତ୍ର (ଭୋଟ) ଗୁଡ଼ିକୁ ଗଣତି ହିସାବରେ ନିଆଯାଏ ନାହିଁ । ସର୍ବାଧିକ ମତଦାତାଙ୍କର ସିଦ୍ଧମତ ସମର୍ଥନ ପାଇଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଏ । ରିଟର୍ଣ୍ଣିଂ ଅଫିସର ନିର୍ବାଚନ ଫଳାଫଳ ଘୋଷଣା କରି, ସେହି ଘୋଷଣାନାମାକୁ ନିର୍ବାଚନ ଆୟୋଗକୁ ପଠାଇ ଦିଅନ୍ତି ଓ ବିଜୟୀ ପ୍ରାର୍ଥୀଙ୍କୁ ତତ୍ସମ୍ପର୍କିତ ଏକ **ସାର୍ଟିଫିକେଟ** ପ୍ରଦାନ କରନ୍ତି । ପରାଜିତ ପ୍ରାର୍ଥୀଙ୍କ ଅନୁରୋଧ କ୍ରମେ ପୁନଃ ମତଗଣତି କରାଯାଏ । ସେଥିପାଇଁ ରିଟର୍ଣ୍ଣିଂ ଅଫିସରଙ୍କ ଅନୁମତି ମିଳିବା ଦରକାର । ହିଂସାଜନିତ ଅବରୋଧ ଓ ଅନ୍ୟାନ୍ୟ କାରଣରୁ ମତଦାନ ପ୍ରକ୍ରିୟା ବାଧା ପ୍ରାପ୍ତ ହେଲେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ସେହି ମତଦାନ କେନ୍ଦ୍ରରେ ପୁନଃ ମତଦାନ ବ୍ୟବସ୍ଥା କରାଯାଇଥାଏ ।

ନିର୍ବାଚନ ପ୍ରକ୍ରିୟା ଚାଲୁଥିବା ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ନିର୍ବାଚନ ଫଳାଫଳକୁ ନେଇ ପରାଜିତ ପ୍ରାର୍ଥୀ ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ନିର୍ବାଚନ ମକଦ୍ଦମା ମାଧ୍ୟମରେ ଅଭିଯୋଗ ଆଣିପାରିବେ । ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ବିରୋଧରେ ଅଭିଯୋଗକାରୀ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ (ଅପିଲ୍) କରିପାରିବେ । ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ । ନିର୍ବାଚନ ପ୍ରକ୍ରିୟା ଚାଲୁଥିବା ସମୟରେ କୌଣସି ପ୍ରାର୍ଥୀଙ୍କର ମୃତ୍ୟୁ ଘଟିଲେ, ସେହି ନିର୍ବାଚନ ମଣ୍ଡଳୀରେ ମତଦାନ ବନ୍ଦ ରହେ



**(ମତଦାନ ବାକ୍ସରେ ମତଦାନ କାଗଜ ପକାଯାଉଥିବାର ଦୃଶ୍ୟ)**

ଓ ପରବର୍ତ୍ତୀ ସମୟରେ ପୁନଃ **ମତଦାନ** କରାଯାଏ । କୌଣସି ନିର୍ବାଚନ ମଣ୍ଡଳୀରୁ ଜଣେ ମାତ୍ର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ, ସେ **'ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ଘୋଷିତ ହୁଅନ୍ତି'** ।

*ତୁମେ ଜାଣିଛ କି ?*

***ଇ.ଭି.ଏମ୍. ବା ମତଦାନ ପତ୍ରରେ ଉଦ୍ଦିଷ୍ଟ ସ୍ଥାନରେ ନିଜ ମନପସନ୍ଦର ଜଣେ ପ୍ରାର୍ଥୀଙ୍କୁ ମତଦାତା ନିଜର ସିଦ୍ଧମତ ପ୍ରଦାନ କରିବେ। ଗୋଟିଏ ମତଦାତାଙ୍କର ମାତ୍ର ଗୋଟିଏ 'ସିଦ୍ଧମତ' ଥାଏ। ଅନ୍ୟଥା ମତଦାନ ଅସିଦ୍ଧ ଘୋଷିତ ହୁଏ ଓ ମତଦାନ ନାକଚ ହୁଏ। ନାକଚ ହୋଇଥିବା 'ମତଦାନ' ଗଣା ହୁଏନାହିଁ।***



(ଭାରତର ନିର୍ବାଚନ ଆୟୋଗ କାର୍ଯ୍ୟାଳୟର ଚିତ୍ର)

## (ଖ) ଭାରତର ନିର୍ବାଚନ ଆୟୋଗ :

ଆମ ଦେଶରେ ନିର୍ବାଚନ ପରିଚାଳନାରେ ନିର୍ବାଚନ ଆୟୋଗ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଏହା ଏକ ସମ୍ବିଧାନ ସ୍ୱୀକୃତ ସ୍ୱୟଂଶାସିତ ସଂସ୍ଥା। ଦେଶରେ ମୁକ୍ତ, ଅବାଧ ତଥା ସ୍ୱଚ୍ଛ ଏବଂ ନିର୍ମଳ ନିର୍ବାଚନ ସମ୍ପାଦନ କରିବା ପାଇଁ ଏହି ସଂସ୍ଥାକୁ ସମସ୍ତ ପ୍ରକାର ରାଜନୈତିକ, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ଚାପରୁ ଊର୍ଦ୍ଧ୍ୱରେ ରଖାଯାଇଛି। ଏହାକୁ ଅନେକ ସାମ୍ବିଧାନିକ କ୍ଷମତା ପ୍ରଦାନ କରାଯାଇଛି। ଏହାର କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଅବସ୍ଥିତ ।

## ନିର୍ବାଚନ ଆୟୋଗର ଗଠନ :

ଆମ ସମ୍ବିଧାନର ୩୨୪ ଧାରାରେ ଏକ ତିନି-ସଦସ୍ୟ ବିଶିଷ୍ଟ ନିର୍ବାଚନ ଆୟୋଗର ଗଠନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ସମ୍ପ୍ରତି ଏହି ଆୟୋଗରେ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ଦୁଇଜଣ ନିର୍ବାଚନ ଆୟୁକ୍ତ ଅଛନ୍ତି। ସେମାନଙ୍କୁ ଭାରତର ରାଷ୍ଟ୍ରପତି ନିଯୁକ୍ତି ପ୍ରଦାନ କରନ୍ତି। ନିର୍ବାଚନ ଆୟୋଗରେ କେତେଜଣ ଆୟୁକ୍ତ ରହିବେ ସେ ସଂକ୍ରାନ୍ତରେ ରାଷ୍ଟ୍ରପତି ନିଷ୍ପତ୍ତି ନେଇଥାନ୍ତି। ୧୯୮୯ ମସିହା ପରଠାରୁ ନିର୍ବାଚନ ଆୟୋଗରେ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଦୁଇଜଣ ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ନିର୍ବାଚନ ଆୟୋଗରେ କେବଳ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତ ରହୁଥିଲେ। ଏମାନେ ସାଧାରଣତଃ ଛଅ ବର୍ଷ ପାଇଁ ନିଯୁକ୍ତି ପାଇଥା'ନ୍ତି। ଏହି ପଦବୀରେ ଜଣେ ଆୟୁକ୍ତ ୬ ବର୍ଷ ପାଇଁ ବା ସର୍ବାଧିକ୬୫ ବର୍ଷ ବୟସ୍କ ହେବା ପର୍ଯ୍ୟନ୍ତ ରହିପାରିବେ। ସର୍ବୋଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ଯେଉଁ କାରଣରୁ ପଦଚ୍ୟୁତ ହୋଇଥା'ନ୍ତି, ସେହି କାରଣରୁ ସଂସଦର ପ୍ରତ୍ୟେକ ସଦନର ସ୍ୱତନ୍ତ୍ର ସଂଖ୍ୟା ଗରିଷ୍ଠ ସାଂସଦଙ୍କ ସମର୍ଥନରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ପଦଚ୍ୟୁତ ହୋଇପାରିବେ। ମୁଖ୍ୟତଃ "ପ୍ରମାଣିତ ଅସଦାଚରଣ ଓ ଶାରୀରିକ ଅସାମର୍ଥ୍ୟ" କାରଣରୁ ମୁଖ୍ୟ ଆୟୁକ୍ତଙ୍କୁ ପଦଚ୍ୟୁତ କରାଯାଇଥାଏ। ନିର୍ବାଚନ ଆୟୋଗର ଅନ୍ୟ ଆୟୁକ୍ତ ଦ୍ୱୟ ମୁଖ୍ୟ ଆୟୁକ୍ତଙ୍କ ବିନା ଅନୁମୋଦନରେ ରାଷ୍ଟ୍ରପତିଙ୍କ ଦ୍ୱାରା ପଦଚ୍ୟୁତ ହେବେନାହିଁ। ନିର୍ବାଚନ ଆୟୋଗର ଆୟୁକ୍ତଙ୍କ କାର୍ଯ୍ୟକାଳ ଓ କାର୍ଯ୍ୟ ସର୍ତ୍ତାବଳୀ ଇତ୍ୟାଦି ସଂସଦୀୟ ଆଇନ ଦ୍ୱାରା ସ୍ଥିରୀକୃତ ହୋଇଥାଏ ।

## ନିର୍ବାଚନ ଆୟୋଗର କ୍ଷମତା ଓ କାର୍ଯ୍ୟାବଳୀ :

ଭାରତୀୟ ସମ୍ବିଧାନର ଧାରା-୩୨୪ ରୁ ଧାରା-୩୨୮ ମଧ୍ୟରେ ନିର୍ବାଚନ ଆୟୋଗର କ୍ଷମତା ଓ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ନିର୍ବାଚନ ଆୟୋଗର କ୍ଷମତା ଗୁଡ଼ିକ ହେଲା :

(କ) ନିର୍ବାଚନ ଆୟୋଗ ଭାରତର ସଂସଦ ଓ ରାଜ୍ୟ ବିଧାନମଣ୍ଡଳର ନିର୍ବାଚନ ପାଇଁ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ମତଦାତା ବା ଭୋଟଦାତାଙ୍କ ନାମ ତାଲିକା ପ୍ରସ୍ତୁତ କରେ ଓ ସେଥିରେ ଆବଶ୍ୟକ ସଂଶୋଧନ କରିଥାଏ।

(ଖ) ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ ଏବଂ ସଂସଦ ଓ ରାଜ୍ୟ ବିଧାନମଣ୍ଡଳର ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ବିଷୟର ତତ୍ତ୍ୱାବଧାନ, ପରିଚାଳନା ଦାୟିତ୍ୱ ଓ ନିୟନ୍ତ୍ରଣ କ୍ଷମତା ନିର୍ବାଚନ ଆୟୋଗ ଉପରେ ନ୍ୟସ୍ତ ହୋଇଅଛି।

(ଗ) ନିର୍ବାଚନ ଆୟୋଗ, ସଂସଦ ଓ ରାଜ୍ୟ ବିଧାନ ମଣ୍ଡଳର ସଦସ୍ୟଙ୍କ ଅଯୋଗ୍ୟତା ସମ୍ପର୍କରେ ଯଥାକ୍ରମେ ରାଷ୍ଟ୍ରପତି ଓ ସଂପୃକ୍ତ ରାଜ୍ୟର ରାଜ୍ୟପାଳଙ୍କୁ ପରାମର୍ଶ ଦେଇଥାଏ।

(ଘ) ମତଦାତାମାନଙ୍କୁ "ମତଦାତାଙ୍କର ନିର୍ବାଚନ ଫଟୋ ପରିଚୟ ପତ୍ର" ନିର୍ବାଚନ ଆୟୋଗ ପ୍ରଦାନ କରିଥାଏ।

(ଙ) ନିର୍ବାଚନ ଆୟୋଗ ନିର୍ବାଚନ ତାରିଖ ଓ ତତ୍ ସମ୍ପର୍କିତ କାର୍ଯ୍ୟସୂଚୀ ବିଷୟରେ ବିଜ୍ଞପ୍ତି ଜାରି କରିଥାଏ।

(ଚ) ରାଜନୈତିକ ଦଳମାନଙ୍କୁ ନିର୍ବାଚନ ସଂକେତ ଓ ଦଳୀୟ ସ୍ୱୀକୃତି ପ୍ରଦାନ ନିର୍ବାଚନ ଆୟୋଗ ଦ୍ୱାରା କରାଯାଏ।

(ଛ) ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ତିନି ଜଣ ପର୍ଯ୍ୟବେକ୍ଷକ ଓ ଜଣେ ଲେଖାଏଁ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରନ୍ତି।

(ଜ) ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସମୟରେ **"ଆଦର୍ଶ ଆଚରଣ ବିଧି"** ଲାଗୁ କରନ୍ତି। ଏହି ଆଚରଣ ବିଧି ଭଙ୍ଗ କରୁଥିବା ପ୍ରାର୍ଥୀଙ୍କୁ ବିହିତ ଦଣ୍ଡ ବିଧାନ ମଧ୍ୟ ନିର୍ବାଚନ ଆୟୋଗ କରନ୍ତି।

(ଝ) ବିଭିନ୍ନ ରାଜନୈତିକ ଦଳକୁ ଦୂରଦର୍ଶନ ଓ ଆକାଶବାଣୀରେ ନିର୍ବାଚନ ପ୍ରଚାରର ସୁଯୋଗ ଦେବା ପାଇଁ ସମୟ ସୀମା, ଦିନ ଓ ତାରିଖ ନିର୍ବାଚନ ଆୟୋଗ ଧାର୍ଯ୍ୟ କରନ୍ତି।

(ଞ) ନିର୍ବାଚନ ପରିଚାଳନା ପାଇଁ ଆବଶ୍ୟକ କର୍ମଚାରୀମାନଙ୍କୁ ନିର୍ବାଚନ ଆୟୋଗ ନିଯୁକ୍ତି ଦେଇଥା'ନ୍ତି।

(ତ) ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ପ୍ରାର୍ଥୀ ନିର୍ବାଚନ ସଂକ୍ରାନ୍ତୀୟ ଖର୍ଚ୍ଚର ହିସାବ ନିର୍ବାଚନ ଆୟୋଗ ପାଖରେ ଦାଖଲ କରି ନ ପାରିଲେ, ନିର୍ବାଚନ ଆୟୋଗ ତାଙ୍କ ପାଇଁ ଦଣ୍ଡର ପରିମାଣ ଘୋଷଣା କରନ୍ତି।


(ଥ) ନିର୍ବାଚନ ଆୟୋଗ ନିର୍ବାଚନ ସମ୍ପର୍କିତ ସମସ୍ତ ବିବାଦର ସମାଧାନ କରନ୍ତି।

(ଦ) ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କର ନିର୍ବାଚନ ସଂପର୍କିତ ବ୍ୟୟର ସର୍ବାଧିକ ସୀମା ନିର୍ବାଚନ ଆୟୋଗ ଦ୍ୱାରା ନିର୍ଦ୍ଧାରିତ ହୋଇଅଛି।

## (ଗ) ରାଜ୍ୟ ନିର୍ବାଚନ ଆୟୋଗ :

ସମ୍ବିଧାନର ୭୩ ତମ ସମ୍ବିଧାନ ସଂଶୋଧନ ଆଇନ (୧୯୯୨)ରେ କୁହାଯାଇଛି ଯେ ପଞ୍ଚାୟତିରାଜ

ଅନୁଷ୍ଠାନମାନଙ୍କର ତଥା ପୌରସଂସ୍ଥାମାନଙ୍କର ନିର୍ବାଚନ ପରିଚାଳନା କାର୍ଯ୍ୟ ରାଜ୍ୟ ନିର୍ବାଚନ ଆୟୋଗ ହାତରେ ନ୍ୟସ୍ତ ହୋଇଛି । ଏଥିପାଇଁ ମତଦାତାଙ୍କ ନାମ ତାଲିକା ମଧ୍ୟ ରାଜ୍ୟ ନିର୍ବାଚନ ଆୟୋଗ ପ୍ରସ୍ତୁତ କରନ୍ତି । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟକାଳ ଏବଂ କାର୍ଯ୍ୟ ସର୍ତ୍ତାବଳୀ ରାଜ୍ୟପାଳ, ସେହି ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନକୁ ନଜରରେ ରଖି ନିରୂପଣ କରନ୍ତି । ରାଜ୍ୟ ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶମାନଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପଦ୍ଧତି ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ଅନୁସୃତ ହୋଇଥାଏ । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟକାଳର ବୟସସୀମା ସର୍ବାଧିକ ୬୨ ବର୍ଷ । ରାଜ୍ୟ ନିର୍ବାଚନ ଆୟୋଗର କାର୍ଯ୍ୟାଳୟ ଭୁବନେଶ୍ୱରରେ ଅବସ୍ଥିତ । ରାଜ୍ୟ ନିର୍ବାଚନ ଆୟୁକ୍ତ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତ ହୋଇଥା'ନ୍ତି । ରାଜ୍ୟ ନିର୍ବାଚନ ଆୟୋଗ ଏକ ସଦସ୍ୟ ବିଶିଷ୍ଟ ଅଟେ ।



**(ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୋଗ କାର୍ଯ୍ୟାଳୟର ଚିତ୍ର)**

ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଅନୁରୋଧ କ୍ରମେ, ରାଜ୍ୟପାଳ ନିର୍ବାଚନ ଆୟୋଗର ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତି ଦିଅନ୍ତି । ସମ୍ବିଧାନର ୭୪ ତମ ସଂଶୋଧନ ଆଇନ (୧୯୯୨) ଅନୁଯାୟୀ ସହରାଞ୍ଚଳର ପୌର ପାଳିକା, ନଗର ପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିର୍ବାଚନ ପରିଚାଳନା ଓ ନିୟନ୍ତ୍ରଣର ଦାୟିତ୍ୱ ରାଜ୍ୟ ନିର୍ବାଚନ ଆୟୋଗ ଉପରେ ନ୍ୟସ୍ତ ହୋଇଛି । ଉପରୋକ୍ତ ନିର୍ବାଚନ ସଂକ୍ରାନ୍ତୀୟ ମତଦାତାଙ୍କ ପୂର୍ଣ୍ଣାଙ୍ଗ ନାମ ତାଲିକା ପ୍ରସ୍ତୁତି ଓ ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ ନିର୍ବାଚନ ଆୟୋଗ ଦ୍ୱାରା ସମ୍ପନ୍ନ ହୁଏ ।

## ଭାରତରେ ମୁକ୍ତ ଓ ଅବାଧ ନିର୍ବାଚନର ପ୍ରତିବନ୍ଧକ :

ଉଲ୍ଲିଖିତ ଆଲୋଚନାରୁ ସ୍ପଷ୍ଟ ଜଣାପଡ଼େ ଯେ, ଆଜି ସୁଦ୍ଧା ଶେଷ ହୋଇଥିବା ୧୫ଟି ଲୋକସଭା ନିର୍ବାଚନ ଓ ଶତାଧିକ ରାଜ୍ୟ ବିଧାନସଭା ନିର୍ବାଚନ ବାସ୍ତବରେ ମୁକ୍ତ ଓ ଅବାଧ ହୋଇ ପାରିଛି । ସେଥିପାଇଁ ଦେଶର ନିର୍ବାଚନ ଆୟୋଗ ସମେତ ଭାରତର ୭୦ କୋଟିରୁ ଅଧିକ ମତଦାତା ପ୍ରଶଂସାର ପାତ୍ର । ତେବେ ନିର୍ବାଚନ ସଂପର୍କିତ ବିଶ୍ଳେଷଣରୁ କେତେକ ବୈଶିଷ୍ଟ୍ୟ ଦେଶରେ ପ୍ରଚଳିତ ଆମ ନିର୍ବାଚନ ପ୍ରକ୍ରିୟାରେ ଲକ୍ଷ୍ୟ କରାଯାଇଛି । ସେଗୁଡ଼ିକ ହେଲା : (୧) ପ୍ରତିଦ୍ୱନ୍ଦ୍ୱିତା ପାଇଁ ରାଜନୈତିକ ଦଳର ସଂଖ୍ୟାବୃଦ୍ଧି, (୨) ପ୍ରତିଦ୍ୱନ୍ଦ୍ୱୀଙ୍କ ସଂଖ୍ୟାରେ ଅସ୍ୱାଭାବିକ ବୃଦ୍ଧି, (୩) ନିର୍ବାଚନ ସମୟରେ ଅଧିକ ସଂଖ୍ୟକ ରାଜନୈତିକ ହିଂସାଜନିତ କାର୍ଯ୍ୟକଳାପ ବୃଦ୍ଧି, (୪) ଅଧିକ ସଂଖ୍ୟକ ସ୍ୱାଧୀନ ପ୍ରାର୍ଥୀଙ୍କର ନିର୍ବାଚନରେ ଅଂଶ ଗ୍ରହଣ, (୫) ସରକାରଙ୍କର ନିର୍ବାଚନୀ ବ୍ୟୟ ବୃଦ୍ଧି, (୬) ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନଙ୍କ ଦ୍ୱାରା ସୀମା ବହିର୍ଭୂତ ଗୋପନୀୟ ନିର୍ବାଚନ ଜନିତ ବ୍ୟୟାଧିକ୍ୟ, (୭) ମାସାଧିକ ସମୟ ପାଇଁ ନିର୍ବାଚନ ପ୍ରକ୍ରିୟା ଜାରି, (୮) ଅର୍ଥବଳ ଓ ବାହୁବଳ ଇତ୍ୟାଦି ଅସାଧୁ ପନ୍ଥାର ଅବଲମ୍ବନ ହେତୁ କେତେକ ପ୍ରାର୍ଥୀଙ୍କର ନିର୍ବାଚନରେ

ଜୟଲାଭର ଅଭିଯୋଗ (୯) ନିର୍ବାଚନରେ ଅପରାଧୀକରଣ ବୃଦ୍ଧି ।

ଏହିସବୁ ଘାତ ଓ ପ୍ରତିଘାତ ସତ୍ତ୍ୱେ ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ବ୍ୟବସ୍ଥା ଗଣତାନ୍ତ୍ରିକ ପ୍ରଣାଳୀର ଅବଲମ୍ବନ ଦ୍ୱାରା ସଫଳକାମ ହୋଇପାରିଛି । ନିର୍ବାଚନରେ ମତଦାତାଙ୍କ ଅଂଶଗ୍ରହଣର ଶତାଂଶ ବୃଦ୍ଧିପାଉଛି ଓ ମତଦାତାମାନେ ଆଗ୍ରହର ସହିତ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେଉଛନ୍ତି । ଭାରତର ନିର୍ବାଚନ ପ୍ରକ୍ରିୟାରେ ନିମ୍ନୋକ୍ତ ସମସ୍ୟା ଗୁଡ଼ିକ ପରିଲକ୍ଷିତ ହେଉଅଛି ।

(କ) କ୍ଷୁଦ୍ର ରାଜନୀତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନରେ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଛନ୍ତି ।

(ଖ) କେତେକ ରାଜନୀତିକ ଦଳରେ **'ପାରିବାରିକ ରାଜନୀତି'**ର ଛିଟା ଦେଖିବାକୁ ମିଳୁଛି । ଫଳରେ ନିର୍ବାଚନ ଫଳାଫଳରେ ଏହାର ପ୍ରଭାବ ପଡୁଛି । **'ଦଳୀୟ ଟିକେଟ'** ଆବଣ୍ଟନରେ **'ପାରିବାରିକ ରାଜନୀତି'**ର ପ୍ରଭାବ ବୃଦ୍ଧି ପାଉଛି ।

(ଗ) ରାଜନୀତିକ ଅପରାଧୀକରଣ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପ୍ରଭାବିତ କରୁଅଛି ।

(ଘ) ନିର୍ବାଚନ ରାଜନୀତିରେ ଧନିକ ଶ୍ରେଣୀ ତଥା କୋଟିପତି ପ୍ରାର୍ଥୀମାନଙ୍କର ବିଜୟର ଆଶା ଅଧିକ ଜଣା ପଡୁଛି ।

ଏହି ସମସ୍ୟା ଗୁଡ଼ିକ ଭାରତ ସମେତ ଅନ୍ୟ ବହୁ ରାଷ୍ଟ୍ରରେ ମଧ୍ୟ ଦେଖାଯାଏ । ଏହି ସମସ୍ୟା ଯୋଗୁଁ ଗଣତନ୍ତ୍ର ଓ ନିର୍ବାଚନ ପ୍ରକ୍ରିୟା ଦୋଷଯୁକ୍ତ ହେଉଛି । ତେଣୁ ବହୁ ସଂଖ୍ୟକ ସମାଜସେବୀ, ସ୍ୱେଚ୍ଛାସେବୀ ସଂସ୍ଥା ଓ ଭଦ୍ର ସମାଜ (ସିଭିଲ ସୋସାଇଟି) ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବା ପାଇଁ ଆଗଭର ହେଉଛନ୍ତି । ମାତ୍ର, ସେଥିପାଇଁ ଆବଶ୍ୟକ ହେଉଛି ରାଜନୀତିକ ଦଳ, ସରକାର ଓ ଜନସାଧାରଣଙ୍କର ସୁଦୃଢ଼ ଇଚ୍ଛାଶକ୍ତି ଓ ଯୁବଶକ୍ତିର ନିର୍ବାଚନୀ ସଂସ୍କାରମୁଖୀ ପ୍ରଚେଷ୍ଟା, ଯାହାଫଳରେ ଭାରତରେ ଗଣତନ୍ତ୍ର ଅଧିକ ସୁଦୃଢ଼ ହୋଇପାରିବ ।

**ତୁମେ ଜାଣିଛ କି ?**

- ଓଡ଼ିଶା ବିଧାନସଭା ପାଇଁ ରାଜ୍ୟରେ ୧୪୭ ଗୋଟି ଏକ-ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ ରହିଛି ।
- ରାଜ୍ୟସଭାର ସର୍ବାଧିକ ସଦସ୍ୟ ସଂଖ୍ୟା– ୨୫୦ । ସେଥିରୁ ସର୍ବାଧିକ ୨୩୮ ଜଣ ସଦସ୍ୟ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପରୋକ୍ଷଭାବରେ ନିର୍ବାଚିତ ହୁଅନ୍ତି ଏବଂ ସାହିତ୍ୟ, କଳା, ବିଜ୍ଞାନ ଓ ସମାଜସେବା କ୍ଷେତ୍ରରେ ପ୍ରତିଷ୍ଠା ଲାଭକରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ୧୨ ଜଣ ସଦସ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୁଅନ୍ତି । ବର୍ତ୍ତମାନ ରାଜ୍ୟସଭାରେ ନିର୍ବାଚିତ ସାଂସଦଙ୍କ ସଂଖ୍ୟା ହେଉଛି– ୨୩୩ ଓ ମନୋନୀତ ସାଂସଦଙ୍କ ସଂଖ୍ୟା– ୧୨ ।
- ଓଡ଼ିଶା ବିଧାନସଭାର ସଦସ୍ୟମାନେ ରାଜ୍ୟସଭାକୁ ୧୦ ଜଣ ସାଂସଦଙ୍କୁ ନିର୍ବାଚିତ କରନ୍ତି । ସେମାନଙ୍କ ମଧ୍ୟରୁ ଏକ-ତୃତୀୟାଂଶ ସଦସ୍ୟ ପ୍ରତି ଦୁଇବର୍ଷରେ ଅବସର ନିଅନ୍ତି । ତେଣୁ ପ୍ରତି ଦୁଇ ବର୍ଷରେ ଥରେ ଶୂନ୍ୟ ପଡ଼ିଥିବା ଆସନ ପାଇଁ ନିର୍ବାଚନ କରାଯାଏ ।

**ତୁମେ ଜାଣିଛ କି ?**

- ଲୋକସଭାର ସର୍ବାଧିକ ସଦସ୍ୟ ସଂଖ୍ୟା ୫୫୨ । ବିଭିନ୍ନ ରାଜ୍ୟରୁ ୫୩୦ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ସର୍ବାଧିକ ୨୦ ଜଣ ସାଂସଦ ନିର୍ବାଚିତ ହୁଅନ୍ତି । ଆବଶ୍ୟକ ସ୍ଥଳେ, ରାଷ୍ଟ୍ରପତି ଆଙ୍ଗ୍ଲୋଭାରତୀୟ ସଂପ୍ରଦାୟ ମଧ୍ୟରୁ ଦୁଇ ଜଣ ପ୍ରତିନିଧିଙ୍କୁ ଲୋକସଭାର ସାଂସଦ ଭାବରେ ମନୋନୀତ କରିବାର ବ୍ୟବସ୍ଥା ଅଛି । ଓଡ଼ିଶାରୁ ଲୋକସଭାକୁ ୫ ବର୍ଷ ପାଇଁ ୨୧ ଜଣ ସାଂସଦ ନିର୍ବାଚିତ ହୁଅନ୍ତି ।
- ବର୍ତ୍ତମାନ ଲୋକସଭାର ସାଂସଦଙ୍କ ସଂଖ୍ୟା– ୫୪୫ । ସେମାନଙ୍କ ମଧ୍ୟରୁ ରାଜ୍ୟ ଗୁଡ଼ିକରୁ ୫୩୦ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୧୩ ଜଣ ନିର୍ବାଚିତ ସାଂସଦ ଅଛନ୍ତି । ସେମାନଙ୍କ ବ୍ୟତୀତ ଆଉ ଦୁଇ ଜଣ ଆଙ୍ଗ୍ଲୋ-ଭାରତୀୟଙ୍କୁ ରାଷ୍ଟ୍ରପତି ସାଂସଦ ଭାବରେ ମନୋନୀତ କରିଛନ୍ତି ।

**ତୁମପାଇଁ କାମ**

- ତୁମ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ କେବେ ହୋଇଥିଲା ? ବିଗତ ପାଞ୍ଚ ବର୍ଷ ମଧ୍ୟରେ ତୁମ ଅଞ୍ଚଳରେ ଯେଉଁ ସବୁ ନିର୍ବାଚନ ସଂଗଠିତ ହୋଇଥିଲା, ତାହାର ଏକ ତାଲିକା ପ୍ରସ୍ତୁତ କର ।
- ଗତ ରାଜ୍ୟ ବିଧାନସଭା ନିର୍ବାଚନରେ ତୁମ ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀମାନଙ୍କ ନାମ ତାଲିକା ପ୍ରସ୍ତୁତ କର ।
- ତୁମ ଲୋକସଭା ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ, ସେ ସବୁର ନାମ ଲେଖ ।
- ତୁମ ଜିଲ୍ଲାରେ ଥିବା ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ନିର୍ବାଚିତ ବିଧାୟକ (M.L.A.) ମାନଙ୍କର ଏକ ନାମ ତାଲିକା ପ୍ରସ୍ତୁତ କର ।
- ୨୦୦୯ ମସିହାର ଲୋକସଭା ନିର୍ବାଚନରେ ଓ ଓଡ଼ିଶାରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ୨୧ ଜଣ ସାଂସଦ (MP)ଙ୍କ ନାମ ତାଲିକା ଓ ସଂପୃକ୍ତ ନିର୍ବାଚନ ମଣ୍ଡଳୀର ନାମ ତାଲିକା ପ୍ରସ୍ତୁତ କର ।

❖ ❖ ❖

## ପ୍ରଶ୍ନାବଳୀ

**୧. ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଗଣତନ୍ତ୍ରର ସଂଜ୍ଞା ନିରୂପଣ କର ।

(ଖ) ପ୍ରତ୍ୟକ୍ଷ ଓ ପରୋକ୍ଷ ଗଣତନ୍ତ୍ର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

(ଗ) ନିର୍ବାଚନର ଗୁରୁତ୍ୱ ବିଷୟରେ ସଂକ୍ଷେପରେ ଲେଖ ।

(ଘ) ଭାରତରେ ନିର୍ବାଚନ ବ୍ୟବସ୍ଥାର ବିଶେଷତ୍ୱ ଆଲୋଚନା କର ।

(ଙ) ଆମ ଦେଶର ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟଗୁଡ଼ିକ ସଂକ୍ଷେପରେ ଆଲୋଚନା କର ।

(ଚ) ନିର୍ବାଚନ ଆୟୋଗର ଗଠନ ଓ କାର୍ଯ୍ୟାବଳୀ ବର୍ଣ୍ଣନା କର।

(ଛ) ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କ'ଣ ?

(ଜ) ଏକ-ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ କହିଲେ କ'ଣ ବୁଝ ?

(ଝ) ନିର୍ବାଚନ ପ୍ରଚାର ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କର।

(ଞ) ଏକ ସ୍ୱାଧୀନ ତଥା ମୁକ୍ତ ନିର୍ବାଚନର ପ୍ରତିବନ୍ଧକଗୁଡ଼ିକ କ'ଣ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ।**

(କ) 'ମତଦାତାଙ୍କ ନିର୍ବାଚନ ପରିଚୟ ପତ୍ର' କ'ଣ ?

(ଖ) ନିର୍ବାଚନମଣ୍ଡଳୀର ସୀମା କିଏ ନିର୍ଦ୍ଧାରଣ କରନ୍ତି ଓ କିପରି ?

(ଗ) ପରୋକ୍ଷ ନିର୍ବାଚନ ପଦ୍ଧତିଟି କ'ଣ ? ଏହା ପ୍ରତ୍ୟକ୍ଷ ନିର୍ବାଚନ ଠାରୁ କିପରି ଭିନ୍ନ ?

(ଘ) ନାମାଙ୍କନ ପତ୍ର ଯାଞ୍ଚ କ'ଣ ଏବଂ ଏହା କାହିଁକି କରାଯାଏ ?

(ଙ) ରାଜ୍ୟ ନିର୍ବାଚନ ଆୟୋଗର ଗଠନ ବିଷୟରେ ଲେଖ।

(ଚ) 'ଆଦର୍ଶ ଆଚରଣ ବିଧି' ସମ୍ପର୍କରେ ଯାହା ଜାଣିଛ, ଲେଖ।

(ଛ) 'ସାବାଳକ ମତଦାନ' ପ୍ରଥା କହିଲେ, ତୁମେ କ'ଣ ବୁଝ ?

(ଜ) ଭାରତର ରାଷ୍ଟ୍ରପତି କିପରି ନିର୍ବାଚିତ ହୁଅନ୍ତି ?

(ଝ) କେଉଁ ଆଇନ ବଳରେ ନିର୍ବାଚନ କାର୍ଯ୍ୟ ସମାହିତ ହୁଏ ?

(ଞ) କେଉଁ ଅଧିକାରୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରାଯାଏ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ।**

(କ) 'ଅମାନତ ଅର୍ଥ ରାଶି' କ'ଣ ?

(ଖ) 'ମତଦାତାଙ୍କ ନାମ ତାଲିକା' କାହାକୁ କୁହାଯାଏ ?

(ଗ) 'ଆପେକ୍ଷିକ ସଂଖ୍ୟା ଗରିଷ୍ଠତା' କହିଲେ ତୁମେ କ'ଣ ବୁଝ ?

(ଘ) ନିର୍ବାଚନ ସମ୍ବନ୍ଧୀୟ ବିବାଦର ଚୂଡ଼ାନ୍ତ ନିଷ୍ପତ୍ତି କିଏ ନିଅନ୍ତି ?

(ଙ) ନାମାଙ୍କନ ପତ୍ର ସହିତ ପ୍ରାର୍ଥୀ ଅନ୍ୟ କି ପ୍ରକାର କାଗଜପତ୍ର ଦାଖଲ କରିଥାନ୍ତି ?

(ଚ) ରାଜ୍ୟ ବିଧାନସଭା ନିର୍ବାଚନରେ ପ୍ରାର୍ଥୀମାନେ କାହା ନିକଟରେ ନାମାଙ୍କନ ପତ୍ର ଦାଖଲ କରନ୍ତି ?

(ଛ) ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା କେଉଁ ନିର୍ବାଚନ ପରିଚାଳିତ ହୁଏ ?

(ଜ) ମୁଖ୍ୟ ନିର୍ବାଚନ ଆୟୁକ୍ତ କେଉଁ ପ୍ରଣାଳୀରେ ପଦଚ୍ୟୁତ ହୁଅନ୍ତି ?

(ଝ) ଉପ-ନିର୍ବାଚନ କେତେବେଳେ କରାଯାଏ ?

(ଞ) ନିର୍ବାଚନ ଆୟୋଗର ଆୟୁକ୍ତଙ୍କୁ କିଏ ନିଯୁକ୍ତ କରନ୍ତି ?

୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତର ସହିତ ତାର କ୍ରମିକ ନମ୍ବର ବାଛି ଲେଖ ।

**(କ) ଗଣତନ୍ତ୍ର ହେଉଛି "ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ ସରକାର"। – ଏହା କିଏ କହିଥିଲେ ?**

(କ) ମହାତ୍ମାଗାନ୍ଧୀ

(ଖ) ଆବ୍ରାହମ୍ ଲିଙ୍କନ୍

(ଗ) ପଣ୍ଡିତ ଜବାହରଲାଲ୍ ନେହେରୁ

(ଘ) ଡଃ ବି.ଆର୍. ଆମ୍ବେଦକର

**(ଖ) ଭାରତରେ ଜଣେ ମତଦାତାଙ୍କର ସର୍ବନିମ୍ନ ବୟସ ସୀମା କେତେ ବର୍ଷ ?**

(କ) ୨୧ ବର୍ଷ

(ଖ) ୨୦ ବର୍ଷ

(ଗ) ୧୯ ବର୍ଷ

(ଘ) ୧୮ ବର୍ଷ

**(ଗ) ନିମ୍ନୋକ୍ତ ଉକ୍ତି ମଧ୍ୟରୁ ଠିକ୍ ଉକ୍ତିକୁ ବାଛି ଲେଖ ।**

(କ) ଭାରତରେ ଲୋକସଭାର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି।

(ଖ) ରାଜ୍ୟ ବିଧାନସଭାର ସଦସ୍ୟମାନେ ପରୋକ୍ଷ ନିର୍ବାଚନ ଦ୍ୱାରା ନିର୍ବାଚିତ ହୁଅନ୍ତି।

(ଗ) ଭାରତର ରାଷ୍ଟ୍ରପତି ପ୍ରତ୍ୟକ୍ଷ ନିର୍ବାଚନରେ ନିର୍ବାଚିତ ହୁଅନ୍ତି।

(ଘ) ଲୋକସଭା ପାଇଁ ନିର୍ବାଚନ ବ୍ୟବସ୍ଥାରେ ମହିଳାମାନଙ୍କ ସ୍ଥାନ ସଂରକ୍ଷଣ ସୁବିଧା ଅଛି।

**(ଘ) ଭାରତର ନିର୍ବାଚନ ଆୟୋଗରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବ୍ୟତୀତ ଆଉ କେତେ ଜଣ ଆୟୁକ୍ତ ଅଛନ୍ତି ?**

(କ) ୧ (ଖ) ୨

(ଗ) ୩ (ଘ) ୪

**(ଙ) ନିମ୍ନୋକ୍ତ କେଉଁ ଉକ୍ତିଟି ନିର୍ବାଚନର ଆବଶ୍ୟକତା ସମ୍ପର୍କରେ ଠିକ୍ କାରଣ ନୁହେଁ ?**

(କ) ନିର୍ବାଚନ ଜରିଆରେ ମତଦାତା ସରକାରଙ୍କର ସଫଳତାର ବିଚାର କରନ୍ତି।

(ଖ) ନିଜ ମନପସନ୍ଦର ଲୋକପ୍ରତିନିଧି ଚୟନ ନିର୍ବାଚନ ଜରିଆରେ କରାଯାଏ।

(ଗ) ନିର୍ବାଚନ ମାଧ୍ୟମରେ ନ୍ୟାୟପାଳିକାର ସଫଳତାର ମୂଲ୍ୟାୟନ କରାଯାଏ।

(ଘ) ମତଦାତା ନିର୍ବାଚନ ଜରିଆରେ ଦଳୀୟ ନୀତିକୁ ସମର୍ଥନ ଜଣାନ୍ତି।

**(ଚ) ନିମ୍ନୋକ୍ତ କେଉଁଟି ନିର୍ବାଚନ ଅଧିକାରୀଙ୍କର କାର୍ଯ୍ୟ ପରିସରଭୁକ୍ତ ନୁହେଁ ?**

(କ) ନିର୍ବାଚନ ପ୍ରଚାର

(ଖ) ମତଦାନ ପ୍ରକ୍ରିୟା

(ଗ) ମତ-ଗଣତି ପ୍ରକ୍ରିୟା

(ଘ) ଫଳାଫଳ ଘୋଷଣା

**(ଛ) ନିମ୍ନୋକ୍ତ କେଉଁଟି ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରୁଅଛି ?**

(କ) ନିର୍ବାଚନ ତାରିଖ ଘୋଷଣା ହେବା ପରେ ଜଣେ ମନ୍ତ୍ରୀ ଏକ ପ୍ରକଳ୍ପ ଉଦ୍‌ଘାଟନ କଲେ।

(ଖ) ମତଦାତାଙ୍କ ନାମ ତାଲିକାରେ ୨୦,୦୦୦ ମତଦାତାଙ୍କର ନାମ ଜାଲ ଅଟେ ବୋଲି ତଦନ୍ତରୁ ଜଣା ପଡ଼ିଲା।

(ଗ) ନିର୍ବାଚନ ପ୍ରଚାର ସଭାରେ ପ୍ରାର୍ଥୀଙ୍କ ବିରୋଧୀଙ୍କ ଦ୍ୱାରା କଳାପତାକା ପ୍ରଦର୍ଶନ।

(ଘ) ଦୂରଦର୍ଶନରେ ନିର୍ବାଚନ ପ୍ରଚାର ପାଇଁ ଦଳୀୟ ପ୍ରାର୍ଥୀଙ୍କୁ ନିଜର ମତାମତ ରଖିବାକୁ ମାତ୍ର ୧୦ ମିନିଟ ସମୟ ପ୍ରଦାନ କରାଯାଇଛି।

**(ଜ) ନିମ୍ନୋକ୍ତ କେଉଁଟି ସୁସ୍ଥ ନିର୍ବାଚନ ପ୍ରକ୍ରିୟାର ବିରୋଧୀ ?**

(କ) ନିର୍ବାଚନ ପ୍ରକ୍ରିୟାରେ ହିଂସାତ୍ମକ କାର୍ଯ୍ୟ

(ଖ) ମତଦାତାଙ୍କ ନାମ ତାଲିକାର ଠିକ୍ ସଂଶୋଧନ

(ଗ) ମତଦାତାଙ୍କର ନିର୍ବାଚନ ପରିଚୟ ପତ୍ର ଯାଞ୍ଚ

(ଘ) ନିର୍ବାଚନ ପ୍ରକ୍ରିୟାରେ ନିଯୁକ୍ତ ଅଧିକାରୀଙ୍କୁ ନିଜ ଦାୟିତ୍ୱ ସମ୍ପାଦନରେ ଜନସାଧାରଣଙ୍କର ସହଯୋଗ ପ୍ରଦାନ

**(ଝ) ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନିମ୍ନୋକ୍ତଙ୍କ ମଧ୍ୟରୁ କିଏ ନିଯୁକ୍ତ କରନ୍ତି ?**

(କ) ରାଷ୍ଟ୍ରପତି

(ଖ) ପ୍ରଧାନମନ୍ତ୍ରୀ

(ଗ) ଭାରତର ମୁଖ୍ୟ ବିଚାରପତି

(ଘ) ରାଜ୍ୟପାଳ

**(ଞ) ରାଜ୍ୟସଭାର ସଦସ୍ୟ ନିର୍ବାଚନ ପ୍ରକ୍ରିୟାରେ ନିମ୍ନୋକ୍ତଙ୍କ ମଧ୍ୟରୁ କିଏ ମତଦାନ କରନ୍ତି ?**

(କ) ରାଜ୍ୟ ବିଧାନସଭାର ସଦସ୍ୟ

(ଖ) ଜିଲ୍ଲା ପରିଷଦର ଅଧ୍ୟକ୍ଷ

(ଗ) ଲୋକସଭାର ସାଂସଦ

(ଘ) ରାଜ୍ୟ ବିଧାନ ପରିଷଦର ସଦସ୍ୟ

**(ଟ) ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍‌ର ବ୍ୟବହାର କାହିଁକି ଫଳପ୍ରଦ ନୁହେଁ ?**

(କ) ମତଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ।

(ଖ) ମତଦାନ ଓ ମତ ଗଣତି ପ୍ରକ୍ରିୟାରେ ସ୍ୱଚ୍ଛତା ରହେ ।

(ଗ) ଏଥିରେ ଯାନ୍ତ୍ରିକ ଗୋଳମାଳ ଘଟିବାର ସମ୍ଭାବନା ଥାଏ ।

(ଘ) ଏହି ଯନ୍ତ୍ରରେ ମତଦାତାଙ୍କର ମତଦାନ ଦୀର୍ଘଦିନ ପର୍ଯ୍ୟନ୍ତ ନିରାପଦ ଓ ସୁରକ୍ଷିତ ରହେ ।

**(ଠ) ନିମ୍ନୋକ୍ତ କେଉଁ ନିର୍ବାଚନରେ ଦଳୀୟ ସଂକେତ ବ୍ୟବହୃତ ହୁଏ ନାହିଁ ?**

(କ) ସରପଞ୍ଚ ପଦ ପାଇଁ ନିର୍ବାଚନ

(ଖ) ଲୋକସଭାର ସାଂସଦ ପଦ ପାଇଁ ନିର୍ବାଚନ

(ଗ) ରାଜ୍ୟ ବିଧାନସଭାର ବିଧାୟକ ପଦ ପାଇଁ ନିର୍ବାଚନ

(ଘ) ପଞ୍ଚାୟତ ସମିତି ସଦସ୍ୟ ପଦ ପାଇଁ ନିର୍ବାଚନ

**(ଡ) ଓଡ଼ିଶାର ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନିମ୍ନୋକ୍ତ ମଧ୍ୟରୁ କିଏ ନିଯୁକ୍ତ କରନ୍ତି ?**

(କ) ରାଜ୍ୟପାଳ

(ଖ) ମୁଖ୍ୟମନ୍ତ୍ରୀ

(ଗ) ରାଜ୍ୟ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି

(ଘ) ରାଜ୍ୟ ବିଧାନସଭାର ବାଚସ୍ପତି

**(ଢ) ଲୋକସଭାର ସଦସ୍ୟ ନିର୍ବାଚନରେ ନିମ୍ନୋକ୍ତ କେଉଁଟି ପର୍ଯ୍ୟବେକ୍ଷକଙ୍କ କାର୍ଯ୍ୟ ପରିସରଭୁକ୍ତ ନୁହେଁ ?**

(କ) ନିର୍ବାଚନ ପ୍ରକ୍ରିୟାର ମତଦାନ ଓ ମତ ଗଣନା ବ୍ୟବସ୍ଥା ତଦାରଖ ଏବଂ ନିର୍ବାଚନ ଆୟୁକ୍ତଙ୍କୁ ରିପୋର୍ଟ ପ୍ରଦାନ

(ଖ) ନାମାଙ୍କନ ପତ୍ର ଦାଖଲ

(ଗ) ନାମାଙ୍କନ ପତ୍ର ପ୍ରତ୍ୟାହାର

(ଘ) ପ୍ରାର୍ଥୀଙ୍କୁ ଦଳୀୟ ସଂକେତ ପ୍ରଦାନ

❖ ❖ ❖

E2J7F6

ତୃତୀୟ ଅଧ୍ୟାୟ

# ସଡ଼କ ନିରାପତ୍ତା, ସଚେତନତା ଓ ଇନ୍ଧନ ସଂରକ୍ଷଣ

ସମୟ ସ୍ରୋତରେ ମାନବ ସଭ୍ୟତା ନିରନ୍ତର ଭାବରେ ପରିବର୍ତ୍ତନଶୀଳ ହୋଇ ଚାଲିଛି । ଜନସଂଖ୍ୟା ବୃଦ୍ଧି, ବିକାଶ ପ୍ରକ୍ରିୟା, ସହରୀକରଣ, ଶିଳ୍ପାୟନ, ସଭ୍ୟତାର ଆଧୁନିକତା ଓ ଜୀବନ ଜୀବିକାର ବିବିଧତା ମଣିଷକୁ ଗତିଶୀଳ କରି ଚାଲିଛି । ବିକାଶ ପ୍ରକ୍ରିୟାର ଅବିଚ୍ଛେଦ୍ୟ ଉପାଦାନ ତଥା ସଡ଼କ ଓ ପରିବହନ ଭଳି ଭିତ୍ତି ଭୂମିର ପ୍ରସାର ମଣିଷର ଗତିଶୀଳତାକୁ ଅଧିକରୁ ଅଧିକ କ୍ରିୟାଶୀଳ ଓ ତ୍ୱରାନ୍ୱିତ କରିଛି । ଦେଶ ତଥା ରାଜ୍ୟର ବିକାଶ ପ୍ରକ୍ରିୟାରେ ସଡ଼କ ଓ ପରିବହନ ଏକ ମୌଳିକ ଆବଶ୍ୟକତା । ଅନ୍ୟ ପକ୍ଷରେ ପରିବହନ ଓ ମଣିଷର ଗତିଶୀଳତାର ପ୍ରଭାବରେ ସଂଘଠିତ ସଡ଼କ ଦୁର୍ଘଟଣାର ପରିବ୍ୟାପ୍ତି ଓ ଭୟାଭୟତା ବିନାଶ ପ୍ରକ୍ରିୟାର ସମ୍ଭାବନାକୁ ଦୃଢ଼ୀଭୂତ କରିଛି । ବିକାଶ ବନାମ ବିନାଶର ଅନ୍ତର୍ନିହିତ ଦ୍ୱନ୍ଦ୍ୱକୁ ସ୍ପଷ୍ଟ କରିଛି । ସଡ଼କ ଦୁର୍ଘଟଣା ଅତି ସମ୍ବେଦନଶୀଳ ସମସ୍ୟା । ସଡ଼କ ସୁରକ୍ଷା ଏହାର ପ୍ରକୃଷ୍ଟ ନିରାକରଣ ବ୍ୟବସ୍ଥା ।

### ସଡ଼କ ଦୁର୍ଘଟଣା :

ସଡ଼କ ଦୁର୍ଘଟଣା ଏକ ଅପ୍ରାକୃତିକ ଘଟଣା । ସଡ଼କ ଓ ପରିବହନ ବ୍ୟବସ୍ଥାରେ ରହିଛି ବିଶେଷତଃ ପାଞ୍ଚଟି ପ୍ରମୁଖ ଉପାଦାନ ଯଥା ସଡ଼କ, ଗାଡ଼ି, ଗାଡ଼ିଚାଳକ, ରାସ୍ତା ବ୍ୟବହାରକାରୀ ଓ ପାରିପାର୍ଶ୍ୱିକ ଅବସ୍ଥା । ଏ ସମସ୍ତ ଉପାଦାନ ମଧ୍ୟରେ କାର୍ଯ୍ୟକାରିତା ଓ ପରିଚାଳନାଗତ ସମନ୍ୱୟ ରହିବା ପ୍ରାଥମିକ ଆବଶ୍ୟକତା । ଯେତେବେଳେ ସଡ଼କର ଦୂରାବସ୍ଥା, ଗାଡ଼ିର ଯାନ୍ତ୍ରିକ ତ୍ରୁଟି, ଗାଡ଼ିଚାଳକ ଏବଂ ରାସ୍ତା ବ୍ୟବହାରକାରୀଙ୍କ ମାନବୀୟ ତ୍ରୁଟି ଓ ଖରାପ ପ୍ରାକୃତିକ ପରିବେଶ ଯୋଗୁଁ ସମନ୍ୱୟରେ ସାମାନ୍ୟତମ ବିଶୃଙ୍ଖଳା କିମ୍ବା ବ୍ୟତିକ୍ରମ ଘଟିଥାଏ, ସଡ଼କ ଦୁର୍ଘଟଣା ସଂଗଠିତ ହୋଇଥାଏ । ସଡ଼କ ଉପରେ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣା ହେବାର ସମ୍ଭାବନା ଥାଏ । ଏହାର ପରିବ୍ୟାପ୍ତି ଏବଂ ଭୟାଭୟତା ହିଁ ସଡ଼କ ଦୁର୍ଘଟଣାକୁ ଅତି ସମ୍ବେଦନଶୀଳ କରିଛି । ପ୍ରତିବର୍ଷ ସାରା ବିଶ୍ୱରେ ପାଞ୍ଚ ଲକ୍ଷରୁ ଅଧିକ, ଭାରତରେ ଦେଢ଼ ଲକ୍ଷରୁ ଅଧିକ ଏବଂ ଓଡ଼ିଶାରେ ଚାରି ହଜାରରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ମୃତ ହୋଇଥା'ନ୍ତି । ଲକ୍ଷାଧିକ ଲୋକ ଗୁରୁତର ଓ ସାମାନ୍ୟ ଆହତ ହୋଇଥାନ୍ତି । ହଜାର ହଜାର ଲୋକ ଜୀବନ ଭରି ଅକର୍ମଣ୍ୟ ହୋଇଯାନ୍ତି । ଦୁର୍ଘଟଣାର ଶିକାର ହୋଇଥିବା ଲୋକ ଏବଂ ସେମାନଙ୍କ ପରିବାରର ଜୀବନଶୈଳୀ, ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହୁଏ । ଦୁର୍ଘଟଣା ଜନିତ ଧନ ଓ ସମ୍ପତ୍ତିର କ୍ଷୟକ୍ଷତିର ଆକଳନ ନାହିଁ । ଏଥିରୁ ସଡ଼କ ସୁରକ୍ଷାର ଗୁରୁତ୍ୱ ଅନୁମେୟ ।

### ସଡ଼କ ଦୁର୍ଘଟଣାର କାରଣ :

ଜନସଂଖ୍ୟା, ଗତିଶୀଳତା, ଯାନବାହନ ସଂଖ୍ୟାର ଅହେତୁକ ବୃଦ୍ଧି, ଗାଡ଼ି ଓ ସଡ଼କ ନିର୍ମାଣରେ ଅତ୍ୟାଧୁନିକ ବିଜ୍ଞାନ କୌଶଳ ଓ ପ୍ରଯୁକ୍ତି ସମ୍ବନ୍ଧରେ ଗାଡ଼ି ଚାଳକଙ୍କ ଅଜ୍ଞତା, ବ୍ୟବସାୟିକ ଗାଡ଼ି ଚାଳନାରେ ପ୍ରତିଯୋଗୀତା ମୂଳକ ମନୋଭାବ ଏବଂ ସଡ଼କ ଉପରେ ବିଶୃଙ୍ଖଳିତ ବ୍ୟବହାର ଆଦି ସଡ଼କ ଦୁର୍ଘଟଣାର ସମ୍ଭାବନାର ଚାପକୁ ବୃଦ୍ଧି କରିଚାଲିଛି । ସାମଗ୍ରିକ ଭାବରେ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ସମୂହ ମଧ୍ୟରେ ରହିଛି ସଡ଼କ ତ୍ରୁଟି, ଗାଡ଼ିର ଯାନ୍ତ୍ରିକ ତ୍ରୁଟି, ଗାଡ଼ି ଚାଳକ ଓ ରାସ୍ତା ବ୍ୟବହାକାରୀଙ୍କ ମନୁଷ୍ୟକୃତ ତ୍ରୁଟି ଏବଂ ପାରିପାର୍ଶ୍ୱିକ ଅବସ୍ଥାରେ ତ୍ରୁଟି ।

**ମାନବୀୟ ତ୍ରୁଟି -** ଗାଡ଼ିଚାଳନା ସମୟରେ

ଚାଳକର ଦକ୍ଷତା, ଯୋଗ୍ୟତା ଓ ମାନ୍ୟତାର ଅଭାବ, ଟ୍ରାଫିକ ନିୟମ ସମ୍ବନ୍ଧରେ ଅଜ୍ଞତା ଓ ଅନିୟମିତତା, ଅନ୍ୟମନସ୍କତା, ବେଖାତିର ଭାବ, ଦ୍ରୁତଗତି ଓ ବେପରୁଆଭାବେ ଗାଡ଼ି ଚଳାଇବାର ମାନସିକତା, ମଦ୍ୟପାନ, ମୋବାଇଲ ଫୋନ୍‌ର ବ୍ୟବହାର, ହେଲମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧିବାରେ ଅବହେଳା, ସ୍ୱାସ୍ଥ୍ୟ ଓ ମନ ଉପରେ ନିୟନ୍ତ୍ରଣର ଅଭାବ, ରାସ୍ତା ଉପରେ ବିଶୃଙ୍ଖଳିତ ଆଚରଣ, ଅନ୍ୟ ରାସ୍ତା ବ୍ୟବହାରକାରୀ ଓ ଗାଡ଼ି ଚାଳକଙ୍କ ପ୍ରତି ନଜର, ସହନଶୀଳତା ଓ ବିଚାରଶକ୍ତିର ଅଭାବ ଇତ୍ୟାଦି ଦୁର୍ଘଟଣାର ସମ୍ଭାବନାକୁ ନିଶ୍ଚିତ କରିଥାଏ ।

**ସଡ଼କ ତ୍ରୁଟି** - ବିକାଶ ଚାହିଦା, ଯାନବାହନ ସଂଖ୍ୟା ବୃଦ୍ଧି, ଯାତ୍ରୀ ଓ ମାଲ୍ ପରିବହନର ଘନତ୍ୱ ଆଦି ପ୍ରକ୍ରିୟା ସମୂହକୁ ବିଚାରକୁ ନେଇ ବିଜ୍ଞାନ, ପ୍ରଯୁକ୍ତି, ବୈଷୟିକ ଓ ଇଂଜିନିୟରିଙ୍ଗ ପ୍ରଣାଳୀରେ ଜାତୀୟ ରାଜପଥଠାରୁ ଗ୍ରାମ୍ୟ ସଡ଼କ ପର୍ଯ୍ୟନ୍ତ ବିବିଧ ପ୍ରକାର ସଡ଼କର ନିର୍ମାଣ କରାଯାଏ । ରାସ୍ତା ନିର୍ମାଣ, ଡ଼ିଜାଇନ, ରକ୍ଷଣାବେକ୍ଷଣ, ସଂପ୍ରସାରଣରେ ଅବହେଳା, ଅଦୃଶ୍ୟମାନ ଟ୍ରାଫିକ ସଙ୍କେତ, ଅତ୍ୟଧିକ ଭାରୀ ମାଲ ପରିବହନ ଆଦି ସଡ଼କ ଦୁର୍ଘଟଣାର ମୁଖ୍ୟକାରଣ ହୋଇଥାଏ ।

**ଗାଡ଼ିର ଯାନ୍ତ୍ରିକ ତ୍ରୁଟି** - ଯନ୍ତ୍ର ଚାଳିତ ଗାଡ଼ିର ବ୍ରେକ୍, ଇଞ୍ଜିନ୍, ଇଲେକକ୍‌ଟ୍ରିକ୍, ଷ୍ଟିଅରିଙ୍ଗ, ତୈଳ ଟ୍ୟାଙ୍କ, ପ୍ରକୃଷ୍ଟ ଗତିର ବେଗ, ମାଲ୍ ଓ ଯାତ୍ରୀ ପରିବହନ କ୍ଷମତା, ପ୍ରତିଶେଧକମୂଳକ ରକ୍ଷଣାବେକ୍ଷଣ, ରାସ୍ତାର ଅବସ୍ଥା ଆଦିରେ ବ୍ୟତିକ୍ରମ କିମ୍ବା ତ୍ରୁଟି ପରିଲକ୍ଷିତ ହେଲେ ଦୁର୍ଘଟଣା ସଂଘଠିତ ହୋଇଥାଏ ।

**ପାରିପାର୍ଶ୍ୱିକ ଅବସ୍ଥାରେ ତ୍ରୁଟି** - ବର୍ଷା, ଝଡ଼, କୁହୁଡ଼ି, ବରଫାବୃତ, ଧୂଆଁଜାତ ଆଦି ପ୍ରାକୃତିକ ବିପର୍ଯ୍ୟୟ ବହୁ ସମୟରେ ଦୁର୍ଘଟଣାର କାରଣ ହୋଇଥାଏ । ରାସ୍ତା ଉପରେ ଜବରଦଖଲ, ରାସ୍ତା ପାର୍ଶ୍ୱରେ ସ୍କୁଲ /କଲେଜର ଅବସ୍ଥିତି, ପାର୍କିଙ୍ଗ୍ ବ୍ୟବସ୍ଥାର ଅଭାବ ଆଦି ପ୍ରତିକୂଳ ପରିବେଶ ମଧ୍ୟ ଦୁର୍ଘଟଣା କରିବାରେ ସହାୟକ ହୋଇଥାଏ ।

କିଛି ଆନୁଷଙ୍ଗିକ କାରଣ ଦୁର୍ଘଟଣା ନିମନ୍ତେ ସହାୟକ ହୋଇଥାଏ । ଯାନବାହନର ବିବିଧ ପ୍ରକାର ଭେଦ, ଅତ୍ୟାଧୁନିକ ଶିଳ୍ପବିଦ୍ୟା ଏବଂ ଏହା ଉପରେ ଚାଳକମାନଙ୍କ ଅଭିଜ୍ଞତା ଓ ଜ୍ଞାନର ଅଭାବ, ଯାତ୍ରୀ ଓ ମାଲ ପରିବହନରେ ବିବିଧତା, ଅନୁମୋଦିତ ସୀମାଠାରୁ ଅଧିକ ଯାତ୍ରୀ ଓ ମାଲ୍ ପରିବହନ କରିବା, ରାସ୍ତା ଉପରେ ଗୃହପାଳିତ ପଶୁମାନଙ୍କ ଯାତାୟତ, ଯାନବାହନ ସଂଖ୍ୟା ବୃଦ୍ଧି ଆଦି ସଡ଼କ ଦୁର୍ଘଟଣା ନିମନ୍ତେ ଉତ୍ତରଦାୟୀ ହୋଇ ରହିଥାନ୍ତି ।

**ସଡ଼କ ଦୁର୍ଘଟଣାର ପରିବ୍ୟାପ୍ତି ଓ ଭୟାଭୟତା :**

ସଂପ୍ରତି ଓଡ଼ିଶା ରାଜ୍ୟର ପ୍ରାୟ ୨ ଲକ୍ଷ ୬୫ ହଜାର କିଲୋମିଟର ରାସ୍ତା (ଜାତୀୟ ରାଜପଥଠାରୁ ଗ୍ରାମ୍ୟ ରାସ୍ତା ପର୍ଯ୍ୟନ୍ତ) ଉପରେ ପ୍ରାୟ ୭୨ ଲକ୍ଷ ଗାଡ଼ି ଚଳପ୍ରଚଳନ କରୁଅଛି । ପ୍ରତିବର୍ଷ ଯାନବାହନ ସଂଖ୍ୟା ପ୍ରାୟ ୧୦ ପ୍ରତିଶତ ବୃଦ୍ଧି ପାଉଥିବା ବେଳେ ରାସ୍ତାର ଦୈର୍ଘ୍ୟ ଓ ପ୍ରସ୍ଥ ୧ ପ୍ରତିଶତରୁ କମ୍ ବୃଦ୍ଧି ପାଉଛି । ରାଜ୍ୟରେ ବାର୍ଷିକ ପ୍ରାୟ ଦଶ ହଜାରରୁ ଅଧିକ ସଡ଼କ ଦୁର୍ଘଟଣାରେ ଚାରିହଜାରରୁ ଅଧିକ ମୃତାହତ ଓ ଦଶ ହଜାରରୁ ଅଧିକ ଆହତ ହେଉଛନ୍ତି । ଦୁର୍ଘଟଣାର ଭୟାଭୟତା ଅଧିକ ଚିନ୍ତାର କାରଣ ହୋଇଛି । ପ୍ରତି ଶହେ ଦୁର୍ଘଟଣାରେ ଓଡ଼ିଶାରେ ୪୫ ଜଣ ମୃତାହତ ହେଉଛନ୍ତି । କେବଳ ରାଜପଥମାନଙ୍କରେ ଚାଳିଶରୁ ଅଧିକ ପ୍ରତିଶତ ଦୁର୍ଘଟଣା ଘଟୁଛି । ସମସ୍ତ ଯାନବାହନ ସଂଖ୍ୟାର ଅଶି ପ୍ରତିଶତ ଦୁଇ ଚକିଆ ଗାଡ଼ି ଯାହାକି ପ୍ରାୟତଃ ଯୁବଗୋଷ୍ଠୀ ଚଳାଇଥାନ୍ତି । ବିଶେଷ କରି ଦୁଇ ଚକିଆ ଗାଡ଼ି, ଅଟୋରିକ୍ସା, ବସ ଆଦି ଅଧିକ ଦୁର୍ଘଟଣାପ୍ରବଣ । ଏହାଦ୍ୱାରା ମୃତ୍ୟୁହାର ଅଧିକ ହୋଇଥାଏ । ଦୁଇ ଚକିଆ ଗାଡ଼ି ଏକମାତ୍ର ଯାନ ଯାହାର ବାହ୍ୟ ସୁରକ୍ଷା ନ ଥାଏ । ହେଲମେଟ ନ ପିନ୍ଧିବା କାରଣରୁ ଅନେକ ଯୁବ ଚାଳକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥାଏ କିମ୍ବା ଜୀବନ ବ୍ୟାପି ଅକର୍ମଣ୍ୟ ହେବାର ସମ୍ଭାବନା ଥାଏ । ଉଲ୍ଲେଖନୀୟ

ଭାବେ ରାଜ୍ୟର ସମସ୍ତ ସଡ଼କ ଦୁର୍ଘଟଣାର ୯୫ ପ୍ରତିଶତ କେବଳ ମାନବୀୟ ତ୍ରୁଟି ଯୋଗୁଁ ସଂଘଠିତ ହୋଇଥାଏ ।

## ସଡ଼କ ଦୁର୍ଘଟଣାର ନିରାକରଣ ବ୍ୟବସ୍ଥା

ସଡ଼କ ଦୁର୍ଘଟଣାର ସମ୍ବେଦନଶୀଳତା ହିଁ ସଡ଼କ ସୁରକ୍ଷାର ଚିନ୍ତନ, ମନ୍ଥନ ଓ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିଛି । ଯୋଜନାବଦ୍ଧ ଭାବେ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଏବଂ ବ୍ୟକ୍ତିଗତ ସ୍ତରରେ ଦୁର୍ଘଟଣାର ନିରାକରଣ ବ୍ୟବସ୍ଥା କ୍ରମାଗତ ଭାବେ ଅଧିକ କ୍ରିୟାଶୀଳ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି । ସଡ଼କ ନିରାପତ୍ତା ବ୍ୟବସ୍ଥାକୁ ବିଶେଷ କରି ତିନୋଟି ବର୍ଗରେ ଶ୍ରେଣୀଭୁକ୍ତ କରାଯାଇଛି । ତାହା ହେଲା ଶିକ୍ଷା (Education), ବଳବତ୍ତକରଣ (Enforcement) ଏବଂ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ (Engineering) ଓ ଭିତ୍ତିଭୂମି ବ୍ୟବସ୍ଥା ।

**ଶିକ୍ଷା :** ସୁରକ୍ଷିତ ଓ ଶୃଙ୍ଖଳିତ ଯାତ୍ରା ନିମନ୍ତେ କେନ୍ଦ୍ରୀୟ ମୋଟରଯାନ ଆକ୍ଟ ଏବଂ ନିୟମ, ରାଜ୍ୟସ୍ତରୀୟ ଟ୍ରାଫିକ ନିୟମ, ଭାରତୀୟ ପେନାଲ କୋଡ଼ (IPC) ଆଦି ବିସ୍ତୃତ ଆଇନ ଏବଂ ନିୟମାବଳୀ ରହିଛି । ନିୟମିତ ଶିକ୍ଷା, ଜନସଚେତନତା ଓ ପ୍ରଶିକ୍ଷଣ ମାଧ୍ୟମରେ ପ୍ରତ୍ୟେକ ରାସ୍ତା ଓ ଯାନ ବ୍ୟବହାରକାରୀଙ୍କୁ (ଗାଡ଼ିଚାଳକ, ଯାତ୍ରୀ, ପଦଚାରୀ ଇତ୍ୟାଦି) ଟ୍ରାଫିକ ନିୟମ, ଟ୍ରାଫିକ ଶୃଙ୍ଖଳା ଏବଂ ଟ୍ରାଫିକ ବ୍ୟବହାର ସମ୍ବନ୍ଧରେ ଶିକ୍ଷିତ, ଅବଗତ ଏବଂ ଦକ୍ଷ କରିବା ନିମନ୍ତେ ସଡ଼କ ନିରାପତ୍ତା ବ୍ୟବସ୍ଥାର ପ୍ରମୁଖ କାର୍ଯ୍ୟକ୍ରମ ରହିଛି । ବିଶେଷ କରି ଗାଡ଼ିଚାଳକମାନଙ୍କ ନିମନ୍ତେ ଗାଡ଼ି ଚାଳନାର ପ୍ରକୃଷ୍ଟ ପ୍ରଣାଳୀ, ସ୍ୱାସ୍ଥ୍ୟ ପରୀକ୍ଷା (ଚକ୍ଷୁ ପରୀକ୍ଷା, ପ୍ରାଥମିକ ଚିକିତ୍ସା ଇତ୍ୟାଦି) ନିୟମିତ ଭାବେ କାର୍ଯ୍ୟକାରୀ ହେଉଛି । ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଘ ମୋଟରଯାନ ସଂଘ, ଆଦି ସଡ଼କ ସୁରକ୍ଷାର ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ମାଧ୍ୟମ ଅଟନ୍ତି । ସମସ୍ତ ବର୍ଗର ଦୁର୍ଘଟଣା ପ୍ରବଣ ଗାଡ଼ି ଚାଳକ ଏବଂ ଯୁବଗୋଷ୍ଠୀ ଚାଳକମାନଙ୍କ ନିମନ୍ତେ ଶିକ୍ଷା କାର୍ଯ୍ୟକ୍ରମ ଅତି ଗୁରୁତ୍ୱପୂର୍ଣ୍ଣ ।

**ବଳବତ୍ତକରଣ :** ସଡ଼କ ଶୃଙ୍ଖଳା, ଆଚରଣ ଏବଂ ଦୁର୍ଘଟଣା ହ୍ରାସ ନିମନ୍ତେ ବଳବତ୍ତକରଣ ଅତି ଉପଯୋଗୀ ମାଧ୍ୟମ । ଏହା ସରକାରୀ ନିୟନ୍ତ୍ରଣ ବ୍ୟବସ୍ଥା ଅଟେ । ମୋଟର ଯାନ ଆଇନରେ ପର୍ଯ୍ୟାପ୍ତ ମୋଟରଯାନ ସମ୍ପର୍କୀୟ ନିୟମାବଳୀ ରହିଛି । ଏହାର କୌଣସି ନିୟମର ବ୍ୟତିକ୍ରମ ଓ ଉଲଂଘନ ହେଲେ ସମ୍ପୃକ୍ତ ଗାଡ଼ି ମାଲିକ କିମ୍ବା ଗାଡ଼ିଚାଳକ ବିରୋଧରେ କଠୋର ଆର୍ଥିକ କିମ୍ବା ଜେଲ ଦଣ୍ଡ ଦେବାରେ ବଳବତ୍ତକରଣର ଆଇନତଃ କ୍ଷମତା ରହିଛି । ଏହା ସରକାରଙ୍କ ମୋଟରଯାନ ରାଜସ୍ୱ ବୃଦ୍ଧି ସହିତ ଦୁର୍ଘଟଣା ହ୍ରାସ ଏବଂ ପ୍ରଦୂଷଣମୁକ୍ତ ରାସ୍ତା ନିମନ୍ତେ ଉଦ୍ଦିଷ୍ଟ । ଏତତ୍ ଦ୍ୱାରା ଗାଡ଼ିଚାଳକ ଉପରେ ମାନସିକ ଚାପ, ଆର୍ଥିକ ଚାପ ଓ ଭୟ ସୃଷ୍ଟି ହୋଇ ଶୃଙ୍ଖଳିତ ଗାଡ଼ିଚଳାନା ନିମନ୍ତେ ଉଚିତ ମାର୍ଗ ଦେଖାଇଥାଏ । ବଳବତ୍ତକରଣ ବିଶେଷ କରି ନିମ୍ନଲିଖିତ ମୋଟରଯାନ ସମ୍ପର୍କୀୟ ନିୟମ ଉଲଂଘନ ଉପରେ ଗୁରୁତ୍ୱ ଦେଇଥାଏ ।

•ଗାଡ଼ିର ରେଜିଷ୍ଟ୍ରେସନ ସାର୍ଟିଫିକେଟ, ଇନସୁରାନ୍ସ, ଫିଟ୍‌ନେଶ, ପ୍ରଦୂଷଣ ନିୟନ୍ତ୍ରଣ, ଡ୍ରାଇଭିଂ ଲାଇସେନସ ଆଦି ନ ରଖିବା, • ଦ୍ରୁତଗତି, • ମୋବାଇଲ ବ୍ୟବହାର • ଗାଡ଼ି ଚାଳନା ସମୟରେ ମଦ୍ୟପାନ, • ସିଟ୍‌ବେଲ୍ଟ ବ୍ୟବହାର ନ କରିବା, • ଅନୁମୋଦିତ ସୀମାଠାରୁ ଅଧିକ ଯାତ୍ରୀ କିମ୍ବା ମାଲ ପରିବହନ, • ଓଭରଟେକିଙ୍ଗ, • ଭୁଲ ଲେନ୍‌ରେ ଗାଡ଼ି ଚଳାଇବା, • ବେନିୟମ ପାର୍କିଙ୍ଗ, • ଫୁଟପାଥ ଉପରେ ଗାଡ଼ି ଚଳାଇବା, • ଟ୍ରାଫିକ ସିଗନାଲ ନ ମାନିବା, • ହେଲମେଟ ନ ପିନ୍ଧିବା, • ହାଲୋଜେନ ଲାଇଟ ବ୍ୟବହାର କରିବା, • ପ୍ରେସର ହର୍ଣ୍ଣ ଲଗାଇବା ।

## ଇଂଜିନିୟିରିଙ୍ଗ ଏବଂ ଭିତ୍ତିଭୂମି :

ଦୁର୍ଘଟଣା ହ୍ରାସରେ ଯାନବାହନ, ରାସ୍ତା ଏବଂ ଆନୁସଙ୍ଗିକ ଭିତ୍ତିଭୂମିର ପ୍ରମୁଖ ଭୂମିକା ରହିଛି । ଗାଡ଼ିର ଯାନ୍ତ୍ରିକ ସ୍ଥିତି ତଥା ବ୍ରେକ, ଷ୍ଟିଅରିଂ, ଟାୟାରର ଗ୍ରୀପ୍, ଇଲେକ୍‌ଟ୍ରିକ ବ୍ୟବସ୍ଥା, ସିଟ୍‌ବେଲ୍ଟ, ତେଲ ଟାଙ୍କି, ପାର୍ଶ୍ୱଆଇନା, ହର୍ଣ୍ଣ ଆଦି ନିର୍ଭୁଲ ଭାବେ କାର୍ଯ୍ୟକ୍ଷମ ରହିବା

ଆବଶ୍ୟକ । ଗାଡ଼ି ଚାଳକ ନୂଆ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନ କୌଶଳରେ ପରିଚାଳିତ ଗାଡ଼ିର ବୈଷୟିକ ଜ୍ଞାନ ଆହରଣ କରବା ଆବଶ୍ୟକ । ଏଥି ସହିତ ବୈଜ୍ଞାନିକ ଓ ଇଂଜିନିୟରିଙ୍ଗ ପ୍ରଣାଳୀରେ ସଡ଼କର ଭିତ୍ତିଭୂମି ତଥା ଜ୍ୟାମିତିକ ଜଙ୍କସନର ଉନ୍ନତି, ଦୁର୍ଘଟଣା ପ୍ରବଣ ସ୍ଥାନର ଚିହ୍ନଟ, ଖରାପ ରାସ୍ତାର ରକ୍ଷଣାବକ୍ଷେଣ, ସଂପ୍ରସାରଣ, ଅନୁମୋଦିତ ହମ୍ପ ସ୍ଥାପନ, ଉପଯୁକ୍ତ ଚଲାପଥ, ସାଇକେଲ ଟ୍ରାକ୍, ଟ୍ରାଫିକ ସିଗ୍ନାଲ୍, ବୋର୍ଡ଼, ସତର୍କ ସୂଚନା, ମାର୍କିଙ୍ଗ, ରାସ୍ତା ଉପରେ ବେନିୟମ ଜବରଦଖଲ ଉଚ୍ଛେଦ ଇତ୍ୟାଦି ସୁଦୃଢ଼ ହେବାର ଆବଶ୍ୟକତା ରହିଛି ।

ଦୁର୍ଘଟଣା ହ୍ରାସ ଓ ଜୀବନ ସୁରକ୍ଷାରେ ସଚେତନତା ଓ ବଳବତ୍ତକରଣ ସମତୁଲ୍ୟ ଭୂମିକା ରହିଛି । ସଂଶୋଧିତ ମୋଟରଯାନ ଆଇନର ସକ୍ରିୟ ପ୍ରଣୟନ ସହିତ ରାଜ୍ୟ ସରକାର ବଳବତ୍ତକରଣ ଏବଂ ଭିତ୍ତିଭୂମିର ଆଧୁନିକିକରଣକୁ ସଂପ୍ରସାରିତ ଏବଂ ଦୃଢ଼ୀଭୂତ କରିଛନ୍ତି । ଗାଡ଼ି ରେଜିଷ୍ଟ୍ରେସନ୍ ଓ ଲାଇସେନ୍ସ ଆଦିର ଅନ୍‌ଲାଇନ ବ୍ୟବସ୍ଥା, ସିସିଟିଭିର ସ୍ଥାପନ, ଡ୍ରୋନ ବ୍ୟବହାର, ମୋବାଇଲ ଆପ୍‌ର ବ୍ୟବହାର, ଦୁର୍ଘଟଣା ହେଲ୍ପଲାଇନ, ଆମ୍ବୁଲାନ୍ସ, କ୍ରେନ୍, ରାଜପଥରେ ଇଣ୍ଟରସେପ୍ଟର (ଦ୍ରୁତଗତି ଓ ନିଶାସକ୍ତ ଚାଳନା ନିୟନ୍ତ୍ରଣ ନିମନ୍ତେ ଉଦ୍ଦିଷ୍ଟ) ମେଡ଼ିକାଲ୍‌ରେ ଟ୍ରୋମା କେୟାର ବ୍ୟବସ୍ଥା, ରାଜପଥ ସଂଲଗ୍ନ ମଦ ଦୋକାନ ଉଚ୍ଛେଦ, ସୀମାବହିର୍ଭୁତ ଯାତ୍ରୀ ଓ ମାଲ୍ ପରିବହନ ନିୟନ୍ତ୍ରଣ ଓ ପ୍ରାଥମିକ ଚିକିତ୍ସାକୁ ଗୁରୁତ୍ୱ ଆଦି ବିବିଧ ସଡ଼କ ନିରାପତ୍ତା ବ୍ୟବସ୍ଥା ସଡ଼କ ଦୁର୍ଘଟଣା ହ୍ରାସ କ୍ଷେତ୍ରରେ ସହାୟକ ହୋଇଥାଏ ।

**ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ସଡ଼କ ନିରାପତ୍ତାର ମାର୍ଗଦର୍ଶନ**

କୁନି ପିଲାଟି ଯେତେବେଳେ ବିଦ୍ୟାଳୟ ଯିବାକୁ ଆରମ୍ଭ କରେ, ସେ ପ୍ରତିଦିନ ରାସ୍ତା ବ୍ୟବହାରକାରୀ ହୋଇଯାଏ । ସମସ୍ତ ରାସ୍ତା ବ୍ୟବହାରକାରୀମାନେ ମୋଟରଯାନ ଆଇନ, ଟ୍ରାଫିକ ନିୟମ, ଟ୍ରାଫିକ ଶୃଙ୍ଖଳା ଓ ବ୍ୟବହାରର ପରିସରଭୁକ୍ତ । ରାସ୍ତା ଉପରେ ସୁରକ୍ଷିତ ଓ ଶୃଙ୍ଖଳିତ ଯାତାୟତ ନିମନ୍ତେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦତ୍ତ କରାଯାଇଛି :

- ୧୮ ବର୍ଷରୁ କମ୍ ପିଲାଙ୍କ ନିମନ୍ତେ ଡ୍ରାଇଭିଂ ଲାଇସେନସ ଉପଲବ୍ଧ ହୋଇପାରିବ ନାହିଁ ।

- ରାସ୍ତା ପାର ହେବା ପୂର୍ବରୁ ପ୍ରଥମେ ବାମକୁ, ତାପରେ ଡାହାଣକୁ, ପୁନର୍ବାର ବାମକୁ ଚାହିଁବା ଆବଶ୍ୟକ ।

- ହାତ ଧରାଧରି ହୋଇ ସାଇକେଲ ଚଲାଇବା ଉଚିତ ନୁହେଁ । ସାଇକେଲ ଟ୍ରାକ୍‌ରେ ଚଳାଇବା ଆବଶ୍ୟକ ।

- ଟ୍ରାଫିକ ନିୟମ ଉପରେ ଅଜ୍ଞତା, ରାସ୍ତା ଉପରେ ଅନ୍ୟମନସ୍କତା ଓ ଅନିୟମିତତା, ବେଖାତିର ଭାବ ପିଲାଙ୍କୁ ଦୁର୍ଘଟଣା ପ୍ରବଣ କରିଥାଏ ।

- ନିୟମିତ ଦ୍ରୁତଗତି ଓ ସାହାସିକ ଭିଡ଼ିଓ ଗେମ ଦେଖିବା ଆଦି ପିଲାର ମନକୁ ଚଳଚଞ୍ଚଳ ଓ ଅସ୍ଥିର କରି ଥାଏ ।

- ଦୁଇ ଚକିଆ ଯାନରେ ଚାଳକ ବ୍ୟତୀତ କେବଳ ଜଣେ ବସିବା ଉଚିତ ଏବଂ ଉଭୟ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ ।

- ଅନ୍ୟାନ୍ୟ ଯାନ ଅଟୋ, କାର, ବସ୍ ଆଦିରେ ସୀମା ଧାର୍ଯ୍ୟରୁ ଅଧିକ ପିଲା ଯିବା ନିଷେଧ ।

- ସ୍କୁଲ ପ୍ରାଙ୍ଗଣରେ ଟ୍ରାଫିକ ପାର୍କ, ଟ୍ରାଫିକ ସାଇନ୍‌ର ଚିତ୍ର /ବହି, ତର୍କ ବିତର୍କ, ପ୍ରାଥମିକ ଚିକିତ୍ସା ଆଦିର ବ୍ୟବସ୍ଥା ନିୟମିତ ଭାବେ ପାଳନ ହେବା ଆବଶ୍ୟକ ।

- ରାଜପଥ ସଂଲଗ୍ନ ସ୍କୁଲମାନଙ୍କ ନିମନ୍ତେ ସବ୍‌ୱେ / ଅଣ୍ଡରପାସ୍ ଆଦି ସଡ଼କ ଭିତ୍ତିଭୂମି ପ୍ରତିଷ୍ଠା ହେବା ଆବଶ୍ୟକ ।

**ମୋଟର ଯାନ (ସଂଶୋଧିତ) ଆକ୍ଟ, ୨୦୧୯**

ସଡ଼କ ପରିବହନ ବ୍ୟବସ୍ଥା, ସଡ଼କ ନିରାପତ୍ତା ପ୍ରକ୍ରିୟାରେ ଉନ୍ନତି, ସଡ଼କ ଦୁର୍ଘଟଣା ହ୍ରାସ ଏବଂ ନିୟମିତ ଟ୍ରାଫିକ ନିୟମ ଉଲଂଘନକାରୀଙ୍କୁ କଠୋର ଦଣ୍ଡ ପ୍ରଦାନ ଉଦ୍ଦେଶ୍ୟରେ କେନ୍ଦ୍ରୀୟ ମୋଟର ଯାନ ଆକ୍ଟ ୨୦୧୯ ମସିହାରେ ସଂଶୋଧିତ ହୋଇଛି । ଉକ୍ତ ସଂଶୋଧନରେ ମୁଖ୍ୟତଃ କ୍ଷତିପୂରଣ ଏବଂ ଜୋରିମାନାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶା ରାଜ୍ୟ ସରକାରଙ୍କ ସୋଲାସିୟମ୍ ଫଣ୍ଡ୍ ସ୍କିମ୍ ତରଫରୁ ହିଟ୍ ଏବଂ ରନ୍ ମୋଟରଯାନ ଦୁର୍ଘଟଣା ମାମଲାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା ହୋଇଛି । ସାଧାରଣ ଟ୍ରାଫିକ ନିୟମ ଉଲଂଘନ, ବିନା ଲାଇସେନସ, ରେଜିଷ୍ଟ୍ରେସନ, ଗାଡ଼ିର ବୀମା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର, ଦୃତ ଗତି, ବିପଦଜନକ ଚାଳନା, ବିନା ପରମିଟ୍ ଓ ଫିଟ୍‌ନେସ ପ୍ରମାଣ ପତ୍ର, ବିନା ସିଟ୍ ବେଲ୍ଟ, ବିନା ହେଲମେଟ୍, ଅଯୋଗ୍ୟ ବିବେଚିତ ଚାଳକ, ନିଶାସକ୍ତ ଗାଡ଼ିଚଳାନା, ସୀମା ବହିର୍ଭୁତ ମାଲ୍ ଓ ଯାତ୍ରୀ ପରିବହନ, ଚାଳନା ସମୟରେ ମୋବାଇଲ ବ୍ୟବହାର କରୁଥିବା ଗାଡ଼ି ଚାଳକମାନଙ୍କୁ କଠୋର ଭାବରେ ୧୦ ଗୁଣ ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ବୃଦ୍ଧି କରାଯାଇଅଛି । ଏପରିକି ନିଶାସକ୍ତ ବେପରୁଆ ଗାଡ଼ି ଚାଳକଙ୍କୁ ଆର୍ଥିକ ଦଣ୍ଡ ସହ ଜେଲ୍ ଦଣ୍ଡ ଭୋଗିବାର ବ୍ୟବସ୍ଥା ରହିଛି । ଉଲ୍ଲେଖନୀୟ ଭାବରେ ଉକ୍ତ ସଂଶୋଧିତ ଆଇନ ରାଜ୍ୟ ସରକାରମାନଙ୍କୁ ଫୁଟପାଥ୍ ଓ ସାଇକେଲ ଟ୍ରାକ୍ ଆଦି ବ୍ୟବସ୍ଥା ମାଧ୍ୟମରେ ପଦଯାତ୍ରୀ ଓ ସାଇକେଲ ଯାତ୍ରୀ ଏବଂ ଅନ୍ୟ ଅଣଯାନ୍ତ୍ରିକ ଯାନ ଗୁଡ଼ିକର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରିବା ନିମନ୍ତେ କ୍ଷମତା ପ୍ରଦାନ କରିଛନ୍ତି । ଏପରିକି ଛୋଟ ପିଲାମାନେ ଦୁଇ ଚକିଆ ଯାନରେ ଗଲାବେଳେ, ହେଲମେଟ ପରିଧାନ କରିବା ବାଧ୍ୟତାମୂଳକ କରିବା ସହ ପିଲାମାନଙ୍କୁ ସୁରକ୍ଷା ବେଲ୍ଟ କିମ୍ବା ସୁରକ୍ଷା ଦେବା ଅଭିଭାବକ ତଥା ଗାଡ଼ିଚାଳକଙ୍କ ବାଧ୍ୟତାମୂଳକ ଦାୟିତ୍ୱ ଭାବେ ଉଲ୍ଲେଖ କରିଛନ୍ତି ।


**ଓଡ଼ିଶା ଗୁଡ୍ ସମରିଟାନ ନୀତି, ୨୦୧୮ :** ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ତୁରନ୍ତ ମେଡ଼ିକାଲ ଚିକିତ୍ସା ପ୍ରଦାନ କରି ଜୀବନ ବଞ୍ଚାଇବା ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ଗୁଡ୍ ସମରିଟାନ ନୀତିର ମୁଖ୍ୟ ଆଭିମୁଖ୍ୟ । ସୁପ୍ରିମକୋର୍ଟର ୨୦୧୪ ନିର୍ଦ୍ଦେଶକ୍ରମେ, ଓଡ଼ିଶା ସରକାର ଉକ୍ତ ନୀତି ପ୍ରଣୟନ କରିଛନ୍ତି । ପୋଲିସ, ପରିବହନ, ସ୍ୱାସ୍ଥ୍ୟବିଭାଗ ଏବଂ ଅନ୍ୟ ବିଭାଗର ସମନ୍ୱିତ ସହଯୋଗ ଓ ସହଭାଗୀତାରେ ଉକ୍ତ ନୀତି କାର୍ଯ୍ୟକାରୀ ହେଉଛି । ସମସ୍ତ ସରକାରୀ ଓ ଘରୋଇ ହସ୍‌ପିଟାଲ୍‌ରେ ଏହା କାର୍ଯ୍ୟକାରୀ ହେଉଛି । ଏହି ନୀତିଦ୍ୱାରା ଜଣେ ବ୍ୟକ୍ତି ଅନ୍ୟର ଜୀବନ ବଞ୍ଚାଇବାର ମନୋଭାବ ନେଇ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ଦୁର୍ଘଟଣାସ୍ଥଳରୁ ହସପିଟାଲ ଯେକୌଣସି ଗାଡ଼ିରେ ନେଇପାରିବେ । ଏଥିନିମନ୍ତେ ସେ ପୋଲିସ କିମ୍ବା ଡାକ୍ତରଙ୍କୁ ନିଜର ପରିଚୟ ଦେବା ବାଧ୍ୟତାମୂଳକ ନୁହେଁ । ସେ ପୋଲିସଙ୍କ ଅଭିଯୋଗ ଫର୍ଦ୍ଦ, ପ୍ରଶ୍ନ, ଅଟକ ହେବାର ପରିସରଭୁକ୍ତ ହେବେନାହିଁ । ପରନ୍ତୁ ସରକାରଙ୍କ ଦ୍ୱାରା ପୁରସ୍କାରପ୍ରାପ୍ତି ନିମନ୍ତେ ନିଜର ପରିଚୟ ପତ୍ର ଉପଯୁକ୍ତ ଫର୍ମରେ ଆବେଦନ କରିପାରିବେ । ଗୁଡ୍ ସମରିଟାନ୍ ପଲିସି ଅନୁଯାୟୀ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ନିକଟସ୍ଥ ଯେକୌଣସି ସରକାରୀ କିମ୍ବା ବେସରକାରୀ ଡାକ୍ତରଖାନାରେ ପହଞ୍ଚାଇଲେ ୨୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଆହତଙ୍କୁ ୧ ଘଣ୍ଟା ମଧ୍ୟରେ ଉପଯୁକ୍ତ ଚିକିତ୍ସା କଲେ (ଯାହାକୁ ଦୁର୍ଘଟଣାର ଗୋଲ୍‌ଡେନ୍ ଆୱାର କହନ୍ତି) ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ପ୍ରାୟ ୬୦ ପ୍ରତିଶତ ହ୍ରାସ ପାଇ ପାରିବ ।

**ଇନ୍ଧନ ସଂରକ୍ଷଣ :**


ସଡ଼କ ପରିବହନ ବ୍ୟବସ୍ଥାରେ ପେଟ୍ରୋଲ ଡିଜେଲ ଭଳି ଇନ୍ଧନ ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କ୍ରମବର୍ଦ୍ଧିଷ୍ଣୁ ଯାନବାହନ ସଂଖ୍ୟା ସହ ପେଟ୍ରୋଲ ଡିଜେଲ ଭଳି ଇନ୍ଧନର ବହୁଳ ଅପବ୍ୟବହାର ବୃଦ୍ଧି ପାଇଛି । ଇନ୍ଧନ ସଂରକ୍ଷଣ ଉକ୍ତ ଅପବ୍ୟବହାର ଏବଂ ବହୁଳ ବ୍ୟବହାରକୁ ନିୟନ୍ତ୍ରଣ କରିଥାଏ । ଏଥି ସହିତ ଏହା ଗାଡ଼ିର ଯାନ୍ତ୍ରିକ ତ୍ରୁଟି ସୁଧାରିବା, ପ୍ରକୃଷ୍ଟ ରକ୍ଷଣାବକ୍ଷେଣ, ସଡ଼କ ସୁରକ୍ଷାର ମାନବୃଦ୍ଧି, ଯାନବାହନ ଜନିତ ବିଷାକ୍ତ ବାୟୁପ୍ରଦୂଷଣ ଓ ସ୍ୱାସ୍ଥ୍ୟ ଉପରେ ଏହାର ହାନିକାରକ ପ୍ରଭାବକୁ ରୋକିବାରେ ପ୍ରମୁଖ ଭୂମିକା ନେଇଥାଏ । ଗାଡ଼ିର ଇନ୍ଧନ ବ୍ୟବହାର ସାଧାରଣତଃ ଗାଡ଼ିର ଆକାର ଓ ପ୍ରକାର ଭେଦ, ରାସ୍ତାର ଅବସ୍ଥା, ଟ୍ରାଫିକ୍‌ର ଘନତ୍ୱ, ଓ ଗତିଶୀଳତା, ଚାଳକଙ୍କ ଗାଡ଼ିଚାଳନାରେ ଦକ୍ଷତା ଓ ଅଭ୍ୟାସ, ଗାଡ଼ିର ପ୍ରତିଷେଧକମୂଳକ ରକ୍ଷଣାବେକ୍ଷଣ ଉପରେ ନିର୍ଭର କରିଥାଏ । ଏଥି ମଧ୍ୟରେ ଗାଡ଼ି ଚାଳନାର ଅଭ୍ୟାସ ଓ ମନୋଭାବର ସର୍ବାଧିକ ଗୁରୁତ୍ୱ ରହିଛି । ସ୍ଥିର ଗାଡ଼ିର ଇଞ୍ଜିନକୁ ଅଧିକ ସମୟ ଚାଲୁ ଅବସ୍ଥାରେ ନ ରଖିବା, ତେଲଟାଙ୍କି ସଫା କରିବା, ଟାୟାରକୁ ସର୍ବଦା ଅନୁମୋଦିତ ପ୍ରେସର୍‌ରେ ରଖିବା, ଗାଡ଼ିର ଶୀତତାପ ନିୟନ୍ତ୍ରଣ ଯନ୍ତ୍ରର ସୀମିତ ବ୍ୟବହାର, ଅନୁମୋଦିତ ବେଗରେ ଗାଡ଼ି ଚଳାଇବା, ଇନ୍ଧନ ସମ୍ବନ୍ଧୀୟ ଯନ୍ତ୍ରପାତିର ନିୟମିତ ଯାଞ୍ଚ କରିବା ଆଦି ଇନ୍ଧନ ସଂରକ୍ଷଣରେ ସାହାଯ୍ୟ କରିଥାଏ । ରାଜ୍ୟର ସମସ୍ତ ଗାଡ଼ିର ସଂଖ୍ୟାର ଦୁଇତୃତୀୟାଂଶରୁ ଅଧିକ ସ୍କୁଟର, ମୋଟର ସାଇକେଲ୍ ଭଳି ବ୍ୟକ୍ତିଗତ ଗାଡ଼ି ପ୍ରକାର ଭେଦରେ ଅନ୍ତର୍ଭୁକ୍ତ । ଏ ସମସ୍ତ ଗାଡ଼ିର ସୀମିତ ବ୍ୟବହାର କରି ଜନସାଧାରଣ ସାର୍ବଜନୀନ ଗାଡ଼ି ତଥା ବସ୍, ଟ୍ୟାକ୍‌ସି, ଅଟୋ ଆଦି ଦୈନନ୍ଦିନ ବ୍ୟବହାର କରିବା ଆବଶ୍ୟକ । ଏଥି ସହିତ ଇଲେକ୍‌ଟ୍ରିକ ଯାନ, ସବୁଜ ଯାନ (ସାଇକେଲ୍) ଆଦିକୁ ପ୍ରୋତ୍ସାହନ ଦିଆଯାଇପାରେ । ଏହା ଇନ୍ଧନ ସଂରକ୍ଷଣର ପ୍ରକୃଷ୍ଟ ମାର୍ଗ ହୋଇପାରିବ ।

## Road Signs


### Mandatory signs



## Cautionary signs




## Informatory signs



# ପ୍ରଶ୍ନାବଳୀ

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଟି ଶବ୍ଦରେ ଲେଖ ।

(କ) ସଡ଼କ ପରିବହନ ବ୍ୟବସ୍ଥା କହିଲେ କ'ଣ ବୁଝ ?

(ଖ) କାହାର ପ୍ରଭାବରେ ସଡ଼କ ଦୁର୍ଘଟଣାର ସମ୍ଭାବନା ବୃଦ୍ଧି ପାଇଥାଏ ?

(ଗ) ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ସମୂହ କ'ଣ ?

(ଘ) ଓଡ଼ିଶାରେ ସଡ଼କ ଦୁର୍ଘଟଣାର ପରିବ୍ୟାପ୍ତି ଓ ଭୟାଭୟତା ବର୍ଣ୍ଣନା କର ।

(ଙ) ସଡ଼କ ଦୁର୍ଘଟଣାର ନିରାକରଣ ବ୍ୟବସ୍ଥା କ'ଣ ରହିଛି ?

୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଟି ଶବ୍ଦରେ ଲେଖ ।

(କ) ମୋଟର ଯାନ ଆଇନ କ'ଣ ?

(ଖ) ସଂଶୋଧିତ ମୋଟର ଯାନ ଆକ୍ଟର ମୁଖ୍ୟ ଆଭିମୁଖ୍ୟ କ'ଣ ?

(ଗ) ଇନ୍ଧନ ସଂରକ୍ଷଣ କାହିଁକି ଆବଶ୍ୟକ ?

(ଘ) ଓଡ଼ିଶା ସରକାରଙ୍କ ସମରିଟାନ ନୀତି ସମ୍ବନ୍ଧରେ ଉଲ୍ଲେଖ କର ।

(ଙ) ବ୍ୟକ୍ତିଗତ ଯାନ ଓ ସାର୍ବଜନୀନନ ଗାଡ଼ି ମଧ୍ୟରେ ପ୍ରଭେଦ କ'ଣ ରହିଛି ?

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।

(କ) ରାସ୍ତା ପାର ହେଲା ବେଳେ କି ସତର୍କତା ଅବଲମ୍ବନ କରିବ ?

(ଖ) ଟ୍ରାଫିକ ଚିହ୍ନର ପ୍ରମୁଖ ପ୍ରକାର ଭେଦ କ'ଣ ରହିଛି ?

(ଗ) ଗାଡ଼ି ଚାଳକ ପାଖରେ କେଉଁ ସବୁ ପ୍ରମାଣ ପତ୍ର ରହିବା ବାଧ୍ୟତାମୂଳକ ଅଟେ ?

(ଘ) ସବୁଜ ପରିବହନ କ'ଣ ?

(ଙ) ସମରିଟାନ୍‌ର ସଂଜ୍ଞା କ'ଣ ?

୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ ଉତ୍ତରଟି ବାଛି ତାର କ୍ରମିକ ନମ୍ବର ସହିତ ଲେଖ ।

(କ) ଡ୍ରାଇଭିଂ ଲାଇନେସ ପ୍ରାପ୍ତି ନିମନ୍ତେ ସର୍ବନିମ୍ନ ବୟସସୀମା କେତେ ?

(i) ୨୦, (ii) ୨୧, (iii) ୧୮, (iv) ୧୫

(ଖ) ଦୁଇ ଚକିଆ ଯାନର ଯାତ୍ରୀ କ୍ଷମତା କେତେ ?

(i) ୩, (ii) ୪, (iii) ୧, (iv) ୨

(ଗ) ନିଶାସକ୍ତ ହୋଇ ଗାଡ଼ି ଚାଳନା କଲେ କେଉଁ ପ୍ରକାର ଦଣ୍ଡ ରହିଛି ?

(i) ଜେଲ, (ii) ଆର୍ଥିକ, (iii) ଆର୍ଥିକ ଓ ଜେଲ

(ଘ) ଗାଡ଼ିଚାଳନା ବେଳେ ମୋବାଇଲର ବ୍ୟବହାର ବେନିୟମ କି ?

(i) ହଁ, (ii) ନା

❖ ❖ ❖

25AIAX

## ଚତୁର୍ଥ ଅଧ୍ୟାୟ

# ଭାରତର ବୈଦେଶିକ ନୀତି

## ପ୍ରଥମ ପାଠ

## ଭାରତର ଯୁକ୍ତରାଷ୍ଟ୍ର ଆମେରିକା ଓ ରଷିଆ ସହିତ ସମ୍ପର୍କ

### ପ୍ରାକ୍ ସୂଚନା :

ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଉତ୍ତମ ଓ ପାରସ୍ପରିକ ସୁସମ୍ପର୍କ ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହୋଇଥାଏ । ବିଭିନ୍ନ ଦେଶର ବୈଦେଶିକ ନୀତି ଦ୍ୱାରା ଆନ୍ତର୍ଜାତିକ ସମ୍ପର୍କ ପ୍ରଭାବିତ ହୋଇଥାଏ । କୌଣସି ଦେଶର ବୈଦେଶିକ ନୀତି ଅନ୍ୟ ଦେଶର ଆଚାର ବ୍ୟବହାରକୁ ପ୍ରଭାବିତ କରେ ଓ ଅନ୍ୟ ଦେଶର ବୈଦେଶିକ ନୀତି ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାଏ । ସେହିପରି ବୈଦେଶିକ ନୀତି ଦ୍ୱାରା ଏକ ଦେଶ ତା'ର ଜାତୀୟ ସ୍ୱାର୍ଥକୁ ବିଶ୍ୱ ଦରବାରରେ ସୁରକ୍ଷିତ ରଖେ ।

ଆମ ଦେଶ ଭାରତ ଆନ୍ତର୍ଜାତିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୧୯୪୭ ମସିହାରେ ସ୍ୱାଧୀନତା ଲାଭକଲା ପରଠାରୁ ଭାରତ ତା'ର ବୈଦେଶିକ ନୀତି ସ୍ୱାଧୀନ ଭାବରେ ନିର୍ଦ୍ଧାରଣ କରିଛି ଏବଂ ବିଭିନ୍ନ ସମୟରେ ଏହି ନୀତିରେ ପରିବର୍ତ୍ତନ ଆଣିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷହେବା ପରେ ପରେ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର ରୂପେ ପରିଗଣିତ ହୋଇଛି । ସ୍ୱାଧୀନତା ପ୍ରାପ୍ତି ପରେ ପରେ ପ୍ରଥମେ ଭାରତକୁ ନିଜର ବୈଦେଶିକ ନୀତି ନିର୍ଦ୍ଧାରଣ କରିବା ପାଇଁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା । ନୂତନ ରାଷ୍ଟ୍ର ପାକିସ୍ଥାନ ଗଠନ ଭାରତର ନିରାପତ୍ତା ପ୍ରତି କିଛିଟା ବିପଦ ସୃଷ୍ଟି କରିଥିଲା । ଭାରତ ଏକ ଶାନ୍ତିପ୍ରିୟ ରାଷ୍ଟ୍ର । ଏଣୁ ଆମ ଦେଶର ବୈଦେଶିକ ନୀତିରେ ଏହି ଆଦର୍ଶ ପ୍ରତିଫଳିତ ହୋଇଅଛି । ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଭାରତର ବୈଦେଶିକ ନୀତି ନିର୍ଦ୍ଧାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସ୍ୱାଧୀନତା ପ୍ରାପ୍ତିପରେ ତାଙ୍କର ନେତୃତ୍ୱାଧୀନ ସରକାର ଭାରତର ବୈଦେଶିକ ନୀତିକୁ ଏକ ସ୍ପଷ୍ଟ ରୂପରେଖ ଦେଇଥିଲା ।

ଭାରତର ବୈଦେଶିକ ନୀତିର ବୈଶିଷ୍ଟ୍ୟ ନିମ୍ନରେ ଆଲୋଚନା କରାଯାଉଅଛି ।

**(୧) ଗୋଷ୍ଠୀନିରପେକ୍ଷତା :** ଭାରତ ଗୋଷ୍ଠୀ ନିରପେକ୍ଷତା ନୀତିରେ ବିଶ୍ୱାସ କରେ । ଆନ୍ତଃରାଷ୍ଟ୍ରୀୟ ସମାଜକୁ ଏହା ଭାରତର ମୁଖ୍ୟ ଅବଦାନ । ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଲା । ଏହା ପରେ ପରେ ସମଗ୍ର ବିଶ୍ୱ ଦୁଇଟି ପରସ୍ପର ବିରୋଧୀ ଗୋଷ୍ଠୀରେ ବିଭକ୍ତ ହେଲା । ଯୁକ୍ତରାଷ୍ଟ୍ର ଆମେରିକା ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇଥିବାବେଳେ ପ୍ରାକ୍ତନ ସୋଭିଏତ୍ ରଷିଆ ଅନ୍ୟ ଗୋଷ୍ଠୀର ନେତୃତ୍ୱ ନେଲା । ଏହି ଦୁଇ ଦେଶ ବିଶ୍ୱର ଦୁଇଟି ବୃହତ୍ ଶକ୍ତି ଭାବରେ ମୁଣ୍ଡ ଟେକିଥିଲେ ଏବଂ ଉଭୟେ ନିଜ ନିଜର ପ୍ରଭାବ ବିସ୍ତାର କରିବାରେ ଚେଷ୍ଟିତ ଥିଲେ । ଏହି ଦୁଇ ଦେଶ ଅନ୍ୟ ସ୍ୱାଧୀନ ରାଷ୍ଟ୍ରଗୁଡ଼ିକୁ ନିଜର ପକ୍ଷଭୁକ୍ତ କରିବା ପାଇଁ ଉଦ୍ୟମ କରିଥିଲେ । ଫଳରେ ଉଭୟ ଦେଶ ମଧ୍ୟରେ **'ଶୀତଳ ଯୁଦ୍ଧ'**ର ଆରମ୍ଭ ହୋଇଥିଲା । ଏହି ଯୁଦ୍ଧ ପରସ୍ପର ବିରୋଧରେ ଅପପ୍ରଚାର ଓ ମାନସିକ ଚାପ ପ୍ରୟୋଗ ଉପରେ ଆଧାରିତ ଥିଲା । ଅବଶ୍ୟ ଏହି ଶତ୍ରୁତା ତୃତୀୟ ବିଶ୍ୱଯୁଦ୍ଧର କୌଣସି ରୂପ ନେଇ ନ ଥିଲା ।

ଏହି ସମୟରେ ଭାରତର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଭାରତ କୌଣସି ଗୋଷ୍ଠୀଭୁକ୍ତ ହେବାପାଇଁ ଚାହିଁ ନ ଥିଲା । ଭାରତ ନିଜର ଏକ ସ୍ୱାଧୀନ ନିରପେକ୍ଷ ତଥା ଶକ୍ତିଶାଳୀ ବୈଦେଶିକ ନୀତି ଉପରେ ଗୁରୁତ୍ୱ ଆରୋପ କରିଥିଲା । ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଭାରତ ନିଜର ଉଦ୍ୟମ ଅବ୍ୟାହତ ରଖିଥିଲା । ସମସ୍ତ ରାଷ୍ଟ୍ରମାନଙ୍କ ସହିତ ସଦ୍‌ଭାବ ଓ ଶାନ୍ତିପୂର୍ଣ୍ଣ ସମ୍ପର୍କ ସ୍ଥାପନ ଦିଗରେ ଭାରତ ସର୍ବଦା ଚେଷ୍ଟିତ ଥିଲା । ଏଣୁ ଭାରତ ନିଶ୍ଚିତ ଥିଲା ଯେ, କୌଣସି ଏକ ଗୋଷ୍ଠୀରେ ସାମିଲ ହେଲେ ଦେଶ ନିଜର ସ୍ୱାତନ୍ତ୍ର୍ୟ ହରାଇ ବସିବ ।

**(୨) ଶାନ୍ତିପୂର୍ଣ୍ଣ ସହାବସ୍ଥାନ :** ଭାରତ '**ବସୁଧୈବ କୁଟୁମ୍ବକମ୍**' ନୀତିରେ ବିଶ୍ୱାସ କରେ । ବିଶ୍ୱର ସମସ୍ତ ରାଷ୍ଟ୍ର ଶାନ୍ତି ଓ ମୈତ୍ରୀର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଚଳନ୍ତୁ–ଏହା ଥିଲା ଭାରତର ଇଚ୍ଛା । ୧୯୫୪ ମସିହାରେ ଉଭୟ ଭାରତ ଓ ଚୀନ '**ପଞ୍ଚଶୀଳ**' ନୀତିର ଘୋଷଣାନାମାରେ ସ୍ୱାକ୍ଷର କରିଥିଲେ ଏବଂ ନିମ୍ନୋକ୍ତ ପାଞ୍ଚଗୋଟି ନୀତିକୁ ପାଳନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ସେହି ପାଞ୍ଚଗୋଟି ନୀତି ହେଲା–

୧. ପ୍ରତ୍ୟେକ ରାଷ୍ଟ୍ରର ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ପାରସ୍ପରିକ ସମ୍ମାନ ପ୍ରଦର୍ଶନ ।

୨. ପାରସ୍ପରିକ ଅନାକ୍ରମଣ ।

୩. କେହି ଅନ୍ୟ କାହାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରୁ ନିବୃତ୍ତ ରହିବା ।

୪. ସାମ୍ୟ ଓ ପାରସ୍ପରିକ ଉପକାର ।

୫. ଶାନ୍ତିପୂର୍ଣ୍ଣ ସହାବସ୍ଥାନ ।

ଏହି '**ପଞ୍ଚଶୀଳ**' ନୀତି ଏତେ ଆଦୃତ ହୋଇଥିଲା ଯେ ୧୯୫୫ ଅପ୍ରେଲ ମାସରେ ବାନ୍ଦୁଙ୍ଗ୍‌ଠାରେ ଅନୁଷ୍ଠିତ ଏସୀୟ-ଆଫ୍ରିକୀୟ ଦେଶମାନଙ୍କର ସମ୍ମିଳନୀରେ ଗୃହୀତ ବିଶ୍ୱଶାନ୍ତି ଓ ସହଯୋଗ ଘୋଷଣାନାମାରେ ଏହା ସ୍ଥାନ ପାଇଥିଲା ।

**(୩) ସାମ୍ରାଜ୍ୟବାଦର ବିରୋଧ :** ଭାରତ ଉପନିବେଶବାଦ ଓ ସାମ୍ରାଜ୍ୟବାଦର ଘୋର ବିରୋଧୀ ଅଟେ । ତେଣୁ ଏସିଆ ଓ ଆଫ୍ରିକା ମହାଦେଶର ଉପନିବେଶ ମାନଙ୍କରେ ଚାଲିଥିବା ମୁକ୍ତି ସଂଗ୍ରାମକୁ ଭାରତ ପ୍ରୋତ୍ସାହିତ କରିଥିଲା । ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ ଯେ, ଉପନିବେଶବାଦ ଆଫ୍ରିକା ଓ ଏସିଆ ମହାଦେଶ ପାଇଁ ସବୁଠାରୁ ବଡ଼ ବିପଦ ଏବଂ ଏହାକୁ ହଟାଇବା ନିତାନ୍ତ ଆବଶ୍ୟକ ।

**(୪) ବର୍ଣ୍ଣବୈଷମ୍ୟ ନୀତିର ବିରୋଧ :** ପ୍ରତ୍ୟେକ ମନୁଷ୍ୟର ସମାନତା ଓ ସ୍ୱାଧୀନତାଜନିତ ଅଧିକାରରେ ଭାରତ ବିଶ୍ୱାସ କରେ । ଏଣୁ ଦକ୍ଷିଣ ଆଫ୍ରିକାର ସଂଖ୍ୟାଲଘୁ ଗୋରା ଶାସକଙ୍କର ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ଭାରତ ସ୍ୱର ଉତ୍ତୋଳନ କରିଥିଲା ଏବଂ ୧୯୪୯ ମସିହାରେ ସେଠାକାର ଗୋରା ଶାସନ ସହିତ ସମ୍ପର୍କ ଛିନ୍ନ କରିଥିଲା । ମାନବାଧିକାର ସୁରକ୍ଷା କ୍ଷେତ୍ରରେ ସଂଯୁକ୍ତ ରାଷ୍ଟ୍ରସଂଘର ସମସ୍ତ ପଦକ୍ଷେପକୁ ଭାରତ ସମର୍ଥନ କରୁଥିଲା ।

**(୫) ଆର୍ଥିକ ପ୍ରଗତି ଉପରେ ଗୁରୁତ୍ୱ :** ପ୍ରତ୍ୟେକ ଦେଶ ପାଇଁ ଆର୍ଥିକ ପ୍ରଗତି ନିତାନ୍ତ ଆବଶ୍ୟକ । ଧନୀ ରାଷ୍ଟ୍ରମାନଙ୍କର ଗରିବ ରାଷ୍ଟ୍ରମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା କାର୍ଯ୍ୟ ସ୍ୱାଗତଯୋଗ୍ୟ । କିନ୍ତୁ ଆର୍ଥିକ ସହାୟତା ଯୋଗାଇବା ମାଧ୍ୟମରେ ଗରିବ ରାଷ୍ଟ୍ରମାନଙ୍କୁ ଶୋଷଣ କରିବାର ଅଭିପ୍ରାୟକୁ ଭାରତ ଘୃଣା କରେ ।

**(୬) ଆନ୍ତର୍ଜାତିକ ସଂଗଠନ ସହିତ ସୁସମ୍ପର୍କ :** ଭାରତ ସଂଯୁକ୍ତ ରାଷ୍ଟ୍ରସଂଘର ଗୋଟିଏ ସକ୍ରିୟ ସଦସ୍ୟ । ଆନ୍ତର୍ଜାତିକ ଶାନ୍ତି ବଜାୟ ରଖିବା ଏହାର ଧ୍ୟେୟ । ଏଣୁ ବିଶ୍ୱ ଶାନ୍ତି ପ୍ରତିଷ୍ଠା ଦିଗରେ ସଂଯୁକ୍ତ ରାଷ୍ଟ୍ରସଂଘର ସମସ୍ତ ଉଦ୍ୟମକୁ

ଭାରତ ସର୍ବଦା ସମର୍ଥନ କରି ଆସୁଅଛି ଓ ସହଯୋଗ ଦେଇ ଆସୁଅଛି । ନିରସ୍ତ୍ରୀକରଣ ଅଭିଯାନରେ ଆମ ଦେଶ ସକ୍ରିୟ ଅଂଶ ଗ୍ରହଣ କରିଛି । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରେ ଭାରତ ନିଜକୁ ସାମିଲ କରିଛି ଏବଂ ଏହି କ୍ଷେତ୍ରରେ ସଫଳତା ଆଣିବା ପାଇଁ ଉଦ୍ୟମ କରୁଥିବା ଅନେକ ଆନ୍ତର୍ଜାତିକ ସଂସ୍ଥାକୁ ଭାରତ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛି । ମିଶର, କଙ୍ଗୋ ଓ ଯୁଗୋସ୍ଲୋଭିଆ ଇତ୍ୟାଦି ରାଷ୍ଟ୍ରରେ ଶାନ୍ତି ସ୍ଥାପନ ଦିଗରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ ମଧ୍ୟ ।

**(୭) ଆନ୍ତର୍ଜାତିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ :** ଦେଶ ଦେଶ ମଧ୍ୟରେ କନ୍ଦଳ ଏକ ସ୍ୱାଭାବିକ ଘଟଣା ହେଲେ ମଧ୍ୟ ଭାରତ ଏହି କନ୍ଦଳର ଶାନ୍ତିପୂର୍ଣ୍ଣ ସମାଧାନରେ ବିଶ୍ୱାସ କରେ । ଆମ ଦେଶର ସମ୍ବିଧାନର ଧାରା-୫୧ରେ କୁହାଯାଇଛି ଯେ, ଆନ୍ତର୍ଜାତିକ କ୍ଷେତ୍ରରେ ବିଭିନ୍ନ ସମୟରେ ଉପୁଜୁଥିବା କନ୍ଦଳର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଭାରତ ଉଦ୍ୟମ କରିବ । ବଳ ପ୍ରୟୋଗ କରି କୌଣସି ସମାଧାନର ପନ୍ଥା ବାହାର କରିବାରେ ଆମ ଦେଶ ବିଶ୍ୱାସ କରେ ନାହିଁ । ପାରସ୍ପରିକ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ଭାରତର ଦୃଢ଼ ବିଶ୍ୱାସ ରହିଛି ।

ଦକ୍ଷିଣ-ଏସିଆର ଏକ ସର୍ବବୃହତ ଦେଶଭାବରେ ପରିଚିତ ଭାରତ ତା'ର ପଡ଼ୋଶୀ ରାଷ୍ଟ୍ରମାନଙ୍କ ପ୍ରତି ଉଦାର ମନୋଭାବ ପୋଷଣ କରିଛି । ବିଶ୍ୱ ଦରବାରରେ ଆମର ବୈଦେଶିକ ନୀତିକୁ ଅନେକ ରାଷ୍ଟ୍ର ପ୍ରଶଂସା କରିଛନ୍ତି ।

**(କ) ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା :** ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଶୀତଳ ଯୁଦ୍ଧର ଆରମ୍ଭ ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ଋଷିଆ ବିଶ୍ୱର ଦୁଇଟି ମହାଶକ୍ତି ରୂପେ ମୁଣ୍ଡ ଟେକି ଥିଲେ । ବ୍ରିଟେନ୍ ଓ ଫ୍ରାନ୍ସ୍ ପରି ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ କ୍ରମଶଃ ଦୁର୍ବଳ ଶକ୍ତିରେ ପରିଣତ ହୋଇଗଲେ । ସମଗ୍ର ବିଶ୍ୱର କୂଟନୀତି ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ଋଷିଆ ଦ୍ୱାରା ହିଁ ପରିଚାଳିତ ହେଲା । ୧୯୪୯ ମସିହା ସୁଦ୍ଧା ଉଭୟ ମହାଶକ୍ତି ବିପୁଳ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ହୋଇଥିଲେ ।

ଆମ ଦେଶ ଭାରତ ଏକ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ହୋଇଥିବା ହେତୁ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସମର୍ଥନ ନ କରି, ଉଭୟ ପରାକ୍ରମୀ ଗୋଷ୍ଠୀ ସହିତ ଶାନ୍ତିପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା ।

ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱର ଦୁଇଟି ପ୍ରମୁଖ ଗଣତନ୍ତ୍ର । ଏହି ଦୁଇ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ନିବିଡ଼ ଆତ୍ମୀୟତା ଗଢ଼ି ଉଠିବା ନେଇ ଅନେକ ଆଶାବାଦୀ ଥିଲେ । ଆରମ୍ଭରେ ଯୁକ୍ତରାଷ୍ଟ୍ର ଆମେରିକା ଭାରତ ସହିତ ସମ୍ପର୍କ ସ୍ଥାପନରେ ପ୍ରାୟ ଗୁରୁତ୍ୱ ଦେଉ ନ ଥିଲା । ତେବେ ୧୯୬୨ ମସିହାରେ ଯେତେବେଳେ ଚୀନ୍ ଭାରତ ଉପରେ ଆକ୍ରମଣ କଲା, ସେତେବେଳେ ଯୁକ୍ତରାଷ୍ଟ୍ର ଆମେରିକା ଭାରତକୁ ସମର୍ଥନ କରିଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ କେନେଡ଼ି ସରକାର ଭାରତ ପ୍ରତି ସମବେଦନା ଜ୍ଞାପନ କରିଥିଲା । କିନ୍ତୁ ୧୯୬୫ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ପାକିସ୍ତାନକୁ ସମର୍ଥନ କରିଥିଲା । ସେହି ସମୟରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରିଚାର୍ଡ ନିକ୍ସନ୍ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ ଜଣାଇଥିଲେ ଏବଂ ଭାରତକୁ ଭୟଭୀତ କରାଇବା ପାଇଁ ବଙ୍ଗୋପସାଗରକୁ **ସପ୍ତମ ନୌବହର** ପଠାଇଥିଲେ ଓ ଚୀନକୁ ଭାରତ ବିରୋଧରେ ଉତ୍ସାହିତ କରିଥିଲେ ।

କାଶ୍ମୀର ପ୍ରସଙ୍ଗ, ପାକିସ୍ତାନକୁ ଯୁକ୍ତରାଷ୍ଟ୍ର ଆମେରିକାର ଅସ୍ତ୍ରଶସ୍ତ୍ର ସାହାଯ୍ୟ, ୧୯୭୧ ଓ ୧୯୯୧ ମସିହା ମଧ୍ୟରେ ଭାରତ-ସୋଭିଏତ ଋଷିଆ ମଧ୍ୟରେ ବନ୍ଧୁତ୍ୱ ପ୍ରସଙ୍ଗ ଭାରତ ସହିତ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ପର୍କରେ ତିକ୍ତତା ଆଣିଥିଲା । ୧୯୯୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ସମ୍ପର୍କରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରିଥିଲେ । ୧୯୯୭ ମସିହାରେ

ସେ ସ୍ପଷ୍ଟ ଭାବରେ କହିଥିଲେ ଯେ, କାଶ୍ମୀର ପ୍ରସଙ୍ଗ ନେଇ ଭାରତ ଓ ପାକିସ୍ଥାନ ମଧ୍ୟରେ ମଧ୍ୟସ୍ଥତା କରିବାର ଅଭିପ୍ରାୟ ଯୁକ୍ତରାଷ୍ଟ୍ର ଆମେରିକାର ନାହିଁ। ସେ ମଧ ତତ୍‌କାଳୀନ ପାକିସ୍ଥାନର ପ୍ରଧାନମନ୍ତ୍ରୀଙ୍କୁ ଜଣାଇ ଦେଇଥିଲେ ଯେ ଉଭୟ ଦେଶ ସିଧାସଳଖ ଆଲୋଚନା ମାଧ୍ୟମରେ କାଶ୍ମୀର ସମସ୍ୟାର ସମାଧାନ ପନ୍ଥା ବାହାର କରନ୍ତୁ।

ଅର୍ଥନୀତି କ୍ଷେତ୍ରରେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ପ୍ରଗତି ପରିଲକ୍ଷିତ ହୋଇଥିଲା। ଭାରତର ଉଦାରୀକରଣ ନୀତିକୁ ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥନ ଜଣାଇଥିଲା। ୧୯୯୫ ମସିହା ଜାନୁୟାରୀ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍‌କାଳୀନ ବାଣିଜ୍ୟ ସଚିବ ରୋନାଲ୍‌ଡ ବ୍ରାଉନ୍‌ଙ୍କର ଅଧ୍ୟକ୍ଷତାରେ ଏକ ଆମେରିକୀୟ ପ୍ରତିନିଧି ଦଳ ଭାରତ ଆସିଥିଲେ। ସେ ସମୟରେ ଶକ୍ତି, ଶିଳ୍ପ, ପରିବହନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଭାରତୀୟ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ଅର୍ଥ ବିନିଯୋଗ କରିଥିଲା। ପରିବେଶ ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ଲାଗି ଉଭୟ ଦେଶ ଚୁକ୍ତିବଦ୍ଧ ହୋଇଥିଲେ। ବେଆଇନ ନିଶାଦ୍ରବ୍ୟ କାରବାରକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ଉଭୟ ଦେଶ ପରସ୍ପରର ସହଯୋଗ କାମନା କରିଥିଲେ। ଆନ୍ତର୍ଜାତିକ ସ୍ତରରେ ସନ୍ତ୍ରାସବାଦର ବିଲୋପ ପାଇଁ ଉଭୟ ଦେଶ ଅଙ୍ଗୀକାରବଦ୍ଧ ହୋଇଥିଲେ। ବିଂଶ ଶତାବ୍ଦୀର ଶେଷ ଦଶକରେ ଏ ନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଶିକ୍ଷା ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ଉଭୟଦେଶ ପାରସ୍ପରିକ ସହଯୋଗ କାମନା କରିଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରେ ପରେ **ଶୀତଳ ଯୁଦ୍ଧର** ଆରମ୍ଭ ହୋଇଥିଲା। ସାମ୍ୟବାଦକୁ ପ୍ରତିହତ କରିବାପାଇଁ ଏବଂ ସୋଭିଏତ୍ ଋଷିଆର ପ୍ରଭାବ ହ୍ରାସ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ସୁଚିନ୍ତିତ ନୀତି ପ୍ରଣୟନ କରିଥିଲା; କିନ୍ତୁ ଭାରତ ଗୋଷ୍ଠୀ ନିରପେକ୍ଷତାରେ ବିଶ୍ୱାସ କରୁଥିବାରୁ ଏହି ନୀତିକୁ ନାପସନ୍ଦ କରିଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ନେତୃତ୍ୱରେ **ନାଟୋ (NATO), ସିଆଟୋ (SEATO)** ଭଳି ଅନେକ ସାମରିକ ଚୁକ୍ତି ପ୍ରଣୟନ କରାଯାଇଥିଲା। କିନ୍ତୁ ଭାରତ ଏଥିରେ ସାମିଲ ହୋଇନଥିଲା।

**କୋରିଆ ଯୁଦ୍ଧ** (୧୯୪୯-୧୯୫୩) ଚାଲୁଥିବା ସମୟରେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ କୋରିଆ ଦୁଇ ଭାଗରେ ବିଖଣ୍ଡିତ ହେଲା। ଉତ୍ତର-କୋରିଆରେ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠିତ ହେଲା ଏବଂ ଏହା ସୋଭିଏତ ଋଷିଆର ସହଯୋଗ ଲାଭ କଲା। ଦକ୍ଷିଣ-କୋରିଆରେ ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥିତ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ହେଲା। ୧୯୪୯ ମସିହାରେ ଉତ୍ତର କୋରିଆ ବିରୋଧରେ ଦକ୍ଷିଣ କୋରିଆକୁ ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥନ ଦେଇଥିଲା; କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଏହି ପଦକ୍ଷେପକୁ ଭାରତ ନିନ୍ଦା କରିବା ହେତୁ ଯୁକ୍ତରାଷ୍ଟ୍ର ଆମେରିକା ଭାରତର ବିରୋଧୀ ପଡୋଶୀ ରାଷ୍ଟ୍ର ପାକିସ୍ଥାନକୁ ସହଯୋଗ ଓ ସମର୍ଥନ ଜଣାଇଥିଲା।

ଆନ୍ତର୍ଜାତିକ କ୍ଷେତ୍ରରେ ସାମ୍ୟବାଦ (କମ୍ୟୁନିଷ୍ଟବାଦ) ଓ ପୁଞ୍ଜିବାଦ ମଧ୍ୟରେ ନୀତିଗତ ବିଭେଦ ଦେଖା ଦେଇଥିଲା। ସୋଭିଏତ୍ ଋଷିଆ ଏକ ସାମ୍ୟବାଦୀ ରାଷ୍ଟ୍ର ହୋଇଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକା ଏକ ପୁଞ୍ଜିବାଦୀ ରାଷ୍ଟ୍ର ଥିଲା। ଏଣୁ ଉଭୟ ଦେଶ ମଧ୍ୟରେ ନିଜର ପ୍ରଭାବ ବିସ୍ତାର ପାଇଁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଥିଲା। ଭାରତ ଅନେକ ସମୟରେ ସୋଭିଏତ୍ ଋଷିଆକୁ ସମର୍ଥନ କରିଥିଲା। ୧୯୫୬ ମସିହାରେ ହଙ୍ଗେରୀରେ କମ୍ୟୁନିଷ୍ଟ ଓ ଅଣକମ୍ୟୁନିଷ୍ଟମାନଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ସମୟରେ ସୋଭିଏତ୍ ଋଷିଆ

କମ୍ୟୁନିଷ୍ଟମାନଙ୍କ ସପକ୍ଷରେ ସେଥିରେ ହସ୍ତକ୍ଷେପ କରିଥିଲା ଏବଂ ଏହାକୁ ଭାରତ ସମର୍ଥନ ଜଣାଇବାରୁ ଯୁକ୍ତରାଷ୍ଟ୍ର ଆମେରିକା କ୍ଷୁବ୍‌ଧ ହୋଇଥିଲା । କମ୍ୟୁନିଷ୍ଟ ଶାସିତ କ୍ୟୁବା ଉପରେ ଯୁକ୍ତରାଷ୍ଟ୍ର ଆମେରିକା ଆକ୍ରମଣ କରିବା ସମୟରେ ଭାରତ ଏହାର ବିରୋଧ କରିଥିଲା । ଏଣୁ ଉଭୟ ଦେଶର ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିଲା । ଭାରତ ଓ ସୋଭିଏତ୍ ଋଷିଆ ମଧ୍ୟରେ ହୋଇଥିବା ମୈତ୍ରୀ ଚୁକ୍ତିକୁ ଯୁକ୍ତରାଷ୍ଟ୍ର ଆମେରିକା ଘୋର ସମାଲୋଚନା କରିଥିଲା ।

| ତୁମେ ଜାଣିଛ କି ? |
|---|
| *ସୋଭିଏତ ଋଷିଆ କହିଲେ ବୁଝାଉଥିଲା ଋଷିଆ ସମେତ ୧୫ଗୋଟି ଛୋଟବଡ଼ ରାଜ୍ୟର ସମଷ୍ଟିକୁ । ଏହାଥିଲା ଏକ ସାଧାରଣତନ୍ତ୍ର । ଏହାକୁ ଇଂରାଜୀରେ କୁହାଯାଉଥିଲା–* ***Union of Soviet Socialist Republic (U.S.S.R).*** *ଏହା ଗଠିତ ହୋଇଥିଲା ୧୯୨୨ ମସିହାରେ ।* |

ତେବେ ୧୯୯୧ ମସିହା ଡିସେମ୍ବର ମାସରେ ସୋଭିଏତ୍ ଋଷିଆର ବିଲୟ ଘଟିବା ପରେ ଏବଂ ଭାରତ ତା'ର ଅର୍ଥନୀତିରେ ଉଦାରୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପରେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ପର୍କରେ ଯଥେଷ୍ଟ ଉନ୍ନତି ଘଟିଥିଲା । ଭାରତରେ ସନ୍ତ୍ରାସବାଦର ବିଲୋପ ଓ ଉଦାରୀକରଣ ପ୍ରକ୍ରିୟାକୁ ପ୍ରୋତ୍ସାହନ ପ୍ରଦାନ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ସହଯୋଗର ହାତ ବଢ଼ାଇଲା । ଏଣୁ ଏକବିଂଶ ଶତାବ୍ଦୀରେ ବିଶ୍ୱର ଏହି ଦୁଇ ବୃହତ ଗଣତନ୍ତ୍ର ମଧ୍ୟରେ ସୁସମ୍ପର୍କ ସ୍ଥାପନର ଅନେକ ସୁଯୋଗ ସୃଷ୍ଟି ହେଲା । ୨୦୦୦ ମସିହା ମାର୍ଚ୍ଚ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଭାରତଗସ୍ତ ଉଭୟ ଦେଶର ବନ୍ଧୁତାକୁ ଦୃଢ଼ୀଭୂତ କରିଥିଲା ।

**(ଖ) ଭାରତ ଓ ଋଷିଆ :** ଭାରତ ସ୍ୱାଧୀନତା ପାଇବା ସମୟରେ ଆନ୍ତର୍ଜାତିକ ସ୍ତରରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ସୋଭିଏତ ଋଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ଦୁଇ ମହାଶକ୍ତି ଭାବରେ ଅବତୀର୍ଣ୍ଣ ହୋଇଥିଲେ । ଭାରତ ଥିଲା ଏକ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର । ଭାରତର ଏହି ଗୋଷ୍ଠୀ ନିରପେକ୍ଷ ନୀତିକୁ ସୋଭିଏତ୍ ଋଷିଆ ଠିକ୍ ଭାବରେ ଗ୍ରହଣ କରିପାରୁନଥିଲା । ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ୧୯୧୭ ମସିହାର ଋଷ ବିପ୍ଳବ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ୧୯୨୭ ମସିହାରେ ପଣ୍ଡିତ ଜବାହରଲାଲ ନେହେରୁ ସୋଭିଏତ ଋଷିଆ ଗସ୍ତରେ ଯାଇଥିଲେ । ଭାରତ ଓ ସୋଭିଏତ ଋଷିଆ ଦୁଇ ଅନ୍ତରଙ୍ଗ ବନ୍ଧୁ ହିସାବରେ ରହିବେ ବୋଲି ସେ ମତ ବ୍ୟକ୍ତ କରିଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପଟ୍ଟ ପରିବର୍ତ୍ତନ ହୋଇଥିଲା । ଇଂଲଣ୍ଡ ଓ ଋଷିଆ ଏହି ଯୁଦ୍ଧରେ ମିତ୍ରଶକ୍ତି ଥିଲେ । ଏଣୁ ଏମାନଙ୍କର ପୂର୍ବ ଶତ୍ରୁତା ଲୋପ ପାଇଥିଲା । ଫଳରେ ଭାରତ ଓ ସୋଭିଏତ୍ ଋଷିଆ ମଧ୍ୟରେ ସମ୍ପର୍କ ଏତେଟା ନିବିଡ଼ ହୋଇ ପାରି ନ ଥିଲା । ସୋଭିଏତ୍ ଋଷିଆରେ ଷ୍ଟାଲିନ୍‌ଙ୍କ ଶାସନ ସମୟରେ ମଧ୍ୟ ଉଭୟ ଦେଶର ସମ୍ପର୍କରେ ବିଶେଷ ଉନ୍ନତି ଘଟି ନ ଥିଲା । କ୍ରୁଶ୍ଚେଭ ଓ ତାଙ୍କ ପରବର୍ତ୍ତୀ ଶାସନ କାଳରେ ଉଭୟ ଦେଶ ମଧ୍ୟରେ ବନ୍ଧୁତା ବଢ଼ିଥିଲା । ଭାରତ **'ପଞ୍ଚଶୀଳ'** ନୀତିରେ ବିଶ୍ୱାସ କରୁଥିଲା । ୧୯୫୫ ମସିହାର ଜୁନ୍ ମାସରେ ଆମର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ସୋଭିଏତ୍ ଋଷ ଗସ୍ତରେ ଯାଇ **'ଶାନ୍ତିପୂର୍ଣ୍ଣ ସହାବସ୍ଥାନ'** ନୀତିର ପ୍ରସାର କରାଇଥିଲେ । ସେହି ବର୍ଷ ନଭେମ୍ବର ମାସରେ ସୋଭିଏତ୍ ଋଷିଆର ପ୍ରଧାନମନ୍ତ୍ରୀ କ୍ରୁଶ୍ଚେଭ୍ ତିନି-ସପ୍ତାହ ପାଇଁ ଭାରତ ଗସ୍ତରେ ଆସିଥିଲେ । ତାଙ୍କ ପୂର୍ବରୁ କୌଣସି ସୋଭିଏତ୍ ପ୍ରଧାନମନ୍ତ୍ରୀ ବିଦେଶଗସ୍ତରେ ଭାରତ ଆସି ନ ଥିଲେ । କାଶ୍ମୀରକୁ ନେଇ ଭାରତ ଓ ପାକିସ୍ଥାନ ମଧ୍ୟରେ ଉପୁଜିଥିବା ବିବାଦରେ ସୋଭିଏତ୍

ରଷିଆ ଭାରତକୁ ସମର୍ଥନ କରିଥିଲା। କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସୋଭିଏତ୍ ରଷ ସରକାର ସ୍ୱୀକାର କରୁଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ରାଜ୍ୟବାଦୀ ନୀତି ପାକିସ୍ଥାନକୁ ଭାରତ ବିରୋଧରେ ପ୍ରୋତ୍ସାହିତ କରୁଛି ବୋଲି ସୋଭିଏତ୍ ରଷିଆ ଅଭିଯୋଗ ଆଣିଥିଲା। ଅନେକ କ୍ଷେତ୍ରରେ ସୋଭିଏତ୍ ରଷିଆ ଭାରତ ସପକ୍ଷରେ ନିରାପତ୍ତା ପରିଷଦରେ **ଭିଟୋ** (Veto) କ୍ଷମତା ପ୍ରୟୋଗ କରୁଥିଲା।

*ତୁମେ ଜାଣିଛ କି ?*

*ଭିଟୋ କ୍ଷମତା କ'ଣ ? ସଂଯୁକ୍ତ ରାଷ୍ଟ୍ରସଂଘର ନିରାପତ୍ତା ପରିଷଦର ପାଞ୍ଚଜଣ ସ୍ଥାୟୀ ସଦସ୍ୟଙ୍କୁ ଏହି ସ୍ୱତନ୍ତ୍ର 'ଭିଟୋ' କ୍ଷମତା ଦିଆଯାଇଛି। ଏହି କ୍ଷମତା ବଳରେ ପାଞ୍ଚଗୋଟି ସ୍ଥାୟୀ ସଦସ୍ୟ ତଥା ବୃହତ୍ ଶକ୍ତି ସଂଯୁକ୍ତ ରାଷ୍ଟ୍ରସଂଘର ନିରାପତ୍ତା ପରିଷଦର କୌଣସି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦିଷ୍ଟ ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ସହମତ ହୋଇଥାନ୍ତି। ମାତ୍ର ଉଲ୍ଲିଖିତ ପାଞ୍ଚଗୋଟି ସ୍ଥାୟୀ ସଦସ୍ୟ ତଥା ବୃହତ୍ ଶକ୍ତି ମଧ୍ୟରୁ ଯଦି କେହି ଜଣେ ସହମତ ନହୋଇ ନିଷ୍ପତ୍ତି ବିରୋଧରେ ମତ ଦିଅନ୍ତି, ତାହାକୁ 'ଭିଟୋ' କୁହାଯାଏ। ମାତ୍ର ଏହି ଭିଟୋ କ୍ଷମତା ବହୁ ସମୟରେ ଅନ୍ୟରାଷ୍ଟ୍ରମାନଙ୍କର ସ୍ୱାର୍ଥରେ ବ୍ୟାଘାତ ସୃଷ୍ଟି କରିଥାଏ।*

*ତୁମେ ଜାଣିଛ କି ?*

***୧୯୯୧** ମସିହା ଡିସେମ୍ବର ମାସରେ ସୋଭିଏତ୍ ରଷିଆର ବିଲୟ ହେବା ପର୍ଯ୍ୟନ୍ତ ରଷିଆ ପ୍ରାକ୍ତନ ସୋଭିଏତ୍ ରଷିଆର ଏକ ଅଂଶ ଥିଲା । ପରେ ଏହା ଏକ ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଗଣିତ ହେଲା ।*

୧୯୬୪ ମସିହାର ମଇ ମାସରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କର ମୃତ୍ୟୁ ପରେ ଲାଲବାହାଦୂର ଶାସ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ହେଲେ। କ୍ରୁଶ୍ଚେଭଙ୍କ ପରେ ବ୍ରେଜ୍‌ନେଭ୍ ସୋଭିଏତ୍ ରଷିଆର କମ୍ୟୁନିଷ୍ଟ ଦଳର ସାଧାରଣ ସଚିବ ହେଲେ ଏବଂ କୋସିଗିନ୍ ସୋଭିଏତ୍ ରଷିଆର ପ୍ରଧାନମନ୍ତ୍ରୀ ହେଲେ। ବ୍ରେଜ୍‌ନେଭ ୧୯୬୪ ମସିହାରୁ ୧୯୮୩ ମସିହା ପର୍ଯ୍ୟନ୍ତ କ୍ଷମତାରେ ରହିଲେ। ତାଙ୍କ ସମୟରେ ଭାରତ ଓ ସୋଭିଏତ୍ ରଷିଆ ମଧ୍ୟରେ ସୁସମ୍ପର୍କ ଅତୁଟ ରହିଥିଲା। ୧୯୬୫ ମସିହାର ଭାରତ-ପାକିସ୍ଥାନ ଯୁଦ୍ଧ ସମୟରେ ସୋଭିଏତ୍ ରଷିଆ ସଂଯୁକ୍ତ ରାଷ୍ଟ୍ରସଂଘର ନିରାପତ୍ତା ପରିଷଦ ଜରିଆରେ ଯୁଦ୍ଧ ବିରତି କରାଇପାରିଥିଲା ଏବଂ ସୋଭିଏତ୍ ରଷିଆର ଉଦ୍ୟମରେ ତାସ୍‌କେଣ୍ଟ ଠାରେ ଭାରତ-ପାକିସ୍ଥାନ ଶିଖର ସମ୍ମିଳନୀ ୧୯୬୬ ମସିହା ଜାନୁୟାରୀ ମାସରେ ହୋଇଥିଲା। ଏଥିରେ ପାକିସ୍ଥାନ ରାଷ୍ଟ୍ରପତି ଆୟୁବ୍ ଖାଁ ଓ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ ଯୋଗ ଦେଇ ଶାନ୍ତିଚୁକ୍ତି ସ୍ୱାକ୍ଷର କରିଥିଲେ। ସୋଭିଏତ୍ ରଷିଆର ପ୍ରଧାନମନ୍ତ୍ରୀ କୋସିଗିନ୍ ମଧ୍ୟ ସେଥିରେ ଯୋଗ ଦେଇ ଶାନ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ୧୯୬୨ ମସିହାର ଭାରତ-ଚୀନ ଯୁଦ୍ଧ ସମୟରେ ସୋଭିଏତ୍ ରଷିଆ ଭାରତକୁ ସମର୍ଥନ ଜଣାଇଥିଲା।

୧୯୭୧ ମସିହାର ଭାରତ-ପାକିସ୍ଥାନ ଯୁଦ୍ଧରେ ଭାରତ ବିଜୟୀ ହୋଇଥିଲା ଏବଂ ପାକିସ୍ଥାନୀ ସେନା ଆତ୍ମ ସମର୍ପଣ କରିଥିଲେ। ୧୯୭୧ ମସିହାର ଅଗଷ୍ଟ ୯ ତାରିଖରେ ଭାରତ ଓ ସୋଭିଏତ୍ ରଷିଆ ମଧ୍ୟରେ ଶାନ୍ତି, ବନ୍ଧୁତ୍ୱ ଓ ସହଯୋଗର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଉଭୟ ଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀ ଯଥାକ୍ରମେ ସର୍ଦ୍ଦାର ସ୍ୱରଣ ସିଂ ଓ ଗ୍ରୋମିକୋଙ୍କ ମଧ୍ୟରେ ଏହି ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ୧୯୭୩ ମସିହାରେ ସୋଭିଏତ୍ ରଷିଆର ରାଷ୍ଟ୍ରପତି ବ୍ରେଜ୍‌ନେଭ୍‌ଙ୍କ ପାଞ୍ଚ-ଦିନିଆ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ବନ୍ଧୁତାକୁ ଆହୁରି ମଜବୁତ କରିଥିଲା।

**ମିଖାଇଲ ଗୋର୍ବାଚୋଭ୍** ୧୯୮୫ ମସିହାରେ ରଷିଆର କମ୍ୟୁନିଷ୍ଟ ଦଳର ସାଧାରଣ ସମ୍ପାଦକ ହେଲେ । ଆମ ଦେଶର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଛଅ-ଦିନିଆ ସୋଭିଏତ୍ ରଷ ଗସ୍ତରେ ଯାଇଥିଲେ । ଉଭୟ ଦେଶ ଅର୍ଥନୈତିକ ଓ ବୈଷୟିକ କ୍ଷେତ୍ରରେ ପାରସ୍ପରିକ ସହଯୋଗ ଆଦାନପ୍ରଦାନ ପାଇଁ ଅଙ୍ଗୀକାରବଦ୍ଧ ହୋଇଥିଲେ । ଗୋର୍ବାଚୋଭ୍ ଏସିଆ ମହାଦେଶର ସାମୂହିକ ନିରାପତ୍ତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ମହାଦେଶରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୋଭିଏତ୍ ରଷର ନେତାମାନେ ଭଲଭାବରେ ହୃଦୟଙ୍ଗମ କରିଥିଲେ । ଗୋର୍ବାଚୋଭ୍ ଓ ରାଜୀବ ଗାନ୍ଧୀଙ୍କ ମଧ୍ୟରେ ଦଶ-ଦଫା ବିଶିଷ୍ଟ **'ଦିଲ୍ଲୀ ଘୋଷଣାନାମା'** ସ୍ୱାକ୍ଷରିତ ହୋଇଥିଲା । ୧୯୯୧ ମସିହା ଡିସେମ୍ବର ମାସରେ ସୋଭିଏତ୍ ରଷ ସାଧାରଣତନ୍ତ୍ରର ବିଲୟ ଘଟିଲା ଏବଂ ଶକ୍ତିଶାଳୀ ସୋଭିଏତ୍ ରଷିଆ ସାଧାରଣତନ୍ତ୍ର ୧୫ଟି ସାଧାରଣତନ୍ତ୍ରରେ ବିଭକ୍ତ ହେଲା । ରଷ ସାଧାରଣତନ୍ତ୍ର ସୋଭିଏତ୍ ସଂଘର ଉତ୍ତରାଧିକାରୀ ଭାବରେ ଆନ୍ତର୍ଜାତିକ ସ୍ତରରେ ପରିଚିତ ହେଲା । ଭାରତ ଏହି ରଷ ସାଧାରଣତନ୍ତ୍ର ଏବଂ ସୋଭିଏତ୍ ସଂଘର ଛୋଟ ଛୋଟ ସ୍ୱାଧୀନ ରାଷ୍ଟ୍ରକୁ ନେଇ ନବ ଗଠିତ **ରାଜ୍ୟଗୋଷ୍ଠୀ** (Commonwealth of Independent States (CIS)) ସହିତ ଉତ୍ତମ ବୁଝାମଣା ରଖିଅଛି ।

ମଧ୍ୟପ୍ରାଚ୍ୟର ଇସ୍ରାଏଲ୍ ଓ ଆରବ ରାଷ୍ଟ୍ରସମୂହ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ଭାରତ ଓ ରଷିଆ ଉଦ୍ୟମ କରିଥିଲେ । ଆର୍ଥିକ ଓ ବୈଷୟିକ କ୍ଷେତ୍ରରେ ରଷିଆ ଭାରତକୁ ସହଯୋଗ କରିଥିଲା । ଏହି ସହଯୋଗ ଫଳରେ **ନେୟେଭେଲି** ଆଣବିକ ପ୍ରକଳ୍ପ, ଦୁର୍ଗାପୁର ଓ ଭିଲାଇରେ କୋଇଲା ଓ ଇସ୍ପାତ କାରଖାନା, ରାଞ୍ଚିରେ ବୃହତ୍ ଯନ୍ତ୍ର ତିଆରି କାରଖାନା, **ବାରାଉଣିରେ** ତୈଳ ବିଶୋଧନାଗାର ଇତ୍ୟାଦି ପ୍ରତିଷ୍ଠିତ ହୋଇ ପାରିଥିଲା ।

ସୋଭିଏତ୍ ରଷିଆର ବିଭାଜନ ଏବଂ ରଷିଆ ସାଧାରଣତନ୍ତ୍ରର ସୃଷ୍ଟି ହେବା ପରେ ଏହାର ପ୍ରଥମ ରାଷ୍ଟ୍ରପତି ଭାରତ ଗସ୍ତରେ ୧୯୯୩ ମସିହା ଜାନୁୟାରୀ ମାସରେ ଆସିଥିଲେ । ବାଣିଜ୍ୟ, ଅର୍ଥନୀତି, ବିଜ୍ଞାନ ଓ ବୈଷୟିକ ବିଦ୍ୟା କ୍ଷେତ୍ରରେ ପାରସ୍ପରିକ ସହଯୋଗ ପାଇଁ ଉଭୟ ଦେଶ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ତାମିଲନାଡୁର କୁଦନକୁଲାମ୍ ଠାରେ ଦକ୍ଷିଣ ଏସିଆର ସବୁଠାରୁ ବୃହତ୍ ଆଣବିକ ଶକ୍ତି ପ୍ରକଳ୍ପ ନିର୍ମାଣ ପାଇଁ ଉଭୟ ଦେଶ ମଧ୍ୟରେ ୧୯୯୮ ମସିହାରେ ଚୁକ୍ତି ସମ୍ପାଦିତ ହୋଇଥିଲା । ୨୦୦୦ ମସିହାରେ ଉଭୟ ଦେଶ ଆଫଗାନିସ୍ତାନରେ ତାଲିବାନର କାର୍ଯ୍ୟ କଳାପକୁ ନିନ୍ଦା କରିଥିଲେ ଏବଂ ତାଲିବାନ ବିପକ୍ଷରେ ଆନ୍ତର୍ଜାତିକ ସ୍ତରରେ ମୌଳବାଦୀ ସଂଗଠନକୁ ଦମନ କରିବା ପାଇଁ ଏକମତ ହୋଇଥିଲେ ।

❖ ❖ ❖

# ଦ୍ୱିତୀୟ ପାଠ

# ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ର

## (କ) ଭାରତ ଓ ପାକିସ୍ତାନ :

୧୯୪୭ ମସିହାରେ ସ୍ୱାଧୀନତା ପାଇବା ସହିତ ଭାରତ ବିଭାଜିତ ହେଲା ଏବଂ ପାକିସ୍ତାନ ଏକ ନୂତନ ରାଷ୍ଟ୍ର ଭାବରେ ପରିଗଣିତ ହେଲା । ପାକିସ୍ତାନର ବର୍ତ୍ତମାନର ଆୟତନ ପ୍ରାୟ ୭,୯୬,୦୯୫ ବର୍ଗ କିଲୋମିଟର ଏବଂ ଏହାର ଜନସଂଖ୍ୟା ପ୍ରାୟ ୧୩ କୋଟି ୬୦ ଲକ୍ଷ । ବିଭାଜନ ପରେ ପରେ ଦୁଇ ଦେଶ ମଧ୍ୟରେ ଶରଣାର୍ଥୀ ପୁନର୍ବସତି ବ୍ୟବସ୍ଥା, କାଶ୍ମୀର ପ୍ରସଙ୍ଗ ଓ ବ୍ରିଟିଶ ଶାସକମାନେ ଛାଡ଼ିଯାଇଥିବା ସ୍ୱଳ୍ପ ଆର୍ଥିକ ସମ୍ୱଳ ପ୍ରସଙ୍ଗକୁ ନେଇ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା । ୧୯୪୭ ମସିହାରେ ଭାରତ ସହିତ କାଶ୍ମୀରର ମିଶ୍ରଣ ପ୍ରକ୍ରିୟାକୁ ପାକିସ୍ତାନ ସହଜରେ ଗ୍ରହଣ କରି ପାରିନଥିଲା ଏବଂ ଯୁଦ୍ଧର ଆହ୍ୱାନ ଦେଇଥିଲା । ଉଭୟ ଦେଶର ପାରସ୍ପରିକ ସମ୍ପର୍କକୁ ନେଇ କାଶ୍ମୀର ପ୍ରସଙ୍ଗ ଦୀର୍ଘଦିନ ଧରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଅଛି ।

କାଶ୍ମୀରରେ ନିଜର ସ୍ଥିତିକୁ ଜାହିର କରିବା ପାଇଁ ପାକିସ୍ତାନ **'ସିଆଟୋ'** (SEATO) ର ସଦସ୍ୟ ହେଲା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ସହିତ ବନ୍ଧୁତା ସ୍ଥାପନ କଲା । ଏହା ବ୍ୟତୀତ ନିଜର ଇଚ୍ଛା ପୂରଣପାଇଁ ଭାରତ ଓ ଚୀନ ମଧ୍ୟରେ ଥିବା ତିକ୍ତ ସମ୍ପର୍କର ଫାଇଦା ଉଠାଇଲା । ଚୀନ ସହିତ ମଧ୍ୟ ସମ୍ପର୍କର ଘନିଷ୍ଠତା ବଢ଼ାଇଲା । ଚୀନ




(ଭାରତ ଓ ତା'ର ପଡ଼ୋଶୀ ରାଷ୍ଟ୍ର ସମୂହ)

ପାକିସ୍ଥାନକୁ ଅସ୍ତ୍ରଶସ୍ତ୍ର ଯୋଗାଇଲା ଓ କ୍ଷେପଣାସ୍ତ୍ର ତିଆରିରେ ସହାୟତା କଲା ।

୧୯୪୭ ମସିହାରେ ମହାରାଜା ହରିସିଂହଙ୍କ ଅନୁରୋଧ କ୍ରମେ କାଶ୍ମୀର ଭାରତ ସହିତ ମିଶିଗଲା । କିନ୍ତୁ ପାକିସ୍ଥାନ ଏହାକୁ ବିରୋଧ କରି ଆସୁଥିଲା । ୧୯୬୨ ମସିହାର ଚୀନ-ଭାରତ ଯୁଦ୍ଧ ପରେ ୧୯୬୩ ମସିହାରେ ପାକିସ୍ଥାନ ଚୀନ ସହିତ ଏକ ଚୁକ୍ତିସ୍ୱାକ୍ଷର କରିଥିଲା । ଏହା ଭାରତର ସ୍ୱାର୍ଥ ବିରୋଧ ଥିଲା । କାଶ୍ମୀର ପ୍ରସଙ୍ଗ ନେଇ ୧୯୬୫ ମସିହାରେ ଭାରତ ଓ ପାକିସ୍ଥାନ ମଧ୍ୟରେ ଯୁଦ୍ଧ ହୋଇଥିଲା । ସୋଭିଏତ୍ ଋଷର ମଧ୍ୟସ୍ଥତାରେ ଯୁଦ୍ଧ ବିରତି ପରେ **ତାସକେଣ୍ଟ୍** ଠାରେ ୧୯୬୬ ମସିହାର ଜାନୁୟାରୀ ମାସ ୧୦ ତାରିଖଦିନ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । କିନ୍ତୁ ଏହି ଚୁକ୍ତି କାଶ୍ମୀର ସମସ୍ୟାର ସ୍ଥାୟୀ ସମାଧାନ କରିପାରି ନ ଥିଲା । ୧୯୭୧ ମସିହାରେ ଉଭୟ ଦେଶ ମଧ୍ୟରେ ତିକ୍ତତା ଆହୁରି ବୃଦ୍ଧି ପାଇଥିଲା । ପୂର୍ବ-ପାକିସ୍ଥାନ (ବର୍ତ୍ତମାନର ବଙ୍ଗଳାଦେଶ)ର ପାକିସ୍ଥାନ ବିରୋଧରେ ଯୁଦ୍ଧ ଘୋଷଣା ସମୟରେ ଭାରତ ପୂର୍ବ-ପାକିସ୍ଥାନକୁ ସହାୟତା କରିଥିଲା । ଭାରତର ସହଯୋଗ ଫଳରେ ସ୍ୱାଧୀନ **'ବଙ୍ଗଳା ଦେଶ'** ସୃଷ୍ଟି ହୋଇ ପାରିଲା । କିନ୍ତୁ ଏହା ପାକିସ୍ଥାନ ଓ ଭାରତ ମଧ୍ୟରେ ଥିବା ପୂର୍ବର ତିକ୍ତତାକୁ ଅଧିକ ବଢ଼ାଇଦେଲା । ୧୯୭୨ ମସିହାରେ ସିମ୍‌ଲା ରାଜିନାମାରେ 'ଯୁଦ୍ଧ ବିରତି' ରେଖାକୁ ପୁନଃନିର୍ଦ୍ଧାରଣ କରାଗଲା । ଏହା ବର୍ତ୍ତମାନର **'ନିୟନ୍ତ୍ରଣ ରେଖା'** (Line of Control) ନାମରେ ପରିଚିତ । ସିମ୍‌ଲା ରାଜିନାମା ଉଭୟ ଦେଶର ସମ୍ପର୍କରେ କିଛିଟା ଉନ୍ନତି ଆଣିଥିଲା । ଉଭୟ ଦେଶ କାଶ୍ମୀର ଇଲାକାରେ ବଳ ପ୍ରୟୋଗ ନ କରିବାକୁ ରାଜି ହୋଇଥିଲେ । ଭାରତ, ପାକିସ୍ଥାନର ୯୦,୦୦୦ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିଥିଲା । ୧୯୭୧ ମସିହାର ଯୁଦ୍ଧରେ ଭାରତର ପାକିସ୍ଥାନ ବିରୋଧରେ ଭାରତୀୟ ସାମରିକ ଶକ୍ତିର ନିଷ୍କାର ନିଦର୍ଶନ ଥିଲା ଏବଂ ଏହା ଉଭୟ ଦେଶର ସମ୍ପର୍କ ଉପରେ ପ୍ରଭାବ ପକାଇଥିଲା ।

୧୯୮୯ ମସିହାରେ ପାକିସ୍ଥାନ କାଶ୍ମୀର ଉପତ୍ୟକାରେ ବିଚ୍ଛିନ୍ନତାବାଦୀ ସଂଗଠନମାନଙ୍କୁ ପୁଣିଥରେ ସହାୟତା ଦେଇ ଭାରତରେ ଅସ୍ଥିରତା ସୃଷ୍ଟିକଲା । ଏହି ସମୟରେ **ଜାମ୍ମୁ ଓ କାଶ୍ମୀର ମୁକ୍ତି ସଂଗଠନ** (JKLF) ନାମକ ଏକ ବିଚ୍ଛିନ୍ନତାବାଦୀ ସଂଗଠନ ମୁଣ୍ଡ ଟେକିଲା ଏବଂ ଭାରତରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟିକଲା ।

୧୯୯୮ ମସିହାରେ ଭାରତ **ପୋଖରାନ୍** ଠାରେ ଆଣବିକ ଶକ୍ତି ପରୀକ୍ଷା କରିଥିଲା ଏବଂ ତା'ପରେ ପରେ ପାକିସ୍ଥାନ **ଚଘାଇ ପର୍ବତ** (Chaghai Hills)ରେ ଆଣବିକ ଶକ୍ତି ପରୀକ୍ଷା କଲା । ଏହା ଉଭୟ ଦେଶର ସମ୍ପର୍କରେ ଅବନ୍ନତି ଆଣିଥିଲା । ଉଭୟ ଦେଶର ସମ୍ପର୍କରେ ଉନ୍ନତି ଆଣିବା ପାଇଁ ବାଜପାୟୀ ସରକାର ୧୯୯୯ ମସିହାରେ ଉଭୟ ଦେଶ ମଧ୍ୟରେ ବସ୍ ଚଳାଚଳ କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ଉଭୟ ଦେଶ ମଧ୍ୟରେ କ୍ରିକେଟ୍, ହକି ଇତ୍ୟାଦି ଖେଳର ଆୟୋଜନ କରାଯାଇ ତାହା ମାଧ୍ୟମରେ ଉଭୟ ଦେଶର ସମ୍ପର୍କରେ ଉନ୍ନତି ଆଣିବା ପାଇଁ ଏବେ ମଧ ଚେଷ୍ଟା କରାଯାଉଛି । ତଥାପି ପାକିସ୍ଥାନ ଭାରତର ବିଭିନ୍ନ ସ୍ଥାନରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି । ୧୯୯୯ ମସିହାରେ ହୋଇଥିବା କାରଗିଲ ଯୁଦ୍ଧ କାଶ୍ମୀର ପ୍ରସଙ୍ଗକୁ ବିଶ୍ୱଦରବାରରେ ପହଞ୍ଚାଇଛି । ୧୯୯୯ ମସିହାର ଜୁଲାଇ ୪ ତାରିଖରେ ପାକିସ୍ଥାନର ପ୍ରଧାନମନ୍ତ୍ରୀ ନୱାଜଶରିଫ୍ ଓ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍‌ଙ୍କ ମଧ୍ୟରେ ଆଲୋଚନା ହେବା ପରେ ନୱାଜଶରିଫ୍ ଆତଙ୍କବାଦୀମାନଙ୍କୁ କାର୍‌ଗିଲ୍‌ରୁ ହଟିଯିବା ପାଇଁ ଆଦେଶ ଦେଇଥିଲେ । ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ଉଦ୍ୟମ ସତ୍ତ୍ୱେ ଭାରତର ସଂସଦ ଭବନ ଓ କାଶ୍ମୀର ରାଜ୍ୟ ବିଧାନସଭା ଉପରେ ଆକ୍ରମଣ ଭଳି ଆତଙ୍କବାଦୀ କାର୍ଯ୍ୟକଳାପ ଥିଲା ଅତ୍ୟନ୍ତ ନିନ୍ଦନୀୟ । ଏବେ ମଧ୍ୟ ବେଳେବେଳେ ପାକିସ୍ଥାନ ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଚେଷ୍ଟିତ ଅଛି ।

## (ଖ) ଭାରତ ଓ ଚୀନ :

ଭାରତ ଓ ଚୀନ ମଧ୍ୟରେ ଥିବା ସମ୍ପର୍କ ଭାରତୀୟ ବୈଦେଶିକ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ବିଭାବ। ଭାରତ ସ୍ୱାଧୀନତା ପାଇବା ପରେ ପରେ ବିଭାଜନ ସମ୍ପର୍କିତ ବିଭିନ୍ନ ସମସ୍ୟାରେ ଜଡ଼ିତ ରହିଲା ଏବଂ ସେତେବେଳେ ପଡ଼ୋଶୀ ରାଷ୍ଟ୍ର ଚୀନ ନିଜର ଗୃହଯୁଦ୍ଧର ମୁକାବିଲା କରିବାରେ ବ୍ୟସ୍ତ ଥିଲା। ଏଣୁ ଉଭୟ ଦେଶ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରିବା ପାଇଁ ବିଶେଷ ସମୟ ମିଳି ନ ଥିଲା। ଏଣୁ କାଁ ଭାଁ ଆନ୍ତର୍ଜାତିକ ବୈଠକମାନଙ୍କରେ ସେମାନଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ହେଉଥିଲା। ୧୯୪୭ ମସିହାର ମାର୍ଚ୍ଚ ମାସରେ ନୂଆଦିଲ୍ଲୀରେ **ଏସୀୟ ସମ୍ପର୍କ ସମ୍ମିଳନୀ** ଅନୁଷ୍ଠିତ ହୋଇଥିଲା। ସେ ସମୟରେ ଭାରତ ସ୍ୱାଧୀନତା ପାଇ ନ ଥିଲା ଓ ପଣ୍ଡିତ ଜବାହରଲାଲ ନେହେରୁ ତତ୍‌କାଳୀନ ବ୍ରିଟିଶ ଶାସନାଧୀନ ଭାରତର ପ୍ରଥମ ମଧ୍ୟବର୍ତ୍ତୀ କାଳୀନ ସରକାରର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟରତ ଥିଲେ। ଚିଆଁଗ୍-କାଇ-ସେକ୍‌ଙ୍କ ଦ୍ୱାରା ପ୍ରେରିତ ପ୍ରତିନିଧି ଦଳ, ଭାରତର ସ୍ୱୀକୃତି ପ୍ରାପ୍ତ ତିବ୍ବତୀୟ ପ୍ରତିନିଧି ଦଳକୁ ବିରୋଧ କରିଥିଲେ। ୧୯୪୯ ମସିହାର ସେପ୍ଟେମ୍ବର ମାସ ବେଳକୁ କ୍ୟୁମିନ୍‌ଟାଙ୍ଗ୍ (Kuomintang) ସରକାର ତାହାର କ୍ଷମତା ହରାଇ ବସିଲା ଏବଂ ପରେ ପରେ ଚୀନ୍‌ରେ କମ୍ୟୁନିଷ୍ଟ ସରକାର ପ୍ରତିଷ୍ଠିତ ହେଲା। ସ୍ୱାଧୀନ ଭାରତ, କମ୍ୟୁନିଷ୍ଟ ଚୀନ ଓ ତାହାର କମ୍ୟୁନିଷ୍ଟ ସରକାରଙ୍କୁ ସ୍ୱୀକୃତି ପ୍ରଦାନ କରିଥିଲା।

### ତିବ୍ବତ ସମସ୍ୟା :

ଭାରତ ଓ ଚୀନ ମଧ୍ୟରେ ତିବ୍ବତକୁ ନେଇ ସମସ୍ୟା ଦେଖା ଦେଇଥିଲା। ଦୀର୍ଘଦିନ ଧରି ତିବ୍ବତ୍ ସ୍ୱାଧୀନ ରାଷ୍ଟ୍ର ଥିଲା। କିନ୍ତୁ ପରେ ଚୀନ ଏହାକୁ ଦଖଲ କଲା। ୧୮୯୦ ମସିହାରେ ଭାରତରେ ଶାସନ କରୁଥିବା ବ୍ରିଟିଶ୍ ସରକାର ଚୀନ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ ଏବଂ ଭାରତ ଓ ତିବ୍ବତ ମଧ୍ୟରେ ସୀମା ନିର୍ଦ୍ଧାରଣ କରିଥିଲେ। କିନ୍ତୁ ତିବ୍ବତୀୟ ଶାସକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ବ୍ରିଟେନ୍ ଓ ଋଷିଆ ସେ ସମୟରେ ତିବ୍ବତରେ ଚୀନର ଶାସନକୁ ସମର୍ଥନ ଜଣାଇଥିଲେ। ୧୯୧୧ ମସିହାରେ ଡକ୍ଟର ସନ୍-ୟାତ୍-ସେନଙ୍କ ନେତୃତ୍ୱରେ ଚୀନରେ ବିପ୍ଳବ ହୋଇଥିଲା ଏବଂ ଏହା ପରେ ପରେ ତିବ୍ବତ ଚୀନକୁ ତାହାର ଭୂଖଣ୍ଡରୁ ଚାଲିଯିବାପାଇଁ ବାଧ୍ୟ କରିଥିଲା। ୧୯୫୦ ମସିହା ଅକ୍ଟୋବର ମାସରେ ଚୀନ ତିବ୍ବତକୁ ଅଧିକାର କଲାବେଳେ ଭାରତ ଏହାର ଘୋର ବିରୋଧ କରିଥିଲା। ଏଣୁ ଦୁଇ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା।

### ପଞ୍ଚଶୀଳ ଚୁକ୍ତି :

ଭାରତ ଓ ଚୀନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ୧୯୫୪ ମସିହାର ଜୁନ୍ ମାସରେ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ପାଞ୍ଚଗୋଟି ନୀତି ବିଶିଷ୍ଟ **'ପଞ୍ଚଶୀଳ'** ନୀତି ସ୍ୱାକ୍ଷରିତ ହୋଇଥିଲା।

ଏହି **'ପଞ୍ଚଶୀଳ'** ନୀତିକୁ ୧୯୫୫ ମସିହାରେ ବାନ୍ଦୁଙ୍ଗ୍ ସମ୍ମିଳନୀରେ ଗ୍ରହଣ କରାଯାଇଥିଲା। **'ହିନ୍ଦ୍-ଚୀନ ଭାଇଭାଇ'** ନୀତି ଉଭୟ ଦେଶର ବନ୍ଧୁତ୍ୱକୁ ବଢ଼ାଇବାରେ ସାହାଯ୍ୟ କରିଥିଲା।

### ସୀମା ବିବାଦ :

ଭାରତ ଓ ଚୀନ ମଧ୍ୟରେ ଅନେକ ଦିନ ଧରି ସୀମା ବିବାଦ ଲାଗି ରହିଛି। ୧୯୫୯ ମସିହାରେ ଚୀନ ସରକାର ଭାରତର ୮୧,୬୦୦ ବର୍ଗ କିଲୋମିଟର ବିସ୍ତୀର୍ଣ୍ଣ ଅଞ୍ଚଳକୁ ନିଜର ଅକ୍ତିଆରରେ ରଖିଲେ। ଲଦାଖ୍‌ର ଖୁର୍‌ନାକ (Khurnak)ରୁ ସେହିବର୍ଷ ଜୁଲାଇ ମାସରେ ଚୀନ ସୈନ୍ୟମାନେ କିଛି ଭାରତୀୟ ସୈନ୍ୟକୁ ବନ୍ଦୀ କରିନେଇଥିଲେ ଓ ଅକ୍ଟୋବର ମାସରେ ନଅଜଣ ଭାରତୀୟ ସୈନ୍ୟଙ୍କୁ ହତ୍ୟା କରିଥିଲେ ଏବଂ ଏହିସବୁ ଘଟଣା ଭାରତର ସୀମା ଭିତରେ ହିଁ ସଂଘଟିତ ହୋଇଥିଲା। ଲଦାଖର ଅକ୍‌ସାଇ ଚୀନ ଅଞ୍ଚଳରେ (ଯାହାକି ଭାରତର ଅଂଶ ବିଶେଷ) ଚୀନ୍ ଏକ ରାସ୍ତା ନିର୍ମାଣ କରିଥିଲା ଏବଂ ଚୀନ ଅନୁପ୍ରବେଶକାରୀ ମାନେ ସେହି ରାସ୍ତା ଦେଇ ପଶ୍ଚିମ ତିବ୍ବତକୁ ଯାତାୟାତ

କରୁଥିଲେ। ୧୯୬୨ ମସିହାରେ ଚୀନ ଭାରତ ଉପରେ ଆକ୍ରମଣ କରିଥିଲା। ଭାରତ ଓ ଚୀନ ମଧ୍ୟରେ ଥିବା **'ମ୍ୟାକ୍ ମୋହନ ସୀମାରେଖା'**କୁ ଅତିକ୍ରମ କରି ଭାରତର ବିସ୍ତୃତ ଅଞ୍ଚଳକୁ ଚୀନ ଅଧିକାର କରିନେଲା। ଆନ୍ତର୍ଜାତିକ କ୍ଷେତ୍ରରେ ଏହା ଆଲୋଡନ ସୃଷ୍ଟି କରିଥିଲା ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଲା। ଶ୍ରୀଲଙ୍କା ସରକାରଙ୍କ ଉଦ୍ୟମରେ କଲମ୍ବୋ ସମ୍ମିଳନୀରେ ଏକ ଶାନ୍ତି ପ୍ରସ୍ତାବ ଗୃହୀତ ହୋଇଥିଲା। ଚୀନ ସରକାର ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏବେ ମଧ୍ୟ ଦୁଇ ଦେଶ ମଧ୍ୟରେ ସୀମା ବିବାଦ ଲାଗି ରହିଛି। ଭାରତର ସିକିମ୍ ଉପରେ ମଧ୍ୟ ଚୀନ ନିଜର ଲୋଲୁପ ଦୃଷ୍ଟି ଜାରି ରଖିଛି।

ଶୀତଳ ଯୁଦ୍ଧର ପରବର୍ତ୍ତୀ ସମୟରେ ଉଭୟ ଦେଶର ସମ୍ପର୍କରେ କିଛିଟା ପରିବର୍ତ୍ତନ ଆସିଲା। ଭାରତ ତିବ୍ବତ ସମସ୍ୟାରୁ ନିଜକୁ ଦୂରେଇ ରଖିଲା ଏବଂ ଚୀନ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନକୁ ପ୍ରଚ୍ଛନ୍ନ ସମର୍ଥନ ଦେବାରୁ ନିବୃତ ରହିଲା। ୧୯୯୩ ମସିହାରେ ଭାରତ ଓ ଚୀନ୍ ଏକ ମିଳିତ ରାଜିନାମାରେ ସ୍ୱାକ୍ଷର କଲେ ଏବଂ ଉଭୟ ଦେଶ ମଧ୍ୟରେ ଥିବା **ପ୍ରକୃତ ନିୟନ୍ତ୍ରଣ ରେଖା** (Line of Actual Control)କୁ ସମ୍ମାନ ଦେବାକୁ ରାଜିହେଲେ। ୧୯୯୫ ମସିହାରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଚୀନ ଗସ୍ତ କରିଥିଲେ ଓ ଦୁଇ ଦେଶ ମଧ୍ୟରେ **'ଶାନ୍ତି ଓ ସ୍ଥିରତାର ଚୁକ୍ତି'** (Peace and Tranquility Agreement) ସ୍ୱାକ୍ଷରିତ ହୋଇଥିଲା। ଶୀତଳ ଯୁଦ୍ଧର ପରବର୍ତ୍ତୀ କାଳରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟକ୍ଷେତ୍ରରେ ଉନ୍ନତି ଘଟିଥିଲା। ଆର୍ଥିକ ଉଦାରୀକରଣ ପ୍ରକ୍ରିୟା ଯୋଗୁଁ ଏହା ସମ୍ଭବ ହୋଇଥିଲା। ୨୦୦୨ ମସିହାର ଜାନୁୟାରୀ ମାସରେ ଚୀନ ରାଷ୍ଟ୍ରପତି ଝୁ-ରୋଙ୍ଗ୍‌ଜୀ ଭାରତ ଗସ୍ତରେ ଆସିଥିଲେ ଏବଂ ସେ ସମୟରେ ଅନେକ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଭାରତର **"ମହାକାଶ ଆୟୋଗ"** (Indian Space Commission) ଓ **ଚୀନର ମହାକାଶ ଶିଳ୍ପ** (Aero Space Industry) ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଭାରତର ଦ୍ୱିତୀୟ ପୋଖରାନ୍ ଆଣବିକ ଶକ୍ତି ପରୀକ୍ଷାକୁ ଚୀନ ଠିକ୍ ଦୃଷ୍ଟିରେ ଦେଖି ନ ଥିଲେ ମଧ୍ୟ ଏହା ଭାରତର କ୍ଷମତାକୁ ବଢ଼ାଇଥିଲା ଏବଂ ଚୀନ ସହିତ ଭାରତ ସମକକ୍ଷ ହୋଇ ପାରିଥିଲା।

## (ଗ) ଭାରତ ଓ ଶ୍ରୀଲଙ୍କା :

ଶ୍ରୀଲଙ୍କା ଭାରତ ମହାସାଗରରେ ଅବସ୍ଥିତ ଏକ ଦ୍ୱୀପ ଏବଂ ଏହାର ପୁରୁଣା ନାମ ହେଲା **ସିଂହଳ**। ଏହା ଭାରତର ଦକ୍ଷିଣ ଦିଗରେ ଅବସ୍ଥିତ। ଏହାର କ୍ଷେତ୍ରଫଳ ହେଉଛି ୬୫,୬୧୦ ବର୍ଗ କିଲୋମିଟର। ଏହାର ଜନସମୁଦାୟର ପ୍ରାୟ ଶତକଡ଼ା ୧୫ ଭାଗ ତାମିଲ ଭାଷା କହନ୍ତି ଏବଂ ଅନ୍ୟମାନେ ସିଂହଳୀ ଭାଷା କହନ୍ତି। ଏଠାରେ ଜନସମୁଦାୟର ୬୪ ଶତାଂଶ ଲୋକ ବୌଦ୍ଧ ଧର୍ମରେ ବିଶ୍ୱାସ କରନ୍ତି ଓ ୧୪ ଶତାଂଶ ହିନ୍ଦୁ, ୯ ଶତାଂଶ ଖ୍ରୀଷ୍ଟୀୟାନ ଏବଂ ୬ ଶତାଂଶ ଇସ୍‌ଲାମ ଧର୍ମରେ ବିଶ୍ୱାସ କରନ୍ତି। ଆଉ ଅନ୍ୟମାନେ ହେଲେ ଅନ୍ୟାନ୍ୟ ଧର୍ମାବଲମ୍ବୀ। ଭାରତ-ଶ୍ରୀଲଙ୍କା ମଧ୍ୟରେ ସାଧାରଣ ଭାବେ ଉତ୍ତମ-ସମ୍ପର୍କ ରହି ଆସିଛି। ତୃତୀୟ ବିଶ୍ୱର ଅନ୍ୟାନ୍ୟ ଦେଶ ଭଳି ଶ୍ରୀଲଙ୍କା ଗୋଷ୍ଠୀ ନିରପେକ୍ଷତାରେ ବିଶ୍ୱାସ କରେ ଏବଂ ଭାରତ ସବୁବେଳେ ପଡ଼ୋଶୀ ରାଷ୍ଟ୍ରମାନଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବ ପୋଷଣ କରିଥାଏ। ଶ୍ରୀଲଙ୍କାର ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀ ଡି.ଏସ୍. ସେନାନାୟକେ ଏବଂ ତାଙ୍କର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ସାର୍.ଜନ୍ କୋଟେଲାୱାଲା ଗୋଷ୍ଠୀ ନିରପେକ୍ଷତା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରୀଲଙ୍କାର ପ୍ରଧାନ ମନ୍ତ୍ରୀ ଏସ୍.ଡବ୍ଲ୍ୟୁ. ଆର୍.ଡି. ବନ୍ଦରନାୟକେ ମଧ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଗୋଷ୍ଠୀ ନିରପେକ୍ଷତା ନୀତିକୁ ପୂର୍ଣ୍ଣମାତ୍ରାରେ ସମର୍ଥନ କରିଥିଲେ। ତାଙ୍କ ପରେ ତାଙ୍କ ପତ୍ନୀ ଶ୍ରୀମତୀ ଶିରିମାଭୋ ବନ୍ଦରନାୟକେ ପ୍ରଧାନମନ୍ତ୍ରୀ ହେଲେ ଓ ସେ ପ୍ରାୟ ୩୫ ବର୍ଷ ଧରି ଶ୍ରୀଲଙ୍କା ରାଜନୀତିକୁ ପ୍ରଭାବିତ କରିଥିଲେ। ୧୯୬୨ ମସିହା ଭାରତ-ଚୀନ ଯୁଦ୍ଧ ପରେ

ଉଭୟ ଦେଶ ମଧ୍ୟରେ ମଧ୍ୟସ୍ଥତା କରିବା ପାଇଁ ଶ୍ରୀମତୀ ବନ୍ଦରନାୟକେ ଚେଷ୍ଟା କରିଥିଲେ ।

ତାମିଲ ସମସ୍ୟା ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମତାନ୍ତର ଓ ବିଭେଦର ମୁଖ୍ୟ କାରଣ ଥିଲା । ଶ୍ରୀଲଙ୍କାରେ ବସବାସ କରୁଥିବା ତାମିଲ୍‌ମାନେ ଏକ ଅଲଗା ଦେଶ, **"ଇଲମ୍ ରିପବ୍ଲିକ୍"** ଗଠନ ପାଇଁ ଦାବି କରିବା ପରେ ଏହି ସମସ୍ୟା ଉଗ୍ରରୂପ ଧାରଣ କଲା । ସିଂହଳୀମାନେ ତାମିଲ ମାନଙ୍କର ପ୍ରଭୁତ୍ୱକୁ ବିରୋଧ କରୁଥିଲେ । ୧୯୫୦ ମସିହାରେ ତାମିଲ ଜାତୀୟତାବାଦୀ ନେତା ଏସ୍.ଜେ.ଭି. ଚଲଭନାୟକମ୍ **ଫେଡେରାଲ** ଦଳ ଗଠନ କରି ସେମାନଙ୍କର ଦାବି ଉପସ୍ଥାପନ କଲେ । ତାଙ୍କ ପରେ ଅମୃତ ଲିଙ୍ଗମ୍ ଦଳର ନେତୃତ୍ୱ ନେଇଥିଲେ ଏବଂ ଫେଡେରାଲ୍ ଦଳ, **ତାମିଲ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ** (TULF) ରେ ପରିବର୍ତ୍ତିତ ହେଲା ।

୧୯୫୩ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏବଂ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ କୋଟେଲାୱାଲାଙ୍କ ମଧ୍ୟରେ ବର୍ଣ୍ଣଗତ ସମସ୍ୟାର ସମାଧାନ ପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା । ୧୯୬୪ ମସିହାର ଅକ୍ଟୋବର ୨୪ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ ଓ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଶିରିମାଭୋ ବନ୍ଦରନାୟକେଙ୍କ ମଧ୍ୟରେ ଦିଲ୍ଲୀ ଠାରେ ଏକ ରାଜିନାମା ସ୍ୱାକ୍ଷରିତ ହେଲା । ଏହି ରାଜିନାମା ରାଷ୍ଟ୍ର-ବିହୀନ ଲୋକମାନଙ୍କ ସମସ୍ୟା ବିଷୟ ନେଇ ହୋଇଥିଲା ।

### କଚ୍ଛତିଭୁ (Kachhativu) ସମସ୍ୟା :

ପାକ୍ ପ୍ରଣାଳୀରେ ଥିବା କଚ୍ଛତିଭୁ ଦ୍ୱୀପକୁ ନେଇ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ କନ୍ଦଳ ଉପୁଜିଥିଲା । ଜୁନ୍ ୧୯୭୪ ମସିହାରେ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଶିରିମାଭୋ ବନ୍ଦରନାୟକେ ଓ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ମଧ୍ୟରେ ସାମୁଦ୍ରିକ ଜଳସୀମା (maritime belt)କୁ ନେଇ ଏକ ସୁଚିନ୍ତିତ ରାଜିନାମା ହୋଇଥିଲା ।

### ବାମପନ୍ଥୀ ଆନ୍ଦୋଳନ :

୧୯୭୧ ମସିହାରେ ବାମପନ୍ଥୀ ଆନ୍ଦୋଳନ ଶ୍ରୀଲଙ୍କାରେ ଅସ୍ଥିରତା ସୃଷ୍ଟି କରିଥିଲା । ସେ ସମୟରେ ଇନ୍ଦିରା ସରକାର ହୃଦୟଙ୍ଗମ କରିଥିଲେ ଯେ ଏହି ଅସ୍ଥିରତା ଭାରତ ପାଇଁ ବିପଦ ସୃଷ୍ଟି କରିପାରେ । ଏଣୁ ଏହି ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ଭାରତ ଶ୍ରୀଲଙ୍କାକୁ ସହଯୋଗର ହାତ ବଢ଼ାଇ ଦେଇଥିଲା । ୧୯୭୧ ମସିହାରେ ନୂତନ ବଙ୍ଗଳାଦେଶର ଜନ୍ମ ସଂପର୍କିତ ସଂକଟ ସମୟରେ ଭାରତ ଓ ପାକିସ୍ଥାନ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା । କିନ୍ତୁ ସେତେବେଳେ ଶ୍ରୀଲଙ୍କା ଭାରତକୁ ସହଯୋଗ ନ ଦେଇ ପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରିଥିଲା । ଭାରତ ଓ ସୋଭିଏତ୍ ଋଷିଆ ମଧ୍ୟରେ ହୋଇଥିବା ୧୯୭୧ ମସିହାର ଚୁକ୍ତିନାମାକୁ ଶ୍ରୀଲଙ୍କାର କିଛି ଗୋଷ୍ଠୀ ସମାଲୋଚନା କରିଥିଲେ ।

ବିଳମ୍ବରେ ହେଉ ପଛେ, ଆର୍ଥନୀତିକ କ୍ଷେତ୍ରରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସହଯୋଗ ସ୍ଥାପିତ ହୋଇଥିଲା । ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ମଧ୍ୟ ୧୯୭୫ ମସିହାରେ ଉଭୟ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । **ଭାରତ ଓ ଶ୍ରୀଲଙ୍କା ଯୁଗ୍ମ କମିଶନ** ବିଭିନ୍ନ କ୍ଷେତ୍ରରେ ସହଯୋଗର ସୂତ୍ର ବାହାର କରିଥିଲା ।

୧୯୮୩ ମସିହାରେ ଶ୍ରୀଲଙ୍କାର ତାମିଲ ଓ ସିଂହଳୀଙ୍କ ମଧ୍ୟରେ ଥିବା କନ୍ଦଳ ଉଗ୍ରରୂପ ଧାରଣ କଲା । **ତାମିଲ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ** (TULF) ୧୯୮୮ମସିହାରେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଦାବି କରିଥିଲା । ଏହି ଆନ୍ଦୋଳନକାରୀଙ୍କ ବିରୋଧରେ ଦମନମୂଳକ ପଦକ୍ଷେପ ନିଆଗଲା । **ତାମିଲ 'ବ୍ୟାଘ୍ର'** ନେତା ଉମା ମହେଶ୍ୱରନ୍ ଓ ପ୍ରଭାକରନ୍‌ଙ୍କୁ ଗିରଫ କରାଗଲା । ୧୯୮୩ ମସିହାରେ ଶ୍ରୀଲଙ୍କାରେ ଅନେକ ତାମିଲ ଭାରତୀୟ ବଂଶୋଭବ ଥିଲେ ।

ଏଣୁ ଭାରତ ପାଇଁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ଥିଲା। ଶ୍ରୀଲଙ୍କାର ରାଷ୍ଟ୍ରପତି ଜୟବର୍ଦ୍ଧନେ ତାମିଲ ଉଗ୍ରପନ୍ଥୀମାନଙ୍କୁ ଭାରତ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ ଆଣିଥିଲେ। ଭାରତ ଏହି ଅଭିଯୋଗକୁ ଅବଶ୍ୟ ଖଣ୍ଡନ କରିଥିଲା। ୧୯୮୩ ମସିହାରୁ ୧୯୮୬ ମସିହା ମଧ୍ୟରେ ପ୍ରାୟ ୨୫୦୦୦ ତାମିଲ ଶରଣାର୍ଥୀ ଭାରତକୁ ଚାଲି ଆସିଥିଲେ। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଶ୍ରୀଲଙ୍କା ରାଷ୍ଟ୍ରପତି ଜୟବର୍ଦ୍ଧନେଙ୍କ ସହିତ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଆଲୋଚନା କରିଥିଲେ। ଅମୃତଲିଙ୍ଗମ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭାରତ ଆସି ପ୍ରଧାନମନ୍ତ୍ରୀଙ୍କୁ ଭେଟି ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଥିଲେ। ସମସ୍ତ ଚେଷ୍ଟା ସତ୍ତ୍ୱେ ବି ଶାନ୍ତି ପ୍ରତିଷ୍ଠା ହୋଇ ପାରି ନ ଥିଲା।

ରାଜୀବ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ୧୯୮୭ ମସିହାରେ ଶ୍ରୀଲଙ୍କା ସହିତ ଏକ ରାଜିନାମା ହୋଇଥିଲା । ଏହି ରାଜିନାମା ଅନୁସାରେ ଶ୍ରୀଲଙ୍କାରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ **"ଭାରତୀୟ ଶାନ୍ତିରକ୍ଷା ସାମରିକ ବାହିନୀ"** (Indian Peace Keeping Force)କୁ ସେଠାକୁ ପଠାଯାଇଥିଲା; କିନ୍ତୁ ଏହା ଭାରତ ପାଇଁ ମହଙ୍ଗା ପଡ଼ିଲା। ୧୯୯୧ ମସିହାରେ ରାଜୀବ ଗାନ୍ଧୀ ଲୋକସଭା ନିର୍ବାଚନ ଗସ୍ତ ସମୟରେ ଏକ ମାନବବୋମା ବିସ୍ଫୋରଣରେ ପ୍ରାଣତ୍ୟାଗ କରିଥିଲେ।

ଶ୍ରୀମତୀ ଶିରିମାଭୋ ବନ୍ଦରନାୟକେଙ୍କ କନ୍ୟା ଶ୍ରୀମତୀ ଚନ୍ଦ୍ରିକା କୁମାରତୁଙ୍ଗ ୧୯୯୪ ମସିହାରେ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ହେଲେ। ପରେ ସେ ଶ୍ରୀଲଙ୍କାର ରାଷ୍ଟ୍ରପତି ହୋଇଥିଲେ। ୧୯୯୫ ମସିହାର ମାର୍ଚ୍ଚ ମାସରେ ସେ ଭାରତ ଗସ୍ତରେ ଆସି ବର୍ଣ୍ଣ ବୈଷମ୍ୟ ଜନିତ ସଂଘର୍ଷ ଓ ସନ୍ତ୍ରାସବାଦର ବିଲୋପ ପାଇଁ ଆଲୋଚନା କରିଥିଲେ। ସେ ସମୟରେ **ଏଲ୍.ଟି.ଟି.ଇ.** (Liberation Tigers of Tamil Eelam) ଶ୍ରୀଲଙ୍କା ସରକାରଙ୍କ ବିରୋଧରେ ଆନ୍ଦୋଳନ ଚଳାଇଥିଲା। ଭାରତ ଶାନ୍ତି ପ୍ରତିଷ୍ଠା ପାଇଁ ଶ୍ରୀଲଙ୍କା ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଶ୍ରୀଲଙ୍କା ଭାରତକୁ ଆର୍ଥନୀତିକ ସହାୟତା ଦେବ ବୋଲି ଘୋଷଣା କରିଥିଲା। ଉଭୟ ଦେଶର ଧୀବରମାନଙ୍କର ସ୍ୱାର୍ଥ ରକ୍ଷା ଲାଗି ପଦକ୍ଷେପ ନେବା ପାଇଁ ଉଭୟ ଦେଶ ରାଜି ହୋଇଥିଲେ।

ଏବେ କିଛିଦିନ ତଳେ ମାନବିକ ଅଧିକାର କ୍ଷୁଣ୍ଣ ହେବା ପ୍ରସଙ୍ଗକୁ ନେଇ ଭାରତ ଶ୍ରୀଲଙ୍କା ବିରୋଧରେ ଅଭିଯୋଗ ଆଣିଥିଲା ଏବଂ ଉଭୟ ଦେଶ ଭିତରେ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇଥିଲା। ଉଭୟ ଦେଶ **ସାର୍କ** (South Asian Association for Regional Co-operation) (SAARC) ସଂଗଠନର ସଦସ୍ୟ। ଦକ୍ଷିଣ-ଏସିଆ ଅଞ୍ଚଳରେ ଶାନ୍ତି ଓ ସଦ୍‌ଭାବ ପ୍ରତିଷ୍ଠା ପାଇଁ ଭାରତ ଓ ଶ୍ରୀଲଙ୍କା ଅଙ୍ଗୀକାରବଦ୍ଧ।

*ତୁମେ ଜାଣିଛ କି ?*

***ସାର୍କ (SAARC) କ'ଣ ? ୧୯୮୫ ମସିହାର ଡିସେମ୍ବର ମାସରେ ସାର୍କ ଅନୁଷ୍ଠାନିକ ଭାବରେ ଗଠିତ ହେଲା। ଏହାର ସଦସ୍ୟ ରାଷ୍ଟ୍ରମାନେ ହେଲେ- ଭାରତ, ପାକିସ୍ଥାନ, ବଙ୍ଗଳାଦେଶ, ଶ୍ରୀଲଙ୍କା, ନେପାଳ, ଭୂଟାନ୍ ଓ ମାଲଦ୍ୱୀପ। ଦକ୍ଷିଣ-ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଆଞ୍ଚଳିକ ସ୍ତରରେ ଆର୍ଥିକ ସହଯୋଗ ବୃଦ୍ଧି ଏହାର ଉଦ୍ଦେଶ୍ୟ। ବିଭିନ୍ନ ସମୟରେ ଏହାର ଶିଖର ସମ୍ମିଳନୀ ଅନୁଷ୍ଠିତ ହୁଏ।***

## (ଘ) ଭାରତ ଓ ନେପାଳ :

ନେପାଳ ହିମାଳୟ ଅଞ୍ଚଳର ଏକ ଛୋଟ ରାଷ୍ଟ୍ର। ୨୦୦୬ ମସିହା ପର୍ଯ୍ୟନ୍ତ ଏହା ଏକ ହିନ୍ଦୁ ରାଷ୍ଟ୍ର ଥିଲା। କାଠମାଣ୍ଡୁ ହେଉଛି ଏହାର ରାଜଧାନୀ। ଏହାର କ୍ଷେତ୍ରଫଳ ୧୪୭.୧୮ ବର୍ଗକିଲୋମିଟର ଓ ଜନସଂଖ୍ୟା ପ୍ରାୟ ୨କୋଟି ୭୦ ଲକ୍ଷ । ୧୯୫୧ମସିହା ପୂର୍ବରୁ ଏଠାରେ ରାଣାମାନେ ରାଜୁତି କରୁଥିଲେ। ୧୮୧୬ ମସିହାରେ ବ୍ରିଟିଶମାନେ ଏହାକୁ ଅକ୍ତିଆର କରିଥିଲେ ଏବଂ ଏହାର ରାଜଧାନୀ

କାଠମାଣ୍ଡୁରେ ଜଣେ ବ୍ରିଟିଶ୍ ରେସିଡେଣ୍ଟ ରହୁଥିଲେ । ବ୍ରିଟିଶ୍ ଶାସକମାନେ ଏହି ଦେଶକୁ ଭାରତ ଓ ଚୀନ ମଧ୍ୟରେ ଏକ **'ବଫର୍'** (Buffer) **ଅଞ୍ଚଳ** ଭାବରେ ପରିଗଣନା କରୁଥିଲେ । କିନ୍ତୁ ଭାରତ ସ୍ୱାଧୀନତା ପାଇଲାପରେ ଏହି ଅବସ୍ଥାରେ ପରିବର୍ତ୍ତନ ଆସିଲା । ୧୯୫୦ ମସିହାର ଡିସେମ୍ବର ମାସ ୬ ତାରିଖରେ ଆମର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଲୋକସଭାରେ ଘୋଷଣା କରିଥିଲେ ଯେ– ଆମେ ନେପାଳର ସ୍ୱାଧୀନତା ଚାହୁଁ ଏବଂ ତତ୍ସହିତ ଭାରତର ନିରାପତ୍ତା ମଧ୍ୟ ଅକ୍ଷୁଣ୍ଣ ରଖିବୁ । ୧୯୫୦ ମସିହାରେ ଦୁଇ ଦେଶ; ଭାରତ ଓ ନେପାଳ ମଧ୍ୟରେ ଶାନ୍ତି ଓ ବନ୍ଧୁତାର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏଥିରେ ସୂଚିତ ହୋଇଥିଲା ଯେ ଉଭୟ ଦେଶ ମିଳିତ ଭାବରେ ବିଦେଶୀ ଶତ୍ରୁକୁ ମୁକାବିଲା କରିବେ । ଅନ୍ୟ ଦେଶରୁ ଯୁଦ୍ଧ ସାମଗ୍ରୀ କିଣିବା ପୂର୍ବରୁ ନେପାଳ ଭାରତ ସହିତ ପରାମର୍ଶ କରିବ ବୋଲି ଏଥିରେ ଉଲ୍ଲେଖ ଥିଲା । ୧୯୫୦ ମସିହା ଜୁଲାଇ ୩୧ ତାରିଖରେ ଉଭୟ ଦେଶ ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

ନେପାଳର ରାଜନୈତିକ ସଂରଚନାରେ ପରିବର୍ତ୍ତନ ଆଣିବାରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତର ସ୍ୱାଧୀନତା ସଂଗ୍ରାମ ନେପାଳବାସୀଙ୍କୁ ରାଣାଙ୍କ ରାଜତ୍ୱ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ପ୍ରେରଣା ଯୋଗାଇଥିଲା । ୧୯୫୪ ମସିହାରେ ନେପାଳ ସଂଯୁକ୍ତ ରାଷ୍ଟ୍ରସଂଘ (UNO)ର ସଦସ୍ୟ ହେଲା ଏବଂ ଭାରତ ଏହାକୁ ସମର୍ଥନ କରିଥିଲା । ନେପାଳର ରାଜା ତ୍ରିଭୁବନଙ୍କର ଭାରତ ପ୍ରତି ଯଥେଷ୍ଟ ପ୍ରୀତି ଥିଲା । ହେଲେ ତାଙ୍କ ପୁତ୍ର ରାଜା ମହେନ୍ଦ୍ରଙ୍କର ଭାରତ ପ୍ରୀତିରେ ଏତେଟା ଆନ୍ତରିକତା ନ ଥିଲା । ଏଣୁ ରାଜା ତ୍ରିଭୁବନଙ୍କର ୧୯୫୫ ମସିହାର ମାର୍ଚ୍ଚ ମାସରେ ମୃତ୍ୟୁ ହେଲା ପରେ ଭାରତ-ନେପାଳ ସମ୍ପର୍କରେ ଭଟ୍ଟା ପଡ଼ିଥିଲା । ନେପାଳର ତତ୍କାଳୀନ ପ୍ରଧାନମନ୍ତ୍ରୀ ଟି.ପି.ଆଚାର୍ଯ୍ୟ ଜଣେ ଚୀନ ସମର୍ଥକ ଥିଲେ । ତାଙ୍କର ଚାଉ-ଏନ୍-ଲାଇଙ୍କ ସହିତଥିବା ଘନିଷ୍ଠତା ଭାରତକୁ କ୍ଷୁବ୍ଧ କରିଥିଲା । **ନେପାଳ କଂଗ୍ରେସର** ବହୁ ବିତାଡ଼ିତ ସଦସ୍ୟ ଭାରତକୁ ଚାଲିଆସିଥିଲେ । ଭାରତ ସେମାନଙ୍କୁ ଆଶ୍ରୟ ଦେବାରୁ ରାଜା ମହେନ୍ଦ୍ର ବିମୁଖ ହୋଇଥିଲେ ଏବଂ ଚୀନ ପ୍ରତି ସମର୍ଥନ ଜଣାଇ କାଠମାଣ୍ଡୁ ଓ ଲାସା ମଧରେ ଏକ ସଡ଼କ ନିର୍ମାଣ ପାଇଁ ରାଜିନାମା କରିଥିଲେ । ଏହି କାର୍ଯ୍ୟକୁ ଭାରତ ବିରୋଧ କରିଥିଲା ।

ଲାଲବାହାଦୂର ଶାସ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ଭାରତ-ନେପାଳ ସମ୍ପର୍କରେ ଉନ୍ନତି ଘଟିଥିଲା । ସେ ସମୟରେ ନେପାଳ ରାଜା ଏକ ୧୩ ଦିନିଆ ଭାରତ ଗସ୍ତରେ ଆସିଥିଲେ ଓ ଆମର ରାଷ୍ଟ୍ରପତି ଡକ୍ଟର ରାଧାକ୍ରିଷ୍ଣନ୍ ମଧ୍ୟ କାଠମାଣ୍ଡୁ ଗସ୍ତରେ ଯାଇଥିଲେ । ୧୯୬୪ ମସିହାରେ ଆମର ବୈଦେଶିକ ମନ୍ତ୍ରୀ ସର୍ଦ୍ଦାର ସ୍ୱରଣ ସିଂ ନେପାଳ ଗସ୍ତରେ ଯାଇ ନେପାଳକୁ ଆର୍ଥନୀତିକ ସହାୟତା ଯୋଗାଇଦେବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ । ୧୯୬୧ ମସିହାରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ ଉଭୟ ଦେଶ ପାଇଁ ଏକ **"ସାଧାରଣ ବଜାର"** (Common Market) ସୃଷ୍ଟି ହୋଇଥିଲା ।

ନେପାଳର ରାଜା ବୀରେନ୍ଦ୍ର ରାଜଗାଦିରେ ଅଭିଷିକ୍ତ ହେଲା ପରେ ନେପାଳକୁ ଏକ **'ଶାନ୍ତିର ଅଞ୍ଚଳ'** (Zone of Peace) ଭାବରେ ଘୋଷଣା କଲେ । କିନ୍ତୁ ସେହି ଘୋଷଣାରେ କିଛି ଭାରତ-ବିରୋଧୀ ସର୍ତ୍ତ ଥିବାରୁ ଭାରତ ଏହାକୁ ଗ୍ରହଣ କରିପାରି ନ ଥିଲା । ୧୯୭୭ ମସିହାରେ ଭାରତର ମୋରାରଜୀ ଦେଶାଇ ସରକାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହିତ ସମ୍ପର୍କ ବଢ଼ାଇବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ତତ୍କାଳୀନ ବୈଦେଶିକମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ନେପାଳ ସହିତ ସମ୍ପର୍କ ବୃଦ୍ଧି ପାଇଁ ଚେଷ୍ଟା କରିଥିଲେ । ସେ ସମୟରେ ଦୁଇଟି ବାଣିଜ୍ୟିକ ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଥିଲା । ୧୯୮୦ ମସିହାରେ ଇନ୍ଦିରା ଗାନ୍ଧୀ

ସରକାର ଦୁଇଦେଶର ସମ୍ପର୍କରେ ଉନ୍ନତି ଆଣିଥିଲେ। ୧୯୮୫ ମସିହାରେ ଉଭୟ ଭାରତ ଓ ନେପାଳ **'ସାର୍କ'** (SAARC) ସଂଗଠନର ପ୍ରତିଷ୍ଠାତା **ସଦସ୍ୟ** ଥିଲେ। ଏଣୁ ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଆସିଥିଲା।

୧୯୯୦ ମସିହାର ଅପ୍ରେଲ ମାସ ୮ ତାରିଖରେ ନେପାଳରେ ସାମ୍ବିଧାନିକ ରାଜତନ୍ତ୍ର ପ୍ରତିଷ୍ଠା ହେଲା ଏବଂ ଏକଛତ୍ରବାଦୀ ରାଜତନ୍ତ୍ରର ଅବସାନ ଘଟିଲା। ନେପାଳରେ ଏକ 'ବହୁ-ଦଳୀୟ ଗଣତନ୍ତ୍ର' ପ୍ରତିଷ୍ଠା ହେବା ପରେ ଭାରତ ସହିତ ତାହାର ଘନିଷ୍ଠତା ବୃଦ୍ଧି ପାଇଲା। ନେପାଳର ରାଜା ଜ୍ଞାନେନ୍ଦ୍ର ଗାଦିରେ ବସିବା ପରେ ୨୦୦୫ ମସିହାରେ ନେପାଳର ନିର୍ବାଚିତ ସଂସଦକୁ ଭାଙ୍ଗିଦେଲେ। ଏହାଫଳରେ ଆଭ୍ୟନ୍ତରୀଣ ଶାନ୍ତି ଶୃଙ୍ଖଳା ବ୍ୟାହତ ହେଲା। ଶେଷରେ ଗଣତନ୍ତ୍ରର ବିଜୟ ହେଲା ଓ ରାଜା ମୁଣ୍ଡ ନୁଆଁଇଲେ। ନୂତନ ସଂସଦ ମାଓବାଦୀଙ୍କର ଦାବି ମାନିନେଲା ଏବଂ ଏକ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଗଲା। ଏହି ପରିପ୍ରେକ୍ଷୀରେ ଭାରତ ତା'ର ବୈଦେଶିକ ନୀତିରେ କିଛିଟା ପରିବର୍ତ୍ତନ ଆଣିଥିଲା, କାରଣ ନେପାଳରେ ଅନେକ ଭାରତ-ବିରୋଧୀ ସଂଗଠନ ମୁଣ୍ଡ ଟେକୁଥିଲେ। ନେପାଳ ସହିତ ଥିବା ସମ୍ପର୍କକୁ ସୁଦୃଢ଼ କରି ସେଠାରେ ମୁଣ୍ଡ ଟେକିଥିବା ଭାରତ-ବିରୋଧୀ ଶକ୍ତିର ମୁକାବିଲା କରିବା ଲାଗି ଭାରତ ସମର୍ଥ ହେଲା। ୧୯୯୧ ମସିହାରେ ନେପାଳ ଓ ଭାରତ ମଧ୍ୟରେ ଚାରି ଗୋଟି ଚୁକ୍ତିନାମା ସ୍ୱାକ୍ଷରିତ ହେଲା। ଏହା ପାରସ୍ପରିକ ବାଣିଜ୍ୟ ଓ ଗମନାଗମନ କ୍ଷେତ୍ରରେ ଉଭୟ ଦେଶର ସମ୍ପର୍କରେ ଉନ୍ନତି ଘଟାଇଲା ଏବଂ ଉଭୟ ଦେଶ ସନ୍ତ୍ରାସବାଦର ବିଲୋପ ସାଧନ ପାଇଁ ସଂକଳ୍ପବଦ୍ଧ ହେଲେ। ଫଳରେ ଉଭୟ ଦେଶ ପାରସ୍ପରିକ ବନ୍ଧୁତା ଓ ସହଯୋଗର ଆବଶ୍ୟକତାକୁ ଉପଲବ୍ଧି କଲେ।

## (ଙ) ଭାରତ ଓ ଭୁଟାନ :

ଭୁଟାନ ହେଉଛି ଭାରତ ଓ ଚୀନ ମଧ୍ୟରେ ଅବସ୍ଥିତ ଆଉ ଏକ ସ୍ୱାଧୀନ ରାଷ୍ଟ୍ର। ଏହା ହିମାଳୟର ପୂର୍ବଭାଗରେ ଅବସ୍ଥିତ। ଥିମ୍ପୁ ହେଉଛି ଏହାର ରାଜଧାନୀ। ଏହାର କ୍ଷେତ୍ରଫଳ ପ୍ରାୟ ୪୭୦୦ ବର୍ଗ କିଲୋମିଟର। ଏହାର ଜନସଂଖ୍ୟା ପ୍ରାୟ ୯ ଲକ୍ଷ। ଏ ଦେଶର ଅଧିକାଂଶ ଅଧିବାସୀ ବୌଦ୍ଧ ଧର୍ମାବଲମ୍ବୀ। ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ସଂଖ୍ୟା ଦ୍ୱିତୀୟ ସ୍ଥାନରେ ରହିଛି। ଏହି ରାଷ୍ଟ୍ରର ଚତୁର୍ପାର୍ଶ୍ୱରେ ସ୍ଥଳଭାଗ ରହିଛି। ଭାରତ ଓ ଭୁଟାନ ମଧ୍ୟରେ ୧୯୪୯ ମସିହାରେ **'ବନ୍ଧୁତ୍ୱର ସନ୍ଧି'** (Treaty of Friendship) ସ୍ୱାକ୍ଷରିତ ହୋଇଥିଲା। ଏହାକୁ ୨୦୦୭ ମସିହା ଫେବୃୟାରୀ ମାସ ୮ ତାରିଖ, ଭୁଟାନର ରାଜା ଜିଗ୍‌ମେ ଖେସର୍ ନାମଗିୟେଲ୍ ୱାଂଗଚୁକ୍ (Jigme Khesar Namgyel Wangchuk)ଙ୍କ ଭାରତ ଗସ୍ତ ସମୟରେ ପରିମାର୍ଜିତ ଓ ସମୟୋପଯୋଗୀ କରାଗଲା। ଏହି ଚୁକ୍ତିରେ ଏକବିଂଶ ଶତାବ୍ଦୀ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ ରହିଛି। ତାହାଛଡ଼ା ସେଥିରେ ସ୍ଥାୟୀ ଶାନ୍ତି ଓ ବନ୍ଧୁତ୍ୱ, ଅବାଧ ବାଣିଜ୍ୟ କାରବାର ଓ ଉଭୟ ରାଷ୍ଟ୍ରର ନାଗରିକମାନଙ୍କ ପାଇଁ ସମାନ ନ୍ୟାୟିକ ବ୍ୟବସ୍ଥା ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ କୁହାଯାଇଛି। ଏହି ଚୁକ୍ତିନାମା ଉଭୟ ଦେଶ ମଧ୍ୟରେ ବିଶ୍ୱାସ ଓ ବନ୍ଧୁତ୍ୱକୁ ସୁଦୃଢ଼ କରିଅଛି। ୧୯୬୮ ମସିହାରେ ଭୁଟାନର ରାଜଧାନୀ ଥିମ୍ପୁରେ ଭାରତର ଜଣେ ଆବାସିକ ପ୍ରତିନିଧି (Resident-Representative) ନିଯୁକ୍ତ ହେଲା ପରେ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଆରମ୍ଭ ହୋଇଥିଲା।

ବିଭିନ୍ନ ସମୟରେ ଉଭୟ ଦେଶର ରାଷ୍ଟ୍ରମୁଖ୍ୟ ଓ ପ୍ରଧାନମନ୍ତ୍ରୀମାନଙ୍କର ଭାରତ ଓ ଭୁଟାନ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିଛି। ଭାରତର ରାଷ୍ଟ୍ରପତି ୧୯୭୦ ମସିହା ଅପ୍ରେଲ ମାସରେ ଓ ପରେ ୧୯୭୪ ମସିହା ଜୁନ୍ ମାସରେ ଭୁଟାନ ଗସ୍ତ କରିଥିଲେ। ରାଷ୍ଟ୍ରପତି ରାମସ୍ୱାମୀ ଭେଙ୍କଟରମଣ ୧୯୮୮ ମସିହା ଅକ୍ଟୋବର ମାସରେ ଏବଂ ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭା ଦେବୀ ସିଂ ପାଟିଲ ୨୦୦୮ ମସିହା ନଭେମ୍ବର ମାସରେ ଭୁଟାନ ଗସ୍ତ କରିଥିଲେ। ସେହିପରି ଆମର ପ୍ରଥମ ପ୍ରଧାନମନ୍ତ୍ରୀ

ପଣ୍ଡିତ ଜବାହରଲାଲ ନେହେରୁ ୧୯୫୮ ମସିହାରେ, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ୧୯୬୮ ମସିହାରେ, ପ୍ରାକ୍ତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୮୫ ମସିହା ଅକ୍ଟୋବର ମାସରେ ଓ ପରେ୧୯୮୮ ମସିହା ସେପ୍ଟେମ୍ବର ମାସରେ ଭୁଟାନ ଗସ୍ତରେ ଯାଇଥିଲେ। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ୨୦୦୮ ମସିହା ମଇ ମାସରେ ଭୁଟାନ ଗସ୍ତ କରିଥିଲେ ଏବଂ ୨୦୧୦ ମସିହା ଅପ୍ରେଲ ମାସରେ ସେଠାରେ ଅନୁଷ୍ଠିତ ଷୋଡ଼ଶତମ ସାର୍କ ଶିଖର ସମ୍ମିଳନୀରେ ଯୋଗଦେବାପାଇଁ ଭୁଟାନ ଯାଇଥିଲେ।

ସେହିପରି ଭୁଟାନର ରାଜା ଜିଗ୍‌ମେ ଖେସର ନାମ୍‌ଗିୟେଲ ୱାଂଗଚୁକ୍ ୨୦୦୭ ମସିହା ଫେବୃୟାରୀ, ୨୦୦୯ ମସିହା ଡିସେମ୍ବର, ୨୦୧୦ ମସିହା ଅକ୍ଟୋବର, ୨୦୧୧ ମସିହା ଅକ୍ଟୋବର ମାସରେ ଭାରତ ଗସ୍ତରେ ଆସିଥିଲେ। ଭୁଟାନର ପ୍ରଧାନମନ୍ତ୍ରୀ ଲିୟୋଁଚେନ୍ ଜିଗ୍‌ମୀ ୱାଇ ଥିନ୍‌ଲେ (Lyonchen Jigmi Y Thinley) ୨୦୦୮ ମସିହା ଜୁଲାଇ ମାସରେ ଭରତ ଗସ୍ତ କରିଥିଲେ। ଭାରତର ନୂତନ ସରକାରଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ୨୦୦୯ ମସିହା ଜୁଲାଇ ମାସରେ ସେ ପୁନରାୟ ଭାରତ ଆସିଥିଲେ। ତାଙ୍କର ୨୦୧୦ ମସିହା ସେପ୍ଟେମ୍ବର ମାସର ବୁଦ୍ଧଗୟା ଗସ୍ତ ଏବଂ ପରେ ୨୦୧୧ ମସିହା ସେପ୍ଟେମ୍ବର ମାସରେ କୋଲକାତା ଗସ୍ତ ଉଭୟ ଦେଶର ଘନିଷ୍ଠତାକୁ ଅଧିକ ସୁଦୃଢ଼ କରିଥିଲା। ଆମ ସଂସଦ ଭବନର କେନ୍ଦ୍ରୀୟ ହଲ୍‌ରେ ଚତୁର୍ଥ ପ୍ରଫେସର ହିରେନ୍ ମୁଖାର୍ଜୀ ସ୍ମାରକୀ ବକ୍ତୃତା ଦେବା ପାଇଁ ସେ ୨୦୧୧ ମସିହା ଡିସେମ୍ବର ମାସରେ ଦିଲ୍ଲୀ ଆସିଥିଲେ।

ଭୁଟାନରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ୧୯୬୧ ମସିହାରେ ଆରମ୍ଭ ହେଲା ଏବଂ ସେଥିପାଇଁ ଭାରତ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ପାଇଁ ଆର୍ଥିକ ସହାୟତା ପ୍ରଦାନ କରି ଭାରତ ସରକାର ସହଯୋଗର ହାତ ବଢ଼ାଇଥିଲେ। ଭୁଟାନର ନବମ ପଞ୍ଚବାର୍ଷିକ ଯୋଜନା (୨୦୦୨-୨୦୦୮) ପାଇଁ ଭାରତ ପ୍ରାୟ ୨୬୧୦.୧୪ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଥିଲା। ଭୁଟାନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭାରତର ସହାୟତା ଯୋଗୁଁ ସମ୍ଭବ ହୋଇ ପାରିଅଛି। ଉଦାହରଣ ସ୍ୱରୂପ; ରାଜପଥ ନିର୍ମାଣ, ପାରୋଠାରେ ବିମାନ ବନ୍ଦର; ନିର୍ମାଣ, ପେଣ୍ଡେନ୍ ସିମେଣ୍ଟ କାରଖାନା ନିର୍ମାଣ ଏବଂ ଅନେକ ଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମାଣରେ ଭାରତ ସରକାର ଆର୍ଥିକ ସହାୟତା ଯୋଗାଇଛନ୍ତି।

ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଉଭୟ ଦେଶ ମଧ୍ୟରେ ନିବିଡ଼ ସହଯୋଗ ରହିଛି। ଭାରତ ବୈଷୟିକ କ୍ଷେତ୍ରରେ ଭୁଟାନକୁ ସର୍ବଦା ସହାୟତା ପ୍ରଦାନ କରିଛି। ଭାରତର ସୈନିକ ସ୍କୁଲରେ ଭୁଟାନ ଛାତ୍ରଙ୍କୁ ଅଧ୍ୟୟନର ସୁବିଧା ଦିଆଯାଇଛି। ମେଧାବୀ ଭୁଟାନ ଛାତ୍ରମାନଙ୍କ ପାଇଁ ଭାରତ ସରକାର ଶିକ୍ଷା ବୃତ୍ତି ପ୍ରଦାନର ବ୍ୟବସ୍ଥା କରିଛନ୍ତି। ନେହେରୁ-ୱାଂଗଚୁକ୍ ବୃତ୍ତି ଲାଭ କରି ଭୁଟାନର ଅନେକ ଛାତ୍ର ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟମାନଙ୍କରେ ଏବେ ପାଠ ପଢୁଛନ୍ତି।

ଉଭୟ ଭାରତ ଓ ଭୁଟାନ ସଂଯୁକ୍ତ ରାଷ୍ଟ୍ରସଂଘ ଓ ସାର୍କର ସଦସ୍ୟ। ଏଣୁ ବିଭିନ୍ନ ସ୍ତରରେ ଓ ବିଭିନ୍ନ ସମୟରେ ଦୁଇ ଦେଶ ମଧ୍ୟରେ ସଂପର୍କର ଘନିଷ୍ଠତା ବୃଦ୍ଧି ପାଇଛି। ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଭୁଟାନ ଭାରତର ସହାୟତା ଉପରେ ନିର୍ଭର କରିଥାଏ।

## (ଚ) ଭାରତ ଓ ବଙ୍ଗଳାଦେଶ :

ଭାରତରେ ବ୍ରିଟିଶରାଜତ୍ୱ ସମୟରେ ୧୯୦୫ ମସିହାରେ ପ୍ରବର୍ତ୍ତିତ 'ବଙ୍ଗଭଙ୍ଗ' ନୀତି ଯୋଗୁଁ 'ପୂର୍ବବଙ୍ଗ'ର ସୃଷ୍ଟି ହୋଇଥିଲା। ୧୯୪୭ ମସିହାରେ ଭାରତର ବିଭାଜନ ସମୟରେ ଏହା 'ପୂର୍ବ-ପାକିସ୍ତାନ' ନାମରେ ପରିଚିତ ହେଲା ଏବଂ ପାକିସ୍ତାନର ଏକ ଅଂଶ ବିଶେଷ ଥିଲା। ୧୯୭୧ ମସିହା ଡିସେମ୍ବର ମାସରେ ଭାରତ-ପାକିସ୍ତାନ ଯୁଦ୍ଧର ପରିଣତି

ସ୍ୱରୂପ ବଙ୍ଗଳାଦେଶ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ବିଶ୍ୱ ଦରବାରରେ ପରିଚିତ ହେଲା। ୧୯୭୧ ମସିହା ପୂର୍ବରୁ ପଶ୍ଚିମ ପାକିସ୍ଥାନର ଅତ୍ୟାଚାରରେ ପୂର୍ବପାକିସ୍ଥାନର ଲୋକମାନେ ଅତିଷ୍ଠ ହୋଇଥିଲେ। ଆୱାମିଲିଗ୍‌ର ନେତା ଶେଖ୍ ମୁଜିବୁର୍ ରହମନ୍‌ଙ୍କ ନେତୃତ୍ୱରେ ପାକିସ୍ଥାନ ବିରୋଧରେ ପୂର୍ବ ପାକିସ୍ଥାନରେ ଆନ୍ଦୋଳନ ତେଜି ଉଠିଥିଲା। ଭାରତ ସେହି ସ୍ୱାଧୀନତା ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦେଇଥିଲା।

ସ୍ୱାଧୀନ ରାଷ୍ଟ୍ର ବଙ୍ଗଳାଦେଶ ଜନ୍ମ ନେଲା ପରେ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ପ୍ରଥମ ଚୁକ୍ତି ୧୯୭୧ ମସିହା ଡିସେମ୍ବର ୧୦ ତାରିଖରେ ସ୍ୱାକ୍ଷରିତ ହୋଇଥିଲା। ଏହା ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ବଙ୍ଗଳାଦେଶର କାମଚଳା ରାଷ୍ଟ୍ରପତି ନଜରୁଲ୍ ଇସ୍‌ଲାମ୍‌ଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିରେ ଭାରତୀୟ ସେନାଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଏକ **'ମୁକ୍ତି ବାହିନୀ'** ଗଠନର ବ୍ୟବସ୍ଥା ରହିଲା। ପ୍ରସ୍ତାବିତ ବଙ୍ଗଳାଦେଶକୁ ପାକିସ୍ଥାନୀ ସାମରିକ ଶାସନ କବଳରୁ ସମ୍ପୂର୍ଣ୍ଣମୁକ୍ତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା। ହେଲେ ଭାରତ ବଙ୍ଗଳାଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ୧୯୭୨ ମସିହାର ମାର୍ଚ୍ଚ ୧୯ ତାରିଖରେ ଉଭୟ ଦେଶ ମଧ୍ୟରେ ବନ୍ଧୁତା ଓ ଶାନ୍ତି ସ୍ଥାପନ ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ବଙ୍ଗଳାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ମୁଜିବୁର୍ ରହମନ୍ ସ୍ୱାକ୍ଷର ପ୍ରଦାନ କରିଥିଲେ। ଉଭୟ ଦେଶ ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତି ମଧ୍ୟ ସମ୍ପାଦିତ ହୋଇଥିଲା। ଏହାଦ୍ୱାରା ବଙ୍ଗଳାଦେଶରୁ ମାଛ, ଝୋଟ, ଛାପାକାଗଜ ଭାରତର ବଜାରକୁ ଆସିପାରିଲା ଏବଂ ଭାରତ ବଙ୍ଗଳାଦେଶର ବଜାରକୁ ତମାଖୁ, ସିମେଣ୍ଟ, ଖଣିଜ ପଦାର୍ଥ, ମେସିନ୍ ଇତ୍ୟାଦି ବିକ୍ରି ପାଇଁ ପଠାଇଲା। ଏହା ଦ୍ୱାରା ଉଭୟ ଦେଶ ମଧ୍ୟରେ ଆର୍ଥନୀତିକ ସମ୍ପର୍କ ବଢ଼ିଲା। ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ଥିବା ଉତ୍ତମ ସମ୍ପର୍କ ପାକିସ୍ଥାନ ପାଇଁ ମୁଣ୍ଡବ୍ୟଥାର କାରଣ ହେଲା ଏବଂ ପାକିସ୍ଥାନ ୧୯୭୪ ମସିହାର ଫେବୃୟାରୀ ୨୨ ତାରିଖରେ ବଙ୍ଗଳାଦେଶକୁ ଏକ ସ୍ୱାଧୀନ ରାଷ୍ଟ୍ରଭାବେ ସ୍ୱୀକୃତି ପ୍ରଦାନ କରି ତା'ର ନିକଟତର ହେବା ପାଇଁ ଚାହିଁଲା ଓ ବଙ୍ଗଳା ଦେଶରେ ଭାରତ ବିରୋଧୀ ମନୋଭାବକୁ ଉତ୍ସାହିତ କଲା। ୧୯୭୫ ମସିହାର କିଛି ଘଟଣା ଭାରତ ପାଇଁ ଚିନ୍ତାର କାରଣ ହେଲା। କିଛି ପଦସ୍ଥ ସାମରିକ ଅଧିକାରୀ ବଙ୍ଗଳାଦେଶର ଶାସନକୁ ଅକ୍ତିଆର କଲେ। ଶେଖ୍ ମୁଜିବୁର ରହମନ୍‌ଙ୍କୁ ହତ୍ୟା କରାଗଲା। ମୌଳବାଦୀମାନେ ସକ୍ରିୟ ହୋଇ ଉଠିଲେ। ଲେଫ୍ଟନାଣ୍ଟ ଜେନେରାଲ ଜିଆ-ଉର୍-ରହମନ ଦେଶର ଶାସନକୁ କରାୟତ୍ତ କଲେ। ରାଷ୍ଟ୍ରପତି ଏର୍‌ସାଦଙ୍କ କାର୍ଯ୍ୟକାଳ ସମୟରେ ବଙ୍ଗଳାଦେଶ ନିଜର ଧର୍ମନିରପେକ୍ଷତା ହରାଇ ବସିଲା। ୧୯୭୫ ମସିହାରୁ ଏଠାରେ ଭାରତ ବିରୋଧୀ ଓ ପାକିସ୍ଥାନ ସପକ୍ଷବାଦୀ ଶକ୍ତି ମୁଣ୍ଡ ଟେକିଲା।

ତିନ୍-ବିଘା ଓ ନୂତନ ମୁରେ ଦ୍ୱୀପକୁ ନେଇ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହେଲା। ଚକ୍‌ମା ଶରଣାର୍ଥୀମାନେ ଭାରତର ତ୍ରିପୁରା ରାଜ୍ୟରେ ଆଶ୍ରୟ ନେଇଥିଲେ ଏବଂ ସେମାନଙ୍କୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ଅନେକ ସମୟରେ ବଙ୍ଗଳାଦେଶର ଅନୁପ୍ରବେଶକାରୀମାନେ ଭାରତ ପାଇଁ ସମସ୍ୟା ସୃଷ୍ଟି କଲେ।

୧୯୯୬ ମସିହାରେ ଗଙ୍ଗାନଦୀର ଜଳ ବଣ୍ଟନ ନେଇ ଉଭୟ ଦେଶ ମଧ୍ୟରେ ୩୦ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷରିତ ହେଲା। ଏହା ଦୁଇ ଦେଶ ମଧରେ ଉତ୍ତମ ବୁଝାମଣାରେ ସହାୟକ ହୋଇଥିଲା। ହେଲେ ୨୦୦୧ ମସିହା ଅପ୍ରେଲ ମାସରେ ଉଭୟ ଦେଶର ସୀମାନ୍ତରେ ଉତ୍ତେଜନା ସୃଷ୍ଟି ହେଲା। ଆମ ଦେଶର ଆସାମ, ଓ ମେଘାଳୟ ରାଜ୍ୟର କିଛି ଅଞ୍ଚଳକୁ ବଙ୍ଗଳାଦେଶ ନିଜ କବ୍‌ଜାରେ ରଖିଲା ଏବଂ ଭାରତୀୟ ସୀମା ସୁରକ୍ଷା ବାହିନୀର କିଛି ସୈନ୍ୟଙ୍କୁ ହତ୍ୟା କରିଥିଲା। ଏହି ଘଟଣାକୁ ଆନ୍ତର୍ଜାତିକ ସ୍ତରରେ ନିନ୍ଦା କରାଯାଇଥିଲା।

ଏହି ଘଟଣା ଦ୍ୱାରା ଉଭୟ ଦେଶର ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା ।

ଉଭୟ ଦେଶ, 'ସାର୍କ' (SAARC) ସଂଗଠନର ସଦସ୍ୟ ଥିବା ଯୋଗୁ ବନ୍ଧୁତ୍ୱ ଓ ସଦ୍‌ଭାବ ରକ୍ଷା କରିବା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରହିଛି ।

## (ଛ) ଭାରତ ଓ ମିଆଁମାର୍ :

ବର୍ତ୍ତମାନର ମିଆଁମାର୍‌ର ପୁରୁଣା ନାମ ଥିଲା ବର୍ମା ଏବଂ ଏହା ପୂର୍ବରୁ ଏକ ବ୍ରିଟିଶ ଉପନିବେଶ ଥିଲା । ଭାରତର ପୂର୍ବଦିଗରେ ଏହା ଅବସ୍ଥିତ । ଏହାର ଆୟତନ ପ୍ରାୟ ୬୭୬୫ ବର୍ଗ କିଲୋମିଟର ଏବଂ ଜନସଂଖ୍ୟା ପ୍ରାୟ ୪ କୋଟି ୬୮ ଲକ୍ଷ । ଏହର ରାଜଧାନୀର ନାମ **'ୟାନ୍‌ଗନ୍'**, ଯାହା ଆଗରୁ **'ରେଙ୍ଗୁନ'** ଭାବରେ ପରିଚିତ ଥିଲା । ଭାରତ ଓ ମିଆଁମାର୍‌ର ସମ୍ପର୍କ ବିଭିନ୍ନ ଉପାଦାନ ଦ୍ୱାରା ପ୍ରଭାବିତ ହୋଇଥିଲା । ଭାରତ ସ୍ୱାଧୀନତା ଲାଭ କଲା ପରେ ୧୯୫୦ ମସିହାରେ ଏହାର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ମିଆଁମାର୍ ଗସ୍ତରେ ଯାଇଥିଲେ ଏବଂ ଏହାପରେ ବିଭିନ୍ନ ସମୟରେ ବିଭିନ୍ନ ରାଜନେତା ଏହି ଦେଶ ଗସ୍ତରେ ଯାଇ ପାରସ୍ପରିକ ସମ୍ପର୍କ ବୃଦ୍ଧି ପାଇଁ ଚେଷ୍ଟା କରିଛନ୍ତି । ୨୦୦୭ ମସିହାର ଅଗଷ୍ଟ ୧୫ ତାରିଖରେ ମିଆଁମାର୍‌ରେ ଶାସକ ଗୋଷ୍ଠୀଙ୍କ ବିରୋଧରେ ଆନ୍ଦୋଳନ ଦେଖାଦେଲା । ସାମରିକ ଶାସକମାନେ ଏହି ଆନ୍ଦୋଳନକୁ ଦୃଢ଼ହସ୍ତରେ ଦମନ କରିଥିଲେ । କିନ୍ତୁ ଶାସକଗୋଷ୍ଠୀର ଏହି ଦମନଲୀଳାକୁ ଆନ୍ତର୍ଜାତିକ ସ୍ତରରେ ନିନ୍ଦା କରାଯାଇଥିଲା । ଭାରତ ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ କରେ । ତେଣୁ ମିଆଁମାରରେ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଚାଲିଥିବା ଆନ୍ଦୋଳନକୁ ଭାରତ ପୂର୍ଣ୍ଣ ସମର୍ଥନ ଜଣାଇଥିଲା ।

ଇବ୍ରାହିମ୍ ଗମ୍ବାରୀ (Ibrahim Gambari) ମିଆଁମାର୍ ପାଇଁ ସ୍ୱତନ୍ତ୍ର ପ୍ରତିନିଧିଭାବେ ସଂଯୁକ୍ତ ରାଷ୍ଟ୍ରସଂଘ ପକ୍ଷରୁ ନିଯୁକ୍ତି ପାଇଥିଲେ । ସେ ୨୦୦୭ ମସିହା ଅକ୍ଟୋବର ମାସରେ ଭାରତ ଗସ୍ତରେ ଆସିଥିବା ଏବଂ ମିଆଁମାରରେ ଶାନ୍ତିପ୍ରିୟ ଆନ୍ଦୋଳନକାରୀଙ୍କ ଉପରେ ଚାଲିଥିବା ଦମନଲୀଳାକୁ ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ । ଭାରତ, ମିଆଁମାର୍‌କୁ ସର୍ବଦା ଏକ ପଡ଼ୋଶୀ ବନ୍ଧୁ ରାଷ୍ଟ୍ର ଭାବେ ଦେଖୁଥିଲା ଏବଂ ସମସ୍ତ ପ୍ରକାର ସହଯୋଗ ଦେବ ବୋଲି ପ୍ରତିଶ୍ରୁତିବଦ୍ଧ ଥିଲା । ମିଆଁମାର୍‌ର ବୈଦେଶିକ ମନ୍ତ୍ରୀ ନ୍ୟାନ୍‌ୱିନ୍ (Nyanwin) ୨୦୦୮ ମସିହା ଜାନୁୟାରୀ ମାସରେ ଭାରତ ଗସ୍ତରେ ଆସି ଆମର ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହକୁ ସାକ୍ଷାତ କରିଥିଲେ । ଆମ ପ୍ରଧାନମନ୍ତ୍ରୀ ମିଆଁମାର୍‌ରେ ରାଜନୈତିକ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଭାରତ ସ୍ୱାଧୀନତା ପାଇବା ସମୟରେ ଉଭୟ ଦେଶର ସମ୍ପର୍କ ଭଲ ଥିଲା । ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଓ ବର୍ମାର ପ୍ରଧାନମନ୍ତ୍ରୀ ୟୁ ନୁ (U Nu) ଙ୍କ ମଧ୍ୟରେ ବ୍ୟକ୍ତିଗତ ସଦ୍‌ଭାବ ଥିଲା ଏବଂ ଉଭୟ ଗୋଷ୍ଠୀନିରେପକ୍ଷ ଆନ୍ଦୋଳନର କର୍ଣ୍ଣଧାର ଥିଲେ । ମିଆଁମାର୍ ଏକ ସ୍ୱାଧୀନ ରାଷ୍ଟ୍ର ହେବା ପରେ ମଧ୍ୟ କିଛି ସମୟଧରି ରାଜନୈତିକ ଅସ୍ଥିରତା ମଧ୍ୟରେ ଗତି କରୁଥିଲା ଏବଂ ସେ ସମୟରେ ଭାରତ ତାକୁ ସାମରିକ ଓ ଆର୍ଥିକ ସାହାଯ୍ୟ ଏବଂ ସହଯୋଗ ଦେଇଥିଲା । କିନ୍ତୁ ଜେନେରାଲ ନେ ୱିନ୍ (Ne Win) ଙ୍କ ନେତୃତ୍ୱରେ ୧୯୬୨ର ମସିହା ମାର୍ଚ୍ଚ ମାସରେ ମିଆଁମାର୍‌ରେ ସାମରିକ ଶାସନ ପ୍ରତିଷ୍ଠିତ ହେଲା ଏବଂ ଭାରତ-ମିଆଁମାର ସମ୍ପର୍କରେ ଶିଥିଳତା ଆସିଥିଲା । ଅନେକ ବ୍ୟବସାୟ ପ୍ରତିଷ୍ଠାନ ଓ ଶିଳ୍ପର ଜାତୀୟକରଣ ହେବାଦ୍ୱାରା ଅନେକ ଭାରତୀୟ ବଂଶୋଦ୍ଭବ ମିଆଁମାର ଅଧିବାସୀ ନିଜର ସମ୍ପତ୍ତି ଓ ଜୀବିକା ହରାଇବସିଲେ । ୧୯୬୪ ରୁ ୧୯୬୮ ମସିହା ମଧ୍ୟରେ ପ୍ରାୟ ଦେଢ଼ଲକ୍ଷ ଭାରତୀୟ ବଂଶୋଦ୍ଭବ ବର୍ମୀୟ ସେହି ଦେଶ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ ।

ମିଆଁମାର୍‌ର ଅବସ୍ଥିତି ଉଭୟ ଭାରତ ଓ ଚୀନ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ସାମରିକ ଶାସନ କାଳରେ ମିଆଁମାର ଚୀନର ନିକଟତର ହୋଇଥିଲା । କର୍ତ୍ତୃତ୍ୱବାଦୀ ସରକାର

ସହିତ ଚୀନ ପରିଚିତ ଥିବାରୁ ମିଆଁମାର ସହିତ ଚୀନ୍‌ର ସୁସମ୍ପର୍କ ବଢ଼ିଉଠିଥିଲା । ବୈଷୟିକ ସାହାଯ୍ୟ, ଅଳ୍ପ-ସୁଧରେ କରଜ ପ୍ରଦାନ, ଉନ୍ନୟନ ପ୍ରକଳ୍ପ, ଓ ଅନୁଦାନ ଇତ୍ୟାଦି ମାଧ୍ୟମରେ ଚୀନ ଏହାର ନିକଟତର ହେଲା । ଏଣୁ ନିଜର ସ୍ୱାର୍ଥ ଓ ନିରାପତ୍ତା ଦୃଷ୍ଟିରୁ ଭାରତ ମିଆଁମାର୍ ସହିତ ଅନେକ ଚୁକ୍ତି ସ୍ୱାକ୍ଷର କରିଥିଲା । ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଦୁଇ ଦେଶ ମଧ୍ୟରେ ଅନେକ ଦ୍ୱିପାକ୍ଷିକ ଆଲୋଚନା ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି କରାଯାଇଥିଲା । ମିଆଁମାର ପ୍ରାକୃତିକ ବାଷ୍ପର ଭଣ୍ଡାର ଅଟେ । ଏଣୁ ଏହି ଦେଶ ସହିତ ଉତ୍ତମ ସମ୍ପର୍କ ରଖିବା ମାଧ୍ୟମରେ ଭାରତ ତା'ର ତୈଳ ଏବଂ ପ୍ରାକୃତିକ ବାଷ୍ପର ଚାହିଦାକୁ ମେଣ୍ଟାଇ ପାରୁଥିଲା । ତା'ଛଡ଼ା ମିଆଁମାର ସାମରିକ ଶାସକଙ୍କ ସାହାଯ୍ୟରେ ଭାରତର ସୀମା ଅଞ୍ଚଳରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ରୋକିବାରେ ଭାରତ ସମର୍ଥ ହୋଇଥିଲା ।

ଆଶା କରାଯାଉଥିଲା ଯେ, ୧୯୯୪ ମସିହାର ଚୁକ୍ତି ଦ୍ୱାରା ଦୁଇ ଦେଶର ସୀମା ଦେଇ ଚାଲିଥିବା ଚୋରା ଅସ୍ତ୍ରଶସ୍ତ୍ର ଚାଲାଣ ଓ ନିଶାଦ୍ରବ୍ୟ କାରବାର ରୋକା ଯାଇପାରିବ ଓ ଭାରତର ଉତ୍ତର-ପୂର୍ବାଞ୍ଚଳର ଅର୍ଥନୀତି ସୁଦୃଢ଼ ହେବ । ହେଲେ, ସେ ଆଶା ଏତେଟା ଫଳବତୀ ହୋଇ ପାରିନାହିଁ ।

୨୦୦୮ ମସିହା ଅକ୍ଟୋବର ମାସରେ ମିଆଁମାର-ଭାରତ ମିଳିତ ବାଣିଜ୍ୟିକ କମିଟିର ତୃତୀୟ ଅଧିବେଶନରେ ସୀମା ବାଣିଜ୍ୟ (border trade)କୁ ସ୍ୱାଭାବିକ ବାଣିଜ୍ୟ (normal trade) ରେ ପରିଣତ କରିବା ବିଷୟରେ ଆଲୋଚନା ହୋଇଥିଲା । ୨୦୦୧ ମସିହାରେ ୧୬୦ କି.ମି. ଦୀର୍ଘ **"ଭାରତ-ମିଆଁମାର୍ ବନ୍ଧୁତା ସଡ଼କ"** (Friendship Road) **'ତମୁ'** (Tamu) ଓ ମିଆଁମାରର **'କାଲେମାୟୋ'** (Kalemayo) ମଧ୍ୟରେ ନିର୍ମିତ ହୋଇଥିଲା । ଏହା ଭାରତ ପକ୍ଷରୁ ନିର୍ମାଣ କରାଯାଇଥିଲା । ଏହା ମଣିପୁର ସହିତ ମିଆଁମାରକୁ ସଂଯୋଗ କରୁଥିଲା । ୨୦୦୮ ମସିହା ଜାନୁୟାରୀ ମାସ ୭ ତାରିଖରେ **କାଲାଦନ ପ୍ରକଳ୍ପ** (Kaladan Project) ନିର୍ମାଣ କାର୍ଯ୍ୟ ହାତକୁ ନେବାକୁ ଭାରତ ସରକାର ଘୋଷଣା କରିଥିଲେ ଏବଂ ଏହି ବନ୍ଦର ମିଆଁମାରକୁ ଭାରତର ଏକ ଉପହାର ବୋଲି କହିଥିଲେ ଓ ଏହି ବନ୍ଦରକୁ ଭାରତ ବ୍ୟବହାର କରି ପାରିବ ବୋଲି ବ୍ୟବସ୍ଥା ଥିଲା । ୧୯୯୫ ମସିହାରେ ଉଭୟ ଦେଶର ସୀମାନ୍ତ ଅଞ୍ଚଳରେ ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ଭାରତ-ମିଆଁମାରର ଏକ ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ୨୦୦୦ ମସିହାରେ ଉଭୟ ଦେଶର ସ୍ଥଳବାହିନୀର ସାମରିକ ମୁଖ୍ୟ ଉଭୟ ଦେଶର ସୁରକ୍ଷା ବିଷୟରେ ଶିଲଂଠାରେ ଆଲୋଚନା କରିଥିଲେ । ଏହାପରେ ଅନେକ ସମୟରେ ଉଭୟ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ ବସିଛି ।

ଚୀନ ମଧ୍ୟ ସାମରିକ ସାହାଯ୍ୟ ଯୋଗାଇ ଦେଇ ମିଆଁମାରର ନିକଟତର ହୋଇଛି ଏବଂ ଏହା ଭାରତ ପାଇଁ ସୁରକ୍ଷା ଦୃଷ୍ଟିରୁ ଚିନ୍ତାର କାରଣ ହୋଇ ପଡ଼ିଛି ।

*ତୁମ ପାଇଁ କାମ*

*୧. ପୃଥିବୀର କେତେକ ପ୍ରମୁଖ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ସରକାରୀ ବାସଭବନର ନାମ ଲେଖ ଓ ତାହାର ଫଟୋ ବା ଚିତ୍ର ସଂଗ୍ରହ କର ।*

*୨. ପୃଥିବୀର କେତେକ ପ୍ରମୁଖ ରାଷ୍ଟ୍ରର ରାଜଧାନୀ, ରାଷ୍ଟ୍ରଭାଷା ଓ ପ୍ରଚଳିତ ମୁଦ୍ରାର ଏକ ତାଲିକା ପ୍ରସ୍ତୁତ କର ।*

*୩. ପୃଥିବୀର କେତେକ ପ୍ରମୁଖ ରାଷ୍ଟ୍ରର ବ୍ୟବସ୍ଥାପିକା ବା ଆଇନ ପ୍ରଣୟନ ସଭାକୁ କ'ଣ କୁହାଯାଏ ? ତାହାର ନାମ ସଂଗ୍ରହ କରି ଲେଖ ଏବଂ ଏହାର ଫଟୋ ବା ଚିତ୍ର ସଂଗ୍ରହ କର ।*

❖ ❖ ❖

## ପ୍ରଶ୍ନାବଳୀ

**୧. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ଟି ଶବ୍ଦରେ ଲେଖ।**

(କ) ପଞ୍ଚଶୀଳ ନୀତି କ'ଣ ?

(ଖ) ଗୋଷ୍ଠୀ ନିରପେକ୍ଷତା କହିଲେ, ତୁମେ କ'ଣ ବୁଝ ?

(ଗ) କାଶ୍ମୀର ବିବାଦ ବିଷୟରେ ସଂକ୍ଷେପରେ ଲେଖ।

(ଘ) ତିବ୍ବତ ସମସ୍ୟା ଭାରତ ଓ ଚୀନ ସମ୍ପର୍କକୁ କିପରି ପ୍ରଭାବିତ କରିଛି, ତାହା ଆଲୋଚନା କର।

(ଙ) ଶ୍ରୀଲଙ୍କାର ତାମିଲ ସମସ୍ୟା ବିଷୟ ବୁଝାଇ ଲେଖ।

(ଚ) ଭାରତ ଭୁଟାନକୁ କିପରି ସହାୟତା ଯୋଗାଇ ଥିଲା, ତାହା ଆଲୋଚନା କର।

(ଛ) ଭାରତ-ମିଆଁମାର ମଧ୍ୟରେ କେଉଁ କେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ତାହା ସୂଚିତ କର ।

(ଜ) ଭାରତ-ଚୀନ ସୀମା ବିବାଦ ବିଷୟରେ ଏକ ଟିପ୍ପଣୀ ଲେଖ।

(ଝ) ୧୯୪୯-୫୩ ମସିହାର କୋରିଆ ଯୁଦ୍ଧ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ କାହିଁକି ତିକ୍ତତାର କାରଣ ହୋଇଥିଲା ?

(ଞ) ସ୍ୱାଧୀନ **'ବଙ୍ଗଳା ଦେଶ'** ଗଠନରେ ଭାରତର ଭୂମିକା ସଂକ୍ଷେପରେ ବର୍ଣ୍ଣନା କର।

(ଟ) ଯୁକ୍ତରାଷ୍ଟ୍ର ଆମେରିକା ସହିତ ଭାରତର ସମ୍ପର୍କ ସଂକ୍ଷେପରେ ଆଲୋଚନା କର।

**୨. ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ଟି ଶବ୍ଦରେ ଲେଖ।**

(କ) ଶୀତଳ ଯୁଦ୍ଧ କ'ଣ ?

(ଖ) 'ଭିଟୋ' କହିଲେ ତୁମେ କ'ଣ ବୁଝ ?

(ଗ) ଭାରତ ଓ ସୋଭିଏତ ଋଷିଆ ମଧ୍ୟରେ ସମ୍ପର୍କ ବୃଦ୍ଧିରେ ଗୋର୍ବାଚୋଭ୍‌ଙ୍କ ଅବଦାନ ବିଷୟରେ ଲେଖ।

(ଘ) ସିଆଟୋ (SEATO) କ'ଣ ?

(ଙ) ଭାରତ ଓ ବଙ୍ଗଳାଦେଶ ୧୯୭୧ ମସିହା ଡିସେମ୍ବର ୧୦ ତାରିଖରେ ସ୍ୱାକ୍ଷର କରିଥିବା ଚୁକ୍ତି ପତ୍ରରେ କ'ଣ କ'ଣ ବ୍ୟବସ୍ଥା ଥିଲା ?

(ଚ) ସାର୍କ (SAARC) କ'ଣ ?

(ଛ) ଏଲ୍.ଟି.ଟି.ଇ. (LTTE) କ'ଣ ?

(ଜ) ୧୯୭୭ ମସିହାରେ ଭାରତର ମୋରାରଜୀ ଦେଶାଇ ସରକାରଙ୍କ ସମୟରେ ନେପାଳ ସହିତ ଭାରତର ସମ୍ପର୍କ କିପରି ଥିଲା, ତାହା ସଂକ୍ଷେପରେ ଲେଖ।

(ଝ) ସୁଏଜ୍ କେନାଲ ସଂକଟ (୧୯୫୬) କହିଲେ ତୁମେ କ'ଣ ବୁଝ ?

**୩. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ।**

(କ) ବର୍ଣ୍ଣ ବୈଷମ୍ୟ ନୀତି କ'ଣ ?

(ଖ) କେଉଁ ମସିହାରେ ନେପାଳ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ହେଲା ?

(ଗ) ତାସକେଣ୍ଟ୍ ଚୁକ୍ତି ସ୍ୱାକ୍ଷରିତ ହେବାବେଳେ କିଏ ଭାରତର ପ୍ରଧାନମନ୍ତ୍ରୀ ଥିଲେ ?

(ଘ) କେଉଁ ରାଜା ରାଜଗାଦିରେ ଅଭିଷିକ୍ତ ହେଲାପରେ ନେପାଳକୁ ଏକ **'ଶାନ୍ତି ଅଞ୍ଚଳ'** (Zone of Peace) ରୂପେ ଘୋଷଣା କରିଥିଲେ ?

(ଙ) କେଉଁମାନେ ଏଲ୍.ଟି.ଟି.ଇ.ର ନେତା ଥିଲେ ?

(ଚ) ୨୦୦୮ ମସିହା ଜୁଲାଇ ମାସରେ ଭାରତ ଗସ୍ତ କରିଥିବା ଭୁଟାନର ପ୍ରଧାନମନ୍ତ୍ରୀଙ୍କ ନାମ କ'ଣ ଥିଲା ?

(ଛ) ଭୁଟାନର ପ୍ରଥମ ପଞ୍ଚ-ବାର୍ଷିକ ଯୋଜନା କେବେ ଆରମ୍ଭ ହୋଇଥିଲା ?

(ଜ) ଶେଖ୍ ମୁଜିବୁର୍ ରହମନ୍ କେଉଁ ରାଜନୈତିକ ସଙ୍ଗଠନର ନେତା ଥିଲେ ?

(ଝ) 'ତିନ୍-ବିଘା' କେଉଁ ଦେଶ ମଧ୍ୟରେ ସମ୍ପର୍କକୁ ତିକ୍ତ କରିଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନତଳେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛିଲେଖ।**

**(କ) ଭାରତ ଓ ଚୀନ ମଧ୍ୟରେ ଥିବା ସୀମା ରେଖାର ନାମ କ'ଣ ?**

(କ) ମ୍ୟାକ୍‌ମିଲାନ୍ ଲାଇନ୍ (ଖ) ମ୍ୟାକ୍ ମୋହନ୍ ଲାଇନ୍

(ଗ) ମ୍ୟାକ୍‌ଡୋନାଲଡ୍ ଲାଇନ୍ (ଘ) ର୍ୟାଡ୍‌କ୍ଲିଫ୍ ଲାଇନ୍

**(ଖ) ବଙ୍ଗଳାଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନାମ କ'ଣ ?**

(କ) ମହମ୍ମଦ ଅଲ୍ଲୀ ଜିନ୍ନା (ଖ) ଶେଖ୍ ମୁଜିବୁର ରହମନ୍

(ଗ) ଶେଖ୍ ହସିନା (ଘ) ଲିଆକତ୍ ଅଲ୍ଲୀ

**(ଗ) ୨୦୧୦ ମସିହା ଅପ୍ରେଲ୍ ମାସରେ ଭାରତର ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ତାଙ୍କ ଭୁଟାନ ଗସ୍ତ ସମୟରେ କେଉଁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ?**

(କ) ଷୋଡ଼ଶ ସାର୍କ ଶିଖର ସମ୍ମଳନୀ (ଖ) ନାଟୋ ସମ୍ମିଳନୀ

(ଗ) ଏସୀୟ କ୍ରୀଡ଼ା (ଘ) ରାଜ୍ୟଗୋଷ୍ଠୀ ସମ୍ମିଳନୀ

**(ଘ) ୨୦୦୮ ମସିହା ଜାନୁୟାରୀ ମାସରେ ଭାରତ ଗସ୍ତରେ ଆସିଥିବା ମିଆଁମାର୍‌ର ବୈଦେଶିକ ମନ୍ତ୍ରୀଙ୍କ ନାମ କ'ଣ ?**

(କ) ଜୟବର୍ଦ୍ଧନେ (ଖ) ନେ-ୱିନ୍

(ଗ) ଚାଉ-ଏନ୍-ଲାଇ (ଘ) ନ୍ୟାନ୍ ୱିନ୍

**(ଙ) ଶ୍ରୀଲଙ୍କାର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନାମ କ'ଣ ?**

(କ) ୟୁ ନୁ (ଖ) ଡି. ଏସ୍. ସେନାନାୟକେ

(ଗ) ଏସ୍.ଡବ୍ଲ୍ୟୁ.ଆର୍.ଡି ବନ୍ଦରନାୟକେ (ଘ) ଶିରିମାଭୋ ବନ୍ଦରନାୟକେ

**(ଚ) କେଉଁ ମସିହାରେ ସୋଭିଏତ୍ ଋଷିଆର ବିଲୟ ଘଟିଲା।**

(କ) ୧୯୮୯ (ଖ) ୧୯୯୧

(ଗ) ୧୯୯୩ (ଘ) ୧୯୯୪

**(ଛ) ୧୯୭୨ ମସିହାରେ ଭାରତ ଓ ପାକିସ୍ଥାନ ମଧ୍ୟରେ ହୋଇଥିବା ରାଜିନାମାର ନାମ କ'ଣ ?**

(କ) ଲାହୋର ରାଜିନାମା (ଖ) ଦିଲ୍ଲୀ ରାଜିନାମା

(ଗ) ସିମ୍‌ଲା ରାଜିନାମା (ଘ) କରାଚୀ ରାଜିନାମା

**(ଜ) ଭାରତର ବୈଦେଶିକ ନୀତିର ଆଧାର କ'ଣ ଥିଲା ?**

(କ) ଗୋଷ୍ଠୀ ନିରପେକ୍ଷତା (ଖ) ଗୋଷ୍ଠୀ ସପକ୍ଷତା

(ଗ) ଗୋଷ୍ଠୀ ବିପକ୍ଷତା (ଘ) ଏ ମଧ୍ୟରୁ କୌଣସିଟି ନୁହେଁ

**(ଝ) ୧୯୬୬ ମସିହାରେ ତାସକେଣ୍ଟ ଶାନ୍ତି ଚୁକ୍ତି କେଉଁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?**

(କ) ଭାରତ ଓ ପାକିସ୍ଥାନ (ଖ) ଭାରତ ଓ ଶ୍ରୀଲଙ୍କା

(ଗ) ଭାରତ ଓ ସୋଭିଏତ ଋଷିଆ (ଘ) ଏ ମଧ୍ୟରୁ କୌଣସିଟି ନୁହେଁ

**(ଞ) ସୁଏଜ୍ ସଂକଟରେ ଭାରତ କେଉଁ ରାଷ୍ଟ୍ରକୁ ସମର୍ଥନ କରିଥିଲା ?**

(କ) ବ୍ରିଟେନ୍ (ଖ) ଫ୍ରାନ୍‌ସ

(ଗ) ମିଶର (ଘ) ଇଟାଲୀ

**(ଟ) କେଉଁ ମସିହାରେ ଦେଶୀୟ ରାଜ୍ୟ କାଶ୍ମୀର ଭାରତ ସହିତ ମିଶିଗଲା ?**

(କ) ୧୯୪୭ (ଖ) ୧୯୪୮

(ଗ) ୧୯୪୯ (ଘ) ୧୯୫୦

**(ଠ) କେଉଁ ମସିହାରେ ପୋଖରାନ୍ ଠାରେ ଭାରତ ଆଣବିକ ଶକ୍ତି ପରୀକ୍ଷା କରିଥିଲା ?**

(କ) ୧୯୯୭ (ଖ) ୧୯୯୮

(ଗ) ୧୯୯୯ (ଘ) ୨୦୦୦

**(ଡ) ଭାରତ ଓ ପାକିସ୍ଥାନ ମଧ୍ୟରେ ବସ୍ ଚଳାଚଳ ବ୍ୟବସ୍ଥା ଆରମ୍ଭ ବାଜପାୟୀ ସରକାରଙ୍କ ସମୟରେ କେଉଁ ବର୍ଷ ହୋଇଥିଲା ?**

(କ) ୧୯୯୬ (ଖ) ୧୯୯୮

(ଗ) ୧୯୯୯ (ଘ) ୨୦୦୧

❖ ❖ ❖